ଶିକାର ଓ ଶିକାରୀ

ଗଦାଧର ରଥ

ଶିକାର ଓ ଶିକାରୀ

ଶ୍ରୀ ଗଦାଧର ରାୟ

Digitized by srujanika@gmail.com

ସାଥୀ ପ୍ରକାଶନ
୧, ଓଡ଼ିଆ ବଜାର, କଟକ

ତୃତୀୟ ସଂସ୍କରଣ : ୧୯୮୨

ମୂଲ୍ୟ : ପାଞ୍ଚ ଟଙ୍କା

କେତନ ଆର୍ଟ ପ୍ରିଣ୍ଟର୍ସ, କଟକ—୧

Digitized by srujanika@gmail.com



ଲେଖକ

Digitized by srujanika@gmail.com

ଅଭିମତ

Shri Nilamani senapati, I.C.S. (Retd)

Bhubaneswar-2
30th May, 1967

I have read with great interest Shri Gadadhar Ray's book on hunting. It is quite clear that he has vast experience of the forests of Patia and Chandka and of its wild life. His accounts are very realistic and thrilling. I have no doubt that it will give many hours of pleasure to young acd old alike. With what regret I lock around to-day to find that the wealth and wild life in these forests has vanished and vegetation fast disappearing.

I would have liked his accounts to be dated. Although he has given the date of the month and the month of the year, the year is not mentioned which would add further inteerst to the stories. His geographical accounts of Patia and Chandka will remain as a permanent record. The landscape is changing very fast. As I have some personal knowledge of these forests. I have read his book with great persoanl interest.

The book could be more interesting for children if there could be a few line drawings to illustrate some of the incidents. A few maps to show the tracks would add to the value of the narrative,

An enterprising publisher could bring out an illustrated edition in English. It would command an international market.

There are a few printing mistakes which will undoubtedly be corrected by proof reading.

Sd ***N. senapati***

Digitized by srujanika@gmail.com

ଉତ୍ସର୍ଗ

ପରମାରାଧ୍ୟ ପିତୃଦେବ

ସ୍ୱର୍ଗତ ଉଗ୍ରସେନ ବାପୁଙ୍କ

ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ

ଅଧମ ସେବକ

ଗଦେଇ

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ବାଲ୍ୟସ୍ମୃତି	୧
୨ । ଦନ୍ତା ବର୍‌ହା ଶିକାର	୫
୩ । ବାଟରେ ଅଜଗର	୧୩
୪ । ଏକାଗୁଳେଟକେ ବାଘ-ମିରିଗ	୧୬
୫ । ଚିତାବାଘ ଶିକାର	୨୨
୬ । ହାପୁଲ୍ ସାଙ୍ଗରେ ପହିଲି ଭେଟ	୩୫
୭ । ହାପୁଲ୍ ଖସିଗଲା	୩୯
୮ । ହାପୁଲ ମୁହଁରୁ ରକ୍ଷା	୪୪
୯ । ହାପୁଲର ମୃତ୍ୟୁ	୫୦
୧୦ । ବଡ଼ଦନ୍ତ ଶିକାର	୬୩
୧୧ । ମଣିଷଖିଆ କେରେପା	୭୬
୧୨ । କେରେପାର ସନ୍ଧାନରେ	୮୧
୧୩ । କେରେପା ଖସିଗଲା	୧୦୪
୧୪ । ହିଙ୍କ ଶିକାର	୧୧୦
୧୫ । କେରେପା ମଲା	୧୧୫
୧୬ । ମିରିଗ ଓ ଚିତାବାଘ	୧୨୪
୧୭ । ହାତୀ ସଙ୍ଗରେ ଭେଟ	୧୩୪
୧୮ । ପୁଣି ଏକ ମଣିଷଖିଆ	୧୪୫
୧୯ । ଗୟଲ ଶିକାର	୧୬୩

Digitized by srujanika@gmail.com

(ଅନୁବାଦ)

ଶ୍ରୀ ନୀଳମଣି ସେନାପତି ଭୁବନେଶ୍ୱର-୨

ଆଇ. ସି. ଏସ୍. (ଅବସରପ୍ରାପ୍ତ) ୩୦ ମେ, ୧୯୬୭

ଶ୍ରୀ ଗଙ୍ଗାଧର ରାୟଙ୍କ ଶିକାର ସମ୍ବନ୍ଧୀୟ ପୁସ୍ତକଟି ଖୁବ୍ ଆଗ୍ରହ ସହିତ ପଢ଼ିଲି । ପଟିଆ ଓ ଚନ୍ଦକା ଜଙ୍ଗଲ ଓ ତନ୍ନିକଟରେ ଥିବା ଜୀବଜନ୍ତୁଙ୍କ ସମ୍ପର୍କରେ ତାଙ୍କର ଯେ ଖୁବ୍ ଅଭିଜ୍ଞତା ଅଛି ଏହା ଅତି ସ୍ପଷ୍ଟ । ତାଙ୍କର ବର୍ଣ୍ଣନାବଳୀ ଅତି ବାସ୍ତବ ଓ ଚମତ୍କାର । ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକ ଯେ ଏଥିରୁ ଘଣ୍ଟା ଘଣ୍ଟା ଧରି ଆନନ୍ଦ ଉପଭୋଗ କରିବାର ସାମଗ୍ରୀ ପାଇବେ ଏ ବିଷୟରେ ମୁଁ ନିଃସନ୍ଦେହ । ଆଜି ଯେତେବେଳେ ମୁଁ ଚାରିଆଡ଼କୁ ଚାହିଁ ଦେଖୁଛି ଯେ ଜଙ୍ଗଲମାନଙ୍କର ବନ୍ୟ ସମ୍ପଦ ଓ ଜୀବଜନ୍ତୁ ସବୁ ଲୋପ ପାଇଯାଇଛନ୍ତି ଓ ବୃକ୍ଷଲତାମାନେ ଧୀରେ ଧୀରେ ଲୋପ ପାଉଛନ୍ତି, ମୋର କି ଦୁଃଖ ନ ହେଉଛି ସତେ !

ଲେଖକ ତାଙ୍କ ବର୍ଣ୍ଣନାଗୁଡ଼ିକରେ ତାରିଖ ଦେଇପାରିଥିଲେ ଭଲ ହୋଇଥାନ୍ତା । ଅବଶ୍ୟ ସେ ଦିନ ଓ ମାସମାନ ନିର୍ଦ୍ଦେଶ କରିଛନ୍ତି; କିନ୍ତୁ ବର୍ଷସବୁ ନିର୍ଦ୍ଦେଶ କରିପାରିଥିଲେ ଗଳ୍ପଗୁଡ଼ିକ ଅଧିକ ଆନନ୍ଦଦାୟକ ହୋଇଥାନ୍ତା । ପଟିଆ ଓ ଚନ୍ଦକା ସମ୍ପର୍କରେ ତାଙ୍କ ପ୍ରଦତ୍ତ ଭୌଗୋଳିକ ବିବରଣୀ ଭବିଷ୍ୟତପାଇଁ ଏକ ସ୍ଥାୟୀ ଦଲିଲ୍ ଭଳି ରହିଯିବ । କାରଣ ଏ ଅଞ୍ଚଳର ଦ୍ରୁତ ପରିବର୍ତ୍ତନ ଘଟୁଛି । ଏହି ଜଙ୍ଗଲମାନଙ୍କ ସମ୍ପର୍କରେ ମୋତେ କିଛି କିଛି ଜଣା ଅଛି; ତେଣୁ ଏ ବହିଟି ପଢ଼ିବାରେ ମୁଁ ନିଜେ ଖୁବ୍ ଆନନ୍ଦ ପାଇଛି ।

କେତେକ ଘଟଣା ସହିତ ତା'ର ରେଖାଚିତ୍ର ଦେଇପାରିଥିଲେ ବହିଟି ପିଲାମାନଙ୍କ ପାଇଁ ଅଧିକ ଉପଭୋଗ୍ୟ ହୋଇପାରିଥାନ୍ତା । ରାସ୍ତାଘାଟ ନିର୍ଦ୍ଦେଶ କରୁଥିବା କେତେଖଣ୍ଡି ମାନଚିତ୍ର ଦେଇପାରିଥିଲେ ବର୍ଣ୍ଣନାଗୁଡ଼ିକ ଅଧିକ ମୂଲ୍ୟବାନ ହୋଇଥାନ୍ତା ।

କୌଣସି ଉଦ୍ୟମୀ ପ୍ରକାଶକ ଏହାର ଏକ ଚିତ୍ରଶୋଭିତ ଇଂରାଜୀ ସଂସ୍କରଣ ପ୍ରକାଶ କରିପାରିଲେ ବହିଟି ଆନ୍ତର୍ଜାତିକ କ୍ଷେତ୍ରରେ ଆଦର ଲାଭ କରନ୍ତା ।

ଅଳ୍ପ କେତୋଟି ମୁଦ୍ରା ପ୍ରମାଦ ରହିଯାଇଛି । ସେଗୁଡ଼ିକ ଅବଶ୍ୟ ପ୍ରୁଫ୍ ପଢ଼ିବାବେଳେ ସଂଶୋଧନ କରାଯାଇପାରିବ ।

ସ୍ୱା. ଏନ୍. ସେନାପତି

Digitized by srujanika@gmail.com

ଶ୍ରୀ ବ୍ରଜବନ୍ଧୁ ଦାସ, ଏମ୍. ଏ., ବି. ଏଲ୍.
ଆଡ୍‌ଭୋକେଟ୍, ଓଡ଼ିଶା ହାଇକୋର୍ଟ, କଟକ

ମୋର ଜନ୍ମସ୍ଥାନ ପଟିଆଗଡ଼ରେ । ମୋର ନିକଟତମ ପ୍ରତିବେଶୀ ଓ କନିଷ୍ଠ ସୋଦରପ୍ରତିମ ଶ୍ରୀମାନ୍ ଗଦାଧର ରାୟଙ୍କ 'ଶିକାର' ସମ୍ପର୍କୀୟ ଲେଖାବଳୀ "କଳିଙ୍ଗ" ପତ୍ରିକାରେ ପାଠ କରି ଅପାର ଆନନ୍ଦ ଲାଭ କରିଅଛି । ଏସବୁ ଲେଖାଗୁଡ଼ିକ ପୁସ୍ତିକା ଆକାରରେ ପ୍ରକାଶିତ ହେବା ଓଡ଼ିଆ ଜାତି ପକ୍ଷରେ ଏକ ଗୌରବର ବିଷୟ । ଏ ପ୍ରକାର ପୁସ୍ତିକା ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ସାହିତ୍ୟକୁ ତାଙ୍କର ଏହି ଅବଦାନ ଚିରସ୍ମରଣୀୟ ହୋଇ ରହିବ । ଶିକାର ସମ୍ବନ୍ଧରେ ଇଂରାଜୀ ଓ ଭାରତୀୟ ଭାଷାରେ ବହୁ ପୁସ୍ତକ ରଚିତ ହୋଇଛି । ଶ୍ରୀମାନ୍ ଗଦାଧରଙ୍କ ରଚିତ ପୁସ୍ତକ ଯେକୌଣସି ଭାଷାରେ ରଚିତ 'ଶିକାର' ପୁସ୍ତକର ସମକକ୍ଷ ହେବ ବୋଲି ମୁଁ ନିଃସନ୍ଦେହରେ କହିପାରେ ।

ଶ୍ରୀମାନ୍ ଗଦାଧର ତାଙ୍କ ପୁସ୍ତକରେ ଯେଉଁସବୁ ବିଷୟର ଅବତାରଣା ଓ ବର୍ଣ୍ଣନା କରିଅଛନ୍ତି ସେସବୁର ମୁଁ ଜଣେ ଅବଗୋଦ୍ଧା । ମୁଁ ନିଜେ ଶିକାରୀ ନ ହେଲେ ମଧ୍ୟ ପଟିଆ ରାଜା ଓ ରାଜବଂଶ ସଙ୍ଗେ ଘନିଷ୍ଠ ସମ୍ପର୍କରେ ଆସିଥିବାରୁ ଶିକାର କିପରି ବ୍ୟବସାୟ ନ ଥାଇ ଏକ ସୌଖୀନ ବିଷୟ ହୋଇଥିଲା ତାହା ଅଙ୍ଗେ ଲଗାଇଛି । ଶ୍ରୀମାନ୍ ଗଦାଧର ରାଜବଂଶୀୟ ଥିବାରୁ ପଟିଆ ଜଙ୍ଗଲରେ ଶିକାର ବା ମୃଗୟାର ଅବାଧ ସୁଯୋଗ ଓ ସୁବିଧା ପାଇଥିଲେ । ମୁଁ ତାଙ୍କ ସହିତ ପଟିଆ ଜଙ୍ଗଲର ଅନୁଚ୍ଚ ଗିରିଶ୍ରେଣୀକୁ ମଣ୍ଡନ କରିଥିବା ପ୍ରାକୃତିକ ଦୃଶ୍ୟ ଓ ପ୍ରାକୃତିକ ଅବସ୍ଥାରେ କ୍ରୀଡ଼ାରତ ବିବିଧ ପ୍ରକାର ଜୀବଜନ୍ତୁ, ପଶୁପକ୍ଷୀ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇଛି । ଆଜିକାଲି ଯେଉଁଠାରେ 'ନନ୍ଦନକାନନ' ସ୍ଥାପିତ ହୋଇଅଛି ତଦସ୍ଥିତ ହ୍ରଦ ଓ ଚତୁଃପାର୍ଶ୍ୱବର୍ତ୍ତୀ ନିବିଡ଼ ଜଙ୍ଗଲରେ ଓ 'ଶିଖର ଚଣ୍ଡୀ' ପର୍ବତପାର୍ଶ୍ୱସ୍ଥ ଅଧିତ୍ୟକାରେ ତାଙ୍କ ସହିତ ପରିଭ୍ରମଣ କରିଅଛି । ସେ ଯାହା ଲେଖିଛନ୍ତି, ସେଥିରେ ଅଧିକାଂଶ ଘଟଣା ମୋ ସ୍ମୃତିପଟରେ ଅଦ୍ୟାପି ବିଦ୍ୟମାନ ରହିଅଛି ।

Digitized by srujanika@gmail.com

କଥାବସ୍ତୁ ଅରଣ୍ୟର ସଙ୍ଗୀତ, ସୁନ୍ଦରବନର ଶିକାର ଏକ ମଜା ଓ ଆମୋଦଦାୟକ ବିଷୟ । ଶ୍ରୀ ଗଙ୍ଗାଧରଙ୍କ ଲେଖାର ଶୈଳୀ ଓ ପରିପାଟୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଏହି ଯେକୌଣସି ଉପନ୍ୟାସ ଭଳି ଅତି ଆକର୍ଷଣୀୟ ହୋଇପାରିଛି । ପାଠକମାନେ ଏହା ପାଠ କରି ପ୍ରକୃତିର ମଧୁର ଲୀଳାର ଚିତ୍ର ମନ ମଧ୍ୟରେ କଳ୍ପନା କରିବା ସଙ୍ଗେ ସଙ୍ଗେ ଯଥେଷ୍ଟ ଆନନ୍ଦ ଓ ଶିକ୍ଷା ପାଇ-ପାରିବେ । ରୋମାଞ୍ଚକର କାହାଣୀ ଓ ଘଟଣାବହୁଳ ଏହି ପୁସ୍ତକ ନିଶ୍ଚୟ ଜନ-ସାଧାରଣରେ ସମାଦୃତ ହେବ ବୋଲି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

ପଟ୍ଟିଆଗଡ଼ — ସ୍ୱାଃ ବ୍ରଜବନ୍ଧୁ ଦାସ

ତା ୨୩ । ୫ । ୭୪

Digitized by srujanika@gmail.com

ନିଜକଥା

ଶିକ୍ଷକଜୀବନର ସୁଦୀର୍ଘ ଅବସରଗୁଡ଼ିକ ମୁଁ ପ୍ରାୟ ଶିକାରଖେଳରେ କଟାଇଥାଏ । ମୋର ସହଯୋଗୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଜାଣନ୍ତି, ମୁଁ ଜଣେ ଶିକାରୀ । ସେମାନେ କେତେ ଥର ମୋ'ଠାରୁ ଶିକାରଗପ ଶୁଣିଛନ୍ତି ମଧ୍ୟ । ସେ ବର୍ଷ ସ୍କୁଲ୍ ମାଗାଜିନରେ ଶିକାର ସମ୍ବନ୍ଧୀୟ ଏକ ଗଳ୍ପ ଲେଖିବାକୁ ଉକ୍ତ ବନ୍ଧୁମାନେ ଅନୁରୋଧ କଲେ । ଅନୁରୋଧ ତ ନୁହେଁ, ଏକପ୍ରକାର ଦାବୀ କହିଲେ ଚଳେ । ବଣ-ଜଙ୍ଗଲ, ବାଘ-ସାପ ବିଷୟ ଲେଖି ଯେ ମୁଁ ପାଠକପାଠିକାମାନଙ୍କର ଚିତ୍ତରଞ୍ଜନ କରିପାରିବି, ଏ ଧାରଣା ମୋର ଆଦୌ ନ ଥିଲା । କିନ୍ତୁ ନ ଲେଖିବା ଅର୍ଥ ବନ୍ଧୁମାନଙ୍କ ପ୍ରତି ଅବଜ୍ଞା ସଙ୍ଗେ ସଙ୍ଗେ ନିଜର ଦୁର୍ବଳତା ପ୍ରକାଶ କରିବା । ଏଣୁ ବାଧ୍ୟ ହୋଇ ନାତିଦୀର୍ଘ ଗଳ୍ପଟିଏ ଲେଖିଲି । ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଲେଖାଟି ପଢ଼ି ଆନନ୍ଦ ଲାଭ କଲେ—ଏହା ମୁଁ ବେଶ୍ ଉପଲବ୍ଧି କରିପାରିଥିଲି ।

କେତେଦିନ ଗତ ହୋଇଗଲା । ମୋର ମାମୁଁଝିଅ ଭଉଣୀ ୮ କୁମାରୀ ସୁବର୍ଣ୍ଣରେଖା କର ଏମ୍. ଏ., ବି. ଇଡ୍. ପୁରୀ ମହିଳା କଲେଜର ଭୂତପୂର୍ବ ଅଧ୍ୟାପିକା ଓ ଜଣେ ସୁଲେଖିକା ମଧ୍ୟ । ମୋର ଉକ୍ତ ଲେଖାଟି କିପରି ତା'ର ହସ୍ତଗତ ହେଲା ମୁଁ ଜାଣେନା । ଦିନେ ଛୁଟିରେ ତା ସହିତ ଦେଖା ହେବା ସଙ୍ଗେ ସଙ୍ଗେ ସେ କହିଲା, "ନନା, ଆପଣଙ୍କର ଶିକାର ଗପଟି ପଢ଼ି ଭାରି ଖୁସି ଲାଗିଲା । ଓଡ଼ିଆରେ ଶିକାର ସମ୍ବନ୍ଧୀୟ ବହି ନାହିଁ କହିଲେ ଚଳେ । ଆପଣ ଶିକାର ବିଷୟରେ ଖଣ୍ଡିଏ ବହି ଲେଖିଲେ ଭଲ ହୁଅନ୍ତା ।" ଲେଖାଲେଖିରେ ମୁଁ ବିଶେଷ ଅଭ୍ୟସ୍ତ ନୁହେଁ । କେବଳ ମାଆ ସୁବ ଓ ତା'ର ଭାଇ ଶ୍ରୀମାନ୍ ଦେବେନ୍ଦ୍ରର ବାରମ୍ବାର ପ୍ରବଳ ଉତ୍ସାହରେ ସମୁତ୍ସାହିତ ହୋଇ ମୁଁ ଏ ଦିଗରେ ବ୍ରତୀ ହୋଇଅଛି ।

ଯେତେବେଳେ ମୋର ଏଇ ଲେଖାଗୁଡ଼ିକ ଦୈନିକ ସମ୍ବାଦପତ୍ର 'କଳିଙ୍ଗ'ରେ 'ଶିକାରଗପ' ଶିରୋନାମାରେ କ୍ରମଶଃ ପ୍ରକାଶ ପାଇଲା ସେତେବେଳେ

Digitized by srujanika@gmail.com

ପୁବ ଓ ଦେବର ଅନନ୍ତ କନ୍ଦଳ ନ ଥରେ । ସେ ଲେଖାଗୁଡ଼ିକ ବହି ଆକାରରେ ଦେଖିବ ବୋଲି ମାଆ ପୁଅର ବଡ଼ ଆଶା ଥିଲା । କିନ୍ତୁ ଦଇବ ସହିଲା ନାହିଁ । ଏ ପୁସ୍ତକ ପ୍ରକାଶ ପାଇବା ଆଗରୁ ସେ ମରଧାମରୁ ବିଦାୟ ନେଇ ଚାଲିଗଲା । ତା'ର ଅକାଳ ବିୟୋଗରେ ଓଡ଼ିଆ ସାହିତ୍ୟାକାଶରୁ ଗୋଟିଏ ଉଜ୍ଜ୍ୱଳ ତାରା ଲିଭିଗଲା ।

ଆମ ଓଡ଼ିଶାରେ ଅନେକ ସାହସିକ ଓ ପ୍ରବୀଣ ଶିକାରୀ ଅଛନ୍ତି । କିନ୍ତୁ ନିଜର ଅଭିଜ୍ଞତାକୁ ଭାଷାରେ ପ୍ରକାଶ କରିବାର କ୍ଷମତା ହୁଏତ ଅଧିକାଂଶଙ୍କର ନାହିଁ, କିମ୍ବା ଯେଉଁମାନେ ତାଙ୍କର ଶିକାର ଅଭିଜ୍ଞତା ବିଷୟରେ ଲେଖିପାରନ୍ତେ, ସେମାନଙ୍କର ଆଗ୍ରହର ଅଭାବ । ତେଣୁ ଆମ ସାହିତ୍ୟରେ ଶିକାର କାହାଣୀର ଅଭାବ ବିଶେଷଭାବରେ ଅନୁଭୂତ ହୁଏ । ମୋର ଏହି ସାମାନ୍ୟ ଲେଖାଗୁଡ଼ିକ ଯଦି ସେ ଅଭାବ କିଞ୍ଚିତ୍ ପରିମାଣରେ ଦୂର ହୋଇଯାଏ ତେବେ ଶ୍ରମ ସାର୍ଥକ ମନେକରିବି ।

ଏଥିଲିଖିତ ଗଳ୍ପଗୁଡ଼ିକ ସତ୍ୟମୂଳକ ଓ ନିଜର ଅଭିଜ୍ଞତାର ଫଳ । ସତ୍ୟ ସର୍ବଦା କାଳ୍ପନିକଠାରୁ ଅଧିକ ଉପଭୋଗ୍ୟ । ସେ ଦୃଷ୍ଟିରୁ ଏ ଗଳ୍ପଗୁଡ଼ିକ ବିଶ୍ୱାସ୍ୟ ମଧ୍ୟ । ଯେଉଁମାନେ ସାହସିକ ଗଳ୍ପ ପଢ଼ିବାକୁ ଭଲ ପାଆନ୍ତି, ଯେଉଁମାନେ ଜଙ୍ଗଲ ଜୀବନପ୍ରତି ଆକୃଷ୍ଟ, ଯେଉଁମାନେ ଶିକାରଖେଳରେ ଆଗ୍ରହୀ, ସେମାନଙ୍କ ପକ୍ଷରେ ଏଗୁଡ଼ିକ ଆନନ୍ଦଦାୟକ ହେବା ସ୍ୱାଭାବିକ । ତା'ଛଡ଼ା ମୋର ପ୍ରତ୍ୟକ୍ଷ ଅଭିଜ୍ଞତା—ବାଳକବାଳିକା, ଯୁବକଯୁବତୀ, ଏପରି କି ବୟସ୍କ ଲୋକେ ମଧ୍ୟ ଶିକାର ଗପରେ ତନ୍ମୟ ହୋଇପଡ଼ନ୍ତି । ଶିକାରଗପ ଆରମ୍ଭ ହେଲେ ଛାତ୍ର, ଶିକ୍ଷକ, ଶ୍ରମିକ, ସୈନିକ, ବ୍ୟବସାୟୀ, କାରିଗର ପ୍ରଭୃତି ସବୁ ଶ୍ରେଣୀ ଓ ସବୁ ଧନ୍ଦାର ଲୋକେ ଉତ୍କର୍ଣ୍ଣ ହୋଇ ଶୁଣନ୍ତି । ଏଣୁ ପୁସ୍ତକଟି ସମସ୍ତଙ୍କ ନିକଟରେ ଆଦରଣୀୟ ହେବ ବୋଲି ମୋର ଆଶା ।

'କଳିଙ୍ଗ'ରେ ଏହି ଲେଖାଗୁଡ଼ିକ ଧାରାବାହିକ ପ୍ରକାଶ ପାଇବାବେଳରେ କଳିଙ୍ଗର ସହକାରୀ ସମ୍ପାଦକ ଶ୍ରୀ ଅନୁଜା ରାଓ ଓ ତତ୍କାଳୀନ ଜେନେରାଲ ମ୍ୟାନେଜର ଶ୍ରୀ ବୈଦ୍ୟନାଥ ରଥ ମୋତେ ଯେଉଁ ଉତ୍ସାହ ଓ ପ୍ରେରଣା ଯୋଗାଇଛନ୍ତି, ତାହା ଆଜୀବନ ଭୁଲିପାରିବି ନାହିଁ । ଲେଖାଗୁଡ଼ିକୁ ଅବଶେଷରେ

Digitized by srujanika@gmail.com

ପୁସ୍ତକାକାରରେ ପ୍ରକାଶ କରିବାକୁ ସାନନ୍ଦ ଅନୁମତି ଦେଇ ସେ ମହାଶୟମାନେ ମୋତେ ଚିର କୃତଜ୍ଞତାପାଶରେ ଆବଦ୍ଧ କରିଛନ୍ତି ।

ମୋର ସୁଯୋଗ୍ୟ ଛାତ୍ର ଶ୍ରୀମାନ୍ ଜଣାମଣି ତ୍ରିପାଠୀ ଏହି ପୁସ୍ତକଟିର ସଙ୍କଳନ ଭାର ସ୍ୱେଚ୍ଛାରେ ଗ୍ରହଣ କରିଥିବାରୁ ଓ ସାଥୀପ୍ରକାଶନର ସତ୍ତ୍ୱାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା ପୁସ୍ତକ ପ୍ରକାଶନର ଭାର ନେଇଥିବାରୁ ମୁଁ ସେ ଉଭୟଙ୍କୁ ଅନ୍ତରର ଧନ୍ୟବାଦ ଜଣାଉଛି ।

ମୋର ପରମବନ୍ଧୁ ଓ ସହକର୍ମୀ ଶିକ୍ଷକ ଶ୍ରୀ ସାଧୁଚରଣ ତ୍ରିପାଠୀ ଓ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଉଷା ମହାପାତ୍ର ପୁସ୍ତକଲେଖାରେ ମୋତେ ନାନା ସାହାଯ୍ୟ କରିଅଛନ୍ତି । ସେଥିପାଇଁ ମୁଁ ସେମାନଙ୍କ ନିକଟରେ ଚିରଋଣୀ ରହିଲି ।

ଜାମସେଦପୁର
୨୨ । [illegible] । ୨୨
ଦୋଳପୂର୍ଣ୍ଣିମା

ଲେଖକ

Digitized by srujanika@gmail.com

ବାଲ୍ୟ-ସ୍ମୃତି

୧

ଏବେ ମଧ୍ୟ ମୋର ସ୍ପଷ୍ଟ ସ୍ମରଣ ହେଉଛି । ସେତେବେଳେ ଶୀତଦିନ ହୋଇଥାଏ । ଦଶହରା ପରେ ସେଦିନ ମୁଁ ସ୍କୁଲରୁ ଛୁଟି ପାଇବାରୁ ବାହାରିଥିଲି । ଗୁନା, ଶଙ୍କରା, ଉଶିଆଦେହରଭା ଆଦି ବନ୍ଦ ହୋଇଗଲେଣି । ନୂଆଁ ଜାଳିବାର ଉପକ୍ରମ ହେଉଛି । ଖଗ୍ର ପତ୍ରବାଗାଏ ନୂଆଁ ପୋଢିବା ଆମ ପିଲାଙ୍କର ସେତେବେଳେ ଏକ ମଜ୍ଜା । ସ୍ୱାଇଦ ଶ୍ରୁରୁ ଅଲଆଡଲିଆ ସବୁ ଓଳେଇଆଣି ନୂଆଁ କରୁ । ଏହା ଆମ ଅଞ୍ଚଳରେ ଏକପ୍ରକାର ଗ୍ରାମ୍ୟଖେଳ ନାମରେ ପରିଣତ ହୁଏ । ଅମର ନୂଆଁ ଧୂଆଁ ସକାଳ ବେଳକୁ ବହୁଆ ନଡ ମଳମଳ ହୋଇ ଆସି ପହଞ୍ଚେ । ସବୁ ପିଲାମାନେ ଠୋ ଠୋ ହସିଉଠନ୍ତି । କଏ କେତେ ପଡାର ମନ୍ତବ୍ୟ ପ୍ରକାଶ କରେ । ବଡବା ଲକଡ଼ା ଦେଇ ଲେଉଟିଗଲି । ବଡଆଟା ନପଟ ଅ-ସୁଆ । ଦିନ ଯାଉଏ ନ ହେଲେ ବହଣା ଗ୍ରହଣ ନାହିଁ ।

ସେତିକିବେଳେ ଶୁଣାଗଲା, ବଣା ବାଘ ମାରିଛନ୍ତି । ଏ ଖବରରେ ମୁହୂର୍ତ୍ତକ ମଧ୍ୟରେ ଚେତଚେ ଛନଳ ଖେଳିଗଲା । ପୁଲକ୍ ତିନାଦଥା ଅନ୍ତ ପଲ୍ଲରେ କଏ ? ବାଳ ଯେଉଁଠିକ ଅଲଂଆପଥ ଥିଲା, ନୂଆଁ ଦେବ ଲଡ଼ଦେଇ ସମସ୍ତେ ଏକସଙ୍ଗରେ ଦଅରଆଡ଼କୁ ଧାଇଁଲୁ । ସେଠାରେ ଗାଁ ଟାଯାକର ପିଲା ହୋ ହୋ ହେଉଥାନ୍ତି । ମଲା ବାଘକୁ ବାଉଁଶ ଡିଗ୍ର ଦେଇ ଠିଆ କରାଇଦେଇଥାଏ । ବାପରେ ବାପ ! କି ଭୟଙ୍କର ମୂର୍ତ୍ତି !! କେତେ ପିଲା ଦେଖି ଡର୍ ଡରେଇ ଛୁଟିଲେ । କେତେଙ୍କର ଜ୍ୱର ଉଠା ହୋଇଗଲା । ମୁଁ ମନେ ମନେ ଭାବୁଥାଏ, ଏଗୁଡ଼ାକ କି ଡରୁଆ ମ ! ମଲା ବାଘଟାକୁ ଦେଖି ଏପରି ଗ୍ରଭଆ ହୋଇଯାଉଛନ୍ତି ! ଯାହାଲ ସଙ୍କୁଚିଡା ପରେ ମୁଁ ବାଘପାଟକୁ ଭାଲ ଜଣ, ଦାନ୍ତ, ନଖ ସବୁ ଚଲୁ ଚଲୁ କରି ଦେଖିଲି । ବାଘ ଦେହରେ ହାତ ମାରିଲି । ଆଃ, କି କୋମଳ, କି ପାଲସ୍

Digitized by srujanika@gmail.com

ତା ହେଉ ! ତଥାପି ମଖମଲ ବା ସୁନାରେ ସବୁ ହେବ ନାହିଁ । ସେହିଦିନଠାରୁ ଶିକାର ବାସନାର ବୀଜ ମୋ ହୃଦୟରେ ପ୍ରବେଶ କଲା । ପରେ ସେ ବୀଜ ଯେ କି ଆକାର ଧାରଣ କଲା, ପରବର୍ତ୍ତୀ ଲେଖାମାନଙ୍କରୁ ତା'ର ଆଭାସ ପାଇପାରିବେ ।

ଆମ ପରିବାରରେ ପ୍ରାୟ ପ୍ରତ୍ୟେକ ସାବାଳକ ଜଣେ ଜଣେ ଶିକାରୀ । ସେମାନଙ୍କ ମଧ୍ୟରେ ଦୁଇ ତିନି ଜଣ ଧୁରନ୍ଧର ମଧ୍ୟ । ଘରେ ପାଞ୍ଚଛଅ ଖଣ୍ଡ ବନ୍ଧୁକ ଥାଏ । ବନ୍ଧୁକ ଦେଖିବାକୁ, ଧରିବାକୁ ମୋତେ ଭାରି ଭଲଲାଗେ । ଆଗରୁ ପ୍ରବାଦ ଚଳିଆସୁଛି, 'ନାରୀ, ନାଗୁଣୀ, କମାଣ" ଏ ତିନୋଟି ଜିନିଷ ଯେତିକି ମାରାତ୍ମକ, ଦେଖିବାକୁ ସେତିକି ସୁନ୍ଦର । ଘରେ କେହି ନ ଥିବାବେଳେ ମୁଁ ବନ୍ଧୁକ ବାହାର କରେଁ । ଘୋଡ଼ା ଟାଣେଁ । ପୁଣି ଭାରେଁ । ବନ୍ଧୁକକୁ ଉଠାଇ ଗୋଟିଏ ଆଖି ବନ୍ଦ କରି ଲକ୍ଷ୍ୟ କରେଁ । ଏଥିପାଇଁ କେତେଥର ଗାଳିମାଡ଼ ଖାଇଛି ।

ପିଲାଏ ଦୁଷ୍ଟାମି କରନ୍ତି । ଚଟପଟ ହେବା ସେମାନଙ୍କର ସ୍ୱଭାବ । ନଟଖଟ-ପଣିଆ ଏକ ଶକ୍ତି, ଯାହା କି ପ୍ରତ୍ୟେକ ବାଳକଠାରେ ପରିମିତ ଭାବରେ ଥିବା ଉଚିତ ।

ଦଦା, କକା ଚଢ଼େଇ ଶିକାରକୁ ଗଲାବେଳେ ମୁଁ ଗୋଡ଼େଇ ଗୋଡ଼େଇ ସାଙ୍ଗରେ ଯାଏଁ । ବନ୍ଧୁକ ଧରିବାକୁ ନାକ୍ଷୁଣ୍ଣ ମିନତି କରେ । ସେମାନେ ଅନ୍‌ଲୋଡ଼ (ଖାଲି) ବନ୍ଧୁକ ଧରିବାକୁ ଦିଅନ୍ତି । ବନ୍ଧୁକ କାନ୍ଧରେ ପକାଇ ଯାଉଥିବା ସମୟରେ ଯେଉଁ ଗର୍ବ ଓ ଆନନ୍ଦ ଅନୁଭବ କରୁଥାଏଁ, ସ୍ମରଣ କଲେ ହସ ଲାଗେ ଏଇନା ।

ଅନ୍ୟ ବ୍ୟସନ ପରି ଶିକାର ଏକ ବ୍ୟସନ ଅବଶ୍ୟ । ତେବେ ମୋ ବିଚାରରେ ଅନ୍ୟ ବ୍ୟସନ ଅପେକ୍ଷା ଶିକାର ବ୍ୟସନ କେତେକାଂଶରେ ଭଲ । ମୋର ତ ଏ ଧାରଣା ଯେ, କ୍ଷତ୍ରିୟମାନଙ୍କ ପାଇଁ, ବିଶେଷ କରି ଯେଉଁମାନଙ୍କର ଧମନୀରେ ଉଷ୍ଣ ରକ୍ତ ପ୍ରବାହିତ ହେଉଅଛି, ଯେଉଁମାନଙ୍କର ଜୀବନଯାତ୍ରାରେ ମଧ୍ୟାହ୍ନ ହୋଇନାହିଁ, ସେମାନଙ୍କ ପକ୍ଷରେ ଶିକାର ଖେଳିବା, ସାହସର ମୂର୍ତ୍ତିରୂପେ ଠିଆ ହେବା ପରି ପରମ ଆବଶ୍ୟକ ଅଟେ । ନବଯୁବକଙ୍କର ଶସ୍ତ୍ର ଓ ଶାସ୍ତ୍ର ଉଭୟରେ ପାରଙ୍ଗମ ହେବା ଉଚିତ ।

୨

ସେତେବେଳକୁ ମୋର ବୟସ ୧୪ ବର୍ଷ । ବନ୍ଧୁକ ଚଳାଇବା ମୁଁ ଶିଖିଗଲିଣି । ପୋଖରୀହୁଡ଼ା ବରଗଛରେ ବହୁତ ହରଡ଼ ଚଢ଼େଇ ଲାଗୁଛନ୍ତି । ମନ

Digitized by srujanika@gmail.com

ଖାଲି ଛଟପଟ ହେଉଥାଏ । ବନ୍ଧୁକ ମିଳନ୍ତା କି ମାରନ୍ତି । ବଡ଼ ଦଦେଇ ସେଦିନ କଟକ ଯାଉଥାନ୍ତି । ବଡ଼ ମାମା ଓ ଜେଜେ ମାମା ହେଉଥିବାଙ୍କର ନଟ୍ରମ୍ପ' ଖେଳରେ ଧୂମ୍ ଲାଗିଥାଏ । ଏହି ସୁଯୋଗରେ ମୁଁ ଚୁପ୍‌କରି ୧୨ନମ୍ବର ଦୋନଳା ବନ୍ଧୁକ ଓ ବ୍ୟାଗରୁ ଦୁଇଟି ଷୋଳ ନମ୍ବର ଛର୍‌ରା କାର୍ଟ୍ରିଜ୍ ନେଇ ଚମ୍ପଟ୍ । ହରଡ଼ ଚଢ଼େଇଗୁଡ଼ାକ ବଡ଼ ଚରକା । ବନ୍ଧୁକ ଓ ଶିକାରୀର ଗନ୍ଧ ଦେଖିଲେ, ଉଡ଼ିଲେ । ତାଙ୍କୁ ମାରିବା ସହଜ ନୁହେଁ । ସେତେବେଳକୁ ଦିନନାଥ ଲାଲ ପଡ଼ିଗଲେଣି । ମୁଁ ଚଢ଼େଇ ମାରିବା ଦେଖି ସୂର୍ଯ୍ୟଦେବ ରାଗିଗଲେ କି ? ସେଥିପ୍ରତି ଲକ୍ଷ୍ୟ କରିବାର ବେଳ ସେ ନୁହେଁ । ଅଡ଼ି ଖରା ମାରୁଥାଏ । ମୁଁ ବନ୍ଧୁକକୁ କଡ଼ପଟରେ ଜାକି ଧରି ଖୁବ୍ ସାବଧାନରେ ଛପି ଛପି ଗଲି । ବନ୍ଧୁକ ଉଠାଇ ଲକ୍ଷ୍ୟ କଲାବେଳକୁ ମୁହଁକୁ ଖରା ପଡ଼ିଲା । ମୁହଁକୁ ଖରା ପଡ଼ିଲେ ଲକ୍ଷ୍ୟ ଠିକ୍ ହେବନାହିଁ । ତେଣୁ ମୁଁ ନଈ ନଈ ପଶ୍ଚିମପାଖକୁ ବୁଲିଗଲି । ଇତ୍ୟବସରରେ ହରଡ଼ ଚଢ଼େଇ ବିପଦର ଆଶଙ୍କା ବାରି ଫଳ ଖାଇବା ବନ୍ଦ କରିଦେଲେଣି । ମୁଁ ବନ୍ଧୁକ ଉଠାଇ ଲକ୍ଷ୍ୟ କଲାବେଳକୁ ସେମାନେ ସମସ୍ତେ ଏକସଙ୍ଗରେ ଭର୍‌ର୍ କରି ଉଠିଲେ । ମୁଁ ଅବିଳମ୍ବେ ଉଡ଼ନ୍ତା ପକ୍ଷୀଦଳକୁ ଲକ୍ଷ୍ୟକରି ଗୁଳିକଲି । ଠାଅ୍ ଠାଅ୍ ହେଇ ଏକାବେଳକେ ଛଅଟା ଚଢ଼େଇ ପଡ଼ିଗଲେ । ଆନନ୍ଦର ସୀମା ରହିଲା ନାହିଁ ।

ପକ୍ଷୀମାନଙ୍କର ତ ଜୀବନ ଅଛି । ଗୁଳି ବାଜିଲେ ସେମାନଙ୍କୁ କଷ୍ଟ ହେଉଥିବ, ଏକଥା କ'ଣ ସେତେବେଳ ଅବସ୍ଥାରେ ଟିକିଏ ହେଲେ ବି ମୋ ମନରେ ଆସୁଥିଲା ? ଏହା ତ ବର୍ତ୍ତମାନର ଚିନ୍ତା ।

ସେଥିମଧ୍ୟରୁ ଦୁଇଟି ଚଢ଼େଇ ଦରମରା ହୋଇ ଉଡ଼ି ଯାଇ ଯାଇ ପୋଖରୀ ମଝିରେ ପଡ଼ିଗଲେ । ବଡ଼ ମୁସ୍କିଲ କଥା ହେଲା ! ଅଚ୍ଛା, ଦେଖାଯିବ । ଗଛ ଚଢ଼ିବା, ନଈ ପହଁରିବାରେ ମୋର ପସ୍ । କୂଳରେ ବନ୍ଧୁକ, କାର୍ଟ୍ରିଜ, ଛରରା ବ୍ୟାଗ ସବୁକିଛି ରଖିଦେଇ ଭଡ଼ାଭଡ଼ିଟାଏ ହେଲି । ପାଣିକୁ ଡେଇଁବ ବୋଲି ଚଗୁଡ଼ଲି । ନିତ୍ୟକର୍ମ ସାରିବାକୁ ଦୁଇଜଣ ଗ୍ରାମବାସୀ ପୋଖରୀକୁ ଆସିଥିଲେ । ସେମାନେ ମୋତେ ବାରଣ କଲେ । କିନ୍ତୁ ଯାହାର ଆତ୍ମପ୍ରତ୍ୟୟ ଯଥେଷ୍ଟ ଅଛି, ସେ ଅନ୍ୟର କଥାକୁ ଶୁଣି ଦବିଯିବ ବା କାହିଁକି ? ପାଣିକୁ ଡେଇଁଲି । ଚଢ଼େଇ ଦୁଇଟିକୁ ପୋଖରୀ ମଝିରୁ ଧରି ଏକା ପହଁରିକେ ଆସି କୂଳରେ । ତପ୍ପରା ତପ୍ପଡ଼ ହୋଇ ଘରକୁ ଫେରିଲି ।

Digitized by srujanika@gmail.com

ଫେରିବା ସମୟରେ ପେଟରେ ଜାଗା ନ ଥାଏ । ମାଡ଼ ଭୟରେ, ପେଟ ନୁହେଁ, ମନ ଅବଶ ହୁଏ । ଭୁଲିଭୁଲି ଘର ପହଞ୍ଚେଲେ ମାଡ଼ରୁ ରକ୍ଷା ମିଳିଯିବ ଖଭ, କାହ୍ନୁ ଫର୍ଣ୍ଣ ନେଡେଡେଲେ ଛପି ରହବ ନାହିଁ । ଡଳେ ନା ଡେଳେ ଫଳ ବାହ୍ନ'ଶବ । ଶେନ୍ଦେଦେନେ ଦ୍ୱନ୍ୟ ପ୍ରକାଶ ପାଇଯିବ, ଦୋଷ ଦ୍ୱିଗୁଣିତ ହୋଇଯିବ । ତେଣୁ ମିଛ କହିବା ସଙ୍କୋଚରେ ଅନୁଚିତ ବୋଲି ସ୍ଥିର କଲି । ମାଡ଼ଭୟ ମୋତେ ବେଶି ଶଙ୍କିତ କରୁ ନ ଥିଲା । ଗୋଟାଏ ନେଡ଼ର ବଣଚଞ୍ଚ୍ରୀ ହୋଇ ଦୋଷ କରିଥିବାରୁ ମୋର ଅନୁତାପ ହେଉଥିଲା । ରାତିକି ମା, ଏମଣ ହୋମ ପ୍ରବୃ ଡେଡେ ତଳ ନ ଥିବ । ଚର୍ମ ମୁଣୀ ନେଘ ଫଳ ଆଖି ଛଳ ଛଳ ହୋଇଯାଉଥାଏ । ଘରେ ପହଞ୍ଚିଲି । ବାପା ମାଙ୍କୁ ଦେଖି ଶୋଭର ସ୍ଥାନ ହକ୍କୁଳ ହଠିଲା । ମନର ଭାବ ନେଇଲବ । ଅଶ୍ରୁଧାରା ବହିଗଲା ।

ନେନେମାମା ଉପସ୍ଥିତ ହେଇ ମଥ ଟାଙ୍କୁ ଖବର ଦାଲୁଦା କରିଦେଲେ । ତାଙ୍କର ଚମ୍ପୁତ ଏବଂ ଚର୍ମ ହେବ । ଅପ୍ରୋବୃତ୍ତ ଲୋକଙ୍କର ପାସ୍ତୁ ଆମିଷ ପଡ଼ ଲଳସା ଦୂଏ । ଅଭୂ ଠ୍ଷ ହେଉଁ ସେ ଟିକଏ ଅଧିକ୍ତ ଭାଷାଣୀ । ତରତ ତଟେଭ ଦେଖି ପଳିଦ୍ୱ ଜାଲ ବୋଝିଲଣି । କହିଲେ, "ଆଜି ଜହ୍ନ ତରତାଣ ନ ଥିଲା । ଦୁଇ ଘଣ୍ଟାରୁ ଫେରୁଥିବ । ବୋଝ୍, ଗଳ, ମଥିଲା କଟାତକି ଦଳତ । ଆଜ ଭୁ ପାଆ, ଘଣ୍ଟାଏକି ଘର ଆଣ୍ । ଭୂ ଡରନା, ବାପ ଆସିଲେ ମୁଁ ବୁଝାଇଦେବି ।" ନେନେମାମାଙ୍କ କଥାରେ ଟିକଏ ଆଶ୍ୱସ୍ତ ହେଲି । ସାଂସ ଘଣ୍ଟାକଟି ସକାଳବେଳକୁ ସାନ୍ତ୍ୱନା ଦେଇଥିଲି । ମୁଁ ଗହ୍ଣିତା ଚାହାଳାରେ ବଡ ଖଣ୍ଡେ ଧନ ବସିଗଲି । ବଜ୍ ଦଦେଇ ସନ୍ଧ୍ୟାଗାଡ଼ିରେ ଫେରିବେ । ତା ପୂର୍ବରୁ ମୁଁ ତରତରରେ ଖାଇଦେଇ ଶୋଇପଡ଼ିଲି ।

ନେଡ଼ରରୁ ଜଠ ଶୁଣିଗଲା । ଚାଳୁଣୀରେ ପଡ଼ି ଛଟପଟ ହେଉଥାଏଁ । ତେଣେ ପିଲାଏ ଡାଣ୍ଡରେ ହଉ ଜାଳିଦେଣି । ଏଭ ଦେତେବେଳଯାଏ ପଡ଼ିଥିବ ? ଶଙ୍କିତ ସ୍ୱରରେ ହଠି ଡାଣ୍ଡକୁ ଗଲି । ସକାଳ ଧୂପ ବଢ଼ିବାବେଳକୁ ମୋତେ ଡାକ ପଡ଼ିଲା । ବଡ଼ ଦଦେଇଙ୍କର ମୋର ଏଠି ବଡ଼ା ହୋଇଥିଲି । ଖାଇଲାବେଳେ ବ'ଲବା ଘଟଣା ନେଇ ମୋତେ ଖୁବ୍ ଡାଣ୍ଟିଲେ । ମୁଁ ନୀରବରେ ସବୁ ଶୁଣିଯାଉ ଥାଏଁ । ଖାଇସାରିବା ପରେ ପଡ଼ିଲା ମୋର ଉଣ୍ଡରଭାଡ଼ । ବଡ଼ୁବ ଖୋଲିବା ଓ ହିପ୍ ଜ ଦେବୁ ଭନ୍ଦା, ପୁଣି ଅନ୍‌ଲୋଡ୍ କରିବା, ସେଫ୍ଟି ଚଢ଼ାଇବା, ହଟାଇବା

Digitized by srujanika@gmail.com

ଟ୍ରିଗର ଦବାଇବା ଇତ୍ୟାଦି । ମୁଁ ଶହେରୁ ଶହେ ନମ୍ବର ରଖିଲି । ବନ୍ଧୁକ ଚଳାଇବାର ଆଉ ଯେତେକ ଦସ୍ତୁର ସେ ଶିଖାଇଦେଲେ । ସେହିଦିନଠାରୁ ବନ୍ଧୁକ ନେଇ ଶିକାର କରିବାର ପାସ୍ ମୋତେ ମିଳିଗଲା ।

ଦନ୍ତା ବାରହା ଶିକାର

୧

ଏ ମଧ୍ୟରେ କେତେବର୍ଷ ଗତ ହୋଇଯାଇଛି । ବଣକୁକୁଡ଼ା, ତିତିର, ଗୋଚରଖିଆ ଆଦି ସ୍ଥଳଚର ପକ୍ଷୀ ଓ ଚକୁଆ, ହଂସ, ଗେଣ୍ଡା ପ୍ରଭୃତି ବହୁପ୍ରକାର ଜଳଚର ପକ୍ଷୀ ଶିକାର କରିସାରିଲିଣି । ପକ୍ଷୀଶିକାର ପ୍ରତି ଆଉ ମନ ବଳୁନାହିଁ । ଶିକାର କରିବା ଏକ ସାହସିକ କର୍ମ । ନିରୀହ ଚଢ଼େଇଟାଏ ମାରିବାରେ କି ବୀରତ୍ୱ ଅଛି ? ଯେଉଁ ଶିକାରରେ ଜୀବନ ପ୍ରତି ଆଶଙ୍କା ନାହିଁ, ତାହା ଶିକାର ଶ୍ରେଣୀଭୁକ୍ତ ହେବା ଉଚିତ ନୁହେଁ ବୋଲି ମୋର ମତ । କିନ୍ତୁ ଏହା ଅନ୍ୟମାନଙ୍କର ଗ୍ରାହ୍ୟ ନୁହେଁ । କେତେକଙ୍କ ପକ୍ଷରେ ଛୋଟ ଚଢ଼େଇଟାଏ ମାରିବାରେ ମଧ୍ୟ ଆନନ୍ଦ ମିଳେ । ମନୁଷ୍ୟଜୀବନରେ ବିଶେଷତଃ ଶିକାରୀଜୀବନରେ ନାମ କମେଇବାର ମୋହ ଏକ ଦୁର୍ବଳତା । ମୁଁ ଏହି ଦୁର୍ବଳତାରୁ ବାହାର ନୁହେଁ । ଯିଏ ଯେତେ ଡାଳଖୋସ ମାରି ଉଡ଼ାଇଦେଉନା କାହିଁକି, ଯେତେ ପର୍ଯ୍ୟନ୍ତ ବାଘ ଶିକାର ନ କରିଛି, ସେ ପର୍ଯ୍ୟନ୍ତ ସେ ଶିକାରୀ ଆଖ୍ୟା ପାଇବାକୁ ଅଯୋଗ୍ୟ ।

କେତେ ମୋର ସାହସର ନମୁନା ପାଇନାହାନ୍ତି । ତାଙ୍କେ ମୋତେ 'ତିମେଇ ଶିକାରୀ' ପରି ଚଢ଼େଇ-ମରା ଶିକାରୀ ବୋଲି ଥଟ୍ଟା କରନ୍ତେ, ସେଥିପାଇଁ ମୋର ବଡ଼ ଭୟ । ତିମେଇ ଅର୍ଦ୍ଧାସୁର ପରି ଏକ ମୂର୍ତ୍ତି । ସେ ଶିକାର କରିବାର କୋଡ଼ିଏ ବର୍ଷ ବିତିଗଲାଣି । ବାଘ ନାଁ ଶୁଣିକି ଧରିବା, ମିରିଗ କି ବୁଦ୍ଦୁଗଟାଏ ହେଲେ ବି ମାରିନାହାନ୍ତି । ଶିକାର ସମୟରେ ଜନ୍ତୁଟିଏ ଦେଖିଲେ ମାଘମାସରେ ବାତୁଅପାଣି ଗାଧୋଇଲା ପରି ଥରନ୍ତେ । ଏଥିପାଇଁ ଲୋକେ ତାଙ୍କୁ ଚଢ଼େଇମରା ଶିକାରୀ ବୋଲି ଡାକନ୍ତି ।

ବଡ଼ ଦଦେଇଙ୍କର ଶିକାରୀ ସାଥୀ ଜନ ବଡ଼ ଖୁସ୍ ମିଜାଜର ଲୋକ । ଶିକାରୀଙ୍କଠାରେ ଯେଉଁ ସବୁ ଗୁଣ ଥିବା ଦରକାର ତାହା ତାଙ୍କଠି ଅଛି । ବାଘ,

Digitized by srujanika@gmail.com

ଶତ୍ରୁ ଆକ୍ରମଣ ସମୟରେ ସାହସର ସହିତ ନିଜର ସାଥୀଙ୍କୁ ସାହାଯ୍ୟ କରିବା, ଶିକାର ସମ୍ବନ୍ଧୀୟ ମୂଳ ତତ୍ତ୍ୱକୁ ବୁଝି କାମ କରିବା ଆଉ ଅଗମ୍ୟ ଅରଣ୍ୟରେ ପୂର୍ବାସ, ସ୍ୱଚ୍ଛର ହେବା—ଏ ସବୁ ଗୁଣ ଏନଙ୍କଠାରେ ଅଛି । ଶିକାର ଖେଳିବା ଓ ଖାଇବାରେ ତାଙ୍କର ବଡ଼ ସଉକ ।

ପୌଷମାସର ଶେଷ ଭାଗ । ବଡ଼ଦିନ ଛୁଟି ହୋଇଥାଏ । ସେଦିନ ସକାଳେ ମୁଁ ଚା ଖାଉଛି, କିଏ ଜଣେ "ସାଆନ୍ତେ, ସାଆନ୍ତେ" ବୋଲି ଡାକ ପକାଇଲା । ବଡ଼ ଦଦେଇ ଦାଣ୍ଡଦୁଆରକୁ ଗଲେ । ସଙ୍ଗେ ସଙ୍ଗେ ଫେରିଆସି କହିଲେ, "ଅରେ, ଏନ ମାଛ ଦେଇଛନ୍ତି, ନିଅ ।" ଜେଜେମାମା ସେଇଠି ଥିଲେ ଛୁଆଣ ଘର ଆସି ମାଡ଼ିବସିଲେ । ପଡ଼ାପଡ଼ିବା ଓ ମାଛ ବନେଇବାକୁ ବୁଝାଇଦେଲେ ତାଙ୍କୁ ଭଲ ଲାଗେ । ମୁଁ ଟିକିଏ ଶେଷକରି ବଡ଼ ଦଦେଇଙ୍କ ପରାମର୍ଶମତେ ଏନଙ୍କ ପାଖି କପେ ଚା ନେଇ ଗଲି । ଏନ ଚା ଖାଇ ଖାଇ ତାଙ୍କର ଦୁଃଖ ବଖାଣି ବସିଲେ । କହିଲେ, "ବାବୁ, ଏ ବର୍ଷ ବାର୍ହା ଆମକୁ ଉଚ୍ଛନ୍ନ କରିଦେଲେ । କେତେ ଜଗିବୁଁ ? ଟିକିଏ ଆଖି ଲାଗିଆସିଲାବେଳକୁ ବାର୍ହା ପଲ ପଡ଼ି ଖାଇ-ଯାଉଛନ୍ତି । ଯାହା ଖାଉଛନ୍ତି ତ ଖାଉଛନ୍ତି, ଦଳି ଚକଟି ଗୁଡ଼ିଖାର କରିଦେଉଛନ୍ତି । କେତେ ରାତି ଅନିଦ୍ରା ହେବୁଁ ? ସାଆନ୍ତଙ୍କୁ କହିଲି ଯେ ସେ ଶିକାରକୁ ଯିବାକୁ ନାହିଁ କରିଦେଲେ । ଆପଣ ଚାଲନ୍ତୁ, ଆମକୁ ଟିକିଏ ସାହାଯ୍ୟ କରିବେ । ଆପଣଙ୍କର ଧର୍ମ ହେବ ।" ଏନଙ୍କର କାତରୋକ୍ତିରେ ମନଟା ଦ୍ରବୀଭୂତ ହୋଇଗଲା । ବିଚରା କୃଷକ କେତେ ପରିଶ୍ରମର ସହ, ମୁଣ୍ଡଝାଳ ତୁଣ୍ଡରେ ମାରି ସୁନାର ଫସଲ ଫଳେଇଛି । ତାକୁ କେହି ଲୁଟିନେବା ବରଦାସ୍ତ କରିହେବ ନ ପାରେ । ଅପହରଣକାରୀଙ୍କୁ ସମୁଚିତ ଦଣ୍ଡ ଦେଇ ଗରିବ କୃଷକକୁ ରକ୍ଷା କରିବା ନିଜର ଏକାନ୍ତ କର୍ତ୍ତବ୍ୟ ବୋଲି ସ୍ଥିର କଲି ।

ଏନ ଦୁଇଟି ବାର୍ହା ଖଡା ଠିକ୍ କରିଛନ୍ତି । *'ଟାପୁ'ର ପଶ୍ଚିମ ପାଖ ଭାଙ୍ଗିଆ କିଆରିରେ ବାର୍ହା ପଲ ଖାଉଛନ୍ତି । ଆଉ ପୂର୍ବ ପାଖ ଖାଲ୍ କିଆରିରେ ମସ୍ତବଡ଼ ଏକୁଟିଆ ବାର୍ହା ଖାଉଛି । ଉଭୟ ଜାଗାରେ ଏନ ବାଡ଼ (ଲୁଚିକରି ବସିବା ସ୍ଥାନ) ଦେଇଛନ୍ତି । ମୁଁ ଏବଂ ଅର୍ଜୁନ ବାଣ୍ଟିଆ ଶିକାରକୁ ଯିବାର ସ୍ଥିର ହେଲା ।

* ପଟିଆ ଜଙ୍ଗଲ ମଧ୍ୟସ୍ଥ ଏକ ପ୍ରାକୃତିକ ଜଳାଶୟ ।

Digitized by srujanika@gmail.com

୨

ବର୍ତ୍ତମାନ ମଧ୍ୟ ମୋର ତାହାଲଗ୍ନ ଘଟିନାହିଁ । ସହରରେ ଜନ୍ତୁ ଶିକାରକୁ ଯିବାପାଇଁ ଅଭିଭାବକମାନେ ଅନୁମତି ଦେବାକୁ ସାହସ କରୁ ନ ଥାନ୍ତି । ସାହସିକ କାମରେ ପିଲାଙ୍କୁ ଉତ୍ସାହିତ କରିବା ଓ ସୁବିଧା ସୁଯୋଗ ଯୋଗାଇଦେବା ଅଭିଭାବକଙ୍କ ପକ୍ଷରେ ଏକାନ୍ତ କର୍ତ୍ତବ୍ୟ । ପିଲାଙ୍କର ଆଗ୍ରହ ଆକାଂକ୍ଷାକୁ ଚାପିଦେବା ବୁଦ୍ଧିମାନର କାମ ନୁହେଁ । ନ ପଡ଼ି କୌଣସି ଶିଶୁ ଚାଲି ଶିଖିନାହିଁ । ବିପଦ ମନୁଷ୍ୟର କଷଟି ପଥର । ବିପଦରେ ନ ପଡ଼ିଲେ ମନୁଷ୍ୟର ବ୍ୟକ୍ତିତ୍ୱ ଓ ମହତ୍ତ୍ୱ ପ୍ରକାଶ ପାଏ ନାହିଁ ।

ସେଦିନ ଦାଦା ଟୋପିଦାର ବନ୍ଧୁକଟି ନେଇ ଚଢ଼େଇ ମାରିବାକୁ ଯାଇଥିଲେ । ଚଢ଼େଇ ନ ମିଳିବାରୁ ଫେରିଆସି ବନ୍ଧୁକଟି ଘରକୋଣରେ ଡେରିଦେଇଥାନ୍ତି । ଦିନ ତିନିଟା ବାଜିବ । ଉଦ୍‌ବେଗ ମନେ ବଢ଼ିଚାଲିଥାଏ । ଘଡ଼ି ଦୋ ପାଞ୍ଚ ହୋଇ ଦାଦାଙ୍କୁ ବନ୍ଧୁକ ମାଗିଲି । ବୋଧହୁଏ ସେ ମୋର ମନର ଭାବ ବୁଝିପାରିଲେ । ମତେ ଦଶଗୋଟି ଛରା ଦେଇ ଟୋପିଦାର ବନ୍ଧୁକଟି ନେଇଯିବାକୁ କହିଲେ । ମୋର ମନ ଫୁଲି ଉଠିଲା । ୧୨ ନମ୍ବର ଦୋହଲା ବନ୍ଧୁକଟି ହୋଇଥିଲେ ଖୁସି ହୋଇଥାନ୍ତି । କିନ୍ତୁ ନ କହି ବନ୍ଧୁକଟି ନେଇ ଚାଲିଆସିଲି ।

ଅର୍ଜ୍ଜୁନ ଆସିଗଲେଣି । ମୁଁ ତାଙ୍କ ହାତକୁ ଯାଇ ବନ୍ଧୁକଟି ଧରାଇ ଦେଲି । ଉପଯୁକ୍ତ ଗୁଳି ଅଭାବରୁ ଅଧା ଗୁଳିରେ ଛରା ଭରାଇ ବନ୍ଧୁକରେ ଭରିଲି । ଅର୍ଜ୍ଜୁନ କହିଲେ, "ଆଜ୍ଞା, ଏ ବନ୍ଧୁକରେ କ'ଣ ଠେକୁଆ ମାରିବ ? ମୁଁ ମାରିଲେ ତୁମକୁ ଭାଗ ଦେବିନାହିଁ ।" ବାର୍‌ହା ଏକ ଅଦ୍ଭୁତ ଜୀବ । ତାର ଅଙ୍ଗୁଳି ବହୁତ ବଡ଼ । ତାକୁ ମାରିବାପାଇଁ ଜବରଦସ୍ତ ବନ୍ଧୁକ ଦରକାର । ଚଢ଼େଇମରା ବନ୍ଧୁକରେ କ'ଣ ହେବ ? ଏଥିପାଇଁ ତାଙ୍କର ଏ ବ୍ୟଙ୍ଗୋକ୍ତି । ଖାଇବା ହେଉ ମାଂସ ଲୋଭ ତ ମୋର ନୁହେଁ । ଉଦ୍ଦେଶ୍ୟ—ମୋ ର ଲକ୍ଷ୍ୟ ଠିକ୍ ହେଉଛି କି ନା, ଶିକାର କରିବାର କୌଶଳ ଓ ସାହସ ଅଛି କି ନା ପରୀକ୍ଷା କରିବା । ପରୀକ୍ଷାରେ ପାସ୍ କଲେ ଜେଣିକି ବନ୍ଧୁକଧରା ।

ଉଭୟେ ଅନୁକୂଳ କରି ବାହାରିପଡ଼ିଲୁ । ନିକଟ ଅରଣ୍ୟ ମଧ୍ୟରେ ଗୋଟିଏ ଚଷ ଜମି । ଆମ ଘରଠାରୁ ବେଶି ଦୂର ନୁହେଁ ! ଠିକ୍ ସମୟରେ ପହଞ୍ଚିଲୁ । ବନ

Digitized by srujanika@gmail.com

ସେ ପର୍ଯ୍ୟନ୍ତ ଆସି ନ ଥାନ୍ତି । ସେତେବେଳକୁ ରକ୍ତବର୍ଣ୍ଣରଞ୍ଜିତ ସୂର୍ଯ୍ୟ ଗଡ଼ିବା ପର୍ବତର ଆଢ଼ୁଆଳରେ ଲୁଚିଯିବାକୁ ତରବର ହେଲେଣି । ପାଚିଲା ଧାନ କିଆରିରେ ଅସ୍ତଗାମୀ ସୂର୍ଯ୍ୟଙ୍କ କନକ କିରଣ ସ୍ୱର୍ଣ୍ଣରେଣୁ ବିଛାଇଦେଇଛି । ନାନାଜାତିର ପକ୍ଷୀ ବୃକ୍ଷର ଅଗ୍ରଭାଗରେ ବସି ସୂର୍ଯ୍ୟଦେବଙ୍କ ଶେଷ ରଶ୍ମି ଉପଭୋଗ କରିବା ସଙ୍ଗେ ସଙ୍ଗେ ତାଙ୍କର ବିଦାୟ ସଙ୍ଗୀତରେ ବନସ୍ଥଳୀ ମୁଖରିତ କରିଦେଉଛନ୍ତି । ଦୂରରୁ ଗୋପବାଳବୃନ୍ଦଙ୍କର ସୁଲଳିତ ବଂଶୀସ୍ୱନ ଭାସିଆସୁଛି । ମୟୂରପଲ ନିଶ୍ଚିନ୍ତ ନିର୍ଭୟ କୃଷକର ଧାନକିଆରି ଲୁଟପାଟ କରିବାରେ ଲାଗିପଡ଼ିଛନ୍ତି । ଆମର ଆଗମନ ଦେଖି ପ୍ରାଣଭୟରେ କିଏ କେଉଁଆଡ଼େ ପଳାଇଗଲେ । 'ଚଷା—ଲକ୍ଷେ ଜୀବ ପୋଷା' । ବାସ୍ତବିକ ଚଷାର ଉତ୍ପନ୍ନ ଦ୍ରବ୍ୟ କିଏ ନ ଖାଉଛି ! ବାଡ଼ିଆମାନେ (କୃଷିରକ୍ଷୀ) ଜଣ ଜଣ ହୋଇ ଆସୁଛନ୍ତି । ନିଜ ନିଜ କୁଣ୍ଡଆଟିମାନଙ୍କରେ ରାତି ଯାପନର ସମସ୍ତ ଆୟୋଜନ କରିବାରେ ବ୍ୟସ୍ତ । ଅସହ୍ୟ ଶୀତକାକରରେ ସାରା ରାତି ଅନିଦ୍ରା ହେବାକୁ ପଡ଼ିବ । ଧନ୍ୟ କୃଷକ ଜୀବନ ।

ଶିକାରୀ ସାଥୀ ବନ ଗୃହ ଦମ୍ଭଆର ତଣ୍ଡ, ସଜବାଜ ହୋଇ ଆସି ପହଞ୍ଚିଲେ । ତାଙ୍କ ଶିକାରରେ ରାଜାଙ୍କଠାରୁ ବକ୍‌ସିସ୍‌ ମିଳିଥିବା ଆପାଦଲମ୍ବିତ କଳା ଓଭରକୋଟ, ଛଡ଼ାଏ ହାତର ବାଉଁଶ ଠେଙ୍ଗା, ଟାର୍ଚ୍ଚ ଓ ରାତିରେ ରୋଷେଇ କରିବାର ସାମଗ୍ରୀ ଇତ୍ୟାଦି ଦେଖି ମୋ ଆନନ୍ଦର ସୀମା ରହିଲା ନାହିଁ । ଜଳଖିଆ କୁଣ୍ଡଆରେ ରଖି ତାଙ୍କ ନିଜ ଲୋକଙ୍କୁ ବରାଦ କରିଦେଲେ, "ଖଳିଅରୁ ମାଛ ଆଣି ବାବୁଆଙ୍କ ପାଇଁ ଭଲକରି ରୋଷେଇ କରିଥିବ । ଆମେ ଯାଉଛୁ ।" ଅର୍ଜ୍ଜୁନ ଏକୁଟିଆ ତାଙ୍କ ଲକ୍ଷ୍ୟସ୍ଥଳକୁ ଚାଲିଗଲେ । ମୋ ପାଇଁ ନିର୍ଦ୍ଦିଷ୍ଟ ଥିବା ସ୍ଥାନକୁ ମୁଁ ଚନ୍ଦନଙ୍କ ସହ ଗଲି । ବାର୍‌ଦ୍ୱା ଧାନକିଆରିକୁ ଯିବାଆସିବା କରୁଥିବା ଘୋଡ଼ା, ଧାନ ଖାଇଥିବା କିଆରି ଓ ପାଖଆଖର ପରିସ୍ଥିତି ଦେଖି ନେଲି । ଅଳି (ବିଲର ଦାଣ୍ଡାବନ୍ଧ) ମଧ୍ୟରେ ଅନ୍ୟ ଏକ ସ୍ଥାନରେ ବାର୍‌ଦ୍ୱା ଯିବାଆସିବାର ଗୋଟିଏ ଘୋଡ଼ା ଆଖିରେ ପଡ଼ିଲା । ସେଠାରେ ଖଣ୍ଡିଏ ହୁରୁଡ଼ା ମାରିଦେବା ପାଇଁ ଚନ୍ଦନଙ୍କୁ କହିଲି । କିନ୍ତୁ ସେ ଅନ୍ୟ ଯୁକ୍ତି ଦେଖାଇ ମନା କରିଦେଲେ । ବୟସ୍କ ଓ ଅଭିଜ୍ଞ ଲୋକଙ୍କ କଥା ମାନିନେବା ଉଚିତ । ତା'ପରେ ଦୁହେଁଯାକ ଯାଇ ମାଚାରେ ବସିଲୁଁ ।

Digitized by srujanika@gmail.com

ମନପବନ ବୁଝି ଧକଧାନରେ ବସିଥାଉଁ । ଶିକାର ସମୟରେ କଥା-
କଥା ହେବା, ଦୀର୍ଘନିଶ୍ୱାସ ପକାଇବା, ଚଳଚଳ ହେବା, ମଶା କାମୁଡ଼ିଲେ
ହଡ଼େଇବା—ଏସବୁ ମନା । କିନ୍ତୁ ସ୍ଥିରଆଖି, ସ୍ଥିରକାନ ହେବାକୁ ହେବ । ତା ନ
ହେଲେ 'ମୁଗୁରଭଳ ମେଷ'' ଭଳି ସବୁ କଥା ବୃଥା । ମନେ ମନେ ଭାବୁଥାଏଁ, ଯଦି
ଆଜି ବାର୍ହା ମରିବ, ଆମର ଇଷ୍ଟଦେବୀ କନକ ଦୁର୍ଗାଙ୍କ ପାଖରେ ଦହିପଖାଳ
ଭୋଗ ଲଗାଇବି । ମନୁଷ୍ୟ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଅଥବା ବିପଦ ସମୟରେ
ବଡ଼ ବଡ଼ ଶପଥ କରନ୍ତି । କିନ୍ତୁ ସମୟ କଟିଯିବା ପରେ ପୁଣି ସେଇ କଥାକୁ
ସେଇ କଥା ।

୩

ଶୁକ୍ଳପକ୍ଷ । ଉଣୀଙ୍ଗଲ ପର ଜହ୍ନ ପଡ଼ୁଥାଏ । ସୋଳଘଣ୍ଟିଏ ପଡ଼ିଲେ
ଖୁଣ୍ଟ ଆଣିବେ । ବନ୍ଧୁକର ମାଛି ସ୍ପଷ୍ଟ ଦେଖାଯାଉଥାଏ । ଭାବୁଥାଏଁ, ଏଥକବେଳେ
ବାର୍ହା ଆସିଲେ 'ନ ହର ଶଙ୍କରେଽବନ୍ଧ୍ୟା' । କେହି ରକ୍ଷା କରିପାରିବେ ନାହିଁ ।
ନିଶ୍ଚୟ ଯମପୁରକୁ ପଠାଇଦେବି । ଆମ ସାମନାରେ ମାତ୍ର ୫୦ ଗଜ ଦୂରରେ
ଏକ ବୁଢ଼ା ଠେକୁଆ ଏଣିକି ତେଣିକି ଅନାଇ ଦେଉଥାଏ, ଟିକିଏ ଘାସ ଚୁଟୁଥାଏ ।
କେତେବେଳେ ଦ'ପାଦ ଉଠା ଡେଇଁଯାଇ ପଛକୁ ଅନାଏ । ପୁଣି ଆସି ଘାସ
ଚୁଟେ । ଏହିପରି ଠେକୁଆର ନାଟ ଦେଖିବାରେ କେତେ ସମୟ କଟିଗଲା ।
ପଶ୍ଚିମପାଖ ପାଣି ମାଡ଼ିବାରେ ଗଡ଼୍‌ଗାଡ଼୍ ଶବ୍ଦ ଶୁଣାଗଲା । ବନ ଅଙ୍ଗୁଳିସ୍ପର୍ଶଦ୍ୱାରା
ମୋତେ ସତର୍କ କରାଇଦେଲେ । ମୁଁ ପ୍ରସ୍ତୁତ ଅଛି ବୋଲି ତାଙ୍କୁ ସୂଚନା ଦେଇ
ବନ୍ଧୁକ ଉଠାଇ ନେଲି । ଏଇ ବାର୍ହା ଆସିଲା ବୋଲି ମନ ଅଥୟ ହୋଇଉଠିଲା ।
କାହିଁ ? ଚାହିଁ ଚାହିଁ ଆଖିରୁ ପାଣି ମରିଲା । ବିରକ୍ତ ହୋଇ ଘୋଡ଼ାକୁ ଉତାରି ଭଣ୍ଡିରେ
(ଦେଖିବା ଛିଦ୍ର) ବନ୍ଧୁକ ରଖିଦେଇ ଟିକିଏ ନିଶ୍ୱାସ ମାରିଲି । ବନ ମୋ କାନରେ
କହିଲେ, "ସେ ପାଖରେ ପଲେ ବାର୍ହା ପଶି ଖାଇଲେଣି ।" ଏହି ସମୟରେ
ଜଣେ ଚାଷୀଆ ଚିତ୍କାର କରିଉଠିଲା—ଆରେ, ଖାଇଗଲା ରେ ! ସେଠୁ ବୁଝିଲି
ଟିଣବାଡ଼ିଆ ଯେ କାନ ଅଡ଼ତା ପଡ଼ିଗଲା । ଏତେ ବାର୍ହା ଆସିଥିଲେ ଯେ,
ପାଣିରେ ପଶି ପଳାଇଲାବେଳେ ଘଡ଼ିଏଯାଏ ଗଡ଼୍-ଗାଡ଼୍ ଶୁଭୁଥାଏ । ସେତେ-
ବେଳକୁ ଜହ୍ନମାମୁଁ ଲେଉଟି ପଡ଼ିଲେଣି । ଫିକା ଜହ୍ନଆଲୁଅରେ ମନ ଫିକା

Digitized by srujanika@gmail.com

ପଡ଼ିଗଲା । ଉଦର ଦାଉ ମଧ୍ୟ ବାଧ ସାଧିଲାଣି । ଏହି ସମୟରେ ଆମେ ଯିବାକୁ ଅର୍ଜୁନ ସଙ୍କେତ ଧ୍ୱନି କଲେ । ଆମେ ଦୁହେଁ ବାଡ଼ରୁ ଉଠି ଲୁଣ୍ଡିଆ ପାଖକୁ ଗଲୁଁ । ଘରକୁ ଫେରିବାପାଇଁ ଅର୍ଜୁନ ପ୍ରସ୍ତାବ କଲେ । ତାଙ୍କ ସସ୍ନେହ ଅନୁରୋଧରେ ମୁଁ ଗଲି ନାହିଁ । ଅର୍ଜୁନ ଚାଲିଗଲେ ।

ଅର୍ଜୁନ ଚାଲିଯିବା ପରେ ଆମର ଖିଆପିଆ ଆୟୋଜନ ହେଲା । ଖାଣ୍ଟି ମଇଁଷିଦୁଧରେ ସିଦ୍ଧ ହୋଇଥିବା ଭାତ ସାଙ୍ଗକୁ ଖମ୍ବଆଳୁ, ସାରୁ, କମାଣୀମାଛ ତରକାରି । ଏଥିର ସ୍ୱାଦ ତୁଳନାରେ ଘରେ ଶତଯତ୍ନରେ ପ୍ରସ୍ତୁତ ହୋଇଥିବା ତରକାରି ତୁଚ୍ଛ ବୋଧ ହେଲା । ବେଶ୍ ତୃପ୍ତିରେ ଭୋଜନଟା ପରେ ସେ କହିଲେ, "ବାବୁ, ଏବୋସ ବାରଟା ନା, ବଡ଼ ଡେଙ୍ଗା । ଅନ୍ଧାରରେ ପଶିବ । ଚାଲ, ଭଗିବା ।" 'ଆଣ ବୈତରଣୀ ନଦୀ'; "ହଉ ଚାଲ, ପୁନର୍ବାର ଥରଟାଏ ଭାଗ୍ୟପରୀକ୍ଷା କରିନେବା ।" ଦୁହେଁଯାକ ଯାଇ ବାଡ଼ରେ ବସିଲୁଁ ।

ସେ ମାଳଯାକ ଘାଟସାରା ପାଲି ଲାଗିଥାଏ । ଜଣେ କିଏ ଚେଠା ଚେଠା କରି ଛିଣ ପିଟିଲାବେଳକୁ ଆଉ ଜଣେ ଝାଁଏ ଝାଁଏଁ କରି ଝାଞ୍ଜ ପିଟିବାରେ ଲାଗିଛି । ଆଉ କିଏ ହଠାତ୍ ନିଦରୁ ଉଠିପଡ଼ି ହୋ ହୋ କରି ଧଳାଭଳେଇ ଉଠୁଛି । କେହି ଶୀତ ଦାଉ ସହି ନ ପାରି ଗୀତଗାଉଛି—"ରାମ ସେ ଲକ୍ଷଣ·········ଗଲେ ମୁରୁଗ ମାରି ଲେ···ଅ···ଅ ।"

୪

ରାତି ପ୍ରାୟ ୨ଟା ସମୟ ହେବ । ବାର୍‌ହା ଆମ ପାଖ ଗୋଡାରେ ନ ଆସି ଅନ୍ୟ ଗୋଡା ମଡ଼ମାଡ଼ କରି ମାଡ଼ି ଦେଇ ଆସିଲା । ମୁଁ ତାଙ୍କୁ ସତର୍କ କରାଇଦେଇ ବନ୍ଧୁକ ସଜାଡ଼ିନେଲି । ବାରହା ପୂର୍ବୋକ୍ତ ଖାଲ କିଆରିରେ ନିର୍ଧୁମ ଖାଇବାରେ ଲାଗିଲା । ନିସ୍ତବ୍ଧ ରାତିରେ କଚ୍ କାଚ୍ କରି ଖାଉଥିବାର ଶବ୍ଦ ସ୍ପଷ୍ଟ ବାରି ହୋଇ-ପଡୁଥାଏ । ମୋର ଅନୁମାନ ଠିକ୍ ହେଲା । ସେ ଗୋଡାରେ ଦୁରୁଡ଼ା ଖଣ୍ଡିଏ ମାରିଦେଇଥିଲେ ଆମ ପାଖ ଗୋଡାରେ ନିଶ୍ଚୟ ଆସିଥା'ନ୍ତା । କିନ୍ତୁ, 'ମଲା ଘୋଡ଼ାର ଚାଙ୍କ ମାପିବାରେ କି ଲାଭ ?' ସହଜେ ହତାଶ ହୋଇପଡ଼ିବା ଶିକାରର ନୀତ ନୁହେଁ । ପୁନଃପୁନଃ ଚେଷ୍ଟା କରିବାର ଇଚ୍ଛା ଜାଗ୍ରତ ହେବା ଶିକାର ଖେଳର ଏକ ବୈଶିଷ୍ଟ୍ୟ । ମୁଁ ତାଙ୍କୁ କହିଲି, "ତୁମେ ଆଗ ଝାଟି ଚାଲିଯାଅ । ବାର୍‌ହାଠାରୁ

Digitized by srujanika@gmail.com

ଖଣ୍ଡେ ଦୂରରେ ଆଉ ଟିକିଏ ଖଙ୍କାର ଖାଁ ମାରିଦେବ ।" ଏଣେ ମୁଁ ସେ ଘୋଡା ପାଖକୁ ଚାଲିଗଲି । ସେଠାରେ ବନ୍ଧୁକ ଗୁଢରେ ଭିଡ଼ି ଆସ୍ଥାନ ଜମାଇ ବସିରହିଥାଏଁ । କିଛି ସମୟ ପରେ ଦେଖେଁ ତ ମୋଠାରୁ ଶହେ ଗଜ ଦୂରରେ ମସ୍ତବଡ ବାଘ୍‌ଟା ମଦମତ୍ତ ଚାଲିରେ ପଲସି ଆସୁଛି । ଓହୋ, କେଡେ ବଡ ସେ ! ତା'ର ବଡ଼ ବଡ଼ ଦାନ୍ତ ପରିଷ୍କାର ବାହାରକୁ ଦେଖାଯାଉଥାଏ । ମନେକର ବାଦଲରେ ଅଧେ ଡୁବିଯାଇଥିବା ଦ୍ୱିତୀୟା ଚନ୍ଦ୍ରା । ମଣିଷକୁ କ'ଣ ତା'ର ପରବାଏ ଥାଏ ? ଦନ୍ତା ବାଘ୍‌ଟାକୁ ବାଘ ମଧ୍ୟ ସମ୍ମୁଖରେ ଆକ୍ରମଣ କରେ ନାହିଁ । ମୁଁ ପଚିଶ ହାତ ଦୂରକୁ ଲକ୍ଷ୍ୟ କରି ବନ୍ଧୁକ ଧରିଥାଏଁ । ଭିତରେ ଭିତରେ ଆଶଙ୍କା ଥାଏ, ଯଦି ଗୁଳି ଠିକ୍ ନ ଲଗେ, ତେବେ ଶୁଖୁଆ ଚଉଲି ପରି ମୋତେ ଫାଡ଼ିଦେବ । କିନ୍ତୁ ମୁଁ ଜୀବନକୁ ବାଜି ଲଗାଇଦେଇଥାଏଁ । ଆଉ ଟିକିକ ପରେ ଦେଖେଁ ତ ଏକ କଳା ମୁଗୁନି ପଥର ପରି ଗଡ଼ିଆସୁଛି । ସତେ କି କହୁଛି, "ରେ ମୂର୍ଖ, ଦୂର ହୋଇଯା, ନଚେତ୍ ଏ ଦୁଃସାହସର ଫଳ ଭୋଗିବୁ ।"

କିନ୍ତୁ ମୁଁ ବନ୍ଧୁକ ବଳରେ ଲଢ଼ିବାକୁ ପ୍ରସ୍ତୁତ ଥିଲି । ରେଞ୍ଜକୁ ଆସିଯିବାମାତ୍ରେ ବନ୍ଧୁକ ଚକ୍ଷୁ ଉପରକୁ ଦୁଇ ଥର ଚଳାଇନେଇ (ଯାହିଁକି ନା ଅନ୍ଧାରରେ ମାଛି ଦେଖାଯାଏ ନାହିଁ) ତା' ଦେହସଙ୍ଗେ ମିଳାଇ ଫାୟାର କରିଦେଲି । ହୁନ୍ତ୍‌କର୍ମ ଜାତ କରାଇବା ଭଳି ଏକ ଭୀଷଣ ଗର୍ଜ୍ଜନ କରି ବାଘ୍‌ଟା ସମ୍ମୁଖଦିଗକୁ ଚଳାଇଲା ।

ଫାୟାର କରିବା ସଙ୍ଗେ ସଙ୍ଗେ ମୁଁ ଠିଆ ହୋଇପଡ଼ିଛି । ସାକ୍ଷାତ୍ ଯମ ସଦୃଶ ଅକ୍ଷତ ବାଘ୍‌ଟା ମୋ ପାଖ ଦେଇ ତୀର ବେଗରେ ଛୁଟିଗଲା । ଟଳିକାଏ ଜୁଆଁ ଖସିପଡ଼ିଲା ମୋ ଆଖିରୁ । ଖୁବ୍ ବେଶି ହେଲେ ଶହେ ଗଜ ପର୍ଯ୍ୟନ୍ତ ବାଘ୍‌ଟାର ଖୁରଶବ୍ଦ ଶୁଣାଯାଉଛି । ତା ପରେ ଆଉ ଖୁଣ୍ଟ ଖାଣ୍ଡ କିଛି ନାହିଁ । ବିନ ମୋ ନିକଟକୁ ଆସିବା ପାଇଁ ସଙ୍କେତ ଚାହିଁଲେ । ମୁଁ ସିଟି ବଜାଇ ଆସିବାପାଇଁ ତାଙ୍କୁ ସଙ୍କେତ ଦେଲି । ସେ ଆସି ମୁଣ୍ଡରେ ହାତ ଦେଇ ବସିପଡ଼ିଲେ । କହିଲେ "ବାବୁ, କ'ଣ କଲ ? ଏତେ ବଡ ବାଘ୍‌ଟାକୁ ଏଇ ସ୍ଲେଟ ! ଫୁଟ କନା ହେଲା !" "ଯାହା ହେବାର ହୋଇଛି । ଆଉ କ'ଣ କରାଯାଏ ? କାଲି ଦେଖିବା ।"—ମୁଁ ଉତ୍ତର ଦେଲି । "ଆଉ ଛଉଟି ଦେଖିବ । ଚାଲ ଚାଲ" କହି ବିନ ବୁଢ଼ାଆଡ଼କୁ ଆଗେଇଲେ । ମୁହଁଟା ବାଇଗଣପୋଡ଼ା ପରି କରିଥାନ୍ତି । ମୁଁ ଆଉ ତାଙ୍କ ସଙ୍ଗେ

Digitized by srujanika@gmail.com

କୌଣସି ବାହ୍ୟ ଉଦ୍ୟମସ୍ତ ନ କରି ଅପେକ୍ଷା ଧରିଲି । ଅଧ ପାଖ ମାଡ଼ି ନ ଥାଏ । ମନରେ କେତେ ଭାବନା ଖେଳିଯାଉଥାଏ । ମନେ ମନେ ମୀମାଂସା କରିଦେଲି, ବାଘ୍ଟା ଦେହରେ ଗୁଳି ନିଶ୍ଚୟ ଲାଗିଛି । ନ ଲାଗିଥିଲେ ଗର୍ଜନ କରି ନ ଆନ୍ତା । ଏହିପରି ଆଶା ଓ ନିରାଶା ମଧ୍ୟରେ କେତେବେଳେ ଭୋର ହୋଇଯାଇଛି ।

୪

ସୂର୍ଯ୍ୟୋଦୟ ପରେ ରାଜ ମୋତେ ଉଠାଇ ହସ ହସ ମୁହଁରେ ଶୁଭ ଖବର ଶୁଣାଇଲେ, "ମୁଁ ଯାଇ ଦେଖିଆସିଲିଣି । ବାଘ୍ଟା ଗଡ଼ଗୁମ୍ଫା ପାର ହୋଇନାହିଁ । ଏହାର ଭିତରେ ଅଛି । ଶୀଘ୍ର ଚାଲ ଯାଇ, ଦେଖିବା ।" ଜମିଠାରୁ ୫୦୦ ଗଜ ଦୂରରେ ଜଙ୍ଗଲ ମଧ୍ୟରେ ଗୋଟିଏ ଗଡ଼ ଗୁମ୍ଫା ପଡ଼ିଛି । ବାଘ୍ଟା ଯେତେବେଳେ ଗୁମ୍ଫା ପାର ହୋଇନାହିଁ, ଏହି ପାଞ୍ଚଶହ ଗଜ ପରିଧି ମଧ୍ୟରେ ଅଛି ଏବଂ ମିଳିବା ସୁନିଶ୍ଚିତ । ରାଜ୍ ପକ୍କା ସ୍କ' ନୋର । ଯେଉଁଆଡ଼େ ଗଲେ ଜଣା ଖଣ୍ଡିକରେ ରକ୍ତ, ଚର୍ମ ଓ ଗୋଲମରିଚ ଗୁଣ୍ଡ ନିଶ୍ଚୟ ବନ୍ଧାହୋଇଥିବ । ମୁଁ ଝଡ଼୍ୟକର୍ମ ସାରି ଫେରିଲା ବେଳକୁ ସେ ପାଖରେ ପଡ଼ିଥିବା ମଇଁଷି ଗୋଠରୁ ଦୁଧ ଆଣି ଚା' କରିସାରିଲେଣି । ଚା' ଖାଇସାରିବା ପରେ ବନ୍ଧୁକ ସଫା କରିନେଲି । ଗୁଳି ଅସ୍ତ୍ରରୁ ଏଲ ଜି ବ୍ରେଟଟିଏ ଲୋଡ୍ କରି ବାହାରିଲି । ପ୍ରଥମେ ମାଡ଼ ସ୍ଥାନ ଦେଖିଲି । ରକ୍ତ ପଡ଼ିଛି । ରକ୍ତରୁ ଜଣାଗଲା ଯେ, ଗୁଳି ଚଟ୍ୟାରେ ଲାଗିଛି । କିନ୍ତୁ ଶକ୍ତିଶାଳୀ ବ୍ରେଟ ହୋଇ ନ ଥିବାରୁ ବାଘ୍ଟା ଉଠିଗଲା ।

ଅନ୍ଧାର ସତ୍ତ୍ୱ ହେଲେ ମଧ୍ୟ ମୋର ଲକ୍ଷ୍ୟ ଠିକ୍ ହୋଇଛି । ସେତେବେଳେ ମୋତେ ସେତେବେଳେ ବୋଟିଜଧ୍ୱ ମିଳିଗଲା । ରାଜଙ୍କୁ କହିଲି, "ତୁମେ ବାର ହାତ ଖୋଜେ ଖୋଜେ ଆସ । ମୁଁ ଆଗ ବାଟେ ଯାଉଛି ।" ମୁଁ ଖଣ୍ଡେ ଦୂର ଯାଇଛି, ରାଜ କହିବାର ଶୁଣିଲି, "ଧନମାଲ ପଡ଼ିଛି ।" ଚଟ୍‌କରି ମୁଁ ଫେରିପଡ଼ି ଦେଖିଲି, ବାଘ୍ଟା କୃମ୍ଭକର୍ଣ୍ଣ ଭଳି ପଡ଼ିଥାଏ । ଖୁବ୍ ନିରୀକ୍ଷଣ କରି ଜାଣିଲି, ଜୀବନପ୍ରଦୀପ ଲିଭିନାହିଁ । ଲମ୍ବଦଣ୍ଡ ହୋଇ ପଡ଼ିଥିବାରୁ ମୁଣ୍ଡଟାର ଦେଖାଯାଉ ନଥାଏ । ପେଟରେ ଗୁଳି ଲାଗିଲେ ଦାଉ ହେବ ନାହିଁ । ଉପାୟ କ'ଣ ? ଜୀଅନ୍ତା ବାଘଠାରୁ ଘାଇଆ ବାଘ୍ଟା ଅଧିକ ଭୀଷଣ । ତାଆଁକୁ ଡେଇଁବା ମୂର୍ଖତା ଅଟେ ! କିନ୍ତୁ ଶିକାରର ଉତ୍ତେଜନାରେ ଲୋକ ବେଳେ ବେଳେ ମୂର୍ଖ

Digitized by srujanika@gmail.com

ହୋଇଯାଏ । ସବୁ ଜାଣି ଶୁଣି ମୁଁ ଜଥାଁକୁ ତେଜିଲି । ବାର୍ହା ପାଖରୁ ମାତ୍ର ୧୫ /୨୦ ଗଜ ଦୂରରେ ଆଉ ମୁଁ ବନ୍ଧୁକ ଧରିଥାଏ । ଜନକୁ କହିଲି, 'ତୁମେ ତା' ଉପରକୁ ଗୋଟିଏ ଟେଭା ପକାଅ ।" ଟେଭା ପଡ଼ିବାମାତ୍ରେ ବାର୍ହା ମୁଣ୍ଡ ଟେକି ଅନାଇଁଦେଲା । ସଙ୍ଗେ ସଙ୍ଗେ ବନ୍ଧୁକ ଗର୍ଜନ କରିଉଠିଲା । କିନ୍ତୁ ବାର୍ହା ଆମ ଆଡ଼କୁ ଏପରି ତୀବ୍ରବେଗରେ ଛୁଟିଆସିଲା ଯେ, କିଛିକୁ ସମ୍ଭାଳି ପାରିଲି ନାହିଁ । ଆମକୁ ଟପି ପାଞ୍ଚହାତ ଦୂରରେ ଭୂଇଁରେ ଦାନ୍ତ ଭୁସିଦେଇ ଟଳିପଡ଼ିଲା ।

ପୂର୍ଣ୍ଣମାସିଆ ବାର୍ହା ମାଂସ ଗୋଟା ସୁଆ ଚକ୍ଚକ । ଯେ ମାଂସ ଯେ ଖାଇଛନ୍ତି, ଆଜିପର୍ଯ୍ୟନ୍ତ ଝୁରିହେଉଛନ୍ତି । ଜେଜେମାମାଙ୍କ ଆନନ୍ଦ କହିଲେ ନ ସରେ । ପାଇକଅ ଜାତିକୁ ଲହୁଣୀ ପରି ମାଂସ । ସ୍ୱାଦେ ଲେଖାଁ ଠକ୍କି ଦଅନ୍ତି । ମାଂସ ଖାଇ ପେଟ ଅସୁଖ ହେବାର ନ ଥିଲା । ବାର୍ହା ଚର୍ବିରେ ଛଣା ହୋଇଥିବା ବରା ଖାଇ ତ'ମୁର୍ଦ୍ଦ ଛୁଟିଲା । ଏକବାରକେ ହାଲିଆ ହୋଇପଡ଼ିଲେ । ବଘା'ର ଦନ୍ତ ଭାଙ୍ଗିଆଏ ଖଣ୍ଡେ ଯିଇଦେବାରୁ ଟିକିଏ ସମ୍ଭାଳ ପଡ଼ିଲା । ସ୍ମାରକ ଚିହ୍ନସ୍ୱରୂପ ବାର୍ହାର ଦାନ୍ତ ଦୁଇଟି ଅଦ୍ୟାବଧି ଘର ସଜେଇବା ଉପକରଣ ମଧ୍ୟରେ ଥାଇ ଶୋଭା ପାଉଛି ।

ବାଟରେ ଅଜଗର

ଆଷାଢ଼ ମାସ ଆସି ଅଧା ହେଲା । ଟୋପାଏ ହେଲେ ବର୍ଷାର ଦେଖା ନାହିଁ । କେଉଁ କେଉଁ କଳାହାଣ୍ଡିଆ ମେଘ ଉଠୁଛି କୁଆଡ଼େ ଫସରଫାଟି ଯାଉଛି । ବୁଝାଏ ହେଲେ ବର୍ଷନ ବଳକୁ ଯାଉନାହିଁ । ସୃଷ୍ଟିକୂଳରେ ମନ୍ଦା ଖେଳେଣି ପଡ଼ିଗଲାଣି । ଗ୍ରୀଷ୍ମ ଗରମ ହେଉଥାଏ । ସେଦିନ ରାତିରେ ଆମେ ସମସ୍ତେ ଅଗଣାରେ ଶୋଇଥାଉ, ରାତି ଅଧସରକ ହେବ, ଥଣ୍ଡା ପବନ ସହ କଳାଘୋଟ କରି ମେଘ ଉଠେଇ ଆସିଲା । ଝିପ୍ ଝିପ୍ ମାଠିଆରୁ ଅଜାଡ଼ିଲା ପରି ଅଜାଡ଼ିଦେଇଗଲା । ସମସ୍ତେ ଘର ଭିତରକୁ ଯାଇ ଶୋଇଲେ । ମୁଁ ବଡ଼ବାପାଙ୍କ ଘରୁ ନମ୍ବର ଦୋନଳି ବନ୍ଧୁକ ଓ ଟର୍ଚ୍ଚଟି ଭାଙ୍ଗି ଆଣି ମୋ ପାଖରେ ରଖି ଶୋଇଗଲି । ଆଜିକାଲି ଯେକୌଣସି ବନ୍ଧୁକ ନେଇ ଶିକାରକୁ ଗଲାବେଳେ ମୋ ଉପରେ ଆଉ ଭଟକଣା ନାହିଁ । ମୋର ପୂର୍ବ ଅଭିଜ୍ଞତାରୁ ଜେଜେମାମା ରାତି ଘଡ଼ିଏ ଥାଇ ଶିକାର

ଉଠାଇଦେଲେ । ସେତେବେଳକୁ ବର୍ଷା ଛାଡ଼ି ଗଲାଣି । ଆକାଶ ନିର୍ମଳ ହୋଇଯାଇଛି । ଶିକାରୀ ସାଥୀ ବିନ ଓ ଡମେଇଙ୍କୁ ସଙ୍ଗରେ ନେଇ ବାହାରିଗଲି ।

ଖୋଜ ଗୋଡ଼େଇ ଶିକାର କରିବା ଶିକାରୀଙ୍କର ଏକ ପ୍ରଧାନ କଳା । ସେଥିରେ ସବୁଠାରୁ ବେଶି ଆନନ୍ଦ । ଏପରି ଶିକାର ପାଇଁ ଆଷାଢ଼ ମାସ ଅନୁକୂଳ ସମୟ । ଗ୍ରୀଷ୍ମଋତୁରେ ଜଙ୍ଗଲର ଘାସ ଓ ଲଟିଲୁଟା ଶୁଖିଯାଇଥାଏ । ଗଛରୁ ଝଡ଼ିଯିବା ପତ୍ରସବୁରେ ଭୂଇଁ ଘୋଡ଼ିଯାଇଥାନ୍ତି । ଆଷାଢ଼ ମାସର ପହିଲି ଅସରାରେ ଜଙ୍ଗଲତଳ ସବୁ ସଫା ହୋଇଯାଏ । ବର୍ଷା ଛାଡ଼ିବା ପରେ ଶିକାରକୁ ଗଲେ ତଟକା ଖୋଜ ମିଳେ ଆଉ ଶିକାର ଅନିବାର୍ଯ୍ୟ ।

ଶିକାରୀ ସାଥି ବିନ ଓ ଡମେଇ ପ୍ରବୀଣ ଖୋଜଧରାଳି । ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ ଆମ ମଧ୍ୟରେ ଗୋଟିଏ ଯୁକ୍ତ ମନ୍ତ୍ରଣା ହେଲା । ମୁଁ ପ୍ରସ୍ତାବ କଲି— ଏଠାରୁ ତଳରେ ତଳରେ ସିଧା 'କନିଆଁଶ ଖଟି' ସରହଦକୁ ଯିବା । ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସରହଦ ଛକରେ ବସିବା । କାହିଁକି ନା, ସେ ଗୋଟିଏ ଘାଟିଜାଗା । ଜନ୍ତୁତରୁ ଭିତର୍ ଜଙ୍ଗଲକୁ ପାରହେଉଥିବେ । ତା'ପରେ ଖୋଜ ଧରି ଗୋଡ଼େଇବା । ସେନାପତିଙ୍କ ଆଦେଶ ଭଳି ମୋ କଥା ସମସ୍ତେ ମାନିନେଲେ । ବନ୍ଧୁକର ଗୋଟିଏ ନଳୀରେ ଗୁଳି ଓ ଗୋଟିଏ ନଳୀରେ ଏଲ୍. ଜି. ଲୋଡ଼୍ କରି ରଖିଛି ।

ଆମ ଯିବା ତଳର କଡ଼ରେ, କନିଆଁଶ ଖଟି ଛକର ଅଳ୍ପ ପଛରୁ ଗୋଟିଏ ପାଣି ଟୁବ ଅଛି । ଦିଗ ଫର୍ଚ୍ଚା ହୋଇଗଲାଣି । ମାତ୍ର ଭୂଇଁ ଉପରୁ କାଳି ଛାଡ଼ିନାହିଁ । ପ୍ରତ୍ୟେକ ଜିନିଷ ସ୍ପଷ୍ଟ ବାରି ହେଉ ନଥାଏ । ମୁଁ ଗୁଳିଭରା ବନ୍ଧୁକ କାନ୍ଧରେ ପକାଇ ସୈନିକ ବେଶରେ ଧମାଧମ ଚାଲିଯାଉଛି । ଠିକ୍ ପାଣିଟୁବ ପାଖରେ ହଠାତ୍ ଅଟକିଗଲି; ମନେକର ମଟରରେ ବ୍ରେକ୍ ଦେଲାଭଳି । ପାଣି ଟୁବରୁ ତଳର ଉପରକୁ ଫୁଟେ ଲମ୍ବର କଳା ହୋଇ କଅଣ ଗୋଟିଏ ପଦାର୍ଥ ପଡ଼ିଛି । ବିନ ଓ ଡମେଇ ମୋ ପାଖକୁ ଲାଗିଆସି ପଚାରିଲେ, "କ'ଣ ?" ମୁଁ ସେମାନଙ୍କୁ ଦେଖାଇଦେଇ କହିଲି, "ଏଇଟା କ'ଣ ଦେଖିଲ ?" ବିନ କହିଲେ—"ଡେରିଟାଏ ହବ ପରା !" 'ନାଇଁ ମ, ହେଇଟି ବାଉଁଶ ଫାଳିଆ ଖଣ୍ଡେ" କହି ଡମେଇ ତା' ଆଡ଼କୁ ଗୋଡ଼ ବଢ଼ାଇଦେଲେ । ଗୋଡ଼ ବଢ଼ାଇବାମାତ୍ରେ ସୁଡ଼ୁକିନା ହୋଇ ଫେଁଟ ମାରିଲା । 'ହୋପା'ଟିଲ ସାପଟାଏ !' ବୋଲି ସେ ଚିତ୍କାର କରିଉଠିଲେ । ସର୍ଗ ଭଲି ।

Digitized by srujanika@gmail.com

ମାଡ଼ ପାଣିଠାରୁ ଦୂରରେ ଥାଉ ଓଷ୍ଠ ଫେଣ୍ଟ ଲାଗେନ୍ତି । ଏ ଗୋଳମାଳ ମଧ୍ୟରେ ସାପ ଧୀରେ ଧୀରେ ପାଣି ଭିତରକୁ ପଳେଇଗଲା । ଆରେ, ଗଲା ତ ! ଉତ୍ତେଜନାରେ ବେକମୁଣ୍ଡାକୁ ଲକ୍ଷ୍ୟକରି ଗୁଳିଟେ ଛାଡ଼ିଦେଲି । ବାପ୍ ରେ, ଏତେ ବଡ଼ ସାପ ! ମୋଟେ ଧାରଣା ନ ଥିଲା । ପାଣିକୁ ଦ'ଭାଗ କରି ପଳାଉଥାଏ । ଆମେମାନେ ଖଣ୍ଡେ ଦୂରକୁ ପଳାଇଯାଇ ଦେଖୁଥାଉଁ । ଜନ୍ତୁ ସମସ୍ତ ବାଡ଼େଇ ଛୁଟି ହେଲା । ଶେଷରେ ପାଣିକୂଳକୁ ଲାଗିଥିବା ଏକ ବୁଦାରେ ଗୁଡ଼ାଇ ହୋଇ ଚିରନିଦ୍ରା ଲଭିଲା ।

ଅଜଗର ସାପ ଧାଉଁଧପଡ଼ି ଶିକାର କରିପାରେ ନାହିଁ । ବାଟରେ ପାଇଲେ ଲୁଚିକରି ପଡ଼ିଥାଏ । ଶିକାର ମୁହଁ ପାଖ ଦେଇ ଗଲା ଆଇଲା ବେଳେ ଧରେ । ସେଥିପାଇଁ କଥା ଅଛି, "ଅଜଗରକୁ ଦାତା ରାମ ।"

ସେତେବେଳକୁ ଖବର ପଡ଼ିଗଲାଣି । ଖଗ୍ଗତେଜରେ ସାପ ଦେହ ଚକ୍ ଚକ୍ ମାରୁଥାଏ । ସାପ ନାଗବଂଶ ଭଳବଣି, ଏ କଥା ନିଶ୍ଚିତ ଜାଣି ମଧ୍ୟ ତା ଦେହରେ ହାତ ଲଗାଇବାକୁ ସାହାସ କେହି କରୁ ନ ଥାଏ । "ଟିକିଏ ଅପେକ୍ଷା କର" କହି ବନ ଜଙ୍ଗଲ ଭିତରକୁ ଯାଇଗଲେ । କିଛି ପରେ ଅନ୍ତତଃପକ୍ଷେ କୋଡ଼ିଏ ହାତ ଲମ୍ବର ଏକ ଅଙ୍କୁଡ଼ୀ ନେଇଆସିଲେ । ଆଙ୍କୁଡ଼ୀ ଲଗାଇ ସାପକୁ ଟାଣି ବାହାର କଲୁ । ଇଞ୍ଜିନିୟର ବୁଦ୍ଧି ପାଇଁ ବନ ଧନ୍ୟବାଦର ପାତ୍ର । ଆଉ ଶିକାରକୁ ଯିବାର ନୋହିଲା ।

ବନ ଓ ତମେଇ ସାପଟାକୁ ବାନ୍ଧିଲେ । ଏତେ ଲମ୍ବା ସେ ବାଟସାରା ଘୋଷି ଘୋଷି ବହୁ କଷ୍ଟରେ ଆଣି ରାଜାଙ୍କ ପାଖରେ ପହଞ୍ଚାଇଲୁ । ରାଜାସାହେବ ଅତି ଆନନ୍ଦରେ ତଳକୁ ଓହ୍ଲାଇଆସି ସାପକୁ ଓଲଟପାଲଟ କରି ଦେଖିଲେ । ସାପର ବେକରେ ଗୁଳି ଲାଗିଥିବାରୁ ତା'ର ଚମଡ଼ାଟି ଅକ୍ଷୁଣ୍ଣ ରହିଅଛି । କହୁଁ ଆହୁରି ଖୁସି ହୋଇଗଲେ । ମାପିବାରେ ସାପର ଲମ୍ବ ୧୧ ଫୁଟ ୩ ଇଞ୍ଚ, ମଝିଁଗଣ୍ଡିର ଗୋଲେଇ ଦେଢ଼ଫୁଟ ହେଲା । କାମେରା ଅଣାଇ ଫଟୋ ଉଠାଇଲୁ । ତା'ପରେ ଗ୍ରୀନ ହତାର ଲୁଣ ଦେଇ ଟ୍ୟାନିଂ ପାଇଁ ବାରଙ୍ଗ ପଠାଇଦିଆଗଲା । ସାପର ଫଟୋସହ ଏ ସମ୍ବାଦଟି ରାଜାସାହେବ ଖବରକାଗଜକୁ ପଠାଇଥିବା ମୋତେ ଜଣାନାହିଁ । ସପ୍ତାହେ ପରେ ଖବରକାଗଜରୁ ମୋର ନାମ ଦେଖି ଆନନ୍ଦର ସୀମା ରହିଲା ନାହିଁ ।

Digitized by srujanika@gmail.com

ଏକାଟେଗେଟକେ ବାଘ-ମିରଗ

୧

ସେଦିନ ତ ମିଶନ ମାଷ୍ଟରାଙ୍କୁ ଗୋଟେ ଅଜଗର ମାରି ଫେରିଲି ! ଘରେ ପହଞ୍ଚି ପୋଷାକ ଛାଡ଼ି ବନ୍ଧୁକ ସଫା କରିବାକୁ ବସିଛି । ଖାଲିହାତରେ ଫେରିବା ଦେଖି କେକେମାମାଙ୍କର ମନରେ ସନ୍ତୋଷ ନ ଥାଏ । ସେ ମୋ ପାଖରେ ବସିପଡ଼ି କହିଲେ, "ଖିଆ ନାହିଁ ପିଆ ନାହିଁ, ଆଉ ବନ୍ଧୁକ ସଫା କରିଲାଗିଛୁ, ନା ?" ମୁଁ କହିଲି, "ଆଜି ଗୋଟିଏ ପ୍ରକାଣ୍ଡ ଅଜଗର ସାପ ମାରି ରଜାଙ୍କୁ ଦେଲି । ସେଇଠି ସ୍ତୁ ଜଳଖିଆ ଖାଇ ଆସିଛି ।" ପୁଣି ସେ କହିଲେ, "ଏଭଳି ସାପ ଦୋକରେ ପାଇଥିଲ୍, ଆଉ କିଛୁ ଦାରୁଣ୍ଡକ ନାହିଁ ? ତୋର କେକେଦେଇ ଏଭଳି ପାଗରେ ଶିକାରକୁ ଗଲେ ଦୁଇ ଚାରି ମାରି ଗଡ଼େଇଦିଅନ୍ତି ।" ମୁଁ କହିଲି "ବୁଝିଲ କେକେ, ସେକାଳ ପଛରେ ଗଲାଣି । ସେତେବେଳେ ଜନ୍ତୁଗୁଡ଼ାକ ଝାଲୁଝାଲୁ ହେଉଥିଲେ; ଆଉ କପଟ ଓଳୁ ଥିଲେ । ଏବକାଳକୁ ତ ଜନ୍ତୁ ଜମ୍, ପୁଣି ସେମାନେ 'ନାଗଚରିତ' ପଢ଼ିଲେଣି । କୋଉଣେ ବାଟରୁ ବାଣ୍ଡିଆଙ୍କ ଗନ୍ଧପାଇ ବାଟ କାଟୁଛନ୍ତି । ହଉ ଥା, ଏଇ ପିଛା ପାଣିଆ ବର୍ଷାରେ କେତେ ମାଂସ ଖାଇବ, ଦେଖିବା ।"

ପ୍ରାୟ ଆଠ ଦିନ ହୋଇଗଲାଣି, ଶିକାରକୁ ଯାଇନାହିଁ । କେକେମାମା ଖାଲି ଗାଳୁ ଗାଳୁ ହେଉଥାନ୍ତି । ପରୀକ୍ଷା ବୋର୍ଡ଼ ମୁଣ୍ଡ ଉପରେ ନାଚୁଛି । ସେଥିପାଇଁ ସେଦିନ ଖଣ୍ଡିଏ ମାସିକ ପତ୍ରିକାରେ ମନୋନିବେଶ କରିଥାଏଁ । କେକେମାମା ଆସି ମୋର ଧ୍ୟାନ ଭଙ୍ଗ କଲେ । କହିଲେ, "ସବୁବେଳେ ବହିଖଣ୍ଡେ ଧରି ଠିଙ୍କିଟା ପରି ପଢ଼ୁଛୁ । ଶିକାରକୁ ଗଲେ ଚଳନ୍ତା ନାହିଁ ? ପୁଅକୁ ମୋର ଡର ନାହିଁ । ନଇଲେ ମୋ ଘରୁ ମାଉଁସ କେବେ ଶୂନ ହେଉ ନ ଥିଲା । ନୂଆ ବାଣ୍ଡିଆ ହେଲୁ ଯେ ପାଟିରେ ଟିକିଏ ମାଉଁସ ବାଜିଲା ନାହିଁ !" "ହଉ କେକେ, ଯେଉଁଦିନ ରାତିରେ ବର୍ଷା ହେବ ମୋତେ ଟିକିଏ ପାହାନ୍ତାରୁ ଉଠାଇଦେବ"—କହି ପୁଣି ବହିରେ ଧ୍ୟାନ ଦେଲି ।

କେତେ ଦିନ ପରେ ରାତିରେ କେତେବେଳେ ଓଲଗଡ଼ା ଅସରାଏ ହୋଇଛି, ମୁଁ ଜାଣେନାହିଁ । ଭୋରରୁ ଅନ୍ଧାର ଥାଉ କେକେମାମା ଆସି ଡାକଦେଲେ ।

Digitized by srujanika@gmail.com

ଏଣିକି ଘନ ବେଶ ଜଙ୍ଗଲକୁ ଯାଇଥାନ୍ତି । ଜଙ୍ଗଲର ମୋହ ପ୍ରବଳ ହୋଇଉଠିଲା । ମୁଁ ଧଡ଼ପଡ଼ ହୋଇ ଉଠି ବାହାରିପଡ଼ିଲି । କୁଳମଣି ସେତିକିବେଳକୁ ଶିକାରୀ ବାବୁଙ୍କ ଓ ଘଡ଼ା ଆଉ ଧର ମଣିଷ ଗୋଠକୁ ବାହାରିଛି । ତାକୁ ପଚାରିଲି— "ଶିକାରକୁ ଯିବୁ କରେ?" ବଡ଼ ଆଗ୍ରହରେ ସେ କହିଲା, "ହଁ ବାବୁ, ଚାଲ । ମୁଁ ଗୋଠରେ ସବୁ ଜମା ଏ ସବୁ ରଖିଦେଇ ଯିବି ।" ମଣିଷଗୋଠକୁ ବାହାରଙ୍କ ହେବଳେ କୁଳମଣିକୁ କେତୋଟି ନିୟମ ପାଳିବାକୁ କଡ଼ା ଆଦେଶ ଦେଇ ଚାଲିଲି । ସେତେବେଳକୁ ପୂର୍ବଆଡ଼ ଯଥେଷ୍ଟ ଉଜ୍ଜ୍ୱଳ ହୋଇଥାନ୍ତି । ଦୁଇଟି ଦେଶୀ ହାତ ଖଣ୍ଡିଏ ପାଇଁ ଖେଁ ଖାଁ ହୋଇ ପ୍ରବଳ ଯୁଦ୍ଧରେ ମାତିଥାନ୍ତି । କୁଳମଣି କହିଲା, "ମାର ।" ମୁଁ ନ ଶୁଣିଲି ପରି ହୋଇ ତାଙ୍କ ସଙ୍ଗେ ଚାଲିଗଲି ।

ଶିକାର ଖେଳିବାରେ ଦୋଷ ଅଛି, ଲାଭ ବି ଅନେକ ଅଛି । ପ୍ରକୃତିର ଶୋଭା ଆଉ ସୂର୍ଯ୍ୟ ପୂର୍ବତଟରୁ ଉଦୟ ହେବାର (ମଜା) କେବଳ ଶିକାରୀହିଁ ଜାଣନ୍ତି । ଶରୀର ଓ ମନକୁ ସତେଜ ଓ ପ୍ରଫୁଲ୍ଲ କରିବା ପାଇଁ ବେଳେବେଳେ ମୋତେ ବନପର୍ବତର ଶରଣ ନେବାକୁ ପଡ଼େ । ଜଙ୍ଗଲରେ ପକ୍ଷୀ ଓ ପଶୁମାନଙ୍କର କଲ୍ଲୋଳ, ଦୋଳାୟମାନ ଡାଳ ପତ୍ର, ପକ୍ଷୀମାନଙ୍କର କଳରବରେ ଯେଉଁ ଆନନ୍ଦ ମିଳେ, ତା'ର ଆଉ କ'ଣ ବା ବର୍ଣ୍ଣନା କରିବ ?

କେତେବେଳୁ ସକାଳ ହେଲାଣି । ଏପର୍ଯ୍ୟନ୍ତ ସୂର୍ଯ୍ୟଦେବଙ୍କର ଦେଖା ନାହିଁ । ଆକାଶ ମେଘାଚ୍ଛନ୍ନ । 'ଶଖରଚଣ୍ଡୀ' ପର୍ବତମାଳାରେ କଳାବାଦଲ ଲଦ୍ଧଡ଼ି ଯାଇଛି । ହଂସକୁ ପହଁରିବାରେ, ମୟୂରକୁ କଳାମେଘ ଉଠାଇବାରେ ଯେପରି ଆନନ୍ଦ ମିଳେ, ଶିକାରୀକୁ ଶିକାରର ପିଛା କରିବାରେ ସେହିପରି ଆନନ୍ଦ ମିଳେ । ହଜିଯାଇଥିବା ଜନ୍ତୁଙ୍କୁ ଖୋଜି ଖୋଜି ପତ୍ର ତଳକୁ ଦେଖି ଦେଖି ଚାଲିଛି । କିଛି ଦୂର ଗଲା ପରେ ମନେ ହରିଣଙ୍କର ତାଜା ଖୋଜ ଆଖିରେ ପଡ଼ିଲା । ସେହି ଖୋଜ ଗୋଡ଼େଇ ଚାଲିଲି । ଖଣ୍ଡେ ଦୂର ଗଲା ପରେ ଅଡ଼ାଏ ପଥୁରିଆ ଜାଗା ପଡ଼ିଲା । ପଥୁରିଆ ଜାଗାରେ ଖୋଜ ମିଳିବା ବଡ଼ କଠିନ । ଶେଷ ଖୋଜ ପାଖରେ ଖଣ୍ଡିଏ ଡାଳ ଚିହ୍ନସ୍ୱରୂପ ପକାଇଦେଇ ଖୋଜୁ ଖୋଜୁ ୫୦।୬୦ ଗଜ ଚାରିଧାର ମଧ୍ୟରେ ପୁଣି ଖୋଜ ମିଳିଗଲା । ମନେକର, ସେତେବେଳେ ସତେ କି ନିଧି ମିଳିଗଲା । ଆହୁରି କିଛି ଦୂର ଗଲା ପରେ ଖଣ୍ଡିଏ ଜୁଡ଼ି ଜଙ୍ଗଲ ପଡ଼ିଲା । ହରିଣ ପଲଟି ତାର ଭିତରକୁ ଯାଇଛନ୍ତି । ଜଡ଼ ଜଙ୍ଗଲରେ ଖୋଜ ଧରି ଯିବା ଏକାନ୍ତ ଅସମ୍ଭବ ।

Digitized by srujanika@gmail.com

ତେଣୁ ମୁଁ ଆଉ କାହିଁ ବୁଲିଗଲି । କୁଳମଣି ପଛେ ପଛେ ଆସୁଥାଏ । ଖୋଜ ଦେଖିଲି, ମିରିଗ ପଳେଇଛି କୂଚ୍ ଜଙ୍ଗଲ୍ ପାର ହୋଇ ଫରକ ବଣିଆରେ ପଶିଲେଣି । ଏଥର ଖୋଜ ଧରି ଚାଲିବା ସହଜ ହେଲା । ଯାଇ ଯାଇ ଅନ୍ୟ ଗୋଟିଏ ଭୁଲ ଖୋଜରେ ଚାଲିଗଲି । ୨୦।୨୫ ଗଜ ଗଲା ପରେ ପୁଣି ଲେଉଟି ଆସି ଠିକ୍ ଖୋଜ ଧରି ଆସିଲି । ପ୍ରାୟ ୫୦।୬ ଗଜ ଗଲେ ଯାଇଛୁ, ଦୂରରେ ବୁଦିଲିଆର ଗହଳ ମଧ୍ୟରେ ମିରିଗଟିଏ ଡେଇଁ ନେଉଥାନ୍ତେ ଲଙ୍ଘନ ହୋଇଗଲା । ମନେହେଲା, ଭଲା ବହୁତରେ ବିଜୁଳି ଖେଳିଗଲା । କୁଳମଣିକୁ ସେହିଠାରେ ବସାଇଦେଲି । ଜୋତା ଖୋଲାଇ ସାବଧାନତାର ସହ ଚାଲିଲି ।

୨

ଗୋଟିଏ ଗୋଟିଏ ପାଦ ପକାଇ ଯାଉଥାଏଁ । ଶହେଗଜ ଗଲେ ଯାଇଛୁ, ପ୍ରାୟ ଛଅଶହ ଗଜ ଦୂରରେ ଏକ ମସ୍ତବଡ ମିରିଗ ଶିଙ୍ଘାଳ (ସ୍ବମ୍ଭର ହରିଣ) ଉପରେ ଦୃଷ୍ଟିପାତ ହେଲା । ଅପୂର୍ବ ଦୃଶ୍ୟ । ସେ ଏ ବୁଦାରୁ ସେ ବୁଦାରୁ ଫଳକପତ୍ର ଟୁଙ୍କିବାରେ ତଲ୍ଲୀନ ହୋଇଥାଏ । ମଝେ ମଝେ ଭୀତ ଚକିତ ନୟନ ଦୃଷ୍ଟିରେ ଚାରିଆଡ଼କୁ ଚାହୁଁଥାଏ । ଶିଙ୍ଘ ଦୁଇଟି ଡାଳ ଡାଳ ଶାଖା ଓ ତିନି ଫୁଟ ଲେଖା ଲମ୍ବ । ମୁଣ୍ଡ ହଲାଇଲାବେଳେ ପାଇକ ଖଣ୍ଡା ଖେଳିଲା ପ୍ରାୟ ଦେଖାଯାଉଥାଏ । ବେଳେ ବେଳେ ଖୁରରେ ଭୂଇଁକୁ ଖୋଳି, ଗଛରେ ଶିଙ୍ଘ ଘଷିହେବାରେ ମସ୍ତ । ଏହାର ଅର୍ଥ, ଅନ୍ୟ ଶିଙ୍ଘାଳକୁ ମଲ୍ଲଯୁଦ୍ଧ ପାଇଁ ଆହ୍ବାନ । ୫।୬ ଗଜ ତଫାତରେ ମାଈ ମିରିଗ ଗୁଡ଼ାକ ଉଦରଜ୍ୱାଳା ନିବୃତ୍ତ କରିବାରେ ଲାଗିପଡ଼ିଥାନ୍ତି । ମୁଁ ବନ୍ଧୁକକୁ କଟିପଟରେ ଜାକି ଧରି ନଇଁ ନଇଁ, ବସି ବସି ଗଛଲତା ଆଢ଼ୁଆଳରେ ଲୁଚି ଲୁଚି ଯାଉଥାଏଁ । ମୋର ତ ଇଚ୍ଛା, ୫୦ ଗଜ ଦୂରରୁ ଫାୟାର କରିବା । କିନ୍ତୁ ଏତେ ପାଖକୁ ଯିବା ଅର୍ଥ ଶିଙ୍ଘାଳକୁ ହୁରୁଡ଼େଇଦେବା । ତେଣୁ ପ୍ରାୟ ୭୦।୭୫ ଗଜ ଦୂରରେ ଗୋଟିଏ ବୁଦା ଆଶ୍ରାରେ ବସି ଟିକିଏ ଦମ୍ ନେଲି । ଯେତେବେଳେ ଶ୍ୱାସପ୍ରଶ୍ୱାସ ଠିକ୍ ହୋଇଗଲା, ଆସ୍ତେ ମୁଣ୍ଡ ଟେକି ଦେଖେଁ ତ ଶିଙ୍ଘାଳ ପତ୍ର ଖାଉଛି । ତା ମୁହଁଟି ଡାଳ ଆଢ଼ୁଆଳରେ ଥାଏ । ମୁଁ ତା'ର ଆଗ ଗୋଡ଼ର ଚଟିଆ ଉପରକୁ ଲକ୍ଷ୍ୟ କରିବାକୁ ଇଚ୍ଛା କରୁଥିଲି । କିନ୍ତୁ ଠିଆ ନ ହେଲେ ସୁବିଧା ହେବ ନାହିଁ । ତେଣୁ ମୁଁ ଆସ୍ତେ ଆସ୍ତେ ଠିଆ ହେଲାବେଳକୁ

Digitized by srujanika@gmail.com

ମୋର ଜୀବନପଥରେ ଥିବା ଏକମାତ୍ର ମିତ୍ର ବୋଧହୁଏ ମୋତେ ଦେଖିପକାଇ ଚାହିଁ ରହି ଚମକି ପଡ଼ିଲା । ଆଖିପିଛୁଳାକେ ପଲକପାତ ମିତ୍ର ବଣବୁଦା ମାଡ଼ି ପଳାଇଲେ । ମାତ୍ର ସେକୋଟି ମୁହୂର୍ତ୍ତରେ ସବୁ ଶେଷ ହୋଇଯାଇଥାନ୍ତା । କିନ୍ତୁ "ଉଣ୍ଡେ ନମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁଗଣ ।"

ଏବେ ପରିଶ୍ରମ ସବୁ ବୃଥା । ଶିକାରରେ ସଫଳ ହେବା କିଛି ନୂଆ କଥା ନୁହେଁ । ସେଥିପାଇଁ ମନରେ ଦୁଃଖ ନାହିଁ । କିନ୍ତୁ କ୍ଷୁଧା ଓ କ୍ଳାନ୍ତିରେ ଏକବାରକେ ଅବଶ ହୋଇ ପଡ଼ିଲଣି । ସନ୍ଧ୍ୟାଏ, ଦେହରେ ପକ୍ଷୀ ଲାଗିଯାଆନ୍ତା କି ଉଡ଼ିଯାଇ କଂସାଏ ପଖାଳ ଠୁଙ୍କି ଖାଆନ୍ତୁ । ମାତ୍ର କଳ୍ପନାବଳରେ କି ଶରୀରରେ ପର ଲାଗିଯାଇପାରେ ? କୁଳମଣି ପାଖକୁ ଫେରି ଦେଖେଁ ତ, ସେ ଖଣ୍ଡିଏ ପଥର ଚଟାଣ ଉପରେ ଗାଢ଼ ନିଦ୍ରାରେ ଅଭିଭୂତ । ଏଥିର ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ମଫସଲ ଲୋକଙ୍କର ଏହା ନିତ୍ୟ ଅଭ୍ୟାସଗତ ବସ୍ତୁ । ତାକୁ ଉଠାଇଲି । ସେ ମଧ୍ୟ ଭୋକରେ ଅଟୁପାଟୁ ହେଲଣି । ସେଠାରୁ ଆମ ଘର ୫।୬ ମାଇଲ ଦୂର । ମେଘଯୋଗୁଁ ବେଳ ଜଣା ପଡ଼ୁ ନ ଥାଏ । ଅନ୍ଦାଜ ୧।୨ଟା ସମୟରୁ କମ୍ ହେବ ନାହିଁ । ଶିକାରୀ ଭକ୍ତଙ୍କର ଠିକଣା କ'ଣ ? କୁଳମଣି ମନେପକାଇଦେଲା— 'କଟକଚାନ୍ଦ୍ର ହାଟ'ରେ ଉତ୍ତମ ଜାମୁକୋଳି ପାଚିଛି । ପାଖଟା ନ ଖୁଲ ଖାଇବ । ମାଂସାହାର ହୋଇଥାନ୍ତା, ନ ହେଲେ ତ ଫଳାହାର ହେବ । ପ୍ରକୃତରାଜ୍ୟରେ ଖାଇବାର କିଛି ଅଭାବ ନାହିଁ ।

ସେ ବଣଟାଯାକ ଖାଲି ଜାମୁଗଛରେ ପୂର୍ଣ୍ଣ । ଗଛଗୁଡ଼ିକ ଫଳ ଭାରରେ ନୁଇଁପଡ଼ିଛନ୍ତି । ବାସ୍ତବିକ୍, "ନମନ୍ତି ଫଳିନୋ ବୃକ୍ଷାଃ ।" ଦୂରଆକାଶର ପକ୍ଷୀ ସେଇଠି ଠୁଳ । ଚେଁ ଚାଁ ଶବ୍ଦରେ ଖଣ୍ଡମଣ୍ଡଳ ଜମାଇ ଦେଉଥାନ୍ତି । ଏତେ ସୁଖରେ ପେଟ ଭରୁଛି । ସେମାନଙ୍କୁ ନଜର ଦେଉଛି କିଏ ? ସୁପକ୍ୱ ଜାମୁକୋଳି ଗୁଡ଼ିକ ଏତେ ସୁସ୍ୱାଦୁ ଯେ ଗୋଟିଏ ଗୋଟିଏ ଖାଇ ଖାଇ ଆକଣ୍ଠ ଭୋଜନ ହୋଇଗଲା । ପାହାଡ଼ର ପାଦଦେଶରେ ବହିଯାଉଥିବା ଝରଣାରୁ ପାଣି ମୁନ୍ଦାଏ ନେଇଁ ପିଇ ଗୋଟିଏ ଲତାକୁଞ୍ଜ ତଳେ ବିଶ୍ରାମ ନେଲୁଁ । କିଛି ସମୟ ପରେ ମୁଁ ଗାଢ଼ ନିଦ୍ରାରେ ଶୋଇ ପଡ଼ିଲି ।

Digitized by srujanika@gmail.com

୩

ଝିପି ଝିପି ବର୍ଷାରେ ହଠାତ୍ ମୋ ନିଦ ଭାଙ୍ଗିଗଲା । ଦେହ ଓ ମନରେ ପୂର୍ଣ୍ଣ ସତେଜତା ଆସିଯାଇଛି । ଧୂଳିମଗ୍ନ ଅବସ୍ଥା ପରେ ବର୍ଷା ଛାଡ଼ିଗଲା । ଏବେ ଟଟକା ଖୋଜ ସବୁ ମିଳିବ । ବନ୍ଧୁକରେ ଗୁଳି ଭର୍ତ୍ତି କରି ପୁନର୍ବାର ଭାଗ୍ୟ ପରୀକ୍ଷା କରିବାକୁ ବାହାରିପଡ଼ିଲି ।

ଚତୁର୍ଦ୍ଦିଗରେ ସତର୍କ ଦୃଷ୍ଟି ଦେଇ, ଦେହକୁ ଶକ୍ତ ଟାଣ କରି, ଲୁଚି ଲୁଚି, ଛପି ଛପି, ଧୀର ପଦକ୍ଷେପରେ ଚାଲିଥାଏଁ । ଶିକାର ସମୟରେ ଶିକାରୀଙ୍କର ବେଶପୋଷାକ ଓ ଚାଲିଚଳନ ଏକ ଦେଖିବାର ଜିନିଷ । କିଛି ଦୂର ଚାଲି ପରେ ପୁଣି ଏକ ଶିଆଳର ଖୋଜ ଆଖିରେ ପଡ଼ିଲା । ଭାଗ୍ୟକୁ ପ୍ରଶଂସା କରି ଦ୍ୱିଗୁଣ ଉତ୍ସାହ ସହ ଖୋଜ ଧରି ଆଗେଇ ଚାଲିଲି । ଯାଉଁ ଯାଉଁ ଗୋଟିଏ ସ୍ଥାନରେ ମହାବଳ ବାଘର ଖୋଜ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ୨୦ । ୨୫ ଗଜ ଆଗକୁ ଯିବା ପରେ ସ୍ପଷ୍ଟ ପ୍ରମାଣିତ ହେଲା ଯେ ବାଘ ଶିଆଳର ପିଛା ଧରି ଚାଲିଛି । ତେଣୁ ମୁଁ ଆହୁରି ସତର୍କ ହୋଇଗଲି । ପୂର୍ବରୁ ମୁଁ ବନ୍ଧୁକର ଗୋଟିଏ ନଳୀରେ ଏଲ. ଜି. ଓ ଗୋଟିଏ ନଳୀରେ ବୁଲେଟ୍ (ଗୁଳି) କାର୍ଟ୍ରିଜ୍ ଭର୍ତ୍ତି କରିଥିଲି । ବର୍ତ୍ତମାନ ଏଲ. ଜି. କୁ ବାହାର କରିଦେଇ ତା ପରିବର୍ତ୍ତେ ସ୍ପେଶାଲ ବଲ (ଶକ୍ତିଶାଳୀ ଗୁଳି) ଭର୍ତ୍ତି କରିନେଲି । ଜୋତା ଓହ୍ଲାଇଦେଇ ଚତୁର୍ଦ୍ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖି ଖୋଜେ ଖୋଜେ ଚାଲୁଛି । ପ୍ରାୟ ୨୦୦ ଗଜ ଚାଲି ପରେ ଶିଆଳ କିମ୍ବା ବାଘଖୋଜର ଚିହ୍ନବର୍ଣ୍ଣ ମିଳିଲା ନାହିଁ । କ'ଣ କୁଆଡ଼େ ଉଡ଼ିଗଲେ ? ସେତେବେଳର ବ୍ୟଗ୍ରତା କଥାରେ କହିହେବ ନାହିଁ ସତେକି ହଜାରେ ଟଙ୍କା ପକେଟମାର ହୋଇଗଲା । ପ୍ରାୟ ୧୦ ମିନିଟ୍ ଅନ୍ଧାର ଘରେ ବାଡ଼ି ବୁଲେଇବା ପରେ କୌଣସି ଜନ୍ତୁ ଛଟପଟ ହେବାର ଶବ୍ଦ ଶୁଣାଗଲା । ବାଘ ଶିଆଳକୁ ଧରିଛି ନିଶ୍ଚୟ । ନୀଳମଣିକୁ ସେହିଠାରେ ରଖାଇଦେଇ ଶବ୍ଦ ଆସୁଥିବା ଦିଗକୁ ଚାଲିଲି ।

ଶବ୍ଦ ନିକଟରୁ ନିକଟତର ହୋଇ ଆସୁଥାଏ । ଗୋଟିଏ ବୁଦାର ଫାଙ୍କ ମଧ୍ୟରେ ଦିଶିଗଲା, ପ୍ରାୟ ୫୦ ଗଜ ଦୂରରେ ବାଘ ଶିଆଳକୁ ଧରିଛି । ମୁହୂର୍ତ୍ତକ ପାଇଁ ଛାତି ଦାଉଁକିନା ହୋଇଗଲା । ପରେ ମୁଁ ନିଜକୁ ସମ୍ଭାଳି ନେଲି । ବାଘ ଶିଆଳର ବେକ ଉପରୁ କାନ ମୂଳରୁ କବ୍ଜ ଧରିଛି । ହତଭାଗା ଶିଆଳର ଗୋଡ଼

Digitized by srujanika@gmail.com

ବାଟେଇ ଛଟପଟ ହେଉଥାଏ । ଜୀବନର ମୋହ କାହାର ନାହିଁ ? ଅନ୍ତ୍ୟକାଳର ସମସ୍ତ ଶକ୍ତି ପ୍ରୟୋଗ କରି ଜୀବ'ର ପାଇବାର ଚେଷ୍ଟା କରୁଥାଏ । ଯମରାଜାଙ୍କର କରାଳ କବଳରୁ ରକ୍ଷା ପାଇବା ବୃଥା ପ୍ରୟାସ ମାତ୍ର । ମର୍ମସ୍ପର୍ଶୀ ଦୃଶ୍ୟ ଜାତ ହେଲା । ମାରିବାକୁ ହେଲେ ଏତେବେଳକେ ମାରିଦେବା ଭଲ । ଧୀରେ ଧୀରେ ତାହାର ପ୍ରାଣ ନେବା ନିତାନ୍ତ ବର୍ବରତା । ବାଘର ଦୃଷ୍ଟିରେ ଥାଇ ଫାୟାର କରିବା କିମ୍ବା ପୃଷ୍ଠଭଙ୍ଗ ଦେବା ଅର୍ଥ ମୃତ୍ୟୁକୁ ବରଣ କରିବା । ଶିକାରୀ ବାଘର ଦୃଷ୍ଟିର ଅନ୍ତରାଳରେ ଥାଇ ଫାୟାର କଲେ ବିପଦର କୌଣସି ଆଶଙ୍କା ନାହିଁ । ବାଘ ଶିକାର ପାଇଁ ଖେଳ । ମୋର ମନ ପୂରା ତାକୁ ସ୍ପର୍ଶ କରିନାହିଁ । ସୁତରାଂ ଭୟ କରିବା କିମ୍ବା ତରବର ହେବାର କୌଣସି ଆବଶ୍ୟକତା ନାହିଁ । ଧୈର୍ଯ୍ୟ ହେଉଛି ମନୁଷ୍ୟର ଶ୍ରେଷ୍ଠ ଧନ । କାନମୂଳରୁ ଧରିଥିବାରୁ ବାଘର ମୁହଁଟି ଶିଙ୍ଘାଳର କାନ ଓ ଶିଂଘାଳର ଆଢୁଆଳରେ ଥାଏ । କପାଳର ଉପରଭାଗରୁ ସାମାନ୍ୟ ଅଂଶ ମାତ୍ର ଦେଖାଯାଉଥାଏ । ଦେହକୁ ସଙ୍କୁଚିତ କରି ଭୂଇଁରେ ଏପରି ଲେପିଟି ପଡ଼ିଥାଏ ଯେ, ପରିଷ୍କାର ଦେଖାଯାଉ ନ ଥାଏ । ଏଭଳି ପରିସ୍ଥିତିରେ ବାଘର କେଉଁ ସ୍ଥାନକୁ ଲକ୍ଷ୍ୟ କରିବ ? ପ୍ରଥମେ କିଛି ସମୟ ପାଇଁ ଯାବରେଇଗଲି । ବାଘକୁ ମାରିବାକୁ ହେବ । ଯାହା ତାହା ଫାୟାର କଲେ ହେବ ନାହିଁ । ସହସମ୍ଭାଳ ହୁସିଆର ହୋଇ କରିବାକୁ ହେବ । ଖଣ୍ଡିଏ ଡାଳରେ ବନ୍ଧୁକ ଜରା ରଖି ବାଘର କପାଳକୁ ଲକ୍ଷ୍ୟ କଲି । ବନ୍ଧୁକର ମଛି ମିଳାଇଲା ମାତ୍ରେ ଫାୟାର କରିଦେଲି । ବନସ୍ଥଳୀ କମ୍ପି ଉଠିଲା । ଶିଙ୍ଘାଳ ଏକ ହୃଦୟବିଦାରକ ଆର୍ତ୍ତରବ କରି ନିସ୍ତବ୍ଧ ହୋଇଗଲା । ବାଘ ସମ୍ପୂର୍ଣ୍ଣ ନୀରବ ନିଶ୍ଚଳ । ବୋଧହୁଏ ବାଘ ଅଚେତ ହୋଇ ପଡ଼ିଛି । ଚେତନା ଫେରିପାଇଲେ ବିପଦର ସମ୍ଭାବନା । ଏଣୁ ମୁଁ ନିକଟରେ ଥିବା ଗୋଟିଏ ଗଛ ଉପରକୁ ଚଢ଼ିଗଲି । ଗଛ ଉପରେ ଥାଇ ଦେଖୁଥାଏ । ପ୍ରାୟ ୧୫ ମିନିଟ ଗତ ହୋଇଗଲା । ବାଘ ମୁହଁରେ ମାଛି ବେଢ଼ିବାକୁ ଆରମ୍ଭ କଲେଣି । ପଡ଼ିକା ଶିକାରୀ ବୁଢ଼ା ନେଉଳ ସେଇ ବାଟଦେଇ ଯାଉଥିଲାବେଳେ ବାଘକୁ ଦେଖି ଦ'ଗୋଡ଼ରେ ଠିଆ ହୋଇପଡ଼ି ଅଙ୍ଗୁଳ ଫୁଲାଇ ଗର୍ଜନ କରି ଫୁଲିଗଲା । ଏଥିରୁ ସ୍ପଷ୍ଟ ଜଣାଗଲା ଯେ, ବାଘର ପ୍ରାଣବାୟୁ କେତେବେଳୁ ଉଡ଼ିଗଲଣି । ତଥାପି ସନ୍ଦେହ ଦୂର କରିବାପାଇଁ ଗୋଟିଏ ଫାଙ୍କା ଆବାଜ କଲି । ସନ୍ଦେହର ଅବକାଶ ରହିଲାନାହିଁ । ତା'ପରେ କୁଲମଣି ଆସିବାକୁ ସିଟି ବଜାଇଲି ।

Digitized by srujanika@gmail.com

ରୁକ୍ମଣୀ ସିଙ୍ଘାଡ଼କୁ ଦେଖି ଆନନ୍ଦରେ ଅଧୀର ହୋଇପଡ଼ିଲେ । ତା'ପରେ ଉତ୍ସବ ଶିକାରକୁ ନେବାର ବନ୍ଦୋ ପଡ଼ିଲାଣି । ଏତେବଡ଼ ଶିଙ୍ଘାଳ, ଯାହାକୁ ସ୍ୱୟଂ ମଣିଷ ନେଇ ଉଠାଇବା ଅସମ୍ଭବ, ତାକୁ ଆମେ ଦୁଇଜଣ ନେବୁ କିପରି ? ଆଉ ଅନେକବାଟ ବି ଦୂର ନାହିଁ । ଅଗତ୍ୟା ବୃକ୍ଷ କାଟି ଶିଙ୍ଘାଳକୁ ଭାଗ କରି ନିଆଗଲା । ରୁକ୍ମଣୀ ଶ୍ରୀକର ଓ ମୁଣ୍ଡସହ ଶିଙ୍ଘକୁ ନେଇ ଛୋଟିଏ ଡାଳଗଛର ଛାଇତଳେ ରଖି ତାଳପତ୍ର ଘୋଡ଼ାଇଦେଲେ । ତାହା ଉପରେ ମଧ୍ୟ ତାଳପତ୍ର ଘୋଡ଼ାଇଦେଲେ । ରୁକ୍ମଣୀ ମାଂସତକ ସାବାଡ଼ କଲେ । ପରେ ପଦ୍ମନ୍ଧ୍ୟକୋଳକୁ ଗାଡ଼ି ପଠାଏ ।

ତହିଁଆରଦିନ ସକାଳୁ ଗ୍ରାମକୁ ଲୋକ ନେଇ ବାଘ, ସିଂହର ଶିଙ୍ଗ ଓ ଶ୍ରୀକର ନେଇଆସିଲେ । ବାଘ ଦେଖିବାପାଇଁ ଗାଁ ସାରା ଲୋକ ଭିଡ଼ ହୋଇପଡ଼ିଲେ । ବାଘ ଜଗୁ ବେହେରା ବୃଦ୍ଧାର କେତେ!କି ମର୍ଦ୍ଦଶ ମାରିଥିଲେ ତା'ର ଚମତ୍କାରିତାକୁ ଭୁଲିବାର ଭଳି ମନର ଝିମାନ ମେଣ୍ଟାଇଲେ ।

ତହସିଲଦାର ବାଘର ଛାଲ ଓ ନଖ ଦାନ୍ତ ରଖି ଗ୍ରାମବାସୀ ସବାଙ୍କୁ ଦେଇ ଭରଣ ଦେଲେ । ଛାଲ ସଫା ପରେ ଶ୍ରୀକରର ଲୁଣ ଦେଇ ଷ୍ଟ୍ୟାମ୍ପ ସାଥେ ମଧ୍ୟ ବୃଦ୍ଧଙ୍କ 'ଉତ୍କଳ ଷ୍ଟ୍ୟାଣ୍ଡର୍ଡ'କୁ ପଠାଇଦିଆଗଲା ।

ଚିତାବାଘ ଶିକାର

୧

ଶୀତଦିନରେ ବାଘଗୁଡ଼ାକ ବେଶି ମାଢ଼ିଆସନ୍ତି । ବାଘବାଘୁଣୀକୁ ଓ ବାଘୁଣୀ ବାଘକୁ ଜଣସାରା ଖୋଜିବୁଲେ । ଖୋଜି ବୁଲିବା ସମୟରେ ମହାବଳ ବାଘର ଦେହଣ୍ଡାଳରେ ଚଣ୍ଡବଳ ଅଧିକ । ହୁଙ୍କାର ଶବ୍ଦ ବଡ଼ ହୋଇଯାଏ । ଗଛକୁ କିଏମାନେ ହୁଣ୍ଡିପଡ଼େ । ଲୋକ ଯେବେ ନିରାପଦ ଅବସ୍ଥାରେ ଥିଲେ ମଧ୍ୟ ମହାବଳ ବାଘର ଗର୍ଜନରେ ହୃତ୍କମ୍ପ ଜାତ ହୁଏ । କେତେକ ଲୋକ ଭୟ ପାଇଯାଆନ୍ତି । ଆଉ କେତେକଙ୍କର ଜ୍ୱରରେ ପଡ଼ିବା ବି ହୋଇଯାଏ । କିନ୍ତୁ ସାହସୀ ଶିକାରୀ ହେଣ୍ଟାଳର ଉତ୍ତର ଦେବାକୁ ପ୍ରସ୍ତୁତ ହୋଇଯାନ୍ତି; ମାରିବାକୁ ମରିବାକୁ ଉତ୍ସାହ ହୋଇଯାଏ । ବାଘ ଯେବେ ହିଂସ୍ର ଓ

Digitized by srujanika@gmail.com

ବଳବାନ୍ ହେଲେ ମଧ୍ଯ ପଶୁ । ମନୁଷ୍ୟର ସାହାସ ଓ ବୁଦ୍ଧି କୌଶଳ ଆଗରେ ତାକୁ ହାର୍ ମାନିବାକୁ ପଡ଼ିବ ନିଶ୍ଚୟ ।

ବାଘ କହିଲେ ଆମେ ମହାବଳ ବାଘକୁହିଁ ବୁଝୁଁ । ଚିତାବାଘକୁ ଆମେ କେନ୍ଦୁଆ ବା ଲୁଙ୍ଗୁଡ଼ା ବାଘ କହୁଁ । ପ୍ରକୃତରେ ଚିତା ବାଘଗୁଡ଼ାକ ବଡ଼ ଲୁଙ୍ଗୁଡ଼ା । ଛେଳିଟାଏ, କୁକୁର ଛୁଆଟାଏ ଲୋଭରେ ଗାଁ ଗଣ୍ଡାରେ ଲୁଙ୍ଗୁଡ଼ିଉଥିବେ । ଏକଥା ଶୁଣି କେତେକଙ୍କୁ ଆଶ୍ଚର୍ଯ୍ୟ ଓ ଅସମ୍ଭବ ବୋଧ ହେଉଥିବ । କିନ୍ତୁ ଏହା ନିଶ୍ଚିତ ସତ୍ୟ । ଅବଶ୍ୟ ଆଜିକାଲି ଆମ ଗାଁ ପାଖରେ ସେ ଜଙ୍ଗଲ ନାହିଁ । ସେ ବାଘ ଉପଦ୍ରବ ଆଉ ନାହିଁ ।

ଥରେ ଗ୍ରୀଷ୍ମମାସ ହୋଇଥାଏ । ପ୍ରତିଦିନ ସନ୍ଧ୍ୟା ଅନ୍ଧାର ହେଉଁ ହେଉଁ ଆମ ଗାଆଁର ପଶ୍ଚିମ ପାଖେ ରଜାଙ୍କ ନଅର ତଳେ ଗୋଟିଏ ଚିତା ବାଘ ହାଉଁ ହାଉଁ ହେଲବେଳକୁ, ତେଣେ ଦକ୍ଷିଣ ପାଖେ ବଉଳ ବଗିଚାରେ ବାଘୁଣୀଟା ହାଉଁ ହାଉଁ ହେଉଥାଏ । ହେଲେ ସେଥିରେ ମହାବଳ ବାଘର ହାମ୍ବୋଳ ପରି ଗମ୍ଭୀରତା ଭୟଙ୍କରତା ନ ଥାଏ । ଏଥିକି ଗ୍ରାମଲୋକଙ୍କର ଟିକେହେଲେ ଡର ନ ଥାଏ । କିନ୍ତୁ ପିଲାମାନେ ଭୟରେ ଥରହର ହୋଇପଡ଼ନ୍ତି । ସେମାନଙ୍କର ଲୁଟୁଘୁଟୁ ପଢ଼ିଆ ବୁଆଡ଼େ ଉଭେଇ ଯାଏ । ଘୋର ଜର ମାଡ଼ିଆସେ ଆଖିକୁ । ନ ଖାଇ ନ ପିଇ ବୁଢ଼ୀମାଆ କୋଳରେ ମୁହଁ ଗୁଞ୍ଜି ଶୋଇପଡ଼ନ୍ତି । ଉକ୍ତ ବାଘ ବାଘୁଣୀ ଯୋଡ଼ା ଗାଁ ଭିତରେ ପଶି ବଡ଼ ଉପଦ୍ରବ କରିବାକୁ ଲାଗିଲେ ।

ସେ ସମୟରେ ରାଜା କିମ୍ବା ରାଜାଙ୍କ ଦ୍ୱାରା ମନୋନୀତ ଶିକାରୀ ବ୍ୟତୀତ ଅନ୍ୟ କେହି ବାଘ ଶିକାର କରିପାରୁ ନ ଥିଲେ । ଉକ୍ତ ବାଘକୁ ମାରିବାର ଭାର ମୋର ବଡ ଦଦେଇଙ୍କ ଉପରେ ନ୍ୟସ୍ତ ଥାଏ । ମୁଁ ବାଘ ଶିକାରକୁ ଯିବାପାଇଁ ଇଚ୍ଛା ପ୍ରକାଶ କରିବାରୁ ବଡ ଦଦେଇ କହିଲେ, "ହେଃ, ଚିତା ବାଘଟାକୁ ଏତେ କଷ୍ଟ କରି ଜଗିବୁ କ'ଣ ? ମୁଁ ଆଜି ଯନ୍ତା ବସାଇଦେଇଛି ବାଘ ଯନ୍ତାରେ ପଡ଼ିଯିବ ।" ମୁଁ ନୀରବ ରହିଲି । ସତକୁ ସତ ତହିଁଆରଦିନ ସକାଳୁ ଉଠିଲାବେଳକୁ ଗାଁଟା ସାରା ହୁଲସ୍ଥୁଲ । ବାଘ ଗର୍ଜନରେ ଗାଁ ଫାଟିପଡ଼ୁଛି । ଚିତାବାଘ ହେଲେ କ'ଣ ହେଲା, ଯେତେହେଲେ ବାଘଜାତି; ବନ୍ଧନରେ ପଡ଼ିଛି । ତା'ର କି ଭୟଙ୍କର ମୂର୍ତ୍ତି ! ଓହୋ, ତା'ର ସେଇ କେଳିକ !! କଥାରେ କହନ୍ତି,

Digitized by srujanika@gmail.com

'ରାମଚନ୍ଦ୍ର ମହାପ୍ରଭୁଙ୍କ ବାଘ ଭେଳକ ଲାଗିଛି, ଆଉ ମଣିଷ କବା ଛୁଟ ଯନ୍ତା ମଧ୍ୟରେ ତା'ର ହନ୍ତର ଅବସ୍ଥା ଦେଖି ଅନେକେ ଭୟରେ ଦବନାଆନ୍ତି । ପଣ୍ଡିଆ ରଜା ବାଘ ଧରିଛନ୍ତି—ଶୁଣ୍ ଶୁଣ୍ ଏ ଖବର ଆଖପାଖ ଗ୍ରାମମାନଙ୍କରେ ବ୍ୟାପିଗଲା । ସେହିଦିନଠାରୁ ଆମ ବାଡ଼ିରେ ଲାଗିଲା ଯାତ୍ରା । ଦୂରଦୂରାନ୍ତରୁ ସ୍ତ୍ରୀ, ପୁରୁଷ, ବାଳକ, ବାଳିକା ଦଳ ଦଳ ହୋଇ ବାଘ ଦେଖିବାକୁ ଆସୁଥାଆନ୍ତି ।

୨

ବାଘୁଣୀ ଯନ୍ତାରେ ପଡ଼ିବାଦିନୁ ବାଘ ଏକପ୍ରକାର କ୍ରୋଧାନ୍ଧ ହୋଇପଡ଼ିଲା । ବାଘୁଣୀକୁ ମୁକ୍ତ କରିବ ବୋଲି ଯନ୍ତାକୁ କାମୁଡ଼ି ଝାମ୍ପୁଡ଼ି ବହୁ ଚେଷ୍ଟା କଲେ । ମାତ୍ର ସବୁ ବୃଥା । ପ୍ରତିଦିନ ହାଉଁ ହାଉଁ ହୋଇ ଗାଆଁ ଚଉପାଖେ ବୁଲେ । ସନ୍ଧ୍ୟାପରେ ଲୋକମାନେ ଘରୁ ବାହାରିପାରିଲେ ନାହିଁ । ଆଠଦିନ ହୋଇଗଲାଣି । ବାଘ କୌଣସି ଶିକାର କରିନାହିଁ । ଶିକାରୀ ଛେଳି କିମ୍ବା କୁକୁର ବାନ୍ଧି ଜଗିଲେ ମଧ୍ୟ ବାଘ ପାଖ ପଶୁନାହିଁ । ବୋଧହୁଏ ବାଘୁଣୀର ବିଚ୍ଛେଦ ହିଁ ଏହାର କାରଣ । ପଶୁପକ୍ଷୀମାନଙ୍କର ମଧ୍ୟ ପ୍ରିୟର ବିଚ୍ଛେଦରେ ଦୁଃଖ ଜାତ ହୁଏ । ବାଘ ବାଘୁଣୀର ବିଚ୍ଛେଦରେ ଝୁରିହେବା ଅସ୍ୱାଭାବିକ ନୁହେଁ । ବାଘର ଦାଉରୁ ରକ୍ଷା ପାଇବା ଚିନ୍ତାର ବିଷୟ ହୋଇପଡ଼ିଲା ।

ଏ ମଧ୍ୟରେ ମୁଁ ଗୋଟିଏ ହରିଣ ଶିକାର କରିଥିଲି । ଆମେ ରାଜବଂଶର ଲୋକେ ଶିକାର କଲେ ବ୍ରାହ୍ମଣ ଶାସନକୁ ପଠାଇଥାଉ । ସେହି ହିସାବରେ ମୁଁ ମଧ୍ୟ କିଛି ପଠାଇଥିଲି । କିନ୍ତୁ ଶାସନ ମଧ୍ୟରେ କେହି କେହି ମିରିଗ ମାଂସ ଖାଆନ୍ତି ନାହିଁ; ଖୁରୁଙ୍ଗ ମାଂସ ଖାଆନ୍ତି । ଏକଥା ମୋତେ ଜଣା ନ ଥିଲା । ସ୍ୱର୍ଗତ ରଘୁ ରଥ ଶାସନର ଜଣେ ମୁଖ୍ୟ ଓ ବୟୋବୃଦ୍ଧ ବ୍ୟକ୍ତି । ସେ ମୋତେ ପୁତ୍ରବତ୍ ସ୍ନେହ କରନ୍ତି । ଖୁରୁଙ୍ଗ ମାଂସ ପାଇଁ ସେ ମୋ ନିକଟକୁ ଖବର ପଠାଇଲେ । ଶୁଣି, ବ୍ରାହ୍ମଣଙ୍କର ସେବା କରିବା ପରମ ସୌଭାଗ୍ୟର ବିଷୟ ବୋଲି ମୁଁ ମନେକଲି । ଡେରି ନ କରି ପରଦିନ ଖୁବ୍ ସକାଳୁ ଶିକାରକୁ ବାହାରିପଡ଼ିଲି । ଏ ପ୍ରକାର ଶିକାରରେ ଅନ୍ଧ ଧୂଳିଆ ବୁଲିବା କଥା । ଚୌଆଖିଆ ହୋଇ ଲୁଚି ଲୁଚି ଛପି ଛପି ଯାଉ ଯାଉ ଦୈବାତ୍ ଶିକାର ହାବୁଡ଼ିଯାଏ । ମୁଁ ଏହିପରି ଯାଉଛି, ଗୋଟିଏ ଜାଗାରେ ଘନ ଗହଳ ଲତା ପଦ ପଡ଼ିଛି । ଶୀତଦିନ । ଖୁବ୍ କାକର

Digitized by srujanika@gmail.com

ଯାଉଥାଏ । ଜ୍ୟୋସ୍ନା ଓଢା ହୋଇଥିବା ଉପ୍ୟରେ ମୁଁ ଟିକଏ ଗଡାପଡି ଚାଲିଗଲି । ଖୁରୁଙ୍ଗଟା କେଉଁଠାରେ ଥିଲା ମୋତେ ଦେଖି ତେଣି ତେଣି ପଳାଇବାକୁ ଆରମ୍ଭ କଲା । ସେଇ ଜିଆଁକୁ ଲକ୍ଷ୍ୟ କରି ପଲକମାତ୍ରେ ଏଲ୍. ଜି. ଟିକୁ ଛାଡ଼ିଦେଲି । ଦୁର୍ଭାଗ୍ୟକୁ ଏଲ୍. ଜି. ଯାଇ ଖୁରୁଙ୍ଗର ପଛପାଗରେ ଲାଗିଲା । ଫଳରେ ସେ ଘୃଷୁଡି ଘୃଷୁଡି ପଳାଇଲା । କିନ୍ତୁ ରକ୍ତ ଢାଳିଦେଇ ଯାଉଥାଏ । ଶିକାର ହସ୍ତଗତ ହେବାରେ ଆଉ ସନ୍ଦେହ ନାହିଁ । ତେବେ ଟିକଏ ସମୟ ଓ ପରିଶ୍ରମ ଲାଗିବ ।

ଗ୍ରାମର ଅନତିଦୂରରେ 'ଘରଭୋଳା ମୁଣ୍ଡିଆ' ନାମରେ ଗୋଟିଏ ଛୋଟ ପାହାଡ ଅଛି । ସେ ପାହାଡଟା ଗୁଳୁଗୁଡିଆ ଲଟାରେ ପୂର୍ଣ୍ଣ । ତା'ର ଭିତରକୁ ଖୁରୁଙ୍ଗଟା ପଶିଛି । ମୁଁ ନଇଁ ନଇଁ ରକ୍ତକୁ ଗୋଡ଼େଇ ଚାଲିଛି । ସେତେବେଳେ କୌଣସି ଅପ୍ରତ୍ୟାଶିତ ବିପଦର ସମ୍ମୁଖୀନ ହେବାର କଳ୍ପନା ସୁଦ୍ଧା ମୁଁ କରି ନ ଥିଲି । ଗୋଟିଏ ନଘଞ୍ଚ ଆରୁଣ୍ଡି ବୁଦା ଭିତରୁ ହଠାତ୍ ଚିତା ବାଘଟାଏ ଘୋର ଗର୍ଜ୍ଜନ କରି ମୋ ଆଡକୁ ଛୁଟିଆସିଲା । ମୁଁ ସଙ୍ଗେ ସଙ୍ଗେ ଅଟଳ ମହାମେରୁ ଭଳି ଛିଡ଼ା ହୋଇଗଲି । ସେତେବେଳେ ମୋର ହୃତ୍ପିଣ୍ଡର ଗତି କେତେ ସେକେଣ୍ଡ ପାଇଁ କେଜାଣି କେତେ ଦ୍ରୁତ ହୋଇଗଲା । ସାକ୍ଷାତ୍ ଯମରାଜ ସମ୍ମୁଖରେ ଦଣ୍ଡାୟମାନ । ବାଘକୁ ମୁଁ ଭୟ କରେ ନାହିଁ । କିନ୍ତୁ ଏହି ଆକସ୍ମିକ ଆଗମନ ପାଇଁ ମୁଁ ପ୍ରସ୍ତୁତ ନ ଥିଲି । ପଛକୁ ହଟିବା ଅର୍ଥ ମୃତ୍ୟୁକୁ ବରଣ କରିବା । ଏପରି ଘଟଣାରେ ମନୁଷ୍ୟ ବୁଦ୍ଧିହୀନ ହୋଇପଡେ । ସ୍ୱବଦା ଚନ୍ଦ୍ରବା ଘରେ ଓ ସ୍ୱଜ୍ଞ ସମିଥରେ । ଏପରି ସମୟରେ ମନୁଷ୍ୟକୁ ଐଶ୍ୱରିକ ଶକ୍ତି ସହାୟକ ହୁଏ । ବାଘ ମୋ ପାଖରୁ ମାତ୍ର ୧୦।୧୧ ହାତ ଦୂରରେ ଅଟକିଗଲା । ପଛ ଦୁ ଗୋଡରେ ବସିଯାଇ ଲାଙ୍ଗୁଳକୁ ତଳେ ବାଡେଇ ଏତେ ବଡ ଆଁ କରି ମୋ ଉପରକୁ ଡେଇଁବାକୁ ଉଦ୍ୟତ । ଜୀବନର କରୁଣ ସ୍ୱର ମୋତେ ମୃତ୍ୟୁ ସଙ୍ଗେ ଲଢିବାର ଘୋଷଣା କରିଦେଲା । ବାଘ ମୋ ଉପରକୁ ଉହୁଙ୍କି ପଡ଼ୁ ପୁଣି ଅଟକିଗଲା । ବାଘ ବୋଧହୁଏ ଭାବିଲା — ଏ ଦୁଗୋଡ଼ିଆ ଜୀବ, ରକ୍ତପିପାସୁ; କଳା କଳା ଲୁହାକାଠ ନେଇ ମୋର ଜୀବନ ନେବାକୁ ଆସିଛି । ଏହି ଅପମାନ ଓ ଧୃଷ୍ଟତାର ଏକମାତ୍ର ଜବାବ ଶତ୍ରୁର ସତ୍ତା ଲୋପ କରିଦେବା ।

Digitized by srujanika@gmail.com

ଏଣେ ମୁଁ ଭାବୁଥାଏଁ ଯଦି ଫାୟାର କରିବି, ତେବେ ବାଘ ପଡ଼ିଲେ ମଧ୍ୟ ମୋ ଉପରେ ଗ୍ରେଟ ଲଗାଇବ । ଏଥିପାଇଁ ମୁଁ ବନ୍ଧୁକରେ ଘୋଡ଼ା ଚଢ଼ାଇ ଠିଆ ହୋଇଥାଏଁ । ପ୍ରଥମେ ମୁଁ ଆକ୍ରମଣ କରିବି ନାହିଁ । ଯଦି ବାଘ ମୋ ଉପରକୁ ଡେଇଁବ, ତେବେ ମୁଁ ଫାୟାର କରିବି ଏବଂ ଆତ୍ମରକ୍ଷା ପାଇଁ ଯାହା ଦରକାର, ତା କରିବି । ଏହି ଘଟଣା ଲେଖିବାକୁ ଓ ପଢ଼ିବାକୁ ଡେରି ଲାଗୁଛି; କିନ୍ତୁ ଏସବୁ କଥା ଏକ ମିନିଟରେ ହୋଇଗଲା । ଏକ ମିନିଟ ଯାଏଁ ଆମେ ଦୁହେଁ ଜଡ଼ା ଭଳି ହୋଇ ରହିଲୁ । ବାଘ ଗର ଗର ହେଉଥାଏ । ତା'ର ଆଖିରୁ ଅଗ୍ନିକଣା ନିର୍ଗତ ହେଉଥାଏ । ମୁଁ ଫାୟାର କଲି ନାହିଁ କି ସେ ମୋତେ ଆକ୍ରମଣ କଲାନାହିଁ । ଏହି ଏକ ମିନିଟ ମୋ ପକ୍ଷରେ ଏକ ଯୁଗ ପରି ଥିଲା । ଶେଷରେ ବାଘ ଏକଦମ ବୁଲିପଡ଼ି ଆଖି ପିଛୁଳାକେ ବନଜଙ୍ଗଲ ମଧ୍ୟରେ ଅଦୃଶ୍ୟ ହୋଇଗଲା । ମୁଁ ପରମେଶ୍ୱରଙ୍କୁ କୋଟି କୋଟି ଧନ୍ୟବାଦ ଦେଇ ସେହିଠାରେ ଟିକିଏ ବସିପଡ଼ିଲି ।

୩

ସେତେବେଳକୁ ବାଲରବିଙ୍କର ଅପୂର୍ବ କିରଣଚ୍ଛଟା ପ୍ରକାଶ ପାଇଗଲାଣି । ଘାସ, ଗଛ, ଲତା ସବୁଆଡ଼େ ଶିଶିର ବିନ୍ଦୁରେ ପରିପୂର୍ଣ୍ଣ । ସୂର୍ଯ୍ୟକିରଣରେ ସେଗୁଡ଼ିକ ଝଲସି ଉଠୁଥାଏ । ସତେ ଯେପରି ଅସଂଖ୍ୟ ମୁକ୍ତାଜାଲ ବିଛେଇ ହୋଇପଡ଼ିଛି । ବନଚରମାନେ ଖାଦ୍ୟ ନିଜର ପ୍ରିୟ ସହିତ ମିଳିତ ହେବାପାଇଁ ଦୌଡ଼ାଦୌଡ଼ି ଲଗାଇ ଦେଇଥାନ୍ତି । ପକ୍ଷୀମାନଙ୍କର ପ୍ରଭାତ ସଙ୍ଗୀତ ଆରମ୍ଭ ହୋଇ ଯାଇଥାଏ । ବଣ ପାହାଡ଼ର ପ୍ରଭାତକାଳୀନ ଶାନ୍ତ ସ୍ନିଗ୍ଧ ପରିବେଶ ଅତୀବ ମନୋରମ ଓ ଶାନ୍ତିଦାୟକ । ସୂର୍ଯ୍ୟଙ୍କର ସୁଖଦାୟିନୀ କିରଣ ସେତେବେଳେ ମୋ ପକ୍ଷରେ ବେଶ୍ ଆରାମପ୍ରଦ ଥିଲା । ସୁଷମାନ୍ତ ଖରା ଅତ୍ୟନ୍ତ ସୁଖକର । ଜଙ୍ଗଲର ଆଶାରେ ଲୋକ ଦୁଃଖକଷ୍ଟ, ବିପଦ ଆପଦ ସବୁ ଭୁଲିଯାଏ । ମାତ୍ର ଜଙ୍ଗଲର ପରେ ମନୁଷ୍ୟର ମନ ସ୍ୱତଃ ସାମୟିକ ଭାବରେ ଶିଥିଳ ହୋଇପଡ଼େ । ଶୀତ ଦିନରରେ ବନଜଙ୍ଗଲରେ ପଶିବାପାଇଁ ମୋର ଇଚ୍ଛା ବଳିଲା ନାହିଁ । ସକାଳ, ତାକର ଗୁଡ଼ି, ଗ୍ରାହକଙ୍କୁ ଦେଖିବା । ଖୋଲା ଜାଗାରେ ଖଣ୍ଡିଏ ପଥର ଚଟାଣ ଉପରେ ଖରା ପୋଇଁବାରେ ଲାଗିଲି ।

Digitized by srujanika@gmail.com

ଖଣ୍ଡୁଆ (କୃଷିରକ୍ଷୀ) ମାନେ ରାତିରେ ଜଙ୍ଗଲ ଜମିର ଫସଲ ଜଗିବାକୁ ଯାଉଥିଲେ । ପରସ୍ପର କଥାବାର୍ତ୍ତା ହୋଇ ପାହାଡ଼ ତଳ ରାସ୍ତା ଦେଇ ଫେରୁଥାନ୍ତି । ସେମାନଙ୍କ ମଧ୍ୟରେ ନବଘନ ଥିବାର କଣ୍ଠସ୍ୱରରୁ ଜାଣିପାରିଲି । ନବଘନ ହେଉଛନ୍ତି, ଆମର ପୂର୍ବ କଥିତ ଶିକାରୀ ସ୍ୱାମୀ ରମଣଙ୍କ ପୁଅ । ଲୋକେ କହନ୍ତି, "ଯାହାର ବାପ ଚଢ଼ିଥାଏ ଘୋଡ଼ା, ତା'ର ପୁଅ ଚଢ଼େ ଥୋଡ଼ା ଥୋଡ଼ା ।" ନବଘନ ବାପାଙ୍କଠୁଁ ବଳି ଶିକାରପ୍ରିୟ । ସେ ଶିକାର ନିଶାରେ ଖିଆପିଆ, ଘରସଂସାର ଭୁଲିଯାଏ । ମାଂସ ଖାଇବା ବିଷୟରେ ସେ ଗୋଟିଏ ରାକ୍ଷସ । ଶୁଣିଲେ ଆଶ୍ଚର୍ଯ୍ୟ ହେବ—ଶିକାର ହେଲେ ସେ ସେହି ଜଙ୍ଗଲରେ ପୋଡ଼ିକରି ପେଟେ ଠିକ୍ କିଦେବ । ଏତେବେଳେ ନବଘନର ସାହାଯ୍ୟ ନିତାନ୍ତ ଆବଶ୍ୟକ ବୋଲି ମନେ କଲି । ବଡ଼ପାଟି କରି ନବଘନକୁ ଡାକ ପକାଇଲି । ଶାଗୁଣା ମଢ଼ର ଗନ୍ଧ ପାଇ ଯେପରି ଛୁଟିଆସେ, ନବଘନ ମୋ ପାଟି ଶୁଣି ସେହିପରି ଛୁଟିଆସିଲା । ଖୁରୁଙ୍ଗ ଘାଇଆ ହୋଇଥିବାର ଶୁଣି ତାର ଆନନ୍ଦ କୁଳାଇଲା ନାହିଁ । ଖୁରୁଙ୍ଗକୁ ଖୋଜିବା ପୂର୍ବରୁ ବାଘ ଯେଉଁ ଅରୁଣ୍ଡି ବୁଦାରୁ ବାହାରିଥିଲା ତାକୁ ଦେଖିଲୁଁ । ସେ ବୁଦା ଭିତରକୁ ପଶିଗଲାବେଳକୁ ଓହୋ, ଯେଉଁ ଗାଦ୍ ଗନ୍ଧ ! ନାକ ଫାଟିପଡୁଥାଏ । ମଳ, ମୂତ୍ର ଓ ଲୋମରେ ସେ ସ୍ଥାନଟି ଭରିଯାଇଛି । ଶୋଇବା ସ୍ଥାନଟି ଖାଲ ହୋଇଗଲାଣି । ଏଥିରୁ ପରିଷ୍କାର ବୁଝାଗଲା, ବାଘ ବହୁବେଳେ ଏଇଠାରେ ବରାବର ରହୁଛି । ଏହାପରେ ନବଘନକୁ ଖୁରୁଙ୍ଗର ରକ୍ତ ଦେଖାଇଦେଲି । ସେ ଜଣେ ପକ୍କା ଶିକାରୀ । ଜନ୍ତୁର ଲୋମ କି ରକ୍ତ ଟିକିଏ ପାଇଲେ ଶୁଙ୍ଘି ଶୁଙ୍ଘି ତାକୁ ବାହାର କରିପାରିବ । ଆମେ ଖୁରୁଙ୍ଗ ଖୋଜିବାକୁ ବାହାରିପଡ଼ିଲୁ ।

କିଛି ସମୟ ପରେ ଦେଖିଲୁ, ଖୁରୁଙ୍ଗ ଗୋଟିଏ ବୁଦା ଭିତରେ ପଡ଼ିଛି । କିନ୍ତୁ ମରିନାହିଁ । ଆଉ ଗୋଟିଏ ଫାୟାର ନ କଲେ ଶିକାର ହସ୍ତଗତ ହେବା ଅସମ୍ଭବ । ତେଣୁ ମୁଁ ବନ୍ଧୁକରେ ୯ ନମ୍ବର ଛରସ୍ କାର୍ତ୍ତୁସଟିଏ ଲୋଡ୍ କରି ଆସ୍ତେ ଆସ୍ତେ ଛପି ଛପି ଗଲି । ଦୂରରୁ ବୁଦା ଭିତରେ ଖୁରୁଙ୍ଗ ପଡ଼ିଥିବାର ଝିଲିମିଲି ହୋଇ ଦେଖାଯାଉଥାଏ । ଡାଳପତ୍ର ଗହଳରେ ଫାୟାର କରିବା ଅକାରଣ । ନବଘନକୁ କହିଲି, "ମୁଁ ବୁଦାର ଆର ପାଖରେ ଠିଆ ହେଉଛି । ତୁ ଏପାଖରୁ ହୁରୁଡ଼େଇ ଦେ ।" ସେହିପରି ହେଲା । ଖୁରୁଙ୍ଗ ଆଗ ଦ'ଗୋଡ଼ରେ ପଡ଼ି

Digitized by srujanika@gmail.com

ଉଠି ପଳାଉଥିବାବେଳକୁ ମୁଁ ତା'ର ମୁଣ୍ଡକୁ ଲକ୍ଷ୍ୟ କରି ଫାୟାର କରିଦେଲି । ସଙ୍ଗେ ସଙ୍ଗେ ସେଇଠି ଚଳପଡ଼ିଲା । ମସ୍ତବଡ଼ ଖଣ୍ଟୁଆ ଶିଆଳ (ଦୁଷ୍ଟ ଖଣ୍ଟୁଆ) । ନବଘନ ନ କହିଥିଲେ ଏତେବଡ଼ ଜନ୍ତୁକୁ ନେବା ମୋ ପକ୍ଷରେ କାଠିକର ପାଠ ହୋଇଥାନ୍ତା । ସାଧୁସନ୍ଥ, ଗୁରୁ, ବ୍ରାହ୍ମଣଙ୍କ ସେବା ପାଇଁ ମାଂସ ପଠାଇଦେଇ ପରମ ସନ୍ତୋଷ ଲାଭ କଲି ।

୪

ଏ ମଧ୍ୟରେ ବାଘ ମଡ଼ କରିନାହିଁ । କିନ୍ତୁ ୨ଟି ଗୋରୁ ଖଣ୍ଡିଆ ଖାବଡ଼ା ଦେଖାଯାଉଛି । ଶବରୁଣୀମାନେ କାଠ କାଟ ପାଇଁ ଜଙ୍ଗଲକୁ ଯାଆନ୍ତି । ବାଘ ଡାକୁଛି ଶିଖି ସେମାନଙ୍କୁ କେତେଥର ଘଉଡ଼ିଦେଇଛି । ବାଘକୁ ମାରିବାପାଇଁ ଶିକାରୀମାନଙ୍କ ମଧ୍ୟରେ ଉନ୍ମାଦନା ଯୋଗ ଦେଇଥାଏ । ମୁଁ ସ୍ୱଜାସାହେବଙ୍କୁ କହିଲି, "ବାଘ ଘରଫେରନ୍ତା ମୁଣ୍ଡିଆରେ ଜଗିବାକୁ ରହିବୁ । 'ଅଡ଼' (ଏକପ୍ରକାର ଶିକାର ପଦ୍ଧତି) କଲେ ନିଶ୍ଚୟ ମାଡ଼ ଖାଇଯିବ ।" ସ୍ୱଜାଙ୍କ ମନକୁ ଏକଥା ବେଶ ପାଇଲା । ସଙ୍ଗେ ସଙ୍ଗେ ସବୁ ବନ୍ଦୋବସ୍ତ ହୋଇଗଲା । ଆଜି 'ଅଡ଼' ହେବ । ବାଜା ବଜନ୍ତ୍ରୀ ସହ ପ୍ରାୟ ଶହେ ଜଣ ଖଣ୍ଡେ ବେଠିଆ ବେଗାରି ଜମା ହୋଇଗଲେଣି । ସେମାନଙ୍କର ପରିଚାଳନା ଭାର ଥାଏ ଗୋପୀସାମନ୍ତଙ୍କ ଉପରେ । ତାଙ୍କ ବ୍ୟାପାର ଆମେ ୪ ଜଣ ଶିକାରୀ ଯାଇଥାଉଁ । ପ୍ରଥମେ ଆମ ଭିତରେ ଗୋଟିଏ ମଞ୍ଚା ସଜ୍ଜ ବସିବୁ । ଶିକାରୀମାନେ ପଶ୍ଚିମ ପଟେ ୨୦୦ ଗଜ ଲେଖାଁ ତଫାତରେ ରହିବେ । ବେଠିଆମାନେ ପୂର୍ବପାଖରୁ ଡାକିକରି ପଶ୍ଚିମ ଆଡ଼କୁ ଆସିବେ । ଘେର ଭାଙ୍ଗି ବାଘ ସେପରି ଖସି ନ ଯାଏ, ସେଥିପ୍ରତି ଗୋପୀସାଆନ୍ତ ଦାୟିତ୍ୱ ମୁଣ୍ଡାଇଲେ । ଶିକାରୀଙ୍କର ବସିବା ସ୍ଥାନ ନିରୂପଣ ହୋଇଗଲା । ଯେ ଯାହା ଆସ୍ଥାନ ଜମାଇନେବା ପରେ ମୁଁ ସିଟି ବଜାଇଲି । ବେଠିଆମାନେ ଢୋଲ ପିଟି ମହା କୋଳାହଳ କରି ଆଗେଇ ଆସୁଥାନ୍ତି । ସତେ କି ମସ୍ୱମନ୍ଥନ କରିପକାଇବେ । ପ୍ରଥମେ ହରିଣୀଟିଏ ତାହାର ଦୁଇଟି ଶିଶୁ ଶାବକଙ୍କ ସହିତ ବାହାରିପଡ଼ିଲା । ହରିଣୀ ଉଦ୍‌ବ୍ୟସ୍ତ ହୋଇ ଭୀତର ସ୍ୱରରେ ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କରି ବୁଲୁଥାନ୍ତି । ଅଜ୍ଞାନ ଶିଶୁ ଦୁଇଟି କିଛି ବୁଝି ନ ପାରି ମାଆକୁ ଅନୁସରଣ କରୁ ସେତେବେଳେ 'ମୃଗୁଣୀ ସ୍ତୁତି' କଥା ମାନସପଟରେ ଖେଳିଗଲା ।

Digitized by srujanika@gmail.com

ବାଘକୁ ଗୁଳି କରିବା ପୂର୍ବରୁ ଅନ୍ୟ କୌଣସି ଜନ୍ତୁ ଉପରକୁ ଫାୟାର ନ କରିବା ପାଇଁ କଡ଼ା ତାଗିଦ୍ ଥାଏ । ତେଣୁ କେହି ଫାୟାର କଲେ ନାହିଁ । ଦକ୍ଷିଣୀ ଝୁଲିଗଲା । ତା ପରେ ଖୁରୁଙ୍ଗ, ଖୁରାଣ୍ଡି, ଠେକୁଆଙ୍କ ମଧ୍ୟରେ ହୁଲସ୍ଥୂଲ ପଡ଼ିଗଲା । ଏଣେ ତେଣେ ଧାଁ ଦଉଡ଼ ଲଗାଇଦେଇଥାନ୍ତି । ହାଙ୍କ କରୁଥିବା ଲୋକେ କ୍ରମେ ନିକଟବର୍ତ୍ତୀ ହୋଇଯିବାରୁ ବାଘ ଆଉ ସମ୍ଭାଳି ପାରିଲା ନାହିଁ । ଘୋର ଗର୍ଜନ କରି ଆସ୍ଥାନ ଛାଡ଼ିଲା । ସେ କୁଦା ମାରି ଡେଇଁବା ବେଳକୁ ପଶ୍ଚିମପଟେ ଥିବା ପ୍ରଥମ ଶିକାରୀଙ୍କୁ ସୁଯୋଗ ମିଳିଲା । ସେ ଫାୟାର କଲେ; କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇଗଲା । ତା ପରେ ମୋର ପାଳି । ମୁଁ ବନ୍ଧୁକରେ ଘୋଡ଼ା ଚଢ଼ାଇ ତୟାର । ବାଘ ଦୃଷ୍ଟିଗୋଚର ହେଲା । ମୁଁ ବାଘର ତଣ୍ଟିକୁ ବନ୍ଧୁକ ଚଳାଉଥାଏଁ । ବାଘର ଦେହ ସଙ୍ଗେ ବନ୍ଧୁକର ନଳି (Barrel) ମିଶିଗଲେ ଦାଗିଦେବି । ଏହି ସମୟରେ ମୋର ବନ୍ଧୁକର ସାମନାରେ ଜଣେ ଲୋକ ବାହାରିପଡ଼ିଲା । ହାୟ, ହାୟ ! ଆଉ ଏକ ମୁହୂର୍ତ୍ତରେ କ'ଣ ହୋଇଯାଇଥାନ୍ତା !! ମୁଁ ହାତ ବାନ୍ଧି ରହିଗଲି । ବାଘ ଛକି ଲୋକ ଉପରକୁ କୁଦିପଡ଼ି ଖଣ୍ଡିଆ ଖାବୁଡ଼ା କରି ପଳାଇଲା । ଆଜି ଶିକାର ଶେଷ ।

ମୁଁ ଗଛ ଉପରୁ ଓହ୍ଲାଇପଡ଼ି ଆହତ ଲୋକଟି ପାଖକୁ ଦୌଡ଼ିଗଲି । ସେତେବେଳକୁ ତା ଚାରିପାଖରେ ଲୋକେ ଘେରିଯାଇ ଖାଲି ହାଉ ହାଉ ହେଉଥାନ୍ତି । ମୁଁ ଲୋକଙ୍କୁ ଆଡ଼େଇ ଦେଇ ଯାଇ ଦେଖିଲି, ଆଘାତ ଖୁବ୍ ଜୋର ହୋଇଛି । ଛାତି, ମୁହଁ ଓ ବାହୁରେ ବାଘର ନଖ ଲାଗି ରକ୍ତାକ୍ତ ହୋଇଯାଇଛି । କିନ୍ତୁ ଦାନ୍ତ ବସିନାହିଁ । ଦୁଇ ଜଣ ଲୋକଙ୍କ ଦ୍ୱାରା ମୁଁ ତାକୁ ସଙ୍ଗେ ସଙ୍ଗେ ଆମ ଘରକୁ ନେଇଆସିଲି । ଗରମ ପାଣିରେ ପଟାସ ପାରମାଙ୍ଗନେଟ ପକାଇ କ୍ଷତ ସ୍ଥାନକୁ ଭଲକରି ଧୋଇଦେଲି । ସଫା ସରୁକନାରେ ପୋଛି ପୋଛି କରି ଟିଙ୍କ୍‌ଚର ଆଇଓଡ଼ିନ୍ ଲଗାଇ ପଟି ବାନ୍ଧିଦେଲି । ସ୍କାଉଟ୍ ଟ୍ରେନିଂରେ ଫାଷ୍ଟ୍ ଏଡ୍ ଶିକ୍ଷା ପାଇଥିବାରୁ ପ୍ରାଥମିକ ଚିକିତ୍ସାରେ କୌଣସି ଅସୁବିଧା ହେଲାନାହିଁ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାକୁ ପଠାଇବା ଅନାବଶ୍ୟକ ମନେ ହେଲା । ପଟି ବନ୍ଧା ସରିବାପରେ ଗିଲାସେ ଗରମ ଦୁଧ ସହିତ କିଛି ବ୍ରାଣ୍ଡି ମିଶାଇ ଖାଇବାକୁ ଦେଲି । ପୂରା ବିଶ୍ରାମ କରିବାକୁ ଉପଦେଶ ଦେଇ ତାକୁ ତା ଘରକୁ ପଠାଇଦେଲି ।

Digitized by srujanika@gmail.com

୪

ସେଦିନ ଅଭ୍ର ଶିକାରରେ ବାଘ ସମ୍ବନ୍ଧୀ ବୋକା ବନେଇ ଖସି ଚାଲିଗଲା । ସାମନାସାମନି ବାଘକୁ ମାରିବା ସହଜ ଓ ସମ୍ଭବ କଥା ନୁହେଁ । ଏହାଦ୍ୱାରା ନିଜେ ଶିକାର ହୋଇଯିବାର ଆଶଙ୍କା ଅଛି । ଯେ ବୀରତ୍ୱ ଓ ସାହସର ସହିତ ତାକୁ ଧୋକା ଦେଇପାରିବ, ସେହି ଏକା ତାକୁ ମାରିବାପାଇଁ ସମର୍ଥ ହେବ । ଧୋକା ଦେଇ ମାରିବା ଯଦି ପାପ ହୁଏ, ତେବେ ଯେ ଶତ୍ରୁକୁ ପାଳେ ସେ ମୂର୍ଖ । ଗୋଖାଦକ ଓ ଅତ୍ୟାଚାରୀକୁ କଳେ, ବଳେ, କୌଶଳେ ମାରିବା ପାପ ବୋଲି ମୁଁ ମାନିବାକୁ ପ୍ରସ୍ତୁତ ନୁହେଁ । ଶତ୍ରୁକୁ ପାଳିବା ଅର୍ଥ—"ପୟଃପାନଂ ଭୁଜଙ୍ଗାନାଂ କେବଳଂ ବିଷବର୍ଦ୍ଧନମ୍" ।

ଏହାର ଦୁଇ ତିନି ଦିନ ପରେ ବାଘ ଖୋଦ ରାଜାଙ୍କର ଏକ ଗର୍ଭିଣୀ ଛେଳିକୁ ମାରିଲା । ପୁଣି ତାଙ୍କର ନଅର ତଳେ । ସେ ସମୟରେ ଚା ଖାଇବାର ବିଶେଷ ପ୍ରଚଳନ ଆମ ଅଞ୍ଚଳରେ ନ ଥିଲା । ସକାଳୁ ମୁଁ ଗରମ ଗରମ ମୁଢ଼ି ସଙ୍ଗରେ ସୋରିଷ ତେଲ ଗୋଳେଇ ଖାଉଛି, ଏହି ସମୟରେ ରାଜାଙ୍କ ଗୁମାସ୍ତା ଡାକରା ଆସିଲା । ବାଘ ମଡ଼ ପକାଇଛି ଶୁଣି ଆଉ ଖାଇବା କଥା ପଚାରେ କିଏ ? ସଙ୍ଗେ ସଙ୍ଗେ ଛୁଟିଗଲି । ରାଜାଙ୍କ ସଙ୍ଗେ ଦେଖାକରି ମଡ଼ପାଖରେ ଉପସ୍ଥିତ ହେଲି । ମଡ଼ର ଅବସ୍ଥା ଦେଖି ଆନନ୍ଦର ସୀମା ରହିଲା ନାହିଁ । କାହିଁକନା, ବାଘ ଛେଳିର ପଶ୍ଚାପାଖରୁ ଅଳ୍ପ ମାଂସ ଖାଇଛି । ପେଟପୂରା କରି ଖାଇବାକୁ ବୋଧହୁଏ ସମୟ ପାଇନାହିଁ ; ରାତି ପାହିଗଲା । ବାଘ ଛେଳିକୁ ଗୋଟିଏ ଲଟିଭିତରକୁ ଭିଡ଼ିନେଇ ତା ଉପରେ ତାଳପତ୍ର ଘୋଡ଼ାଇ ଦେଇ ଚାଲିଯାଇଛି । ଅଧା ଥରେ ଆସି ମାଂସ ଖାଇବାର ଲୋଭ ଥିଲେ ବାଘ ମଡ଼କୁ ତାଳପତ୍ର ଘୋଡାଇ ଦେଇ ଯାଇଥାଏ । ଅନେକ ଦିନ ପରେ ତାକୁ ଆହାର ମିଳିଛି । ତା'ର ଜଠରାଗ୍ନି ଜଳୁଥିବ । ବିଶେଷ କରି ଗର୍ଭିଣୀ ଛେଳି ତା ପକ୍ଷରେ ରସଗୋଲା । ସେ ଏ ରସଗୋଲାର ଲୋଭ କେବେ ଦମନ କରିପାରିବ ନାହିଁ । ନିଶ୍ଚୟ ମଡ ଖାଇବାକୁ ଆସିବ । ତେଣୁ ବାଘ ମାରିବାର ଆଶା ଲାଭ ସୁନିଶ୍ଚିତ । ରାଜା ମୋ'ଠାରୁ ସମସ୍ତ ବିବରଣୀ ଶୁଣି ମତେ ଶିକାରକୁ ଯିବେ ବୋଲି କହିଲେ । ଏଥିରେ ମୋର ମନ ଉଣା ପଡ଼ିଗଲା । କାରଣ ବାଘ ମାରିବାର ପ୍ରୋତ୍ସାହ ମୋତେ ଆଉ ମିଳିବ ନାହିଁ । ବାଘକୁ ଜଗିକରି ବସିବାର ସ୍ଥାନ ପ୍ରସ୍ତୁତ

Digitized by srujanika@gmail.com

ଶିକାରର ଭାର ମୋ ଉପରେ ଥିଲା । ମୁଁ କେତେଜଣ ଲୋକଙ୍କୁ ନେଇ ବସିବାର ସ୍ଥାନ ନିରୂପଣ କରି ମଞ୍ଚା ପ୍ରସ୍ତୁତ କରିବାକୁ ବରାଦ କରିଦେଲି । ପଡ଼ୁକୁ ଯେପରି ବିଲୁଆ ଶାଗୁଣା ଖାଇ ନ ଯାନ୍ତି ସେଥିପାଇଁ ଦୁଇଜଣ ମେହେନ୍ତର ଜଗୁଆଳି ମୁକରର ହେଲେ । ମୁଁ ଘରକୁ ଫେରିଲି ।

ସନ୍ଧ୍ୟା ୫ଟା ସମୟ । ରାଜା ଶିକାରକୁ ଆସିବେ । କେତେ କ'ଣ ଜିନିଷ ବନ୍ଧ ଆୟୋଜନ ହେଉଅଛି । ଏସବୁ ଦେଖି ମୋର ମନ ବଡ଼ ଖୁସି ହୋଇଉଠିଲା । ମନେ ମନେ ଭାବୁଥାଏ, 'ମନୁଷ୍ୟରେ କଲ ଦେଉ ଦେଉ ଛଟେଣ ଦେବାଙ୍କ ନ ଶେଷ' । ଶ୍ରୀଯୁକ୍ତ ବ୍ରଜବନ୍ଧୁ ଦାସ ଆଡ଼ଭୋକେଟ ମୋର ପଡ଼ୋଶୀ ଥିଲେ । ରାଜାଙ୍କର ମଧ୍ୟ ପ୍ରିୟପାତ୍ର । ସେ ବାଘ ଶିକାର ଦେଖିବାକୁ ଆଗ୍ରହ ପ୍ରକାଶ କଲେ । ବାଘ ଶିକାରକୁ ଜଣେ ଅନଭିଜ୍ଞ ଲୋକଙ୍କୁ ସଙ୍ଗରେ ନେବା ମୋର ଇଚ୍ଛାବିରୁଦ୍ଧ । କିନ୍ତୁ ମୋର ଇଚ୍ଛା ଅନିଚ୍ଛାରେ ଯାଏ ଆସେ କେତେ ? ରାଜା ଅତି ଆନନ୍ଦର ସହ ତାଙ୍କୁ ସଙ୍ଗରେ ନିବାପାଇଁ କହିଲେ । ରାଜାସାହେବ ଯିବେ ବୋଲି ଗୋଟିଏ ସୁଦୃଢ଼ ମଞ୍ଚା ତିଆରି ହୋଇଥିଲା । ଆମେ ତିନିଜଣଯାକ ଯାଇ ମଞ୍ଚାରେ ବସିଲୁ । ରାଜାସାହେବ ତାଙ୍କର ରେମିଙ୍ଗ୍ଟନ ରାଇଫଲଟି ଧରିଲେ । ମୁଁ ରାଜାଙ୍କର ଗୋଟିଏ ଦୋପିଆ ବନ୍ଧୁକ ନେଲି । ବ୍ରଜବାବୁ ରାଜାଙ୍କର ଡାହାଣକୁ ବସିଥାନ୍ତି । ସେ ଦେଖିବାପାଇଁ ଗୋଟିଏ ଅଧିକା ଭଣ୍ଡି (ଦେଖିବାର ଛିଦ୍ର) ଖୋଲିଗଲା । ସେଦିନ ଶୁକ୍ଳପକ୍ଷ ସପ୍ତମୀ ତିଥି । ସନ୍ଧ୍ୟା ହେବା ମାତ୍ରେ ଚନ୍ଦ୍ରଦେବ ପୂର୍ଣ୍ଣ ତେଜରେ ସଜବାଜ ହୋଇ ବାହାରିପଡ଼ିଲେ । ସେତେ-ବେଳେ ମୋର ବନ୍ଧୁମାନଙ୍କର ଚନ୍ଦ୍ରିକାରେ ଆଗ୍ରହ ନ ଥାଏ । ମୋର 'କାକ ଚେଷ୍ଟା, ବକ ଧ୍ୟାନ' ବାଘ ଉପରେ ଥିଲା । ଶିକାର ସମୟରେ ଆସନ ବଦଳାଇବା, କଥାବାର୍ତ୍ତା ହେବା ମନା । କିନ୍ତୁ ରାଜା ବାରମ୍ବାର ଆସନ ବଦଳାଉଥାନ୍ତି । ବ୍ରଜବାବୁଙ୍କ ସଙ୍ଗରେ ଫୁସୁରୁ ଫାସୁରୁ ହେଉଥାନ୍ତି । ଏସବୁ ଦେଖି ମୋର ହାତ ଜଳୁଥାଏ । ୬, ୭, ୮ ବାଜିଲା । ଏତେବେଳ ପର୍ଯ୍ୟନ୍ତ ବାଘର ସୋର ଶବ୍ଦ ନାହିଁ । ବାଘର ସ୍ୱଭାବ ମୋତେ ଭଲଭାବରେ ଜଣା । ମୁଁ ଜାଣିଥିଲି, ଶୀଘ୍ର ହେଉ ବା ବିଳମ୍ବରେ ହେଉ ବାଘ ନିଜର ଭୋଜନ ପାଇଁ ନିଶ୍ଚୟ ଆସିବ । ୯ଟା ବାଜିବା ଉପରେ । ଗ୍ରାମର ଗହଳି ଚହଳି ବନ୍ଦ ହୋଇଆସୁଛି । ଏହି ସମୟରେ ଢେଣ୍ଟେଇ ଘନ ଘନ ଟେ ଟେଁ ଶବ୍ଦ କରି ଜଣାଇଦେଲା । ବାଘ ଆସିବାର ଏହା ଏକ ସଙ୍କେତ ।

Digitized by srujanika@gmail.com

ସତର୍କ ରହିବାକୁ ମୁଁ ସଙ୍କେତ ଦ୍ୱାରା ରାଜାଙ୍କୁ ଜଣାଇଦେଲି । ଅପେକ୍ଷିତ କୋଣରେ ବାଘର ଆଗମନକୁ ଅନେଇ ରହିଥାଏଁ । କିଛି ସମୟ ପରେ ଗୋଟିଏ ଝାଁଲର ବୁଦା ଭିତରୁ ଦୁଇଟି ଜ୍ୱଳନ୍ତ ଗୁଳା ଦେଖାଗଲା । ଏହା ଭୟାବହ ଜ୍ୟାଠ ବାଘର ଆଖି । ଅଜଗର ଓ ବାଘର ଆଖିରେ ମୋହକ ଶକ୍ତି ଥାଏ । ମୁଁ ଆସ୍ତେ ରାଜାଙ୍କର ଜଙ୍ଘକୁ ଦବାଇଦେଲି । ସେ ମଧ୍ୟ ମୋତେ ସେହିପରି ସଙ୍କେତ ଦେଲେ । ଶିକାର ସମୟରେ ହଲଚଲ ହେବା ଓ କଥାବାର୍ତ୍ତା କରିବା ମୂର୍ଖତା । ଆମେ ପ୍ରସ୍ତୁତ ହୋଇଗଲୁଁ । ମୁଁ ଘୋଡ଼ା ଚଢ଼ାଇ ଜଙ୍ଘ ଉପରେ ବନ୍ଧୁକର କୁନ୍ଦା ରଖି ପ୍ରତୀକ୍ଷାରେ ବସିଥାଏଁ । ବାଘ ଧୀରେ ଧୀରେ ଚଲେଇ ପଛ ଛକ ଛକ ଆଗକୁ ବଢ଼ୁଛି । ରାଜା ସେ ପର୍ଯ୍ୟନ୍ତ ବାଘକୁ ଦେଖି ନ ଥାନ୍ତି । ସେ ଟିକିଏ ସ୍ଥୂଳକାୟ ଲୋକ । ମୋ ଉପରକୁ ଆଉଜିପଡ଼ି ମୋ ସାମନାରେ ଥିବା ଭଣ୍ଡିରେ ବାଘକୁ ଉଣ୍ଡି ବସିଲେ । ଏହାଦ୍ୱାରା ମୋ ଦେହ ହଲିଗଲା । ଏତିକିବେଳେ ହଠାତ୍ ଧାଏଁ କରି ପ୍ରଳୟଙ୍କରୀ ଧ୍ୱନି ହେଲା । କାନ ତ ତାବଦା ହୋଇଗଲା । ତା'ପରେ ବନ୍ଧୁକର ପିଛା ମାଡ଼ରେ ମୁଁ ହତଜ୍ଞାନ । ମୋର ଆଖିକୁ ଅନ୍ଧାର ଢଷିଗଲା । ରାଜାସାହେବ ଅଭିଜ୍ଞ ଶିକାରୀ । ତାଙ୍କର ଏଥିରେ ବିସ୍ମିତ ହେବାର ବିଶେଷ କାରଣ ନ ଥିଲା । କିନ୍ତୁ ବ୍ରଜବାବୁ ଏକାବେଳକେ [illegible] ହୋଇପଡ଼ିଲେ । ଘଟଣା ଜାଣିବାକୁ ସେମାନେ ଉଦ୍‌ଗ୍ରୀବ । ମାତ୍ର ମୋ ପାଟିରୁ କଥା ବାହାରୁ ନ ଥାଏ । କେତେବେଳେ ମୋର ଟିକିଏ ଜ୍ଞାନ ହେଲା । କିନ୍ତୁ ଜଙ୍ଘର ବେଦନା ଦୂର ହୋଇ ନ ଥାଏ । ରାଜାଙ୍କୁ ବୁଝାଇଦେଲି, ମୁଁ ଘୋଡ଼ା ଚଢ଼ାଇ ରଖିଥିଲି । ବନ୍ଧୁକର କଳ ଧାଉଡ଼ିଆ ଥିଲା । ଆପଣ ମୋ ଉପରେ ଆଉଜି ପଡ଼ିଲେ । ମୋର ଦେହ ହଲଚଲ ହେବା ଫଳରେ ଘୋଡ଼ା ପଡ଼ିଯାଇ ବନ୍ଧୁକ ଫୁଟିଗଲା !

୬

ବ୍ରଜବାବୁ ମୋ'ଠାରୁ ଜ୍ୟେଷ୍ଠ । ଶାନ୍ତ ସ୍ୱଭାବରେ ସେ ମୋ ଉପରେ ଅତିଶର୍ମୀ ହୋଇଉଠିଲେ । ତାଙ୍କର ଭୟମିଶ୍ରିତ ଚରିତ୍ରଭାବ ମୋ'ର ଆନନ୍ଦ ଉଦ୍ରେକ କରୁଥାଏ ।

ସାମାନ୍ୟ ମାତ୍ର ଆଶଙ୍କାରେ ମହାବଳ ବାଘ କେବେହେଲେ ମଣ୍ଡରେ ପଶେ ନାହିଁ । କିନ୍ତୁ ଚିତାବାଘ ବନ୍ଧୁକର ଆବାଜରେ ମଧ୍ୟ ପୁନରାୟ ମଣ୍ଡ ଖାଇବାକୁ

Digitized by srujanika@gmail.com

ଆସିବ । ଏଥିରେ ସନ୍ଦେହ ନାହିଁ । ଏଣୁ ଆଜ କିଛି ସମୟ ଜଗି ବସିବାକୁ ମୁଁ ପ୍ରସ୍ତାବ କଲି । ରାଜାସାହେବ ମୋ କଥାରେ ଏକମତ । କିନ୍ତୁ ବ୍ରଜବାବୁ ଏକାନ୍ତ ନାରାଜ । ସେ ମୋତେ ଲକ୍ଷ୍ୟ କରି ରାଜାଙ୍କୁ କହିଲେ, "ଏ ମଣିଷ ମାରିଦେବ । ମୁଁ କେବେହେଲେ ଆଜି ବସିବିନାହିଁ ।" ଅଗତ୍ୟା ଇଚ୍ଛା ଖାତିରରେ ରାଜାସାହେବ ଚାଲିଯିବାକୁ ବାଧ୍ୟ ହେଲେ । ବେଶ୍ ଭଲ ହେଲା । "ମଜ୍ଜ ଖୋଜୁଥିଲି କାଦର ପାଣି, ବଉଦ ବଢାଇଲା ବାସୀ ତୋରାଣୀ ।" ମୁଁ ମନେ ମନେ ଖୁସି ହେଉଥାଏଁ । ଯା'ହାହେଉ ବାଘ ମାରି ବାହାଦୁରି ଅର୍ଜନ କରିବାର ସୁଯୋଗ ମୋତେ ମିଳିଲା । ଗୁଳି ଶବ୍ଦ ଶୁଣି ରାଜା ବାଘ ମାରିଛନ୍ତି ବୋଲି । ଗାଁ ଭିତରୁ କେତେ ଜଣ ଲୋକ ଦଉଡ଼ି ଆସିଲେ । ସେମାନଙ୍କ ମଧ୍ୟରୁ ତିନିଜଣଙ୍କୁ ମଢ଼ ପାଖରେ ଜଗାଇ ମୁଁ ଘରକୁ ଚାଲିଗଲି । ଘରେ ଯାହି ଭାତ ଓ ଗୁଣ୍ଡା ଖାଇଦେଇ ଚୁରୋଟି କାର୍ତ୍ତୋସ ପକେଟରେ ପକାଇଲି । ଅମର ଦୋହଲା ବନ୍ଧୁକଟି ନେଇ ଫେରିଆସିଲି । ଉକ୍ତ ଲୋକଙ୍କ ମଧ୍ୟରୁ ଜଣକୁ ନେଇ ମୁଁ ମଞ୍ଚାରେ ବସିଲି । ଅନ୍ୟ ଦୁଇଜଣଙ୍କୁ କହିଲି, "ବଡ଼ ପାଟି କରି କଥାବାର୍ତ୍ତା ହୋଇ ହୋଇ ଚାଲିଯାଅ ।" ବାଘକୁ ଠକିବାପାଇଁ ଏହି ନାଟକର ରଚନା । ବାଘ ଜାଣିବ ଯେ, ଲୋକମାନେ ଏ ସ୍ଥାନରୁ ଚାଲିଗଲେ ।

ସେତେବେଳକୁ ପ୍ରାୟ ୧୧ଟା ସମୟ ହେବ । ଚତୁର୍ଦ୍ଦିଗ ଘୋର ଅନ୍ଧକାରରେ ଆଚ୍ଛନ୍ନ । ଅନ୍ଧାର ରାତିରେ ନିଶାଣ ଲଗାଇବା ବଡ଼ କଷ୍ଟକର । ସେଥିପାଇଁ ବନ୍ଧୁକର ମାଛିରେ କିଛି ଚୂନ ଲଗାଇଦେବା ଭଲ । ମୁଁ ମଧ୍ୟ ସେହିପରି କରିନେଲି । ବନ୍ଧୁକର ଗୋଟିଏ ନଳୀରେ ଏଲ୍. ଜି. ଓ ଅନ୍ୟ ନଳୀରେ ବୁଲେଟ କାର୍ତ୍ତୋସ ଲୋଡ୍ କରିଥାଏଁ । ଆଜି ପାପୀ ବାଘକୁ ଇହଜଗତରୁ ପାର କରି ପୁଣ୍ୟ ଅର୍ଜନ କରିବାକୁ ହେବ । ଦୃଢ଼ ଧ୍ୟାନରେ ବସିଥାଏଁ । କିଛି ସମୟପରେ ଗୋଟିଏ ମନ୍ତ୍ରବଳ ହେଟା ଆସି ମଢ଼ ଖାଇବାକୁ ଆରମ୍ଭ କଲା । ଏତେବେଳକେ ମୋର ଆଖିପତାକୁ ଟିକିଏ ବିଶ୍ରାମ ମିଳିଲା । କାରଣ ହେଟା ଉପସ୍ଥିତ ଥିବା ପର୍ଯ୍ୟନ୍ତ ବାଘର ଖୋଜ ଖବର ନାହିଁ । ବାଘ ଆସିବାର ସାମାନ୍ୟ ସୂଚନା ପାଇବାମାତ୍ରେ ହେଟା ଲୁଆଡ଼େ ପଳାଇବ ଯେ, ବାଟ ଦିଶିବ ନାହିଁ । ସୁଯୋଗ ପାଇ ମୁଁ ଟିକିଏ ଆସନ ବଦଳାଇଲି । ମୁଁ ସିଗାରେଟ ଭକ୍ତ ନୁହେଁ । ରାତି ଜାଗରଣଜନିତ ତନ୍ଦ୍ରା ଦୂର କରିବା ପାଇଁ ସିଗାରେଟ ଖଣ୍ଡିଏ ଲଗାଇଲି ଏବଂ ସାଥୀ ଲୋକକୁ ଖଣ୍ଡିଏ ଦେଲି ।

Digitized by srujanika@gmail.com

ଘେଣ୍ଟା ମଝେ ମଝେ ଖାଇବା ଛାଡ଼ି ଶୃଗାଳ ପରି ଚକ ଚକ ହୋଇ ଚାରିଆଡ଼କୁ ଚାହିଁଦେଇ ପୁଣି ଖାଇବାରେ ଲାଗିପଡ଼େ । ଆଉ କିଛି ସମୟ ପରେ ଗୋଟାଏ ପକ୍ଷୀ ବଲୁଆ ଚୁହାଇ ଚୁହାଇ ଡାକିବାକୁ ଲାଗିଲା । ଶତ୍ରୁର ଆଶଙ୍କାରେ ଭୟବିହ୍ୱଳ ନ ହେଲେ ବଲୁଆ ଏପରି ଡାକେ ନାହିଁ । ଏହା ବାଘ ଆସିବାର ସତର୍କ ଘଣ୍ଟି । ସ୍ୱାମୀ ସାଙ୍କେତିକ ଭାବରେ ଜଣାଇଦେଲେ, "ବାଘ ଆସିବ, ସାବଧାନ ।" ସେ ବନ୍ଧୁକ ଧରିବା ପାଇଁ ଟିପିଗଲେ । ମୁଁ ପ୍ରସ୍ତୁତ ହୋଇଥାଏଁ । ଏହି ସମୟରେ ଘେଣ୍ଟା ହଠାତ୍ ପବନ ବେଗରେ ପଳାଇଲା । ଏହାର କିଛି ପରେ ଶୁଖିଲା ପତ୍ର ଉପରେ ବାଘ ମଡ଼ାମଡ଼ି ଶୁଣାଗଲା । ଏ ପଦଶବ୍ଦ ଖେଳୁଥାଏ । ଏଥର ସେ ସାମନାପଟ୍ଟ ନ ଆସି ପଛପଟରୁ ଆସିଲା । ଆମର ମଞ୍ଚା ତଳେ ବସି ଆମର ଅବସ୍ଥିତି ବାରୁଥାଏ । ତାର ଗର୍ ଗର୍ ଓ ଫାଁ ଫାଁ ନିଶ୍ୱାସ ମାରିବାର ଶବ୍ଦ ସ୍ପଷ୍ଟ ଶୁଣାଯାଉଥାଏ । ଏହିପରି ଭାବରେ ପ୍ରାୟ ଅଧଘଣ୍ଟାଏ କାଳ କଟିଗଲା । ଯେତେବେଳେ ସେ ନିଶ୍ଚିତ ହେଲା ଯେ, ଉପରର କୌଣସି ଆଶଙ୍କା ନାହିଁ ସେତେବେଳେ ଖୁବ୍ ଆସ୍ତେ ସହିତ ପଟ୍ଟଭୂମିରେ ଅବତୀର୍ଣ୍ଣ ହେଲା । ମହିଷ ମୃତାବତ ମାଂସ ଖାଉଥାଏ । ମୁଁ ଭାବିଲି, ବୁଲେଟ ବାଘ ଦେହରେ ଲାଗିପାରେ ନ ଲାଗି ବି ପାରେ । ଏଲ୍. ଜି. ରେ ୭ଟି ବଡ଼ ବଡ଼ ଗୁଳି ଅଛି । ଏଲ. ଜି. ଫାୟାର କଲେ ସେଥିମଧ୍ୟରୁ ଗୋଟିଏ ଦୁଇଟି ମୁଣ୍ଡରେ ଲାଗିଲେ ଯଥେଷ୍ଟ ହେବ । ଏହା ସ୍ଥିର କରି ନିଶାଣ ଲଗାଇଲି । ବାଁ ଆଖି ବନ୍ଦ କରି ବାଘର କାନମୂଳକୁ ନିଶାଣ ଲଗାଇଥାଏଁ । ଯେତେବେଳେ ବାଘର ମୁଣ୍ଡ ସ୍ଥିର ହୋଇଗଲା ମୁଁ ଫାୟାର କରିଦେଲି । ପଟ୍ଟ ଜଙ୍ଗଲରୁ ତା'ର ପ୍ରତିଧ୍ୱନି ଫେରିଆସିଲା । ଅନ୍ଧାର ସହିତ ଧୂଆଁ ମିଶି କିଛି ଦେଖାଗଲା ନାହିଁ ।

ସେତେବେଳକୁ ରାତି ପ୍ରାୟ ୯ଟା ସମୟ ହେବ । ରାଜାଙ୍କ ମଞ୍ଚର ଦେ ମହଲ ଉପରୁ ଡାକ ପକାଇଲେ, "ସାହେବ, ବାଘ ମଲା ?" ମୁଁ ସାଥେ ସାଥେ ଉତ୍ତର ଦେଲି, "ଗୁଳି ତ ମାରିଛି । ତେବେ ମରିବା ମୋର ବିଶ୍ୱାସ ।" ରାତିରେ ବାଘକୁ ଗୁଳି କଲା ପରେ ଆସ୍ଥାନ ଛାଡ଼ିବା ମୂର୍ଖତା ହେବ । ଚାଲ, ଏଇଠି ଶୋଇପଡ଼ିବା । ସ୍ୱାମୀ ଟେକଟି ଖଣ୍ଡିଏ ସିଗାରେଟ୍ ମାଗିଲେ । ତାଙ୍କୁ ଖଣ୍ଡିଏ ଦେଲି । ମୁଁ ମଧ୍ୟ ଖଣ୍ଡିଏ ଲଗାଇଲି । ତା'ପରେ ଶୋଇଗଲୁ । ଭୁଇଁ ଛୁଟିବା ମାତ୍ରେ ନିଦ ହୋଇଗଲା । ଯେଉଁ ବୁଢ଼ା ବଢ଼ାଇଥିଲା ଘାଟିଫେରି ଆସିଲା । ସେ ବାଘ ମରିଛି ବୋଲି ହୁଲିର କଲା । ସେଠୁ ଆମେ ଉଠି ଦେଖିଲୁ,

Digitized by srujanika@gmail.com

ବାଘ ମଡ଼ର ପେଟ ପାଖରେ ପଡ଼ିଛୁ । ତା'ର ମୁଣ୍ଡରେ ଗୋଟିଏ ଓ ବେକରେ ଗୋଟିଏ ଗୁଳି ଲାଗିଥାଏ । କଥାରେ କହନ୍ତି, "ଗୋଟିଏ ବାଘ ମାରିଲେ କୋଟିଏ ଗୋଦାନର ଫଳ ମିଳେ ।" ମୋର ବାଘ ମାରି ନାମ କମେଇବାର ମୋହ ଯୋଗୁଁ ଏତେବଡ଼ ପୁଣ୍ୟ ମାଟି ହୋଇଗଲା ।

ହାପୁନ୍ ସାଙ୍ଗରେ ପହିଲି ଭେଟ

'ଶୁଖିଲାରେ ବଇଁଆ ପିଟିଲା' ଭଳି ମୁଁ କେବଳ ଦୁଇଣ ଶିକାର କରିବାକୁ ଯାଇ ଗୋଟିଏ ମହାବଳ ବାଘ ମାରିଥିଲି । ଆଉ ବର୍ଷ ପାଇଗଲି । ମହାବଳ ବାଘ ଶିକାର ହୋଇପାରୁନାହିଁ । ସେଥିପାଇଁ ଶିକାରୀ ସାଥୀ ନିତ୍ୟାନନ୍ଦ ଓ ନବଘନଙ୍କ ସହିତ ଉଖିଆଉପିଆ ଜଙ୍ଗଲରେ ବୁଲୁଥାଏଁ । କେତେଥର ଶୁଣିଲୁଁ, ଅମୁକ ଜାଗାରେ ବାଘ ଗାଈ ମାରିଛି । ବେଶ ଆମେ ସଙ୍ଗେ ସଙ୍ଗେ ଦୌଡ଼ିଯାଉ ; ଯେପରି କି ବିଲୁଆ ଖବର ଚଟିପଟ ଛୁଟିଯାଏ । ସେଠାରେ ପହଞ୍ଚି ଦେଖୁଁ, ଗାଈର ହାଡ଼ଗୋଡ଼ ପର୍ଯ୍ୟନ୍ତ ବାକି ନାହିଁ । ଶିଙ୍ଗ, ଚମ ଓ ଖୁରା କେତେଖଣ୍ଡ ମାତ୍ର ପଡ଼ିଛି । ଅମ୍ଭେମାନେ ଲଜ୍ଜିତ ହୋଇ ଫେରିଆସୁଁ । ଆଉ ଜଣ ଜଣ ମଧ୍ୟରେ କଥାବାର୍ତ୍ତା ହେଉ—ଧିକ୍ ଆମ୍ଭମାନଙ୍କୁ । ବର୍ଷେ ହେଲା ଅସି, ଗୋଟା ବାଘ ମାରିପାରିଲେ ନାହିଁ । ଯିଏ ପଚାରେ, କହିଦେଉ କଅଣ କରିବା, ବାଘ ମିଳୁନାହିଁ । ଭାଗ୍ୟରେ ଥିଲେ ବାଘ ମିଳିବ ଓ ମରିବ ।

ଶିକାରୀଙ୍କୁ ସର୍ବଦା ସଫଳତା ମିଳେ ନାହିଁ । ବାଘ, ଭାଲୁ ବାଟରେ ଘାଟରେ ମିଳନ୍ତି ନାହିଁ । ଯଦିବା ମିଳନ୍ତି, ତାଙ୍କ ଉପରକୁ ଡାଳଯାଏ ନାହିଁ । ଅନେକେ କହନ୍ତି, "ଶିକାର ବେକାର ।" ମିଛ ନୁହେଁ । ମାସ ମାସ ଧରି, ଦିନରାତି ବୁଲୁଥାଅ, ସେତେ ମୁଣ୍ଡ କେଡ଼ ହୁଅ ଶିକାରର ଦର୍ଶନ ପର୍ଯ୍ୟନ୍ତ ମିଳିବ ନାହିଁ । ପୁଣି ଶିକାର ଶାଗ ତୋଳିବାଠାରୁ ସ୍ୱାଦ । ଶାଗ ତୋଳିବାବେଳେ ହେଲେକ ସମସ୍ତ ଲାଗୁଛି, କିନ୍ତୁ ଅଙ୍ଗୁଳି ବୁଲାଦେଲେ ଶିକାର ହେଲା । ଘଣ୍ଟାପରେ ଦିନ, ଦିନ ପରେ ମାସ ଗଡ଼ି ଯାଉଥାଏ । ଆଉ ଆମ୍ଭମାନେ ବାଘ ସନ୍ଧାନରେ ଆକାଶ ପାତାଳ ଠାବ କରୁଥାଉଁ । ହଁ ଲଗ୍ ଲଟ୍ ୧୦ । ' ଉନ ବାଘ ପଛରେ ଲଗିପଡ଼ିଲେ ମାଡ଼ ଖାଇଦିବାର ସମ୍ଭାବନା ଅଛି । ବିକଟ ଜୀବନରେ ଏତେ ସମସ୍ତ ମିଳୁଛି କ୍ୟାଉଁ ।

Digitized by srujanika@gmail.com

ସେଦିନ ରବିବାର ଥାଏ । ସ୍ଥିର ଥାଇ ହେଲା ଶିକାରସ୍ୱାମୀ ଦୁହିଁଙ୍କ ସହିତ ବାଘର ସନ୍ଧାନରେ ବାହାରିପଡ଼ିଲୁ । ଆମ୍ଭେମାନେ ଜଙ୍ଗଲମଧ୍ୟସ୍ଥ ଗୋଟିଏ ଡଗର ରାସ୍ତାରେ ଚାରିଆଡ଼କୁ କାନ ଦେଇ ଧୀର ପଦକ୍ଷେପରେ ଚାଲିଥାଉଁ । ଏହି ଡଗର ଘପାଟି ଖୋଲାଧା ଉଜାଡ଼ ଜଙ୍ଗଲ ଓ ପଟିଆ ଜଙ୍ଗଲକୁ ଭେଦିକରି ଯାଇଥିବା ସରହଦ ସହିତ ମିଳିତ ହୋଇଛି । ଆମ୍ଭେମାନେ ସରହଦ ନିକଟରେ ପହଞ୍ଚିଲୁଁ । ସେତେ-ବେଳକୁ ଆହୁରି କାଳିଅନ୍ଧାର ଥାଏ । ନିଘଞ୍ଚ ଜଙ୍ଗଲ ମଧ୍ୟରେ ସରହଦଟା ମେଲା ଫର୍ଦ୍ଦା ଜାଗା । ସେଥିପାଇ ଜନ୍ତୁମାନେ ସେଠି ସକାଳେ ଉନ୍ମୁକ୍ତରେ ଗାଧୁ ଖେଳାବୁଲା ଓ ଚରା କରନ୍ତି । ଆମ୍ଭେମାନେ ହଠାତ୍ ସରହଦକୁ ବାହାରିପଡ଼ିଲେ ଜନ୍ତୁ ଥିଲେ ହୁରୁଡ଼ି ପଳାଇବେ । ତେଣୁ ସରହଦ ଭିତରେ ଲୁଚିକରି ଉଭୟ ପାଖକୁ ନିରୀକ୍ଷଣ କରି ଦେଖୁଥାଉଁ । ସ୍ୱାମୀ ନିବାଘ ଆନନ୍ଦ ଗଦ୍‌ଗଦ କଣ୍ଠରେ କହିଲେ "ଦେଖନ୍ତି ବାଘ ଦୁଇଟା ମିରିଗ ମାରି ପକାଇ ଦେଇ ଖାଉଛି ।" ମୁଁ ଦେଖିଲି ପ୍ରାୟ ଦୁଇ ଫର୍ଲଙ୍ଗ ଦୂରରେ ଧୋବ ଫରଫର ହୋଇ ଦୁଇଟା ପଦାର୍ଥ କ'ଣ ଲମ୍ବ ହୋଇ ପଡ଼ିଛି । ଭାଲ ଅନ୍ଧାର ସକାଳେ କିଛି ସ୍ପଷ୍ଟ ବାରି ହେଉ ନଥାଏ । ମୁଁ ଭାବିଲି, ବାଘ ମିରିଗମାରି ଏପରି ପଦାରେ ପକାଇଦେଇ ଯିବା ନିତାନ୍ତ ଅସମ୍ଭବ । ଏହା ବାଘ ବ୍ୟତୀତ ଆଉ କିଛି ନୁହେଁ । ବାଘ ଘାସରେ ପଡ଼ି ଗଡ଼ଉଛି ଚଢ଼େଇ ହୁଅନ୍ତି—ଏକଥା ମୁଁ ଜାଣିଥିଲି । ଯାହାହେଉ ମୁଁ ମୋର ସ୍ୱାମୀ ଦୁଇଜଣଙ୍କୁ ନିପଦସୂଚକ ସଙ୍କେତ ଦେଲି । ତା' ପରେ ଆମ୍ଭେମାନେ ସେହିଠାରେ ଆମର ଆସ୍ଥାନ ଦୃଢ଼ କରି ପ୍ରତୀକ୍ଷାରେ ବସିରହିଲୁଁ ।

କ୍ରମେ ଦିନ ଫର୍ଦ୍ଦା ହୋଇଆସିଲା । ଆମର ସନ୍ଦେହ ମୋଚନ ହେବାକୁ ଆଉ ଡେରି ଲାଗିଲା ନାହିଁ । ସେ ଦୁଇଟିଯାକ ମହାବଳ ବାଘ । ବାଘର ପେଟପାଖ ଧଳା ଓ ଘନ ଲୋମାବୃତ । ଚିତ୍‌ପଟାଙ୍ଗ ହୋଇ ପଡ଼ିଥିବାରୁ ଧଳା ଦେଖାଯାଉଥିଲା । କିଛିକ ପରେ ସେମାନେ ଝାଡ଼ିଝୁଡ଼ି ହୋଇ ଉଠିଲେ । ପରସ୍ପର ଚାଟାଚାଟି ହେଉଥାନ୍ତି । ସେ ଦୁହିଁଙ୍କ ମଧ୍ୟରୁ ଗୋଟିଏ ଅତି ବୃହତ୍‌କାୟ । ବାପରେ ! ତାହାର ଭୟଙ୍କର ମୁଖାକୃତି ଦେଖିଲେ ମଣିଷର ପିଲେହି ପାଣି ହୋଇଯିବ । ଅନ୍ୟଟି ଅପେକ୍ଷାକୃତ ଛୋଟ । ବୋଧହୁଏ ଏ ଦୁହେଁ ବାଘ ଓ ବାଘୁଣୀ । ଛୋଟ ବାଘଟି ଲଗ ଲଗ ଦୁଇଟି ହାଇଣ୍ଟୋଳ ଛାଡ଼ିଦେଲା । ଓଃ, ସମ୍ଭାଳେ କିଏ ? ବନ୍ଧୁକର ସେଫ୍‌ଟିକ୍ୟାଚରେ ହାତ ଚାଲିଆସିଲା, ଠିକ୍ ଅଛି । ସ୍ୱାମୀମାନଙ୍କ ହାତରେ

Digitized by srujanika@gmail.com

ହାତ ମାରି ସେମାନଙ୍କୁ ଅଭ୍ୟସ୍ତ କଲି । ପ୍ରତିଦିନ ଚାଲୁଥାଏ, ମାଁର । କିନ୍ତୁ ବନ୍ଧୁକ ଏତେ ଦୂରକୁ କାମ ଦେବନାହିଁ—ଏକଥା ସେ ଜାଣିବ କୁଆଡୁ ? ହଁ, ରାଇଫଲ୍ ହୋଇଥିଲେ କଥା କ'ଣ ଥାନ୍ତା । ବନ୍ଧୁକର ନିଶାଣ ଲଗାଇବାରେ ଗୋଟିଏ ନିର୍ଦ୍ଦିଷ୍ଟ ସୀମା ଅଛି । ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ହେଲେ ଲକ୍ଷ୍ୟ ଠିକ୍ ହେବ ନାହିଁ । ମନେ ମନେ ବନଦେବୀ ଶିଖରଚଣ୍ଡୀଙ୍କୁ ଡାକୁଥାଏ, ବାଘ କପାଳ ରେଞ୍ଜକୁ ଆସିଯାଉ ।

ସେତେବେଳକୁ ସୂର୍ଯ୍ୟଦେବ ମୂର୍ତ୍ତିରେ ପ୍ରକାଶ ପାଇଗଲେଣି । ବାଘକୁ ଦେଖି ପକ୍ଷୀମାନଙ୍କ ମଧ୍ୟରେ ମହା କୋଳାହଳ ଲାଗି ଯାଇଥାଏ । ସେମାନଙ୍କର କଳରବରେ ବନସ୍ଥଳୀ ଫାଟି ପଡ଼ୁଥାଏ । ଜୀବନ ଲଗାଇ ସେମାନେ ବାଘର ବିରୋଧ କରିବାରେ ଲାଗିପଡ଼ିଥାନ୍ତି । ଦୁଇ ଦୁଇଟା ମହାବଳ ବାଘ ! ପାଠକେ ଅନୁମାନ କରିସାରିବେଣି ଯେ, ଏଇବାର ଶିକାରୀଙ୍କର ଡଫାରଙ୍ଗା ଶେଷ । କିନ୍ତୁ ଶିକାରୀ ଜୀବନ ନ ଦେଇ ଜୀବନ ନିଏ ନାହିଁ । ସାହାସ ତଥା ମନୁଷ୍ୟତ୍ୱ ଶ୍ରେଷ୍ଠ ମଣି । ସେତକ ନ ଥିଲେ ହାତ ଭର୍ତ୍ତା ବନ୍ଧୁକ ଆଉ ମଧ୍ୟ କିଛି କାମ ଦେବ ନାହିଁ । ସାହାସ ଗୋଟିଏ ଭଲ ଗୁଣ ; କିନ୍ତୁ ଦୁଃସାହସ କରିବା ନିପଟ ମୂର୍ଖତା । ବାଘକୁ ଗୁଳିକଲା ପରେ ବିପଦ ଆସିପାରେ; କିନ୍ତୁ ତା' ପୂର୍ବରୁ ନୁହେଁ—ଏକଥା ଶିକାରୀଙ୍କୁ ଭଲ ଭାବରେ ଜଣା । କେବଳ ଧୈର୍ଯ୍ୟର ସହିତ ବାଘର ଗତିବିଧିକୁ ସମ୍ଭାଳି ନେଲେ ହେଲା ।

ସୁଯୋଗ ଉପରେ କାର୍ଯ୍ୟର ସଫଳତା ଅନେକାଂଶରେ ନିର୍ଭର କରେ । ଆମକୁ ଫାୟାର କରିବାର ସୁଯୋଗ ମିଳିଲା ନାହିଁ । ଘୁଞ୍ଚୁ ଘୁଞ୍ଚୁ ଦୁଇଟିଯାକ ବାଘ ପଟିଆ ଜଙ୍ଗଲ ମଧ୍ୟରେ ଅଦୃଶ୍ୟ ହୋଇଗଲେ । ସେମାନଙ୍କର ଯେଉଁ ମସ୍ତ ବଳ, ପ୍ରକୃତରେ ଦେଖିବାର ଓ ଉପଭୋଗ କରିବାର ଜିନିଷ ।

କିଛିସମୟ ଅପେକ୍ଷା କଲା ପରେ ଯାଇ ସେମାନଙ୍କର ଖୋଜଚିହ୍ନ ଦେଖିଲୁଁ । ସମସ୍ତେ ଏକ ସଙ୍ଗରେ ଗୋଟିଏ ଡଗର ରାସ୍ତାରେ ଧୀର ମନ୍ଥର ଗତିରେ ଯାଉଛନ୍ତି, ଯେଉଁ ଡଗରଟି 'ଜଳଆସ୍ଥି ଖଟି' ବନ୍ଧ ପର୍ଯ୍ୟନ୍ତ ପଡ଼ିଛି । ଜଙ୍ଗଲର ବର୍ଷାପାଣି ଏହି ବନ୍ଧରେ ଜମା ହୋଇ ପ୍ରାୟ ବର୍ଷ ତମାମ ରହେ । ଜଙ୍ଗଲରେ ପ୍ରାୟ ୧୦ ବର୍ଗମାଇଲ୍ ପରିଧି ମଧ୍ୟରେ ଏହା ଏକମାତ୍ର ଜଳାଶୟ । ତେଣୁ ସବୁ ଜୀବଜନ୍ତୁ ଏଠାରେ ପାଣି ଖାଆନ୍ତି । ଆମ ମଧ୍ୟରେ ମନ୍ତ୍ରଣା ହେଲା—ଏ ଦୁଇମୂର୍ତ୍ତି

Digitized by srujanika@gmail.com

କହଥାନ୍ତି ଖଟି ବନ୍ଧରେ ନିଶ୍ଚୟ ପାଣି ଖାଇବେ । ଆମେ ଆଗ ଭାଡ଼ି ଯାଇ ବନ୍ଧ ପାଖରେ ବସିଯିବା । ସେଇଆ କଲୁଁ । ସତ କହିବାକୁ ଗଲେ ଉପର ରାସ୍ତାରେ ଆଗ ଭାଡ଼ି ଯିବାକୁ ଭୟ ଜାତ ହେଲା । ଦୁଇ ଦୁଇ ମହାବଳ ବାଘ । ଯଦି ମୁହାଁମୁହିଁ ହାବୁଡ଼ ଯା'ନ୍ତୁ ! ଦୁଃସାହସ କରିବା ଭଲ ନୁହେଁ । ଆମେ ସରହଦ ଦେଇ ବୁଲିଣି ବାଟରେ ଯାଇ ବନ୍ଧ ନିକଟରେ ପହଞ୍ଚିଲୁ । ଏତେ ଆୟୋଜନ ସବୁ ବୃଥା । ପାଣିକୂଳରେ ଦୁଇମୂର୍ତ୍ତିଙ୍କର ଚଟଣା ଖୋଜରୁ ବୁଝିପାରିଲୁଁ ସେ ବାଘ ପାଣି ଖାଇ ପାରି ହୋଇଗଲେଣି । ସବୁଯାକ ଦୋଷ ମୋ'ର ମୁଣ୍ଡରେ । ଏକ ଫର୍ଲଙ୍ଗ ଦୂରରୁ ମୁଁ ଗୁଳି ଚଳାଇଲି ନାହିଁ—ଶିକାରୀ ସାଥୀଙ୍କର ଏହାହିଁ ଅଭିଯୋଗ ।

ବାଘର ପିଛା କରିବାକୁ ଆଉ କୌଣସି ସୁବିଧା ନ ଥିଲା । ମୁଁ ଓ ନେଥାନିଏଲ ସେଠାରେ ନିତ୍ୟକର୍ମ ସାରିନେବାକୁ ନିଯୁକ୍ତ ହେଲୁଁ । ବନ୍ଧତଳେ ତରଳଛରେ ଉସ୍ ଫଳ ପାଚି ଝଡ଼ୁଛି । ସେଠାରେ କୁକୁଡ଼ା, କଇଁଚର ମିଳିବାର ସମ୍ଭାବନା ଥିଲା । କିନ୍ତୁ ମୁଁ ଟଟେଇ ମାରିବା ପ୍ରାୟ ଛାଡ଼ିଦେଇଛୁ । ଏହି ଅବସରରେ ନଚଧନ ମୋର ପଟେଟରୁ ଦୁଇଟି ଛର୍‌ରା ଭର୍ତ୍ତି ଓ ବନ୍ଧୁକ ନେଇ ବୁଲିଗଲା । ଠିକ୍ ଯେଉଁଠି କୁକୁଡ଼ା ଓ କଇଁଚରଟାଏ ମିଳିଗଲେ ଗରମାଗରମ ଝୋଲଟାଏ ହେବ । ଆମେ ନିତ୍ୟକର୍ମ ସାରି ବାହାରିଲାବେଳକୁ ନଚଧନ କୁକୁଡ଼ା ଦୁଇଟି ମାରି ଆସି ପହଞ୍ଚିଲା । ନେଥାନିଏଲ ତା' ସହିତ ଯୋଗ ଦେଲା । ଦୁହେଁ ମିଶି କୁକୁଡ଼ା ଦୁଇଟିକୁ ଲୁମାଲୁମି କରିଦେଲେ । ସେମାନେ ଗୋଟିଏ ନେଲେ, ଆଉ ଗୋଟିଏ ମୋ ବ୍ୟାଗରେ ପକାଇଦେଲେ । ପେଟ, ଶିକାରୀଙ୍କୁ କିଛି ଖାଇବା ଜିନିଷ ମିଳିଗଲେ ବେଶ୍ ଶିକାରଯାତ୍ରା ସଫଳ ହେଲା ବୋଲି ମନେ କରନ୍ତି ।

ଦୁର୍ଦ୍ଦାନ୍ତ ଅଣ୍ଡିରା ବାଘଟା ଆକାରରେ ଖୁବ୍ ଲମ୍ବ ଓ ଉଚ୍ଚ । କିନ୍ତୁ ହୃଷ୍ଟପୁଷ୍ଟ ନୁହେଁ, ଧେଡ଼ଙ୍ଗାଟାଏ । ଶାଳୁଆ ଖମ୍ବ ପରି ଗୋଡ଼ । ଖୋଜଟାମାନଙ୍କୁ ବୁଖଣ୍ଡ ପାଇବ ନାହିଁ । ଅମର ସେ ଖଣ୍ଡମଣ୍ଡଳରେ ଏ ବାଘଟା 'ହାପୁଲି' ନାମରେ ପରିଚିତ । ଏପରି ଏକ ଅଦ୍ଭୁତ ନାମକରଣ ଶୁଣି ପାଠକେ ହସୁଥିବେ । ଯାହାହେଉ, ଆମେ ଏଣିକି ତାକୁ 'ହାପୁଲି' ନାମରେ ଅଭିହିତ କରିବୁ ।

Digitized by srujanika@gmail.com

ହ୍ୱାପୁଲ ଖସିଗଲା

୧

ଦିନକୁ ଦିନ ହ୍ୱାପୁଲର ଉପଦ୍ରବ କ୍ରମେ ବଢ଼ିବାକୁ ଲାଗିଲା । ପଶ୍ଚିମରେ ଅନ୍ଧାରୁଆଠାରୁ ପୂର୍ବରେ ପଟିଆ, ଦକ୍ଷିଣରେ ଫଣ୍ଡ୍ରେଗେଡଠାରୁ ଉତ୍ତରରେ ବାରଙ୍ଗ ଜା'ର ଉତ୍ପାତର କ୍ଷେତ୍ର । ଏତେ ବଡ଼ ବିସ୍ତୃତ ଅଞ୍ଚଳରେ ତା'ର ଖୋଜଖବର ନେବା ଆମ ପକ୍ଷରେ ସହଜସାଧ୍ୟ ନୁହେଁ । ତଥାପି ଆମେ ବରାବର ସନ୍ଧାନରେ ଥାଉଁ । ହ୍ୱାପୁଲ ମଇଁଷି ଗୋଠ କିମ୍ବା ଗାଈଗୋଠରେ ପଶିଗଲେ ଏକ ବେଳକେ ଦୁଇ ତିନି ମାରି ପକାଇଦେଇ ଯାଏ । ସେ ଏବେ ଗାଈଆଳ ଓ ମଇଁଷିଆଳଙ୍କ ଉପରେ ଆକ୍ରମଣ ଚଳାଇଦେଲାଣି । ସେମାନଙ୍କର ପଛପଟରେ ଧକ୍କାଏ ନେଇଯାଏ ମାରିଦେଇ ଚମ୍ପଟ କରେ । ମାତ୍ର ଏପର୍ଯ୍ୟନ୍ତ ମଣିଷଙ୍କଠି ଦାନ୍ତ ଲଗାଇ ନାହିଁ ।

ବାଘ ଜଙ୍ଗଲର ରାଜା । ସବୁ ଜନ୍ତୁଙ୍କଠାରୁ ବଳବାନ୍ ଓ ପରାକ୍ରମୀ । କିନ୍ତୁ ସମ୍ମୁଖ ସମରରେ ପଶ୍ଚାତ୍‌ପଦ । ସେ କାପୁରୁଷ ଭଳି ସବୁବେଳେ ପଛପଟରୁ ଆକ୍ରମଣ କରେ । ଏଣୁ ବାଘ ସମ୍ମୁଖରେ ପଡ଼ିଗଲେ କେବେହେଲେ ପୃଷ୍ଠଭଙ୍ଗ ଦେବାର ନୁହେଁ । କିନ୍ତୁ ଅଳ୍ପ ସାମନାରେ ପଡ଼ିଲେ ଠିକ୍ ତା'ର ଓଲଟା । ଅବିଳମ୍ବେ ଦ୍ରୁତ ପଳାୟନ ନ କଲେ ସ୍ୱଳ୍ପ ମୁହୂର୍ତ୍ତର ରକ୍ଷା ମିଳିବା ଅସମ୍ଭବ ।

ହାପୁଲ ଗାଈ ମଇଁଷି ମାରିବାର ଖବର ପାଇ ଆମ୍ଭେମାନେ ସଙ୍ଗେ ସଙ୍ଗେ ଦୌଡ଼ିଯାଉଁ । ବହୁ ଶ୍ରମ ସ୍ୱୀକାରପୂର୍ବକ ମଡ଼ାରେ ଜଗୁଁ । ପାଣିକୂଳରେ ଜଗିବସୁଁ । କିନ୍ତୁ ତା'ର ଟେର ମିଳେ ନାହିଁ । ବାଘ ଜଙ୍ଗଲର କୂଟନୀତିଜ୍ଞ ସମ୍ରାଟ୍ । ତାକୁ ମାରିବା ସହଜ କଥା ନୁହେଁ । ଖୋଲା ପଡ଼ିଆରେ ସାମନାସାମନି ବାଘକୁ ମାରିବା ଅସମ୍ଭବ । ସେଥିପାଇଁ କୂଟନୀତି ଦ୍ୱାରା ହାସଲ କରିବାକୁ ହେବ । ଆମ ହତୋତ୍ସାହ ନ ହୋଇ ବାରମ୍ବାର ଚେଷ୍ଟାରେ ଲାଗିପଡ଼ିଥାଉଁ ।

ବୈଶାଖ ମାସ । ସେଦିନ ଭୀଷଣ ଗରମ ପଡ଼ୁଥାଏ । ଏଭଳି ପାଗରେ ପାଣିକୂଳରେ ଜଗିଲେ ଶିକାର ମିଳିବାର ସମ୍ଭାବନା ଅଧିକ । ଭାଗ୍ୟରେ ଥିଲେ ହାପୁଲର ଦର୍ଶନ ମିଳିଯାଇପାରେ । ମୁଁ ଶିକାରକୁ ଯିବା ସ୍ଥିର କରି ମୋର ଶିକାରୀ ସାଥୀ ନବଘନ ଓ ନିତ୍ୟାନନ୍ଦ ପାଖକୁ ଖବର ପଠାଇଦେଲି । ଦିନ ପ୍ରାୟ

Digitized by srujanika@gmail.com

ଟା ସମୟ ହେବ। ବନ୍ଧୁକ ଖେଳ ଦେଖେଁ ତ ଗ୍ରାଫ ଭଳି ହୋଇ ରହିଛି। ମୁଁ ବସି ବନ୍ଧୁକ ସଫା କରୁଛି, ଏତ ସମୟରେ ଶିକାରକୁ ଯିବାସକାଶେ ରଜାଙ୍କର ଡକରା ଆସିଲା। ମୋର ମନଟା ଉଣା ପଡ଼ିଗଲା। ଯାହାହେଉ, ଯିବାକୁ ତ ବାଧ୍ୟ। ମୁଁ ପ୍ରସ୍ତୁତ ହୋଇଥାଏଁ। ମୋର ଶିକାରୀ ସାଥୀ ଆସିଯିବା ମାତ୍ରେ ବାହାରିପଡ଼ିଲି। ଘରୁ ଅନୁକୂଳ କରି ୨୦।୩୦ ପାହୁଣ୍ଡ ଯାଇଛୁଁ, ଜଣେ ଲୋକ ପଛରୁ ଡାକ ପକାଇଲା—ଆଜି କୁଆଡ଼େ ଯାଉଛ ? ଏଥିରେ ମୋର ମନ ଏକାବେଳକେ କ୍ଷୁବ୍ଧ ହୋଇଗଲା। ଶିକାରୀ ଶିକାରକୁ ଯିବାବେଳେ ଏପରି ପଚାରିବାର ନୁହେଁ। ଏଥିରେ ଶିକାରୀ ଖୁବ୍ ରାଗିଯାଏ। ହତୋତ୍ସାହ ମଧ୍ୟ ହୋଇପଡ଼େ। ଆଜି ଶିକାରଯାତ୍ରା ଶୁଭ ହେବ ନାହିଁ। ଫେରିଆସିଥାନ୍ତି; କିନ୍ତୁ ରଜାଙ୍କ ମର୍ଜି ରଖି ଯିବାକୁ ବାଧ୍ୟ ହେଲି।

ସବୁ ଦେଶରେ ଓ ସବୁକାଳରେ ଅନ୍ଧବିଶ୍ୱାସ ପ୍ରଚଳିତ ହୋଇଆସୁଛି। ଯାତ୍ରାକାଳରେ କେହି ପଛରୁ ଡାକିଦେଲେ, ଖାଲି ମାଠିଆ ସାମନାରେ ଦେଖାଇଲେ —ଏହିପରି ଆହୁରି କେତେ ବିଷୟକୁ ଲୋକେ ଅଶୁଭ ବୋଲି ମାନନ୍ତି। ଏହି ଧାରଣାର ପଛରେ କୌଣସି ଯୁକ୍ତି ନାହିଁ। ତଥାପି ଅନାଦିକାଳରୁ ମନୁଷ୍ୟ ମନରେ ଏହା ଘର କରିଗଲାଣି। ଏଥିପାଇଁ ମୁଁ କହୁଛି, ଶିକାରୀମାନେ ଅନ୍ୟଙ୍କ ପରି କେତେକ ଅନ୍ଧବିଶ୍ୱାସକୁ ପାଳନ କରନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ଜଙ୍ଗଲ ଜମିରେ ଜଳସେଚନ ପାଇଁ ଜଳଭଣ୍ଡାର ଆବଶ୍ୟକ। ପାହାଡ଼ ଓ ଜଙ୍ଗଲର ପାଣିକୁ ରୋକିବା ପାଇଁ କୃଷକମାନେ ସ୍ଥାନେ ସ୍ଥାନେ ବନ୍ଧ ବାନ୍ଧିଥାନ୍ତି। ଏଥିରେ ପ୍ରାୟ ବର୍ଷର ଅଧିକାଂଶ ସମୟ ପାଣି ରହେ। ସେଥିମଧ୍ୟରୁ 'ଗଡ଼ବାନ୍ଧ' ଓ 'ଟାପୁ' ନାମରେ ଦୁଇଟି ବନ୍ଧ ଦୁଇ ତିନି ଫର୍ଲଙ୍ଗ ବ୍ୟବଧାନରେ ଅବସ୍ଥିତ। ଗଡ଼ବାନ୍ଧ ଉପରେ; ତା' ତଳକୁ ଟାପୁବନ୍ଧ। ରଜାଙ୍କ ଗହଣରେ ଯାଇ ଗଡ଼ବାନ୍ଧରେ ପହଞ୍ଚିଲୁଁ। ସେଠାରେ ରଜାଙ୍କ ଶିକାର ସକାଶେ ଗୋଟିଏ ସୁନ୍ଦର ମଞ୍ଚା ପ୍ରସ୍ତୁତ ହୋଇଥାଏ। ରଜାଙ୍କ ସଙ୍ଗରେ ମୁଁ ବସିବା ନିମିତ୍ତ ପ୍ରସ୍ତାବ ହେଲା। ତାଙ୍କ ସଙ୍ଗରେ ବସିଲେ ନିଜର ସ୍ୱାଧୀନତା କିଛି ନାହିଁ। କେଣୁ ତାଙ୍କ ସଙ୍ଗେ ବସିବା ମୋର ଇଚ୍ଛା ନୁହେଁ। ସିଧା ସଳଖ ତ ନାହିଁ କରିଦେବ ନାହିଁ। କିଛି ଗୋଟିଏ ଉପାୟ ଉଦ୍ଭାବନ କରିବାକୁ ହେବ। ମୁଁ କହିଲି, "ଆଜ୍ଞା, ଟାପୁରେ କେହି ନ ବସିଲେ ସେଠାରେ ଜନ୍ତୁ ପାଣିଖାଇ ଚାଲିଯିବେ।" ରଜାସାହେବ

Digitized by srujanika@gmail.com

କହିଲେ, "ତେବେ ଯାଅ, ତମେ ବସ ।" ମୋର ଶିକାରୀ ସାଥୀ ଦୁଇଜଣଙ୍କୁ ନେଇ ରାଜାସାହେବ ମଞ୍ଚାରେ ବସିଲେ । ଅନ୍ୟଲୋକମାନଙ୍କୁ ଧରି ମୁଁ ତାମ୍ବୁକୁ ଫେରିଆସିଲି ।

ତାମ୍ବୁରେ ଜଗିକରି ବସିବାପାଇଁ "ମାଣ୍ଡ୍ ବାଡ଼୍" (ଭୂଇଁରେ ମାଟିଖୋଳି ବସିବାର ସ୍ଥାନ) ବ୍ୟତୀତ ଅନ୍ୟ କୌଣସି ସୁବିଧା ନାହିଁ । ଗ୍ରାମର ଯେଉଁ ଶିକାରୀ ବାରୁହା, ମିରଗ ମାରିବା ଉଦ୍ଦେଶ୍ୟରେ ତାହା କରିଥାଏ । ଏଥିରେ ମୋଟେ ଦୁଇଜଣ ଲୋକ ବସି ପାରିବେ । 'ନଈବଢ଼କୁ ବଉଁଙ୍କ ରାଣ' ଭଳି ନିରାପତ୍ତା ପାଇଁ ମାଣ୍ଡ୍‌ର ଚାରିପାଖରେ ଡାଳେ ଡାଳେ ଶୁଖିଲା ବାଉଁଶ କଣ୍ଟା ବିଛାଯାଇଥାଏ । ମୁଣ୍ଡ ଉପରଟା ଖୋଲା । ଏଥିରେ ବସି ବାଘସାହେବଙ୍କ ଉପରକୁ ଗୁଳିକରିବା ବିପଦର କଥା । ରାତିରେ ଜଗିକରି ବସିବା ସମୟରେ ଅନ୍ୟୂନ ଜଣେ ସାଥି ପାଖରେ ଥିବା ଆବଶ୍ୟକ । ଏକୁଟିଆ ବସିଲେ ବଡ଼ ନିଃସଙ୍ଗ ବୋଧହୁଏ । ଶିକାରରେ ମନ ଲାଗେ ନାହିଁ । ପୁଣି ଶିକାର ହେଲେ, ତାକୁ ନେବା ଆଣିବା କରିବାରେ ସାଥୀର ଆବଶ୍ୟକତା ଅତବେଶି । ଏଣୁ କରି ମୋ ସଙ୍ଗେ ବସିବା ସକାଶେ ଜଣେ ସାଥୀର ଆବଶ୍ୟକତା । କିନ୍ତୁ ତଳେ ଏବଂ ଏପରି ଖୋଲା ଜାଗାରେ ବସିବା ସକାଶେ କେହି ରାଜି ହେଲେ ନାହିଁ । ଶେଷରେ ଧମକ ଚମକ ଦେଖାଇ ରାଜାଙ୍କର ଜଣେ ଚାକର ଟୋକାକୁ ବାଧ୍ୟ କରାଇଲି । ତା'ର ନାମ ଗୁଣ୍ଡିବୁ । ଆମେ ଦୁହେଁ ମାଣ୍ଡ୍‌ରେ ବସିଲୁଁ । ମୋ ହାତରେ ୧୨ ନମ୍ବର ଡବଲ୍‌ ବାରେଲ୍‌ ବନ୍ଧୁକ, ଆଉ ତା ପାଖରେ ଲୁହାର ଗୋଟିଏ ବର୍ଚ୍ଛା । ରାଜାଙ୍କ ସାଙ୍ଗରେ ଆସିଥିବା ଅନ୍ୟ ଲୋକମାନେ ସେଠାରୁ ଡାକେ ଦୂରରେ ଥିବା ଏକ ଆମ୍ବ ତୋଟାରେ ଅପେକ୍ଷା କରି ବସିବାକୁ ଚାଲିଗଲେ ।

୨

ବୈଶାଖ ମାସ । ଶୁକ୍ଳପକ୍ଷ ରାତି । ମେଘନିର୍ମୁକ୍ତ ଆକାଶ । ଜ୍ୟୋତ୍ସ୍ନାବିଧୌତ ଧରଣୀ ପାଣିକୂଳର 'ଶୀତଳଶୀତ ବାୟୁ' ଓ ବଣମଲ୍ଲୀ ଫୁଲର ମହକ ପ୍ରାଣରେ ପୁଲକ ଭରି ଦେଉଥାଏ । ନିସ୍ତବ୍ଧ ରାତିରେ ଟିଟିହି ପକ୍ଷୀର ସୁଲଳିତ ତାନ କର୍ଣ୍ଣକୁହରରେ ଅମୃତ ଧାରା ଢାଳୁଥାଏ । ଯାତ୍ରା ଆରମ୍ଭରେ ସେ ଲୋକଟି ଠକିବା ବେଳକୁ ମନ ମରିଯାଇଥାଏ । ଶିକାର ଆଶା ଛାଡ଼ିଦେଇଛୁ । ଆରାମରେ ବସି ଜ୍ୟୋଛନା ରାତିରେ ବନାନୀର ଶୋଭା ଉପଭୋଗ କରୁଥାଉଁ ।

Digitized by srujanika@gmail.com

ଆମର ପଶ୍ଚ ଭୂଭାଗରେ ବନ । ସମ୍ମୁଖ ଓ ଉଭୟ ପାର୍ଶ୍ୱରେ ଖୋଲା ସମତଳ ଶସ୍ୟକ୍ଷେତ୍ର । ପ୍ରାୟ ପାଞ୍ଚ ଏକର ପରିଧି ମଧ୍ୟରେ ସାମାନ୍ୟ ବୃକ୍ଷାଦିଟିଏ ହେଲେ ନାହିଁ । ଏଣୁ ଠେକୁଆଟିଏ ହେଲେ ମଧ୍ୟ ଦୂରରୁ ପରିଷ୍କାର ବାରି ହୋଇପଡନ୍ତାଏ । ଉପରେ ଘନ ଜଙ୍ଗଲ ମଧ୍ୟରେ ଗବଦାର ବନ ଥାଉ ଥାଉ ଏପରି ଏକ ଖୋଲା ଜାଗାକୁ ବାଘ ଆସିବା ଅସମ୍ଭବ । ଏଣୁ ମୁଁ ସେ ବିଷୟରେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ । ବସି ବସି ହେଟା, ବଲୁଆ, ଗୁଳୁ, ଠେକୁଆ ପ୍ରଭୃତି ଜନ୍ତୁଙ୍କର ପାଣି ଖାଇବା ଦେଖୁଥାଏଁ । ଏସବୁ ଜନ୍ତୁଙ୍କର ପାଣି ଖାଇବା ବେଳର ଛନ ଛନ ଭାବ, ଥର ଥର ସ୍ୱର, ଛନ ଛନ ସୁହାଣୀ ଦେଖିଲେ ମନରେ ବଡ କୌତୂହଳ ଜାତ ହୁଏ । ଗୁଣ୍ଡିଗୁ ଜନ୍ତୁ ଦେଖିବା ପାଇଁ ଖାଲି ଖୁଜୁବୁ ଭୁଜୁବୁ ହେଉଥାଏ । ବେଳେ ବେଳେ ମୁଁ ଉଣ୍ଡି ପାଖରୁ ଆଡେଇଯାଇ ତାକୁ ଦେଖିବାକୁ ଦଏଁ ।

ରାତିପ୍ରାୟ ୧୦ଟା ପାଖାପାଖି । ଏହି ସମୟରେ ଏକସଙ୍ଗେ ଦୁଇଗୁଟି କେକେଇ (ଟିଠ ଭ ପକ୍ଷୀ) ଟେଁ ଟେଁ ଚିତ୍କାର କରି ଆକାଶ ଫଟାଇ ପକାଇଲେ । ଏହା କୌଣସି ହିଂସ୍ରଜନ୍ତୁ ଆଗମନର ସୂଚନା । ଉପସ୍ଥିତ ନ ହେଲେ ସେମାନେ ଏପରି ବୋବାନ୍ତି ନାହିଁ । ପକ୍ଷୀମାନଙ୍କ ବୋବାଳିରୁ ଶିକାରୀକୁ ଶିକାରର ଅନେକ ସନ୍ଧାନ ମିଳିଥାଏ । କେଉଁ ପକ୍ଷୀ କେଉଁ ସମୟରେ କିପରି ବୋବାନ୍ତି, ଏ ବିଷୟରେ ଶିକାରୀଙ୍କର ବିଶେଷ ଜ୍ଞାନ ଥିବା ଆବଶ୍ୟକ । ମୁଁ ସତର୍କ ହୋଇଗଲି । ଗୁଣ୍ଡିଗୁକୁ ସତର୍କ କରାଇଦେଲି । ଏକଦୃଷ୍ଟିରେ ଦୂରକୁ ଚାହିଁଥାଏଁ । ଏହି ସମୟରେ ଜଙ୍ଗଲର ଛୋଟ ବଡ ଝାଟର ସହିତ ବାହାରିପଡିଲେ । ତା'ର ବିଶାଳ ରୂପ ଦେଖି ମୁଁ ସ୍ତମ୍ଭୀଭୂତ ହୋଇଗଲି । ଏଭଳି ଅପ୍ରତ୍ୟାଶିତ ସ୍ୱାଗତ ପାଇଁ ମୁଁ ଆଦୌ ପ୍ରସ୍ତୁତ ନ ଥିଲି । ସେ ନବାବଙ୍କ ଭଳି ଚାଲି ଚାଲି ଆସୁଥାଏ । ହଠାତ୍ କିଏ ଅମିଯାଇ ସ୍ୱରର ଗତି ବଦଳାଇନେଲା । ଏଥର ବାଁ'କୁ ଡାହାଣକୁ ଚାହିଁ ଚାହିଁ ଧୀର ପଦକ୍ଷେପରେ ଆସୁଥାଏ । ମୁଁ ବନ୍ଧୁକ ଗ୍ରହଣରେ ଭିଡ଼ି ଟିଗରରେ ଅଙ୍ଗୁଳି ରଖି ତିଆର ହୋଇଗଲି । ମୋ ପ୍ରସ୍ତୁତି ଦେଖି ଗୁଣ୍ଡିଗୁ ପଚାରିଲା—"କ'ଣ ?" ମୁଁ ତା' କାନରେ କହିଦେଲି, "ବାଘ !" ସେତେବେଳକୁ ବାଘ ପାଣିପାଖରେ ପହଞ୍ଚିଗଲାଣି । ଏଣେ ଗୁଣ୍ଡିଗୁ ବର୍ଚ୍ଛା ଧରିବା ସକାଶେ ବାହାର କରୁଛି । ବର୍ଚ୍ଛା ବାହାର କରିବାର ଖସଖାସ ଶବ୍ଦରେ ବାଘ ସତର୍କ ହୋଇଗଲା । ବାଘ ଜଙ୍ଗଲର ସବୁ ଜନ୍ତୁଙ୍କଠାରୁ ସୂକ୍ଷ୍ମ । ସାମାନ୍ୟ ଶବ୍ଦରେ ଗ୍ରେଟ ପଟଟିଏ

Digitized by srujanika@gmail.com

ହଲିବାରେ ସେ ସତର୍କ ହୋଇଯାଏ । ମୁଁ ଗୁଣ୍ଡେ ଗୁଳିର ଜଙ୍ଘକୁ ଏପରି ଏକ ଚମ୍ପଟା ଦେଲି ଯେ, ସେ ସେଠିକରେ ପିବୁଲା ପାଲଟିଗଲା । ତେଣେ ବାଘ ପାଣି ନ ଖାଇ କୂଳରେ ବସିପଡ଼ିଲା । ଆମ ପାଖରୁ ମାତ୍ର ପନ୍ଦର ହାତ ତଫାତ୍ । ନିର୍ମଳ ଚନ୍ଦ୍ରକିରଣରେ ତା'ର ନଖ, ଆଖି, ଦାନ୍ତ ବଗେଲ ଦେଖାଯାଉଥାଏ । ଆଖିରୁ ସତେ କି ଅଗ୍ନି କଣା ନିର୍ଗତ ହେଉଛି । ତା'ର ସେଇ ଅସାଧାରଣ ଆକାର ଓ ଭୟଙ୍କର ରୂପ ଦେଖିଲେ କାହାର ହୃତକମ୍ପ ନ ହେବ ? ପାଦଚିହ୍ନରୁ ପ୍ରମାଣିତ ହୋଇସାରିଛି, ସେ ବୃଦ୍ଧ ନୁହେଁ, ଯୁବକ । ମାତ୍ର ବାଘ ଯେପରି ହୃଷ୍ଟପୁଷ୍ଟ ହେବାର କଥା ସେପରି ହୋଇନାହିଁ । କିଛି ନା କିଛି ଶାରୀରିକ ପୀଡ଼ା ଭୋଗୁଥିବାର ଅନୁମିତ ହେଲା ।

ଘୋର ବସନ୍ତର କଥା—ଏପରି ଖୋଲା ଜାଗାକୁ ବାଘ ଆସିଲା କପରି ? ବୋଧହୁଏ ଗଡ଼ଜାତରେ ରଜାଙ୍କ ପାଖରୁ କିଛି ଖଟ୍କା ପାଇ ଏଠାକୁ ପଳାଇ-ଆସିଛି । ସେଭଳି ଉତ୍ପାତି ହୋଇ ନ ଥିଲେ ସେ ଏଠାକୁ ଆସି ନ ଥାନ୍ତା । ବନ୍ଧ୍ୟା ସ୍ତ୍ରୀ ସନ୍ତାନବତୀ ହେବାର ଲକ୍ଷଣ ଦେଖିଲେ ଯେପରି ଆନନ୍ଦିତ ହୋଇଉଠେ, ମୁଁ ସେହିପରି ଆନନ୍ଦିତ ହୋଇଉଠିଲି । କେବଳ ଫାୟାର କରିବାର ସୁଯୋଗ ଅପେକ୍ଷାରେ ଥାଏଁ ।

ଆମେ ଦକ୍ଷିଣକୁ ମୁହଁ କରି ବସିଥାଉଁ । ହାପୁଲ ପୂର୍ବକୁ ସାମନା କରି ବସିଥାଏ । କିନ୍ତୁ ଦୃଷ୍ଟି ଥାଏ ଆମ ଆଡ଼କୁ । ପ୍ରାୟ ୧୫ ମିନଟ୍ ଏହିପରି ବସିରହିଲା । ତା'ପରେ ପାଣିକୁ ମୁହଁ ବଢ଼ାଇଲା ଏବଂ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବେଗରେ ଆମ ଆଡ଼କୁ ଦୃଷ୍ଟି ଫେରାଇ ପୁଣି ବସିପଡ଼ିଲା । ଆମ ଆଡ଼କୁ ଚାହିଁ ନଖ ଫୁଲାଇ, ଲାଙ୍ଗୁଳ ବାଡ଼େଇ ଧଡ଼ୁଧଡ଼ୁ, ଫାଏଁ ଫାଏଁ ହେଉଥାଏ । କିଛି ସମୟ ପରେ ପୁଣି ପାଣିକୁ ମୁହଁ ବଢ଼ାଇଲା, କିନ୍ତୁ···ପାଣି ନ ପିଇ ପୂର୍ବପରି ଆମଆଡ଼କୁ ମୁହଁ ଫେରାଇ ଗର୍‌ର ଗର୍‌ର୍ ହେଉଥାଏ । ପାଣି କୂଳ । ବେଙ୍ଗଗୁଡ଼ାକ ଖପ୍ ଖାପ୍ ଡେଉଁଥାନ୍ତି । ହାପୁଲ ସେମାନଙ୍କ ଉପରେ ଗପ୍ ଗପ୍ ପଞ୍ଝା ମାରି ଦେଉଥାଏ । ଏହିପରି ଭାବରେ ପ୍ରାୟ ଅଧଘଣ୍ଟାଏ କାଳ କାଟିଲା । ଏତିକି ସମୟ ମୋ ପକ୍ଷରେ ଗୋଟିଏ ଯୁଗ । ବାଘ ଅପଲକ ନେତ୍ରରେ ଆମ ପ୍ରତି ଦୃଷ୍ଟି ରଖିଥାଏ । ତେଣୁ ବନ୍ଧୁକ ଉଠାଇବାର ଉପାୟ ନାହିଁ । ବାଘର ଦୃଷ୍ଟିରେ ଆଉ ଗୁଳି କରିବାର ନୁହେଁ । ତା' ହେଲେ ଯେତେ ଦାଉରେ ଗୁଳି ଲାଗିଲେ ମଧ୍ୟ ସେ ଆକ୍ରମଣ କରିବ ।

Digitized by srujanika@gmail.com

ବନ୍ଧୁକ ଫୁଲଚଲ ହେବା ତା'ର ଦୃଷ୍ଟିଗୋଚର ହେଲେ ସେ ତତ୍‌କ୍ଷଣାତ୍ ଆକ୍ରମଣ କରିବ, ନଚେତ୍ ପଳାଇବ । ଏଥିପାଇଁ ମୁଁ ତାର ପାଣି ଖାଇବାକୁ ଅପେକ୍ଷା କରି ନିର୍ଜୀବ ଭଳି ବସି ରହିଥାଏ ।

ପ୍ରତି ମୁହୂର୍ତ୍ତରେ ଆଶଙ୍କା, ଏଇବାଘ ଆମ ଉପରକୁ ଲମ୍ଫ ଦେବ କି ! ଏହି ସମୟରେ ସେ ବନ୍ଦୁକ ଗଡ଼ରେ ଦୁଇ ଥର ପାଦ ଆମ ଆଡ଼କୁ ମାଡ଼ିଆସିଲା । ସେତେବେଳେ ମୋର ହଂସା ଉଡ଼ିଗଲା, ଆଉ ସବନେଲା, ହଂସାର ପ୍ରସ୍ତୁତି 'ସର୍ବବୈ ପୂର୍ଣ୍ଣାହୁତି ସ୍ୱାହା' ହୋଇଗଲା । ଜୋତକୁ କଅଣ ଶୁଭ ସେ ହଠାତ୍ ଫେରିଗଲା ସେଇଠି । ମୃତ୍ୟୁ ସଙ୍ଗେ ଖେଳିବାରେ ଶିକାରୀଙ୍କର ଆନନ୍ଦ । କିନ୍ତୁ ଛେଳି ପରି ମରିବାକୁ କେହି ପସନ୍ଦ କରିବେ ନାହିଁ । ସମତଳ ଭୂମିରେ ମୁହାଁମୁହିଁ ହୋଇଥିଲେ ଶୋଚନା ନ ଥାନ୍ତା । ବର୍ତ୍ତମାନ ବନ୍ଧୁକ ଚଳାଇବାର ସୁବିଧା ନାହିଁ । ଗାତଟା ଭିତରେ ଥିବାରୁ ପ୍ରତିରୋଧର ସମସ୍ତ ବାଟ ହରାଇ ବସିଛୁ ।

ମୁଁ ମନେ ମନେ ଭାବୁଥାଏ, ବାଘ ଶୋଷେଇଛି । ତା' ନ ହେଲେ ଶଙ୍କାକୁଳ ହୋଇ ମଧ୍ୟ ପଳାଇ ଯାଉନାହିଁ କାହିଁକି ? ମୁଁ ସ୍ଥିର କରିଥାଏ, ପାଣିରେ ମୁହଁ ଲଗାଇବା ମାତ୍ରେ ଫାୟାର କରିଦେବି; ପରିଣାମ ଯାହା ହେଉ ପଛକେ । ଆଖିର ବାଘ ପାଣି ଖାଇଲା ନାହିଁ । ହଠାତ୍ ଝଡ଼ ବେଗରେ ପଶ୍ଚିମକୁ ଚାଲିପଡ଼ି ଆମକୁ ନିତାନ୍ତ ଅବଜ୍ଞାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଚାହିଁ ଚାଲିଗଲା । ମୁଁ ମନେ ମନେ କହୁଥାଏଁ, ହଉ ଯା । ମାତ୍ର ଏ ଅବଜ୍ଞାର ପ୍ରତିଫଳ ତୋତେ ଅଚିରେ ଭୋଗ କରିବାକୁ ପଡ଼ିବ । ବହୁଦିନର ଆଶା ଏ ଅଳ୍ପକେ ଚୋରାଟା ଯୋଗୁଁ ବ୍ୟର୍ଥ ହୋଇଗଲା ।

ହାପୁଲ ମୁହଁରୁ ରକ୍ଷା

୧

ହାପୁଲ ସଙ୍ଗେ ଦ୍ୱିତୀୟ ବାର ଭେଟ ହେବା ପରେ, ସେ ଯେ ଗୋଟିଏ ସାଧାରଣ ବାଘ ନୁହେଁ, ଏ ବିଷୟରେ ମୋ ମନରେ ଆଉ ସନ୍ଦେହ ରହିଲା ନାହିଁ । ସାଧାରଣ ବାଘଠାରୁ ତା'ର ସ୍ୱତନ୍ତ୍ରତା ନିରୂପଣ ନ କଲେ ତାକୁ ମାରିବା ଅସମ୍ଭବ । ତେଣୁ ତା ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବାପାଇଁ ମୋର ଆଗ୍ରହ

Digitized by srujanika@gmail.com

ପ୍ରବଳ ହୋଇଉଠିଲା । ସୁତରାଂ କ୍ରମାଗତ ତା ପିଛା ଧରିବାକୁ ହେବ । ଏଥିପାଇଁ ମୁଁ ଏବଂ ମୋର ଶିକାରୀ ସାଥୀମାନେ ସଙ୍କଳ୍ପବଦ୍ଧ ହେଲୁ ।

ନରମାଂସ, ଗୋମାଂସ ସାଧାରଣତଃ ବାଘର ସ୍ୱାଭାବିକ ଖାଦ୍ୟ ନୁହେଁ । ସେ ଜଙ୍ଗଲର ଶ୍ରେଷ୍ଠତର ଜନ୍ତୁ, ବିଶେଷ କରି ମିରିଗ, ଖୁରୁଙ୍ଗ, ସମ୍ବର ଓ ଘୁଷୁରି ପ୍ରଭୃତି ମାରି ଖାଏ । ମନୁଷ୍ୟଙ୍କୁ ବାଘର ଖୁବ ଡର । ମଣିଷର ଗନ୍ଧ ପାଇଲେ ସେ ଚକଡ଼ାରେ ରହିବ ନାହିଁ । ବାଘ ଭଗବାନଙ୍କର ଏକ ଆବଶ୍ୟକ ସୃଷ୍ଟି । ସେ ଖୁସିରେ ଜୀବହିଂସା କରେ ନାହିଁ । ନିଜର ଜୀବନଯାତ୍ରା ନିର୍ବାହ ପାଇଁ, ଅସହ୍ୟ କ୍ଷୁଧାର ନିବାରଣ ସକାଶେ ସେ ଜୀବ ମାରିବାକୁ ବାଧ୍ୟ ହୁଏ । ବାଘ ବନ୍ୟଜନ୍ତୁର ଅଭାବରେ ପେଟର ଜ୍ୱାଳା ନିବୃତ୍ତି ସକାଶେ କେବେ କେମିତି ଗୋରୁଟାଏ କି ମଇଁଷିଟାଏ ମାରେ । ମଣିଷର ପାଖ ମାଡ଼େ ନାହିଁ । କିନ୍ତୁ ବାଘୁଣୀର ସ୍ୱଭାବ ଭିନ୍ନ ପ୍ରକାର ।

ବାଘୁଣୀ ଖାଉ ବା ନ ଖାଉ ଗାଈ ମଇଁଷି ମାରିବା ତା'ର କାମ । ଏକ ସମୟରେ ଗୋଟିଏ ଗୋଠରୁ ଦୁଇ ତିନି ଗାଈ ମଇଁଷି ମାରିଦିଏ । କାହାକୁ କାମୁଡ଼ି କାହାକୁ ପଞ୍ଝା ମାରି ଖତମ କରେ । ଏ ମଧ୍ୟରେ କେତେ ଜଣ ଲୋକଙ୍କୁ ପଞ୍ଝା ଦ୍ୱାରା ଖଣ୍ଡିଆ ଖାବରା କଲାଣି । ଜଙ୍ଗଲରେ କାଠ ସଂଗ୍ରହ କରୁଥିବା ସ୍ତ୍ରୀଲୋକଙ୍କ ମଧ୍ୟରୁ ଜଣକୁ କାମୁଡ଼ି ମାରିପକାଇଛି; କିନ୍ତୁ ଖାଇନାହିଁ । ମଣିଷକୁ ମାରିଥିବା ପ୍ରତ୍ୟେକ ବାଘକୁ ମଣିଷଖିଆ କୁହାଯାଇ ନ ପାରେ । କାହିଁକି ନା, ମନୁଷ୍ୟର ଦାଉରୁ ରକ୍ଷା ପାଇବା ପାଇଁ ହୁଏତ ତାକୁ ମାରିଦିଏ, ମାଂସ ଲୋଭରେ ନୁହେଁ । ସାଧାରଣତଃ ଲୋକଙ୍କର ବିଶ୍ୱାସ ଯେ, ସବୁ ବାଘ ମଣିଷ ମାରନ୍ତି ଓ ଖାଆନ୍ତି । କିନ୍ତୁ ଏହା ଠିକ୍ ନୁହେଁ । କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ବାଘ କ୍ରୂର ଓ ରକ୍ତପିପାସୁ ହୋଇପଡ଼େ । କି ପରିସ୍ଥିତିର ତାଡ଼ନାରେ ବାଘ ଏପରି ହୋଇପାରେ ? ଏହାର କେତୋଟି କାରଣ ଅଛି । ତନ୍ମଧ୍ୟରେ ପ୍ରଧାନତଃ ବୃଦ୍ଧ ବୟସ ହେତୁ ଯେତେବେଳେ ସେ ବନ୍ୟଜନ୍ତୁଙ୍କୁ ଶିକାର କରିବାରେ ଅକ୍ଷମ ହୋଇପଡ଼େ, ସେତେବେଳେ ସହଜଲଭ୍ୟ ଖାଦ୍ୟ ମଣିଷକୁ ମାରେ । ପୁଣି ଅସଫଳ ଲକ୍ଷ୍ୟର ପରିଣାମସ୍ୱରୂପ ତା ଦେହରେ ଗୁଳି ଲାଗି କ୍ଷତ ହେଲେ, ସେ ତାହାର ସମସ୍ତ ଧୈର୍ଯ୍ୟ ହରାଇବସେ । ଅତ୍ୟନ୍ତ କ୍ରୂର ହେବା ସଙ୍ଗେ ସଙ୍ଗେ ଖୁବ୍ ଚାଲାକ୍ ହୋଇଯାଏ । ଫଳରେ ସେ ଯାହାକୁ ପାଏ ତାକୁ ଆକ୍ରମଣ କରେ ।

Digitized by srujanika@gmail.com

ବାଘ ଶିକାର କରିବାକୁ ହେଲେ କେବଳ ସାହସ ଓ ଅଭୁଟ ଲକ୍ଷ୍ୟରେ କାମ ଚଳେ ନାହିଁ । ତା'ର ସ୍ୱଭାବ ସହିତ ଉତ୍ତମରୂପେ ପରିଚିତ ହେବାକୁ ହେବ । କ୍ରମାଗତ ଅନୁଧାବନ ଫଳରେ ଆମେ ବ୍ୟାଘ୍ରଙ୍କର ସ୍ୱଭାବ ସହିତ ବେଶ୍ ପରିଚିତ ହୋଇଗଲୁଣି । ଆମେ ଦୁଇ ପ୍ରକାରେ ବାଘ ଶିକାର କରୁଁ । ମଞ୍ଚ କିମ୍ବା ଭାନ୍ଦମ-ସ୍ଥାପ୍ତ ହାଣ୍ଡି ଉପରେ ନିରାପଦରେ ଥାଇ ଶିକାର କରିବା । ଅନ୍ୟ ପ୍ରକାର ହେଉଛି, ବାଘର ପିଛା କରି ଲୁଚିଛପି ମାରିବା, ସାମନାସାମନି ଚମତ୍କାର କରି ନୁହେଁ । ଆମ ଓଡ଼ିଶାର ସବ୍‌ଜାନୁହାମାନଙ୍କରେ ଏପରି ଡାକହାକ ବାଘ ମାରିବା ଶିକାରୀଙ୍କର ଅଭାବ ନାହିଁ ।

ଆମ୍ଭେମାନେ କେତେଥର ହୃଷ୍ଟପୁଷ୍ଟ ମଇଁଷି ବନ୍ଧା ହୋଇ ରାତି ଜାଗିଲୁଣି । କିନ୍ତୁ ଜାଗରଣ ମାତ୍ର ସାର ହୁଏ; ବ୍ୟାଘ୍ରର ଦର୍ଶନ ପର୍ଯ୍ୟନ୍ତ ମିଳେ ନାହିଁ । ସକାଳୁ ଉଠି ଦେଖୁଁ, ବ୍ୟାଘ୍ର ମଇଁଷିଠାରୁ ଅଳ୍ପ କିଛି ଦୂରରେ ଯିବାଆସିବା କରିଛି; ଅଥଚ ମଇଁଷି ଉପରେ ଆକ୍ରମଣ କରିନାହିଁ । କେଡେ ଚଲାକ ସେ ! ମଇଁଷି ଚିହିଁ ଶବ୍ଦ ଶୁଣି ଆକୃଷ୍ଟ ହୋଇ ଆସିଛି; କିନ୍ତୁ ଆକ୍ରମଣ କରିନାହିଁ । ମଇଁଷି ବଞ୍ଚିଥିବା ଏହାର ଏକମାତ୍ର କାରଣ । ତା'ର ଏ ଚରକାପଣିଆରୁ ଅନୁମାନ, ସେ କୌଣସି ଶିକାରୀର ଗୁଳିରେ ଆଘାତପ୍ରାପ୍ତ ହୋଇଛି । ଆମେ ନିରାଶ ନ ହୋଇ ପରବର୍ତ୍ତୀ ସୁଯୋଗ ଆଶାରେ ଆଶାନ୍ୱୀ ହୋଇ ଘରକୁ ଫେରୁଁ ।

୨

ବୈଶାଖ ମାସ । ଦିନ ଦ୍ୱିପ୍ରହର ସମୟ । ମୁଁ ଶୋଇ କଅଣ ଖଣ୍ଡିଏ ବହି ପଢ଼ୁ ପଢ଼ୁ ଆଖି ଟିକିଏ ଲାଗିଆସିଲା । ଗୋଟିଏ ସ୍ତ୍ରୀଲୋକର ହୃଦୟବିଦାରକ କ୍ରନ୍ଦନସ୍ୱର ଶୁଣି ହଠାତ୍ ଉଠିପଡ଼ିଲି । ବୁଝି ବୁଝି କଅଣ କି, ପଞ୍ଚୁ ବେହେରାକୁ ବାଘ କାମୁଡ଼ିଦେଇଛି । ବାଘ ନାଁ ଶୁଣି ମୁଁ ଡେଇଁ ଉଠିଲି । ସଙ୍ଗେ ସଙ୍ଗେ ତା ଘରକୁ ଦଉଡ଼ିଗଲି । ପଞ୍ଚୁ ପିଣ୍ଡାରେ ବସିଥାଏ । ସାଇଟ ଯାକର ଲୋକ ଜୁଣ୍ଡ ହୋଇ ହାଉ ହାଉ ହେଉଥାନ୍ତି । ସେଆଡ଼କୁ ମୋର ନଜର ନ ଥାଏ । ପଞ୍ଚୁଠାରୁ ବୟାନ ଶୁଣିବାକୁ ତର ସହୁ ନାହିଁ । ସେ କହୁଥିଲା—"ମୁଁ ଗାଈଗୋଠ ନେଇ 'ତେଲୁଆଗୋଠ' (ଜଙ୍ଗଲର ନାମ) ଆଡ଼କୁ ମୁହାଁଇଦେଲି । ଆଗରେ ସ୍ୱଲ୍ପସାର ଗାଈ ବାହାରିବା ଉପର ମୁହଁରେ ବସି ଜଠରରେ ବର୍ଷ ଲଗାଉଛି,

Digitized by srujanika@gmail.com

ଏହି ସମୟରେ ମୋ କାନ୍ଧରେ ଚହୁରସ ଧକ୍‌କାଏ ବାଜିଲା । ମୁଁ ମୁହଁ ମାଡ଼ି ପଡ଼ିଗଲି । ମୁହ୍ୟୂର୍ତ୍ତିକେ ଉଠିପଡ଼ି ଦେଖେଁ ତ ବାଘ ପୁଣି ମୋ ଉପରକୁ ଉଡ଼ୁଛି ଆସୁଛି । ମୁଁ ମୋ ବାଡ଼ିରେ ଭୁଡ଼ାକୁ ବାଡ଼େଇ ପାହି କରୁଥାଏଁ । କିଛି ସମୟ ପରେ ବାଘ ଗର୍ଜନ କରି ଚାଲିଗଲା ।"

ମୁଁ ପଞ୍ଜୁ ପିଠିର ଷତକୁ ଭଲ ଭାବରେ ଦେଖିଲି । ବାଘର ଆଗ ପଞ୍ଜା ର ନଖ ଉନୋଟି ଲେଖାଁ ଛଅଟି ନଖ ବସିଛି । ଷତ ସାଂଘାତିକ । ଦେଖିଲେ ଡରିଯିବ ଲୋକ । କିନ୍ତୁ ମର୍ମସ୍ଥାନ ହୋଇ ନ ଥିବାରୁ ଜୀବନ ପ୍ରତି କୌଣସି ପ୍ରକାର ଆଶଙ୍କା ନାହିଁ ।

ମୁଁ ପଚାରିଲି, "ବାଘ କେଉଁଆଡ଼କୁ ଗଲା ?"

ସେ କହିଲା, "ଗାଈ ଯେଉଁଆଡ଼ୁ ଆସୁଥିଲେ, ସେଇଆଡ଼କୁ ଗଲା ।"

ମୁଁ କହିଲି, "ଅଚ୍ଛା, ତୁ କେଉଁ ଦିଗକୁ ମୁହଁ କରି ବସିଥିଲୁ ?"

ସେ କହିଲା, "ପୂର୍ବ ଦିଗକୁ ।"

ପୁଣି ମୁଁ ପଚାରିଲି, "ଏ ଘଟଣା କେତେଟା ସମୟରେ ଘଟିଲା ?"

ସେ ଉତ୍ତର ଦେଲା, "ପ୍ରାୟ ଦିନ ବାରଟା ସମୟ ହେବ ।"

ଡେରି ହୋଇଯାଉଛି । ଆଉ ବିଶେଷ କିଛି ପୁଚ୍ଛିବାର ନାହିଁ । ଜଙ୍ଗଲରେ ଘଟିଥିବା ଘଟଣାବଳୀ ସମ୍ପର୍କରେ ଯେତେ ମର୍ମିକ ଓ ସଚ୍ଚା ତଥ୍ୟ ଜଙ୍ଗଲ ଭିତରୁ ମିଳିବ, ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତିଠାରୁ ମଧ୍ୟ ସେତେ ମିଳିବ ନାହିଁ । ପଞ୍ଜୁର ଚିକିତ୍ସା ସତ୍ତ୍ୱରେ ବ୍ୟବସ୍ଥା କରିବାକୁ ପଡ଼ିଲା । ତା ପରେ କାଳ ବିଳମ୍ବ ନ କରି ବନବିହାର ସହରର କଣ୍ଟ୍ରାକ୍ଟି ହଠାତ୍ ବାହାରିପଡ଼ିଲି । ସେତେବେଳେ ଶିକାରୀ ସାଥୀ ଦୁଇଜଣ ସେମାନଙ୍କ ଘରେ ବିଶ୍ରାମ କରୁଥିଲେ । ମୋର ଡାକ ପଡ଼ିବାମାତ୍ରେ ଉଠିଲେ ।

ଆମେ ଦ୍ରୁତ ଗତିରେ କେନ୍ଦୁଝରଗୋଠ ଅଭିମୁଖେ ଚାଲିଲୁଁ । ମାଇଲେ ଖଣ୍ଡେ ଗଲା ପରେ ଦେଖିଲୁଁ, ଗୋଠଯାକ ଗାଈ ଗୋରୁ ଟେକି ଅସମ୍ଭାଳ ହୋଇ ଘରମୁହାଁ ଦଉଡ଼ୁଛନ୍ତି । ଆମେ ସ୍ଥିର କରିନେଲୁଁ, ବାଘଟା ଆଜି କେତେଜଣଙ୍କର ସର୍ବନାଶ କରିସାରିବଣି । ଏଣିକି ନିଘଞ୍ଚ ଅରଣ୍ୟ ମଧ୍ୟଦେଇ ଯିବାକୁ ହେବ । ଗତି ମନ୍ଥର କରି ଚୌଅଖିଆ ହୋଇ ଚାଲିଥାଉଁ । ସିଧାସଳଖ ଯାଇ ଘଟଣା-ସ୍ଥଳରେ ପହଞ୍ଚିଲୁଁ । ଖୋଜଚିହ୍ନରୁ ନିଃସନ୍ଦେହ ଅନୁମାନ—ଏହା ବାଘୁଣୀର କାର୍ତ୍ତି ।

Digitized by srujanika@gmail.com

ତେଣୁ ତା ଖୋଜ ମିଳିବା ଶିକାରୀଙ୍କ ପକ୍ଷରେ ଏକ ସୌଭାଗ୍ୟ । ଆଶାତରୁ ପଲ୍ଲବିତ ହୋଇଉଠିଲା । ଶ୍ୱାପଦର ମୁକାବିଲା ପାଇଁ ପ୍ରସ୍ତୁତ ହୋଇଗଲୁଁ । ଖୋଜଚିହ୍ନର ଆଶ୍ରା କରି ତା'ର ପିଛା କରିବାକୁ ହେବ । ଶୁଖିଲା ଭୂଇଁରେ ଖୋଜଚିହ୍ନ ମିଳିବା ବଡ଼ କଷ୍ଟକର । ଘାସପତ୍ରରେ ଖୋଜର ସଙ୍କେତକୁ ସମ୍ବଳ କରି ଅଗ୍ରସର ହେଉଥାଉ । କିଛି ଦୂର ଗଲା ପରେ ସମ୍ମୁଖ ଦିଗରୁ ଝଲକାଏ ପବନ ବହିଆସିଲା । ଇସ୍, କି ଗନ୍ଧ ! ବାଘର ଗନ୍ଧରେ ଆମେ ବେଶ୍ ସୁପରିଚିତ । ବାଘ ମଧ୍ୟ ମନୁଷ୍ୟର ଗନ୍ଧ ବାରି ଆକ୍ରମଣ କରେ । ଏଣୁ ଶିକାରୀ ବାଘର ପିଛା କଲାବେଳେ ପବନର ଗତି ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । ତା ନ ହେଲେ ନିଜେ ଶିକାର ହୋଇଯିବାର ଭୟ ଅଛି । ଘନ ଜଙ୍ଗଲ ଲଟାରେ ବାଘ ଲୁଚିଥିଲାବେଳେ ନା ମନୁଷ୍ୟ, ନା ପଶୁପକ୍ଷୀ କେହି ତାକୁ ଦେଖିପାରନ୍ତି ନାହିଁ । କିନ୍ତୁ ପବନ ତାହାର ଉପସ୍ଥିତି ଭେଦକୁ ଖୋଲିଦିଏ । ବାଘ ନିକଟରେ ଥିବା ସମ୍ଭବ । ଆମେ ପରସ୍ପର ସଙ୍କେତଦ୍ୱାରା ସାବଧାନ ହୋଇଗଲୁଁ । ଏକ ଏକ ପଦକ୍ଷେପରେ ପ୍ରତି ଅନ୍ଧକାରକୁ ଦୃଷ୍ଟି ଦେଇ ଚାଲିଥାଉଁ । ପ୍ରାୟ ୧୫।୨୦ ଗଜ ଖଣ୍ଡେ ଗଲା ପରେ ଘନ ଘାସରେ ପୂର୍ଣ୍ଣ ଏକ ଛୋଟିଆ ଖୋଲା ସ୍ଥାନରେ ପହଞ୍ଚିଲୁ । ସେଠାରେ ମାଛିଗୁଡ଼ାକ ଭଣ ଭଣ ହୋଇ ଉଡ଼ୁଥିବାର ଦେଖି ମନରେ ସନ୍ଦେହ ଜାତ ହେଲା । ନିରୀକ୍ଷଣ କରି ଦେଖିଲୁଁ, ବାଘ ନରମ ଘାସରେ ପଡ଼ି ଦେହ ଘଷିହୋଇଛି । ସେଠାରେ ତା'ର କେତେଗୁଡ଼ିଏ ଲୋମ ପଡ଼ିଥିବାର ଦେଖିବାକୁ ମିଳିଲା । ଆଉ ଗୋଟିଏ ସ୍ଥାନରେ ରକ୍ତାକ୍ତ ଦାଗ ଟିକିଏ ଦେଖି ନବଘନ ଚମକିଉଠିଲା । ବାଘ ଗୁଳିମାଡ଼ରେ ଘାଇଆ ହୋଇଥିବା ତା'ର ଅନୁମାନ । ଉକ୍ତ ରକ୍ତାକ୍ତ ଦାଗ ପଚା କ୍ଷତ ପରି ଗନ୍ଧ ହେଉଥାଏ । ଯେକୌଣସି କାରଣରୁ ହେଉ ବାଘ ଦେହରେ ଯେ କ୍ଷତ ହୋଇଛି, ଏହା ନିଶ୍ଚିତ ।

ବାଘ ଦେହରେ କ୍ଷତ ହେବାର ଗୋଟିଏ କାରଣ ଆମେ ପୂର୍ବେ ଉଲ୍ଲେଖ କରିଅଛୁଁ । ଅନ୍ୟ ଏକ କାରଣ ହେଉଛି, ଝିଙ୍କ ନାମକ ଏକ କ୍ଷୁଦ୍ର ଜୀବର ମାଂସ ବାଘର ଅତି ପ୍ରିୟ ଖାଦ୍ୟ । ଝିଙ୍କର ସର୍ବାଙ୍ଗ ଶକ୍ତ ଓ ତୀକ୍ଷ୍ଣ କଣ୍ଟାଦ୍ୱାରା ଆବୃତ । ବାଘ ଯେତେବେଳେ ତାକୁ ଆକ୍ରମଣ କରେ ସେ ମୁହଁକୁ ପେଟତଳେ ଗୁଞ୍ଜି କାଠିଗୁଡ଼ିକୁ କଦମ୍ବଫୁଲ ପରି ଠିଆ କରିଦିଏ । ବାଘ ତା' ଉପରେ ପଞ୍ଝା ମାରେ । ଫଳରେ ତା'ର ପାଦରେ ମୁନିଆ କଣ୍ଟାଗୁଡ଼ିକ ଫୁଟିଯାଏ । ତହୁଁ ସେ ଅଧିକ

Digitized by srujanika@gmail.com

କ୍ରୋଧରେ ବାର ବାର ପଞ୍ଝାଦ୍ୱାରା ଆଘାତ କରେ । ଏଥିରେ ତାହାର ପାଦରେ କ୍ଷତ ହୁଏ । ଏହି କ୍ଷତ ପଚିବାକୁ ଆରମ୍ଭ କରେ । ଫଳରେ ସେ ଜଙ୍ଗଲର ଜୀବଜନ୍ତୁ ଶିକାର କରିବାରେ ଅସମର୍ଥ ହୋଇପଡେ । ଘୋର ହିଂସା-ଜର୍ଜରିତ ହୋଇ ସହଜଲଭ୍ୟ ଓ ନିରୀହ ଗୋରୁ, ମଣିଷଙ୍କୁ ଆକ୍ରମଣ କରେ ଏବଂ ମାରି ଖାଏ ।

ଘାସପତ୍ରର ସଙ୍କେତ ଧରି ଯାଉ ଯାଉ ଦୈବାତ୍ ବାଘର ନଖଚିହ୍ନ ଦେଖିବାକୁ ମିଳିଲା । ଭୂଇଁରେ ନଖଗୁଡ଼ିକ ଗଳିଯାଇଥାଏ । ଏଥିରୁ ଜଣାଗଲା, ବାଘ କୌଣସି ଶିକାରକୁ ଧରିବାକୁ ଉଦ୍ୟମ କରିଛି । ପ୍ରାୟ ୧୫।୨୦ ଗଜ ଯିବା ପରେ ବାଘର ପାଦଚିହ୍ନ ଆଉ ମିଳିଲା ନାହିଁ । ଅନ୍ଧାଧୁନ୍ଦା ଖୋଜୁ ଖୋଜୁ ଗାଈଗୋଠ ହୁଡ଼ୁହୁଡ଼ି ପଳାଇବାର ଚିହ୍ନ ଦେଖାଗଲା । ଆମର ଅନୁମାନ ଠିକ୍ ହୋଇଛି । ବାଘ ଗାଈକୁ ଧରିବାକୁ ଛପି ଛପି ଆସୁଥିଲା । ଗାଈଙ୍କର ଦୃଷ୍ଟି ପଡ଼ିଯିବାରୁ କିମ୍ବା ଗନ୍ଧ ବାରି ଗୋରୁପଲ ହୁଡ଼ୁହୁଡ଼ି ପଳାଇଛନ୍ତି । ବାଘ ନିରାଶ ମନରେ ଫେରିଛି ।

ଆମ୍ଭେମାନେ ସେତେବେଳକୁ ଝାଳନାଳ ହୋଇଗଲୁଣି । ନିବିଡ଼ ଗୁଛରେ ଟିକିଏ ବସିପଡ଼ିଲୁ । ସିଗାରେଟ ଖଣ୍ଡିଏ ଲେଖା ଲଗାଇ ଆମର ପରବର୍ତ୍ତୀ କର୍ମପନ୍ଥା ବିଷୟରେ ବିଚାର ପଡ଼ିଲୁ । ବେଳ ଅବସାନ ହେବାକୁ ଆଉ ଡେରି ନାହିଁ । ପକ୍ଷୀମାନେ ତରାତର ହୋଇ ମେଲ ବାନ୍ଧୁଛନ୍ତି ବସାକୁ ବାହୁଡ଼ି ଯିବାପାଇଁ । ଗୋରୁଗୋଠ ଲେଉଟି ପଡ଼ିଲେଣି । ବନସ୍ଥଳୀ କ୍ରମେ ନିଶୂନ ହୋଇ-ଆସୁଛି । ବହୁଦୂରରେ ମଇଁଷି ଟିପାର ମଧୁର ସ୍ୱନ ଶୁଣାଯାଉଥାଏ । ସୂର୍ଯ୍ୟଦେବ ନିଜେ ଟହ ଟହ ହସି ବନସ୍ତଳକୁ ହସାଉଥାନ୍ତି । ଆମ୍ଭେମାନେ ଘରକୁ ଫେରିଯିବା ପ୍ରସ୍ତାବ ଠିକ୍ ହେଲା । ଏତିକବେଳେ ବଣକୁକୁଡ଼ା ପଲଟା କ୍ କ୍ କ୍ କ୍ ହୋଇ ଉଡଗଡ଼ ହୋଇଗଲେ । ଶିକାର ସମୟରେ ଜଙ୍ଗଲୀ ପକ୍ଷୀ ଓ ପଶୁ, ତଥା ପବନର ବଡ଼ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଛି । ଏ ବିଷୟରେ ଜ୍ଞାନ ଥିଲେ ଶିକାରୀଙ୍କୁ ସର୍ବଦା ସୂଚନା ମିଳିଯାଏ ଯେ, କେଉଁ ସ୍ଥାନରେ ବାଘ ଛପିକରି ବସିଛି ଏବଂ କପରି ତାହା ନିକଟରେ ପହଞ୍ଚିଯାଇହେବ । ଅଧିକାଂଶ ସମୟରେ ବାଘ ବାହାରିବା ମାତ୍ରେ ଜଙ୍ଗଲର ପଶୁପକ୍ଷୀ, କୁକୁଡ଼ା, ମୟୂର, ଭେଣ୍ଡେଇ ଓ ହରିଣ ଭୂତ୍କୃସ୍ ତ୍ରୁଟିତ ହଟ୍ଟଗୋଳ ଆରମ୍ଭ କରିଦିଅନ୍ତି । ଏହି ପଶୁପକ୍ଷୀଙ୍କର ଶବ୍ଦ ଶୁଣି ଅନୁଭବୀ ଶିକାରୀ ଜାଣିପାରେ ଯେ, ବାଘ କେଉଁଠାରେ ଅଛି ଅଥବା କାହାର

Digitized by srujanika@gmail.com

ସବବେ ଯାଉଛୁ । ଗୁଆଲଲଣ୍ଡି ପାହାଡର ପାଦଦେଶରେ ଲୁକୁଡ଼ା ବୋବାଇଲେ । ଅନୁମାନ ବାଘ ପାହାଡ଼ ଅଭିମୁଖେ ଫେରୁଛି । ପାହାଡ଼ ବେଶି ଦୂର ନୁହେଁ । ସେଠାରେ ଟିକିଏ ନ ଦେଖି ଫେରିଆସିବାକୁ ମନ ବଳିଲା ନାହିଁ । ସମସ୍ତେ ଏକ-ସଙ୍ଗରେ ଗଲୁଁ ।

ମୋର ଶିକାରୀ ସାଥୀ ପାହାଡ଼ର ପାଦଦେଶରେ ବାଘର ପାଦଚିହ୍ନ ଖୋଜିବାରେ ବ୍ୟାପୃତ ରହିଲେ । ମୁଁ ପାହାଡ଼ ଉପରକୁ ଯାଇଥିବା ଗୋଟିଏ ଗିରିପଥରେ ଉପରକୁ ଉଠିଲି । ସେ ରାସ୍ତାର ଡାହାଣ ପାଖଟି ଖୁବ୍ ଉଚ୍ଚ । ବାମ ପାଖଟା ତା ତୁଳନାରେ ନୀଚ । ମୁଁ ପ୍ରାୟ ଶହେଗଜ ଖଣ୍ଡେ ଉପରକୁ ଉଠିଛି, ଖଣ୍ଡିଏ ପଥର ଉପରେ ବାଘର ନଖଚିହ୍ନ ଦେଖିଲି । ପାଖଆଖର ବଣବୁଦା ତନ୍ନ ତନ୍ନ କରି ଅନ୍ୱେଷଣ କରୁଛି, ଏହି ସମୟରେ ନେଫାନନ୍ଦ ଖୁବ୍ ଉଚ୍ଚସ୍ୱରରେ ଚିତ୍କାର କରିଉଠିଲା, "ବାବୁ, ପାଟ ପଥର ଉପରେ ବାଘ ଛପିଛି ; ହୁସିଆର !" ଉକ୍ତ ପଥର ଖଣ୍ଡି ଗୋଟିଏ ଖଣ୍ଡ ପାହାଡ଼ କହିଲେ ଚଳେ । ମୁଁ ସେହି ପଥର ତଳରେହିଁ ଥିଲି । ହଠାତ୍ ଉପରକୁ ଦୃଷ୍ଟିଦେବା ମାତ୍ରେ ଦେଖିଲି, ବାଘ ବୁଦା ଆଢ଼ୁଆଳରେ ଆଦୌ ଦେଖା ଯାଉନାହିଁ ; କିନ୍ତୁ ତା'ର ଲାଙ୍ଗୁଳଟା ଉଠୁଛି ପଡ଼ୁଛି । ବାଘର ଲାଙ୍ଗୁଳ ଉଠିବା ପଡ଼ିବା ଦେଖିଲେ ଜାଣିବ ଯେ, ସେ ତୁରନ୍ତ ଆକ୍ରମଣ କରିବ । ମୁଁ ତତ୍କ୍ଷଣାତ୍ ବନ୍ଧୁକ କାନ୍ଧରୁ ଉତାରି ଫାୟାର କରିବା ଭଙ୍ଗୀରେ ଧରିନେଲି । ଆଖିପିଛୁଳାକେ ବାଘ ଘୋର ଗର୍ଜ୍ଜନ କରି ଅଦୃଶ୍ୟ ହୋଇଗଲା । ଅବଶ୍ୟ ତ ନେଫାନନ୍ଦର ଦୃଷ୍ଟି ପଡ଼ି ନ ଥିଲେ ବାଘ ଚଢ଼ଉ ପାଇଁ ମୋର ନାମ ଧରାପୃଷ୍ଠରୁ ଲୋପ କରିଦେଇଥାନ୍ତା । ମୁଁ ଅଳ୍ପକେ ରକ୍ଷା ପାଇଗଲି । "ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ?"

ହାପୁଲାର ମୃତ୍ୟୁ

୧

ହାପୁଲ ମୁହଁରୁ ରକ୍ଷା ପାଇବାର ୮।୫ ଦିନ ପରେ ସ୍କୁଲ ଗ୍ରୀଷ୍ମାବକାଶ ଉପଲକ୍ଷେ ବନ୍ଦ ହେଲା । ଶିକ୍ଷକ ଜୀବନରେ ଅର୍ଥର ଅଭାବ ସଦା, ଅବକାଶର ଅଭାବ ନାହିଁ । ଏହି ଅବସର ସମୟରେ ବାଘ ମାରି ପୁଣ୍ୟ ଅର୍ଜନ କରିବାକୁ ହେବ । ତା ନ ହେଲେ ପୁଣି ସେଇ ହେକ୍‌ମାର । ଲୋକମାନଙ୍କ ସାବଧାନତା

Digitized by srujanika@gmail.com

ଜଙ୍ଗଲରେ ହାତୀଙ୍କର ଉପଦ୍ରବ ଟିକିଏ କମିଯାଇଛି । ତା'ର ଖୋଜଖବର ନେବାକୁ ପଡ଼ିବ । ସକାଳ ୭ଟା ସମୟ । ସ୍ୱ' ଟିକିଏ ନ ଖାଇ ବାହାରି ହେଉନାହିଁ । ସ୍ୱ' ପ୍ରସ୍ତୁତ ହେଉ ହେଉ ମୁଁ ମୋର ଶିକାରୀ ପୋଷାକ ପିନ୍ଧିନେଲି । ଏହି ସମୟରେ ମୋର ଶିକାରୀ ସାଥୀ ନେହାନନ୍ଦ ଆସି ପହଞ୍ଚିଲା । ଦୁହେଁ ଜଣେ ଲେଖାଁ ସ୍ୱ' ଖାଇ ବାହାରିପଡ଼ିଲୁଁ ହାତୀଙ୍କ ଉଦ୍ଦେଶ୍ୟରେ ।

ମୁଁ ନେହାନନ୍ଦକୁ ବନ୍ଧୁକ ଓ ଦୁଇଟି କାର୍ଟ୍ରିଜ ଦେଇ କହିଲି, "ଆଜି ଶିକାର ମିଳିଲେ ଫାୟାର କରିବା ଭାର ତୋ ଉପରେ ।" ଏଥିରେ ତା'ର ଆନନ୍ଦ କହିଲେ ନ ସରେ । ଶିକାରୀଙ୍କର ନିୟମ, ଗ୍ରାମ ପାର ହେଲା ପରେ ବନ୍ଧୁକରେ କାର୍ତ୍ତୁଜ ଲୋଡ୍ କରିବା ଏବଂ ଗ୍ରାମରେ ପ୍ରବେଶ କରିବା ପୂର୍ବରୁ ଅନ୍‌ଲୋଡ୍ କରିବା । ତଦନୁସାରେ ଜଙ୍ଗଲରେ ପ୍ରବେଶ କଲାକ୍ଷଣି ନେହାନନ୍ଦ ବନ୍ଧୁକରେ କାର୍ତ୍ତୁଜ ଲୋଡ୍ କରି ଚାଲିଲା । ମୁଁ ତା'ର ପଛେ ପଛେ ଚାଲିଥାଏଁ ।

ଜ୍ୟେଷ୍ଠ ମାସର ପ୍ରଚଣ୍ଡ ଖରା । ପ୍ରାୟ ମାସାବଧି ହେଲା ବର୍ଷାର ଚିହ୍ନବର୍ଗ ଦେଖା ନାହିଁ । ଜଙ୍ଗଲରେ ଟୋପାଏ ପାଣି ଟିକା ପିଇବାକୁ ମିଳିବା ଅସମ୍ଭବ । କେବଳ 'କନିଆସ୍ତି ଖଣ୍ଡି' ବନ୍ଧରେ କିଛି ପାଣି ଅଛି । ଗୋରୁ ମଇଁଷି ପାଣି ଖାଉଥିଲେ ସେଇକ ବି ନ ଥାନ୍ତା । ରାଜାସାହେବଙ୍କର କଡ଼ା ତାଗିଦ୍ ଯୋଗୁଁ ଗୋରୁ, ମଇଁଷି ସେ ବନ୍ଧର ପାଖ ମାଡ଼ୁ ନାହାନ୍ତି । ମଇଁଷିଗୁଡ଼ାକ ବଣୁଆ ଜାତ । ପାଣି ପିଇବା ସେମାନଙ୍କର ଯେତେ ଲୋଡ଼ା ନୁହେଁ, ପଙ୍କରେ ଲୋଟିହେବା ତତୋଽଧିକ ଲୋଡ଼ା । ତାହା ସେମାନଙ୍କର ପ୍ରକୃତି । ସେ ପାଣି ଟୋପାକ ଟହଟ ତାପ୍ତତାର କାଳ । ମଇଁଷିଗୁଡ଼ାକୁ ଯେତେ ଦୂରେଇ ରଖିଲେ ମଧ୍ୟ ପାଣିକୁ ଯିବା-ପାଇଁ ଉଚ୍ଛନ୍ନ ହୋଇପଡ଼ନ୍ତି । ଟହଳ ପ୍ରମାଦ ଗଣେ । ମଇଁଷି ପାଣିରେ ପଡ଼ିବା ରିପୋର୍ଟ ହୋଇଗଲେ ତା'ର ପିଠିରେ ଚମଡ଼ା ରହିବ ନାହିଁ । ତେଣୁ ସେ ପାଣି ମୁନ୍ଦାକ ସୁରକ୍ଷିତ ।

ଆମେ କନିଆସ୍ତି ଖଣ୍ଡି ଅଭିମୁଖେ ଚାଲିଛୁଁ । କିଛିଟା ଦୂରରେ ଗୋରୁଙ୍କ ଟିଏ ଝଅଁଳ ପତ ଚୁକୁଥିବାର ଦେଖାଯିବା ମାତ୍ରେ ନେହାନନ୍ଦ ଉତଳା ହୋଇପଡ଼ି ନେବେଡ଼ି ନେବେଡ଼ି ତା ଆଡ଼କୁ ଆଗେଇଲା । ମୁଁ ସେଇଠାରେ ରହିଗଲି । ଶିକାରୀ ଶିକାରକୁ ଦେଖି ସ୍ଥିର କରି ପାରୁନଥିବେଳେ ସାଥୀମାନେ ତାଙ୍କର ନିର୍ଦ୍ଦେଶ ନ ପାଇ

Digitized by srujanika@gmail.com

ସ୍ଥାନ ଗୁଡ଼ିକ ବାପଦର ଘର । ଏହି ନିୟମ ଲଙ୍ଘନ କରି କେତେ ଶିକାରୀ ନିଜେ ଶିକାର ହେବାର ଦେଖାଅଛି । ଅଳ୍ପ ସମୟ ପରେ ଖ୍ରୁଙ୍ଗ ବୋବାଇ ଉଠିଲା । ଇସ୍ତାହାର ନ ହେଲେ ସେ ଏପରି ବୋବାଏ ନାହିଁ । ମୁଁ ବୁଝିନେଲି, ଖ୍ରୁଙ୍ଗ ନେହାନନ୍ଦକୁ ଦେଖିନେଲା । ସେ ଶୀଘ୍ର ଫେରିଆସିବାକୁ ମୁଁ ସିଟି ବଜାଇଲି ।

ନେହାନନ୍ଦ ଫେରିବା ପରେ ପୁଣି ଆମେ ଆମର ଗନ୍ତବ୍ୟ ପଥରେ ଅଗ୍ରସର ହେଲୁଁ । ପାଣିକୂଳରେ ପଡ଼ିଥିବା ବନ୍ୟପଶୁଙ୍କର ଖୋଜଚିହ୍ନ ଦେଖିବାରେ ଲାଗିଲୁଁ । ଗୋଟିଏ ମନ୍ତ୍ରବଳ ବରିହା ପଟ କରିଛି ପାହାନ୍ତ୍ର ପହରରେ ହରିଣ ପଲ ମଧ୍ୟ ସେହି ପାହାନ୍ତ୍ର ପହର ପାଣି ଖାଇଛନ୍ତି । ସେମାନଙ୍କର ଖୋଜରେ ଜମିଥିବା ଗୋଳିଆ ପାଣି ଏ ପର୍ଯ୍ୟନ୍ତ ସଫା ହୋଇନାହିଁ । ଅନ୍ୟ ଏକ ସ୍ଥାନରେ ବାଘୁଣୀ ଓ ତାହାର ଛୁଆର ପାଦଚିହ୍ନ ଦେଖିଲୁଁ । ସେ ଚିହ୍ନ ଉପରେ ମାଛି କରି 'ଶାଳଆପଚଙ୍ଗ'ଟିଏ ପାଣି ଖାଇଛି । ପୁଣି ପାଦଚିହ୍ନ ମଧ୍ୟରେ ଥିବା ପାଣି ସଫା ଥିଲା । ଏଥିରୁ ଅନୁମାନ, ବାଘୁଣୀ ସଞ୍ଜ ପହର ପାଣି ଖାଇଛି । ହାପୁଲର ପତ୍ତା ନାହିଁ ।

ଆମେ ସେଠାରୁ ଜଙ୍ଗଲମଧ୍ୟସ୍ଥ ଘାଟିଜାଗାମାନ ଦେଖି ଦେଖି ବୁଲୁଥାଉଁ । ଆଜି ବାଘର ଅନୁସନ୍ଧାନରେ ନେହାନନ୍ଦ ଅମନୋଯୋଗୀ ଥିବାର ଲକ୍ଷ୍ୟ କଲି । ସେ ସବୁବେଳେ ଅପେକ୍ଷା କରୁଥାଏ, କପରି ଶିକାର ହାତୁଡ଼ିଲେ ଫାସ୍ତାର କରିବ । ଏହି ମତଲବରେ ସେ ନିଘଞ୍ଚ ବନ ମଧ୍ୟଦେଇ ବୁଲୁଥାଏ । ଜାଣିଶୁଣି ମୁଁ ତା'ର ଇଚ୍ଛାରେ ବାଧା ଦେଉନାହିଁ । ଆମେ 'ଗଡ଼ବା ମୁଣ୍ଡିଆ' ପାର ହୋଇଗଲୁଣି । 'ଅଁଳ ମୁଣ୍ଡିଆ' ପାର ହେଲେ ସରହଦକୁ ବାହାରିବୁଁ ।

ସେତେବେଳକୁ ୯ଟା ବାଜିଗଲାଣି । କିନ୍ତୁ ଆମକୁ ଖରାତାପ ମୋଟେ ଜଣା ପଡ଼ୁ ନ ଥାଏ । ଦୁଇ ପାହାଡ଼ର ମଧ୍ୟବର୍ତ୍ତୀ ସମତଳ ଅଞ୍ଚଳ । ଏ ଜଙ୍ଗଲର ଖଣ୍ଡେ ଗହଳ କଣ୍ଟାବାଉଁଶ ବଣ ଓ ବୃହଦାକାରୀୟ ବୃକ୍ଷରେ ପୂର୍ଣ୍ଣ । ସୂର୍ଯ୍ୟଙ୍କର ପ୍ରଖର କିରଣ ବନଭୂମିକୁ ସ୍ପର୍ଶ କରୁ ନ ଥାଏ । ସ୍ନିଗ୍ଧ ସୁଶୀତଳ ଛାୟା ବ୍ୟାପି ରହିଥାଏ । ମୃଦୁମନ୍ଦ ସମୀରଣ, କୁସୁମିତ ନିଅଳୀଲତା, କୋକିଳର କୁହୁତାନ ଓ ନାନା ଜାତି ପକ୍ଷୀଙ୍କର କର୍ଣ୍ଣାଭିରାମ କାକଳୀ କ୍ଷୁଧା ତୃଷା ହରଣ କରୁଥାଏ । ମୁନି-ମନଲୋଭା ଏଭଳି ରମଣୀୟ ସ୍ଥାନର ଆକର୍ଷଣ ରାଜପ୍ରାସାଦଠାରୁ ଅଧିକ । ଏଠାରେ ସଂସାରର କୂଟକପଟ, ଧୋକାବାଜି ଆଦି ନାହିଁ । ସର୍ବତ୍ର ଶାନ୍ତି ବିରାଜମାନ କରୁଛି । ଯେତେ-ବେଳେ ମୋର ମନ ସଂସାର ଜଞ୍ଜାଳରେ ଜଳିଉଠେ, ସେତେବେଳେ ମୋର

Digitized by srujanika@gmail.com

ଜଙ୍ଗଲ ମନେପଡ଼େ । ମୁଁ ପାଗଳ ପରି ହୋଇଯାଏ । ସେଠିକୁ ଦୌଡ଼ିଯିବାକୁ ମୋର ଆତ୍ମା ଡାକେ ।

ଆମେ ଅଁଳାମୁଣ୍ଡିଆ ଉପରକୁ ଉଠିବା ଆରମ୍ଭ କରୁଛୁଁ । ଶିକାର ପାଇବା ଆଶାରେ ନେହାନନ୍ଦ ପାଦ ଗଣି ଗଣି ଚତୁର୍ଦ୍ଦିଗରେ ସନ୍ଧାନୀ ଦୃଷ୍ଟି ପକାଇ ଚାଲିଛି । ମୁଁ ତା'ଠାରୁ ଖଣ୍ଡେ ଦୂର ଫରକରେ ଚାଲୁଥାଏଁ । ଏହିପରି କିଛିଦୂର ଗଲାପରେ ସେ ଫାୟାର କଲା । ମୁଁ ଯାଇ ତା ପାଖରେ ପହଞ୍ଚିଲି । ଗୋଟିଏ ସ୍ପଟରେ ଦୁଇଟି ଗୁଣ୍ଡୁଚି ପଡ଼ିଛନ୍ତି । ଯାହା ହେଉ, ନେହାନନ୍ଦର ଶିକାରଯାତ୍ରା ସାର୍ଥକ ହେଲା । ଦୁଇଟିଯାକ ମାଂସ ୧।୭ ସେର ହେବ । ଏ ମାଂସ ଖୁବ୍ ନରମ ଓ ସୁଗନ୍ଧ ଥାଏ । ନେହାନନ୍ଦ ଶିକାର ଦୁଇଟିକୁ ଧରିଲା । ମୁଁ ବନ୍ଧୁକ କାନ୍ଧରେ ପକାଇ ଚାଲିଲି । ସେତେବେଳକୁ ଖରା ଟାଣ ହୋଇଗଲାଣି । ଆମେ ଚଞ୍ଚଳ ହୋଇ ଉଠିଲୁଁ, କାରଣ ଏ ଲଟା ଖଣ୍ଡକ ପାର ହେଲେ ରାସ୍ତା ଧରି ଘରକୁ ପଳାଇବା । ପଥରଭିମା ପୂର୍ଣ୍ଣ ଅସମତଳ ଓ କଣ୍ଟକାକୀର୍ଣ୍ଣ ଜଙ୍ଗଲରେ ଦ୍ରୁତ ପଦକ୍ଷେପ ଏକାବେଳକେ ଅସମ୍ଭବ । ପୁଣି ଉଠାଣି ଉଠିଥାଉ । ଏହି ସମୟରେ ପାହାଡ଼ର ଆରପାଖରୁ ଗୋଟିଏ ଲୋକର ବିପଦସୂଚକ ଆର୍ତ୍ତନାଦ ଶୁଣାଗଲା । ଯେତେଦୂର ପାରୁଁ ଆମର ଗତି ଦ୍ରୁତ କରିଦେଲୁଁ । ପାହାଡ଼ ପାର ହୋଇଗଲା ପରେ ସେ ଶବ୍ଦ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଆସିଲା । ସେହି ଶବ୍ଦକୁ ଅନୁସରଣ କରି ଆମେ ଯାଇ ଘଟଣା ସ୍ଥଳରେ ଉପସ୍ଥିତ ହେଲୁଁ ।

ସେଠାରେ ପହଞ୍ଚି ଦେଖିଲି, ବେହେରାବୁଢ଼ା ମୁଣ୍ଡରେ ହାତ ଦେଇ ବସିଛି । ଲୁହ ଧାର ଧାର ବହି ଚାଲିଥାଏ । ମୁଖାକୃତି ତାହାର ଅନ୍ତର୍ବେଦନାର ଭାବ ଜଣାଇ ଦେଉଥିଲା । ଦୁଃଖ ବିପତ୍ତି ତାହାର ଅବସ୍ଥାକୁ ତୋଫାନରେ ପଡ଼ିଥିବା ଜାହାଜ ପରି କରିଦେଇଥାଏ । ଏକ ମସ୍ତବଡ଼ ମଇଁଷି ପଡ଼ି ଅନ୍ତିମ ଶ୍ୱାସ ନେଉଥିଲା । କଥାବାର୍ତ୍ତାରେ ଜଣାପଡ଼ିଲା—ବାଘ ମଇଁଷିକୁ ଧରିଲା । ମଇଁଷିର ଗରପାଟିବା ଶୁଣି ଗୋଠଯାକ ମଇଁଷି ଏକଜୁଟ ହୋଇ ବାଘର ପ୍ରତିରୋଧ କଲେ । ତାହାର ଫଳରେ ସେ ମଇଁଷିକୁ ଏଠି ଛାଡ଼ିଦେଇ ପଳାଇଛି । ମନେ ମନେ ଭାବିଲି, ଯାହା କହନ୍ତି ସତ, "ମଇଁଷି ଶିଙ୍ଗ ଫଟା, ଯୁଝିଲାବେଳକୁ ଗୋଟା ।"

Digitized by srujanika@gmail.com

ବୁଢ଼ାର ଆଖି ଛଳଛଳ ହେଉଥାଏ, ଯଦି ତୁମେ ହୃଦୟହୀନ ନୁହ, ତେବେ ମୋତେ ରକ୍ଷାକର । ମୁଁ ତାକୁ ବହୁତ ସାନ୍ତ୍ୱନା ଦେଲି, "ବାଘ ଅବଶ୍ୟ ମରିବ । ମୁଁ ମୋର ଯଥାସାଧ୍ୟ ଚେଷ୍ଟା କରିବି । ତୁମକୁ ଆଉ ଏପରି ବିପତ୍ତିରେ ପଡ଼ିବାକୁ ହେବ ନାହିଁ ।"

୨

ଏକେ ତ ଅମାବାସ୍ୟା, ଦ୍ୱିତୀୟରେ ବର୍ଷାସମୟ, ଆଉ ତୃତୀୟରେ କାଳବୈଶାଖୀ ଝଡ଼—ବାଘର ପିଛା କରିବାକୁ ମନ ହେଲା ନାହିଁ । ଅନ୍ୟ କାରଣ, ବାଘର ପିଛା କଲେ ଯଦି ଶିକାର କରିବାର ସୁଯୋଗ ନ ମିଳେ, ତେବେ ତାକୁ ଦୂରକୁ ଘଉଡ଼ାଇଦେବା ସାର ହେବ । କାରଣ ରକ୍ତ ତା ମୁହଁରେ ଲାଗିଛି । ମାଂସ ଖାଇବାକୁ ଆସିବା ସୁନିଶ୍ଚିତ । ତେବେ ନିଶ୍ଚିତକୁ ଛାଡ଼ି ଅନିଶ୍ଚିତ ପଛରେ ଗୋଡ଼ାଇବା ଯଥାର୍ଥ ନୁହେଁ । ଏଣୁ ଆମେ ଚଢ଼ିବୁ ନିବୃତ୍ତ ହେଲୁଁ । ପଞ୍ଝା ଚିହ୍ନରୁ ଜଣାପଡ଼ିଲା ଯେ ଏ ଆମର ପୂର୍ବପରିଚିତ ହାପୁଲି ବାଂଗାଡ଼ ଅନ୍ୟ ବାଘ ନୁହେଁ ।

ଇତ୍ୟବସରରେ ବେଦେଶ୍ୱରର ପୁଅ ତା ପାଇଁ ଖାଇବାର ନେଇ ଆସି ପହଞ୍ଚିଲା । ମୁଁ ବେଦେଶ୍ୱରବୁଢ଼ାକୁ କହିଲୁ, "ତୁମେ ଶୀଘ୍ର ମଇଁଷିଙ୍କୁ ଏ ଅଗ୍ରରୁ ନେଇ ଚାଲିଯାଅ । ତୁମର ପୁଅ ଏଠାରେ ଜଗିକରି ରହୁ ।" ତା ପୁଅକୁ କହିଲି, "ତୁ ଗୋଟିଏ ଗଛ ଉପରେ ବସି ମିଛେ ମିଛେ କଥାବାର୍ତ୍ତା କରି ଗହଳ ଲଗାଇଥା, ଯେପରି ବାଘ ଜାଣିବ ଯେ ଏଠାରେ ବହୁତ ଲୋକ ଜମା ହୋଇଛନ୍ତି । ତା' ହେଲେ ସେ ଆସି ମଇଁଷି ଉଠାଇନେବାକୁ ସାହସ କରିବ ନାହିଁ । ମୁଁ ଶୀଘ୍ର ଗୁଳିକଣ ଖବର ପଠାଇଦେଉଛୁ । ସେମାନେ ଆସିଗଲେ ତୁ ଚାଲିଯିବୁ ।" ବାଘ ମାରିବା କାମରେ ସେମାନେ ମଧ୍ୟ ସହଯୋଗ କରିବାକୁ ବାଧ୍ୟ ହୁଅନ୍ତି । ସେ ରାଜି ହେଲା । ଆମେ ଏତକ ବନ୍ଦୋବସ୍ତ କରିଦେଇ ଘରକୁ ଫେରିଲୁଁ ।

ଆନନ୍ଦର ସୀମା ନ ଥାଏ । ଏତେଦିନ ପରେ ହାପୁଲି ଉପରକୁ ଗୁଳି ଚଳାଇବାର ସୁଯୋଗ ମିଳିବ । ଆମେ ସିଧା ସନଖ ଖବର ସାଇକୁ ଯାଇ ଗୁଳିକଣ ଖବର ପଠାଇଦେଲୁଁ । ନେଫାନନ୍ଦ ଆମର ଘରଠାରେ ଶିକାର ଦୁଇଟିକୁ କଟାକଟି କରି କିଛି ମାଂସ ନେଇ ଚାଲିଗଲା । ଯିବା ସମୟରେ ମୋର ଅନ୍ୟତମ ଶିକାରୀ ସାଥୀ ନବଘନଙ୍କୁ ସଙ୍ଗରେ ନେଇ ୨ଟା ସୁଦ୍ଧା ଆସିବାକୁ ସ୍ମରଣ କରାଇଦେଲି ।

Digitized by srujanika@gmail.com

ମୁଁ ମେର ସ୍ନାନ ଶେଷକରି ଭୋଜନରେ ବସିଛି । ହାତ ପାଟିକୁ ଯାଉଥାଏ । ମନ ଯାଇ ଓଲାମୁଣ୍ଡି ଆଡ଼େ ଘୂରି ବୁଲୁଥାଏ । ଶ୍ରୀମତୀ ରାୟ ପାଖରେ ବସି ପଙ୍ଖା କରୁଥାନ୍ତି । ମୋର ଅନ୍ୟମନସ୍କତା ଦେଖି ନା ଜାଣେ, ହଠାତ୍ ପ୍ରଶ୍ନକରି ମୋର ଧ୍ୟାନ ଭଙ୍ଗ କଲେ । ଉପହାସ ଢଙ୍ଗରେ ପଚାରିଲେ—"ବାଘ ମଲା ?" ମୁଁ ରାଗରେ ଜଳିଉଠିଲି । କିଛିକ୍ଷଣ ନୀରବ ରହି ଉତ୍ତର ଦେଲି, "ଆଜି ବାଘ ମରିବ ।" ସ୍ମିତହାସ୍ୟ କରି କହିଲେ—"ଟିକା ପିନ୍ଧାଇବାକୁ ପ୍ରସ୍ତୁତ ଅଛି ।" ଏହି ଟିକା ପ୍ରସଙ୍ଗରେ ଟିକିଏ ଟିପ୍ପଣୀ ଦେବା ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ପୂର୍ବେ କ୍ଷତ୍ରିୟ ସମାଜରେ ଗୋଟାଏ ପ୍ରଥା ଥିଲା—ଯୁଦ୍ଧରେ କେହି ବିଜୟୀ ହୋଇ ଫେରିଲେ ପୁରାଙ୍ଗନାମାନେ ତାଙ୍କୁ ଟିକା ପିନ୍ଧାଇ ବନ୍ଦାପନା କରି ଗୃହକୁ ପାଛୋଟି ନିଅନ୍ତି । ଏବେ ସେହି ପ୍ରଥା ବାଘ ଶିକାର କରିବାରେ ଯାଇ ରହିଗଲାଣି । ଜଙ୍ଗଲରେ ରାତ୍ରିଭୋଜନ ସକାଶେ ଶୀଘ୍ର କିଛି ଯୋଗାଡ଼ କରିଦେବା ପାଇଁ ଶ୍ରୀମତୀ ରାୟଙ୍କୁ ବରାଦ କରି ମୁଁ ପ୍ରସ୍ତୁତ ହେବାରେ ଲାଗିପଡ଼ିଲି ।

କାର୍ତ୍ତୁସଗୁଡ଼ିକୁ ଖରା ଦେଲି । ବନ୍ଧୁକରୁ ଗ୍ରୀଜ ସଫା କରି ତେଲ ଦେଇ ରଖିଲି । ପାଣିବ୍ୟାଗ ଓ ରାତ୍ରିଭୋଜନ ପ୍ରସ୍ତୁତ ହୋଇ ଥୁଆ ହେଲା । ଶିକାରୀ ବନ୍ଧୁଙ୍କ ଅପେକ୍ଷାରେ ଏପଟ ସେପଟ ହେଉଥାଏଁ । ଠିକ୍ ସମୟରେ ସେମାନେ ମଧ୍ୟ ସାଜସରଞ୍ଜାମ ଧରି ଆସି ପହଞ୍ଚିଲେ । ପୁଅ ଗଡ଼ ଜୟ କରିବାକୁ ଯିବ ନା, ସେଥିପାଇଁ ମୋର ମାମା ପୂର୍ଣ୍ଣକୁମ୍ଭଟିଏ ଦାଣ୍ଡପିଣ୍ଡାରେ ରଖିଦେଇଥାନ୍ତି । ଅନ୍ଧବିଶ୍ୱାସ ହେଲେ ମଧ୍ୟ ଏହା ମନରେ ଏକ ଉତ୍ସାହ ଓ ପ୍ରେରଣା ଜାତ କରୁଥାଏ । ମୋର ବାଘ ଶିକାରକୁ ଯିବାରେ ମାମାଙ୍କର ଆନନ୍ଦ ଓ ତତ୍ପରତା ଦେଖି ନିଜକୁ ଗୌରବାନ୍ୱିତ ମନେ କରୁଥାଏଁ । ଆମେ ଅନୁକୂଳ ଲଗ୍ନ ବାହାରିପଡ଼ିଲୁଁ । ସେତେବେଳକୁ ଦିନ ଦୁଇଟା ସମୟ । ପ୍ରଚଣ୍ଡ ଖରା, ସତେ ଅବା ନିଆଁ ବର୍ଷୁଛି । ବାହାରେ କୋଇଲିର ରାବ ନାହିଁ । ଚଢ଼େଇ ଚିରଗୁଣି ବସାରୁ ବାହାରୁନାହାନ୍ତି । ପ୍ରକୃତି ନୀରବ ନିସ୍ତବ୍ଧ । ପତ୍ରଗହଳ ମଧ୍ୟରୁ ବେଳେବେଳେ କପୋତକପୋତୀଙ୍କର କରୁଣ ଓ କ୍ଷୀଣ ସ୍ୱର ଭାସିଆସୁଥାଏ । ଏ ସବୁକୁ ଭ୍ରୂକ୍ଷେପ ନ କରି ଆମେ ଆମର ଗନ୍ତବ୍ୟ ପଥରେ ମାଡ଼ି ଚାଲିଥାଉଁ । ପାଞ୍ଚଟା ପୂର୍ବରୁ ମଞ୍ଚା ପ୍ରସ୍ତୁତ ହୋଇଯିବା ଦରକାର, ସେଥିରେ କାହାରିକୁ କୌଣସି ଶଙ୍କା ନ ଥାଏ ।

Digitized by srujanika@gmail.com

ଆମ୍ଭେମାନେ ଉକ୍ତ ସ୍ଥ ସ୍ଥାନରେ ପଦଚିହ୍ନ ଦେଖିଲୁଁ, ମଇଁଷ ଚରକଦ୍ୱାରେ ଶୋଉଛୁ । ମଇଁଷି ଆଳ କେତେବେଳୁ ଚାଲିଗଲାଣି । ଶବର ଚାକରଣ ଆମ ଅପେକ୍ଷାରେ ପଡ଼ିରହିଛନ୍ତି । ପ୍ରଥମେ ଅମେ ସେମାନଙ୍କୁ କିଛି ମୁଢ଼ି ନଡ଼ିଆ ଖାଇବାକୁ ଦେଲୁଁ । ରଜାଘର ବେଠିଆ ଯାହା କେବେ ଆଶା କରନ୍ତି ନାହିଁ, ତାହା ଆମଠାରୁ ପାଇ ଖୁବ୍ ଖୁସି ହେଲେ । ମଞ୍ଚ ବାନ୍ଧିବାପାଇଁ ଅମେ ତତ୍ପର ହୋଇଉଠିଲୁଁ । ମଢ଼କୁ ବାନ୍ଧିବା ସକାଶେ ଗୋଟିଏ ଖୋଲା ସ୍ଥାନର ଆବଶ୍ୟକ ଯେଉଁଠାରେ କି ଅନ୍ତତଃ ୨୦ ଗଜ ପରିଧି ମଧ୍ୟରେ କୌଣସି ଗଛବୃଛ ନ ଥିବ । ସୁଯୋଗ ଯେ, ଏପରି ଏକ ସ୍ଥାନ ବାଛିବାକୁ ବିଳମ୍ବ ହେଲା ନାହିଁ । ତାହାର ନିକଟରେ ଥିବା ଏକ ଡଣ୍ଡା ବାଉଁଶ ବୁଦାରେ ମଞ୍ଚା ବାନ୍ଧିବା ସ୍ଥିର ହେଲା । ଏଣେ ଶବରମାନେ କାମରେ ଲାଗିପଡ଼ିଲେ । ତେଣେ ମଢ଼ଠାରୁ ଏକ ଫର୍ଲଙ୍ଗ ଦୂରରେ ରହି, ଡଥାକ୍ଷଷା କରି ଗହଳ ଚହଳ ଲଗାଇବା ସକାଶେ ମୁଁ ଓ ନବଘନ ଚାଲିଗଲୁଁ । ଏହାର ଉଦ୍ଦେଶ୍ୟ, ବାଘ ଜାଣିବ ଯେ ଲୋକମାନେ ଜଙ୍ଗଲରେ କାଠ ସଂଗ୍ରହ-କରୁଛନ୍ତି । ବାଘକୁ ଠକିବାପାଇଁ ଏହି ନାଟକର ରଚନା । ସାଢ଼େ ଚାରିଟା ପୂର୍ବା ମଞ୍ଚା ତିଆରି ଶେଷ ହୋଇଗଲା । ଶିକାରୀଙ୍କ ଠାରେ ଆମକୁ ଯିବା ସକାଶେ ନେହାନନ୍ଦର ତାଗିଦ ପଡ଼ିଲା । ମୁଁ ଯାଇ ମଞ୍ଚା ଉପରକୁ ଉଠିଲି । ମଞ୍ଚାରେ ଦେଖିବା ଓ ବନ୍ଧୁକ ରଖିବାର ସ୍ଥାନ ମୋତେ ପ୍ରସ୍ତୁତ କରିବାକୁ ହେବ । ଏହା ଶିକାରୀଙ୍କର ଏକ କଳା । କେଉଁ ସ୍ଥାନରେ ଓ କେତେ ଉଚ୍ଚରେ ତାହା କରିବାକୁ ହେବ ଅଭିଜ୍ଞ ଶିକାରୀଙ୍କ ବ୍ୟତୀତ ଅନ୍ୟ କେହି ତାହା ନିପୁଣ ଭାବରେ ନିର୍ଣ୍ଣୟ କରିପାରିବେ ନାହିଁ । ତାହାରି ଉପରେ ଫାୟାର କରିବାର ସୁଯୋଗ ଓ ଲକ୍ଷ୍ୟ ନିର୍ଭର କରେ । ଇତ୍ୟବସରରେ ଅନ୍ୟମାନେ ମଢ଼କୁ ଆଣି ମଞ୍ଚା ନିକଟରେ ରଖିଲେ । ମୁଁ ଉପରେ ଥାଇ ମଢ଼କୁ ବାନ୍ଧିବାର ସ୍ଥାନ ନିରୂପଣ କରିଦେଲି । ଏହା ଏକ ପ୍ରକାର ମାପଚୂପର କାମ । ମାପରୁ ବେମାପ ହେଲେ ଲକ୍ଷ୍ୟ ଠିକ ହେବ ନାହିଁ । ମଞ୍ଚାର ଉଚ୍ଚତା ନେଇ ମଢ଼ ବାନ୍ଧିବାର ଦୂରତା ସ୍ଥିର କରିବାକୁ ହୋଇଥାଏ । ଏସବୁ କାରଣରୁ ମଞ୍ଚା ଉପରୁ ଫାୟାର କରିବା କଷ୍ଟକର । ତଳେ ଠିଆ ହୋଇ ଫାୟାର କରିବା ସହଜ । ମଢ଼କୁ ଶକ୍ତକରି ବାନ୍ଧିବାର କାରଣ ଅଛି । ଆମେ ପୂର୍ବେ ଉଲ୍ଲେଖ କରିଅଛୁଁ, ବାଘ ଜଙ୍ଗଲର କୂଟନୀତିଜ୍ଞ ଚାଣକ୍ୟ । ଯେତେବେଳେ ସେ ଦେଖେ, ମଢ଼ ତା ରଖିବା ସ୍ଥାନରେ ନାହିଁ, ସେତେବେଳେ

Digitized by srujanika@gmail.com

ସେ ସତର୍କ ହୋଇଯାଏ । ଶିକାରୀ ଶିକାର କରିବାର ସୁଯୋଗ ପାଇବା ପୂର୍ବରୁ ସେ ମଡ଼କୁ ଉଠାଇ ନେଇପାରେ । ଏଣୁ ମଡ଼କୁ ଶକ୍ତକରି ବାନ୍ଧିଦେଇଥିଲେ ବାଘ ତାକୁ ଉଠାଇ ନ ପାରି ସେଇଠାରେ ମାଂସ ଖାଇବାକୁ ବାଧ୍ୟ ହୁଏ ଏବଂ ଶିକାରୀକୁ ମନଇଚ୍ଛା ଶିକାର କରିବାର ସୁଯୋଗ ମିଳେ ।

ଆମର ସମସ୍ତ ଆୟୋଜନ ଶେଷ ହେଲା । ଯନ୍ତ୍ରୀମାନଙ୍କ ଜଳଯୋଗ ପରେ ଚଳ ସ୍ୱରରେ ବାଣି, ଖଙ୍କାର ଝାଡ଼ି ମଞ୍ଚା ଉପରେ ବସିଗଲୁଁ । ଶଅର-ମାନଙ୍କୁ କହିଦେଲୁଁ, ବଡପାଟିରେ କଥାବାର୍ତ୍ତା ହୋଇ ଗୀତ ଗାଇ ଗାଇ ଚାଲିଯାଅ । ଏତଦ୍‌ଦ୍ୱାରା ବାଘ ଜାଣିବ ଯେ ଲୋକମାନେ ଜଙ୍ଗଲ କାମ ସାରି ଫେରିଗଲେ । ମୁଁ ବନ୍ଧୁକରେ ୩ ଇଞ୍ଚିଆ ଷ୍ଟେରକ୍ଲ ବଲ୍ କାର୍ତ୍ତୁଜ ଦୁଇଟି ଲୋଡ୍ କରି ଭଣ୍ଡାରେ ରଖିଦେଲି । ଖଣ୍ଡିଏ ଲେଖାଏଁ ସିଗାରେଟ ଲଗାଇ ସୁସ୍ଥ ହେଲୁଁ । ସେତେବେଳକୁ ଖର ତାପ ମଉଳି ପଡ଼ିଲାଣି । ଦିନଯାକର ପରିଶ୍ରମ, ତାତି ପୋଡ଼ା ପରେ ଶୀତଳ ବାୟୁର ସ୍ପର୍ଶ ନବଜୀବନ ସଞ୍ଚାର କଲା । ନାନା ଜାତିର ପକ୍ଷୀ ଆମ ବାଡ଼ାବନ୍ଧର ଉପରେ ଓ ପାର୍ଶ୍ୱରେ ବସି ଆନନ୍ଦ କୋଳାହଳରେ ମାତିଯାଇଥାନ୍ତି । ଅତି ନିକଟରେ ଥାଇ ସେମାନଙ୍କର ସୁନ୍ଦର ମନୋହର ରୂପ, ମଧୁର ସ୍ୱନ ଓ ସ୍ୱାଧୀନ ଭାବ ଉପଭୋଗ କରିବାର ଜିନିଷ । ସୂର୍ଯ୍ୟଦେବ ଖଣ୍ଡଗିରି ପାହାଡ଼ର ପଛରେ ଲୁଚିଗଲେ । ପକ୍ଷୀମାନେ ପ୍ରକୃତିକୁ ଅଭିବାଦନ କରି ନିଜ ନିଜର ନୀଡ଼ ଅଭିମୁଖେ ପ୍ରସ୍ଥାନ କଲେ । ନିସ୍ତବ୍ଧତା କ୍ରମେ ବଢ଼ିଉଠୁଛି । ଏହି ସମୟରେ ମୁଁ ଦେଖେ ତ ଦୂରରେ ପାହାଡ଼ର ଏକ ବଡ଼ ପଥର ଉପରେ ବାଘ ଠିଆ ହୋଇ ଦିଗ୍‌ଦର୍ଶନ କରୁଛି । ଆମେ ପରସ୍ପର ଅଙ୍ଗୁଳି ସ୍ପର୍ଶ ଦ୍ୱାରା ସତର୍କ ହୋଇଗଲୁଁ । ମାତ୍ର ଦୁଇ ଏକ ମିନିଟ ପରେ ସେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ଅପଲକ ନେତ୍ରରେ ଚାହିଁ ରହିଥାଏ । ତେବେ ନାହିଁ, ଏଇ ଆସିଗଲା ବାଘ ! କାହୁଁ କାହିଁ ? ବେଳକୁ ବେଳ ଉଦ୍‌ବେଗ ବଢ଼ିଚାଲିଥାଏ । ସେତେବେଳେ ଏକ ମିନିଟ ବିଳମ୍ବ ଏକ ଯୁଗ ପରି ବୋଧ ହେଉଥାଏ । ୧୦।୧୫ ମିନିଟ ପରେ ବାଘର ଗର୍ଜନ ଶୁଣାଗଲା । ପ୍ରଥମେ ମଡ଼ା ଯେଉଁ ସ୍ଥାନରେ ପଡ଼ିଥିଲା ସେହି ସ୍ଥାନର ପ୍ରତ୍ୟେକ ବଣବୁଦା ଉପରେ ଆଘାତ କରି ଭୀଷଣ ଗର୍ଜନ କରୁଥାଏ । ତା'ର ଆହାର ସ୍ଥାନାନ୍ତରିତ ହୋଇଥିବାରୁ କ୍ରୋଧାନ୍ୱିତ ହୋଇ ଏପରି ଉନ୍ମତ୍ତ ହୋଇଉଠିଛି, ଏହା ଆମକୁ ଅବଗତ ରହିଲା ନାହିଁ । କିଛିକ୍ଷଣ ପରେ ଏକବାରକେ ନୀରବ ନିସ୍ତବ୍ଧ ।

Digitized by srujanika@gmail.com

ପ୍ରକୃତିର ଲୀଳା ବିଚିତ୍ର । ମୁହୂର୍ତ୍ତକ ମଧ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ । ଏଇ ଟିକିଏ ଆଗରୁ କି ସୁନ୍ଦର ସ୍ୱଚ୍ଛ ଶୁଖିଲା ପାଗ ଥିଲା । ହଠାତ୍ ପଶ୍ଚିମ ଦିଗରୁ ଖଣ୍ଡେ କଳାହାଣ୍ଡିଆ ମେଘ ଯୋଡ଼ିଆସିଲା । ଖଗ୍ରାଢ଼ିଆ ମେଘ । କୁଆପଥର ସହ ବର୍ଷା ହୁଏ । ଆମେ ଘୋର ପ୍ରମାଦ ଗଣିଲୁଁ । "ଭଗବନ୍ତଂ ମାଂ ଜଗଦୀଶ ରକ୍ଷ" ବ୍ୟତୀତ ଅନ୍ୟ ଉପାୟ ନାହିଁ । ମୟୂର ପଲ ମୁଣ୍ଡିଆ ଉପରେ ମଦମତ୍ତ ହୋଇ ନୃତ୍ୟରେ ମାତିଯାଇଥାନ୍ତି । ସେମାନଙ୍କର କେକା ଶବ୍ଦରେ ବନସ୍ଥଳୀ ଫାଟିପଡ଼ୁଥାଏ । ମୁଁ ମନେ ମନେ 'ତ୍ରାହି ମଧୁସୂଦନ' ଜପ କରିବାରେ ଲାଗିଥାଏଁ । ଏଥକ ରକ୍ଷ, ଆମେ ବାଉଁଶ ବୁଦା ଆଶ୍ରାରେ ଥାଉଁ । ମଧୁସୂଦନ ଆମର ଆତଙ୍କ ଫେଡ଼ିଲେ । ଅଳ୍ପ ସମୟ ମଧ୍ୟରେ ଏତେବଡ଼ ମେଘ କୁଆଡ଼େ ଫସରଫାଟି ଗଲା । କିନ୍ତୁ ଆକାଶ ସମ୍ପୂର୍ଣ୍ଣ ମେଘମୁକ୍ତ ହେଲା ନାହିଁ । ସେଦିନ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଥିଲା । ତହିଁରେ ପୁଣି ମେଘାଚ୍ଛନ୍ନ ଆକାଶ । ଚତୁର୍ଦ୍ଦିଗ ଗାଢ଼ ଅନ୍ଧକାର ଘୋଟିଗଲା । ଗଛିର ବାଉଁଶ ଧାଠି ସ୍ପର୍ଶରେ ହଳଦୀଚ, ରଙ୍ଗବେରଙ୍ଗ ସବୁ ଏକାକାର ହୋଇଗଲା । ଜେବେଳ ଭୋଟେଇ ହେଇ ବସି ଆମେ ହୃଦ୍‌ରେ ମଢ଼ିକୁ ଦେଖି ନଥାଉଁ । ଚତୁର୍ଦ୍ଦିଗରେ ଝାରବଳା ଘୋଟି ରହିଥିଲା । ଆମେ ଏକ ଆସନରେ ଧ୍ୟାନମଗ୍ନ ହୋଇ ବସିଥାଉଁ ।

୪

ପ୍ରାୟ ଦୁଇ ଘଣ୍ଟା ନିସ୍ତବ୍ଧତା ପରେ ହଠାତ୍ ଗୋଟିଏ ହରିଣ ପଲ କ୍ୟାଁ କ୍ୟାଁ ହୋଇ ବଣବୁଦା ଭାଙ୍ଗି ଦୌଡ଼ି ପଳାଇଲେ । ଉତ୍ତେଜିତ ନ ହେଲେ ହରିଣ ଏପରି ଚୋଚାନ୍ତି ନାହିଁ କିମ୍ବା ସେମ ଗୁଡ଼ି ଛନଛନ ହୋଇ ପଳାନ୍ତି ନାହିଁ । ଅନୁମାନ, ବାଘକୁ ଦେଖି କିମ୍ବା ବାଘର ଗନ୍ଧ ବାରି ପ୍ରାଣ ବିକଳରେ ପଳାଇଲେ । ଖଗ୍ରାଢ଼ା । ଶୁଖିଲା ପତ୍ର ବହଳରେ ପଡ଼ିଯାଇଅଛି । ସାମାନ୍ୟ ପୋକଜୋକଟିଏ ଚାଲିଗଲେ ମଧ୍ୟ ଜଣାପଡ଼ିଯାଉଥାଏ । ଆମେ ସନ୍ଦିଗ୍ଧ ଚିତ୍ତରେ ଅନାଇ ରହିଥାଉଁ । ଅଳ୍ପ ସମୟ ପରେ ଖଣ୍ଡେ ଦୂରରୁ ମସ୍ ମସ୍ ଶବ୍ଦ ଶୁଣାଗଲା । ବନ୍ୟପଶୁଙ୍କର ଚାଲିବା ଶବ୍ଦରେ ଶିକାରୀଙ୍କର ଜ୍ଞାନ ଥିବା ଆବଶ୍ୟକ । ଅଭିଜ୍ଞ ଶିକାରୀ ନ ଦେଖି ମଧ୍ୟ ଚାଲିବା ଶବ୍ଦରୁ ଜନ୍ତୁକୁ ଠଉରାଇପାରନ୍ତି । ବାଘର ଚାଲିରେ ଆମେ ବେଶ୍ ସୁପରିଚିତ । ଜାଣିପାରିଲୁଁ, ବାଘ ଆସିଗଲା । ଆମେ ଉଦ୍‌ବିଗ୍ନ ହୋଇଉଠିଲୁ । ଭୟରେ ନୁହେଁ, ଆନନ୍ଦରେ । ବହୁତ ଦିନର ଆଶା ପୂରଣ ହେବାକୁ ଯାଉଛି ।

Digitized by srujanika@gmail.com

ଉକ୍ତ ମସମାସ୍ ଶବ୍ଦ ଆସିଗଲା ଠିକ୍ ଆମର ବାଡ଼ାବନ୍ଧ ନିକଟରେ । ଆମେ ଆଶ୍ଚର୍ଯ୍ୟରେ ମୂକ ପରି ବସି ରହିଥାଉଁ । ଆମର ଆଶଙ୍କା ହେଲା ସେପରି ବାଘ ଆମର ଅତି ନିକଟରେ ବସିଛି । ବୋଧହୁଏ ସେ ଆମର ଉପସ୍ଥିତି ବାରୁଛି ; ତା'ର ସନ୍ଦେହ ଦୂର ହେଲେ ଭୋଜନ ଉପରକୁ ଆସିବ । ଅଧଘଣ୍ଟାଏ ନିସ୍ତବ୍ଧ ରହିବା ପରେ 'କଡ଼ାକ୍' ଶବ୍ଦ ହେଲା । ଆମେ ପରସ୍ପର ଦେହକୁ ଛୁଇଁ କଥାବାର୍ତ୍ତା ହୋଇଗଲୁଁ । ମୁଁ ସାବଧାନତାର ସହ ଛିଦ୍ରରେ ଦେଖିଲି । ମଞ୍ଚ ପାଖରେ ଘନ ଅନ୍ଧକାର । ବାଘର ଛାୟା ମାତ୍ର ଦେଖାଯାଉଥାଏ । ଜନ୍ତୁର ପେଟତଳ ଦେଖା ନ ଗଲେ ଫାୟାର କରିବାର ନୁହେଁ । ଏପରି ଫାୟାର କଲେ ଲକ୍ଷ୍ୟ ଠିକ୍ ହୁଏ ନାହିଁ । ଅନ୍ଧାଧୁନ୍ଦା ଫାୟାର କରିବା ମାନେ ବାଘକୁ ଘଉଡ଼ାଇଦେବା । ତା ଅପେକ୍ଷା ସେ ନିଜ ଇଚ୍ଛାରେ ଚାଲିଯିବା ହିଁ ଭଲ । ତା ହେଲେ ଆଉ କେବେ ମାରିବାକୁ ଅବସର ମିଳିବ । ପୁଣି କଦାଚିତ୍ ଚନ୍ଦ୍ରମା ପ୍ରକାଶ ପାଇବା ପର୍ଯ୍ୟନ୍ତ ଖାଇବାରେ ଲାଗିରହିପାରେ । ମୋ ର ଇଚ୍ଛା, ଗୁଳି ଖାଲି ନ ଯାଉ । ବାଘ ହାଡ଼ ଚୋବେଇ ମାଂସ ଖାଇବାରେ ଲାଗିଲା । ଆମେ ଦେଖିବା ବି ବନ୍ଦ କରିଦେଲୁଁ । ଯେଉଁଥିରେ ନିଜର ବଶ ନାହିଁ, ତାକୁ ଭାଗ୍ୟ ଉପରେ ଛାଡ଼ିଦେବାକୁ ପଡ଼େ । ଆମେ ଚନ୍ଦ୍ର ପ୍ରକାଶକୁ ଅପେକ୍ଷା କରିଥାଉଁ । ଚନ୍ଦ୍ର ବାହାରିବା ମାତ୍ରେ ଆମର ବନ୍ଧୁକ ଗର୍ଜିଉଠିବ ।

ଆମେ ଉତ୍ସାହହୀନ ହୋଇ ବସିଥାଉଁ । ବାଘ ରହି ରହି ନିଜର ସ୍ୱାଭାବିକ କାମରେ ଲାଗିଥାଏ । ଏତେ ସାହସୀ ଓ ବଳବାନ୍ ଜୀବ ଯେ କି ଏକା ଥାପୁଡ଼ାକେ ମଣିଷକୁ ମାରିଦେଇପାରେ, ସେ ଏତେ ଚୁପକି ଆଉ ସତର୍କତା ସହ ନିଜର ଭୋଜନ କରେ । ଏହା ତାହାର ସ୍ୱାଭାବିକ ପ୍ରକୃତି । କିଛି ସମୟ ପରେ ହାଡ଼ ଚୋବାଇବା ବନ୍ଦ ହୋଇଗଲା । ଦେଖୁଁ ତ ବାଘ ନାହିଁ । କ'ଣ କିଛି ଶବ୍ଦ ଶୁଣିଲା, ଅଥବା କୌଣସି ପ୍ରକାରେ ଆମର ଉପସ୍ଥିତି ତାକୁ ଜଣାପଡ଼ିଗଲା ? ଆମେ ତ ଟିକିଏ ହେଲେ ହଲଚଲ ହୋଇନାହୁଁ । ପୁଣି ଠିକ୍ ଚନ୍ଦ୍ର ଉଦୟ ସମୟକୁ ସେ କାହିଁକି ଚାଲିଗଲା ? ବୋଧହୁଏ ତା'ର ପେଟ ବୋଝେଇ ହୋଇଗଲା । ଚାଲିଲା, ଚାଲ ଏଥର ସୁଖରେ ଆରାମ କରିବା । ଆମ୍ଭେମାନେ ଖୁବ୍ ଦୁଃଖିତ ହେଲୁଁ । ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଲୁଁ, ବାଘ ମାରିବାର ଯଶ ଲାଭ ଆମ ଭାଗ୍ୟରେ ନାହିଁ । ଭାଗ୍ୟଦେବୀ ସୁପ୍ରସନ୍ନ ନ ହେଲେ ଯଶ ଲାଭ ଆଶା ବିଡ଼ମ୍ବନା ମାତ୍ର ।

Digitized by srujanika@gmail.com

୫

ଏହିପରି ଭାବନାରେ ବସିଛୁ, କିଛି ସମୟ ପରେ ଏକ ମସ୍ତବଡ଼ ହେଟା ଆସି ମଡ଼ ମାଂସ ଖାଇବାରେ ଲାଗିଲା । ଆମେ ନିଃସନ୍ଦେହ ହେଲୁଁ, ବାଘ ପାଖଆଖରେ ନାହିଁ । ବାଘ ନିକଟରେ ଥିଲେ ହେଟା ଆସି ନ ଥାନ୍ତା । ମୋର ବିଶ୍ୱାସ ; ଏବେ ଖରାଦିନ, ଦ୍ୱିପ୍ରହରରେ ବାଘର ପେଟରେ ଖାଦ୍ୟ ପଡ଼ିଛି; ଆଜି ନିଶ୍ଚୟ ପାଣି ଖାଇବାକୁ ଗଡ଼ିବ । ଜଳଆଶା ଖଟିରେ ତ ମଞ୍ଚା ପ୍ରସ୍ତୁତ ଅଛି । ଚାଲ ସେଠାରେ ବସିବା । ମୋର ଉକ୍ତିରେ ସମସ୍ତେ ଏକମତ ହେଲେ । ସେତେବେଳକୁ ଚନ୍ଦ୍ର ଉଠିଆସୁଛନ୍ତି । ବେଳ ଫର୍ଚ୍ଚା ହୋଇଗଲାଣି । ଘନ ଜଙ୍ଗଲ ମଧ୍ୟରେ ଏବେ ମଧ୍ୟ ଅନ୍ଧକାର ଘୋଟି ରହିଛି । 'ଶୁଭସ୍ୟ ଶୀଘ୍ର' । ଡେରି ନ କରି ସେଠାରୁ ଉଠିଲୁଁ । ଶୀଘ୍ର ପହଞ୍ଚିବା ସକାଶେ ଆମେ ଜଙ୍ଗଲ ମଧ୍ୟ ଦେଇ ସଳଖ ବାଟରେ ଚାଲିଛୁ । ଛୁପି ଛୁପିକିଆ ଜହ୍ନ ଆଲୁଅ । ରାତିର ସୁଲସୁଲିଆ ପବନରେ ବାଉଁଶ ତେଲଙ୍ଗିର ଛୁଇ ଚାଲିତ ହେଉଥାଏ । ମୋତେ ଜଣାପଡ଼ିଲା ଯେମିଟା ବାଘ ମୋ ଆଡ଼କୁ ମାଡ଼ି ଆସୁଛନ୍ତି । ମୋର ଝାଳେନ୍ଦୁ ପାଣି ହୋଇଗଲା । ମୁଁ ମୋର ସମସ୍ତ ସାହସ ହରାଇ ବସିଲି । ସ୍ୱୀକାର କରୁଛି, ସେତେବେଳେ ମୁଁ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲି । ପରେ ସାଥୀମାନଙ୍କ ସହ ହନୁମଦ୍ରୂପ ନିରୀକ୍ଷଣ କରିବା ଫଳରେ ସେ ଭୟ ଦୂର ହୋଇଗଲା ।

ବନ୍ଧ ନିକଟରେ ପହଞ୍ଚି ଆଗେ ଦେଖିନେଲୁଁ, ବାଘ ପାଣି ଖାଇନାହିଁ । ଶୀଘ୍ର ଶୀଘ୍ର ମଞ୍ଚା ଉପରେ ବସି ଭୋଜନ ଶେଷ କରିନେଲୁ । ଖଣ୍ଡେ ଲେଖା ସିଗାରେଟ ଲଗାଇ କ୍ଳାନ୍ତି ଦୂର କଲୁଁ । ସେତେବେଳକୁ ବାରଟା ବାଜିଯାଇଥିବ । ଚନ୍ଦ୍ର ପୂର୍ଣ୍ଣ ପ୍ରକାଶ ପାଇଗଲେଣି । ମେଘର କାଳିମା ଦୂର ହୋଇଯାଇଛି । ରଜତ କିରଣରେ ବନସ୍ଥଳୀ ହସିଉଠୁଥାଏ । ମୁଁ ମଝିରେ ବସିଲି । ବନ୍ଧୁକକୁ ଛୁଦ୍‌ର ଆଗ୍ରାରେ ରଖିଥାଏ । ଆମ୍ଭେମାନେ ବାଘର ଅପେକ୍ଷାରେ ସମ୍ପୂର୍ଣ୍ଣ ତତ୍ପର ଥାଉଁ । ଅଧଘଣ୍ଟା ତ ତପସ୍ୟାରେ କଟିଲା । ଆଉ ଶେଷ ଘଣ୍ଟା ଜଗିବା କିଛି ବଡ଼ କଥା ନୁହେଁ । ଦୁଇ ବାଜିବା ପର୍ଯ୍ୟନ୍ତ ଆମେ ଏକ ଆସନରେ ବସିଥାଉଁ । ଯେତେବେଳେ ମୁଁ ଅଗ୍ରେ କରି ଦେଖିଲି, ବାଘର ଏକ ଛାୟାମୂର୍ତ୍ତି ଦେଖାଗଲା । ବାଉଁଶ ବୁଦାତଳ ଛାଇରେ ସେ ଏପରି ନିଶ୍ଚଳ ଭାବରେ ଠିଆ ହୋଇଛି ଯେ, ତାକୁ ହଠାତ୍ ଚିହ୍ନିବା ସହଜ

Digitized by srujanika@gmail.com

ଲୁହେ । ସଙ୍କେତ ଦ୍ୱାରା ସାଥୀ ବୃନ୍ଦଙ୍କୁ ସତର୍କ କରାଇଦେଲି । ମୁଁ ଏକଲୟରେ ଚାହିଁଥାଏ । କିଛି ସମୟ ପରେ ବାଘ ଧୀରେ ଆଗକୁ ପାଦ ବଢାଇଲା । ଓଃ, କି ବିଶାଳ ମୂର୍ତ୍ତି । ଏ ତ ଆମର ପରିଚିତ 'ଦ୍ୱାପୁନ' !! ଦୁଇକଡ଼କୁ ଦେଖି ଦେଖି ବହୁ ବହୁ, ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଉଥାଏ । ମୁଁ ବନ୍ଧୁକ ଘୋଡାରେ ଲଗାଇ ତୟାର ହୋଇଗଲି । ମହାରାଜ ଠିକ୍ ଆମର ସାମନା ପାଣି କୂଳରେ ବସିଯାଇ ସିଂହାବଲୋକନ କରୁଥାନ୍ତି । ତା'ର ବୁକୁକୁ ଲକ୍ଷ୍ୟ କରି ମୁଁ ଧରିଣ ଧରିଥାଏଁ । ବନ୍ଧୁକର ମାଛି ବରାବର ମିଶିଗଲା । କିନ୍ତୁ ମୁଁ ଫାୟାର କଲି ନାହିଁ । ମୋର ଇଚ୍ଛା, ମୁଣ୍ଡକୁ ଫାୟାର କରିବା । ମିନିଟିଏ ପରେ ସେ ଶୋଇପଡ଼ି ଚକ୍ ଚକ୍ ପାଣି ପିଇବାକୁ ଆରମ୍ଭ କଲା ।

ବାଘ, ଭାଲୁ, ହରିଣ, ସମ୍ବର ପ୍ରଭୃତି ବନ୍ୟ ଜୀବ ପାଣି ପିଇବା ସମୟରେ କିଛି ନା କିଛି ଶବ୍ଦ ହୁଏ । ଶିକାରୀମାନଙ୍କର କିନ୍ତୁ ପାଣି ଖାଇବା ଶବ୍ଦରେ ଜ୍ଞାନ ଥିବା ଦରକାର । ତା ନ ହେଲେ ସମୟ ସମୟରେ ଘୋର ବିପଦରେ ପଡିବାର ଆଶଙ୍କା ଅଛି । ଥରକର ଘଟଣା—ଜଣେ ଅନଭିଜ୍ଞ ଯୁବକ ଶିକାରୀ ପାଣି କୂଳରେ ଜଗିକରି ବସିଥିଲେ । ଅନ୍ଧାର ରାତି । କେତେଜଣ ଲୋକ କାଠ ଚୋରି କରିବାପାଇଁ ଜଙ୍ଗଲକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଝାଡ଼ାଫେରି ଶୌଚ ହେବା ସକାଶେ ସେହି ପାଣି କୂଳକୁ ଆସିଲା । ତା'ର ପାଣି ଘେନିବା ସମୟରେ ସେଇ ଚବର ଚବର ଶବ୍ଦ ହେଲା, ତାକୁ ବାର୍‌ହା ପଶ କରୁଛି ଭାବି ଶିକାରୀ ଫାୟାର କଲେ । ସେ ଲୋକଟି ସେଇଠି ଟଳିପଡ଼ିଲା । କିନ୍ତୁ ଅଭିଜ୍ଞ ଶିକାରୀ ପାଣି ପିଇବା ଶବ୍ଦରୁ ମଧ୍ୟ ଜନ୍ତୁକୁ ଜାଣିପାରନ୍ତି ।

ମୁଁ ବାଁ ଆଖି ବନ୍ଦ କରି ବାଘର ଠିକ୍ ତାଳୁକୁ ଲକ୍ଷ୍ୟ କଲି । ମାଛି ମିଶିଯିବା ମାତ୍ରେ ଫାୟାର ! ମୋର ଲକ୍ଷ୍ୟ ଷୋଳ'ଣା ଠିକ୍ ହୋଇଛି । ଆନନ୍ଦରେ ଅଧୀର ହୋଇପଡ଼ିଲି । ମୋର ସେତେବେଳର ମନର ଅବସ୍ଥାକୁ ଲେଖନୀ ବ୍ୟକ୍ତ କରିପାରୁନାହିଁ । ବ୍ରହ୍ମ ତାଳୁରେ ଗୁଳି ଲାଗିବାରୁ ନିମେଷକେ ତା'ର ପ୍ରାଣବାୟୁ ଉଡ଼ିଗଲା । ବୃଥାରେ ଆଉ ଗୋଟିଏ ଗୁଳି କରି ଚମଡ଼ାଟିକୁ ନୁକସାନ କରିବାକୁ ଇଚ୍ଛା ହେଲା ନାହିଁ । ତଥାପି ମନ ବୁଝିବାକୁ ଗୋଟିଏ ବ୍ଲାଙ୍କ ଫାୟାର କରିଦେଲି । ଏହାପରେ ଆମେ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେଲୁଁ ଯେ, ଗୋ-ଭକ୍ଷକ ପାପୀ ଆଉ ଇହଜଗତରେ ନାହିଁ ।

Digitized by srujanika@gmail.com

ନେହାନନ୍ଦ ପ୍ରଥମେ ମଞ୍ଚାରୁ ଓହ୍ଲାଇପଡ଼ିଲା । ମୁଁ ବନ୍ଧୁକରୁ ଖାଲି କାର୍ଟ୍ରିଜ ବାହାର କରି ଫିଙ୍ଗିଦେଲି । ନୂତନ ଦୁଇଟି ଲୋଡ୍ କରିନେଲି । ତା'ପରେ ନବଘନ ଓହ୍ଲାଇଲା । ମୁଁ ହାତରୁ ତା ହାତକୁ ବନ୍ଧୁକ ଆଉ ଟର୍ଚ୍ଚ ବଢ଼ାଇଦେଉଛି, ଏହି ସମୟରେ ନେହାନନ୍ଦର ଚିତ୍କାର – 'ବୋପା ଲେ ଖାଇଲା !' ମୁଁ ବୁଦ୍ଧିହୀନ ହୋଇପଡ଼ିଲି । ଟର୍ଚ୍ଚରେ ଦେଖିଲି, ବାଘ ପାଖରେ ନେହାନନ୍ଦ ଚତ୍ପଟାଙ୍ଗ ହୋଇ ପଡ଼ିଛି । ମୁଁ ଦୁ' ଖେପାରେ ଆସି ଜଳେ । ନବଘନ ଓ ମୁଁ ଝୁଣ୍ଟାଝୁଣ୍ଟି କରିବାରେ ତା'ର ହୋସ ହେଲା । ସେ ଟିକିଏ ସୁସ୍ଥ ହେବା ମାତ୍ରେ ପଚାରିଲା, "ବାଘ ?" ମୁଁ କହିଲି—"ବାଘ ପରା ଏଇଠି ମରି ପଡ଼ିଛି । ତୋର କ'ଣ ହେଲା ?" ବାଘ ମରିବା କଥା ଶୁଣି ତା ଦେହରେ ଜୀବ ପଶିଲା । ସେ ଆଶ୍ୱସ୍ତ ହୋଇ କହିଲା—"ମୁଁ ବାଘର ଚୌଦପୁରୁଷଙ୍କୁ ଉଦ୍ଧାର କରି, ତା'ର ଭାଗ ଦ'ଟା ଧରି ଉପରକୁ ଟେକିଦେଲି । ସେ ଫାଏଁ କରି ଝାସ ଛାଡ଼ିଦେଲା ଯେ ମୋ ମୁଣ୍ଡଯାକ ପାଣି ଛିଟାରେ ଭରିଗଲା । ଆଉ ମୁଁ ବେହୋସ ହୋଇ ପଡ଼ିଗଲି ।" ହସ ହସ ମୋର ପେଟ ପରାସ ହୋଇଗଲା । ମୁଁ ତାକୁ ବୁଝାଇଦେଲି – ଗୁଳି ବାଘର ମର୍ମସ୍ଥାନରେ ଲାଗିବାରୁ ସଙ୍ଗେ ସଙ୍ଗେ ତା'ର ମୃତ୍ୟୁ ହୋଇଯାଇଛି । ପାଣିରେ ମୁଣ୍ଡ ମାତ୍ର ବୋଳିଥିବାରୁ ତା'ର ଶେଷ ନିଶ୍ୱାସ ଟିକିଏ ଅଟକି ଯାଇଥିଲା । ପାଣିରୁ ମୁଣ୍ଡ ଉଠାଇବା ମାତ୍ରେ ସେ ଟିକିଏ ବାହାରିଗଲା । ନବଘନ ନେହାନନ୍ଦକୁ ବ୍ୟଙ୍ଗ ବିଦ୍ରୂପ କରି ଖୁବ୍ ହସାଇଲା । ବାଘକୁ ଉପରକୁ ଟାଣିଆଣି ଦେଖିଲି, ତା ଦେହରେ ଅଗର ଗୁଳି କ୍ଷତ ଅଛି । ମୋର ପୂର୍ବ ସିଦ୍ଧାନ୍ତ ସଠିକ ପ୍ରମାଣିତ ହେଲା ।

ବାଘ ବା ଅନ୍ୟ କୌଣସି ଜନ୍ତୁର ଦେହରେ ଗୁଳି ଲାଗିବା ମାତ୍ରେ ମୃତ ବୋଲି ନିଶ୍ଚିନ୍ତ କରିନେବା ବଡ଼ ଭୁଲ । ଶ୍ୱାସ ନ ଛାଡ଼ିବା ପର୍ଯ୍ୟନ୍ତ ମୃତ ବୋଲି ବିଶ୍ୱାସ କରିହେବ ନାହିଁ । ଥରେ ମୋର ଜଣେ ଶିକାରୀ ମିତ୍ର ଗୋଟିଏ ହରିଣ ଶିଙ୍ଘାଳ (ପୁରୁଷ ହରିଣ) ମାରିଲେ । ସେ ତାଙ୍କ ସାଥୀମାନଙ୍କ ସହ ତା'ର ଗୋଡ଼କୁ ଖଣ୍ଡକର ବାନ୍ଧି ପ୍ରାୟ ଏକ ଫର୍ଲଙ୍ଗ ଦୂରକୁ ନେଇଗଲେ । ସେଠାରେ ତା'ର ବନ୍ଧନ ଖୋଲି ଛାଡ଼ିବା ସକାଶେ ଛୁରୀ ଚଳାଇଲାବେଳକୁ ହରିଣ ଚମ୍ପଟ କଲା । ତା'ର ଖୁରାର ଆଘାତରେ ଦୁଇଜଣ ସାଥୀ ଏପରି ଆହତ ହେଲେ ଯେ ମାସକରେ ଘରୁ ଉଠିଲେ ।

Digitized by srujanika@gmail.com

ଆନନ୍ଦରେ ଆମର ଗୋଡ଼ ତଳେ ଲାଗୁ ନ ଥାଏ । ଆଉ ଦୁଇ ଅଢ଼ାଇ ଘଣ୍ଟା ରାସ୍ତା ଚାଲିବା କିଛି କଷ୍ଟକର ନ ଥିଲା । ହସଖୁସିରେ ରାତି କଟାଇଲୁଁ । ସିନ୍ଦୁର ଫାଟିବାବେଳେ ନେତ୍ରାନନ୍ଦ ଯାଇ ଗ୍ରାମରୁ ଲୋକ ଡାକିଆଣିଲା । ବାଘକୁ ସେମାନଙ୍କ କାନ୍ଧରେ ଲଦି ଆମ୍ଭେମାନେ ବଡ଼ ଗର୍ବର ସହ ଗ୍ରାମକୁ ଫେରିଲୁଁ । ବାଘ ଦେଖିବାକୁ ଭିଡ଼ ଲାଗିଗଲା । ବାଘ ନଅ ଫୁଟ ଦୁଇ ଇଞ୍ଚ ଥିଲା । ଏତେବଡ଼ ବାଘ ବହୁତ ଦିନ ହେଲା କେହି ମାରି ନ ଥିଲେ । ସ୍ୱୟଂ ରାଜାସାହେବ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।

ବଡ଼ଦିନ ଶିକାର

୧

ନଭେମ୍ବର ଓ ଡିସେମ୍ବର ମାସ ଦୁଇଟି ବଣଭୋଜି ଖାଇବାର ପ୍ରକୃଷ୍ଟ ସମୟ । ସହର ଓ ମଫସଲ ଲୋକମାନଙ୍କର ପ୍ରାୟ ଏହି ସମୟରେ ବଣଭୋଜି ହୁଏ । ଡିସେମ୍ବର ମାସର ଶେଷ ସପ୍ତାହ । ମୋର ବନ୍ଧୁ ମହେନ୍ଦ୍ରର ଇଚ୍ଛା ମୁଁ ଶିକାର କଲେ ବଣଭୋଜି ହେବ । ମୋର ଶିକାରୀ ସାଥୀଙ୍କର ମଧ୍ୟ ବଣଭୋଜି ପାଇଁ ମାଂସ ଲୋଡ଼ା । ଆଉ ଉପାୟ ନାହିଁ । ଯେକୌଣସି ପ୍ରକାରେ ଗୋଟିଏ ଶିକାର କରିବାକୁ ହେବ । ନୂଆ ନୂଆ ଶିଖିବାବେଳେ ଖଡ଼ାରେ ଲୁଚି ବହୁତ ଶିକାର କରୁଥିଲି । କିନ୍ତୁ ଏବେ ଆଉ ଏ ପ୍ରକାର ଶିକାର କରିବାରେ ଆଗ୍ରହ ହେଉନାହିଁ । ପ୍ରକୃତରେ ଏଥିରେ କିଛି ଆନନ୍ଦ ବି ଥାଏ । ଜନ୍ତୁର ପିଛା କରି ଶିକାର କରିବାରେ କୃତିତ୍ୱ ଅଛି ଓ ଆନନ୍ଦ ମଧ୍ୟ ମିଳେ । ଏପରି ଶିକାର କରିବା ସଙ୍ଗେ ସଙ୍ଗେ ଜଙ୍ଗଲର ଚଳଣି, ପଶୁପକ୍ଷୀ ପ୍ରଭୃତିଙ୍କ ବିଷୟରେ ବହୁତ ଜ୍ଞାନ ଲାଭ ହୁଏ । ସେଦିନ ଅରୁଣୋଦୟ ପୂର୍ବରୁ ମୁଁ ମୋର ସାଥୀଙ୍କ ସହ ଶିକାରକୁ ବାହାରିଗଲି ।

ତୃଣଭୋଜୀ ପଶୁମାନେ ହିଂସ୍ର ଜନ୍ତୁଙ୍କ ଭୟରେ ଆତଙ୍କିତ ହୋଇ ରାତି ଯାପନ କରନ୍ତି । ପ୍ରଭାତ ହେବାମାତ୍ରେ ଆନନ୍ଦ ଉଲ୍ଲାସରେ ବାହାର ହୋଇ, ଜଙ୍ଗଲ ମଧ୍ୟସ୍ଥ ଖୋଲା ସ୍ଥାନମାନଙ୍କରେ ଚରବୁଲ କରନ୍ତି । ଆମ୍ଭେମାନେ ଜାଗାକୁ ଜାଗା ଖୋଲା ସ୍ଥାନମାନ ଦେଖି ଦେଖି ବୁଲୁଥିଲୁଁ । ବୁଲି ବୁଲି ଥକିପଡ଼ିଲୁଁ । କୌଣସି ଜନ୍ତୁର ଦର୍ଶନ ସୁଦ୍ଧା ମିଳିଲା ନାହିଁ । ଦିନ ୧୦ଟା ସମୟ ହେଲା । ଏତେବେଳେ ଜନ୍ତୁମାନେ ଆଉ ପଦାରେ ରହନ୍ତି ନାହିଁ । ଘନ ଗହଳ ଲଟାର ଆଶ୍ରାରେ ବିଶ୍ରାମ

Digitized by srujanika@gmail.com

ନେବାକୁ ବୁଲୁଥାଆନ୍ତି । ଶିକାର ମିଳିବାର ଆଉ ସମ୍ଭାବନା ନାହିଁ । ଫାସ୍ଥାଘ ଥିଲେ ବି ନ ଥିଲେ, ଏପରି ନିବିଡ଼ ଜଙ୍ଗଲରେ ଜନ୍ତୁଟିଏ ନ ଭେଟିବା ଆଶ୍ଚର୍ଯ୍ୟର ବିଷୟ । କାରଣ କ'ଣ ହୋଇପାରେ ? ଅନୁସନ୍ଧିତ୍ସା ପ୍ରବଳ ହୋଇଉଠିଲା ।

ଶିକାର ଆଶା ପରିତ୍ୟାଗ କରି ଜନ୍ତୁଙ୍କର ଖବର ନେବାକୁ ବାହାରିପଡ଼ିଲୁଁ । ଏହି ସମୟରେ ଅଁଳା, ହରିଡ଼ା, ବାହାଡ଼ା ଓ ଆମ୍ବଡ଼ା ଫଳ ପାଚି ଥିଏ । ସମ୍ବର ହରିଣ, କୁଟୁରା, ଖୁଗୁଣ୍ଡି ଓ ଝିଙ୍କ ପ୍ରଭୃତି ଏ ସବୁ ଫଳ ଖାଇବାକୁ ଯାଇ । ଜଙ୍ଗଲ ମଧ୍ୟରେ ସ୍ଥାନେ ସ୍ଥାନେ ଏକଜାତୀୟ ଗଛ ଏକତ୍ର ଅନେକଗୁଡ଼ିଏ ଲେଖାଁ ଥାଏ । ମନେହୁଏ ଯେପରି କେହି ଏଗୁଡ଼ିକ ଲଗାଇଛି । ଆମ୍ଭେମାନେ ଅଁଳା ବଣ, ହରିଡ଼ା ବଣ ଆଦି ସ୍ଥାନ ତନ୍ନ ତନ୍ନ କରି ଦେଖିଲୁଁ । ଫଳଗଛମାନଙ୍କ ମୂଳରେ ନାନାଜାତି ପଶୁଙ୍କର ଖୋଜଚିହ୍ନ ମିଳିଲା । କିନ୍ତୁ ତାହା ସବୁ ପୁରୁଣା ଖୋଜ । ତାଟକା ଖୋଜ ମିଳିଲା ନାହିଁ । ସେଠାରୁ ନିରାଶ ହୋଇ ଝରଣା, ପର୍ବତ କନ୍ଦର ଓ ଖୋଲମାନଙ୍କରେ ଥିବା ପାଣି ସ୍ଥାନ ଦେଖି ଦେଖି ଯାଉଥିଲୁଁ । ଏଠାରେ ମଧ୍ୟ ତାଟକା ଖୋଜ ମିଳିଲା ନାହିଁ । ଗୋଟିଏ ସ୍ଥାନରେ ବଣୁଆ କୁକୁରଙ୍କର ପାଦଚିହ୍ନ ଦେଖି ଆମର ସନ୍ଦେହ ଦୂର ହେଲା । ଶିକାର ନ ମିଳିବାର କାରଣ ଏଥର ଜଣାପଡ଼ିଲା ।

ବନ୍ୟ କୁକୁରଙ୍କୁ ଆମ ଅଞ୍ଚଳରେ ବଣୁଆ କୁକୁର କୁହାଯାଏ । ଏମାନେ ଦଳବଦ୍ଧ ଭାବରେ ବାସ କରନ୍ତି । ଗୋଟିଏ ଗୋଟିଏ ଦଳରେ ୧୦।୧୨ଟି ଲେଖାଁ ରହନ୍ତି । ସେମାନଙ୍କ ମଧ୍ୟରେ ଗୋଟିଏ ଦଳପତି ଥାଏ । ସବୁଠାରୁ ବଳବାନ୍ ଯେ ସେ ଦଳପତି ହୁଏ । ତାହାର ନିର୍ଦ୍ଦେଶରେ ସମସ୍ତେ ପରିଚାଳିତ ହୁଅନ୍ତି । ବଣୁଆ ହିଂସ୍ର ନୁହନ୍ତି । ନିଜର ଖାଦ୍ୟ ପାଇଁ ଜୀବ ହତ୍ୟା କରନ୍ତି । କେବେହେଲେ ମନୁଷ୍ୟଙ୍କୁ ଆକ୍ରମଣ କରନ୍ତି ନାହିଁ । କୌଣସି ଗୋଟିଏ ଅଞ୍ଚଳରେ ସ୍ଥାୟୀ ଭାବରେ ରହନ୍ତି ନାହିଁ ଏମାନେ । ଯାଯାବର ଜାତିର ଲୋକଙ୍କ ପରି ଖାଦ୍ୟ ଅଭାବରେ ଏ ଜଙ୍ଗଲରୁ ସେ ଜଙ୍ଗଲ ଘୂରି ବୁଲୁଥାନ୍ତି । ଏମାନେ ଶିକାରକୁ ଦଳବଦ୍ଧ ଭାବରେ ଆକ୍ରମଣ କରନ୍ତି ଏବଂ ତାକୁ ଜୀବନରେ ନ ମାରି ତା ଦେହରୁ ପୂଳା ପୂଳା କରି ମାଂସ ଖାଇଯାଆନ୍ତି । ମାଂସ ଖାଇସାରିବା ପରେ ଅସ୍ଥି କଙ୍କାଳକୁ ଛାଡ଼ି ପଳାନ୍ତି । ମହାବଳ ବାଘ ବି ଏମାନଙ୍କୁ ଡରେ । ବାଘ ବଣୁଆ ମାରିବାର କେବେ ଦେଖା ନାହିଁ । ଏଥିପାଇଁ କହନ୍ତି, "ଦଳକୁ ବଳ ସବ ନୁହେଁ ।" ସେମାନଙ୍କର ଦଳପତି

Digitized by srujanika@gmail.com

ଉପରେ କୌଣସି ପ୍ରକାର ଆଘାତ ଆସିଲେ ସମସ୍ତ ଦଳ ତତ୍‌କ୍ଷଣାତ୍ ସେ ଅଞ୍ଚଳ ପରିତ୍ୟାଗ କରନ୍ତି ।

ବଳିଆ କୁକୁର ଆସିଗଲେ ବଣର ହରିଣ, ସମ୍ବର ପ୍ରଭୃତି ତୃଣଭୋଜୀ ପଶୁମାନଙ୍କ ମଧ୍ୟରେ ମହା ଆତଙ୍କ ଘୋଟିଯାଏ । ସେମାନେ ଅଗମ୍ୟ ଅରଣ୍ୟ ମଧ୍ୟରେ ଲୁଚିଛପି ରହନ୍ତି । ପଦାକୁ ଆଦୌ ବାହାରନ୍ତି ନାହିଁ । ଏହି ସମୟରେ ଶିକାର ମିଳିବା ବଡ଼ ଦୁଷ୍କର । ସେଥିପାଇଁ ବଳିଆ ଶିକାରୀଙ୍କର ଘୋର ଶତ୍ରୁ । ଶେଷରେ ସେଦିନ ଶିକାର ଆଶା ଛାଡ଼ି ଗୃହାଭିମୁଖେ ପ୍ରତ୍ୟାବର୍ତ୍ତନ କଲୁଁ ।

୨

ଡିସେମ୍ବର ୫ ତାରିଖ ହେଲା । ସାଙ୍ଗସାଥୀମାନେ କର୍ମକ୍ଷେତ୍ରରୁ ଅବ୍ୟାହତି ପାଇ ସହରରୁ ଛୁଟିଆସିଛନ୍ତି ଗ୍ରାମକୁ ; ବଡ଼ଦିନ ଛୁଟି ଉପଭୋଗ କରିବେ । ମୋ ଉପରେ ସେମାନଙ୍କର ପ୍ରଚୁର ଆଶା ଓ ଭରସା, ରଙ୍କ ଛଡ଼େଇ ମାଂସ ଖାଇବେ । ଶିକାର ନ ହେଲେ ବଡ଼ ନାଁମୁସ୍କିଲ ହୋଇଯିବ । ସେଥିପାଇଁ ମୁଁ ତନାଘନା ଶିକାରରେ ଲାଗିପଡ଼ିଥାଏ ।

'ପଟିଆ ଦହ' ନାମ ଅନେକେ ଶୁଣିଥିବେ । କବିବର ରାଧାନାଥ 'ନନ୍ଦିକେଶ୍ୱରୀ' କାବ୍ୟରେ ସାନ୍ଧ୍ୟ ଶୋଭା ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି, "ପଟିଆ ଦହରୁ ପକ୍ଷୀ ଦଳେ ଦଳେ, ଉଡ଼ି ଆସୁଛନ୍ତି ନଭେ କୋଳାହଳେ··· ।" ବାରଙ୍ଗ ରେଳଷ୍ଟେସନର ଅଦୂରବର୍ତ୍ତୀ ଏଇ ଦହ କୂଳରେ ଏବେ 'ନନ୍ଦନକାନନ' ପ୍ରତିଷ୍ଠିତ ହୋଇଛି ଏବଂ ଏହାର ସୁନିର୍ମଳ ଜଳ ଆସ୍ତରଣରେ ଦର୍ଶକମାନଙ୍କ ନୌକାବିହାରର ସର୍ବ ସୁବ୍ୟବସ୍ଥା କରାଯାଇଅଛି । ତତ୍ପରଦିନ ଆମେ ଏହି ଦହର ଉପକୂଳବର୍ତ୍ତୀ ଜଙ୍ଗଲ ଅଭିମୁଖେ ଯାତ୍ରା କଲୁଁ । ଶୀତଦିନରେ ହରିଣ, ସମ୍ବର, କୁଟା ସକାଳ ସମୟରେ ପାଣି ଖାଆନ୍ତି । ପାଣିକଳ ଜଙ୍ଗଲ ମଧ୍ୟଦେଇ ଗଲେ, ପାଣି ଖାଇବାକୁ ଆସୁଥିବା ଜନ୍ତୁର ସାକ୍ଷାତ ମିଳିପାରେ—ଏହି ବିଶ୍ୱାସରେ ଆମେ ଚାଲିଛୁଁ । ବୁଲି ବୁଲି ଥକିଗଲୁ । ଶିକାର ମିଳିବା ତ ଦୂରର କଥା, ଖୋଜ ଚିହ୍ନଟିଏ ବି ଦେଖିବାକୁ ମିଳିଲା ନାହିଁ । ଶିକାରୀ ହେବାକୁ ହେଲେ ଯେପରି ଅତୁଟ ସାହସ ଲୋଡ଼ା, ସେହିପରି ଅସୀମ ଧୈର୍ଯ୍ୟ ଥିବା ଆବଶ୍ୟକ । ଅନ୍ୟଥା ଶିକାର

Digitized by srujanika@gmail.com

ଖେଳରେ କୃତକାର୍ଯ୍ୟ ହେବା ସମ୍ଭାବନା ମାତ୍ର । ଆମ୍ଭେମାନେ ଗଛ ବଦଳାଇ ପାହାଡ଼ ତଳକୁ ଚାଲିଲୁଁ । କିଛିଦୂର ଚାଲିପରେ ଗୋଟିଏ ସ୍ଥାନରେ ରକ୍ତ ଛିଟା ପଡ଼ିଥିବାର ସନ୍ଧାନ ମିଳିଲା । ଏହି ସଙ୍କେତକୁ ଧରି ଆଗେଇଗଲୁଁ । ୧୦ ହାତ ୧୫ ହାତ ବ୍ୟବଧାନରେ ରକ୍ତର ଦାଗ ଲାଗିଥାଏ । ଏହି ରକ୍ତ ମିଶ୍ରିତ ଶିଙ୍ଘାଳର ଖୋଳେ ଖୋଳେ ପଡ଼ିଥାଏ । ଏଥିରୁ ନିଶ୍ଚିତ ଅନୁମାନ, ଶିଙ୍ଘାଳ ଆହତ ହୋଇଛି । ମାତ୍ର ଏହା ସ୍ୱତଃସିଦ୍ଧ, ଗୁଳିଦ୍ୱାରା ଆହତ ନୁହେଁ । ପ୍ରାୟ ଅଧ ମାଇଲଏ ବାଟ ଚାଲିପରେ ମଳାଏ ରକ୍ତ ପଡ଼ିଥିଲା । ଏହା ଶିଙ୍ଘାଳ ତଳେ ପଡ଼ିଥିବାର ଚିହ୍ନ । ଆହୁରି ଦୁଇ ପାହୁଣ୍ଡ ଆଗକୁ ଶୋଣିତସିକ୍ତ ପାଦଚିହ୍ନ ମିଳିଲା । ନିଃସନ୍ଦେହରେ କୁହାଯାଇପାରେ, ଏହା ବଳିଆଙ୍କର ପାଦଚିହ୍ନ ।

ରକ୍ତର ଦାଗଗୁଡ଼ିକ ଶୁଖିଯାଇଛି । ତା ଉପରେ କାକର ପଡ଼ିନାହିଁ । ଏଥିରୁ ଅନୁମିତ, ଏହା ଶେଷ ରାତି କିମ୍ବା ଭୋର ସମୟର ଘଟଣା । ପୁଣି ଆଗେଇ ଚାଲିଲୁଁ । କିଛିଦୂର ଗଲାପରେ ହାଡ଼ ଚୋବେଇବା ଶବ୍ଦ ଶୁଣାଗଲା । ବଳିଆ ହାଡ଼ ଖାଆନ୍ତି ନାହିଁ । ତେବେ ବାଘ ହୋଇପାରେ । ସାଥୀ ଦୁହିଁଙ୍କୁ ସେହିଠାରେ ରଖାଇଦେଇ ମୁଁ ଖୁବ୍ ସତର୍କତା ଅବଲମ୍ବନପୂର୍ବକ ସେହିଆଡ଼କୁ ଅଗ୍ରସର ହେଲି । ଅଳ୍ପଦୂର ଗଲାପରେ ଦୃଷ୍ଟିଗୋଚର ହେଲା—ଏକ ମସ୍ତବଡ଼ କଲ୍ୱାପଟିଆ ବାଘ, ମୃତ ମିଳିତ ଶିଙ୍ଘାଳର ଅସ୍ଥି କଙ୍କାଳ ଉପରେ ମୁହଁ ଭର୍ତ୍ତିକରି ଆପଣା ଭୋଜନରେ ଲାଗିପଡ଼ିଛି । କଳାରଙ୍ଗର ଦେହରେ କଲ୍ୱାଫୁଲର ବୁଟା କି ସୁନ୍ଦର ଦେଖାଯାଉଥାଏ ! ମୋ ଆଡ଼କୁ ପଛକରି ବସିଥାଏ । ମର୍ମସ୍ଥାନକୁ ଫାୟାର କରିବାର ସୁବିଧା ନାହିଁ । ସୁବିଧାକୁ ଅପେକ୍ଷା କରିବା ଅବୋଧତା ହେବ । ତେଣୁ ମୁଁ ତୁରନ୍ତ ତା'ର ମେରୁଦଣ୍ଡକୁ ଲକ୍ଷ୍ୟ କରି ଫାୟାର କରିଦେଲି । ତାର ଅଣ୍ଟା ଭାଙ୍ଗିଗଲା । ଭୟଙ୍କର ଗର୍ଜନ କରି କରି ସମ୍ମୁଖ ଆଗକୁ ପଳାଇଲା । ପ୍ରାୟ ୬୦ ଗଜ ଦୂର ଗଲାପରେ ଏକବାରକେ ନୀରବ ନିସ୍ତବ୍ଧ । ବାଘ ଦେହରେ ଗୁଳି ନ ଲାଗିଲେ ଏପରି ଗର୍ଜ୍ଜନ କରେ ନାହିଁ । ଗୁଳି ଲାଗିବା ସୁନିଶ୍ଚିତ । ବାଘର ଗର୍ଜ୍ଜନ ହଠାତ୍ ବନ୍ଦ ହୋଇଯିବାର କାରଣ, ତାର ମୃତ୍ୟୁ ହୋଇପାରେ । ନଚେତ୍ ପଳାଇ ଯାଇ ଯାଇ କେଉଁ ସ୍ଥାନ ପାଇ ପଡ଼ିଯାଇଛି ।

Digitized by srujanika@gmail.com

୩

ବାଘ କୌଣସି ଜନ୍ତୁକୁ ଆକ୍ରମଣ କଲେ ବେକରୁ ଧରେ ଏବଂ ତାକୁ ମାରିସାରିବା ପରେ ତାହାର କୋଳସନ୍ଧାରୁ ଖାଇବା ଆରମ୍ଭ କରେ । ଶିକାରର ଅନ୍ୟାନ୍ୟ ଅଂଶର ଗୁଳି ଅକ୍ଷୁଣ୍ଣ ଥାଏ । ଏ ସ୍ଥଳରେ ଶିକାରର ଶରୀରରେ କୌଣସି ଆଘାତ ଚହ୍ନ ନାହିଁ । ପୁଣି ତା'ର ସମୁଦାୟ ଅଙ୍ଗପ୍ରତ୍ୟଙ୍ଗରେ ଟିକିଏ ହେଲେ ଗୁଳି ନ ଥାଏ । ଏଣୁ ଏହା ନିଶ୍ଚିତ ଯେ, ଏହାକୁ ବାଘ ଖାଇ ଛାଡ଼ିଯାଇଛନ୍ତି ।

ଚିତାବାଘ ଜଙ୍ଗଲର ମେହେନ୍ତର । ସେ ଜଙ୍ଗଲରେ ମୃତ ପ୍ରାଣୀଗୁଡ଼ିକୁ ଖାଇ ସଫା କରିଦିଏ । ମହାବଳ ବାଘ ଓ ଚିତା ବାଘ ମଧ୍ୟରେ ବହୁତ ପ୍ରଭେଦ । ମହାବଳ ଅନ୍ୟର ମରା ମାଂସ କେବେ ଛୁଇଁବ ନାହିଁ । ଚିତା ମୁର୍ଦାର ପର୍ଯ୍ୟନ୍ତ ଖାଇଦିଏ । ହଇଜା, ମହାମାରୀ ସମୟରେ କବର ଦିଆଯାଇଥିବା ମୁର୍ଦାରକୁ ଚିତା ଖୋଳି ଖାଇଥିବାର ପ୍ରମାଣ ମିଳିଛି । ମନୁଷ୍ୟ ଦେହରେ ଲୁଣ ଅଂଶ ଅଧିକ ଥାଏ । ଯେତେବେଳେ ଚିତା ମନୁଷ୍ୟ ମାଂସ ଖାଇ ସୁଆଦଯାଏ, ତାହାର ଅନ୍ୟ ମାଂସ ପ୍ରତି ରୁଚି ହୁଏ ନାହିଁ । ଏଣେ ସଂକ୍ରାମକ ରୋଗର ପ୍ରାଦୁର୍ଭାବ କମିଯାଏ । ସେ ତାହାର ସହଜଲଭ୍ୟ ଓ ସୁସ୍ୱାଦୁ ଖାଦ୍ୟ ମୁର୍ଦାର ନ ପାଇ ମନୁଷ୍ୟକୁ ମାରି ଖାଇବାକୁ ଆରମ୍ଭ କରେ । ଏହିପରି ଭାବରେ ସେ ମଣିଷଖିଆ ହୋଇଯାଏ । ଚିତା ରାତିରେ ଶିକାର କରେ । ମହାବଳ ଦିନରେ ଶିକାର କରେ । ତେଣୁ ମଣିଷଖିଆ ଚିତାକୁ ମାରିବା ବଡ଼ କଷ୍ଟ । ମହାବଳ ମାରିବା ବରଂ ସହଜ ।

ଆମ୍ଭେମାନେ ଏକତ୍ରିତ ହେଲୁଁ । ମୁଁ ମୋର ସାଥୀ ଦୁହିଁଙ୍କୁ ଚିତାର ଅବସ୍ଥା ସମ୍ବନ୍ଧରେ ଭଲ ରୂପେ ଅବଗତ କରାଇଦେଲି । ଆମ୍ଭେମାନେ ସତର୍କ ହୋଇ ଅତ୍ୟନ୍ତ ସତର୍କତା ସହ ତାହାର ରକ୍ତକୁ ଅନୁସରଣ କରି ଚାଲିଲୁ । ଅଳ୍ପ ଦୂରରେ ଗୋଟିଏ ଖୋଲା ସ୍ଥାନରେ ବାଘ ପଡ଼ିଥିଲା । ଆମ୍ଭମାନଙ୍କର ହୃତ୍‌ପିଣ୍ଡ ଧକ୍ ଧକ୍ ହୋଇ ଟିକିଏ ଜୁଡ଼ା ଉପରକୁ ଉଠିଗଲା । ସେତେବେଳେ ଫାୟାର କରିବାକୁ ସୁଯୋଗ ମିଳିଲା ନାହିଁ । ଅଣଆହତ ବାଘକୁ ଗୁଳି କରିବା ଅପେକ୍ଷା ଘାଇଆ ବାଘକୁ ଗୁଳି କରିବା ଅଧିକ ବିପଜ୍ଜନକ । ଘାଇଆ ବାଘ ଉପରେ ଆକ୍ରମଣ ନ ହେଲେ ସେ ପ୍ରଥମ ଆକ୍ରମଣ କରେ ନାହିଁ ଲୁଚି । ତା ଉପରକୁ ଫାୟାର ହେବାମାତ୍ରେ

Digitized by srujanika@gmail.com

ଗୁଳି ଲାଗୁ ବା ନ ଲାଗୁ ସେ ନିଶ୍ଚୟ ଆକ୍ରମଣ କରିବ । ତେଣୁ ଘାଉଆ ବାଘ ଉପରକୁ ତରବରିଆ ଫାୟାର କରିବାର ନୁହେଁ । ସାଥୀ ଦୁହେଁ ସେହିଠାରେ ରହିଗଲେ । ମୁଁ ଅନ୍ୟ ବାଟରୁ ବୁଲିଆସି ଦେଖିଲି, ଝାଟିଗଛ ବୁଦା ମଧ୍ୟରେ ଗୁପିଚୁପିକିଆ ହୋଇ ଦେଖାଯାଉଛି । ଅନ୍ଦାଜ କରି ଫାୟାର କରିଦେଲେ ମୃତ୍ୟୁ ନ ହେଲେ ମଧ୍ୟ ଚଳଚ୍ଛକ୍ତିହୀନ ହୋଇପଡ଼ିବ । ତା ପରେ ମାରିବା ସହଜ । ମନେ ମନେ ଏହା ସ୍ଥିର କରି ପଛ ଗୋଡ଼ଆଡ଼କୁ ଫାୟାର କରି ଦେଲି । ବାପରେ ! ଘୋର ଗର୍ଜ୍ଜନ କରି ସେ ମୋ ଆଡ଼କୁ ଛୁଟିଆସିଲା । ମୋର ଆଖି ବୁଜି ହୋଇ ପଡ଼ିଲା । ବୁଦ୍ଧି ସ୍ଫୁରିଲା ନାହିଁ । ମୁଁ ତା'ଠାରୁ ମାତ୍ର ୧୦।୧୨ ଗଜ ଦୂରରେ ଥିଲି । ଦ୍ୱିତୀୟ ଫାୟାର କରିବାପାଇଁ ଟିକିଏ ଅଟକିଗଲେ ଧରି ପକାଇବ । ଏଣୁ ପଳାୟନ ପନ୍ଥା ଧରିଲି । ମୁଁ ଦଉଡ଼ୁଥାଏଁ, ସେ ଦାଉଁ ଦାଉଁ ହୋଇ ମୋ ପଛେ ପଛେ ଲାଗିଥାଏ । ପାହାଡ଼ ଉପରକୁ ଉଠିଗଲି ବେଳକୁ, ରାସ୍ତାରେ ପାଞ୍ଚ ଛଅ ଫୁଟ ଉଚ୍ଚର ମୋଟିଏ ପଥର ଥିଲା । ଭାଗ୍ୟକୁ ସେ ପଥର ଖଣ୍ଡ ନ ଥିଲେ ତା ସହିତ ମୋର ମଲ୍ଲଯୁଦ୍ଧଟାଏ ହୋଇଯାଇଥାନ୍ତା । ପରିଣାମ କଅଣ ହୋଇଥାନ୍ତା କହିହେଉନାହିଁ ।

ମୁଁ ବନ୍ଧୁକ ସହିତ ପଥର ଉପରକୁ ଉଠିଲାବେଳକୁ ଟିକିଏ ସମୟ ଲାଗିଲା । ଇତିମଧ୍ୟରେ ବାଘ ମୋର ପଛରେ ଲାଗିଗଲାଣି । ପଥରରେ ଡାହାଣ ଗୋଡ଼ର ପାଦ ଅଙ୍ଗୁଳି ଭରା ଦେଇଛି, ବାମଗୋଡ଼ଟି ପୂରା ତଳକୁ ଝୁଲୁଥାଏ, ବୁଦା ମାଳ ଉପରକୁ ଉଠିବା ସମୟରେ ବାଘ ମୋର ଗୋଡ଼କୁ ଧରିବ ବୋଲି ପଞ୍ଝା ମାରିଲା; କିନ୍ତୁ ଧରିପାରିଲା ନାହିଁ । କେବଳ ମୋର ପେଣ୍ଟରେ ତା ନଖ ଲାଗି ଗର୍ତ୍ତ ହୋଇଗଲା । ମୁଁ ପଥର ଉପରକୁ ଉଠିଗଲି । ବାଘ ପଥର ଉପରକୁ ଉଠିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥାଏ । ମାତ୍ର ଯେତିକି ଉଠୁଥାଏ, ସେତିକି ତଳକୁ ଖସି ପଡୁଥାଏ । ମେରୁଦଣ୍ଡହୀନ ପ୍ରାଣୀ ସହଜରେ ଉପରକୁ ଉଠିପାରନ୍ତି ନାହିଁ । ତା' ପରେ ମୁଣ୍ଡକୁ ଲକ୍ଷ୍ୟକରି ଫାୟାର କରିଦେଲି । ସେ ସେଇଠି ଭୂଇଁ ବାମୁଡ଼ି ଖତମ ହେଲା ।

ସାଥୀମାନେ ଆସିବାକୁ ସିଟି ବଜାଇଲି । ସେମାନେ ଉପସ୍ଥିତ ହୋଇ ମୋର ରକ୍ତାକ୍ତ ଅବସ୍ଥା ଦେଖି ସ୍ତମ୍ଭୀଭୂତ ହୋଇଗଲେ । ମୁଁ ସେମାନଙ୍କ ମନର ଭାବ ବୁଝିପାରିଲି । ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି, "ରକ୍ତସ୍ରାବ ହେଉଛି

Digitized by srujanika@gmail.com

ସତ, କିନ୍ତୁ କ୍ଷତ ସେପରି କିଛି ନୁହେଁ । ତୁମେ ମୋତେ ଭୟ କରନା । ଆଉ ସାବଧାନ, ବାଘ ମତେ ଆହତ କରିଛି ବୋଲି ଯେପରି କେହି କୌଣସିଠାରେ ପ୍ରକାଶ ନ କର । କାରଣ, ଘରେ ଶୁଣିଲେ ସମସ୍ତେ ବିରକ୍ତ ହେବେ ।" ବାଘକୁ ଧରି ଫେରିଲୁଁ । ମନରେ ସୁଖ ନ ଥାଏ । ରାଜବାଟୀକୁ ବାଘ ପଠାଇଦେଇ ମୁଁ ଘରକୁ ଚାଲିଆସିଲି ।

କଲିକାପତ୍ର ରସ ଗୋଟିଏ ଉତ୍କୃଷ୍ଟ ବିଷନାଶକ ଔଷଧରୂପେ ପ୍ରଚଳିତ ହୋଇଆସୁଛି । ମୁଁ ଘରେ ପହଞ୍ଚି କଲିକାପତ୍ର ରସ ଲଗାଇ ପଟି ବାନ୍ଧିଦେଲି । ଅବଶ୍ୟ ଘରଲୋକଙ୍କ ଚକ୍ଷୁର ଅନ୍ତରାଳରେ ଏହା କରିବାକୁ ହେଲା । ସିଏ ପଚାରିଲେ କହିଦିଏଁ, କଣ୍ଟା ବାଜି ଘା ହୋଇଯାଇଛି ।

୪

ଦୁଇ ଦିନ ପରେ କ୍ଷତ ଟିକିଏ ମ୍ଳାନ ପଡ଼ିଆସିଲା । ସଂପୂର୍ଣ୍ଣ ନ ହେଲେ ମଧ୍ୟ ଦରଜ ଅନେକଟା କମିଯାଇଛି । ବନ୍ଧୁମାନଙ୍କର ଛୁଟି ଲେଇବା ବରଦାସ୍ତ ହେଲା ନାହିଁ । ତୃତୀୟ ବାର ଶିକାରକୁ ଯିବାର ସକଳ ଆୟୋଜନ କରିନେଲି । ଶିକାରୀଙ୍କର ଅନ୍ୟାନ୍ୟ ଗୁଣ ମଧ୍ୟରେ ଶୀଘ୍ର ପାଇଁ ପ୍ରସ୍ତୁତ ଗୋଟିଏ ପ୍ରଧାନ ଗୁଣ । ଶିକାରର ସଫଳତା ପ୍ରସ୍ତୁତ ଉପରେ ବହୁଳାଂଶରେ ନିର୍ଭର କରେ । ଆମେ ପ୍ରସ୍ତୁତ ହୋଇଗଲୁଁ । କଳିଅଙ୍କ ଉପଦ୍ରବ ଯୋଗୁ ପଟିଆ ଜଙ୍ଗଲରେ ଶିକାର ମିଳିବା ସମ୍ଭବପର ନୁହେଁ । ଏଥର ଚୂଡ଼ଙ୍ଗ ଜଙ୍ଗଲକୁ ଯିବାର ସ୍ଥିର ହେଲା । ଡିସେମ୍ବର ୧୭ ତାରିଖ । ଡାଲି, ଚାଉଳ, ହାତହତିଆର ଆଦି ଧରି ଆମେ ପାଞ୍ଚଜଣ ବାହାରିପଡ଼ିଲୁଁ ।

ଏଠାରେ ଚୂଡ଼ଙ୍ଗ ଗଡ଼ ଓ ଚୂଡ଼ଙ୍ଗ ଜଙ୍ଗଲର ସମ୍ୟକ ଇତିହାସ ବାଢ଼ିବା ସମ୍ଭବପର ନୁହେଁ । କେବଳ ଏତିକି କହି ରଖୁଛି ଯେ, ଓଡ଼ିଶାର ପ୍ରସିଦ୍ଧ ସମ୍ରାଟ ଚୋଳଗଙ୍ଗ ଦେବଙ୍କର ଏହି ଅଜେୟ ଦୁର୍ଗଟି ଆଜି ଅଗ୍ନାରି ବନସ୍ତରେ ପରିଣତ ହୋଇଛି । ଏବେ ମଧ୍ୟ ସୁଦୃଢ ପାଚେରି, ପ୍ରକାଣ୍ଡ ପୁଷ୍କରିଣୀ, ଗମ୍ଭୀର ଗଡ଼ଖାଇ ପ୍ରଭୃତିର ଭଗ୍ନାବଶେଷ ମୂକସାକ୍ଷୀରୂପେ ବିଦ୍ୟମାନ । ଏହାହିଁ ଚୂଡ଼ଙ୍ଗ ଜଙ୍ଗଲ । ଏହି ସ୍ଥାନର ଗୌରବମୟ ସ୍ମୃତି ସ୍ମରଣ କଲେ ମନରେ ଦାରୁଣ ଦୁଃଖ ଜାତ

Digitized by srujanika@gmail.com

ହୁଏ । କ'ଣ ଅବା, କ'ଣ ହେଲା ? ଏହି ଜଙ୍ଗଲର କିୟଦଂଶରେ ଏବେ 'ନନ୍ଦନ କାନନ' ସ୍ଥାପିତ ହୋଇଛି ।

ଆମ ଗ୍ରାମଠାରୁ ଚନ୍ଦକା ଜଙ୍ଗଲ ୫/୬ ମାଇଲ ଦୂର । ବାରଙ୍ଗ ରେଲ ଷ୍ଟେସନର ଅନତିଦୂରରେ ଏହା ଅବସ୍ଥିତ । ଆମେମାନେ ଜଙ୍ଗଲରେ ପ୍ରବେଶ କଲାବେଳକୁ ସୂର୍ଯ୍ୟୋଦୟ ହୋଇନାହିଁ । ଜଙ୍ଗଲମଧ୍ୟସ୍ଥ ଏକ ପୋଖରୀ କୂଳରେ ପ୍ରାତଃକୃତ୍ୟ ସାରିନେବାକୁ ଇଚ୍ଛା କଲୁଁ । ସଙ୍ଗେ ସଙ୍ଗେ ଚା'ପାନର ବ୍ୟବସ୍ଥା ହୋଇଗଲା । ଟିକିଏ ସୁସ୍ଥ ସଚେତ ହେବା ପରେ ଶିକାର ସନ୍ଧାନରେ ପଦକ୍ଷେପ କଲୁଁ । ଆମ ମଧ୍ୟରୁ ଦୁଇଜଣ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ସକାଶେ ରହିଗଲେ । ଆମେ ଚାରିଜଣ ଚାରିଗୋଟି ରାସ୍ତାରେ ଏକ ଦିଗକୁ ମୁହାଁ କରି ଚାଲିଲୁଁ । କଥା ହେଲା—ଶିକାରର ସନ୍ଧାନ ପାଇଲେ ସେମାନେ ମୋତେ ଜଣାଇବେ ।

ଚନ୍ଦକା ଜଙ୍ଗଲରେ ଅନ୍ୟାନ୍ୟ ଜନ୍ତୁଙ୍କ ଅପେକ୍ଷା ସମ୍ବରଙ୍କ ସଂଖ୍ୟା ଅଧିକ । ଲୁଣିମାଟି ସମ୍ବରଙ୍କର ଅତି ପ୍ରିୟ ଖାଦ୍ୟ । ସେମାନେ ବହୁପରିମାଣରେ ଲୁଣିମାଟି ଖାଆନ୍ତି । ଏଣୁ ସମ୍ବର ମାଂସ ମାଟିଆ ଲାଗେ । ସମ୍ବରମାଂସରୁ ମାଟି ଅଂଶ ଛଡ଼ାଇବାପାଇଁ ଗୋଟିଏ ଉପାୟ ଅଛି । ମାଂସକୁ କଅଁଳିଆ ଆମ୍ବପତ୍ର ଦେଇଟା ପକାଇ ସିଝାଇ କିଛି ସମୟ ରଖିଦେଲେ ତଳକୁ ମାଟିଗୁଡ଼ାକ ବସିଯାଏ । ତା'ପରେ ତରକାରୀ କଲେ ମାଟିଆ ଲାଗେ ନାହିଁ । ଜଙ୍ଗଲର ଯେଉଁ ଯେଉଁ ସ୍ଥାନରେ ଲୁଣିମାଟି ଅଛି ସେସବୁ ସ୍ଥାନ ମୋତେ ଜଣା । ମୁଁ ସେହି ସେହି ସ୍ଥାନ ଉଦ୍ଦେଶ୍ୟରେ ଚାଲିଛି । ଯାହା ଯାହା ଅନ୍ୟ ଶିକାର ମଧ୍ୟ ମିଳିପାରେ । କିଛି ଦୂର ଚାଲିପରେ ମାଆଛୁଆ ଦଳେ ସମ୍ବରଙ୍କୁ ଭେଟିଲି । ମାଈ ଜନ୍ତୁ ମାରିବା ମୋର ନୀତିବିରୁଦ୍ଧ । ଅଧିକନ୍ତୁ କୁନିମୁନିଆ ଛୁଆଟିକୁ ଦେଖି ଅତ୍ୟନ୍ତ କୌତୂହଳ ଜାତ ହେଲା । ଲୁଚିରହି ମାଅଛୁଆଙ୍କର ସ୍ୱଭାବସୁଲଭ ଆଦର ବ୍ୟବହାର ଟିକିଏ ଦେଖିନେଲି । ଦେଖିବାର ଜିନିଷ ଏତ । ମୋର କି ଉଦ୍ଦେଶ୍ୟ ନୁହେଁ ମାରିବା ଯେତେବେଳେ ମୁଁ ପଦାକୁ ବାହାରିପଡ଼ିଲି, ମାଆଟି ଦଉଡ଼ି ପଳାଇଲା । ଭୟାତୁର ଦୃଷ୍ଟିରେ ପଛକୁ ଫେରି ଫେରି ଚାହୁଁଥାଏ । ଅଜ୍ଞାନ ଶିଶୁ ଶାବକଟି ଭେଦ ବୁଝିପାରି ଜାଣିବ ? ସେ ବେଶ୍ ଆନନ୍ଦରେ ଫୁରୁକୁ ଫୁରୁକୁ ହୋଇ ଚାଲିଥାଏ । ମୁଁ ମୋର ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଲି ।

Digitized by srujanika@gmail.com

ଆହୁରି କିଛି ଦୂର ଚାଲିପରେ ଗୋଟିଏ ମସ୍ତବଡ଼ ଶଙ୍ଖପାଟିଆ ଷାଲୁ ହାବୁଡ଼ରେ ପଡ଼ିଲା । ସେ ହୁଙ୍କା ଡାଙ୍ଗ ଭଳ ଖାଇବାରେ ଲାଗିପଡ଼ିଥାଏ । ତା'ର ଦୃଷ୍ଟି ମୋ ଉପରେ ପଡ଼ିନାହିଁ । ପଡ଼ିଥିଲେ କଅଣ ହୋଇଥାନ୍ତା, ତାହା ପରମେଶ୍ୱରହିଁ ଜାଣେ । ତା ଉପରକୁ ଫାୟାର କରିଦେଇଥିଲେ ସେ ସେଠାରୁ ଟିପ ଛାଡ଼ି ନ ଥାନ୍ତା । ଅନ୍ତ ତକୁ ଫାୟାର କଲେ ଅନ୍ୟ ଜନ୍ତୁ, ହରିଣ୍ଡ଼ ପଳାଇବେ । ମୋର ତ ଲକ୍ଷ୍ୟ ମାଂସ ଉପରେ । କେଣୁ ତାକୁ ଫାୟାର ନ କରି ସେଠାରୁ ଫେରନ୍ତା ପଥ ଧରିଲି । ଶିକାର ସମୟରେ ଷାଲୁ ଚୋଟିଆ ମୁହଁ ଦେଖିବା ଅଶୁଭସୂଚକ ବୋଲି କଥା ଅଛି । ବୋଧହୁଏ ଏହା ପାରମ୍ପରିକ ଦୋଷ ।

ଛକ ଛକ, ଦେଖି ଦେଖି ଚାଲିଥାଏଁ । ଆହୁରି କିଛି ଦୂର ଚାଲି ପରେ ଏକ ବରାହ ସମ୍ବର ଦୃଷ୍ଟିଗୋଚର ହେଲା । ବନ୍ଧୁକ ଏତେ ଦୂରକୁ ମାରିବ ନାହିଁ । ଗସ୍ତଫଳ ହୋଇଥିଲେ ମୁଁ ତାକୁ ସେଇଠୁ ଫାୟାର କରିଦେଇଥାନ୍ତି, କେଣୁ ଲକ୍ଷ୍ୟକୁ ଜଗି ତାର ପିଚ୍ଛାକରି ଚାଲିଲି । ରେଞ୍ଜ ଉପରକୁ ଆସିଗଲେ ଫାୟାର କରିବି । ଏହି ସମୟରେ ଶିକାରୀ ସାଥୀ କେହି ଜଣେ ଶିକାରର ପତ୍ତା ନ ପାଇ ସଙ୍କେତ ଧ୍ୱନି କଲା । ଏଣେ ମୁଁ ଶିକାରର ପିଛା ଧରିଛି; କେଣୁ କୌଣସି ଉତ୍ତର ନ ଦେଇ ନୀରବ ରହିଲି । ଆକାରରେ ସମ୍ବରଗୁଡ଼ାକ ଘୋଡ଼ା ସଦୃଶ । ବେକ ହାତେ ଲେଖାଁ ଲମ୍ବା; କେଣୁ ସେମାନେ ଦୂରରୁ ଶତ୍ରୁକୁ ଦେଖି ସତର୍କ ହୋଇ ଯାଆନ୍ତି । ଅଧିକନ୍ତୁ, ସମ୍ବର ହୁଣ୍ଡ ଉପରେ ଥାଏ । ମୁଁ ହୁଣ୍ଡ ତଳେ । ଯେତେ ସାବଧାନରେ ଗଲେ ମଧ୍ୟ ତା'ର ଦୃଷ୍ଟି ପଡ଼ିଗଲା ମୋ ଉପରେ । ମୋତେ ବୋକା ବନେଇ ମାରିଲା ଡିଆଁ ଯେ ଏକାବାରକେ ପାର । ସେତେବେଳକୁ ୯ଟା ସମୟ । ତଥାପି ସମ୍ଭାବନା ଅଛି । ସାଥୀମାନଙ୍କ ଉଦ୍ଦେଶ୍ୟରେ ସଙ୍କେତ ଧ୍ୱନି କଲି । ସେମାନେ ମଧ୍ୟ ଉତ୍ତର ଦେଲେ । ଆଗକୁ ଆଗକୁ ମାଡ଼ି ଚାଲିଛି । କିଛିସମୟ ପରେ ସାଥୀ ନବଘନ ଡାକଦେଲା—“ବଡ଼ ଗାଡ଼ିଆ ଖୁରୁଙ୍ଗଟାଏ (ପୁରୁଷ ଖୁରୁଙ୍ଗ) ପଶ୍ଚିମକୁ ମୁହଁ କରି ଯାଉଛି । ତୁମେ ଆଗ କାଟି ଚାଲିଯାଅ ।” ତଦନୁସାରେ ମୁଁ ଚାଲିଲି । ଫର୍ଲଙ୍ଗେଦୂର ଚାଲିପରେ ଖୁରୁଙ୍ଗ ଦୃଷ୍ଟି ଉପରକୁ ଆସିଗଲା । ସେ ଗୋଟିଏ ଖୋଲା ସ୍ଥାନରେ ଠିଆ ହୋଇ ଆଗ ଗୋଡ଼ ଖୁରରେ କୁଣ୍ଡାଉଥାଏ । ମୁଁ ଲେପଟି ଲେପଟି କିଛି ଦୂର ଆଗକୁ ଗଲି ଆଉ ଆଗକୁ ବଢ଼ିବାର ସୁବିଧା ନାହିଁ । ଆଉ ନିକଟକୁ ଯିବା ମାନେ ତାକୁ ଘଉଡ଼ିଦେବା ସାର ହେବ । ରେଞ୍ଜର ବାହାରେ

Digitized by srujanika@gmail.com

ଥିଲେ ମଧ୍ୟ ମୁଁ ଫାୟାର କରିବାକୁ ମନ କଲି । ସୁଯୋଗକୁ ଲଗେଇପାରେ । ଖଣ୍ଡିଏ ଡାଳରେ ବନ୍ଧୁକ ଜର ରଖି ବୁଲେଟ କାଟ୍ରିଜଟିଏ ଫାୟାର କରିଦେଲି; କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇଗଲି । ସାଥୀ ଦୁହେଁ ଆସି ପହଞ୍ଚିଲେ । ମାତ୍ର ସ୍ଥାନ ପରୀକ୍ଷା କରି ଦୁଃଖିତ ମନରେ ହ୍ରଦ ଅଭିମୁଖେ ଯାତ୍ରା କଲୁଁ ।

୪

ଉଚ୍ଚ ଉଚ୍ଚ ବନପର୍ବତ ପରିବେଷ୍ଟିତ ବିସ୍ତୃତ ଜଳରାଶିର ଦୃଶ୍ୟ ଅତୀବ ମନୋରମ । ଏହା ନାନାଜାତି ପକ୍ଷୀଙ୍କର ଆବାସସ୍ଥଳୀ । ପକ୍ଷୀ ଶିକାର ଆମର ଉଦ୍ଦେଶ୍ୟ ନୁହେଁ । ଯେତେବେଳେ ଶିକାରରେ ହତାଶ ହେଲୁଁ ପକ୍ଷୀଟିଏ ହେଲେ ବି ଶିକାର କରି ମଧ୍ୟାହ୍ନ ଭୋଜନ କାମ ଚଳାଇବା ଉଦ୍ଦେଶ୍ୟ । ଜଙ୍ଗଲକୁ ଶିକାର କରିବାକୁ ଆସି ନିରାମିଷ ଭୋଜନ ରୁଚିକର ହେବ ନାହିଁ । ଆମ୍ଭେମାନେ ହ୍ରଦକୂଳରେ ପହଞ୍ଚିଲୁଁ । ସେତେବେଳକୁ ଦୁଇଜଣ ଇଂରେଜ ଶିକାରୀ ଦୁଇଜଣ ସ୍ଥାନୀୟ ଲୋକଙ୍କ ସହ ହ୍ରଦକୂଳରେ ବସି ଷ୍ଟୋଭ ଜାଳି ଚା' ପ୍ରସ୍ତୁତ କରୁଥାନ୍ତି । ଆମମାନଙ୍କୁ ଶିକାରୀ ବେଶରେ ଦେଖି ଖୁବ୍ ଆଦର ସମ୍ଭାଷଣ କଲେ । କଥାବାର୍ତ୍ତାରୁ ଜଣାଗଲା, ସେମାନେ ରେଲ୍‌ୱେର ଉଚ୍ଚପଦସ୍ଥ କର୍ମଚାରୀ; ଖୋର୍ଦ୍ଧାରୋଡ଼ରୁ ପକ୍ଷୀ ଶିକାରକୁ ଆସିଛନ୍ତି । କେବଳ ହଂସବତୀ ୫ଟି ମାରିଥାନ୍ତି । ଚକୁଆଟିଏ ମାରି ନ ପାରିବାରୁ ସେମାନଙ୍କ ମନରେ ବଡ଼ ଦୁଃଖ । ଆମମାନଙ୍କୁ ଏକ୍‌ସମାସ୍ କେକ୍ ଓ ଚା' ଖାଇବାକୁ ସସ୍ନେହ ଅନୁରୋଧ ଜଣାଇଲେ । ଧନ୍ୟବାଦର ସହ ମୁଁ ଗ୍ରହଣ କଲି । କିନ୍ତୁ ମୋର ଶିକାରୀ ସାଥୀ ସାହେବଙ୍କ ହାତରୁ ଜଳ ସୁଦ୍ଧା ସ୍ପର୍ଶ କରିବାକୁ ମନା କରିଦେଲେ ।

ସାହେବଙ୍କର ବନ୍ଧୁକ ଆବାଜରେ ପକ୍ଷୀଦଳ ହୁରୁଡ଼ି ମଝି ଗଣ୍ଡରେ ଓ ଅପରପାର୍ଶ୍ୱ କୂଳରେ ପଡ଼ିଥାନ୍ତି । ଡଙ୍ଗା ସାହାଯ୍ୟ ବିନା ତାଙ୍କୁ ମାରିବା ଅସମ୍ଭବ । ୩।୪ ଜଣ ଢିଅର ଛୋଟ ଛୋଟ ହୁଲଡଙ୍ଗା ବାହି ମାଛ ଧରୁଥାନ୍ତି । ଏମାନେ ପଟିଆ କିଲ୍ଲାର ଲୋକ । ମୋତେ ଭଲ ଭାବରେ ଚିହ୍ନନ୍ତି ଓ ଜାଣନ୍ତି । ମୁଁ ଡାକିବାରୁ ଜଣେ ଡଙ୍ଗା ନେଇ ଆସିଲା । ମୁଁ ସାହେବଙ୍କୁ କହିଲି—ଯାଅ, ଏଥିରେ ବସି ଚକୁଆ ମାରିବ । ସେମାନେ ଯାଇ ଡଙ୍ଗାକୁ ଦେଖି ମୁହଁ ମୋଡ଼ିଦେଇ ଫେରି-ଆସିଲେ । ବଡଲୋକ ସେମାନେ । ଜୀବନକୁ କଅଣ କମ୍ ଲୋଭ ତାଙ୍କର ! ମୋ

Digitized by srujanika@gmail.com

ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହି ମୁଁ ଡଙ୍ଗାରେ ଚଢ଼ିଲି । ବାହାରିବା ବେଳେ ଜଣେ ସାହେବ ତାଙ୍କର କାର୍ଟ୍ରିଜ ବ୍ୟାଗଟି ମୋ ହାତକୁ ବଢ଼ାଇଦେଲେ । ଚକୁଆଗୁଡ଼ାକ ସବୁଦିନେ ଡରକା; ପୁଣି ବନ୍ଧୁକ ଆବାଜରେ ଅଧିକ ଡରକା ହୋଇ ଯାଇଥାନ୍ତି । ଦୂରରୁ ଡଙ୍ଗାକୁ ଦେଖିବାମାତ୍ରେ ଉଡ଼ିଲେ । ପ୍ରଥମ ଦୁଇଟି ଫାୟାର ନିଷ୍ଫଳ ହେଲା । ଏଣିକି ଉଡନ୍ତା ପକ୍ଷୀଦଳକୁ ଫାୟାର କରିବା ଆରମ୍ଭ କଲି । ଶେଷରେ ତିନୋଟି ସଟରେ ୪ଟି ଚକୁଆ ମଲେ । ଅଧଘଣ୍ଟାକ ମଧ୍ୟରେ ଫେରି ଆସିଲି । ଡଙ୍ଗା କୂଳରେ ଲାଗୁ ନ ଲାଗୁଣୁ ସାହେବ ଦୁଇଜଣ ଦୌଡ଼ିଆସି କରମର୍ଦ୍ଦନ କରିବାକୁ ହାତ ବଢ଼ାଇଦେଲେ । ସେମାନଙ୍କୁ ଦୁଇଟି ଚକୁଆ ଦେଇ ଆମ କ୍ୟାମ୍ପକୁ ଆସିବା ନିମିତ୍ତ ନିମନ୍ତ୍ରଣ କଲି । ସେମାନେ ଅତି ଦୁଃଖର ସହ ନିଜର ଅକ୍ଷମତା ଜଣାଇଲେ । ଟ୍ରେନ୍ ଅପ୍ ଗାଡ଼ିରେ ସେମାନଙ୍କର ଫେରିବାର ପ୍ରସ୍ତାବ ଥିଲା । ସେମାନେ ଚାଲିଗଲେ ।

ଆମ୍ଭେମାନେ ଜନ୍ତୁଙ୍କର ସନ୍ଧାନ ନେବାକୁ ପାଣି କୂଳରେ ଖୋଜଚିହ୍ନ ଦେଖିବାରେ ଲାଗିଲୁଁ । ଅନ୍ୟାନ୍ୟ ଜନ୍ତୁଙ୍କର ଖୋଜଚିହ୍ନ ମଧ୍ୟରେ ଗୋଟିଏ ମହାବଳ ବାଘର ପାଦଚିହ୍ନ ବିଶେଷ ଉଲ୍ଲେଖଯୋଗ୍ୟ । ପଞ୍ଝା ଚିହ୍ନରୁ ଅନୁମାନ, ସେ ବାଘୁଣୀ । ତା’ର ଆଗ ଡାହାଣ ଗୋଡଟି ଛୋଟ । କେମିତି କେମିତି ଖୁଣ୍ଟୁଥିବାର ସ୍ପଷ୍ଟ ଜଣାପଡ଼ିଲା । ଏ ବାଘୁଣୀ ନୂଆ ହୋଇ ଏ ଅଞ୍ଚଳକୁ ଆସିଛି । ମୁଁ ମୋର ସାଥୀ ଦୁହିଁଙ୍କୁ ସାବଧାନ କରାଇଦେଲି । ବାଘ ଅପେକ୍ଷା ବାଘୁଣୀ ଅତି ଭୟଙ୍କର । ଏହାର ଗୋଡ଼ ଅକ୍ଷମ ହୋଇଥିବାରୁ ଦୌଡ଼ଧାପଡ଼ ବନ୍ୟଜନ୍ତୁଙ୍କୁ ଶିକାର କରି ପାରୁ ନ ଥିବ । ସୁତରାଂ ମଣିଷ ଖାଉଥିବା ଖୁବ୍ ସମ୍ଭବ । ବିଶେଷ ସତର୍କତା ସହ ଏହାର ଓରଖବର ନେବାକୁ ହେବ; ନଚେତ୍ ନିଜେ ଶିକାର ହୋଇଯିବା କିଛି ଅସମ୍ଭବ ନୁହେଁ ।

ତା ପରେ ଆମେ ଆମର କ୍ୟାମ୍ପକୁ ଫେରିଆସିଲୁଁ । କ୍ୟାମ୍ପରେ ରନ୍ଧାବଢ଼ା ସାରି କେବଳ ମାଂସ ଅପେକ୍ଷାରେ ବସିଛନ୍ତି । ଚକୁଆ ଦୁଇଟିକୁ ଦେଖି ଜଣେ କହିଲେ—‘ଏତ ବ୍ରହ୍ମାଙ୍କ ତଳୁଏ ହେବ ନାହିଁ । ଏହାକୁ କ’ଣ କରିବ ? ଏକା ନବାବୁ ତ ନଅଣ ।’’ ଦେଶୀ ଆଳୁ ପକାଇ ତରକାରିଟାଏ ହେଲା । ଶୀତଦିନରେ ଚକୁଆ ଖୋଷାସୁଦ୍ଧା ଚକ୍‌ଚକ । ତରକାରି ବେଶ୍ ସୁସ୍ୱାଦୁ ହୋଇଥିଲା । ସେ

Digitized by srujanika@gmail.com

ଶୀତଦିନରେ ଚଉରୀ ମାଂସ ଖାଇଥିବ ସେ ଆଜୀବନ ଭୁଲିପାରିବ ନାହିଁ । ଅବଶ୍ୟ ଦୁଗ୍ଧପାୟସ ତାହା ତୁଳନାରେ ନୁହେଁ । ଆମର ଏକପ୍ରକାର ବଣଭୋଜି ହୋଇଗଲା । ଖିଆପିଆ ସାରି ଟିକିଏ ବିଶ୍ରାମ ନେଲୁଁ ।

୭

ଦିନ ୩ଟା ସମୟ । ଶେଷଥର ପାଇଁ ଭାଗ୍ୟ ପରୀକ୍ଷା କରିବାକୁ ବାହାରି-ପଡ଼ିଲୁ । ଏଥର କେବଳ ନବଘନକୁ ସଙ୍ଗରେ ନେଇ ଚାଲିଲୁ । ଜଙ୍ଗଲମଧ୍ୟସ୍ଥ ଗୋଟିଏ ତରଖ ରାସ୍ତାରେ ଯାଉଥାଉ । ମୁଁ ଦୂରକୁ ଦୃଷ୍ଟି ରଖି ଚାଲିଥାଏଁ । ସେ ତଳକୁ ଦୃଷ୍ଟି କରି କୌଣସି ସଙ୍କେତ ଖୋଜିବାରେ ବ୍ୟସ୍ତ । ଗୋଟିଏ ନାଳ ପାରି ହେବା ସମୟରେ ନବଘନ ହଠାତ୍ ଚମକିଉଠି କହିଲା, "ଡେରେପ' ବର୍ତ୍ତମାନ ଏଇଠି ପାରି ହୋଇଯାଇଛି ।" 'ଡେରେପ' ନାମ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ପଚାରିଲି—"ଡେରେପା କ'ଣ ?" "ସେଇ ବାଘୁଣୀ, ଯାହାର ଖୋଜ ବଙ୍କେଇ ବଙ୍କେଇ ପଡ଼ୁଛି ।" ନବଘନ ଉତ୍ତର ଦେଲା । ମୁଁ କହିଲି, "ଓଃ ! ତା' ହେଲେ ତୁ ତା'ର ନାମକରଣ କରିସାରିଲୁଣି !" ମୁଁ ଫେରିପଡ଼ି ପାଦଚିହ୍ନ ଦେଖିଲି । ତାହା ସେହି ବାଘୁଣୀର ଖୋଜ, ଯାହାର ଖୋଜ ଆମେ ପଶ୍ଚିମକୂଳରେ ଦେଖିଥିଲୁଁ । ଟଙ୍କିଲ ଭୂମିରେ ଖୋଜଚିହ୍ନ ମିଳିବା କଷ୍ଟକର । ଏଣେ ଦିନ ଅବସାନ ହେବାକୁ ଯାଉଛି । ପୁଣି ଆମର ଉଦ୍ଦେଶ୍ୟ ଅନ୍ୟ ପ୍ରକାର । କେଣ୍ଟୁ ତା'ର ପିଚ୍ଛା ନ ଧରି ଅମେ ଆମର ଉଦ୍ଦିଷ୍ଟ ପଥରେ ଚାଲିଲୁଁ । ଅତ୍ୟନ୍ତ ସତର୍କତା ସହ ଚାହିଁ ଚାହିଁ, ଶ୍ୟେନ ଦୃଷ୍ଟିରେ ଦେଖି ଦେଖି ଧୀର ପଦକ୍ଷେପରେ ଯାଉଥାଉଁ । କିଛିଦୂର ଗଲା ପରେ ଆମର କର୍ଣ୍ଣପଟରେ ଖଡ଼୍ ଖାଡ଼୍ ଶବ୍ଦ ଶୁଣାଗଲା । ଆମେ ହଠାତ୍ ରୋକିଗଲୁଁ ସେହିଠାରେ । ଉକ୍ତ ଶବ୍ଦ ନିକଟରୁ ନିକଟତର ହୋଇଆସିଲା । ଏହା ମିରିଗ ଶିଙ୍ଘାଳ କମ୍ବା ସମ୍ବର ଶିଙ୍ଘାଳ ଆସୁଥିବାର ସ୍ପଷ୍ଟ ସୂଚନା । ଗହଳ ଲଟାପତ୍ରରେ ସେମାନଙ୍କର ପ୍ରଶସ୍ତ ଶିଙ୍ଘ ଲାଗି ଏପରି ଶବ୍ଦ ହୁଏ । ଆମେ ଗୋଟିଏ ବୁଦାର ଆଢ଼ୁଆରେ ଛପି ରହି ଅପେକ୍ଷା କରିଥାଉ । ସମ୍ମୁଖ ତଗରକୁ ବାହାରିପଡ଼ିଲେ ଫାୟାର ହେବ । ସେ ଦପ୍ ଦପ୍ ମାଡ଼ିଆସୁଥାଏ । ଏକ ଦୀର୍ଘକାୟ ସମ୍ବର ତଗରକୁ ବାହାରିପଡ଼ିଲା । ମୁହୂର୍ତ୍ତେ ମାତ୍ର ରୋକିଯାଇ ବାଁ'କୁ ଡାହାଣକୁ ଦେଖିନେଲା ତା ପରେ ଆଗକୁ ଗୋଡ଼ କାଢ଼ିଲା ବେଳକୁ

Digitized by srujanika@gmail.com

ଫାୟାର କରିଦେଲି । ସଙ୍ଗେ ସଙ୍ଗେ ଗଛ କାଟିଲା ପରି ଟଳି ପଡ଼ିଲା ସେହିଠାରେ । ଆମର ମନୋରଥ ସିଦ୍ଧ ହୋଇଗଲା ।

ସେତେବେଳକୁ ୮ଟା ସମୟ ହେବ । ୫୦ ଜଣ ଲୋକ ହେଲେ ଏହାକୁ ତକୁ ଉଠା'ଇବା କାଠିକର ପାଠ । ଆଉ ଆମେ ଦୁଇଜଣ କ'ଣ ବା କରିବୁଁ ? କ୍ୟାମ୍ପକୁ ଫେରିଆସିଲୁଁ ।

ତାରଙ୍ଗ ଗ୍ରାମରୁ ଖଣ୍ଡେ ଶଗଡ ଗାଡ଼ି ଆଣିବାକୁ ଦୁଇଜଣ ଚାଲିଗଲେ । ଆମେ ଅପେକ୍ଷାରେ ବସିରହିଲୁଁ । ଗୁଡ଼ ଦେଲା । ପୌଷମାସର ହାଡ଼ଭଙ୍ଗା ଶୀତ । ଆଉ ସମ୍ଭାଳି ହେଲା ନାହିଁ । ନିଆଁ ଅଗଡ଼ାଏ ଲଗାଇ ଚୁଲି ପାଖରେ ଘେରି ବସିଲୁଁ—ବଣଭୋଜି ବିଷୟରେ ଆଲୋଚନା ଚାଲିଥାଏ—ହଠାତ୍ ବାଘୁଣୀର ହାମ୍ବୋଲରେ ଚମକି ଉଠିଲୁଁ । ବାଘ ଓ ବାଘୁଣୀର ହାମ୍ବୋଲରେ ପ୍ରଭେଦ ଅଛି । ଅଭିଜ୍ଞ ଶିକାରୀ ନ ହେଲେ ବୁଝିବା ସହଜ ନୁହେଁ । ପୁଣି ହାମ୍ବୋଲରୁ ତାହାର କାରଣ ମଧ୍ୟ ବୁଝାପଡ଼ିଯାଏ । ଏ ସମୟରେ ବାଘଙ୍କର ମିଳନ ଋତୁ । ତାହାର କଣ୍ଠସ୍ୱରରେ କରୁଣତା ଭରିରହିଥିଲା । ଏଥିରୁ ନିଶ୍ଚିନ୍ତ ଅନୁମାନ, ବାଘୁଣୀ ବାଘକୁ ଡାକରା ଦେଉଛି । ଆମର ସାଥିରେ ଯାଇଥିବା ପାଚକ ମହାଶୟ ଧୁ ଧୁ କରି ନିଆଁ ଜାଳିବା ଆରମ୍ଭ କଲେ । ନବଘନର ଦେହକୁ ଲାଗି ଲାଗି ଘ ହୁଅାନ୍ତି । ଆମେ ପରସ୍ପର ଟିପ ଟିପି ହୋଇ ତାଙ୍କର ଶ୍ରୀମୁଖରୁ ନାମ ଉପଭୋଗ କରୁଥାଉଁ । ସେ ଆଉ ସମ୍ଭାଳି ପାରିଲେ ନାହିଁ । ଉଚ୍ଚ ସ୍ୱରରେ "ପତିତପାବନ ବାନା ଆଜ ଦେଖେ-ବେଳକୁ" ଭଜନଟି ଆରମ୍ଭ କରିଦେଲେ । କିନ୍ତୁ ନବଘନର ଏକ ଶକ୍ତ ଧକ୍କାରେ ତାଙ୍କର ସ୍ୱର ଥମିଗଲା । ଆମ୍ଭେମାନେ ହସ ସମ୍ଭରଣ କରିପାରିଲୁଁ ନାହିଁ । ବେଦମ୍ ହସିଲୁଁ । ହାମ୍ବୋଲ କ୍ରମେ କ୍ରମେ କ୍ଷୀଣରୁ କ୍ଷୀଣତର ହୋଇ ଶେଷରେ ମିଳାଇଗଲା । ଆମେ ବୁଝିନେଲୁଁ ବାଘ ଦୂରକୁ ଚାଲିଗଲା ।

କିଛି ସମୟ ପରେ ଶଗଡ଼ ଆସି ପହଞ୍ଚିଲା । ସମ୍ବରକୁ ଲଦାଲଦି କରି ଘରକୁ ଫେରିଲୁଁ । ତତ୍ପର ଦିନ ମହାଆଡ଼ମ୍ବର ସହକାରେ ବଣଭୋଜି ହେଲା ।

Digitized by srujanika@gmail.com

ମଣିଷଖିଆ କେରେପା

୧

ବଡ଼ଦିନ ଛୁଟିରେ 'ଚଢ଼ଙ୍ଗ' ଜଙ୍ଗଲକୁ ଶିକାରକୁ ଯାଇ ହ୍ରଦକୂଳରେ ଦେଖିଥିବା ବାଘୁଣୀର ପାଦଚିହ୍ନ ବୋଧହୁଏ ପାଠକେ ଭୁଲିଯାଇ ନ ଥିବେ । ତାହାର ଆଗ ଡାହାଣ ଗୋଡଟି ଜଖମ । ତେଣୁ ସେ ଟେମେଇ କେମେଇ ଚାଲେ । ଶିକାରୀ ସାଥୀ ନବଘନ ସେଦିନ ଝରଣାର ବାଲିରେ ତା'ର ପାଦଚିହ୍ନ ଦେଖି ହଠାତ୍ ତାକୁ 'କେରେପ' ନାମରେ ଅଭିହିତ କରିପକାଇଲା । ସେହିଦିନଠାରୁ ସେ ଆମ ନିକଟରେ କେରେପା ନାମରେ ପରିଚିତ ।

କେରେପା ନୂଆ ହୋଇ ଏ ଜଙ୍ଗଲକୁ ଆସିଛି । ତା'ର ଇତିହାସ ମୋତେ ଜଣାନାହିଁ । କେବଳ ପାଦଚିହ୍ନରୁ ଅନୁମାନ, ତା'ର ଗୋଡ ହାଡ ଭାଙ୍ଗିଛି । ଦୌଡ଼ିବା ବା କୁଦାମାରିବା ତା ପକ୍ଷରେ ସମ୍ଭବ ହେଉ ନ ଥିବ । ପୁଣି ପଞ୍ଝାରେ ବଳ ନ ଥିବାରୁ ପୂର୍ଣ୍ଣବୟସ୍କ ବଳବାନ୍ ବାରହା, ମିରିଗ, ସମ୍ବର ପ୍ରଭୃତି ବନ୍ୟଜୀବ ଓ ଗୋରୁ ମଇଁଷି ଶିକାର କରିବା ସହଜ ନୁହେଁ । ଅତଏବ ସହଜଲଭ୍ୟ ଖାଦ୍ୟ ନରମାଂସ ଭକ୍ଷଣ କରୁଥିବା ଅନୁମିତ ହୁଏ । ସେହିଦିନଠାରୁ ତା'ର ସ୍ମୃତି ମୋର ମାନସପଟରେ ଅଙ୍କିତ ହୋଇ ରହିଲା । ମୁଁ ବରାବର ତା'ର ସନ୍ଧାନରେ ରହିଲି । ଭାଗ୍ୟରେ ଥିଲେ ମଣିଷଖିଆ ବାଘକୁ ମାରି ଯଶ ଅର୍ଜନ କରିବାର ସୁଯୋଗ ମିଳିପାରେ ।

ଜଙ୍ଗଲରେ ପଶୁପକ୍ଷୀଙ୍କର ସଙ୍କେତକୁ ଧରି ଅନୁମାନ କରିବା ଏବଂ ତା ପଛରେ ଅନୁଧାବନ କରି ତାକୁ ସିଦ୍ଧାନ୍ତରେ ପରିଣତ କରିବା ଅତ୍ୟନ୍ତ କୌତୂହଳପ୍ରଦ । ଅନୁମାନ ସବୁ ସମୟରେ ଠିକ୍ ହୁଏ ନାହିଁ । କିନ୍ତୁ ଯେତେବେଳେ ଅନୁମାନ ସତ୍ୟରେ ପରିଣତ ହୁଏ, ସେତେବେଳେ ମନରେ ଯେଉଁ ଅପୂର୍ବ ଆନନ୍ଦ ଜାତ ହୁଏ, ତାହା ଭାଷାରେ କହି ହେବ ନାହିଁ ।

ଜାନୁଆରୀ ମାସ ଶେଷ ନ ହେଉଣୁ ଦିନେ ଜନରବ ବ୍ୟାପିଗଲା, ଚନ୍ଦକା ସଡ଼କରୁ ଜଣେ ଶଗଡ଼ିଆକୁ ବାଘ ନେଇଗଲା । ସେଦିନ ଜାନୁଆରୀ ୨୩ ତାରିଖ । ଜନରବର ସତ୍ୟତା ବୁଝିବା ନିମିତ୍ତ ମୁଁ ମୋର ଶିକାରୀ ସାଥୀ ନେତ୍ରାନନ୍ଦଙ୍କୁ

Digitized by srujanika@gmail.com

ସଙ୍ଗରେ ନେଇ ଚନ୍ଦକା ଥାନାରେ ଉପସ୍ଥିତ ହେଲି । ଥାନା ଅଫିସରଙ୍କଠାରୁ ବୁଝିଲି, ୨୦ ତାରିଖ ଦିନ ୪ଟା ସମୟରେ ଚାରିଖଣ୍ଡ ଶଗଡ଼ ଅଗପଛ ହୋଇ ବାରଙ୍ଗଆଡ଼ୁ ଆସୁଥିଲା । ସବାପଛ ଶଗଡ଼ ଉପରୁ ଶଗଡ଼ିଆକୁ ବାଘ ଟାଣି ନେଇଗଲା । ଲାସ୍ ଏପର୍ଯ୍ୟନ୍ତ ମିଳିନାହିଁ । ସେଥିପାଇଁ କେହି ଚେଷ୍ଟା ମଧ୍ୟ କରିନାହାନ୍ତି । ଦୁର୍ଘଟଣା ସ୍ଥାନ ବିଷୟରେ ତାଙ୍କଠାରୁ କେତେକ ସୂଚନା ନେଇ ସେଠାରୁ ଫେରିଲି ।

ସୁସ୍ପଷ୍ଟ ପ୍ରମାଣ ସଂଗ୍ରହ କରିବା ହେଲା ଆମର ପରବର୍ତ୍ତୀ କାର୍ଯ୍ୟପନ୍ଥା । ବହୁ ଅନୁନୟ ବିନୟ ସତ୍ତ୍ୱେ ସ୍ଥାନୀୟ ଲୋକଙ୍କଠାରୁ କୌଣସି ସହଯୋଗ ମିଳିଲା ନାହିଁ । ସେଥିପାଇଁ ତିଳେହେଲେ ଭ୍ରୂକ୍ଷେପ ନ କରି ଆମେ ଦୁହେଁ ଅନୁସନ୍ଧାନ କାର୍ଯ୍ୟରେ ବାହାରିପଡ଼ିଲୁଁ ।

ଗ୍ରାମ ପାରି ହୋଇ ଗଲାପରେ ଦଳେ କାଠୋଇ ଏକତ୍ରିତ ହୋଇ ବସିଥିବାର ଦେଖି ଆଶ୍ଚର୍ଯ୍ୟ ବୋଧ ହେଲା । ବୁଝିବାରେ ଜଣାଗଲା : ମଣିଷଖିଆ ବାଘ ମାତିଛି; ଅନ୍ତତଃ ୧୦ ଜଣ ଲୋକ ଏକାଠି ହେଲେ ବାରଙ୍ଗ ପର୍ଯ୍ୟନ୍ତ ଯିବେ । ବାରଙ୍ଗଠାରୁ ଚନ୍ଦକା ପର୍ଯ୍ୟନ୍ତ ଗ୍ରାମ ଟ୍ରଙ୍କ ରୋଡ଼ରେ ଉଭୟ ପାର୍ଶ୍ୱ ଘୋର ଜଙ୍ଗଲରେ ଆବୃତ । ରାସ୍ତା ପାର୍ଶ୍ୱରେ କୌଣସି ଗାଁ ଗଣ୍ଡା ନାହିଁ । ଏଣୁ ବାରଙ୍ଗଠାରୁ ଚନ୍ଦକା ପର୍ଯ୍ୟନ୍ତ ୨ ମାଇଲ ରାସ୍ତା ବହୁ ଝଞ୍ଜଟିଆ ଓ ଭୟସଙ୍କୁଳ । ଏହି ରାସ୍ତାରେ ଡକାୟତ, ବାଘ, ଭାଲୁ ଓ ହାତୀର ଉପଦ୍ରବ ପ୍ରାୟ ବରାବର ଲାଗି ରହିଥାଏ । ଅବଶ୍ୟ ସେ ଅବସ୍ଥା ଆଜିକାଲି ନାହିଁ । ମୁଁ କାଠୋଇଙ୍କୁ କହିଲି, "ଆମେ ବାରଙ୍ଗ ଯିବୁଁ । ମୋ ହାତରେ ବନ୍ଧୁକ ଅଛି । ଭୟ କର ନା । ଆମ ସଙ୍ଗରେ ଆସ ।" ବନ୍ଧୁକ ଥିବାର ଦେଖି ବୋଧହୁଏ ସେମାନଙ୍କର ଭରସା ପାଇଲା । ପରସ୍ପର ମୁହାଁମୁହିଁ ହୋଇ ବଡ଼ ଅନିଚ୍ଛାସତ୍ତ୍ୱେ ଉଠିଲେ । ଯେତେବେଳେ ଆମର ପ୍ରସ୍ତାବ ହେଲା—ରାସ୍ତାର ଉଭୟ ପାର୍ଶ୍ୱରେ ଆମେ ଦୁଇଜଣ ଚାଲିବୁଁ, ମଧ୍ୟଭାଗରେ କାଠୋଇମାନେ ଚାଲିବେ, ସେତେବେଳେ ଯାଇ ସେମାନଙ୍କ ମନରୁ ଦ୍ୱିଧାଭାବ ଦୂର ହୋଇଗଲା । ମୁଁ ଓ ନେତ୍ରାନନ୍ଦ ଅତ୍ୟନ୍ତ ନିବିଷ୍ଟ ଚିତ୍ତରେ ବାଘର ସଙ୍କେତ ଖୋଜି ଖୋଜି ଚାଲିଲୁଁ । କାହାରି ପାଟିରେ କଥା ନାହିଁ । ମାଇଲିଏ ଖଣ୍ଡେ ବାଟ ଗଲା ପରେ କାଠୋଇଙ୍କ ମଧ୍ୟରୁ ଜଣେ ପାକୁଆପାଟି ବୁଢ଼ାର ସମ୍ବୋଧନରେ ଧ୍ୟାନ ଭଗ୍ନ ହେଲା । ସେ କହିଲା, 'ବାବୁ, କ'ଣ ଦୋଣୀ ହସିଛୁ

Digitized by srujanika@gmail.com

କ ? ଏପରି ଏକ ଶଙ୍କାକୁଳ ମୁହୂର୍ତ୍ତରେ ଏକ ଗାଉଁଲି ବୁଢ଼ାର ପରିହାସ ପଦଟ ଏତେ ଆନନ୍ଦଦାୟକ ହେଲା ଯେ କହିଲେ ନ ସରେ । ଅଦ୍ୟାବଧି ଏ ପଦଟ ସ୍ମରଣ ହେଲେ ହାସ୍ୟସମ୍ବରଣ କରିହୁଏ ନାହିଁ ।

ଚନ୍ଦକାଠାରୁ ୩ ମାଇଲ୍ ଦୂର ଯିବାପରେ ଦେଖିଲୁଁ—ବଳଦଙ୍କ ଖୋଜରେ ମାଟି ତାଡ଼ି ହୋଇଯାଇଛି । ଶଗଡ଼ ଚକର ଚିହ୍ନ ଅସଂଯତ ଭାବରେ ପଡ଼ିଥାଏ ! ଏହା ପ୍ରାୟ ଏକ ଫର୍ଲଙ୍ଗ ଦୂର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଏହା ପୂର୍ବରୁ ଶଗଡ଼, ବଳଦ ସ୍ୱାଭାବିକ ଭାବରେ ଆସୁଥିବାର ଜଣାଗଲା । ସୁତରାଂ ଏହା ଦୁର୍ଘଟଣା ସ୍ଥଳ ହୋଇପାରେ । ଚତୁଃପାର୍ଶ୍ୱ ନିରୀକ୍ଷଣ କରି ଦେଖିଲୁଁ । ସଡ଼କ ଉପରୁ କୌଣସି ସୂଚନା ମିଳିଲା ନାହିଁ । ସଡ଼କ ପାର୍ଶ୍ୱ ଜଙ୍ଗଲକୁ ତନ୍ନ ତନ୍ନ କରି ଅନ୍ୱେଷଣ କଲୁଁ । ତୃଣାଚ୍ଛାଦିତ ଟାଙ୍ଗର ମୃତ୍ତିକାରେ କୌଣସି ସଙ୍କେତ ମିଳିବା ସମ୍ଭବପର ହୋଇପାରେ ? ଅଡ଼ୁଆ ସ୍ଥାନରୁ ଖିଅ ବାହାର କଲା ପରି, ଦେଖି ଦେଖି ଦୈବାତ୍ ଏକ ସଙ୍କେତ ଉପରେ ଦୃଷ୍ଟିପାତ ହେଲା । ଏହା ସ୍ପଷ୍ଟ ସୂଚିତ ଦେଉଥିଲା—ବାଘ ଏହି ସ୍ଥାନରେ ଛପି ରହି ଶଗଡ଼ ଉପରକୁ ଲମ୍ଫ ଦେଇଛି । ଲମ୍ଫ ଦେବା ସମୟରେ ତା'ର ନଖଗୁଡ଼ିକ ଭୂମିକୁ ଭେଦ କରି ମାଟି ତାଡ଼ି ପକାଇଥାଏ । ମୁଁ ଉତ୍ତମରୂପେ ପରୀକ୍ଷା କରି ଦେଖିଲି—ଏହା ଆମ ଜେରେପାର କାର୍ଯ୍ୟ । ଜେରେପା ଯେ ମଣିଷଖିଆ, ମୋର ଏଇ ଅନୁମାନ ଷୋଳଅଣା ଠିକ୍ ହୋଇଛି ।

୬

ବାଘୁଣୀ ଶଗଡ଼ ଉପରକୁ ଡିଆଁ ମାରିବା ସ୍ଥାନରୁ ୪।୫ ପାହୁଣ୍ଡ ଆଗକୁ ସଡ଼କ ପାଖରେ ଏକ ଗ୍ରେଟ ବୁଦା ଭାଙ୍ଗିରୁଜି ଛନ୍‌ଛତ୍ର ହୋଇପଡ଼ିଥିଲା । ଡାଳପତ୍ର ଏପର୍ଯ୍ୟନ୍ତ ଶୁଖିନାହିଁ । ଏଇ ଦିନେ ଦୁଇ ଦିନ ଆଗର ଘଟଣା ବୋଲି ମନେହୁଏ । ଏହାର ଅର୍ଥ ବାହାର କରିବାକୁ ହେବ । ଅତି ସୂକ୍ଷ୍ମ ଭାବରେ ନିରୀକ୍ଷଣ କରି ଦେଖିଲୁଁ । ଜେରେପାର ପାଦଚିହ୍ନ ଓ ରୁମ ଦେଖିବାକୁ ମିଳିଲା । ଏଥିରୁ ନିଶ୍ଚିତ ଅନୁମାନ ଯେ ଶଗଡ଼ ଉପରୁ ଶଗଡ଼ିଆକୁ ଧରି ଟେକିବା ସମୟରେ ଏହି ବୁଦା ଉପରେ ପଡ଼ିଛି । ଶଗଡ଼ିଆର ଅନ୍ତିମକାଳର ପ୍ରତିରୋଧ ଓ ବାଘୁଣୀର ପଦାଘାତ ଫଳରେ ଏ ଅବସ୍ଥାର ସୃଷ୍ଟି ।

Digitized by srujanika@gmail.com

ଏଣିକି ଆମର କାର୍ଯ୍ୟ କେତେକ ପରିମାଣରେ ସୁଗମ ହୋଇଗଲା । ଜନ୍ତୁକୁ ଖୋଜି ବାହାର କରିବା ଆଉ କଷ୍ଟକର ହେବନାହିଁ । ସେ ସ୍ଥାନରୁ ମଣିଷ ପାଦର ଘୋଷଡ଼ା ଚିହ୍ନ ଓ ତତ୍ସଙ୍ଗେ ବାଘୁଣୀର ନଖ ଚିହ୍ନକୁ ଅନୁସରଣ କରି ଘୋର ଜଙ୍ଗଲ ଭିତରକୁ ପ୍ରବେଶ କଲୁଁ । ସ୍ୱଳ୍ପ ଜଳସିକ୍ତ ବହୁଳ ଘନ ଘାସ ରହୁଥିବାରୁ ତା'ର ନଖଗୁଡ଼ିକ ଭୂଇଁକୁ ଭେଦକରି ଯାଇଥାଏ । ଏଣୁ ଖୋଜଧରି ଅଗ୍ରସର ହେବାରେ କୌଣସି ଅସୁବିଧା ହେଉ ନାହିଁ । ଏପର୍ଯ୍ୟନ୍ତ ବାଙ୍କୋଇମାନେ ଧୀରସ୍ଥିର ଭାବରେ ଆମକୁ ଅପେକ୍ଷା କରି ରହିଥିଲେ । ଆମେ ସଡ଼କ ପାର୍ଶ୍ୱରୁ ଯେତେବେଳେ ଜଙ୍ଗଲ ଭିତରକୁ ଗତି କଲୁଁ, ସେତେବେଳେ 'ସେମାନେ ଭୟରେ ଆତୁର ହୋଇ-ପଡ଼ିଲେ ଭୟ ନ କରିବାକୁ ଆଶ୍ୱସନା ଦେଇ ଆମେ ଖଣ୍ଡେଦୂର ଅଗେଇ ଯାଇଛୁଁ ; ଏହି ସମୟରେ ବାଙ୍କୋଇଙ୍କର ଚିତ୍କାରରେ ଆମର ଜ୍ଞାନ ହଜିଗଲା । ଦ୍ରୁତ ଗତିରେ ଫେରିପଡ଼ି ଯାହା ଦେଖିଲୁଁ, ଆଖିକୁ ବିଶ୍ୱାସ କରିହେବ ନାହିଁ । ତିନି ଜଣ ସବଳ ଯୁବକ ଗୋଟିଏ ବୃହତ୍ ଶଳାଗଛ ଉପରେ ଚଢ଼ିଯାଇଛନ୍ତି । ସେ ଗଛ ଭାର ସମ୍ଭାଳି ନ ପାରି ମଡ଼ମାଡ଼ ହୋଇ ଭାଙ୍ଗିଲା । ଗୋଟିକ ଉପରେ ଗୋଟିଏ ଧୂମ୍‌ଧାମ୍ ହୋଇ ପଡ଼ିଲେ । ଅନ୍ୟମାନଙ୍କର ପାଟି ଖିଲ ବାଜି ଯାଇଥାଏ । ନରଡ଼ାପଣ ପରି ଅଟୁଥାନ୍ତି । ପୂର୍ବୋକ୍ତ ପାଙ୍କୁଆପାଟିଆ ବୁଢ଼ା ସାହସ ବାନ୍ଧି କହୁଛି—"ଦେଖନ୍ତି ଶୁଣ, ବାଘ ହାଣ୍ଡୋଳ ଛାଡ଼ି ମାଡ଼ିଆସୁଛି ।" ଆଶ୍ଚର୍ଯ୍ୟ ବୋଧ ହେଲା । ଯାହି ? କି ହାଣ୍ଡୋଳ ? ସ୍ୱାମୀ ନେତ୍ରାନନ୍ଦ ଅବାକାବା ହୋଇ ମୋ ମୁହଁକୁ ଚାହିଁ ଥାଏ । ବୁଢ଼ା ପୁଣି ଅତି ବ୍ୟଗ୍ର ସ୍ୱରରେ କହୁଥିଲା—"ଏଇ… ଏଇ ଶୁଣ… ଶୁଣ…।" ଏଥର ନେତ୍ରାନନ୍ଦ ଜିଦ୍ କରି ହସିପକାଇଲା । ମୁଁ କହିଲି—"ଓହୋ, ଏଇ ହାଣ୍ଡୋଳ ? ଅଚ୍ଛା, ପରବାଏ ନାହିଁ । ଅସ୍ତ୍ର ଧର ।" ଟିକକ ପରେ ଗୋଟିଏ ମଟରକାର ସଶବ୍ଦେ ଧୂଳି ଉଡ଼ାଇ ଆମକୁ ଅତିକ୍ରମ କରି ଚାଲିଗଲା । ସେମାନେ ନିଜେ ନିଜର ଭ୍ରମ ବୁଝିପାରି ଏକବାରକେ ଲଜ୍ଜିତ ହୋଇଗଲେ । ମଣିଷ ଯେତେବେଳେ ଭୟରେ ଏକବାରକେ କାତର ହୋଇପଡ଼େ, ସେତେବେଳେ ସେ ସମସ୍ତ ସାହସ ହରାଇ ବସେ । ନିଜର ଛାଇକୁ ଦେଖି ଚମକେ ।

ମଣିଷ ପାଦର ଘୋଷଡ଼ା ଚିହ୍ନକୁ ଧରି ପ୍ରାୟ ଶହେଗଜ ଖଣ୍ଡେ ଗଲା ପରେ ନଗଣ୍ୟ ବୁଦା ପରିବେଷ୍ଟିତ ଗୋଟିଏ କ୍ଷୁଦ୍ର ଖୋଲା ସ୍ଥାନରେ ମହାଏ ଶୁଷ୍କ ଲକ୍ଷର

Digitized by srujanika@gmail.com

ଚର ଦେଖିବାକୁ ମିଳିଲା । ସେ ସ୍ଥାନଟି ଜଳାଚଳରେ ଧୂଳି ଉଠିଯାଇଥାଏ । ଛିନ୍ନବିଛିନ୍ନ ହୋଇଯାଇଥିବା ଲୁଗା ଖଣ୍ଡ ବୁଦା କଣ୍ଟରେ ପଡ଼ିଥାଏ । ହତଭାଗା ଶିକାରୀର ଜୀବନପ୍ରଦୀପ ଏପର୍ଯ୍ୟନ୍ତ ଲିଭି ନ ଥିଲା । ରକ୍ତପିପାସୁ ବ୍ୟାଘ୍ର ତା'ର ଉଷ୍ଣ ରକ୍ତ ଶୋଷଣ କରି ତାକୁ ହତ୍ୟା କରିଛି ଏହି ସ୍ଥାନରେ । ହତ୍ୟା କରିସାରିବା ପରେ ଭୋଜନ ପାଇଁ ଆତୁର ନରପଶୁ ଅଗମ୍ୟ ଗୁପ୍ତ ସ୍ଥାନର ଆବଶ୍ୟକତା ଅନୁଭବ କରିଛି ସେ । ତେଣୁ ସେ ତାହାର ଆହାରକୁ ଉଠାଇନେଇଛି ସେଠାରୁ । ଏଥର ସେ ତାକୁ ଘୋଷାଡ଼ି କରି ନେଇନାହିଁ । ସମ୍ଭବତଃ ସେ ତାହାର କମର କିମ୍ବା ପୃଷ୍ଠଦେଶରୁ କାମୁଡ଼ି ଧରି ଟେକିକରି ନେଇଛି । ଟେକିକରି ନେବାରେ ଅସାମର୍ଥ ତାର ପାଦଚିହ୍ନରୁ ସ୍ପଷ୍ଟ ସୂଚିତ ହେଉଥିଲା । ବାର୍ଦ୍ଧକ୍ୟବଶତଃ ଦୁର୍ବଳତା ଏହାର ପ୍ରଧାନତମ କାରଣ । ଗଛ ପତ୍ରରେ ରକ୍ତର ଦାଗ ଶୁଦ୍ଧ ଓ ଶୁଖିଯାଇଥିଲା, ତଥାପି ପରିଷ୍କାର ବାରି ହୋଇପଡ଼ୁଥାଏ । ବାଘୁଣୀର ଗୋଟିଏ ପାର୍ଶ୍ୱରେ ରକ୍ତର ଦାଗ ଲାଗିଥାଏ । ଯେଉଁ ପାର୍ଶ୍ୱରେ କି ଲୋକଟିର ମୁଣ୍ଡ ଝୁଲୁଥିଲା । ଏହି ରକ୍ତର ଦାଗ ଆମକୁ ପ୍ରାୟ ୨୦୦ ଗଜ ଦୂରରେ ତାହାର ଭୋଜନସ୍ଥଳକୁ ନେଇ-ଯାଇଥିଲା ।

ଜଟିଳ ବାଉଁଶ ବଣ ଭିତରେ ପାହାଡ଼ର ପାଦଦେଶରେ ତା'ର ଭୋଜନ ସ୍ଥଳ ପରିଲକ୍ଷିତ ହେଲା । ଶୋଣିତସିକ୍ତ ଭୂମିରେ ଅବଶେଷ ଅନ୍ତ୍ରନାଡ଼ି, ଗୋଡ଼ ଓ ହାତର ପାପୁଲି—ଏହିପରି କେତେ ଖଣ୍ଡ ବିକ୍ଷିପ୍ତ ଭାବରେ ପଡ଼ିଥାଏ । ଅନେକ କହନ୍ତି, ବାଘ ମଣିଷର ଜଙ୍ଘଗୋଡ଼ ଆଣ୍ଠୁଣୀଠାରୁ ପାପୁଲି ପର୍ଯ୍ୟନ୍ତ ହାତ, ଶରୀରର ଆଉ କେତେକ ଅଂଶ ଖାଏ ନାହିଁ । କିନ୍ତୁ ତାହା ଠିକ୍ ନୁହେଁ । ସେ ବାଧାପ୍ରାପ୍ତ ନ ହେଲେ ମନୁଷ୍ୟ ଶରୀର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖାଇଯାଏ । ଆକାଶ ଘନ ଘନ ହୋଇଗଲା । ପୂର୍ଣ୍ଣ ଚନ୍ଦ୍ରକୁ ଧରି ଆଗେଇବାରେ ଆଉ କିଛି ଲାଭ ନାହିଁ । ଅଳ୍ପ କେତେ ମିନିଟ ମଧ୍ୟରେ ବାଟୋଇଙ୍କ ନିକଟକୁ ଫେରିଆସିଲୁଁ । ସେମାନଙ୍କୁ ବାରଙ୍ଗଠାରେ ପହଞ୍ଚାଇ ଦେଇ ଆମେ ଷ୍ଟେସନ ଧରିଲୁଁ । ସେତେବେଳକୁ ରାତି ୨ଟା ସମୟ । ଗାଡ଼ି ଲାଇନ୍ କ୍ଲିଅର ହୋଇଯାଇଥିଲା । ସଙ୍ଗେ ସଙ୍ଗେ ଗାଡ଼ିରେ ଚଢ଼ି ଘରେ ଆସି ପହଞ୍ଚିଲୁଁ ।

Digitized by srujanika@gmail.com

କେରେପାର ସନ୍ଧାନରେ

୧

୪।୫ଟା ଖଣ୍ଡେ ବାଘ ମାରିସାରିବା ପରେ ମଧ୍ୟ ମଣିଷଖିଆ ବାଘ ଶିକାର କରିବାର ସୁଯୋଗ ଓ ସୁବିଧା ମୋତେ ମିଳି ନ ଥିଲା । ମଣିଷଖିଆ ବାଘ ଶିକାର କରିବା ବଡ଼ କଠିନ କାମ ହେଲେହେଁ ଲୋକଙ୍କୁ ଆତଙ୍କରୁ ରକ୍ଷା କରିବା ସକାଶେ ମୁଁ ପ୍ରତିଜ୍ଞାବଦ୍ଧ ହେଲି । ଆମେ କେରେପାର ପରବର୍ତ୍ତୀ ଶିକାରକୁ ଅପେକ୍ଷା କରିଥାଉଁ । ମୁଁ ମଣିଷଖିଆ ବାଘଶିକାର କରିନାହିଁ । ଏ ସ୍ଥଳେ ପୁରାତନ ଓ ଅଭିଜ୍ଞ ଶିକାରୀଙ୍କର ଅଭିଜ୍ଞତାକୁ ଅବଲମ୍ବନ କରି ସମର ଭୂମିରେ ଅବତୀର୍ଣ୍ଣ ହେବା ବିଧେୟ । ଏପରି ଏକ ସୁନାମଖ୍ୟାତ ପ୍ରବୀଣ ଶିକାରୀଙ୍କ ବିଷୟରେ ଦି'ପଦ କହିବା ସକାଶେ ମୁଁ ମୋର କାହାଣୀ ଏଠାରେ କେତେ ମିନଟ ପାଇଁ ବନ୍ଦ ରଖୁଛି ।

ମୋର ମାତାମହ ସ୍ୱର୍ଗତ ରତ୍ନାକର ଭଞ୍ଜ ଜଣେ ଅଭୁତପୂର୍ବ ଶିକାରୀ । କେବଳ ଶିକାରୀ ନୁହନ୍ତି, ସେ ବଂଶାନୁକ୍ରମେ ସମସ୍ତ ପ୍ରକାର ଅସ୍ତ୍ରଚାଳନ ଓ କୁସ୍ତି କସରତ ଆଦିରେ ବିଶେଷ ପାରଦର୍ଶୀ ଥିଲେ । ଏକଦା ତାଙ୍କର ପୂର୍ବପୁରୁଷ କୁଳଦଅଗଡ଼ ଓ ବାଙ୍କୀଗଡ଼ ରାଜା ଓ ରାଜବଂଶର ଅସ୍ତ୍ରଗୁରୁ ଥିଲେ । ଏବେ ମଧ୍ୟ କୁଳଦଅ ଓ ବାଙ୍କୀ ମୁଲକରେ ତାଙ୍କର ବଂଶଧରମାନେ ଗୁରୁଘର ଭାବରେ ସମ୍ମାନିତ ହୋଇଆସୁଛନ୍ତି । ବନ୍ଧୁକ ଚଳାଇବା ବ୍ୟତୀତ ତୀର ବିନ୍ଧିବା, ବାଟୁଳି ମାରିବାରେ ମଧ୍ୟ ସେ ଅଦ୍ୱିତୀୟ ଥିଲେ । ଶିକାର କରିବାରେ ଯେଉଁସବୁ ଗୁଣ ଥିବା ଆବଶ୍ୟକ, ତନ୍ମଧ୍ୟରେ ଅଦମ୍ୟ ସାହସ, ଅସୀମ ବଳ ଓ ଅବ୍ୟର୍ଥ ଲକ୍ଷ୍ୟ—ଏହି ତିନୋଟି ପ୍ରଧାନ । ଏହି ଗୁଣତ୍ରୟର ପୂର୍ଣ୍ଣ ଅଧିକାରୀ ଥିଲେ ସେ । ତାଙ୍କ ଜୀବନରେ ସେ ଅନେକ ବାଘ ଶିକାର କରି ସରକାରଙ୍କଦ୍ୱାରା ବହୁବାର ପୁରସ୍କୃତ ହୋଇଛନ୍ତି । ଖୋରଧାର ତତ୍କାଳୀନ ସବ୍‌ଡିଭିଜନାଲ୍ ଅଫିସର ମିଷ୍ଟର ଜେମ୍‌ସ୍ ଟେଲର୍‌ଙ୍କର ଅତି ପ୍ରିୟ ପାତ୍ର ଥିଲେ ସେ । ତାଙ୍କୁ ସଙ୍ଗରେ ନ ନେଇ ଟେଲର ସାହେବ କେବେ ଶିକାରକୁ ବାହାରନ୍ତି ନାହିଁ । ବାଘ ଶିକାର ବିଷୟରେ ମୁଁ ତାଙ୍କଠାରୁ ବହୁ କାହାଣୀ ଶୁଣିଛି । ପାଠକଙ୍କର କୌତୂହଳ ଚରିତାର୍ଥ ନିମିତ୍ତ ତନ୍ମଧ୍ୟରୁ ଦୁଇଟି ମଣିଷଖିଆ ବାଘ ଶିକାର କଥା ସଂକ୍ଷେପରେ ଉଲ୍ଲେଖ କରୁଛି ।

Digitized by srujanika@gmail.com

ଅନେ ଦୁଇଟି ମଣିଷଖିଆ ଦୁର୍ଦ୍ଦାନ୍ତ ବାଘ ମାରିଥାନ୍ତି । ବାଲୁଗାଁ, ରମ୍ଭାପୁର ଧରି ସମୁଦାୟ ଖୋର୍ଦ୍ଧା ସବ୍‌ଡିଭିଜନରେ ଘୋର ଆତଙ୍କ ଘୋଟିଯାଇଥାଏ । ସ୍ପେଶାଲ ମାଜିଷ୍ଟ୍ରେଟ୍ ପ୍ରତ୍ୟେକ ବାଘ ପାଇଁ ୨୫୦ ଟଙ୍କା ଲେଖାଁ ପୁରସ୍କାର ଘୋଷଣା କରିଥାନ୍ତି । ଟଙ୍କା କେବଳରେ ନୁହେଁ, ହତ୍ୟାକାରୀଙ୍କୁ ସମୁଚିତ ଦଣ୍ଡଦେଇ ଲୋକଙ୍କୁ ବିପଦ ମୁଖରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ମୋର ମାତାମହ ନିଜର ଜୀବନକୁ ବାଜି ଲଗାଇଦେଲେ । ନିଜର ଶକ୍ତି ଓ ସାମର୍ଥ୍ୟକୁ ପରର ହିତରେ ନିୟୋଗ କରିବା ବୀରର ଧର୍ମ ।

ରଣପୁର ମଣିନାଗ ପର୍ବତର ପାଦଦେଶରେ ଅବସ୍ଥିତ ଏକ ଶବର ପଲ୍ଲୀରେ କେତେ ଯଭାଇ ବାଘର ସନ୍ଧାନ ନେଉଥାନ୍ତି ସେ । ଦିନେ ସେ ଖିଆବେଳେ ଖାଇସାରି ବିଶ୍ରାମ ନେଉଛନ୍ତି ଏହି ସମୟରେ ଖବର ପାଇଲେ ଯେ କୋହ୍ଲିଏ ଯୁବତୀ ସ୍ତ୍ରୀକୁ ବାଘ ମାରିନେଲା । ସେ ସଙ୍ଗେ ସଙ୍ଗେ ତାଙ୍କର ଡବଲ୍ ବାରେଲର ୧୨ ପିଟାର ବନ୍ଧୁକଟି ଧରି ରକ୍ତମୁଖା ବାଘ ସଙ୍ଗେ ମୁକାବିଲା କରିବାକୁ ଏକା ଏକା ବାହାରିପଡ଼ିଲେ । ଟୋପିଡାର ବନ୍ଧୁକ, ଥରେ ଫାୟାର ପରେ ଫୁଙ୍କାନଳ ସଙ୍ଗେ ସମାନ । ଧନ୍ୟ ତାଙ୍କର ସାହସ !

ରକ୍ତ ଓ ପାଦଚିହ୍ନକୁ ଅନୁସରଣ କରି ସେ ଚାଲିଛନ୍ତି । ତେଣେ ବାଘ ଝାଟଙ୍କ ଗଛରେ ତାହାର ଶିକାର ଉପରେ ବସିଛି । ଅନ୍ଦାଜ ୩୦ ଗଜ ଦୂରରୁ ଦୁହିଁଙ୍କର ଦୃଷ୍ଟି ମିଳନ ହୋଇଗଲା । ବାପରେ ! ଘୋର ଗର୍ଜ୍ଜନ କରି ବିଦ୍ୟୁତ ବେଗରେ ଝପିଆସିଲା ବାଘ । ଅଜା ମଧ୍ୟ ସେହିପ୍ରକାର ବେଗରେ ଟ୍ରିଗରରେ ଅଙ୍ଗୁଳି ରଖି ପ୍ରସ୍ତୁତ ହୋଇଗଲେ । ବାଘର କୁଦିବାରେ ଅଜାଙ୍କ ଉପରେ ଧୂଳିବୃଷ୍ଟି ହୋଇଗଲା । ମାତ୍ର ୩।୪ ହାତ ଦୂରରେ ବାଘ ରୋକିଗଲା । ଗୁଳି ଫୁଟି, ଆଁ କରି ବାଘ ଘୋର ଗର୍ଜ୍ଜନ କରୁଥାଏ । ଶିକାର ଓ ଶିକାରୀ ଏହିପରି ଭାବରେ ପ୍ରାୟ ୨ ମିନିଟ ପର୍ଯ୍ୟନ୍ତ ଭିଡ଼ାଭିଡ଼ି ହୋଇ ରହିଲେ । ଯେତେବେଳେ ବାଘ ଦେଖିଲା, ଏ ଶିକାରଟି ତା'ର ସାଧ୍ୟ ନୁହନ୍ତି, ସେତେବେଳେ ପୃଷ୍ଠଭଙ୍ଗ ଦେବାକୁ ଉଦ୍ୟତ ହେଲା । ବାଘ ମୁହଁ ବୁଲାଇବା ମାତ୍ରେ ଅଜା କାନମୂଳକୁ ଲକ୍ଷ୍ୟ କରି ଆଖି ପିଛୁଳାକେ ଫାୟାର କରିଦେଲେ । ସଙ୍ଗେ ସଙ୍ଗେ ସେ ସେହିଠାରେ ଟଳିପଡ଼ିଲା ।

ଅନ୍ୟ ବାଘୁଣୀଟି ହେଉଛି—ବାଲୁଗାଁ ଫରେଷ୍ଟ ରେଞ୍ଜରେ ବାଘୁଣୀ ଉତ୍ପାତ ଲଗାଇଦେଇଥାଏ । ଅଜା ସେଠାରେ ଯାଇ ଉପସ୍ଥିତ ହେଲେ । ପ୍ରତିଦିନ

Digitized by srujanika@gmail.com

ଜଙ୍ଗଲକୁ ଯାଇ ବାଘୁଣୀର ପିଛା କରନ୍ତି । ଶରତ୍ ଋତୁର ଶେଷଭାଗ । ସେଦିନ ସେ ଜଙ୍ଗଲରୁ ଶିକାରକୁ ବାହାରିଗଲେ । କିଛିଦୂର ଗଲା ପରେ ବାଟର ଉପରେ ଜଣେ ଲୋକର ପାଦ ଚିହ୍ନ ଦେଖି ତାଙ୍କର କୌତୂହଳ ଜାତ ହେଲା । ସେ ପାଦଚିହ୍ନକୁ ଅନୁସରଣ କରି ଯାଉ ଯାଉ କିଛି ଦୂରରେ ବାଘୁଣୀର ପାଦଚିହ୍ନ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବାଘୁଣୀ ସେ ଲୋକଟିର ପଛରେ ଅନୁଗମନ କରୁଥିବାର ବୁଝିପାରି ବନ୍ଧୁକର ଘୋଡ଼ାରେ ହାତ ରଖି ଅତି ସାବଧାନତାର ସହ ଯାଉଥାନ୍ତି । କିଛିଦୂର ଗଲା ପରେ ଗଛ ଉପରେ କାଠ ହାଣିବାର ଶବ୍ଦ ଶୁଣି ଟିକିଏ ଆଶ୍ୱସ୍ତ ହେଲେ । ଯାହାହେଉ, ବାଘୁଣୀ ତାକୁ ଧରିପାରିନାହିଁ । ଆଉରି କିଛିଦୂର ଅଗ୍ରସର ହେଲା ପରେ ଦେଖିଲେ, ବାଘୁଣୀ କାଠ ହାଣୁଥିବା ଲୋକକୁ ଏକ ଲକ୍ଷ୍ୟରେ ଚାହିଁ ବସିଛି । ରକ୍ତଲୋଲୁପି ବ୍ୟାଘ୍ରୀ ଉଷ୍ଣ ଶୋଣିତ ପାନ କରିବା ଆଶାରେ ଏକବାରକେ ନିବିଷ୍ଟ ହୋଇରହିଥାଏ । ବିପଦ ଯେ ମୁଣ୍ଡ ଉପରେ ଆସି ପହଞ୍ଚିଲାଣି, ତା'ର ଗନ୍ଧ ସୁଦ୍ଧା ତାକୁ ସ୍ପର୍ଶ କରିନାହିଁ । ପ୍ରାୟ ୫ ।୬° ଗଜ ଦୂରରୁ ଅଜା ତା'ର ମୁଣ୍ଡକୁ ଲକ୍ଷ୍ୟକରି ଫାୟାର କଲେ । ବାଘୁଣୀ ଏକ କଦମ ସୁଦ୍ଧା ନ ଉଠାଇ ମୁହୂର୍ତ୍ତକ ମଧ୍ୟରେ ନିଷ୍ପନ୍ଦ ହୋଇଗଲା ।

ଶିକାର ଖେଳର ପ୍ରକୃତି, ଶତ ଚେଷ୍ଟା ସତ୍ତ୍ୱେ କୃତକାର୍ଯ୍ୟ ହେବାର ସମ୍ଭାବନା ନ ଥାଏ । ପୁଣି ସମୟକ୍ରମେ ଅନାୟାସରେ ଅସମ୍ଭାବ୍ୟ ସଫଳତା ଲାଭ କରି ଖେଳାଳୀ ଆତ୍ମହରା ହୋଇପଡ଼େ ।

ଶ୍ରୀ ଭଞ୍ଜଙ୍କର ଗୁଳି ଖାଲି ଯିବା କେହି କହିପାରିବେ ନାହିଁ । ତାଙ୍କର ନିର୍ଭୁଲ ଲକ୍ଷ୍ୟଯୋଗୁଁ ଗୋଟିଏ ହେଲେ ଜନ୍ତୁ ଘାଇଆ ହେବାର ଦେଖା ଯାଇନାହିଁ । ରତ୍ନାକର ଭଞ୍ଜ ଗୁଳି ମାରିବା ଶୁଣିଲେ ଗ୍ରାମର ଲୋକେ ମସଲ ବାଟି ରଖନ୍ତି । ଏଥିରୁ ତାଙ୍କର ଅଚୁକ ଲକ୍ଷ୍ୟ ବିଷୟରେ ସନ୍ଦେହ କରିବାର ଅବକାଶ ନାହିଁ । ଶ୍ରୀଯୁକ୍ତ ଭଞ୍ଜ କେବଳ ତାଙ୍କର ଅସୀମ ସାହସିକତା ଓ ଅଭ୍ରାନ୍ତ ଲକ୍ଷ୍ୟ ପାଇଁ ଯେ ଉଚ୍ଚ ପ୍ରଶଂସିତ, ତା ନୁହେଁ; ସେ ଶିକାରୀ ଧର୍ମକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ଶିକାରୀ ହେବାକୁ ହେଲେ ଶ୍ରୀ ଭଞ୍ଜଙ୍କ ପରି ଶିକାରୀ ହେବାରେ ସାର୍ଥକତା ଅଛି । ଶିକାର ସମୟରେ କେତେଗୁଡ଼ିଏ ନିୟମ ପାଳନ କରିବା ଶିକାରୀମାନଙ୍କର ଧର୍ମ । ତାହା ହେଉଛି—

Digitized by srujanika@gmail.com

(୧) କୌଣସି ଜୀବକୁ ମାରିବା ଆବଶ୍ୟକ ହେଲେ ତାକୁ ତୁରନ୍ତ ମାରିଦେବା ଉଚିତ । ଯେପରି ଯଥାସମ୍ଭବ କମ୍ ଯନ୍ତ୍ରଣାରେ ତା'ର ମୃତ୍ୟୁ ହୁଏ, ତତ୍ପ୍ରତି ଦୃଷ୍ଟି ଦେବାକୁ ହେବ ।

(୨) ହିଂସ୍ର ଜନ୍ତୁକୁ ଆହତ ଅବସ୍ଥାରେ ଛାଡ଼ିଦେଲେ, ମନୁଷ୍ୟ ଓ ଗୃହପାଳିତ ପଶୁଙ୍କର ଜୀବନ ଘୋର ସଙ୍କଟାପନ୍ନ ହୋଇପଡ଼େ; ଏଣୁ ତାକୁ ଶେଷ ନ କରିବା ପର୍ଯ୍ୟନ୍ତ ବିଶ୍ରାମ କରିବା ଉଚିତ ନୁହେଁ ।

(୩) କୌଣସି ଜନ୍ତୁ ତୃଷ୍ଣାର୍ତ୍ତ ହୋଇ ଜଳପାନ କରିବାକୁ ଆସିଲେ ଜଳପାନ କରିବା ପୂର୍ବରୁ କିମ୍ବା ଜଳପାନ ସମୟରେ ତାକୁ ମାରିବା ଉଚିତ ନୁହେଁ ।

(୪) ମାଂସ ଲୋଭରେ ଶିଶୁ ଓ ସ୍ତ୍ରୀ ଜନ୍ତୁ ଶିକାର କରିବା ଶିକାରୀଙ୍କ ପକ୍ଷରେ ନୀତିବିରୁଦ୍ଧ ।

୨

ପୁଣି ମୁଁ ମୋର କାହାଣୀ ଆରମ୍ଭ କରୁଛି । ଜାନୁଆରୀ ୨୫ ତାରିଖ । ଆମ୍ଭେମାନେ ପ୍ରାତଃଭୋଜନ ଶେଷ କରି ସଦଳବଳେ ଚନ୍ଦକା ଅଭିମୁଖେ ଯାତ୍ରା କଲୁଁ । ପଟିଆରୁ ଚନ୍ଦକା ୭ ମାଇଲ ରାସ୍ତା । ପଟିଆଠାରୁ ନିବିଡ଼ ଅରଣ୍ୟପଥ ଦେଇ ୪ ମାଇଲ ବାଟ ଯିବାକୁ ପଡ଼େ । ମୋର ଇଚ୍ଛା, ଜଙ୍ଗଲରେ ଘେରାଏ ବୁଲିକରି ଯିବା । କାହିଁ କେଉଁଠି ବାଘର ସନ୍ଧାନ ମିଳିଯାଇପାରେ । ଚନ୍ଦକା ଇଲାକାରେ 'ବ୍ରଜମଣ୍ଡଳ' ନାମକ ଏକ ଶବର ପଲ୍ଲୀ ଅବସ୍ଥିତ । ବନ ପର୍ବତ ଘେରା ଏହି ପଲ୍ଲୀଟି ସବୁଦିଗରୁ ଶିକାର କରିବା ବିଷୟରେ ସୁବିଧାଜନକ । ସରଳ ଓ ସାହସୀ ଶବରମାନେ ଆମର ସହାୟକ ହେବେ । ଏଣୁକରି ମୁଁ ଏହିଠାରେ ଆମର କ୍ୟାମ୍ପ ପକାଇବାକୁ ମନୋନୀତ କଲି । ମୋର କଥାମତେ ଦୁଇଜଣ ଲୋକ ଆଗରେ ସେଠାକୁ ଚାଲିଗଲେ । ସେମାନେ ଆମର ରହିବା ଓ ଖାଇବାର ବନ୍ଦୋବସ୍ତ କରିଥିବେ ।

ମୁଁ ଓ ନେତ୍ରାନନ୍ଦ ଜଙ୍ଗଲରେ ଅନୁସନ୍ଧାନ ଚଳାଇ ଚାଲିଲୁଁ । ଘନ ଜଙ୍ଗଲ ମଧ୍ୟରେ ଗୋଟିଏ ଡଗରରାସ୍ତା ପଡ଼ିଛି । ଏହା ଖୁବ୍ କମ୍ ବ୍ୟବହୃତ ହୁଏ । ଆମେ ଏହି ରାସ୍ତା ଧରିଲୁଁ । ଆମ ଯିବା ବାଟରେ ହରିଣ, କୁଟ୍ରା ଦୃଷ୍ଟିଗୋଚର

Digitized by srujanika@gmail.com

ହେଲେ । କିନ୍ତୁ ଆମର ଲକ୍ଷ୍ୟ ଅନ୍ୟପ୍ରକାର । ଆମେ ଚତୁର୍ଦ୍ଦିଗରେ ସନ୍ଧାନୀ ଦୃଷ୍ଟି ପକାଇ ଡଗ ଡଗ ବୁଲୁଥାଉଁ । ପ୍ରାୟ ୫୦ ଗଜ ଦୂରରେ ତାଳପତ୍ର ହଲିବାର ଦେଖି ଚେଇଁଗଲୁଁ । ଛପିରହି ଦେଖିଲୁ, ଦୁଇଟି ବୁଦାର ମଝିରୁ ଏକ ବାଘଛୁଆ ହଠାତ୍ ବାହାରିପଡ଼ି କ୍ଷଣକ ମଧ୍ୟରେ ଘନ ଲଟାଗହଳରେ ଅଦୃଶ୍ୟ ହୋଇଗଲା । ପାଠକଙ୍କର ସ୍ମରଣ ଥିବା, ପଟିଆ ଜଙ୍ଗଲରେ ବାସ କରୁଥିବା ବାଘ (ହାପୁଲା), ବାଘୁଣୀ ବିଷୟ ପୂର୍ବେ ଉଲ୍ଲେଖ କରିଅଛୁଁ । ଏ ଛୁଆଟି ସେହିମାନଙ୍କର । ବର୍ତ୍ତମାନ କିଶୋର ଅବସ୍ଥାରେ ପଦାର୍ପଣକଲାଣି । ଆମେ ତାହାର ପିଛା ଧରିଲୁଁ । ତାକୁ ମାରିବା ଉଦ୍ଦେଶ୍ୟରେ ନୁହେଁ, ବାଘୁଣୀକୁ । ଆମେ ଭାବିନେଲୁଁ, ବାଘୁଣୀ ନିଶ୍ଚୟ ତା ଛୁଆ ସଙ୍ଗନ ଥିବ । ଆମେ ଆଗକାଟି ଯାଇ ଗୋଟିଏ ଉଚ୍ଚକ ସ୍ଥାନରେ ଆସ୍ଥାନ ଦୃଢ଼ କରି ଠିଆ ହୋଇଗଲୁଁ ।

ଆମ ପଛ ପାଖରେ ୧୫ ଫୁଟ ଉଚ୍ଚର ଗୋଟିଏ ପଥର ଥାଏ । ତେଣୁ ପୃଷ୍ଠଭାଗରୁ ଆକ୍ରମଣର ଆଶଙ୍କା ନାହିଁ । ସମ୍ମୁଖ ଉନ୍ନତ ବୃହତ୍ ବୃକ୍ଷ ଓ ବୁଦାରେ ଆବୃତ । ଛପିରହି ଅପେକ୍ଷାରେ ଥାଉଁ । ପ୍ରାୟ ୧୫ ମିନିଟ ପରେ ସେଇ ଛୋଟା ବାଘଟି ଧୀର ମନ୍ଥର ଗତିରେ ବାହାରିପଡ଼ିଲା । ପ୍ରତିକୂଳ ପବନ ବହୁଥିବାରୁ ଆମେ ତାହାର ଗନ୍ଧ ବାରିପାରିଲୁଁ ନାହିଁ । କିନ୍ତୁ ସେ ଆମର ଗନ୍ଧ ବାରିନେଲା । ଆମ ପାଖରୁ ମାତ୍ର ୧୦।୧୨ ଗଜ ଦୂରରେ ଠିଆ ହୋଇ ନାକ ଟେକି ଶୁଙ୍ଘି ଶୁଙ୍ଘି ହେଉଥାଏ । ଚତୁର୍ଦ୍ଦିଗକୁ ଚୂଳ ଚୂଳ ଦେଖୁଥାଏ, ମୁଁ ମନେ ମନେ ଭାବୁଥାଏଁ, କାମେରା ଥାନ୍ତା କି ! ବନ୍ଧୁକ ଛାଡ଼ି କାମେରା ଶିକାର କରିଥାନ୍ତି । ବନ୍ଧୁକ ଶିକାର ଅପେକ୍ଷା କାମେରା ଶିକାର ଖେଳାଳୀ ପକ୍ଷରେ ଅଧିକ ଆନନ୍ଦଦାୟକ ବୋଲି ମୁଁ ମନେକରେଁ । ବାଘ ଉପରକୁ ଫାୟାର କରିବାର ଏପରି ନିଶ୍ଚିତ ସୁଯୋଗ ମୋତେ କେବେ ମିଳି ନ ଥିଲା । କିନ୍ତୁ ମୁଁ ଫାୟାର କଲିନାହିଁ । ଭାବିଲି, ସେ ତାହାର ଜନ୍ମଭୂମିଗ୍ରାଣ୍ଡ କୁଆଡ଼େ ଯାଉନାହିଁ । ତାକୁ ମାରିବାପାଇଁ ଯଥେଷ୍ଟ ସମୟ ଅଛି । ସେ ଯେପରି ଆମର ଗନ୍ଧ ବାରିନେଲା, ମଣିପଖିଆ ହୋଇଥିଲେ ଏତେବେଳକୁ ଆମ କାମ ଖତମ କରିସାରନ୍ତାଣି । ସେ ଯେତେବେଳେ ମନୁଷ୍ୟଗନ୍ଧ ବୋଲି ସ୍ଥିର ନିଶ୍ଚିତ ହେଲା, ଆଖି ପିଛୁଳାକେ କୁଆଡ଼େ ଉଭେଇଗଲା । ଆମେ ପ୍ରାୟ ଅଧଘଣ୍ଟାଏ କାଳ ସେଠାରେ ଅପେକ୍ଷା କରି ରହିଲୁ । ବାଘୁଣୀର ଦେଖା ଦର୍ଶନ ମିଳିଲା ନାହିଁ । ଏଥିରୁ ନିଶ୍ଚିତ ହୋଇଗଲା ଯେ, ଛୁଆ ସ୍ୱାବଲମ୍ବୀ ହୋଇଯିବାରୁ ମାଆର

Digitized by srujanika@gmail.com

ଅଭ୍ୟନ୍ତରଦ୍ଵରେ ଅଛ ନାହିଁ । ତା'ପରେ ଆମେ ମୁକାମ ଧରିବାକୁ ବ୍ୟଗ୍ର ହୋଇ ଉଠିଲୁଁ । କାହିଁକି ନା, ତେଣେ କୁଜମଣ୍ଡଳ କ୍ୟାମ୍ପରେ ସମସ୍ତ ଆୟୋଜନ କରିବାକୁ ହେବ ।

ଆମେ ତଗରଗଡ଼ା ଗ୍ରାମ ଯାତାୟାତ ରାସ୍ତା ଧରି ଧମାଧମ ଚାଲିଯାଉଁଛୁଁ । ଆମର ଡାହାଣକୁ ରାସ୍ତାର ୨୦।୨୫ ଗଜ ଦୂରରେ ଗୋଟିଏ ବାଉଁଶ ଡେଲଙ୍ଗାରେ ୨।୩ଟା କାଉ ବସି ରହୁଥିବାର ଦେଖାଗଲା । ସେତେବେଳକୁ ଦିନ ୧୧ଟା ସମୟ । ପକ୍ଷୀମାନଙ୍କର ଗହଳି ଚହଳି କମିଆସିଲାଣି । ଏପରି ଅସମୟରେ କାଉ ରହିବାର କାରଣ କଅଣ ହୋଇପାରେ ? ସୁତଃ ସନ୍ଦେହ ଜାତ ହେବାର କଥା । କୌତୁହଳ ଚରିତାର୍ଥ କରିବାପାଇଁ ସେ ସ୍ଥାନ ଟିକିଏ ଦେଖିନେବା ଆବଶ୍ୟକ ମନେକଲୁଁ । ସେ ସ୍ଥାନରେ ପହଞ୍ଚି ଦେଖିଲୁଁ ଗୋଟିଏ ହରିଣ ମରି ପଡ଼ିଛି । ଚତୁଦ୍ଵାର ପରିଚିତ ପାଦଚିହ୍ନରୁ ଜଣାଗଲା, ଏହା ବାଘୁଣୀର କାମ । ସକାଳ ୭।୮ଟା ବେଳର ଘଟଣା ବୋଲି ମନେହୁଏ । ସମ୍ଭବତଃ ବାଘୁଣୀ ଲୋକଙ୍କଦ୍ୱାରା ବାଧାପ୍ରାପ୍ତ ହୋଇ ତାହାର ଆହାର ପରିତ୍ୟାଗ କରି ଚାଲିଗଲା । ତା'ପରେ କେତେକ ଲୋକ ହରିଣର ଛାଲ ଉତ୍ତାରି ମାଂସ କଟାକଟି କରି ନେଇଛନ୍ତି । ପାଦଚିହ୍ନରୁ ଅନୁମାନ, ସେମାନେ ସଂଖ୍ୟାରେ ୧୦।୧୨ ଜଣରୁ କମ୍ ହେବେ ନାହିଁ । ସେମାନେ ଛାଲ ଉତ୍ତାରିବା ଓ ମାଂସ କାଟିବାରେ ବ୍ୟବହାର କରିବା ତାଳପତ୍ର ଓ ଖାଠମୁଣ୍ଡା ପ୍ରତ୍ୟକ୍ଷ ସାକ୍ଷୀ ସ୍ୱରୂପରେ ପଡ଼ିଥାଏ । ମାଂସ ଦର ଦର କଟା ହୋଇଥିବାର ଲକ୍ଷ୍ୟ କଲୁଁ । ଏହାର ଦୁଇଟି କାରଣ ହୋଇପାରେ । ଧାରୁଆ ଅସ୍ତ୍ର ଅଭାବ ଓ ବାଘ ଭୟ । ଶିକାର ସମୟରେ କାଉ, ଶାଗୁଣା ବଡ ସହାୟକ ହୁଅନ୍ତି । ବାଘ ମଡ଼ା କରିଥିବା ସ୍ଥାନ ଓ ମଡ଼ା ଉପରେ ଉପସ୍ଥିତ ଥିବା ନଥିବା ସନ୍ଧାନ ଏମାନଙ୍କଦ୍ୱାରା ମିଳିଯାଏ । ବାଘୁଣୀ ତାହାର ଶ୍ରମଲବ୍ଧ ଆହାର ପ୍ରତି ପୁନର୍ବାର ଆକୃଷ୍ଟ ହୋଇପାରେ । କିନ୍ତୁ ସେ ଯେତେବେଳେ ଦେଖିବ, ତାହାର ଖାଦ୍ୟ ଅପହୃତ ହୋଇଛି, ସେତେବେଳେ ଘୋର ହିଂସାକର୍ଷିତ ହୋଇ ତର୍ଜ୍ଜନ ଗର୍ଜ୍ଜନ କରି ଫେରିଯିବ । ସୁତରାଂ ଏଠାରେ ଜଗିକରି ବସିବା ବୃଥା । ଅବଶିଷ୍ଟ ଥିବା ହରିଣମାଂସକୁ ଦେବାନନ୍ଦ ବାବୁ ସେର ଅନ୍ଦାଜ ବାନ୍ଧିଲେ । ଆମେ ସିଧାସଳଖ ଯାଇ ଶବର ପଲ୍ଲୀ କ୍ୟାମ୍ପରେ ପହଞ୍ଚିଲୁଁ ।

ଆମର ଲୋକ ଖିଆପିଆର ବନ୍ଦୋବସ୍ତ କରିଥିଲେ । ଦେବାନନ୍ଦ ଓ ମୁଁ ଖାଇପିଇ ସୁସ୍ଥ ହେଲୁଁ । ନାତିସାନ୍ଦ୍ର ଅରଣ୍ୟ, ବିଶେଷତଃ ନାନା ଜାତି

Digitized by srujanika@gmail.com

ବୃକ୍ଷଲତାର ଆବେଷ୍ଟନୀ ଭିତରେ ମାତ୍ର କେତୋଟି କୁଟୀର ଅରଣ୍ୟ ପଲ୍ଲୀରେ ପରିଣତ ହୋଇଅଛି । ଏଠା ଅଧିବାସୀମାନେ ଦାରିଦ୍ର୍ୟ, ଦୀନତା ଆଉ ଦୁଃଖର ସାକ୍ଷାତ ମୂର୍ତ୍ତି ଥିଲେ । ମୋର ଲେଖନୀରେ ଏତେ ଶକ୍ତି ନାହିଁ, ଯେ କି ତାହାର ଚିତ୍ର ଅଙ୍କନ କରିପାରିବ ? ସେମାନେ ଭଙ୍ଗା କୁଡ଼ିଆରେ ରହୁଥିଲେ । ଛେଳି, କୁକୁଡ଼ା କେତୋଟି, ଆଉ କଣ୍ଟା ଓ ଖଣ୍ଡେ ସେମାନଙ୍କର ସମ୍ପତ୍ତି । ବାସନ ମଧ୍ୟରେ ମାଟିର ହାଣ୍ଡି, ମାଠିଆ, ଠେକି ଓ ପଲମ କେତେଖଣ୍ଡ । କ୍ୱଚିତ୍ କଂସା ଖଣ୍ଡେ ଲେଖାଏଁ ପରିଧେୟ । ଅଧିକାଂଶ ଦିନ ବଣର ଫଳମୂଳ ଖାଇ ଜୀବନଧାରଣ କରନ୍ତି । ସେମାନଙ୍କର ନିଷ୍କପଟ ଅତିଥିପରାୟଣତା, ସାହାଯ୍ୟ ସହଯୋଗମୂଳକ ଭାବ ଦେଖିଲେ ମନ ସ୍ୱତଃ ଦ୍ରବୀଭୂତ ହୋଇଯାଏ । ସେମାନଙ୍କର ସାହସ, ସହିଷ୍ଣୁତା ଓ ଏକତା ଗୁଣ ବାସ୍ତବିକ ଅନ୍ୟମାନଙ୍କର ଶିଖିବାର ଯୋଗ୍ୟ । ଏହି ଗୁଣ ଯୋଗୁଁ ସେମାନେ ଦୁନିଆରେ ତିଷ୍ଠି ରହିବାକୁ ସକ୍ଷମ ହୋଇପାରୁଛନ୍ତି ।

ସେମାନେ ଅତି ଆନନ୍ଦର ସହ ଆମକୁ ସ୍ୱାଗତ କଲେ । ଗ୍ରାମର ୧୦୦ ଗଜ ଦୂରରେ ଦୁଇବଖରା ସର୍ବସାଧାରଣ ଘର ଥିଲା । ତାକୁଇ ଆମେ ଆମର କ୍ୟାମ୍ପରୂପେ ବ୍ୟବହାର କଲୁଁ ।

୩

ଆମର ଏ ଜଙ୍ଗଲକୁ ଆସିବା ପ୍ରଥମ । ଜଙ୍ଗଲ ସହିତ ପରିଚିତ ହେବା ନିତାନ୍ତ ଆବଶ୍ୟକ । ସେଦିନ ସାମାନ୍ୟ ବିଶ୍ରାମ ପରେ ଦିନ ୨ଟା ବେଳକୁ ଦୁଇଜଣ ସ୍ଥାନୀୟ ଲୋକଙ୍କୁ ସଙ୍ଗରେ ନେଇ ଜଙ୍ଗଲ ଉଦ୍ଦେଶ୍ୟରେ ବାହାରିଗଲୁ । ଆମେ ଚନ୍ଦକାଠାରୁ ଉତ୍ତରପୂର୍ବମୁଖେ ଗଞ୍ଜାମ ଟ୍ରଙ୍କ ରୋଡର ପଶ୍ଚିମ ପାଖ ଜଙ୍ଗଲ ମଧ୍ୟରେ ପ୍ରବେଶ କଲୁଁ । କିଛିଦିନ, ମଣିଷଖିଆ ବାଘ ଗୋଟାଏ ଲୋକକୁ ଖାଇଲା ପରେ ସେ ଅଞ୍ଚଳରେ ରହେ ନାହିଁ କମ୍ବା ସେ ଅଞ୍ଚଳରେ ଦ୍ୱିତୀୟ ଶିକାର କରେ ନାହିଁ । ବାଘୁଣୀ ଚଢ଼ଙ୍ଗ ଜଙ୍ଗଲ ପରିତ୍ୟାଗ କରି ଚନ୍ଦକା ଜଙ୍ଗଲକୁ ପଳାଇ ଆସିଥିବା ବିଶ୍ୱାସ । ଘନ ଜଙ୍ଗଲ ମଧ୍ୟରେ ଗୋରୁ ମଇଁଷିଙ୍କ ବ୍ୟବହୃତ ଡଗରରାସ୍ତା, ଖୋଲପଡ଼ିଆ; ପାଣିକୂଳ ଦେଖି ଦେଖି ବୁଲିଲୁଁ । ସେତେବେଳକୁ ଦିନ ଟା ସମସ୍ତ ଗୋଟିଏ ଝରଣାକୂଳ ଓଦା ମାଟିରେ ବେରେପାର ପାଦଚିହ୍ନ ପଡ଼ିଥିଲା । ତାହା ୩।୪ ଦିନ ତଳର ପୁରୁଣା ଚିହ୍ନ । ଯାହାହେଉ, ସେ ଯେ ଏ ଜଙ୍ଗଲରେ ଅଛି— ଏତିକି ପ୍ରମାଣ ଆମ ପକ୍ଷରେ ଯଥେଷ୍ଟ ।

Digitized by srujanika@gmail.com

ଜଙ୍ଗଲର ପଶୁପକ୍ଷୀଙ୍କର କୋଳାହଳରୁ ବାଘର କୌଣସି ସୂଚନା ମିଳୁନାହିଁ । କ୍ରମେ ବେଳ ଅବସାନ ହୋଇଆସିଲା । ବନସ୍ଥଳୀ ନୀରବ ନିସ୍ତବ୍ଧ ହୋଇଆସୁଛି । ଏହି ସମୟରେ ମୋର ମନେହେଲା ଯେପରି ମୁଁ କୌଣସି ବିପଦର ସମ୍ମୁଖୀନ ହେବାକୁ ଯାଉଛି । ସତେ ଯେପରି ଶତ୍ରୁ ଆମର ପିଛା କରୁଛି—ଏହିପରି ଜଣାଗଲା । ଏହାର କାରଣ କଅଣ ମୁଁ କହିପାରିବି ନାହିଁ । ଶିକାରୀ ଦୁଇଜଣ ମୋର ପଛରେ ଚାଲୁଥିଲେ । ସେମାନଙ୍କୁ ଆଗରେ ଚାଲିବାକୁ କହିଲି । ମୁଁ ବନ୍ଧୁକର ସେଫ୍‌ଟିକ୍ୟାଚରେ ବୁଢ଼ା ଆଙ୍ଗୁଳି ରଖି, ପଛକୁ ଦେଖି ଦେଖି ଆସୁଥାଏଁ । ଗ୍ରାମର ଉପକଣ୍ଠରେ ପହଞ୍ଚିବାବେଳକୁ ଅନ୍ଧାର ହୋଇଗଲା । ଆମ ପାଖରୁ ମାତ୍ର ୧୫।୨୦ ଗଜ ଦୂରରେ ହଠାତ୍ ବାଘଣୀର ଗର୍ଜ୍ଜନ ଶୁଣି ସ୍ତମ୍ଭୀଭୂତ ହୋଇଗଲି । ଶିକାରୀ ଦୁଇଜଣ ଜୋର୍‌ରେ ଚିତ୍କାର କରିଉଠିଲେ । ସେମାନଙ୍କୁ ନୀରବ ରହିବାକୁ ମୁଁ ସୂଚନା ଦେଲି । ଗୋଟିଏ କଣ୍ଟାବୁଦାକୁ ଆଢ଼ୁଆଳ କରି ଆମେ ପ୍ରସ୍ତୁତ ହୋଇ ରହିଲୁଁ । ବାଘୁଣୀ ହୁହାଁଇ ହୁହାଁଇ ହାଣ୍ଡୋଳ ଛାଡ଼ି ଦୂରକୁ ଦୂରକୁ ଚାଲିଯାଉଥାଏ । ସେ ପ୍ରାୟ ଅଧମାଇଲଏ ବାଟ ଯିବା ପରେ ହାଣ୍ଡୋଳ ଶବ୍ଦ ଆଉ ଶୁଣାଗଲା ନାହିଁ । ତା ପରେ ଆମ୍ଭେମାନେ ଫେରିଲୁ ।

ଏଥିରୁ ନିଶ୍ଚିତ ଅନୁମାନ, ଭେରେପା ଆମର ପିଛା କରୁଥିଲା । ମୁଁ ସାବଧାନ ହୋଇ ନ ଥିଲେ ଆମ ଭିତରୁ ଜଣକୁ ନିଶ୍ଚୟ ଧରିଥାନ୍ତା । ସାଥୀ ଦୁହିଁଙ୍କୁ ଆଗରେ ଚଳାଇ, ପଛକୁ ସତର୍କ ଦୃଷ୍ଟି ରଖି ଚାଲିବାରୁ ବାଘୁଣୀକୁ ସୁଯୋଗ ମିଳିଲା ନାହିଁ । ପ୍ରତ୍ୟେକ ବାଘ ତାଙ୍କର ପ୍ରଧାନ ଶତ୍ରୁ ଶିକାରୀ ଓ ବନ୍ଧୁକକୁ ଭଲଭାବରେ ଚିହ୍ନନ୍ତି । ତେଣୁ ତା'ର ସାହସ କୁଳେଇଲା ନାହିଁ । ଶେଷରେ ସେ ହତାଶାର ବାଣୀ ଗର୍ଜ୍ଜନଦ୍ୱାରା ଜଣାଇଦେଇ ଚାଲିଗଲା ।

ମୁଁ ଆମ କ୍ୟାମ୍ପରେ ଚା' ପିଇବାକୁ ବସିଛି, ମୋର ଲୋକ ରାତ୍ରଭୋଜନ ପ୍ରସ୍ତୁତ କରିବାକୁ ଯୋଗାଡ଼ କରୁଛନ୍ତି, ଗ୍ରାମର ଜଣ ବୁଢ଼ାଲୋକ କିଛି ଜାଳେଣି କାଠ ଓ କେତେଟି କୁକୁଡ଼ା ଅଣ୍ଡା ନେଇ ପହଞ୍ଚିଲେ । ମୁଁ ସେମାନଙ୍କୁ ଆଦର କରି ବସାଇଲି । ଶୀତଦିନ । ନିଆଁ ଅଗଡ଼ାଏ ଲଗାଇ ସମସ୍ତେ ଘେରକରି ବସିଗଲେ । ନାନା କଥା ମଧ୍ୟରେ ବାଘ ବିଷୟ ବିଶେଷ କରି ଆଲୋଚିତ ହେଲା । ଜଣେ ପଞ୍ଚହତା ବୁଢ଼ା ଖୁବ୍ ଜାଣିବାର ହୋଇ ନିଜ ଭାଷାରେ ଗୋଟିଏ ସୁନ୍ଦର ଶିକାର ଗପ ଆରମ୍ଭ କଲା—"ଏ ଯେଉଁ ବାଘ ମଣିଷ ଖାଉଛି, ସେ ପ୍ରକୃତରେ ବାଘ ନୁହେଁ ।

Digitized by srujanika@gmail.com

ସେ ଗୋଟିଏ ଅସୁର; ବାଘ ରୂପରେ ଅବତୀର୍ଣ୍ଣ ଅଛି । ତାକୁ କିଏ ମାରିପାରିବ ? ଯେଉଁ ବାଣୁଆ ଗୁଣି-ଗାରୁଡ଼ି ଜାଣିଥିବ, ଦେବା-ଦେବୀଙ୍କୁ ମନାଇପାରିବ, ସେହି ଏକା ତାକୁ ମାରିବାକୁ ସମର୍ଥ ହେବ । ଅନେକଦିନ ତଳର କଥା । ମୁଁ ତମର ବୟସର ହୋଇଥାଏ । ଏହିପରି ସେତେବେଳେ ଗୋଟିଏ ବାଘ ମାତିଲା । ତା ଭୟରେ ଆମର ଏ ଖୁଣ୍ଟକୋଣଯାକ ଘରେ ତାଟିକଣା ପଡ଼ିଗଲା । କେତେ ବାଣୁଆ ଆସିଲେ । କିଏ ବାହାପଟ ମାରିଲା । କିଏ ଜଣରେ ହାତ ପକାଇଲା । କିନ୍ତୁ ସବୁ ଅକାରଣ । ଖୋରଧା ଝଂପଟ ସିଂହ ଦିନେ ମଠ ଉପରେ ବାଘକୁ ଗୁଳିକଲେ । ସକାଳୁ ଆମ ଗାଁଟାଯାକର ଲୋକ ବାଘ ଖୋଜିବାକୁ ଗଲୁଁ । ମଠ ପାଖରେ ବାଘ ଖୋଜର ଚିହ୍ନବର୍ଣ୍ଣ ନାହିଁ । ଗୁଳିଟା ମାଟି ତାଡ଼ି ବାହାରିଯାଇଥାଏ । ଆମେ ପଚାରିଲୁଁ, କଉ, କାହାକୁ ଗୁଳି ମାରିଲ ? ଝଂପଟ ସିଂହଙ୍କ ମୁହଁ ଆମ୍ବିଳା ପଡ଼ିଗଲା । ଏହା ଅସୁରର ମାୟା । ସେ ବାଘ ପବନରୂପୀ ।

"ତା' ପରେ ତମ ପଟିଆ ମୋହନ ଭ' ସାଆନ୍ତଙ୍କୁ ଜାଣିଥିବ । ସେ କପରି ବାଣୁଆ ! ବାଘ କାନ ଧରି ମ ହଲାଇବାଲ ସେ !! ସେହି ସମୟରେ ସେ ମତେ ସାଙ୍ଗ କଲେ । କହିଲେ, 'ବୁଢ଼ୀଲୁ, ପିଲାଆ, ତୁ ଅଣ୍ଟା ନ ଭିଡ଼ିଲେ ହେବ ନାହିଁ ।' ମୁଁ ଜବାବ ଦେଲି । ଆମେ ଦିନଗୋଟା ବାଘର ଖୋଜ କରୁଥାଉଁ । 'ଝଡ଼ମୁଣ୍ଡିଆ' ତଳ 'ଚମ୍ପାଝର'ରେ ବାଘ ପାଣି ଖାଉଥିବାର ଠାବ କଲୁଁ । ପାଣିକୂଳରେ ମଞ୍ଚା ବାନ୍ଧିବା ପାଇଁ ମୁଣ୍ଡେ ଉଚ୍ଚର ଗୋଟିଏ ନଣ୍ଡା ସାହାଡ଼ା ଗଛ ଛଡ଼ା ଆଉ କିଛି ସୁବିଧା ନ ଥିଲା । ମୋର ମନା ନ ମାନି ସାଆନ୍ତ ସାହାପିଆପଣ କଲେ । ସେହି ଗଛରେ ମଞ୍ଚ ବାନ୍ଧି ଘରକୁ ଫେରିଲୁଁ ।

"ଖାଇପିଇ ପୁଣି ଦିନ ୨ଟା ବେଳକୁ ଯିବାକୁ ହେଲା । ପାଣିକୂଳରେ ପହଞ୍ଚି ସାଆନ୍ତ କେତେ କ'ଣ ମନ୍ତ୍ରତନ୍ତ୍ର କଲେ । ବଣ୍ଟଳବୁଳା, ଗୁଡ଼, ଗଞ୍ଜେଇ ଭୁଷୁଁା (ସପ୍ତଭାଗ) ଦାଁରେ ଦିଆଗଲା । ପୁଣି ବାଘ ଖୋଜ ଚିହ୍ନ ଉପରେ 'ବାଘ ବାରେଣୀ' ଧୂପ ଦେଲେ । ତା' ପରେ ଯାଇ ମଞ୍ଚାରେ ବସିଗଲୁଁ । ସାବଧାନରେ ବସିବାକୁ ମତେ କଡ଼ା ତାଗିଦ କରିଦେଇ ସାଆନ୍ତ ନିଜେ ଆସନ ଭିଡ଼ି ବସିଗଲେ । ତାଙ୍କର ଏସବୁ ତଦ୍ବିର ଦେଖି ମୁଁ ମୋର ଟାଙ୍ଗିଟି ହାତରୁ ଛାଡ଼ୁ ନ ଥାଏଁ । ଅରେ ବାବୁ, ସତକୁ ସତ, ଗୋଟାଏ ଘଣ୍ଟା ଯାଇନାହିଁ, ଡଗ ଡଗ ହୋଇ ବାଘ ଝୁଲିଆସିଲା । ଯେଉଁଠି ଧୂପ ଦିଆଯାଇଥିଲା ସେଇଠି ବସିପଡ଼ି ଧୂପକୁ ଟିକିଏ ଶୁଙ୍ଘିଦିଏ

Digitized by srujanika@gmail.com

ଶୁଣି ଟିକିଏ ଆମମାନଙ୍କୁ ବୃଦ୍ଧେଁ । ଏହାପରେ ୨।୪ ଥର ଜଙ୍ଗଲରେ ଆମମାନଙ୍କୁ ଟାଣ ପାହୁଣ୍ଡ ମାଡ଼ିଆସି କେମିତି ପଡ଼ିଲା । ଲାଙ୍ଗୁଳକୁ ତଳେ ଦୂରଦୂର କରି ପକାଉଥାଏ । ଆମ ଉପରକୁ ଡେଇଁବାକୁ ଆଉ ଡେରି ନାହିଁ । ସେତେବେଳକୁ ସାଆନ୍ତ ବନ୍ଧୁକ ଠିକ୍ କରିନେଲେଣି । ଏତେବେଳେ ନ ମାରିବାକୁ ମୁଁ ଇସାରା ଦେଲି । କାରଣ ସେ କ ମାନିବା ଜନ୍ତୁ ! ସେ ବନ୍ଧୁକ ଫାୟାର କଲେ । ଧୁଆଁ ଏ ଧୁଆଁ ଏ ବାଘ ଡେଇଁଲା । ପଛାରେ ଏକ ଆପଦ ମାଇଲା ଯେ, ଆମର ବାଡ଼ାବନ୍ଧ ଭାଙ୍ଗିଗଲା । ଆମେ ଦୁହେଁ ୫ ହାତ ଦୂରରେ ଛିଟିକି କରି ପଡ଼ିଲୁ । ବନ୍ଧୁକ କୁଆଡ଼େ ପଡ଼ିଲା । ମାତ୍ର ଟାଙ୍ଗୀ ଖଣ୍ଡ ମୋ ହାତେ ହାତେ ଥାଏ । ବାଘ ସାଆନ୍ତଙ୍କ ପାଖରୁ ୧।୨ ହାତ ଦୂରରେ ପଡ଼ିଥିଲା । ଘୋର ଗର୍ଜନ କରି ଘୁଷୁରି ଘୁଷୁରି ଚମକ ଆସିଲା ସାଆନ୍ତଙ୍କ ଆଡ଼କୁ । ସେତେବେଳକୁ ମୁଁ ଅଣ୍ଟା ସଳଖି ଉଠୁଥାଏ । ବାଘ ଆଁ କରି ତାଙ୍କ ମୁଣ୍ଡକୁ ଧରି । ବେକକୁ ସେ ତା' ପାଟିରେ ବାଁ ହାତଟା ପୂରାଇଦେଲେ । କହୁଣୀର ତଳକୁ କରି ବାଘ ଜାବ ଧରିଥାଏ । ସେ ଡାହାଣ ହାତରେ ବାଘ ମୁହଁକୁ ବଜ୍ରମୁଠା ବସାଉଥାନ୍ତି । ଏହି ସମୟରେ ମୁଁ ଦଉଡ଼ିଯାଇ ଟାଙ୍ଗିଅରେ ବାଘର ବେକଟାକୁ ଅନେକ ଶକ୍ତ ପ୍ରହାର କରିଦେଲି । ସେଥିକରେ ବାଘ ଦଶ ହାତ ପଛକୁ ଘୁଞ୍ଚିଗଲା । ମୁଁ ସାଆନ୍ତଙ୍କୁ ଖଣ୍ଡେ ଦୂର ବନ୍ଧ ତଳକୁ ଉଠାଇନେଲି ।

"ବାଘ ପାଟିରେ ହାତ ଭର୍ତ୍ତି ନ କରି ନହିମାଏ ଡେରି କରିଦେଇଥିଲେ ସେ ମୁଣ୍ଡକୁ ନାଶ କରିଦେଇଥାନ୍ତା । ଯାହାହେଉ, ହାତଟା ଯାଉ ପଛେ, ଜୀବନଟା ରକ୍ଷା ପାଇଗଲା । ତାଙ୍କର ବାଁ ହାତରୁ ଧାର ଧାର ରକ୍ତ ବହିଯାଉଥାଏ । ସେ ହାତଟା ଏକବାରକେ ଅଚଳ । କେଡ଼େ ଅଜାଡ଼ିଆ ଲୋକ ସେ ! ସେଥିକି ଟିକିଏ ହେଲେ ପରୁଆ ନ କରି କହିଲେ—ବନ୍ଧୁକ, ଗୁଳିବାରୁଦ ବସ୍ତୁଆ କାଢ଼ ଆଣ । ମୁଁ ଛପି ଛପି ଯାଇ ମଞ୍ଚାତଳୁ ବନ୍ଧୁକ, ଛୁରା, ଗୁଳିବାରୁଦ ନେଇ ପହଞ୍ଚାଇଲି । ମୁଁ ଗୁଳିବାରୁଦ ବଢ଼ାଇ ଦେଉଥାଏ । ସେ ଡାହାଣ ହାତରେ ବନ୍ଧୁକରେ ସେଟ କରିଲେ । ତା'ପରେ ଦୁହେଁ ଯାକ ଆଣ୍ଠେଇ ଆଣ୍ଠେଇ ବାଘ ଆଡ଼କୁ ଗଲୁଁ । ବାଘ ଦେଖାପଡ଼ିଲା । ସେତେବେଳକୁ ବାଘ ଆଖି ବୁଜି ଧକେଇବାରେ ଲାଗିଥାଏ । ସାଆନ୍ତ ମୋ କାନ୍ଧରେ ବନ୍ଧୁକ ଉପରେ ରଖି ଗୋଟିଏ ହାତରେ ଟିପିଦେଲେ । ବାଘର ମୁଣ୍ଡ ଛଡ଼ୁ ଫାଟିଗଲା । କେତେଦିନର ପାପୀ ବାଘ ମଲା । ଆମର ଡର ଛୁଟିଲା ।

Digitized by srujanika@gmail.com

"ସେତେବେଳେ ମୋ ଦେହରେ କାଠିକର ବଳ । ମୁଁ ସଅଗ୍ରକୁ ନାହ କରି ଆମ ଗାଁକୁ ନେଇଆସିଲି । ଟୋକା ପଞ୍ଚାକୁ ବାଘ ଆଣିବାପାଇଁ ପଠାଇଦେଲି । ମୁଁ ନିଜେ ବାଘ ଆଉ ସାଆନ୍ତଙ୍କୁ ଶଗଡ଼ରେ ନେଇ ପଡ଼ିଆରେ ପହଞ୍ଚାଇଲି । ବୁଢ଼ାରଜା ମୋ' ଠାରୁ ସବୁ ହାଲ୍ ଶୁଣି ମୋ ଉପରେ ଭାରି ଖୁସି ହେଲେ । ଦଶ ଟଙ୍କା ବକ୍‌ସିସ ଦେଲେ । ମତେ ଦେଖିବାପାଇଁ କେତେ ଲୋକ ରୁଣ୍ଡ ହୋଇପଡ଼ିଲେ । ସମସ୍ତଙ୍କ ତୁଣ୍ଡରେ ମୋର ପରଶଂସା, ଆଉ ସାଆନ୍ତଙ୍କ ମୂରୁଖପଣିଆକୁ ନିନ୍ଦା । ସାଆନ୍ତାଣୀ ଖୁବ୍ ଖାଇବାକୁ ଦେଲେ । ଦଶହାତ ପିନ୍ଧାଟିଏ, ପାଞ୍ଚଟା ଟଙ୍କା ଆଉ ଭଜା ପିଠା ଗଣ୍ଡିଏ ଦେଇ ବିଦା କଲେ ।

"ବାବୁ, ମତେ ଦେଖୁଛ, ବୁଢ଼ା ଦୁର୍ବଳ; ମୋର ଦିନ ସାରିଗଲାଣି । ଆମର ଗଡ଼ ବର୍ଷରହ ଗୋଷ୍ଠ ପରେ ମଣିଷ ଖାଉଛି । ମୋ ଲେ, ସେ ବାଘ ନୁହେଁ, ଗୋଟିଏ ଅସୁର । ବାଘ ରୂପରେ ମଣିଷ ମାଂସ ଆଉ ରକ୍ତ ଖାଉଛି । ମୁଁ ଶୁଣିଲିଣି, ତମେ ମୋହନ ରା' ସାଆନ୍ତଙ୍କ ପୁତୁରା । ତାଙ୍କଠାରୁ ନିଶ୍ଚୟ କିଛି ଭଲମ ପାଇଥିବ । ପର ଉପକାରରେ ବାହାରିଛ । ଅସୁର ବଳଠାରୁ ତମର ବଳ ବେଶି । ତମେ ତାକୁ ମାରିପାରିବ । ଭଗବାନ ତମର ମଙ୍ଗଳ କରନ୍ତୁ ।"

ଲୋକଟାର ଆକୃତିରୁ ସହଜେ ଅନୁମେୟ, ସେ ଗୋଟିଏ ଅସୁର । ଯୁବକ ସମୟରେ ତାହାର ନିଶ୍ଚୟ ଅସୁରର ବଳ ଥିବ । ତା' ନ ହେଲେ ସେ ଘାଉଆ ବାଘ ଉପରେ ପାହାର ବସାଇଥାନ୍ତା ! ମୁଁ ତାକୁ ମୋର ପଥପ୍ରଦର୍ଶକ ଓ ସାହାଯ୍ୟକାରୀ ହିସାବରେ ନିଯୁକ୍ତ କଲି ।

ସ୍ୱର୍ଗତ ମୋହନ ରାୟ ବଡ଼ବାପା । ସେ ଜଣେ ଦୁର୍ଦ୍ଧର୍ଷ ଶିକାରୀ । ଭୟ ବୋଲି ଗୋଟିଏ ଜିନିଷ କଅଣ, ସେ ଜାଣନ୍ତି ନାହିଁ । ତାଙ୍କର ଏହି ଦୁଃସାହସିକତା ଯୋଗୁଁ ସେ ବହୁବାର ହିଂସ୍ରଜନ୍ତୁଙ୍କ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି, ଯାହା ଫଳରେ କି ସେ ତାଙ୍କର ବାମ ହାତ ଓ ବାମ ଚକ୍ଷୁ ହରାଇଥିଲେ । ତଥାପି ଶିକାର ଖେଳରୁ ବିରତ ହେଲେ ନାହିଁ । କଟକ ଜିଲ୍ଲା ବଲରାମପୁର ଓ ଧ୍ରୁବନନ୍ଦା ଜଙ୍ଗଲରେ ପ୍ରାୟ ସବୁଦିନେ ମଣିଷଖିଆ ବାଘର ଉପଦ୍ରବ ଲାଗି ରହୁଥାଏ । ସ୍ୱର୍ଗତ ରାୟ ଉକ୍ତ ରାଜ୍ୟର ରାଜାମାନଙ୍କ ସାଦର ନିମନ୍ତ୍ରଣକ୍ରମେ ସେଠାକୁ ଯାଆନ୍ତି । ନିଜର ଜୀବନକୁ ଘୋର ବିପଦାପନ୍ନ କରି ମଣିଷଖିଆ ବାଘ ମାରନ୍ତି । ରାଜାମାନେ ସୁନାର କୁଣ୍ଡଳ, କଙ୍କଣ, ପାଟଯୋଡ଼ା ଆଉ ପୁରସ୍କାର ଓ ବିଭିନ୍ନ ପଦବୀରେ

Digitized by srujanika@gmail.com

କୁଟି କରି ବଡ଼ା କରନ୍ତି । ପୁରୁଣାକାଳିଆ ଶିକାରୀମାନେ ବାଘର ଖୋଜଚିହ୍ନରେ ମନ୍ତ୍ରରେ କେତେ ପ୍ରକାର ଧୂପ ଦିଅନ୍ତି, କେତେ କଥଣ ଯନ୍ତ୍ରମନ୍ତ୍ର କରନ୍ତି । ଏସବୁ ମୁଁ ଦେଖିଛି, ଶୁଣିଛି । ମାତ୍ର ମୋ ଜୀବନରେ ମୁଁ କେବେ ଏସବୁ ପ୍ରୟୋଗ କରିନାହିଁ । କେତେକ ସ୍ଥଳରେ ଏହା ଫଳପ୍ରଦ ହେବା ମୁଁ ଜାଣେ ।

୪

ନସ୍ୱାହସରଳ ବନ୍ୟାସୀ ଶବରମାନେ ଆମକୁ ପ୍ରତିଦିନ ସ୍ୱ' ପାଇଁ ଛେଳିଦୁଧ, ଅଣ୍ଡା ଓ ଜାହ୍ନେଣି ଭାତ ଯୋଗାଇଦିଅନ୍ତି । ସେଥିପାଇଁ ସେମାନେ ଆମଠାରୁ କୌଣସି ମୂଲ୍ୟ ଗ୍ରହଣ କରନ୍ତି ନାହିଁ । ସେମାନଙ୍କୁ ଦିନେ ମାଂସ ଖୁଆଇବା ମୋ ପକ୍ଷରେ ଏକପ୍ରକାର କର୍ତ୍ତବ୍ୟ ହୋଇପଡ଼ିଲାଣି । ଏଠାକୁ ଆସିବାର ୪ ଦିନ ହୋଇଗଲା । ବାଘୁଣୀ କୌଣସି ମଣିଷ ମାରିବା ସମ୍ବାଦ ମିଳିନାହିଁ । ଆମେ ତା'ର ସନ୍ଧାନରେ ଲାଗିପଡ଼ିଆଉ । ସେଦିନ ସକାଳୁ ଭକ୍ତ ଅସୁରକୃତର ବୁଢ଼ା ଶ୍ରୀଧରକୁ ନେଇ ବାଘୁଣୀର ଖୋଜ କରିବାପାଇଁ ବାହାରିଗଲି ।

କିଛିଦୂର ଗଲାପରେ ଗୋଟିଏ ମସ୍ତବଡ଼ ବାର୍ହା ମୂଆମୂଳ ଭାଙ୍ଗି ଖାଇଥିବାର ଦେଖିଲୁ । ତଟକା ଖୋଜ ଓ ତଡ଼ା ଚିହ୍ନ ଦେଖି ତା'ର ପିଛା କରିବାକୁ ଶ୍ରୀଧର ଇଚ୍ଛା କଲା । ମୋର ମଧ୍ୟ ଇଚ୍ଛା, ଗ୍ରାମବାସୀଙ୍କୁ ଗୋଟିଏ ଶିକାର ଖୁଆଇବା । ତେଣୁ ଆମେ ଖୋଜ ଧରି ଚାଲିଲୁ । କିଛିଦୂର ଗଲାପରେ ବାର୍ହା ଭୂଇଁ ଭାଙ୍ଗୁଥିବାର ଶବ୍ଦ ଶୁଣାଗଲା । ଶ୍ରୀଧର ସେହିଠାରେ ରହିଯିବାକୁ ମୁଁ ସଙ୍କେତ ଦେଲି । ଶବ୍ଦ ନିକଟରୁ ନିକଟତର ହୋଇଆସୁଥାଏ । ବାର୍ହାଠାରୁ ପ୍ରାୟ ୧୦ ଗଜ ଦୂରରେ ପହଞ୍ଚିଲି । ମାତ୍ର ସେ ଘନ ଗହଳ ଲଟା ମଧ୍ୟରେ ଥିବାରୁ ଦେଖା ପଡ଼ୁ ନ ଥାଏ । ଆଣ୍ଠେଇ ଆଣ୍ଠେଇ ଆହୁରି ୦ ଗଜ ଖଣ୍ଡେ ଆଗକୁ ଯିବାରେ ବାର୍ହା ଦେଖାପଡ଼ିଲା । ଗହଳ ବୁଦା ଫାଙ୍କରେ କେବଳ ମୁଣ୍ଡଟି ମୁହୂର୍ତ୍ତକ ପାଇଁ ଦେଖା ଦେଇ ପୁଣି ଅଦୃଶ୍ୟ ହୋଇଯାଏ । ଘଞ୍ଚ ଜଙ୍ଗଲ ମଧ୍ୟରେ ପାଦେ ଆଗକୁ ଯିବା କିମ୍ବା ଏପଟ ସେପଟ ହେବା ଅର୍ଥ ବାର୍ହାକୁ ହୁଙ୍କୁଡ଼େଇଦେବା । ମୁଁ ସେହିଠାରେ ନିଶ୍ଚଳ ଭାବରେ ବସିରହିଲି । ଟିକକ ପରେ ବାର୍ହାର ଦେହ ଦେଖାଗଲା । ମୁଁ ଶୋଇପଡ଼ି ଦେଖିଲାବେଳକୁ ଦୁଇ ବୁଦାର ଫାଙ୍କ ମଧ୍ୟରେ ତା'ର ମୁଣ୍ଡଟି ମାତ୍ର ଦେଖାଯାଉଛି । ମୁଁ ସେହିପରି ଶୋଇବା

Digitized by srujanika@gmail.com

ଅବସ୍ଥାରେ ଆଉ ତା'ର ମୁଣ୍ଡକୁ ନିଶାଣ ଲଗାଇଲି । ମୁଣ୍ଡଟି ର ହୋଇଯିବାମାତ୍ରେ ଫାୟାର କଲି ।

ମୁଁ ଚଞ୍ଚଳ ହୋଇପଡ଼ିଲି କି ମୋର ଶ୍ୱାସପ୍ରଶ୍ୱାସ ଦ୍ରୁତ ହୋଇଗଲା ଯାହା ହେଉ ନା କାହିଁକି, ଲକ୍ଷ୍ୟ ଭ୍ରଷ୍ଟ ହେଲା । ଅଧ ଇଞ୍ଚେ ମାତ୍ର ଉପରକୁ ହୋଇଥିଲେ ଗୁଳି ତାହାର ଠିକ କାନମୂଳରେ ଲଗିଥାନ୍ତା । ବାରହା ଗର୍ଜନ ଛାଡ଼ି ପଳାଇଲା । ଶ୍ରୀଧର ପାଖକୁ ଫେରିଆସି ପୁଣି ବାଘୁଣୀର ସନ୍ଧାନରେ ଗ୍ଲେଲି । ଗୋଟିଏ ଶ୍ରେଷ୍ଠ ପାହାଡ଼ । ବାଉଁଶ ଓ କଣ୍ଟାକାଣ୍ଟାସ୍ଥ ବୁଦାରେ ପରିପୂର୍ଣ୍ଣ । ବର୍ଷାଜଳ ବହି ଆସୁଥିବା ଧାର କେତୋଟି ପାହାଡ଼ ଉପରକୁ ଯିବାର ପଥରୂପେ ବ୍ୟବହୃତ ହୁଏ । ଏପରି ନିର୍ଦ୍ଦିଷ୍ଟ କେତୋଟି ଦୁର୍ଗମ ଓ ସଙ୍କୀର୍ଣ୍ଣ ପଥ ବ୍ୟତୀତ ଉପରକୁ ଯିବାର ଅନ୍ୟ ପଥ ନାହିଁ । ଏହିପରି କେତୋଟି ପଥରେ ଅନୁସନ୍ଧାନ ଚଳାଇ ଜାଣିପାରିଲି—ଏହା ବାଘୁଣୀର ଅଶ୍ରୟ ସ୍ଥଳ । ପାହାଡ଼ର ପାଦଦେଶରେ ଏକ ସମତଳ କ୍ଷେତ୍ର । ସେଠାରେ ଗୋଟିଏ ଧୂପକ୍ଷ ଫଳନ୍ତା ବରଗଛ ଥିଲା । ସେଠାରୁ ମୋର ମନରେ ଉଦୟ ହେଲା, ଏହି ଗଛରେ ମଞ୍ଚା ବାନ୍ଧି ବସିଲେ ବାଘୁଣୀର ଦେଖା ମିଳିପାରେ । ଦୁଇଜଣ ଲୋକ ବସିବାଭଳି ଗୋଟିଏ ସ୍ଥାନର ସୁବିଧା କରି ଆମେ ଫେରିଲୁଁ ।

ଉପରବେଳା ୩ଟା ସମୟରେ ମୋର ସାଥୀ ନେତାନନ୍ଦ ସହ ପୁଣି ଜଙ୍ଗଲକୁ ବାହାରିଲି । ସାରାରାତି ଯାପନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇ ଯାଇଥାଉଁ । ଉକ୍ତ ବରଗଛ ଉପରେ ଡାଳପତ୍ର କେତେଖଣ୍ଡି ଦେଇ ଲୁଚିକରି ବସିଗଲୁଁ । ସୁପକ୍ୱ ବରଫଳ ବନ୍ୟ ପଶୁପକ୍ଷୀଙ୍କର ଅତି ସୁମିଷ୍ଟ ଖାଦ୍ୟ । ନାନା ଜାତିର ଅସଂଖ୍ୟ ପକ୍ଷୀ ନିଜ ନିଜର ଆହାର ସଂଗ୍ରହରେ ଲାଗିପଡ଼ିଥାନ୍ତି । ସେମାନଙ୍କର ଆନନ୍ଦ କୋଳାହଳ ଧ୍ୱନିରେ ବନସ୍ଥଳୀ ଉଚ୍ଛୁଳି ଉଠୁଥାଏ । ପଲ ପଲ ମୟୂର ଓ କୁକୁଡ଼ା ଭୂଇଁରେ ପଡ଼ିଥିବା ଫଳଗୁଡ଼ିକ ଉଦରସାତ୍ କରିବାରେ ତତ୍ପର ହୋଇ-ଉଠିଥାନ୍ତି । ଆମେ ଗଛ ଉପରେ ଲୁଚିରହି ସେମାନଙ୍କର ମଧୁର କଳରବ ଧ୍ୱନି, ରୂପରଙ୍ଗ ଓ ସତର୍କ ଚ୍ଳଲଚ୍ଳହାଣୀ ଦେଖିଶୁଣି ବିମୁଗ୍ଧ ହେଉଥାଉଁ । ଏହି ସମୟରେ ବାରୁଣୀ ଆକାଶରେ ଅପୂର୍ବ ବର୍ଣ୍ଣାଢ଼୍ୟ ଶୋଭା ରଚନା କରି ସୂର୍ଯ୍ୟ ଅସ୍ତଗାମୀ ହେଲେ । କୃଷ୍ଣପକ୍ଷ ରାତି । ଚତୁର୍ଦ୍ଦିଗ ଅନ୍ଧକାରରେ ଆଚ୍ଛନ୍ନ ହୋଇଗଲା । ବନ୍ୟ ପଶୁମାନେ ବରଫଳ ଖାଇବାକୁ ଗୋଟିଏ ଗୋଟିଏ ହୋଇ ଆସିବାକୁ ଆରମ୍ଭ

Digitized by srujanika@gmail.com

କଲେଣି । ବରଗଛ ତଳରେ ରାତିର ଅନ୍ଧକାର ମିଶି ଘନ କାଳିମା ସୃଷ୍ଟି କରିଥାଏ । ଫଳ ଖାଉଥିବା ଜନ୍ତୁ ଦେଖାଯାଉ ନ ଥାନ୍ତି । କିନ୍ତୁ ସେମାନଙ୍କର ଚାଲିବା ଓ ଫଳ ଖାଇବା ଶବ୍ଦରୁ ଆମେ ତାଙ୍କୁ ଚିହ୍ନି ନେଉଥାଉଁ । ବରଗଛର ଅଦୂରରେ ଥିବା ବାଘୁଣୀର ଚଲ ଚଳ ରାସ୍ତାକୁ ଲକ୍ଷ୍ୟ କରି ଆମେ ବସିଥାଉଁ ।

ରାତି ୧୦ଟା ସମୟ । ଗୋଟିଏ ଭାଲୁ ପରିବାର ବରଗଛ ମୂଳରେ ପହଞ୍ଚିଲେ । ଭାଲୁଗୁଡ଼ାକ ବଡ଼ ବଦ୍‌ରାଗୀ ଓ କଳିଖୋର । ଫଳ ଖାଇବାପାଇଁ ପରସ୍ପର ଘୋର ଦ୍ୱନ୍ଦ୍ୱରେ ବ୍ୟାପୃତ ହୋଇଗଲେ । କ୍ଷଣକାଳ ପରେ ସବୁ ଶାନ୍ତ ପଡ଼ିଗଲା । ସ୍ପଷ୍ଟ ଦେଖା ନ ଗଲେ ମଧ୍ୟ ଆମେ ଜାଣିପାରିଲୁଁ ଗୋଟିଏ ଭାଲୁ ଗଛରେ ଚଢ଼ିଲାଣି । ସେ ଗଛରେ ଚଢ଼ି ଡାଳକୁ ଡାଳ ହଲାଇବାରେ ଲାଗିଲା । ସୁପକ୍ୱ ଫଳଗୁଡ଼ିକ ଗୁଳିଗାଳ ହୋଇ ପଡ଼ୁଥାଏ । ଭାଲୁ ପରିବାର ଆନନ୍ଦରେ ସେହି ଫଳ ଗୋଟାଇ ଖାଉଥାନ୍ତି । ଗୋଟିଏ ଫାଙ୍କା ଆବାଜ୍ କରିବାକୁ ନେହାନନ୍ଦ ସଙ୍କେତ ଦେଲା । ମୁଁ ସେହିପରି ତାକୁ ସଙ୍କେତ ଦ୍ୱାରା ଜଣାଇଦେଲି—ଆବଶ୍ୟକ ବେଳେ ଦେଖାଯିବ; ଭୟ କରନା । ଅଳ୍ପ ସମୟ ପରେ ଶବ୍ଦରୁ ନିଶ୍ଚିତରୂପେ ବୁଝିପାରିଲି, ଭାଲୁ ଆମେ ବସିଥିବା ଡାଳଆଡ଼କୁ ଆସୁଛି । ନେହାନନ୍ଦ ପୁଣି ସଙ୍କେତ ଦ୍ୱାରା ମୋତେ ସତର୍କ କରିଦେଲା । ଭାଲୁମାନେ ନିଆଁକୁ ଭାରି ଡରନ୍ତି । ସିଗାରେଟ ଖାଇବା ସକାଶେ ମୋ ପକେଟରେ ଦିଆସିଲି ଥିଲା । ମୁଁ ବିଳମ୍ବ ନ କରି ଗୋଟିଏ କାଠି ଜଳାଇ ତା ଆଡ଼କୁ ଦେଖାଇଦେଲି । ବାପରେ ! ବଜ ପରି ଘୋର ଶ୍ରୁତିହୃଦ୍‌ଦାରକ ହୁଙ୍କାର ଶବ୍ଦରେ ବଣସ୍ଥଳୀ ଦୋହଲିଗଲା । ଭାଲୁ ତ' ଖେପାରେ ଗଛରୁ ଡେଇଁପଡ଼ି ପରିବାର ସହ ପଳାଇଲା ।

ତା'ପରେ ଆମେ ସଙ୍ଗରେ ନେଇଥିବା ସଂରକ୍ଷିତ ପାନାହାର କରି ଟିକିଏ ସୁସ୍ଥ ବୋଧକଲୁଁ । ରାତିର ଦ୍ୱିତୀୟ ପ୍ରହର । ଚନ୍ଦ୍ର ସଜବାଜ ହୋଇ ଉଠିଆସିଲେ । ରଜତ ଜ୍ୟୋତ୍ସ୍ନାଲୋକରେ ବନରାଜ୍ୟ ହସିଉଠିଲା । ବାଘୁଣୀ ମଧ୍ୟେ ମଧ୍ୟେ ରହି ରହି ସାରା ରାତି ହେଣ୍ଟୋଳ ଛାଡୁଥାଏ । ଚନ୍ଦ୍ର ପ୍ରକାଶ ପାଇବା ପରେ ଅସଂଖ୍ୟ ବାଦୁଡ଼ି ଗଛ ତମାମ ଭରିଗଲେ । ସେମାନଙ୍କର ଚେ-ଚିଁ ଶବ୍ଦରେ ଘଣ୍ଟାଏ କାଳ କାନ ଅତଡ଼ା ପଡ଼ିଗଲା । ବାଘୁଣୀ କମ୍ପା ଜନ୍ତୁଙ୍କର ଶବ୍ଦ ଶୁଣିବାରେ ଏହା ଏକ ପ୍ରତିବନ୍ଧକ । ବଡ଼ ବିରକ୍ତିକର ବୋଧ ହେଉଥାଏ । ସେମାନେ ନିଜ ନିଜର

Digitized by srujanika@gmail.com

ଛିଦ୍ରପୃଷ୍ଠ କରି ସେଥା ବାଟରେ ଯେ ସୁନ୍ଦରଲେ । ଆମେ ମାରବଟରେ ବସିରହୁ ଚାଲିଛି ଏବଂ ଛଡ ପରି ଗୋଟିକ ପରେ ଗୋଟିଏ ଛଡ ଦେଖି ନେଉଥାଉ । ସାଗର ପରି ଅନନ୍ତ ଭାବନା ମନରେ ଜନ୍ମୁଥାଏ । ସେସବୁ ଏଠାରେ ଲେଖିବା ଅନାବଶ୍ୟକ ।

୫

ବସି ବସି ମୁଁ ତନ୍ଦ୍ରାଚ୍ଛନ୍ନ ହୋଇପଡ଼ିଲି । ସେତେବେଳକୁ ପ୍ରାୟ ୨ଟା ସମୟ ହେବ । ନେହାନନ୍ଦଙ୍କର ସଙ୍କେତ ଦ୍ୱାରା ମୁଁ ସଚେତ ହୋଇଗଲି । ଆମର ପଶ୍ଚାତ୍‌ଭାଗରେ ଗୋଟିଏ ବାର୍‌ହା ଫଳ ଖାଉଥିବାର ସୂଚନା ମିଳିଲା । ସେ ଗଛର ମୂଳପାଖରେ ତୂଳ ଫଳ ଖାଇବ । ମୁଁ ସତର୍କ ଦୃଷ୍ଟି ରଖି ଅପେକ୍ଷାରେ ଥିଏ । ସୁଯୋଗ ମିଳିଲେ ଶିକାର କରିବାକୁ ଆମେ ସ୍ଥିର କରିନେଲୁଁ । ପ୍ରାୟ ଅଧଘଣ୍ଟାକ ପରେ ବାର୍‌ହା ଆମର ସମ୍ମୁଖ ଭାଗରେ ଦେଖାପଡ଼ିଲା । ମସ୍ତବଡ଼ ଦନ୍ତା ବାର୍‌ହା । ଏତେବଡ଼ ବାରହା ମୁଁ କେବେ ଦେଖି ନ ଥିଲି । ଚନ୍ଦ୍ର କିରଣରେ ତା'ର ଦ୍ୱିଶିଖା ଶୃଙ୍ଗ ସଦୃଶ ଦାନ୍ତ ଦୁଇଟି ସ୍ପଷ୍ଟ ଦେଖାଯାଉଥାଏ । ମୁଁ ନିଶାଣ ଲଗାଇଲି । ସେ ତଳକୁ ମୁହଁ ପୋତି ଫଳ ଖାଉଥିବାରୁ ମୁଣ୍ଡକୁ ଲକ୍ଷ୍ୟ କରିବା ସୁବିଧାଜନକ ହେଲା ନାହିଁ । ତାହାର ସ୍କନ୍ଧ ଉପରକୁ ଲକ୍ଷ୍ୟ କରି ଫାୟାର କଲି । ସେ କ୍ଷଣକରେ ଦୌଡ଼ି ପଳାଇଲା । ଗୁଳି ଲାଗିବାର କୌଣସି ଲକ୍ଷଣ ଜଣାପଡ଼ିଲା ନାହିଁ । ମନଟା ନିରସ୍ତାପଡ଼ିଗଲା । ବେଦୁଲିମାନ ଚଢ଼ରେ ରାତି ଯାପନ କଲୁଁ । ସୂର୍ଯ୍ୟୋଦୟ ହେଲା । ଗଛରୁ ଓହ୍ଲାଇ ଗୁଳି ମାରିବା ସ୍ଥାନ ପର୍ଯ୍ୟବେକ୍ଷଣ କରିବାରେ ଲାଗିପଡ଼ିଲୁଁ ।

ଗଛ ତଳ ଶୁଖିଲା ପତ୍ର ଓ ଫଳରେ ଭର୍ତ୍ତି । ନିରୀକ୍ଷଣ କରି ଦେଖିଲୁଁ, କିନ୍ତୁ ମାଡ଼ ସ୍ଥାନ ଚିହ୍ନିତ ହୋଇପାରିଲା ନାହିଁ । ମାଡ ସ୍ଥାନ ନିର୍ଣ୍ଣିତ ନ ହେଲେ ଗୁଳି ଲାଗିବା ନ ଲାଗିବା ବୁଝାଯାଇ ନ ପାରେ । ମୁଁ ପୁଣି ଗଛରେ ଚଢ଼ି ବନ୍ଧୁକ ଧରି ନିଶାଣ ଲଗାଇଲି । ଗୁଳି ଲାଗିବା ମୋର ଦୃଢ଼ ବିଶ୍ୱାସ ହେଲା । ମୋର ନିର୍ଦ୍ଦେଶମତେ ନେହାନନ୍ଦ ସ୍ଥାନ ନିରୂପଣ କଲେ । ଆମେ ଦୁହେଁ ସେ ସ୍ଥାନ ଉତ୍ତମରୂପେ ଦେଖିଲୁଁ । ବାର୍‌ହାର ବାମ ପାର୍ଶ୍ୱରେ କେତୋଟି ଲୁମ ପଡ଼ିଥିଲା । ଏଥିରୁ ଜଣାଗଲା, ବାର୍‌ହା ଦେହରେ ଗୁଳି ଅଛି । ଫାଟିଯାଇଥିଲେ ଉଭୟ ପାର୍ଶ୍ୱରେ ଲୁମ ପଡ଼ିଥାନ୍ତା । ଶୀତଋତୁରେ ଚର୍ବିର ଆଧିକ୍ୟ ଯୋଗୁଁ ବାର୍‌ହା

Digitized by srujanika@gmail.com

ଦେହରେ ଗୁଳି ଲାଗିଲେ ରକ୍ତସ୍ରାବ ହୁଏ ନାହିଁ । ଏଣୁ ରକ୍ତ ଦାଗ ମିଳିବା ସମ୍ଭବ ନୁହେଁ । ପ୍ରାଣ ବିକଳରେ ପଳାଇଲା ବେଳର ଖୋଜଚିହ୍ନକୁ ଅନୁସରଣ କରି ଆମେ ଚାଲିଲୁଁ । ପ୍ରାୟ ୨୦୦ ଗଜ ଗଲାପରେ ବାରହା ପଡ଼ିଥିବାର ଦେଖାଗଲା । ତା' ଉପରକୁ ଦୁଇଟି ଢେଲା ପକାଇ ନିଶ୍ଚିତ ହେଲୁଁ ଯେ, ତା'ର ପ୍ରାଣବାୟୁ କେତେବେଳୁ ଉଡ଼ିଗଲାଣି । କାଉ ଶାଗୁଣା ଓ ବିଲୁଆଙ୍କଠାରୁ ରକ୍ଷା କରିବା ଉଦ୍ଦେଶ୍ୟରେ ତା' ଉପରେ କେତେଖଣ୍ଡ ଡାଳପତ୍ର ଘୋଡ଼ାଇଦେଲୁଁ । ପୁଣି ଆମ ଲୋକଙ୍କର ପଥପ୍ରଦର୍ଶକ ନମୁନାସ୍ୱରୂପ ବରଗଛ ପାଖରେ ଦୁଇଖଣ୍ଡି କଞ୍ଚା ଡାଳ ପକାଇଦେଇ କ୍ୟାମ୍ପକୁ ଫେରିଲୁଁ ।

ଶବରମାନେ ବାରହା ମରିବା କଥା ଶୁଣି ଆନନ୍ଦରେ ବିଭୋର ହୋଇଗଲେ । ସେମାନଙ୍କ ମଧ୍ୟରେ ବଣଭୋଜି କରିବା ସ୍ଥିର ହୋଇଗଲା । କେତେଜଣ ଲୋକ ଆମର ନିର୍ଦ୍ଦେଶମତେ ବାରହା ଆଣିବାକୁ ଚାଲିଗଲେ । ଆମେ ପ୍ରାତଃ ଭୋଜନ ଶେଷକରି ବସିଛୁଁ । ଏହି ସମୟରେ ସେମାନେ ବାରହାକୁ ନେଇଆସି ପହଞ୍ଚିଲେ । ବାରହାକୁ ଦେଖିବା ସକାଶେ କିଛି ସମୟ ପାଇଁ ଗୋଟିଏ ଗହଳି ଲାଗିଗଲା । ମୋର ଲୋକମାନେ ମିଶି କଟାକଟି କରିଦେଲେ । ଆମ କ୍ୟାମ୍ପରେ କିଛି ରଖିଲେ । ଆଉ କିଛି ମାଂସ ଫରେଷ୍ଟ ଅଫିସ ଓ ଥାନାକୁ ପଠାଇଦେଲୁଁ । ଅବଶିଷ୍ଟ ପ୍ରାୟ ଦୁଇମହଣ ମାଂସ ବଣଭୋଜି ପାଇଁ ରଖାଗଲା । ଗାଁ ମୁଣ୍ଡରେ ସ୍ଥାପିତ ସେମାନଙ୍କର ଇଷ୍ଟଦେବୀ 'ଖଣ୍ଡୁଆଳ' ନିକଟରେ ଭୋଜି କଲେ । ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ସେମାନଙ୍କର ବନ୍ଧୁବାନ୍ଧବ ମଧ୍ୟ ନିମନ୍ତ୍ରିତ ହୋଇଥିଲେ । ଗ୍ରାମର ଆବାଳବୃଦ୍ଧବନିତା ଯୋଗ ଦେଲେ । ମୁଁ ଆମ ଦଳସହ ଉପସ୍ଥିତ ରହି ଭୋଜି କାମ ପରିଚାଳନା କରୁଥାଏଁ । ପ୍ରତ୍ୟେକ ପ୍ରଚୁର ପରିମାଣରେ ମାଂସ ଖାଇ ମହା ସନ୍ତୋଷ ଲାଭ କଲେ । ଶେଷରେ 'କେରେପା' ମଢ଼ବାକୁ ହରିବୋଲ୍ ଦେଇ ଭୋଜି କାମ ବଢ଼ାଇଲେ ।

ଭୋଜଦିନ ରାତିଜାଗରଣ ବଶତଃ ପରଦିନ ସକାଳବେଳା ଶିକାରକୁ ଯାଇ ହେଲା ନାହିଁ । ଅପରବେଳା ୪ଟା ସମୟ । ବାଘୁଣୀର ସନ୍ଧାନରେ ବାହାରିବାକୁ ପ୍ରସ୍ତୁତ ହେଉଛୁ, ଏହି ସମୟରେ ୧୨।୧୩ ବର୍ଷର ଗୋଟିଏ ଗହଡ଼ ପିଲା ଧଇଁସଇଁ ହୋଇ ଆସି ପହଞ୍ଚିଲା । ଟିକିଏ ଦମ୍ ନେଲା ପରେ କହିଲା,

Digitized by srujanika@gmail.com

"ବାଘ ଆମ ଗୋଠରୁ ମଇଁଷି ଛଡ଼ା ମାରେ । (ବାପା) କହୁଚି, ଚଞ୍ଚଳ ଆସ ।"
ମୁଁ ପଚାରିଲି, "କେତେବେଳେ ମାରେ ?" ଗଉଡ ପିଲା କହିଲା, 'କେତେବେଳେ ମାରିଲା, ଆମେ ଜାଣିନାହୁଁ । ଗୋଠ ନେଇକି ପଳାଇଲାବେଳକୁ ଆମେ ଦେଖିଲୁଁ, ଛଡ଼ା ନାହିଁ । ନାଁ ଧରି ଡାକି ଡାକି ଖୋଜିଲାବେଳେ ବାଘ ମିଶିଥିଲା । ମୋତେ ନେଇଯାଉଥାନ୍ତା । ମୋର ଆଖି ବୁଜି ହୋଇଗଲା । ବା' ହାଁ...ହାଁ...ହାଁ...କହି ଝମ୍ପିଦେଲା ପାହାରେ ଯେ, ବାଘ ଦେହରେ ବାଜେ କି ନ ବାଜେ । ସେ ଟିକିଏ ଅନ୍ତେଇଗଲା । ଆମେ ପଛେଇ ପଛେଇ ଫେରିଲୁଁ । ଯେମିତି ବୁଢ଼ା ଅଥର୍ବ ହେଲେବି, ଦଉଡ଼ିଆସି ଗୋଠଭିତରେ ପଶିଗଲୁଁ । ମଇଁଷି ମେଳରେ ବାଘ ପଶିପାରିବ ନାହିଁ । ଆଉ ଡର କ'ଣ ?"
ମୁଁ ପଚାରିଲି, "ମଇଁଷି ଛଡ଼ା ମାଇଚୁ ବୋଲି କିପରି ଜାଣିଲ ?" ସେ ଉତ୍ତର ଦେଲା, "ଆଉ ଛଡ଼ା କୁଆଡ଼େ ଗଲା ? ବା' କହିଲା, ବାଘ ମାରିଚି ।" ମୁଁ କହିଲି, "ହଉ ହଉ, ଚାଲ୍ ।" ଭାବିଲି, ଯେ ତା କହନ୍ତୁ 'ନଈରେ ଘର କରି କୁମ୍ଭୀରକୁ ଡର ?' ସେମାନଙ୍କ ଗଉଡ଼ପୁଅର ଜଙ୍ଗଲରେ ଘର । ସେ କେତେ ବାଘ ସଙ୍ଗେ ମୁକାବିଲା କରିବଣି । ଆଉ ଏବୁ ପିଲିଟା କିଛି କଥା ନୁହେଁ ।
[illegible] ବର୍ଷର ଛୁଆଟେଣ୍ଡେ ତା'ର ସାହସ ଦେଖ ! ସେ ନିର୍ଭୟରେ ଆଗେ ଆଗେ ଚାଲି ଆସିଲୁ ଘଟଣାସ୍ଥଳରେ ପହଞ୍ଚି ଦେଇ ମଇଁଷିଙ୍କ ଚାରିରେ ଫେରିଯିବାକୁ ଉଦ୍ୟତ ହେଲା । ମନ ଏକୁଟିଆ ଫେରିବା ନିରାପଦ ନୁହେଁ ମନେ କରି ମୁଁ ତାକୁ ଛାଡ଼ିଲି ନାହିଁ ।

ଏହାପରେ ଆମେ ମଡ଼ର ସନ୍ଧାନରେ ଲାଗିପଡ଼ିଲୁଁ । ଅଳ୍ପକ୍ଷଣରେ ଛଡ଼ାର ଦାଗ ଓ ଘୋଷଡ଼ା ଚିହ୍ନ ମିଳିଗଲା । ରକ୍ତ ଦାଗଗୁଡ଼ାକ ଶୁଖିଯାଇଥିଲା । ତହିଁରେ ପିମ୍ପୁଡ଼ି ଲାଗିଯାଇଥାନ୍ତି । ଏଥିରୁ ଅନୁମାନ, ଏହା ସକାଳର ଘଟଣା । ପାଦଚିହ୍ନରୁ ସ୍ପଷ୍ଟ ହୋଇଗଲା ଏହା କେନ୍ଦୁଆର କାମ । ସମ୍ଭବତଃ ପରେ ତାକୁ ଆହାର ମିଳିଛି । ସେ ତାହାର ଭୋଜନ ଉପରେ ମସ୍‌ଗୁଲ୍ ଥିବା ଅସମ୍ଭବ ନୁହେଁ । ବାଘ ଆହତ ହେଲେ କିମ୍ବା ଆହାର ଉପରେ ବାଧାପ୍ରାପ୍ତ ହେଲେ କ୍ରୋଧାନ୍ଧ ହୋଇପଡ଼େ । ଏହାକୁ ଘୋର ବିପଜ୍ଜନକ ଅବସ୍ଥା ମନେକରି ଶିକାରୀ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ମୁଁ ମୋର ସାଥୀ ଓ ଗଉଡ଼ ପିଲାକୁ ସେଇଠାରେ ବସାଇଦେଇ ଅଗ୍ରସର ହେବାକୁ ଲାଗିଲି । ଅତ୍ୟନ୍ତ ସାବଧାନତାର

Digitized by srujanika@gmail.com

ସାତ ପାଦ ଗଣି ଗଣି ଚାଲୁଥାଏଁ । ପ୍ରାୟ ଏକ ଫର୍ଲଙ୍ଗ ବାଟ ଗଲାପରେ ମଢ଼ ନିକଟରେ ଉପସ୍ଥିତ ହେଲୁ । ଦେଖିଲୁ, ବାଘୁଣୀ ମଢ଼ର ଅର୍ଦ୍ଧାଧିକ ମାଂସ ଖାଇ ଗଲାଣି ସମସ୍ତ ପୂର୍ବରୁ ଗୁଡ଼ ଚାଲିଯାଇଛି । ମଢ଼ ଖୋଲା ସ୍ଥାନରେ ପଡ଼ିଥିଲା । ଏଥିରୁ ସ୍ପଷ୍ଟ ହୋଇଗଲା ଯେ, ସେ, ଆଉ ମଢ଼ ଉପରକୁ ଆସିବ ନାହିଁ । ଆସିବାର ଇଚ୍ଛା ଥିଲେ ମଢ଼କୁ ଲୁଚାଇଦେଇ ଯାଇଥାନ୍ତା । ସୁତରାଂ ସେଦିନ ହତାଶ ମନରେ ଫେରିଆସିବାକୁ ପଡ଼ିଲା ।

୭

ଆମେ ମଞ୍ଚ ବାନ୍ଧି ନଥୁଁ । ମଢ଼ ଉପରେ ଜଗିକରି ବସୁଁ । ଯାତାୟାତ ପଥରେ ଉଚାଟର ହୋଇ ପହରା ଦେଉଁ । ଯଦିଓ ଝଲକରେଖା ସଦୃଶ ମୁହୂର୍ତ୍ତକ ପାଇଁ ବେଳେବେଳେ ଦର୍ଶନ ମିଳେ, ତା' ଉପରକୁ ହାତ ପାଏ ନାହିଁ । ଆମେ ହତୋତ୍ସାହ ନ ହୋଇ ନୂଆ ନୂଆ ଉପାୟ ଉଦ୍ଭାବନ କରିବାରେ ଲାଗିପଡ଼ିଥାଉଁ ।

ମୁଁ ଆଗରୁ କହିଛି, ବାଘୁଣୀ ଗ୍ରାମର ଅନତିଦୂରରେ ଥିବା ପାହାଡ଼କୁ ହେଡ୍‌କ୍ୱାର୍ଟରରେ ପରିଣତ କରିସାରିଲାଣି । ପାଖଆଖର ଲୋକେ ଜଙ୍ଗଲରେ ପ୍ରବେଶ କରିବାକୁ ସାହାସ କରୁ ନ ଥାନ୍ତି । କିନ୍ତୁ ଜୀବନଧାରଣର ସାମଗ୍ରୀ ସଂଗ୍ରହ କରିବାକୁ ଓ କ୍ଷୁଧାର ନିବୃତ୍ତି ପାଇଁ ମନୁଷ୍ୟ କଠିନରୁ କଠିନ କାର୍ଯ୍ୟ କରିବାକୁ ଉଦ୍ୟତ ହୁଏ । ସମୟ ସମୟରେ ମୃତ୍ୟୁ ସଙ୍ଗେ ମଧ୍ୟ ଲଢ଼ିବାକୁ ବାଧ୍ୟ ହୋଇପଡ଼େ । ଆମ୍ଭେମାନେ ଜଙ୍ଗଲକୁ ଯାଉଁ । ଗାଁର ଗାଈଗୋରୁ ମଧ୍ୟ ଯାଆନ୍ତି । ବେଳେବେଳେ କୌଣସି ନା କୌଣସି ଗାଈଗୋରୁକୁ ଧରି ମାରିଦିଏ । ବେଳେବେଳେ ସ୍ତ୍ରୀ ଅବଳାଙ୍କୁ ତାର ସୁଆଦ ନେଲା କି ନା, ଜଣାନାହିଁ । କାରଣ ଅନେକ ଅନୁ ବେଲ କହନ୍ତି । ମାତ୍ର ସେଥିରୁ ଅନୁମାନ । ବୋଧହୁଏ ସେ ସ୍ତ୍ରୀମାନଙ୍କର ଦୁର୍ବଳତାର କିଛି ଆଭାସ ପାଇଯାଇଥିଲା । ସେଥିପାଇଁ ସ୍ତ୍ରୀଙ୍କୁ ଅଧିକ ସଂଖ୍ୟାରେ ମାରେ । ଏଥିରେ କୌଣସି ସନ୍ଦେହ ନାହିଁ—ପ୍ରତ୍ୟେକ ମଣିଷଖିଆ ବାଘ ଅଧିକାଂଶ ସ୍ଥଳରେ ସ୍ତ୍ରୀଲୋକଙ୍କୁ ହତ୍ୟା କରନ୍ତି । ଯେବେ ତାହାଙ୍କୁ ବାଘୁଣୀ ମାରିଦିଏ, ତେବେ ଦୁଇ ଚାରିଦିନ ସକାଶେ ଲୋକମାନେ ଜଙ୍ଗଲକୁ ଯିବା ବନ୍ଦ କରିଦିଅନ୍ତି । ଜଙ୍ଗଲରୁ ଜାଳ-କାଠ ଓ ଫଳମୂଳ ସଂଗ୍ରହ କରିବା ପ୍ରାୟତଃ ସ୍ତ୍ରୀମାନେ କରନ୍ତି । ପୁଣି ସେମାନେ ଜଙ୍ଗଲକୁ ନ ଯିବା କିପରି ସମ୍ଭବ ହୋଇପାରେ ? ଜୀବନ

Digitized by srujanika@gmail.com

ରକ୍ଷାର ପ୍ରଶ୍ନ ଥିଲା । ନିତାନ୍ତ ନାଚାର ହୋଇ ୮୦। ୯ ଜଣ ଲୋକେ ଦଳବଦ୍ଧ ଭାବରେ ଯାଉଥିଲେ । କେବେହେଲେ ସୁବିଧା ପାଇ ଝାମ୍ପ ମାରୁଥିଲା ।

ସେଦିନ ମୁଁ ଖରାବେଳେ ଖାଇସାରି ବାରଣ୍ଡାରେ ବସି ଗପ ସପ କରୁଛୁ । ଦିନ ଗୋଟାଏ ସମୟ । ଜଣେ ପ୍ରୌଢ଼ା ସ୍ତ୍ରୀଲୋକ ଅସ୍ତବ୍ୟସ୍ତ ଭାବରେ ଆମ କ୍ୟାମ୍ପ ଅଭିମୁଖେ ଦୌଡ଼ି ଆସିବାର ଦେଖାଗଲା । ଦୌଡ଼ିବାରେ ତା'ର ଅସାମର୍ଥ୍ୟ ଓ ଆତଙ୍କ ଅବସ୍ଥା ସ୍ପଷ୍ଟ ଭାବେ ହୋଇପଡୁଥାଏ । ମୁହୂର୍ତ୍ତେ ବିଳମ୍ବ ନ କରି ମୁଁ ତା ଆଡ଼କୁ ଦୌଡ଼ିଗଲି । ତା' ନିକଟରେ ପହଞ୍ଚିବା ମାତ୍ରେ ସେ ଥପ୍‌କରି ବସିପଡ଼ିଲା; ମାତ୍ର ତା ମୁହଁରୁ ବାକ୍ୟ ସ୍ଫୁରିଲା ନାହିଁ । ଲୋଟାଏ ପାଣି ନେଇ ଦୌଡ଼ି ଆସିବାକୁ ନେପାଳୀକୁ ଡାକ ପକାଇଲି । ଚତୁର୍ଦ୍ଦିଗରେ ଆଖି ପକାଇ ଦେଖିଲି, ଆତଙ୍କର କୌଣସି ଚିହ୍ନ ନାହିଁ । ସେ ପାଣି ପିଇ ଟିକିଏ ସୁସ୍ଥ ହେବା ପରେ ତା'ଠାରୁ ବୁଝିଲି ସେମାନେ ଗୋଷ୍ଠୀବଦ୍ଧ ହୋଇ ୧୬ ଜଣ ସ୍ତ୍ରୀଲୋକ ଜାଳେଣି କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିଲେ । କାଠ ସଂଗ୍ରହ କରୁଥିବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ହଠାତ୍ ବାଘ ଦେଖି ଚିତ୍କାର କରିଉଠିଲା । ସେମାନେ ସମସ୍ତେ ଏକତ୍ରିତ ହୋଇ ପ୍ରତିରୋଧ କରିବା ସତ୍ତ୍ୱେ ୧୦। ୪ ବର୍ଷର ଗୋଟିଏ ବାଳକକୁ ବାଘ ନେଇଗଲା । ତାହାକୁ ବାଘ ମୁହଁରୁ ରକ୍ଷା କରିବା ଅବକାଶ ସମସ୍ତେ ପ୍ରାଣପଣ କରି ଲାଗିପଡ଼ିଲେ । ଏ ସ୍ତ୍ରୀଲୋକଟି ମୋତେ ଖବର ଦେବାକୁ ଦୌଡ଼ିଆସିଛି । ମୁଁ କାଳ ବିଳମ୍ବ ନ କରି ନେପାଳୀକୁ ସାଙ୍ଗରେ ନେଇ ଜଙ୍ଗଲକୁ ଛୁଟିଗଲି ।

ପ୍ରାୟ ଏକ ମାଇଲ ପଥ ଅତିକ୍ରମ କଲାପରେ ଆହତ ବାଳକକୁ ନେଇ ଅନ୍ୟମାନେ ଫେରୁଥିବାର ଦେଖିଲୁଁ । ଆମକୁ ଦେଖିବା ମାତ୍ରେ ତା' ମାଆର ଶୋକସାଗର ଉଛୁଳି ଉଠିଲା । ତାହାର କରୁଣ କ୍ରନ୍ଦନରେ ପାଷାଣ ତରଳିଯିବ । କ୍ଷଣକାଳପାଇଁ ମୁଁ ବିବ୍ରତ ହୋଇପଡ଼ିଲି । ତା'ପରେ ଯାଇ ଦେଖିଲି; ବାଳକଟି ଦେହର ଲୁଗାଖଣ୍ଡ ଚିରି ଛିଣ୍ଡି ଅସ୍ତବ୍ୟସ୍ତ ହୋଇପଡ଼ିଛି । ତା' ଆଡ଼କୁ ଚାହିଁହେଉ ନାହିଁ । ମୋର ସାଥୀ ନେପାଳୀର ଗାମୁଛା ଖଣ୍ଡ ଦେଇ ତାକୁ ଘୋଡ଼ାଇ ଦେବା ସଙ୍କେତ କଲି । ଗାମୁଛା ଘୋଡ଼ାଇ ଦେବା ପରେ ମୁଁ ପରୀକ୍ଷା କରି ଦେଖିଲି, ତାହାର ବେକରେ ବାଘର ଦୁଇଟି ତୀକ୍ଷ୍ଣ ଦାନ୍ତ ବସିଛି । ଦାନ୍ତଗୁଡ଼ିକ ଚର୍ମ ଭେଦକରି ମାଂସପେଶୀକୁ ସ୍ପର୍ଶ କରିଛି । ମାତ୍ର ଶିରା ପ୍ରଶିରା ବା ହାଡ଼ ଉପରେ

Digitized by srujanika@gmail.com

ଆଘାତ ଲାଗିନାହିଁ । ତେଣୁ ବାଳିକାର ଜୀବନ ପ୍ରତି କୌଣସି ଆଶଙ୍କା ନାହିଁ ବୋଲି ମୁଁ ନିଃସନ୍ଦେହ ହେଲି । ତା'ର ମା'ଙ୍କୁ ସାନ୍ତ୍ୱନା ଦେଲି । ଗ୍ରାମରେ ପହଞ୍ଚି ମୁଁ ନିଜ ହାତରେ ବାଳିକାଟିର ଚିକିତ୍ସା କରିବାରେ ଲାଗିପଡ଼ିଲି । ଜରୁରୀ ଅବସ୍ଥା ପାଇଁ ସର୍ବଦା କେତୋଟି ଔଷଧ ମୋ ପାଖରେ ରକ୍ଷିତ ଥାଏ । ପଟାସ ପାରମାଙ୍ଗାନେଟ୍ ପାଣିରେ କ୍ଷତସ୍ଥାନ ଉତ୍ତମରୂପେ ଧୋଇ ଔଷଧ ଲଗାଇ ପଟି ବାନ୍ଧିଦେଲି । ଗରମ ଦୁଧ ସହ କିଛି ବ୍ରାଣ୍ଡି ମିଶାଇ ଖୁଆଇଦେଲି । ସେ ଟିକିଏ ସୁସ୍ଥ ହୋଇ ଶୋଇଲା । ସେତେବେଳକୁ ୪ଟା ସମୟ । ଡାକ୍ତରଖାନା ନେବାକୁ ବେଳ ନାହିଁ । ରାତି ପାହିଲେ ଅବସ୍ଥା ଦେଖି ବ୍ୟବସ୍ଥା କରାଯିବ ।

ଏହାପରେ ମୁଁ ତା'ର ମାଆଙ୍କୁ ଡାକିଆଣି ଘଟଣା ବିଷୟରେ ବୁଝି ବସିଲି । ସେ ଯାହା ବର୍ଣ୍ଣନା କଲେ, ମୁଁ ଅବାକ୍ ହୋଇଗଲି । ଯେ କେହି ଶୁଣିବ ସ୍ତମ୍ଭୀଭୂତ ହୋଇଯିବ । ସେ କହିଲେ—"ଆମେ ୧୦।୧୨ ହାତ ଛଡ଼ାରେ କାଠ ହାଣୁଥାଉଁ । ଆମ ମଧ୍ୟରେ କଥାବାର୍ତ୍ତା ମଧ୍ୟ ଚାଲିଥାଏ । ଅନ୍ଦାଜ ଦୁଇ ଘଣ୍ଟା ପରେ ହଠାତ୍ ଶୁଭିବାର 'ବାଘ' 'ବାଘ' ବୋଲି ହୁଲିର ଶୁଭିଲା । ଆମେ ସମସ୍ତେ ଏକଜୁଟ ହୋଇ ହୋ ହୋ କରିବାକୁ ଲାଗିଲୁଁ । ବାଘ ଆକଟାଇ ସ୍ୱରଅଡ଼କୁ ଅନାଇଥାଏ । ମୋ ସାନଝିଅ ଟିକିଏ ଦୂରେଇକରି ଥିଲା । ସେ ଆମ ଅଡ଼କୁ ଦୌଡ଼ିଆସିବାବେଳେ ବାଘ ତା' ଆଡ଼କୁ ଚମକି ଗଲା । ଆମେ ହୁଁ। ହୁଁ। କରୁ କରୁ ତା' ବେକରୁ ଧରି ଦୌଡ଼ିଲା । ଆମେ ସମସ୍ତେ ହୋ ହୋ କରି ବାଘ ପଛରେ ଲାଗିଥାଉଁ । ପଥର, କଣ୍ଟା ପୁଣି ଅନ୍ଧାରରେ ଦୌଡ଼ିପାରୁ ନ ଥାଉଁ । ମୋ ଝିଅ ଡାକ ପକାଉଥାଏ—"ବୋଉଲେ, ବାଘ ନେଇଗଲା । ମୋତେ ରକ୍ଷାକର ।"
ଏଇପର୍ଯ୍ୟନ୍ତ କହି ଥମିଗଲା । ତା'ର ଶୋକୋଚ୍ଛ୍ୱାସ ଏତେ ପ୍ରବଳ ହୋଇଉଠିଲା ଯେ, ସେ କଥା କହିପାରିଲା ନାହିଁ । ଆଖିରୁ ଅନର୍ଗଳ ଲୁହଧାର ବହି ଚାଲିଥାଏ । ମୋର ସାନ୍ତ୍ୱନା ପାଇ ପୁଣି ସେ ତା'ର କହିବା ଆରମ୍ଭ କଲା—"ଆମେ ସମସ୍ତେ ବଣ ବୁଦା ମାଡ଼ି ବାଘ ପଛେ ପଛେ ଦଉଡ଼ୁଥାଉଁ । କିଛିଦୂର ଗଲାପରେ ବାଘ ଝିଅକୁ ଛାଡ଼ିଦେଇ ଘୋର ଗର୍ଜନ କରି ଆମଆଡ଼କୁ ଛୁଟିଆସିଲା । ମୁଁ ଜୀବନକୁ ପାଣି ଛାଡ଼ିଦେଇ ତା' ମୁଣ୍ଡକୁ କଟୁରିରେ ଚୋଟେ ପକାଇଲି । ସେ ଦଣ୍ଡହାତ ପଛକୁ ଅପସରି ଗଲା । ଏହି ସମୟରେ ଝିଅ ଡାକ ଛାଡ଼ିଲା—"ବୋଉଲେ, ମୁଁ ଉଠିପାରୁନାହିଁ; ମୋତେ ନେଇଯାଅ ।" ମୁଁ ସେଠାରୁ ଆସ୍ତେ ଯାଇଆସି ଝିଅ

Digitized by srujanika@gmail.com

ପାଖକୁ ଦୌଡ଼ିଗଲି । ଝିଅଙ୍କୁ ସେଠାରୁ ବାହାରକରି ଟେଣ୍ଟରୁ ବୁଲିଗଲି । ଅନ୍ୟମାନଙ୍କ ଚିତ୍କାର ଓ ବାଘର ଗର୍ଜନରେ ଜଙ୍ଗଲ ଫାଟିପଡ଼ୁଥାଏ । ଘୋଡାଏ ଘଣ୍ଟା ଧରିଗଲା । ବାଘ ଆଉ କାହାକୁ ଧରିପାରିଲା ନାହିଁ । ସେ ପଛଘୁଞ୍ଚା ଦେଲା । ସେମାନେ ସମସ୍ତେ ମୋତେ ଡାକ ଡାକ କରିଲେ । ମୁଁ ଜବାବ ଦେଲି । ସମସ୍ତେ ଏକାଠି ହୋଇ ଘରକୁ ଆସିଲୁଁ ।”

ସେମାନଙ୍କର ସାହସ ଓ ଏକତାକୁ ଧନ୍ୟବାଦ ନ ଦେଇ ରହିପାରିଲି ନାହିଁ । ଝିଅ ବିଷୟରେ କୌଣସି ଚିନ୍ତା ନ କରିବାକୁ ଉପଦେଶ ଦେଲି । ରାତିରେ ଝିଅର କିଛି ହେଲେ ସଙ୍ଗେ ସଙ୍ଗେ ମୋତେ ଖବର ଦେବାକୁ କହି ମୁଁ ଆମର କ୍ୟାମ୍ପକୁ ଫେରିଲି ।

ମୁଁ ଅନ୍ୟତ୍ର ଉଲ୍ଲେଖ କରିଛି— ବାଘର ପ୍ରକୃତି, ଶିକାର ଧରିବା ସଙ୍ଗେ ସଙ୍ଗେ ମାରେ ନାହିଁ । ସେ ତାହାର ଶିକାରକୁ ପ୍ରଥମେ ଧରି ଏକାନ୍ତ ସ୍ଥାନକୁ ନେଇଯାଏ । ସେଠାରେ ତାକୁ ମାରେ । ତା'ପରେ ଖାଇବା ଆରମ୍ଭ କରେ । ବାଘ ବାଳିକାକୁ ଧରିଥିଲା ସତ, କିନ୍ତୁ ତାକୁ ମାରି ନ ଥିଲା ; ଗାଉଁଲୀଙ୍କ ପ୍ରତିରୋଧ ଫଳରେ ଛାଡ଼ିଦେଲା ।

ମୁଁ କ୍ୟାମ୍ପକୁ ଫେରିଲି । ନେପାଳାନନ୍ଦ କପେ ଚା’ ଆଣି ମୋ ପାଖରେ ଥୋଇଲା । ଚା’ ଖାଇବା ସଙ୍ଗେ ସଙ୍ଗେ ବାଘୁଣୀର ଠିକଣା ବିଷୟରେ ଆମ ମଧ୍ୟରେ ଚର୍ଚ୍ଚା ଚାଲିଥାଏ । କିଛି ସମୟ ପରେ ରଞ୍ଜିତ ସେନ ପ୍ରବେଶ କରି ଥରଟାଏ ଆହତ ବାଳିକାକୁ ଦେଖିନେବା ଆବଶ୍ୟକ । ମୁଁ ଚାଲିଗଲି । ସେଠାରେ ଉପସ୍ଥିତ ହୋଇ ଦେଖିଲି, ବାଳିକାଟି ତନ୍ଦ୍ରାଚ୍ଛନ୍ନ ଭାବରେ ପଡ଼ିରହିଛି । ମୁଁ ତା’ ପାଖରେ ବସି ଦେଖୁଥାଏଁ । ୪।୫ ମିନିଟ ପରେ ବାଘ···ବାଘ କହି ଚିତ୍କାର କରି ଉଠିପଡ଼ିଲା । ଅଳ୍ପ ବେଳେ ସେତେବେଳେ ପାଇଁ ପ୍ରକୃତିସ୍ଥ ହୋଇ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲା । ଏହା ପୂର୍ବରୁ ମଧ୍ୟ ଏହିପରି ଭାବରେ ବଳବିଳେଇ-ଥିବାର ଶୁଣିଛି । ଏପରି ଅବସ୍ଥାକୁ ‘ବାଘ ଭେଳିକି ଲାଗିବା’ କୁହାଯାଏ । ଏହା ବାଘ କାମୁଡ଼ିବା ଅପେକ୍ଷା ଅଧିକ ମାରାତ୍ମକ । ଏଥିପାଇଁ ଜରୁରୀକାଳୀନ ଔଷଧ ଆବଶ୍ୟକ । ଔଷଧ ମିଳିବ ବା କାହୁଁ ? ରାତି ଶେଷ ହେବା ପାଇଁ ମୋତେ ଉତ୍କଣ୍ଠା ଆସିଲା । ବାଳିକାଟିର ଶୋଚନୀୟ ଅବସ୍ଥା ଦେଖି ଯାଇବାକୁ ଇଚ୍ଛା ହେଲା ନାହିଁ ।

Digitized by srujanika@gmail.com

ଯାହାତାହା ଦ'ଗୁଣ୍ଡା ଖାଇଦେଇ ପୁଣି ଫେରିଆସିଲା । ବଡସାହବ ଜଗି ତା' ଘରରେ ତମ୍ବୁ ଦେଇଥାଏଁ । ସକାଳ ହେବାମାତ୍ରେ ଘଟଣ ଡାକ୍ତର ଖାନାକୁ ପଠାଇଦେଇ ମୋର ଡାହ୍ନିରୁ ଘୋଷାଡିଲା । ଦୁଇ ମାସଙ୍କ ପରେ ବାଲକଟି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଘରକୁ ଫେରିଲା ।

୬

ଫେବୃୟାରୀ ମାସର ମଧ୍ୟଭାଗ । ସନ୍ଧ୍ୟା ୭ଟା ସମୟ । ଖବର ମିଳିଲା— ତମଣା ଗ୍ରାମର ଜଣେ ଅଷ୍ଟାସ୍ତ ବଂସାଳେଷ୍ଟା ଝଣୀ ଝଣତା ପାଣି ଅନ୍ଧାରୁଆ ଗ୍ରାମକୁ ଯାଉଥିଲା । ସକାଳ ୮ଟା ସମୟରେ ପଟିଆ ଓ ଅନ୍ଧାରୁଆ ଜଙ୍ଗଲର ଦୋହମାଳିରୁ ତାକୁ ବାଘ ନେଇଗଲା । ଏପରି ଅବସ୍ଥାରେ ଆମର ଆଉ କର୍ତ୍ତବ୍ୟ କ'ଣ ? ରାତି ପାହିଲେ ସନ୍ଧାନରେ ଯିବାର ସ୍ଥିର ହେଲା । ପରଦିନ ଅତି ପ୍ରତ୍ୟୁଷରୁ ହନ୍ତ ପଶୁହତା ବୁଢା ଶ୍ରୀଧର ଓ ନେତ୍ରାନନ୍ଦ ସହିତ ସନ୍ଧାନରେ ବାହାରିଗଲି । ଭୁଜମଣ୍ଡଳରୁ ଅନ୍ଧାରୁଆ ୨ ମାଇଲ । ଅନ୍ଧାରୁଆରୁ ପଟିଆ ଜଙ୍ଗଲ ଦୋହମାଳି ୨ ମାଇଲ । ଏହି ୪ ମାଇଲ ରାସ୍ତା ନିବିଡ଼ ଜଙ୍ଗଲ ମଧ୍ୟ ଦେଇ ପଡ଼ିଅଛି । ଆମ୍ଭେମାନେ ଯଥାସମୟ ରାସ୍ତାଧାର ଘଟଣା ସ୍ଥଳରେ ପହଞ୍ଚିଲୁଁ । ରାସ୍ତା ଉପରେ ଦୁର୍ଘଟଣା ଘଟିଥିବାରୁ ସେ ସ୍ଥଳ ଖୋଜି ବାହାର କରିବାକୁ ବିଶେଷ କଷ୍ଟ ହେଲାନାହିଁ । ରକ୍ତର ଦାଗ ଓ ଘୋଷଡ଼ା ଚିହ୍ନକୁ ଅନୁସରଣ କରି ଯାଉ ଯାଉ ଅଷ୍ଟାସ୍ତର ପିନ୍ଧାଲୁଗା ଓ ବଟୁଆ ମିଳିଲା । ବଟୁଆରେ ପାନ ଖାଇବା ସରଞ୍ଜାମ ବ୍ୟତୀତ ୦ ଟଙ୍କାର ଖୁଚୁରା ମଧ୍ୟ ଥିଲା । ଆହୁରି କିଛିଦୂର ଅଗ୍ରସର ହେବା ପରେ ଶବ ପଡ଼ିଥିବାର ଦେଖିଲୁଁ । ବାଘୁଣୀ ଶବର ପିଛ ଜଙ୍ଘରୁ କିଛି ମାଂସ ଖାଇ ଛାଡ଼ିଯାଇଛି । ଅନ୍ୟାନ୍ୟ ଅଂଶ ଅକ୍ଷୁର୍ଣ୍ଣ ଥାଏ । ଏଥିରୁ ଅନୁମାନ, ସେ ମଢ଼ା ଉପରକୁ ପୁନରାୟ ଆସିବ ରେ । ଆମ୍ଭେମାନେ ଅତ୍ୟନ୍ତ ଆଗ୍ରହର ସହ ଏକ ସୁଦୃଢ଼ ମଞ୍ଚା ପ୍ରସ୍ତୁତ କଲୁଁ । ଶବକୁ ବିଲୁଆ, ଶାଗୁଣା ମୁହଁରୁ ରକ୍ଷା କରିବା ପାଇଁ ସେ ଡାଳପତ୍ରରେ ଆଚ୍ଛାଦିତ କରି କ୍ୟାମ୍ପକୁ ଫେରିଆସିଲୁଁ ।

ବେଙ୍ଗରପାଙ୍କୁ ମାରିବାର ଗୋଟିଏ ଅପୂର୍ବ ସୁଯୋଗ ମିଳିଛି । ଖାଇବା-ପିଇବାରେ ସେପରି ସ୍ପୃହା ନ ଥାଏ । ନାମକୁ ମାତ୍ର ପାନାହାର କରି ପୁଣି ଦିନ ୨ଟା ବେଳକୁ ନେତ୍ରାନନ୍ଦ ସହ ବାହାରିପଡ଼ିଲି । ଭୁଜମଣ୍ଡଳରେ ଆଉ କ୍ୟାମ୍ପ

Digitized by srujanika@gmail.com

ରଖିବା ଆବଶ୍ୟକ ମନେକଲେନାହିଁ । ତ୍ୟାମର ଅନ୍ୟ ଲୋକଙ୍କୁ ସମସ୍ତ ଜନପଦ ସହ ଗ୍ରାମକୁ ଫେରିଯିବାପାଇଁ ଆଦେଶ ଦେଲେ । ଆମେ ଛ'ଟା ପୂର୍ବରୁ ମଞ୍ଚାରେ ବସିଗଲୁ । ମନୁଷ୍ୟ ମଞ୍ଚ ଉପରେ ବାଘକୁ ଜଗିକରି ବସିବା ମୋର ଏଇ ପ୍ରଥମ । ବାଘକୁ ମୋର ଭୟ ବା ଶଙ୍କା ନ ଥାଏ । କିନ୍ତୁ ଶବ ଦର୍ଶନରେ ମୋର ମନ ଦବିଯାଏ । ସତ କହିବାକୁ ଗଲେ ଏହା ମୋର ଏକ ଦୁର୍ବଳତା । ଫୁଲିଯାଇଥିବା ଶବର ବିକୃତ ମୁଖ ମୋ ପକ୍ଷରେ ଅତ୍ୟନ୍ତ ଭୀତିପ୍ରଦ । ଶୁକ୍ଳପକ୍ଷ ରାତି । ଜ୍ୟୋତ୍ସ୍ନାଲୋକରେ କାନନର ପ୍ରାକୃତିକ ଶୋଭା ସନ୍ଦର୍ଶନ ପ୍ରତି ଚିତ୍ତ ଆକୃଷ୍ଟ ହେଲା ନାହିଁ । ମନୁଷ୍ୟର ଆୟୁ କ୍ଷଣସ୍ଥାୟୀ ଓ ଅନିଶ୍ଚିତ । ତା'ର ବଳ, ଗର୍ବ, ଦମ୍ଭ, ଅଭିମାନ ସବୁ ବୁଦ୍‌ବୁଦ ପ୍ରାୟ । ଏହିପରି କେତେକଣ ଦାର୍ଶନିକ ଚିନ୍ତାରେ କିଛିକ୍ଷଣ ନିମଗ୍ନ ହୋଇପଡ଼ିଲି । ଟିଟିଭ ପକ୍ଷୀର ଚିତ୍କାରରେ ହଠାତ୍ ମୋର ଧ୍ୟାନଭଗ୍ନ ହେଲା । ଏହା ବାଘୁଣୀ ଆସିବାର ସ୍ପଷ୍ଟ ସୂଚନା । ମୁଁ ସତର୍କ ହୋଇଗଲି । ସେ ଘଟଣାସ୍ଥଳକୁ ଆସିବାର ନିଶ୍ଚିତ ସଙ୍କେତ ମିଳିଲା । କିନ୍ତୁ ମଞ୍ଚ ଉପରକୁ ନ ଆସି ଆମ ବୃକ୍ଷପାଖରେ ଟହଲ ମାରୁଥାଏ । କେତେ ଚତୁରା ସେ ! ମଞ୍ଚ ଉପରକୁ ଆସିଲା ନାହିଁ । ରାତି ଅଧ ହେଲା । ଆମେ ନିରୁତ୍ସାହ ହୋଇ ବସିଥାଉ । ଆମର ଅନତି ଦୂରରେ ପଟିଆ ଜଙ୍ଗଲ ଓ ଅନ୍ଧାରୁଆ ଖଜର୍ଭ ଜଙ୍ଗଲକୁ ସଂଯୁକ୍ତ କରୁଥିବା ସରହଦ ପଡ଼ିଅଛି । ବାଘୁଣୀ ମଝେ ମଝେ ହାଣ୍ଡୋଳ ଗ୍ରାମ ଏହି ସରହଦରେ ଟହଲିବାରେ ଲାଗିଥାଏ । ପ୍ରାୟ ଦୁଇଘଣ୍ଟା ପରେ ରାତିର ଶେଷ ପ୍ରହର ବେଳକୁ ବାଘ, ବାଘୁଣୀ ହାଣ୍ଡୋଳର ପ୍ରାନ୍ତର ଦେଲ । କିଛି ସମୟ ପରେ ଦୁହେଁ ଏକତ୍ରିତ ହେବାର ଆମ୍ଭେମାନେ ସ୍ପଷ୍ଟ ବୁଝିପାରିଲୁ । ନଭେମ୍ବରରୁ ଏପ୍ରିଲ ମାସ ମଧ୍ୟରେ ବାଘୁଣୀଙ୍କର ଗର୍ଭଧାରଣ ସମୟ । ଏଣୁ ବାଘ ବାଘୁଣୀ ଦ୍ୱାରା ଆକୃଷ୍ଟ ହୋଇ ଆସିବା କିଛି ବିଚିତ୍ର ନୁହେଁ । ଧିରେ ଧିରେ ରାତି ପାହିଲା. କୁକୁଡ଼ା ଡାକିଲେ । ଆମେ ହତାଶ ହେଲୁ । ମଞ୍ଚାରୁ ଓହ୍ଲାଇ ବାଘ ଓ ବାଘୁଣୀର ଚଳବିଧି ଲକ୍ଷ୍ୟ କରିବା ହେଲା ଆମର କାମ ।

ଖୋଜଚନ୍ଦ୍ର ଧରି କିଛିଦୂର ଗଲାପରେ ପଟିଆ ଜଙ୍ଗଲର 'ଚ୍ଚନଭୋଳ ସୋଗ୍' ନାମକ ଏକସ୍ଥାନରେ ପହଞ୍ଚିଲୁ । ଏହି ନିମ୍ନଭୂମିଟି 'ସେଣ୍ଡ୍ରେଗ୍‌ଡୋରଙ୍ଗ' ନାମକ କ୍ଷୁଦ୍ର ପାହାଡ଼ର ପୂର୍ବରେ ଅବସ୍ଥିତ । ଏହାର ଉତ୍ତର ଓ ଦକ୍ଷିଣ ଦିଗର ଭୂମି ଉଚ୍ଚ ଓ ଘନ ଜଙ୍ଗଲରେ ଆବୃତ । ଏଠାରେ ବର୍ଷାଋତୁରେ ଜଳସ୍ରୋତ

Digitized by srujanika@gmail.com

ଗୁଲେ । ଚେଷ୍ଟକର ଏହା ବୃକ୍ଷଲତାଶୂନ୍ୟ ଏକ ବିସ୍ତୃତ ଖୋଲା ପଡ଼ିଆ । ଗତ କେତେଦିନର ଖୋଜଚଲାରୁ ସ୍ପଷ୍ଟ ପ୍ରତ୍ୟକ୍ଷ ହେଲା ଯେ ବାଘୁଣୀ ଏହି ପଡ଼ିଆ ମଧ୍ୟ ଦେଇ ଉତ୍ତର ପାର୍ଶ୍ୱର ଜଙ୍ଗଲକୁ ଯିବାଆସିବା କରୁଛି ଏବଂ ଖୋଲା ପଡ଼ିଆରେ ବୁଲଚାଲ ମଧ୍ୟ କରୁଛି । ତା'ହାର ଗତାଗତ ସ୍ଥାନରେ ଜଗିକରି ବସିଲେ ଭେଟ ମିଳିପାରେ । ଏହା ଗୋଟିଏ ଉତ୍ତମ ସୁଯୋଗ । ସେଦିନ ଆମେ ଗୋଟିଏ ନିରାପଦ ସ୍ଥାନରେ ବାଡ଼ ପ୍ରସ୍ତୁତ କରି ଗ୍ରାମକୁ ଫେରିଆସିଲୁଁ ।

ଚେକେରପା ଖସିଗଲା

୧

ଆଠଦିନ ପରେ ବନ୍ଦୋବସ୍ତରେ ଫେରିବାରୁ ଘରେ ସମସ୍ତଙ୍କର ଉଦ୍‌ବେଗଜନକ ହେବାକୁ ପଡ଼ିଲା । ଈର୍ଷାପରାୟଣ କେତେଜଣ ସିକାରୀ ମୋତେ ଉପହାସ କରିବାକୁ ଛାଡ଼ିଲେ ନାହିଁ । ମୁଁ ମୋର ସଙ୍କଳ୍ପରେ ଦୃଢ଼ ଥାଏଁ । ସଫଳତା ହାସଲ ନହେବା ପର୍ଯ୍ୟନ୍ତ ନୀରବ ରହିବା ଉଚିତ ମନେକଲି । ସେଦିନ ପୁଣି ଦିନ ୨ଟା ସମୟରେ ସାଥୀ ଦୁହିଁଙ୍କ ସଙ୍ଗେ ଜଙ୍ଗଲକୁ ବାହାରିଲୁ । ନାନା ଆଲୋଚନା ମଧ୍ୟରେ ଦ୍ରୁତ ଗତିରେ ଚାଲିଲୁଁ । ପ୍ରାୟ ଏକମାଇଲ୍ ପଥ ଅତିକ୍ରମ କଲାପରେ ୨।୩ ଶହ ଗଜ ଦୂରରୁ ଏକ ଅତି ଅଦ୍ଭୁତ ଘଟଣା ଦୃଷ୍ଟିଗୋଚର ହେଲା । ଗୋଟିଏ ଡେଙ୍ଗାଳିଆ ଆମ୍ବଗଛର ଆଗରେ ଏକ ଭୀଷଣକାୟ ଅଜଗର ସାପ ଫଣା ଟେକି ଶିକାର ସନ୍ଧାନରେ ଚତୁର୍ଦ୍ଦିଗ ନିରୀକ୍ଷଣ କରୁଛି । ଆମ ମନରେ ଘୋର ନୈରାଶ୍ୟ ଜାତ ହେଲା । ଯାତ୍ରା ଶୁଭାଶୁଭ ବିଷୟରେ ଗୋଟିଏ ପ୍ରବାଦ ଅଛି—“ପାଆନ୍ତେ ସାପ, ଡାହାଣେ ଗେଲ, ତେବେ ଜନ ଘର ନ ଯିବ ଫେରି ।” ପୁଣି କଥା ଅଛି—“ସପକୁ ଦେଖି ଯାତ୍ରାକରିବା ଯେତିକ ଅଶୁଭ, ସାପକୁ ମାରି ଯାତ୍ରା କରିବା ସେତିକ ଶୁଭ ।” ସୁତରାଂ ସାପକୁ ନ ମାରି ଶିକାରକୁ ଯିବାକଥା ନୁହେଁ । ମାତ୍ର ଏ ଦୁଃସାହସର ପରିଣାମ ବିଷୟରେ ଭାବିଲାବେଳେ ବି ଦେହ ଶିହରି ଉଠିଲା । ସଙ୍କଳ୍ପର ଉତ୍କଟ ବାସନା ଶିକାରୀକୁ ଇନ୍ଦ୍ରିୟାଧୀନ କରିଦିଏ । ମୁଁ ଇନ୍ଦ୍ରିୟର ଅଧୀନ ହୋଇପଡ଼ିଲି । ଗଛ ଅନ୍ତରାଳରେ ଦେହକୁ ଛପେଇ ଆଗକୁ ଚାଲିଲି । ପ୍ରାୟ ୫୦ ଗଜ ଦୂରରୁ ଫାୟାର କରିବାର ଉତ୍ତମ ସୁଯୋଗ ମିଳିଲା । ଗୋଟିଏ ଗଛ ଡାଳରେ ବନ୍ଧୁକ ଉପରେ ରଖି ଫାୟାର କଲି । ଗୁଳି ଠିକ୍ ଠିକ୍ ଫଣାରେ

Digitized by srujanika@gmail.com

ଲାଗିଲା । ଯେପରି ଡାଳ ଛୁଟେ, ସେହିପରି ସାପ ଲୁସଲୁସ ହୋଇ ତଳେ ପଡ଼ି ଛଟପଟ ହେଉଥାଏ । ମହାଶ୍ୱେତପ୍ରଭ ସୁ···ସୁ ଗର୍ଜନରେ ତା' ପାଖ ମାଡ଼ିବାକୁ ଭୟ ଲାଗିବ । ସାଥୀ ନବଘନ ଏକ ହୃଣ୍ଡାଗ୍ରମ୍ । ସେ ସାପ ଉପରେ ପଥର ବୃଷ୍ଟି କରିବାକୁ ଲାଗିଲା । କ୍ଷଣକରେ ସାପକୁ ମାରି ଲକ୍ଷ୍ୟପଥରେ ଅଗ୍ରସର ହେଲୁଁ । ଏତେବଡ଼ ଅଜଗର ସାପ ମୁଁ କେବେ ଦେଖି ନ ଥିଲି । ତାହାର ଲମ୍ବା ’ ଫୁଟ ଥିଲା । ସାପ ମାରିବ ଏକ ଶୁଭ ସୂଚନା । ଏଣୁ ଶିକାରରେ ସଫଳ ହେବାରେ ଆଶା ବଳବତୀ ହୋଇଉଠିଲା । ୪ଟା ପୂର୍ବରୁ ଆମେ ବାଡ଼ରେ ବସିଗଲୁଁ ।

ଆମ୍ଭମାନେ ଅତି ସତର୍କତା ଅବଲମ୍ବନପୂର୍ବକ ବସିଥାଉ । କେତୋଟି ଖଞ୍ଜନ ପକ୍ଷୀ ଉଡ଼ନ୍ତା କୀଟପତଙ୍ଗ ଶିକାର କରୁଥିବାର ଦୃଷ୍ଟି ଗୋଚର ହେଲା । ସେମାନେ କେତେବେଳେ ତୀର୍ଯ୍ୟକ୍ ଭାବରେ, କେତେବେଳେ ସମାନ୍ତରାଳ ଭାବରେ ପୁଣି କେତେବେଳେ ତଳୁ ଉପରକୁ, ଉପରୁ ତଳକୁ ଝାମ୍ପ ମାରି ଶିକାର ଧରୁଥାନ୍ତି । ଯୁଦ୍ଧବିମାନ ବିଭିନ୍ନ ପ୍ରକାର ଉଡ଼ିବା କୌଶଳ ପ୍ରଦର୍ଶନ କଲାଭଳି ଏମାନଙ୍କର ଶିକାର କୌଶଳ ଦେଖି ଆମେ ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ନିମଗ୍ନ ହୋଇପଡ଼ିଲୁଁ ।

ସେତେବେଳକୁ ଖରା ତେଜ ମଉଳିପଡ଼ିଲାଣି । ନାନାଜାତି ପକ୍ଷୀ ବୃକ୍ଷଶାଖାରେ ବସି ପରସ୍ପର ମଧୁର ଆଳାପରେ ରତ ଥାନ୍ତି । ଗ୍ରୀପିଗ୍ରୀପିକଅ ମଉଳା ଖରାର ତେଜରେ ସବୁଜ ପଡ଼ିଆଟି ସୁନ୍ଦର ଦିଶୁଥାଏ । ଏହି ସମୟରେ ମାଇ ଅଣ୍ଡିରି ହଳେ କୁଟ୍ରା ଚରିଆକୁ ବାହାରିପଡ଼ିଲେ । ସେମାନେ ଯୋଡ଼ିଯାଉଁଳି ହୋଇ ପଡ଼ିଆରୁ ଘାସ ଟୁକୁଥାନ୍ତି । ୫।୧୦ ମିନିଟ ପରେ ହଠାତ୍ ଚମକିଉଠି ଛିହ ଛିହ ହୋଇ ପଳାଇଲେ । ବିପଦର ସୂଚନା ନ ପାଇଲେ କୁଟ୍ରା ଏପରି ହୁଅନ୍ତି ନାହିଁ । ଏହା ବାଘ ଆସିବାର ସଙ୍କେତ । ଆମେ ପରସ୍ପର ଆଙ୍ଗୁଳି ସ୍ପର୍ଶଦ୍ୱାରା ସତର୍କ ହୋଇଗଲୁଁ । ଉଦ୍‌ଗ୍ରୀବ ଦୃଷ୍ଟିରେ ଅନାଇ ରହିଥାଉ । ଅଳ୍ପ କେତେ ମିନିଟ ମଧ୍ୟରେ ବାଘ ଦୃଷ୍ଟିଗୋଚର ହେଲା । ସେ ଜଙ୍ଗଲ କଡ଼ରେ ନିଶ୍ଚଳ ଭାବରେ ଠିଆ ହୋଇ ଦିଗ୍‌ଦର୍ଶନ କରୁଥାଏ । ଯେତେବେଳେ ସେ ନିଜକୁ ନିରାପଦ ମନେକଲା, ସେତେବେଳେ ୨।୩·ବାର ଲମ୍ବା ହାଣ୍ଡୋଳ ଗୁଡ଼ି ପଡ଼ିଆ ମଧ୍ୟକୁ ଓହ୍ଲାଇଆସିଲା । ଏଇ ଆମର ଚିର ଆକାଂକ୍ଷିତ ମଣିଷଖିଆ ବାଘୁଣୀ କେରେସା ।

Digitized by srujanika@gmail.com

ତା'ର ଅର୍ଦ୍ଧମୁଦ୍ରିତ ନେତ୍ର, ଲମ୍ବ ଲମ୍ବ ଜିହ୍ୱା, ଶ୍ୱେତକଣ୍ଠ ତାକୁ ପରିଷ୍କାର ଦେଖାଯାଉଥାଏ । ଆମେ ପଡ଼ିଆର ଉତ୍ତରପାଖ ଜଙ୍ଗଲ କଡ଼ରେ ବସିଥାଉଁ । ସେ ପଡ଼ିଆର ଦକ୍ଷିଣ-ପୂର୍ବ କୋଣରେ ପଡ଼ି ଗଡ଼େଇ ଗଡ଼େଇ ହେଉଥାଏ । ଆମ ପାଖରୁ ତା'ର ଦୂରତ୍ୱ ଅନ୍ଦାଜ ୬ ଶହ ଗଜ । ରାଇଫଲ୍ ହୋଇଥିଲେ କଥା ନ ଥିଲା । ବନ୍ଧୁକ ତା' ଉପରକୁ ପାଇବ ନାହିଁ । ପୂର୍ବରୁ ଯାତାୟତ କରୁଥିବା ରାସ୍ତାରେ ସେଦିନ ସେ ନ ଆସି ଅନ୍ୟ ରାସ୍ତାରେ ଆସିଲା । ଆମେ ସୁଯୋଗ ଅପେକ୍ଷାରେ ବସିଥାଉଁ । ଅଳ୍ପ ସମୟ ପରେ ଆମର ସମ୍ମୁଖସ୍ଥ ଡଗରରେ ନବାଗତ ପଣ୍ଡିର ବାଘଟି ବାହାରି ପଡ଼ିଲା । ସେ ପଡ଼ିଆ ମଧ୍ୟରେ ବସିପଡ଼ି କୁହାଳଚକ୍ର ପରି ଆଖି ଘୂରାଉଥାଏ । ତା' ଉପରକୁ ଫାୟାର କରିବାର ଏପରି ନିଶ୍ଚିତ ସୁଯୋଗ ଆଉ କେବେ କାହାରିକୁ ମିଳି ନ ଥିବ । କିନ୍ତୁ ମୁଁ ଫାୟାର କଲି ନାହିଁ । ମୋର ଏକାନ୍ତ ଇଚ୍ଛା ମଣିଷଖିଆ ବାଘୁଣୀକୁ ମାରିବା । ବାଘ ଉଠିପଡ଼ି ମନ୍ଥରଗତିରେ ବାଘୁଣୀ ଆଡ଼କୁ ଆଗେଇଲା । ବାଘୁଣୀ ମଧ୍ୟ ବୋଧହୁଏ ତା'କୁ ପାଛୋଟିନେବାକୁ ଆଗେଇ ଆସିଲା । ଦୁହେଁ ମିଳିତ ହୋଇ ପରସ୍ପର ଖେଳ କୌତୁକରେ ମାତିଗଲେ । ବାଘୁଣୀ କ୍ରମେ କ୍ରମେ ଗୁଳି କରିବାର ପରିସର ଭିତରକୁ ଆସୁଛି । ମୁଁ ବନ୍ଧୁକ ହାତରେ ଉଠି ପ୍ରସ୍ତୁତ ହୋଇଗଲି । ଆମ ସମ୍ମୁଖରେ ପ୍ରାୟ ୪୦।୫୦ ଗଜ ଦୂରରେ ଦୁହେଁ ଯାକ ମୁହାଁମୁହିଁ ବସିପଡ଼ିଲେ । ମୁଁ ବାଘୁଣୀର ମୁଣ୍ଡକୁ ଲକ୍ଷ୍ୟ କରି ଘୋଡ଼ା ଟିପିଦେଲି । ଆଃ, ଠକ୍ ଶବ୍ଦ ହୋଇ ରହିଗଲା ! କାର୍ଟ୍ରିଜ୍ ଫୁଟିଲା ନାହିଁ ! ମୁଁ ଦୁଃଖରେ ଏକାବେଳକେ ମ୍ରିୟମାଣ ହୋଇପଡ଼ିଲି । ଅପର ବାରେଲ୍‌ର ଗୁଳିଟି ଫାୟାର କରିବା ପାଇଁ ସେତେବେଳେ ମୋର ବୁଦ୍ଧି ସ୍ଫୁରିଲା ନାହିଁ । ବାଘୁଣୀ ମୁହୂର୍ତ୍ତକେ ମାତ୍ର ଅନ୍ତର୍ଦ୍ଧାନ କଲା । କେଡ଼େ ସୂକ୍ଷ୍ମ ଓ ସତର୍କ ସେ ! ବାଘ ଅପେକ୍ଷା ବାଘୁଣୀ ସ୍ୱଭାବତଃ ଅତି ଧୂର୍ତ୍ତ । ଅଧିକନ୍ତୁ ବନ୍ଧୁକ ଆବାଜରେ ସେ ବେଶ୍ ପରିଚିତ ବୋଲି ପ୍ରତିପାଦିତ ହେଲା । ମାତ୍ର ବାଘ ସେହିଠାରେ ବସିରହି କାନ ଟେକି ଛନ ଛନ ଆଖିରେ ଚତୁର୍ଦ୍ଦିଗକୁ ଚାହୁଁଥାଏ । ଜାଣେ ବାଘୁଣୀ ଜଙ୍ଗଲ କଡ଼ରେ ଲୁଚିରହି ବାଘ ଅପେକ୍ଷାରେ ଛିଡ଼ା ହୋଇଛି । ହଠାତ୍ ମୋର ମନେ ପଡ଼ିଗଲା । ମୁଁ ବାଘକୁ ନିଶାଣ ଲଗାଇଲି । ଏହି ସମୟରେ ବାଘ କୁଦା ମାରି ପଳାଇବାକୁ ଆରମ୍ଭ କଲା । ଦୂର ଡିଆଁ ଦେଲା । ତୃତୀୟ ଡିଆଁ ବେଳକୁ ମୁଁ ଫାୟାର କଲି । ସେ ଗୁଳିର ଉତ୍ତର ହୁଙ୍କାର ଜାତ

Digitized by srujanika@gmail.com

ଜଙ୍ଗଲଭିତ୍ର ଗର୍ଜ୍ଜନ ଦ୍ୱାରା ଜଣାଇଦେଇ ଚାଲିଗଲା । ବାଘ ଦେହରେ ଗୁଳି ନ ଲାଗିଲେ ଗର୍ଜ୍ଜନ କରେ ନାହିଁ । ତେଣୁ ଆମେ ସ୍ଥିର କରିନେଲୁଁ, ବାଘ ଦେହରେ ଗୁଳି ଲାଗିଥିବା ନିଶ୍ଚିତ । କିଛି ସମୟ ଅପେକ୍ଷା କରି ଦେଖିଲୁଁ, ବାଘର କୌଣସି ସୋର ଶବ୍ଦ ନାହିଁ । ସେତେବେଳକୁ ଆନ୍ଧାର ଚଉପଟରେ ଖେଳୁଅଛି । ଆମ୍ଭେମାନେ ତଳ ପଡ଼ିଆରେ ମାଡ଼ ସ୍ଥାନ ପରୀକ୍ଷା କରି ଦେଖିଲୁଁ, ଗୁଳି ବାଘର ପେଟରେ ଲାଗି ଫଟିଯାଇଥିବାର ପ୍ରମାଣ ମିଳିଲା । ପେଟରେ ଗୁଳି ଲାଗିଲେ ବାଘ ଶୀଘ୍ର ମରେ ନାହିଁ । ବେଳ ଅବସାନ ପ୍ରାୟ । ସେତେବେଳେ ଘାଇଆ ବାଘର ପିଚ୍ଛା କରିବା ନିପଟ ମୂର୍ଖତା । ଆଜି ନ ହେଲେ କାଲି ସକାଳେ ବାଘ ନିଶ୍ଚୟ ହସ୍ତଗତ ହେବ । ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏତେ ନିକଟରେ ପାଇ କେରେପା ହାତଛଡ଼ା ହୋଇଗଲା । ସେଥିପାଇଁ ମନରେ ଘୋର କ୍ଷୋଭ ଜାତ ହେଲା । ସୁତରାଂ ବାଘକୁ ଗୁଳି କରି ମଧ୍ୟ ଆନନ୍ଦ ଲାଭ କରିପାରିଲି ନାହିଁ । ଅନୁତପ୍ତ ହୃଦରେ ଫେରିଆସିବାକୁ ପଡ଼ିଲା ।

୨

ଘାଇଆ ବାଘକୁ ମାରିବାର ଦାରୁଣ ଦାୟିତ୍ୱ ମୁଣ୍ଡଉପରେ । ଏହି ଗୁରୁଦାୟିତ୍ୱ ଯଥାସମୟରେ ଏବଂ ଉଚିତ ଭାବେ ପାଳନ ନ କଲେ କେତେ ମନୁଷ୍ୟ ଓ ଗୃହପାଳିତ ପଶୁଙ୍କର ଜୀବନ ନାଶ ହେବାର ଆଶଙ୍କା ଅଛି । ମୁଁ ଆଗରୁ କହିଛି, ଘାଇଆ ବାଘକୁ ନ ମାରିବା ପର୍ଯ୍ୟନ୍ତ ବିଶ୍ରାମ କରିବା ଶିକାରୀଙ୍କର ଧର୍ମ ନୁହେଁ । ଏଣୁ ରାତିରେ ସୁନିଦ୍ରା ହେଲା ନାହିଁ । ସକାଳ ହେବାମାତ୍ରେ ମୁଁ ପ୍ରସ୍ତୁତ ହୋଇଗଲି । ଗୁଳି, ବର୍ଚ୍ଛା, ବନ୍ଧୁକ ଆଦି ଧରି ଆମେ ୧।୧ ଜଣ ଲୋକ ଗଲୁ । ରକ୍ତର ଦାଗ ବରାବର ଲାଗିଥାଏ । ତେଣୁ ବାଘର ପିଚ୍ଛା କରିବାରେ କୌଣସି ଅସୁବିଧା ହେଲା ନାହିଁ । ଗୋଟିଏ ସ୍ଥାନରେ ବାଘ ପଡ଼ିଥିବାର ଦେଖାଗଲା । କିନ୍ତୁ ଦୃଷ୍ଟିପାତ ମାତ୍ରେ ବଦୁଂନ୍ତୁ ଗଡ଼ରେ ସେ ଉଠି ପଳାଇଲା । ଏହିପରି ଭାବରେ ୨।୩ ବାର ବାଘର ଭେଟ ମିଳିଲା । କିନ୍ତୁ ଶିକାର କରିବାକୁ ସୁଯୋଗ ମିଳିଲା ନାହିଁ । ଶେଷରେ ବାଘ ଯେଉଁଠାରେ ଯାଇ ପଡ଼ିଲା ସେ ସ୍ଥାନ ଠାବ କଲୁଁ । ଆମେ ଆଗରେ ଦୁଇଜଣ ଶିକାରୀ ଦୁଇଜାଗାରେ ଛକି ରହିଲୁଁ । ଅନ୍ୟ ଲୋକମାନେ ପଛରୁ ହାକ କରି ବାଘକୁ ଘଉଡ଼ାଇଲେ । ଯେତେବେଳେ ସେମାନେ ବାଘର ନିକଟବର୍ତ୍ତୀ ହେଲେ, ସେ ଘୋର ଗର୍ଜ୍ଜନ କରି ଲୋକମାନଙ୍କୁ ଆକ୍ରମଣ

Digitized by srujanika@gmail.com

କଲି । ଆମ ଦଳ ଛତ୍ରଭଙ୍ଗ ହେଲେ । ସେମାନଙ୍କୁ ଆକ୍ରମଣରୁ ରକ୍ଷା କରିବାପାଇଁ ମୁଁ ଦୌଡ଼ି ଆସୁ ଆସୁ ଦେଖିଲି, ବାଘ ଜଣେ ଲୋକର ପଛରେ ଗୋଡ଼ାଉଛି । ଲୋକଟି ଅଧିକ ଦୌଡ଼ି ନ ପାରି ପଡ଼ିଗଲା । ବାଘ ତାକୁ ଧରିବା ଉପରେ । ଏହି ସମୟରେ ମୁଁ ବାଘ ଉପରକୁ ଫାୟାର କଲି । କିନ୍ତୁ ଗୁଳି ତା ଦେହରେ ଲାଗିଲା ନାହିଁ । ଏତେ ତରବରିଆରେ ଲକ୍ଷ୍ୟ ଠିକ୍ ହେବା ସହଜ ନୁହେଁ । କିନ୍ତୁ ବନ୍ଧୁକ ଆବାଜରେ ବାଘ ମୁହଁ ଫେରାଇ ଅନ୍ୟ ଦିଗକୁ ପଳାଇଲା । ତା' ହୋଇ ନ ଥିଲେ ଲୋକଟି ବଞ୍ଚିବା ସମ୍ଭବ ହୋଇ ନ ଥାନ୍ତା ।

ପେଟରେ ଗୁଳି ଲାଗିଥିବାରୁ ପାକସ୍ଥଳୀର ଭସମିଶ୍ରିତ ରକ୍ତର ଧାର ବହୁଥାଏ । ଏଣୁ ବାଘକୁ ଖୋଜି ବାହାର କରିବା କିଛି କଷ୍ଟକର ବିଷୟ ନ ଥିଲା । ଏଥର ଆମେ ଗୋଟିଏ ନୂତନ କୌଶଳ ଅବଲମ୍ବନ କଲୁଁ । ପଲେ ମଇଁଷିଙ୍କୁ ବାଘ ପଡ଼ିଥିବା ଅଗ୍ର (ଅଞ୍ଚଳ) ମଧ୍ୟରେ ଭର୍ତ୍ତି କରି ମୁଁ ଗୋଟିଏ ମଇଁଷିର ଆଢୁଆଳରେ ଛପି ଛପି ଯାଉଥାଏଁ । କିଛିଦୂର ଗଲା ପରେ ମଇଁଷି ବାଘର ଗନ୍ଧ ବାରି ଫଁ ଫଁ ହୋଇ ଅଟକି ଗଲା । ଏଥିରୁ ସ୍ପଷ୍ଟ ବୁଝାଗଲା, ବାଘ ଖୁବ୍ ନିକଟରେ ଅଛି । ମୁଁ ମଇଁଷି ପେଟତଳେ ରହି ଚତୁର୍ଦ୍ଦିଗ ନିରୀକ୍ଷଣ କରୁଥାଏଁ । ଏଣେ ବାଘ ଆମ ଓର ବାରି ପଡ଼ିବା ସ୍ଥାନରୁ ଉଠି ବାଁକୁ ଡାହାଣକୁ ଦେଖି ଦେଖି ଗୋଟିଏ ଗୋଟିଏ ଚାଲିଯାଉଛି । ମୁଁ ମଇଁଷିର ପେଟତଳେ ବସି ନିଶାଣ ଲଗାଇଲି । ଚଞ୍ଚଳ ହେବାରେ କାରଣ ନାହିଁ । ଅଳ୍ପ ଧୀର ବାଘର ଚଟୁଆ ଉପରକୁ ଲକ୍ଷ୍ୟ କଲି । ବନ୍ଧୁକର ମାଛି ମିଶିବା ମାତ୍ରେ ଫାୟାର ହେଲା । ବନ୍ଧୁକ ଆବାଜ ସଙ୍ଗେ ସଙ୍ଗେ ମଇଁଷି ହୁରୁଡ଼ି ଡିଆଁ ମାରିଲା । ତା'ର ଘାତରେ ମୁଁ ଚିତ୍‌ପଟାଙ୍ଗ ହେଲି । ବନ୍ଧୁକ ଛିଟିକିକରି ପାଞ୍ଚହାତରେ ପଡ଼ିଲା । ମୁଁ ଦାରୁଣ ବେଦନାଗ୍ରସ୍ତ ହୋଇ ପଡ଼ିଥାଏଁ । କିଛି ସମୟ ପରେ ମୁଁ ବାଘର ଅବସ୍ଥା କଅଣ ହେଲା ଜାଣିବା ପାଇଁ ଉଦ୍‌ବିଗ୍ନ ହୋଇ ଉଠିଲି । ଆସ୍ତେ ମୁଣ୍ଡ ଟେକି ଦେଖିଲି, ବାଘ ମାଡ଼େ ମାଡ଼େ ପଡ଼ିଛି । କିନ୍ତୁ ମୃତ ବୋଲି ନିଃସନ୍ଦେହ ହୋଇପାରିଲି ନାହିଁ । ଆଣ୍ଠୁ ଓ କହୁଣି ଭରା ଦେଇ ବନ୍ଧୁକ ପର୍ଯ୍ୟନ୍ତ ଛପି ଛପି ଘୁସୁରିଗଲି । ଛାତି ଓ ହାତରେ ମଇଁଷି ଗୋଡ଼ର ଆଘାତ ଏତେ ଜୋରରେ ଲାଗିଥିଲା ଯେ, ମୁଁ ତଳୁ ବନ୍ଧୁକ ଉଠାଇ ପାରିଲି ନାହିଁ । ବହୁ କଷ୍ଟରେ ବନ୍ଧୁକ ଉଠାଇ ଖାଲି କାର୍ତ୍ତୁସ ବାହାର କରି ଫିଙ୍ଗିଦେଲି । ନୂଆ ଲୋଡ୍ କରି ଗୋଟିଏ ବୁଦା ଆଢୁଆଳରେ ବସିଛି, ଏହି

Digitized by srujanika@gmail.com

ସମସ୍ତରେ ଆମ ଦଳର ଲୋକେ ଆସି ପହଞ୍ଚିଲେ । ସାଥୀ ନବଘନ ବଡ଼ ସାହାସିଆ ଲୋକ । ପ୍ରଥମେ ସେ ବାଘ ନିକଟକୁ ଯାଇ ମୃତ୍ୟୁ ଖବର ଘୋଷଣା କଲା । ଆନନ୍ଦ କୋଳାହଳ ମଧ୍ୟରେ ସମସ୍ତେ ମିଳିମିଶି ବାଘକୁ କାନ୍ଧେଇ ଘରକୁ ଫେରିଲୁଁ । ବାଘର ଲମ୍ବ ୯ ଫୁଟ ୪ ଇଞ୍ଚ ଥିଲା ।

କଥାରେ ଅଛି, 'ଢୋଲ ବାଇଦ କୋଶେ, ଭୁଣ୍ଡ ବାଇଦ ସହସ୍ର କୋଶ ।' ପଟିଆରେ ବାଘ ମାତ୍ର ଖାଇଗଲା—ଏଇ ଖବର କୁଣ୍ଡକୁ ଭୁଣ୍ଡ ଚତୁର୍ଦ୍ଦିଗରେ ବ୍ୟାପ୍ତ ହୋଇଗଲା । କେତେକ ଲୋକ ଶକ୍ତିର ନିଦର୍ଶନ ସ୍ୱରୂପ ଉଲ୍ଲାସ ଶେଷରେ ବନଦେବୀ 'ଖିଙ୍ଖର ଚଣ୍ଡୀ'ଙ୍କୁ ଧୂପ, ଦୀପ, ନୈବେଦ୍ୟରେ ପୂଜା କରିବାକୁ ଲାଗିଲେ । କିନ୍ତୁ କେଉଁ ବାଘ ମଲା, ତା'ର ମର୍ମ କେହି ଜାଣନ୍ତି ନାହିଁ । ମଣିଷଖିଆ ବାଘୁଣୀ ମରିନାହିଁ, ଏକଥା ମୁଁ ଯେତେ ପ୍ରଚାର କଲେ ମଧ୍ୟ ତାହା କାହିଁ କଲା ନାହିଁ । କେତେକ ଲୋକ ମୋ କଥା ମୂଳକୁ ବିଶ୍ୱାସ କଲେ ନାହିଁ । ଆଉ କେତେକ ଆଖା ମାମା ହୋଇ ବିଶ୍ୱାସ କଲେ ମଧ୍ୟ ପ୍ରଚାର କଲେ ନାହିଁ । ଫଳ ହେଲା, ଲୋକମାନେ ଅବାଧରେ ବଣ ଜଙ୍ଗଲରେ ପ୍ରବେଶ କରି କାରବାର କରିବାକୁ ଲାଗିଲେ । ବାଘୁଣୀକୁ ନାହିଁ ନ ଥିବା ମୌକା ମିଳିଗଲା । ସେ ଚନ୍ଦକା, ଅନ୍ଧାରୁଆ ଓ ପଟିଆ ଜଙ୍ଗଲ ମଧ୍ୟରୁ ଲାଗ ଲାଗ ଗୋଟିକ ପରେ ଗୋଟିଏ ଛଅଟି ସ୍ତ୍ରୀଲୋକଙ୍କୁ ମାରିଲା । ଆମ ପାଖରେ ଏ ଖବର ପହଞ୍ଚିଲାବେଳକୁ ନେଣ୍ଡଗୁଡ଼ କହୁଣିକୁ ବହିଯାଇଥାଏ । ଆମେ ଆଉ କରିବୁଁ କ'ଣ ? ପୁଣି ଏ ଅଞ୍ଚଳରେ ମହା ଆତଙ୍କ ଘୋଟିଗଲା । ଏ ଖବର ପାଇ କଟକରୁ କେତେଜଣ ରାଜା, ରାଜକୁମାର ଓ ଉଚ୍ଚପଦସ୍ଥ ଅଫିସର ମଟରଯୋଗେ ଏ ଅଞ୍ଚଳରେ ଧାଁ ଦଉଡ଼ ଲଗାଇଦେଲେ । ସେମାନଙ୍କର କେତେ ଫୁଟ ଅସଫଳ ଗୁଳି ମାଡରେ ବାଘୁଣୀ ଆହୁରି ସତର୍କ ହୋଇଗଲା । ଏଥିଁ ଅଧିକ ଫଳ ହେଲା, ସେ ଏ ଅଞ୍ଚଳ ତ୍ୟାଗ କରି 'ଡମପଡ଼ା' ଜଙ୍ଗଲକୁ ଚାଲିଗଲା । ମୁଁ ଗୋଟେ ଗୋଟେ ଏ ସବୁ ଖବର ରଖୁଥାଏଁ । ଡମପଡ଼ାରେ ତ ରାଜାଙ୍କ ବ୍ୟତୀତ ଅନ୍ୟ କେହୁ ବାଘ ଶିକାର କରିପାରିବେ ନାହିଁ ବୋଲି କଟକଣା ଥିଲା । ଆମର ଆଉ ଚାରା କ'ଣ ? ହାତ ବାନ୍ଧି ଅପେକ୍ଷାରେ ରହିଲୁଁ ।

Digitized by srujanika@gmail.com

ଝିଙ୍କ ଶିକାର

ମାର୍ଚ୍ଚ ମାସର ଶେଷ ଭାଗ । ଦୋଳଯାତ୍ରା ସମୟ । ରାତିରେ ଆମ ଗ୍ରାମରେ ଗୋଟିପିଲ୍ ନାଚ ହେଉଥାଏ । ଆମ୍ଭେମାନେ ନାଚ ଦେଖୁଥାଉଁ । ସେତେବେଳକୁ ଆକାଶରେ ତାରାପୁଞ୍ଜ ନିଷ୍ପ୍ରଭ ହୋଇଆସୁଥାନ୍ତି । ପୂର୍ବଦିଗରେ ଶୁକୁଆ ତାରା ପୂର୍ଣ୍ଣ ପ୍ରଭା ବିସ୍ତାର କରିଦେଲାଣି । ଆଉ କିଛିକ୍ଷଣ ପରେ ସେ ବି ମ୍ଳାନ ହୋଇ ଶେଷରେ ଅଦୃଶ୍ୟ ହୋଇଯିବ । ଏହି ସମୟରେ ଶିକାରସାଥୀ ନେତ୍ରାନନ୍ଦଙ୍କର ପ୍ରସ୍ତାବ : ରାତି ପାହିଲେ ମେଳଣ । କୁଣିଆମଇତ୍ର ସବୁ ଆସିବେ । ସେମାନଙ୍କର ଚର୍ଚ୍ଚା ପାଇଁ କିଛି ମାଂସର ଯୋଗାଡ଼ କଲେ ଭଲ ହୁଅନ୍ତା । ପ୍ରସ୍ତାବଟି ମୋର ମନକୁ ବେଶ୍ ପାଇଲା । ଭଲ ଦିନରେ ଭଲ ଖାଇବା, ଭଲ ପିନ୍ଧିବା ପାଇଁ ସମସ୍ତଙ୍କର ମନ ଲାଗେ । ଏଥିରୁ ମୁଁ ବାହାର ନୁହେଁ । ଶିକାର ହେଉ ବା ନ ହେଉ, ବସନ୍ତ ସମୟରେ କାନନ ଭ୍ରମଣ ତ ହେବ । ଏଣୁ ବନ୍ୟପକ୍ଷୀ ମୁଖରିତ ହେବା ଆଗରୁ ଆମେ ଶିକାରଯାତ୍ରାକୁ ତତ୍ପର ହୋଇଉଠିଲୁ ।

ମୋର ଭ୍ରାତୃପ୍ରତିମ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଦାସ ଆଡ଼୍ଭୋକେଟ ବନଶିକାର ଶୋଭା ଦେଖିବାକୁ ଅନ୍ତରର ସହ ଭଲ ପାଆନ୍ତି । ଜନବହୁଳଗ୍ରାମରେ ମନୁଷ୍ୟ ବ୍ୟସ୍ତବ୍ୟସ୍ତ ହୋଇ ମୁକ୍ତ ବାୟୁ ଓ ପ୍ରାକୃତିକ ପରିବେଶ ଖୋଜିବା ସ୍ୱାଭାବିକ । ଏଣୁ ସେ କେତେବାର ମୋ ସଙ୍ଗେ ଶିକାରକୁ ଯାଇଛନ୍ତି । କୋଳି ଖାଇବା, ଚାରୁ ଖୋଜିବା ଆଳରେ ଆମ୍ଭମାନଙ୍କ ସହିତ ମିଶି ଜଙ୍ଗଲସାରା ବୁଲନ୍ତି । ସେଦିନ ଆମ୍ଭେ ଏକାଠି ବସି ନାଚ ଦେଖୁଥିଲୁ । ଆମ୍ଭମାନଙ୍କର ଜଙ୍ଗଲ ଯାତ୍ରା ପ୍ରସ୍ତାବ ଶୁଣି ସେ ଯିବାକୁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କଲେ । ମୁଁ ତାହା ଆନନ୍ଦର ସହ ଗ୍ରହଣ କଲି । ଶୀଘ୍ର ଶୀଘ୍ର ପୋଷାକ ବଦଳାଇ ବାହାରିପଡ଼ିଲୁ ।

ଗ୍ରାମ ପାର ହୋଇଗଲା ପରେ ମୁଁ ଆଗେ ଆଗେ ଚାଲିଲି । ବ୍ରଜବାବୁ ଓ ଶିକାରସାଥୀ ଦୁଇ ଜଣ ମୋ ପାଖରୁ ୨।୩ ଗଜ ତଫାତରେ ଚାଲୁଥାନ୍ତି । ଯାଇ ଯାଇ 'ବେଲବଣିଆ' ନାମକ ସ୍ଥାନରେ ପହଞ୍ଚିଲୁ । ଏ ସ୍ଥାନଟି ବେଲଗଛରେ ପରିପୂର୍ଣ୍ଣ । ବସନ୍ତ ଋତୁରେ ବେଲସବୁ ପାଚି ଝଡ଼ୁଥାଏ । ଝିଙ୍କମାନେ ପାଚିଲା ବେଲ ଖାଇବାକୁ ଆସନ୍ତି । ଯୋଗ ପଡ଼ିଲେ ଝିଙ୍କ ଶିକାର ମିଳିପାରେ । ସାଥୀମାନଙ୍କୁ ଗୋଟିଏ ସ୍ଥାନରେ ରଖାଇଦେଇ ମୁଁ ସନ୍ଧାନରେ ଚାଲିଲି । ଝିଙ୍କ ବେଲ

Digitized by srujanika@gmail.com

ଙ୍କି ଖାଉଥିବାର ଶବ୍ଦ ନିସ୍ତବ୍ଧ ରାତିରେ ଖଣ୍ଡେଦୂରରୁ ଶୁଣାଯାଏ । ସୁତରାଂ ଏପରି ଅବସ୍ଥାରେ ତାକୁ ମାରିବା ଅତି ସହଜ । 'ବେଲବଣିଆ' ଅର୍ଥାତ୍ ଭୂତ ଜଙ୍ଗଲ । ମୁଁ ସେଇ ରାତି ସେବେଳେ ସେ ଜଙ୍ଗଲ ମଧ୍ୟରେ ପ୍ରବେଶ କଲି । କିଛି ଦୂର ଗଲା ପରେ ଝିଙ୍କଙ୍କ ବେଲ ଖାଉଥିବାର ଶବ୍ଦ ଶୁଣାଗଲା । ସଲ୍ଲୁମାନେ ମଧ୍ୟ ବେଲ ଖାଆନ୍ତି ଏବଂ ଖାଇବା ସମୟରେ କଟର କାଟର ଶବ୍ଦ ହୁଏ । ତେବେ ଝିଙ୍କଙ୍କ ଓ ସଲ୍ଲୁ ବେଲ ଝିଙ୍କି ଖାଇବା ଶବ୍ଦରେ ପ୍ରଭେଦ ଅଛି । ଏହି ପ୍ରଭେଦ ବୁଝିବା ବଡ଼ ଛାପୂର୍ଣ୍ଣପ୍ରଶ୍ନ । ତା' ନ ହେଲେ ସଲ୍ଲୁ ମୁହଁରୁ ବଞ୍ଚିବା ସହଜ ନୁହେଁ । ଏଠାରେ ଏତେଗୁଡ଼ିଏ ଝିଙ୍କଙ୍କ ବେଲ ଖାଇବା କଥା ଶୁଣି କେହି କେହି ଅସମ୍ଭବ ମନେ କରୁଥିବେ । କିନ୍ତୁ ଏହାର ଗୋଟିଏ ବିଶେଷ କାରଣ ଅଛି । ବେଲବଣିଆ ଅର୍ଥାତ୍ 'ଶିଖରଚଣ୍ଡୀ' ପର୍ବତର ପାଦଦେଶରେ ଅବସ୍ଥିତ । ଝିଙ୍କମାନେ ପାହାଡ଼, ପର୍ବତର ଖୋଲମାନଙ୍କରେ ବାସ କରନ୍ତି । ସେମାନେ ସୂର୍ଯ୍ୟାସ୍ତ ପରେ ବସାରୁ ବାହାରି ଚରବୁଲ କରିବାକୁ ବାହାରିଯାଆନ୍ତି । ରାତି ସାରା ଚରି ବୁଲି ସୂର୍ଯ୍ୟୋଦୟ ପୂର୍ବରୁ ବସାକୁ ଫେରିଆସନ୍ତି । ଶିଖରଚଣ୍ଡୀ ପର୍ବତକୁ ଫେରିବା ବାଟରେ ଖାଦ୍ୟ ପାଇ ଖାଇବା କିଛି ଅସମ୍ଭବ ନୁହେଁ । ଏ ଝିଙ୍କଗୁଡ଼ିକ ୫୦।୬୦ ଗଜ ବ୍ୟବଧାନରେ ଥାଆନ୍ତି । ସେମାନଙ୍କ ମଧ୍ୟରୁ ନିକଟତମ ଦୂରତ୍ୱରେ ଥିବା ଗୋଟିକୁ ଲକ୍ଷ୍ୟ କରି ଛପି ଛପି ଚାଲିଲି ।

ଶିକାରୀଙ୍କ ଆକ୍ରମଣର ସୂଚନା ପାଇବାମାତ୍ରେ ଝିଙ୍କମାନେ ଦେହର କାଠି-ଗୁଡ଼ିକୁ ଝର ଝର ଶବ୍ଦରେ ପ୍ରସାରିତ କରି ହ୍ରେଷାରବ ଭଳି ଏକପ୍ରକାର ଶ୍ରୁତିପ୍ରଦ ଝଙ୍କାର ସହ ନିକଟକୁ ଖେପି ଆସନ୍ତି । ନ ଜାଣିଥିବା ଲୋକ ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହେଲେ ସଙ୍ଗେ ସଙ୍ଗେ ଭେଟଣା ଝାଡ଼ାରେ ଆକ୍ରାନ୍ତ ହୋଇ ପଡ଼ିବ । ତାହା ସେମାନଙ୍କର ଆକ୍ରମଣ ନୁହେଁ । ଭୟ ପ୍ରଦର୍ଶନ ମାତ୍ର । ପୂର୍ବରୁ ଏହା ମୋତେ ଭଲରୂପେ ଜଣା । ଏପରି କରିବା ଦ୍ୱାରା ସେମାନେ ମରଣକୁ ବରଣ କରନ୍ତି । ଅର୍ଥାତ୍ ଅତି ନିକଟରୁ ଶିକାରୀଙ୍କୁ ଫାୟାର କରିବାର ସୁଯୋଗ ମିଳେ । ଅନେକେ କହନ୍ତି, ଝିଙ୍କ ବାହାରକୁ ଆକ୍ରମଣ କଲାବେଳେ ତାହାର କାଠିଗୁଡ଼ିକୁ ଶର ପ୍ରାୟ ନିକ୍ଷେପ କରେ । ଏଥିରେ ଲେଶମାତ୍ର ସତ୍ୟତା ନାହିଁ । କେବଳ ହିଂସ୍ର ଜନ୍ତୁଙ୍କ ଆକ୍ରମଣରେ ସେ ମୁହଁକୁ ପେଟତଳେ ଗୁଞ୍ଜି କାଠିଗୁଡ଼ିକୁ କଦମ୍ବଫୁଲ ପରି ଠିଆ କରିଦିଏ, ଯାହା ଫଳରେ କି ହିଂସ୍ର ଜନ୍ତୁ ତାକୁ ସହଜରେ ଧରିପାରନ୍ତି ନାହିଁ କି ମାରିପାରନ୍ତି ନାହିଁ ।

Digitized by srujanika@gmail.com

ମୋର ଉପସ୍ଥିତ ବାରପଦାଇ ଏକ ସଙ୍ଗେ ଦୁଇଟି ଝିଙ୍କ ଦୁଇ ଦିଗରୁ ଖୁବ୍ ବେଗରେ ମୋ ଆଡ଼କୁ ଦୌଡ଼ିଆସିଲେ । ମୁଁ ବୁଦା ଅଣ୍ଡାରେ ଲୁଚି ରହି ସେମାନଙ୍କ ମଧ୍ୟରୁ ବଡ଼ଟିକୁ ଲକ୍ଷ୍ୟ କରି ଫାୟାର କଲି । ସେ ମାଡ଼େ ମାଡ଼େ ପଡ଼ିଲା । ସାଥୀମାନେ ଆସିବାକୁ ସିଟି ବଜାଇଲି । ସେମାନେ ଆସିଲେ । ମସ୍ତବଡ଼ ଝିଙ୍କ ମରି ପଡ଼ିଥିବାର ଦେଖି ଆନନ୍ଦରେ ଅଧୀର ହୋଇପଡ଼ିଲେ । ଲଟି ମଧ୍ୟରୁ ଝିଙ୍କକୁ ବାହାର କରିଆଣି ଆମ୍ଭେମାନେ ଗୋଟିଏ ଖୋଲା ସ୍ଥାନରେ ଥିବା ପଥର ଚଟାଣ ଉପରେ ବସିଲୁଁ ।

ଝିଙ୍କ ମାଂସ ଖୁବ୍ ନରମ ଓ ସୁସ୍ୱାଦୁ । ପୁଣି ଶର୍ଦ୍ଦି, କାଶ ଓ ମଳସ୍ର ଅବସ୍ଥାରେ ଏହାର ମାଂସ ଖାଇଲେ ଔଷଧ ସ୍ୱରୂପ କାମ କରେ । ଝିଙ୍କ ପିତ୍ତ ଶ୍ୱାସରୋଗର ଗୋଟିଏ ଭଲ ଔଷଧ । ଝିଙ୍କ କାଠି ମଧ୍ୟ ନାନା ଆବଶ୍ୟକ କାମରେ ବ୍ୟବହୃତ ହୁଏ । ଏଣୁକରି ମୁଁ ଯେବେ ଯେମିତି ହେଲେ ପଟେ ଝିଙ୍କ ମାରେ । ନ ହେଲେ ଝିଙ୍କ ମାରିବା ମୋର ଇଚ୍ଛା ନୁହେଁ । ଯାହାହେଉ, ମାଂସକୁ ଯେପରି ଯାତ୍ରା କରିବାର କଥା ବନ୍ଦ କରି ଶିକାରୀ ସାଥୀ ଦୁହିଁଙ୍କୁ ବିଦା କରିଦେଲି । ସେମାନେ ମହା ଆନନ୍ଦରେ ମେଳନ ପାଳନ କରିବାକୁ ଚାଲିଗଲେ ।

ଜଙ୍ଗଲରେ ପ୍ରଭାତକାଳୀନ ଦୃଶ୍ୟ ଓ ସୂର୍ଯ୍ୟୋଦୟର ଶୋଭା ଉପଭୋଗ କରିବା ଶିକାରୀଙ୍କ ବ୍ୟତୀତ ଅନ୍ୟ କାହାର ଭାଗ୍ୟରେ ଜୁଟେ ନାହିଁ । ମାନସାସ୍ତୁ ବ୍ରଜବାବୁ ଆଜ ସେ ଭାଗ୍ୟର ଅଧିକାରୀ ହୋଇଛନ୍ତି । ତାଙ୍କୁ ଜଙ୍ଗଲରେ ବୁଲାଇ ଆନନ୍ଦ ଉପଭୋଗ କରାଇବା ଓ ନିଜେ ଉପଭୋଗ କରିବା ହେଲା ମୋର ଉଦ୍ଦେଶ୍ୟ । ସେତେବେଳକୁ ପୂର୍ବଦିଗ ଫର୍ଚ୍ଚା ହୋଇଆସୁଛି । ଯଦିଓ ଆମ ଜଙ୍ଗଲରେ ଦୁଇଟି ବଡ଼ ବାଘ ଅଛନ୍ତି, ତଥାପି ସେମାନଙ୍କର ଉତ୍ପାତ ନାହିଁ ; ତେଣୁ ଭୟ କରିବାର କୌଣସି କାରଣ ନାହିଁ ବୋଲି ବ୍ରଜବାବୁଙ୍କୁ ବୁଝାଇଦେଲି । ଆମେ ଅବାଧ ଗତିରେ ବୁଲିବାକୁ ଆରମ୍ଭ କଲୁଁ । ପ୍ରକୃତି ବର୍ଣ୍ଣନା କରିବା ଏ ଲେଖାର ଉଦ୍ଦେଶ୍ୟ ନୁହେଁ । ସ୍ଥଳବିଶେଷରେ ପ୍ରସଙ୍ଗକ୍ରମେ ଲେଖିବାକୁ ପଡ଼ୁଥାଏ ।

ପ୍ରଥମେ ଶିଖରଚଣ୍ଡୀ ପର୍ବତ ଉପରକୁ ଉଠି ସୂର୍ଯ୍ୟୋଦୟର ଅତୁଳ ଶୋଭାରାଶି ଦେଖି ଆମେ ଆତ୍ମହରା ହୋଇପଡ଼ିଲୁଁ । ପର୍ବତ ଉପରୁ କଟକ ସହର, କାଠଯୋଡ଼ି ନଦୀର ବିସ୍ତୃତ ବାଲୁକା ଶଯ୍ୟା, ପଟିଆଦଣ୍ଡ, ଖଣ୍ଡଗିରି ଓ ଉଦୟଗିରି ପାହାଡ଼,

Digitized by srujanika@gmail.com

ଜୈନ ମନ୍ଦର, ଲିଙ୍ଗରାଜଙ୍କ ଦେଉଳ ଇତ୍ୟାଦିର ମନୋମୁଗ୍‌ଧକର ଦୃଶ୍ୟ ଦେଖି ତଳକୁ ଓହ୍ଲାଇଆସିଲୁଁ । ପର୍ବତର ପାଦଦେଶରେ ଗୋଟିଏ କ୍ଷୀଣସ୍ରୋତା ଝରଣା ବହିଯାଉଛି । ଆମେ ଗହନ ବନ ମଧ୍ୟଦେଇ ସେହି ଆଡ଼କୁ ଅଗ୍ରସର ହେଲୁଁ । ବସନ୍ତର ମଧୁମୟ ପ୍ରଭାତ । ଉଷାରାଣୀ ବାସନ୍ତୀ ବେଶରେ ଉପସ୍ଥିତ । କୋକିଳର ପଞ୍ଚମ ରାଗିଣୀ କର୍ଣ୍ଣ ଓ ପ୍ରାଣକୁ ଟାଣି ନେଉଥାଏ । ଚତୁର୍ଦ୍ଦିଗରେ ଫୁଲର ହାଟ । ଭ୍ରମରଗଣ ଗୁଣୁ ଗୁଣୁ ସ୍ୱନରେ ଗୀତ ଗାଇ ବୁଲୁଥାନ୍ତି । ହଳଦୀବସନ୍ତ ବୃକ୍ଷ ଡାଳରେ ନୃତ୍ୟ କରୁଥାଏ । ଦୂରରୁ ପଳାଶବନର ଦୃଶ୍ୟ ନୟନମନ ହରଣ କରୁଥାଏ । ସୁନାଝୁରି ଗଛରେ ସୁନା ରଙ୍ଗର ପେଣ୍ଡା ପେଣ୍ଡା ଫୁଲ ଫୁଟି ଝୁଲୁଥାଏ । ମୃଦୁମନ୍ଦ ସମୀରଣରେ ଆନ୍ଦୋଳିତ ପୁଷ୍ପ ସ୍ତବକ ସ୍ୱର୍ଣ୍ଣାଭରଣ ତୁଲ୍ୟ ପ୍ରତୀତ ହେଉଥାନ୍ତି । ନବପଲ୍ଲବିତ ବନାନ୍ତର ସ୍ନିଗ୍ଧ ଓ ଗମ୍ଭୀର ଛବି ଦେଖି ଦେଖି ଯାଇ ଝରଣା କୂଳରେ ଉପସ୍ଥିତ ହେଲୁଁ । ସେଠାରେ ପ୍ରାତଃକୃତ୍ୟ ଶେଷ କରିନେଇ ଗୃହାଭିମୁଖେ ପ୍ରତ୍ୟାବର୍ତ୍ତନ କଲୁଁ । ଦାନ୍ତ ଘଷିବା ପରେ କିଛି ଖାଇବାକୁ ମନ ଲୋଡ଼ିଲା । କିନ୍ତୁ ମିଳୁଛି କ'ଣ ? ଅନ୍ତତଃ ପକ୍ଷେ ଦୁଇ ମାଇଲ ବାଟ ଯିବାକୁ ପଡ଼ିବ । ଆମେ ଦେଖି ବୁଝି ନାନା ଆଲୋଚନା ମଧ୍ୟରେ ବାଟ ଚାଲୁଥାଉଁ । ଦୈବାତ୍ ଗୋଟିଏ ମହୁଫେଣା ଉପରେ ନଜର ପଡ଼ିଲା । ମହୁ ଖାଇବେ ବୋଲି ବ୍ରଜବାବୁଙ୍କ ପାଟିରୁ ଲାଳ ବହିଲାଣି ।

ମହୁମାଛିଙ୍କ ମାଡରେ ମୁଁ ଥରେ ଭୁକ୍ତଭୋଗୀ । ଆଜି ବି ଏକଥା ଲେଖିଲା-ବେଳକୁ ସେ କଷ୍ଟର ଜ୍ୱାଳା ଅନୁଭବରେ ଆସିଯାଉଛି । ସେହିଦିନଠାରୁ ମୋର ମହୁମାଛିଙ୍କୁ ପ୍ରାଣରେ ଡର । ଅପରାହ୍ନ ଘଃ ୫ଟା—ବୋଧହୁଏ ଚୈତ୍ର କି ଅଶ୍ୱିନ ମାସ । ରାଶି ଫୁଲ ହୋଇଥାଏ । ଏହି ସମୟରେ ଜଙ୍ଗଲରେ ବହୁତ ମହୁ ମିଳେ । ଶବରମାନେ ମହୁ ସନ୍ଧାନରେ ଲାଗିପଡ଼ିଥାନ୍ତି । ସେଦିନ ଆମେ ଗୋଟିଏ ଚଉଡ଼ାବାଟକୁ ମଡ଼ ଉପରେ ଉଠିକରି ବସିଥାଉ । ସେତେବେଳକୁ ଦିନ ୯ଟା ସମୟ ହେବ । ତେବେ ଆମ ପାଖରୁ ପ୍ରାୟ ଏକ ଫର୍ଲଙ୍ଗ ଦୂରରେ ଶବରମାନେ ମହୁ ମାରୁଥାନ୍ତି । ଏକଥା ଆମକୁ ଅଗୋଚର । ଆମେ ଗଛ ଉପରେ ଲୁଚିକରି ବସିବା ପାଇଁ ସମ୍ମୁଖରେ ଡାଳପତ୍ରର ଛାଟି ଲଗାଇଥାଉଁ । ଶିକାର ଦେଖିବା ଓ ବନ୍ଧୁକ ରଖିବାପାଇଁ ସେଥିରେ ଗୋଟିଏ ଛିଦ୍ର ଥାଏ । ବାଘ ଅପେକ୍ଷାରେ ଧ୍ୟାନ ଲଗାଇ ବସିଛୁଁ । ଏହି ସମୟରେ ଏକପ୍ରକାର ଶବ୍ଦ ଅନୁଭୂତ ହେଲା । ସେ କି ପ୍ରକାର

Digitized by srujanika@gmail.com

ଶତ, ଘଣ୍ଟାରେ ପ୍ରକାଶ କରିହେଉନାହିଁ । ଆମେ ଅସ୍ତବ୍ୟସ୍ତ ହୋଇ ଏଣେ ତେଣେ ଦେଖୁଛୁଁ । ଦେଖୁ ଦେଖୁ 'ଖାଦେଗ' ମହୁମାଛିର ସୋତ ଅସ୍ମନଙ୍କ ମାଡ଼ି-ଆସିଲା ଆମର ଚାଦ୍ୱାବରଣଅନ୍ତରକୁ । ଆମକୁ ବୁଝି ବାଟ ଦିଶିଲା ନାହିଁ । ବୁହୁଁ ବୁହୁଁ ସେ ସୋତ ଆମର ଚାଦ୍ୱାବରଣରେ ଥିବା ଛିଦ୍ର ପଥ ଦେଇ ଅତିକ୍ରମ କଲା । ଆମେ ସୋତ ସମ୍ମୁଖରେ ପଡ଼ିଗଲୁଁ । ଚଢ଼େଇଲେ ଆମ ଉପରେ ମାଡ଼ । ଆମେ ପ୍ରାଣପଣରେ ଚିତ୍କାର କରିଉଠିଲୁଁ । ସ୍ୱାମୀ ନେତ୍ରାନନ୍ଦ ମଞ୍ଚା ଉପରୁ ଡୁଲ୍ କରି ତଳକୁ ଖସିପଡ଼ିଲେ । ଏତିକିବେଳେ ମୋର ଟିକିଏ ହୋସ ଆସିଗଲା । ମଞ୍ଚା ଉପରେ ବସ୍ତ୍ରଭିତର ବସିଥିବା ସତରଞ୍ଜି ଟି ଘୋଡ଼େଇ ହୋଇ ଅଣ୍ଟୁ ମାଡ଼ି ଶୋଇ-ପଡ଼ିଲି । ଖୁବ୍ ବେଶି ହେବେ ୨।୩ ମିନଟ ମଧ୍ୟରେ ମହୁମାଛି ସୋତ ଆମକୁ ଅତିକ୍ରମ କରି ଚାଲିଗଲେ । ମୁଁ ଉଠି ଟିକିଏ ନିଶ୍ୱାସ ମାରିଲାବେଳକୁ ଆମର ଚିତ୍କାର ଶୁଣି କେତେଜଣ ଶବର ଆସି ପହଞ୍ଚିଲେ । ଆମକୁ କୋକାକୋକ କରି ନେଇ ଘରେ ଛାଡ଼ିଲେ । ଦେହରୁ ମହୁମାଛିର ନାହୁଡ଼ ବାହାର କରିବା ସକାଶେ ଡାକ୍ତରଖାନା ଯିବାକୁ ପଡ଼ିଥିଲା ।

ମହୁଫେଣା ଭାଙ୍ଗିବା ବିପଦପୂର୍ଣ୍ଣ ସତ; ଏହା ବୋଲି ବିପଦକୁ ଡରିଯିବା ଲୋକ ମୁଁ ନୁହେଁ । ବିପଦ ସଙ୍ଗେ ଖେଳିବାରେ ଶିକାରୀଙ୍କର ଆନନ୍ଦ ।

କବି ଲେଖିଛନ୍ତି, ''ଯହିଁରେ ନିହିତ ଯେତିକ ସୁଖ, ତହିଁ ପ୍ରଚ୍ଛନ୍ନଟି ସେତିକ ଦୁଃଖ ।'' ଦୁଃଖ ନ ଥିଲେ ସୁଖ ମିଳେ ନାହିଁ । ଯେ ଦୁଃଖ ବା ବିପଦକୁ ଡରି ନିଶ୍ଚେଷ୍ଟ ହୋଇ ବସିରହିବ, ତା ଭାଗ୍ୟରେ ସୁଖ କଳ୍ପନା ମାତ୍ର । ମଧୁର ସ୍ୱାଦ ଆସ୍ୱାଦନ କରିବାକୁ ହେଲେ ମଧୁମକ୍ଷୀଙ୍କର ଦଂଶନ ଅବଶ୍ୟ ସହ୍ୟ କରିବାକୁ ପଡ଼ିବ । ମୁଁ ସେହି ବିପଦକୁ ଭ୍ରୂକ୍ଷେପ ନ କରି ମହୁ ପାଇବାର ଉପାୟ ଉଦ୍ଭାବନ କଲି । ମହୁଫେଣାଟି ଗୋଟିଏ ଅଙ୍ଗୁଠି ମୋଟର ଡାଳରେ ଝୁଲୁଥାଏ । ଗୁଳି ଦ୍ୱାରା ସେ ଡାଳଟିକୁ କାଟିଦେଇପାରିଲେ ମହୁଫେଣା ତଳେ ପଡ଼ିଯିବ ଏବଂ ମାଛି ସବୁ ଛୁଏଁ ଉଡ଼ି ବୁଲିଯିବେ । ତା'ପରେ ଆମେ ମହୁ ଲୁଟିବୁଁ । ଶେଷରେ ସେଇଆ କଲି । ପ୍ରଥମ ଦୁଇଟି ଗୁଳି ବ୍ୟର୍ଥ ହେଲା । ସର୍ବଶେଷ ତୃତୀୟ ଗୁଳିରେ ଫେଣାସହ ଡାଳ ତଳେ ପଡ଼ିଲା । ଆମେ ପେଟେ ପେଟେ ମହୁ ଖାଇ ଘରକୁ ଫେରିଲୁଁ । ସେଦିନ ବ୍ରଜବାବୁଙ୍କ ଆନନ୍ଦ କହିଲେ ନ ସରେ ।

Digitized by srujanika@gmail.com

କେରେପା ମଲ୍ଲ

୧

ଏ ମଧ୍ୟରେ ପ୍ରାୟ ଦୁଇ ମାସ ଅତିବାହିତ ହୋଇଗଲାଣି । କେରେପା ସମ୍ବନ୍ଧରେ ନାନାପ୍ରକାର ଗୁଜବ ଶୁଣାଯାଉଥାଏ । ତାହା କେତେଦୂର ଠିକ୍ କୁହାଯାଇ ନ ପାରେ । ତମପଡ଼ା ଜଙ୍ଗଲକୁ ଯାଇ ତା'ର ଅନୁସନ୍ଧାନ କରିବା ଆମ ଶକ୍ତିର ବହିର୍ଭୂତ । କେବଳ ତା ସମ୍ବନ୍ଧରେ ଖବର ସଂଗ୍ରହ କରିବା ହୋଇଥାଏ ଆମର କାମ । ମେ' ମାସ ୭ ତାରିଖ ଦିନ ୧୨ଟା ସମୟ । ହଠାତ୍ ଆମକୁ ଖବର ମିଳିଲା ଯେ, 'କଣ୍ଟାବାଡ଼ି'ରେ ବାଘ ମଣିଷ ମାରିଛି । କଣ୍ଟାବାଡ଼ି ଜଙ୍ଗଲ ତମପଡ଼ା ଜଙ୍ଗଲର ସୀମାନ୍ତବର୍ତ୍ତୀ । ତେଣୁ ସେଠାରେ କେରେପା ମଣିଷ ମାରିଥିବା କିଛି ଅସମ୍ଭବ ନୁହେଁ । ଚନ୍ଦକାର ଦକ୍ଷିଣକୁ ପ୍ରାୟ ୪ ମାଇଲ ଦୂରରେ କଣ୍ଟାବାଡ଼ି ଗ୍ରାମ । ଏହା ଗଞ୍ଜାମ ଟ୍ରଙ୍କ ରୋଡ଼ର ପାର୍ଶ୍ୱରେ ଅବସ୍ଥିତ । ଆମ ଗ୍ରାମଠାରୁ ମଧ୍ୟ ବାଟ ୪ ମାଇଲ ଦୂର । ଏହି ଗ୍ରାମଟି ଖୋର୍ଦ୍ଧା ଖାସମାହାଲ ଅନ୍ତର୍ଗତ । ଏଠାକାର ଜଙ୍ଗଲ ଚନ୍ଦକା ଫରେଷ୍ଟରେଞ୍ଜ ଅଧୀନରେ । ଅତଏବ ଏଠାରେ ବାଘ ଶିକାର କରିବାରେ ଆମ ପ୍ରତି କୌଣସି କଟକଣା ନାହିଁ ।

ସେତେବେଳକୁ ଗ୍ରୀଷ୍ମାବକାଶ ଉପଲକ୍ଷେ ସ୍କୁଲ ବନ୍ଦ ଥାଏ । ମୋର ଆଉ କୌଣସି ପ୍ରତିବନ୍ଧକ ନ ଥିଲା । ସଙ୍ଗେ ସଙ୍ଗେ ମୋର ଶିକାରୀ ସାଥୀ ଦୁହିଁଙ୍କୁ ଖବର ପଠାଇଦେଲି । କଥାରେ ଅଛି—"ସାଙ୍ଗ ଭଲ ଯଦ୍ ହାଙ୍କ୍ସେ ଯାଇ ।" ଠିକ୍ ସେହିପରି ମୋର ଶିକାରୀ ସାଥୀ ଦୁଇଜଣ ସାପ ମୁହଁକୁ କୁହ, ବାଘ ମୁହଁକୁ କୁହ, ଡାକ ପଡ଼ିବା ମାତ୍ରେ ଉଠିଲେ । ହଁ' ନାଁ ଯେ ସାଙ୍ଗ । ଗ୍ରୀଷ୍ମକାଳ । ପ୍ରଚଣ୍ଡ ରୌଦ୍ରତାପ ହେଲେ ମଧ୍ୟ ଆମେ ଦିନ ୨ଟା ବେଳକୁ ଯୁଦ୍ଧଯାତ୍ରା ଆରମ୍ଭ କରିଦେଲୁଁ ।

ଆମେ ଦ୍ରୁତ ବେଗରେ ଯାଇ ପ୍ରାୟ ଘଣ୍ଟାକ ମଧ୍ୟରେ କଣ୍ଟାବାଡ଼ି ଗ୍ରାମରେ ଉପସ୍ଥିତ ହୋଇଗଲୁଁ । ଗ୍ରାମବାସୀ ଆନନ୍ଦର ସହ ଆମକୁ ସ୍ୱାଗତ ଜଣାଇଲେ । ଆମେ ଦୁର୍ଘଟଣା ସମ୍ବନ୍ଧରେ ଜାଣିବାକୁ ଚାହିଁବାରୁ ଜଣେ ପ୍ରତ୍ୟକ୍ଷଦର୍ଶୀ ପ୍ରୌଢ଼ ବ୍ୟକ୍ତି ଘଟଣାଟି ବର୍ଣ୍ଣନା କଲେ—

Digitized by srujanika@gmail.com

"ରାତ ୮ଟା ସମୟ । ଆମେ ସ୍ତ୍ରୀ-ପୁରୁଷ, ପିଲାଛୁଆ ମିଶି ୧୦।୧୨ ଜଣ ଆମ୍ବ ଗୋଟାଇବାକୁ ଯାଇଥିଲୁଁ । ସୁଲୁସୁଲିଆ ପବନରେ ପାଚିଲା ଆମ୍ବ ଝଡ଼ି ଗଦା ହେଉଥାଏ । ଛୋଟା ବଣରେ ବୁଲି ଆମେ ଆମ୍ବ ଗୋଟାଇବାରେ ଲାଗିଥାଉଁ । ହଠାତ୍ ଗୋଟିଏ ଲୋକର ଗର ପାରିବା ଶୁଣାଗଲା । ତା ସଙ୍ଗେ ସଙ୍ଗେ ଜଣେ ସ୍ତ୍ରୀଲୋକ ପାଟି କରୁଥିଲା, 'ବାଘ···ବାଘ···ବାଘ !' ଆମେ ସମସ୍ତେ ଏକାଠି ହୋଇଗଲୁଁ । ସ୍ତ୍ରୀଲୋକଟି କହିଲା, 'ମୋ ପାଖରୁ ନଣୀବୋଉକୁ ବାଘ କାମୁଡ଼ି ନେଇଗଲା ।' ଆମେ ଯାଇ ସେ ସ୍ଥାନରେ ରକ୍ତ ଓ ଘୋଷଡ଼ା ଚିହ୍ନ ଦେଖି ଘୋର ଦୁଃଖରେ ଘରକୁ ଫେରିଲୁଁ ।"

ଲାସକୁ ଖୋଜି ବାହାର କରିବା ଚେଷ୍ଟା ଏ ପର୍ଯ୍ୟନ୍ତ ହୋଇନାହିଁ । ଆମେ ଲାସର ସନ୍ଧାନ ନେବାକୁ ବ୍ୟଗ୍ର ହୋଇଉଠିଲୁଁ । ମୃତ ସ୍ତ୍ରୀର ସ୍ୱାମୀ ଓ ତାଙ୍କ ବନ୍ଧୁମୂର ଜଣେ ଲୋକ ଆମ ସହ ଯୋଗ ଦେଲେ । ଆମେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କାମ ଚଳାଇଲୁଁ । ପାଦଚିହ୍ନରୁ ସ୍ପଷ୍ଟ ବୁଝାଗଲା ଏହା ଆମର ପୂର୍ବପରିଚିତ ଚେରେପା-ବାଘୁଣୀର କାମ । ରକ୍ତର ଧାର ଓ ଘୋଷଡ଼ା ଚିହ୍ନ କ୍ରମାଗତ ଲାଗିରହିଥାଏ । ଏଣୁ ଲାସକୁ ଠାବ କରିବାରେ ବିଶେଷ କିଛି କଷ୍ଟକର ବିଷୟ ନ ଥିଲା । ଘଟଣାସ୍ଥଳରୁ ପ୍ରାୟ ଏକ ଫର୍ଲଙ୍ଗ ଦୂର ଗଲା ପରେ ଘନ କଣ୍ଟକିତ ଜଙ୍ଗଲ ପଡ଼ିଲା । ଏପରି ଏକ ଗହନ କାନନରେ ମଣିଷଖିଆ ବାଘର ପିଛା କରିବାକୁ ହେଲେ ନିଜର ନିରାପତ୍ତା ପାଇଁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ହେବ । ଶିକାରବିଷୟକ ନିୟମଗୁଡ଼ିକ ପାଳନ କରିବା ମଧ୍ୟ ଆବଶ୍ୟକ । ତା ନ ହେଲେ ଶିକାରୀ ଅତି ଅଳ୍ପକ୍ଷଣରେ ଓଲଟି ନରଭକ୍ଷୀର ଭୋଜନରେ ପରିଣତ ହୋଇପଡ଼ିବେ । ମୋର ଆଶଙ୍କା, ବାଘୁଣୀ ବର୍ତ୍ତମାନ ସୁଦ୍ଧା ମଡ଼ା ଉପରେ ମହଜୁଦ ଥିବ । ଏପରି ପରିସ୍ଥିତିରେ ମୁଁ ଅଧିକ ଲୋକ ସଙ୍ଗରେ ନେବା ପସନ୍ଦ କଲି ନାହିଁ । କାରଣ ଅଧିକ ଲୋକ ସଙ୍ଗରେ ନେବା ନିରାପଦ ନୁହେଁ । ଦ୍ୱିତୀୟତଃ ଅନୁସନ୍ଧାନ କାର୍ଯ୍ୟରେ ବାଧା ପଡ଼ିବ । ମୁଁ ମୋର ସାଥୀ ଦୁହିଁଙ୍କୁ ସଙ୍ଗରେ ନେଇ ଆଗେଇ ଚାଲିଲି । ଅନ୍ୟ ଦୁଇଜଣ ଗ୍ରାମକୁ ଫେରିଗଲେ ।

ଆମେ ପ୍ରତି ପଦକ୍ଷେପରେ ଆଖିକାନକୁ ସଜାଗ ରଖି ଚାଲିଥାଉଁ । ଜଙ୍ଗଲରେ ଘୋର ନୀରବତା ଘୋଟି ରହିଥାଏ । ମାତ୍ର ଅଧମାଇଲିଏ ବାଟ ଅତିକ୍ରମ କରିବାକୁ ପ୍ରାୟ ଘଣ୍ଟାଏ ସମୟ ଲାଗିଲା । ଯାଉ ଯାଉ ଗୋଟିଏ ଗ୍ରେଟିଆ

Digitized by srujanika@gmail.com

ଖୋଲା ସ୍ଥାନରେ ପହଞ୍ଚିଲୁଁ । ସେଠାରେ ଶୋଣିତସିକ୍ତ ଭୂମି ଓ ବାଘୁଣୀର ପାଦଚିହ୍ନରୁ ନିଶ୍ଚିତ ପ୍ରମାଣ ମିଳିଲା ଯେ ଏହିଠାରେ ତାହାର ପ୍ରଥମ ଭୋଜନ କାମ ଶେଷ କରିନେଇଛି । ପୁଣି ଦ୍ୱିତୀୟବାର ଭୋଜନ ସକାଶେ ଖାଦ୍ୟର ସୁରକ୍ଷା ଆବଶ୍ୟକ ମନେ କରିଛି ସେ । ତାଛ, ଶାଗୁଣାଙ୍କ ଦୃଷ୍ଟିରୁ ରକ୍ଷା କରିବା ସକାଶେ ସେ ଲାସକୁ ଆହୁରି ଏକ ନିରାପଦ ସ୍ଥାନକୁ ନେଇଯାଇଛି । ଏଥିରୁ ଆମେ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେଲୁଁ ଯେ, ଏ ସ୍ଥାନ ବେଶି ଦୂର ନୁହେଁ, ଆଉ ବାଘୁଣୀ ମଢ଼ ପାଖରେ ଜଗିବସି ଥିବ । କେବେ ତାହା ଉପରକୁ ଫାୟାର କରିବାର ଗୋଟିଏ ସୁଯୋଗ ମିଳିପାରେ । ମୁଁ ବନ୍ଧୁକର ସେଫଟି କ୍ୟାଚରେ ଅଙ୍ଗୁଳି ରଖି ସମସ୍ତ ସତର୍କତାର ସହ ଚାଲୁଥାଏଁ । ଆମ ଭିତରୁ କାହାର ପାଦରେ ଜୋତା ନ ଥିଲା । ଆମେ ନିଃଶବ୍ଦ ଭାବରେ ପ୍ରତ୍ୟେକ ଅନ୍ଧ-କନ୍ଦ ପ୍ରତି ଦୃଷ୍ଟି ରଖି ଚାଲୁଥାଉ । ପ୍ରାୟ ୫୦ ଗଜ ଖଣ୍ଡେ ଗଲା ପରେ ମୋର ସମ୍ମୁଖର ଦକ୍ଷିଣ ଦିଗରେ ହଠାତ୍ କୌଣସି ଗୋଟିଏ ଜୀବର ସଞ୍ଚାଳନ ଅନୁଭବ କଲି । ବୋଧହୁଏ ବାଘୁଣୀ ସେତେବେଳେ ଶୋଇଥିବା ଅବସ୍ଥାରୁ ଉଠି ଠିଆ ହେଲା । ଆମ ପାଖରୁ ମାତ୍ର ୨୦।୨୫ ଗଜ ଦୂର । ମୁଁ ସାଥୀ ଦୁହିଁଙ୍କୁ ସତର୍କ କରାଇଦେଇ ଏକ ଲକ୍ଷ୍ୟରେ ନିରୀକ୍ଷଣ କରୁଥାଏଁ । ପ୍ରାୟ ୨।୩ ମିନିଟ ପରେ ଦେଖେଁ ତ ୮।୧୦ ଗଜ ମାତ୍ର ଦୂରରେ ବାଘୁଣୀ ବୁଦାଆଢ଼ୁଆଳରେ ରହି ଆମକୁ ଦେଖୁଛି । ଘନ ଜଙ୍ଗଲ ହେତୁ ଅସ୍ତ୍ରେ ବନ୍ଧୁକ ଉଠାଇ ଲକ୍ଷ୍ୟ କରିବା ପୂର୍ବରୁ ସେ ଅଦୃଶ୍ୟ ହୋଇଗଲା । ଏକ ମିନିଟ ପରେ ପୁଣି ଦେଖା ପଡ଼ିଲା । ସେତେବେଳେ ସେ ଦ୍ରୁତ ଗତିରେ ଚାଲିଯାଉଥିଲା । ମୁଁ ବନ୍ଧୁକ ଉଠାଇ ଲକ୍ଷ୍ୟ କଲାବେଳକୁ 'ବନବନକା' ବୁଦା ଆଢ଼ୁଆଳରେ ପୁଣି ଲୁଚିଗଲା । ମୁଁ ଟିକିଏ ଫେରିପଡ଼ି ଆଉ ଚାରି ଖୋଜ ବୁଲିଗଲି । ଯେତେବେଳେ ସେ ଗୋଟିଏ ବଡ଼ ପଥର ଉପରୁ ତଳକୁ ଡେଇଁଲା, ସେତିକିବେଳେ ମୁଁ ଫାୟାର କଲି । ଦୁର୍ଭାଗ୍ୟବଶତଃ ମୋର ଶକ୍ତିଶାଳୀ ବୁଲେଟ୍‌ଟି ପଥରରେ ସ୍ଳେଟ ଦେଇ ସଣଦେ ଚାଲିଗଲା । ଆମର ଏତେ ସତର୍କତା ଶେଷ ମୁହୂର୍ତ୍ତରେ ବିଫଳ ହେଲା ।

ଆଉ ଆମର କିଛି କରିବାର ନାହିଁ । ଶେଷରେ ମଢ଼ ପାଖକୁ ଫେରିଆସିଲୁଁ । ୧୫।୨୦ ଗଜ ଦୂରରେ ଲାସ ପଡ଼ିଥିଲା । ଲାସକୁ ଦେଖିଲୁଁ; ବାଘୁଣୀର ଭୋଜନ ପାଇଁ ଅଧିକ ଯଥେଷ୍ଟ ମାଂସ ବାକି ଅଛି । ଯଦିଓ ସେ

Digitized by srujanika@gmail.com

ତାହାର ଭୋଜନ ସ୍ଥଳରେ ବାଧା ପ୍ରାପ୍ତ ହୋଇଛି, ତଥାପି ତାଜା ମଣିଷ ମାଂସର ଲୋଭ ସମ୍ବରଣ କରିବା ତା' ପକ୍ଷରେ ସମ୍ଭବ ନୁହେଁ । ଦୀର୍ଘଦିନ ପରେ ଆମକୁ ଏ ସୁଯୋଗ ମିଳିଛି । ଏହାକୁ ହରାଇବା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ମୁଁ ମଞ୍ଚ ଉପରେ ଜଗିବାକୁ ଇଚ୍ଛା କଲି । କିନ୍ତୁ ମୋର ଶିକାରୀ ସାଥୀ ଦୁହେଁ ମୋ ସହିତ ଏକମତ ହୋଇପାରିଲେ ନାହିଁ । ସେମାନଙ୍କର ମତ, ମଞ୍ଚ ପାଖରେ ଆମକୁ ଦେଖି ଏବଂ ଟୋପମାଂସ ଖାଇ ପୁଣି ଯେ ସେ ମଞ୍ଚ ଉପରକୁ ଆସିବ, ଏହା ନିତାନ୍ତ ଅସମ୍ଭବ । କିନ୍ତୁ ମୁଁ ମୋ ମତରେ ଦୃଢ଼ ରହିଲି । ମଞ୍ଚା ବାନ୍ଧିବାରେ ଲାଗିପଡ଼ିଲୁ ।

ଲାସର ଉପଯୁକ୍ତ ଦୂରରେ ଥିବା ଯେକୌଣସି ଗଛରେ ମଞ୍ଚା ବାନ୍ଧିବା ସମର୍ଥନଯୋଗ୍ୟ ନୁହେଁ । ମଣିଷଖିଆ ବାଘ, ପୁଣି ସାରା ରାତି ଜଗିବାକୁ ହେବ । ସେଥିପାଇଁ ସେହିପରି ଏକ ନିରାପଦ ସ୍ଥାନ ଆବଶ୍ୟକ । ଅଳ୍ପ ଦୂରରେ ଏକ ମସ୍ତବଡ଼ 'କଙ୍କଡା' ଗଛ ଥିଲା । ସେଥିରେ ବସିଲେ ଲାସକୁ ଟିକିଏ ସ୍ଥାନାନ୍ତରିତ କରିବାକୁ ପଡ଼ିବ । ଯାହାହେଉ ଏହା ବ୍ୟତୀତ ଅନ୍ୟ ଉପାୟ ନାହିଁ । ସେହି କଙ୍କଡା ଗଛର ଡାଳରେ ଦୁଇ ତିନି ଖଣ୍ଡ ଧାରଣା ବାନ୍ଧି ଜଣେ ଲୋକ ବସିବା ପାଇଁ ସୁବିଧା କରିନେଲୁ । ଯଦିଓ ଏହା ମୋର ନିରାପତ୍ତା ପାଇଁ ଯଥେଷ୍ଟ ଉଚ୍ଚ ନ ଥିଲା, ତଥାପି ମୁଁ ବସିବାକୁ ସାହସ କଲି । ମୋର ଦୃଢ଼ ବିଶ୍ୱାସ, ବାଘୁଣୀ ମୋତେ ଆକ୍ରମଣ କରିବା ପୂର୍ବରୁ ଲୋପ ପାଇଯାଇଥିବ । ଲାସକୁ ଉପଯୁକ୍ତ ଦୂରରେ ରଖି ବାନ୍ଧିବା ଆବଶ୍ୟକ । ଏପରି ଅପ୍ରୀତିକର କାର୍ଯ୍ୟ କରିବାକୁ ବାହାରୁଛି କିଏ ? ଆମ ମଧ୍ୟରେ ଟିକିଏ ଟେଢ଼ାଟେଢ଼ି ଲାଗିଲା । ଶେଷରେ ସାହାସିଆ, ଧର୍ମିଭାର ନବଘନ ଲାସକୁ ଟାଣିଆଣି ଉପଯୁକ୍ତ ଦୂରରେ ଗୋଟିଏ ଗଛର ଚେରରେ ଶକ୍ତକରି ବାନ୍ଧିଦେଲା । ମୋ ସଙ୍ଗରେ ସର୍ବଦା ପାଣି ଥାଏ । ନବଘନ ହାତ ପରିଷ୍କାର କରି ସିଗାରେଟ୍ ଖଣ୍ଡିଏ ଲଗାଇଲା । ତା' ସଙ୍ଗେ ସଙ୍ଗେ ଆମେ ମଧ୍ୟ ଖଣ୍ଡିଏ ଲେଖାଁ ଲଗାଇଲୁ । ଆମ ମଧ୍ୟରେ ସ୍ଥିର ହେଲା, ମୁଁ ଏକାକୀ ଜଗିକରି ବସିବି । କାରଣ ଏକରୁ ଅଧିକ ବସିବାର ସୁବିଧା ନାହିଁ । ଏକରୁ ଅଧିକ ଲୋକ ବସିଲେ ଏ ଚାଲାକୁଣ୍ଡା ବାଘୁଣୀ ମନୁଷ୍ୟର ଶଙ୍କା ବାରି ମଞ୍ଚାରେ ପଶିବା ଅସମ୍ଭବ ।

Digitized by srujanika@gmail.com

ମୁଁ ସାଥୀ ଦୁହିଁଙ୍କୁ ନିର୍ଦ୍ଦେଶ ଦେଲି—ବର୍ତ୍ତମାନ କଣ୍ଟାବାଡ଼ି ଗ୍ରାମକୁ ଚାଲିଯାଅ । ସୂର୍ଯ୍ୟୋଦୟ ପରେ ଯେତେ ଅଧିକ ପାର ଗ୍ରାମବାସୀଙ୍କୁ ସଙ୍ଗରେ ନେଇ-ଆସିବ । ମଞ୍ଚାଠାରୁ ଦୁଇ ଶହ ଗଜ ଦୂରରେ ରହି ଲୁଚିଥିବ । ମୋ'ଠାରୁ ଯଦି ଗୁଳିର ଶବ୍ଦ ପାଅ, ତେବେ ଆଉ ଭୟ କରିବାର କିଛି ନାହିଁ; ସିଧା ମୋ ପାଖକୁ ଚାଲିଆସିବ । ଯଦି ମୁଁ କିଛି ଗୁଳିର ନ ଫୁଟାଏଁ, ତେବେ ଅତ୍ୟନ୍ତ ସତର୍କତାର ସହିତ ବଣବୁଦାକୁ ଠେଙ୍ଗାପିଟି ପଡ଼ାଇ ପରିବେଷ୍ଟନ କରି ମୋ ପର୍ଯ୍ୟନ୍ତ ଚାଲି-ଆସିବ । ପାଠକେ ପଚାରିପାରନ୍ତି, ଏପରି କରିବାର କାରଣ କ'ଣ ? ଏହାର ଉତ୍ତର ଅତି ସହଜ । ଯଦି ବାଘୁଣୀ ଘାଇଆ ହୋଇଥାଏ, ଏପରି କରିବା ଦ୍ୱାରା ଦୂରକୁ ପଳାଇବ । ନଚେତ୍ ଯଦି ଆକ୍ରମଣ କରେ ଲୋକମାନେ ଦୂରରୁ ପ୍ରତିରୋଧ କରିବାକୁ ସମୟ ପାଇବେ । ଏତଦ୍ୱାରା ଆକସ୍ମିକ ଆକ୍ରମଣର ଭୟ ରହିବ ନାହିଁ ।

୨

ସେତେବେଳକୁ ସାଢ଼େ ପାଞ୍ଚଟା ସମୟ । ମୁଁ ଶୀଘ୍ର ଶୀଘ୍ର ମଞ୍ଚାରେ ବସିଗଲି । ସାଥୀମାନେ ଉଚ୍ଚ ସ୍ୱରରେ କଥାବାର୍ତ୍ତା ହୋଇ ବିଦାୟ ନେଲେ । ସେମାନେ ସୂର୍ଯ୍ୟାସ୍ତ ପୂର୍ବରୁ ନିଶ୍ଚୟ ଗ୍ରାମକୁ ଫେରିଯାଇଥିବେ । ନବଘନ ହାତରେ ତା'ର ଟୋପିବାର ବନ୍ଧୁକଟି ଅଛି । ସୁତରାଂ ସେମାନେ ନିରାପଦରେ ପହଞ୍ଚିପାରିବେ । ଏଥିରେ ମୋର କୌଣସି ସନ୍ଦେହ ରହିଲା ନାହିଁ । ଅପରିଷ୍କୃତ ଓ ଅପ୍ରଶସ୍ତ ମଞ୍ଚାରେ ବସିବାକୁ ବଡ଼ କଷ୍ଟ ହେଉଥାଏ । ପୁଣି ସାରାରାତି ମଣିଷଖିଆ ବାଘକୁ ପହରା ଦେବାକୁ ପଡ଼ିବ । ମୁଁ ଏହିପୂର୍ବରୁ ଏପରି ଅସ୍ୱସ୍ତିକର ମଞ୍ଚାରେ କେବେ ବସି ନ ଥିଲି । ମୋର ବ୍ୟାଗରେ କିଛି ବିସ୍କୁଟ୍ ଥିଲା । ମୁଁ ଦୁଇଟା ବିସ୍କୁଟ ଖାଇ ପାଣି ପିଇ ଟିକଏ ସୁସ୍ଥ ବୋଧ କଲି ।

ଅଦ୍ୟାପି ଅଦୂର ପାହାଡ଼ର ଉପତ୍ୟକାରେ ଲୋହିତବରଣ ସୂର୍ଯ୍ୟ ବିରାଜିତ ଅଛନ୍ତି । ନୀଡ଼ବାହୁଡ଼ା ପକ୍ଷୀଦଳ ବୃକ୍ଷରୁ ବୃକ୍ଷାନ୍ତର ଉଡ଼ି ବୁଲୁଛନ୍ତି । ସେମାନଙ୍କର କୋଳାହଳରେ ବନସ୍ଥଳୀ ମୁଖରିତ ହୋଇଉଠିଛି । ମୋ ପାଖରୁ କସ ମାତ୍ର ୧୫।୨୦ ଗଜ ଦୂରରେ ଥିଲା । ମଝେ ମଝେ ତହିଁରୁ ତୀବ୍ର ଗନ୍ଧ ବାହାରିଆସୁଥାଏ । ଏପରି ଶବଗନ୍ଧକର ବସିବା କେବେ ଘଟି ନ ଥିଲା । କ୍ରମେ ସୂର୍ଯ୍ୟ ଅସ୍ତାଚଳରେ

Digitized by srujanika@gmail.com

ଶୁଭିଗଲେ । ବନଭୂମିରେ ଘୋର ନୀରବତା ଘୋଟିଗଲା । ଝୁମୁଲୁସ୍ ବେଳ । ଏହିପରି ସମୟରେ ପ୍ରାୟତଃ ବାଘ ମଞ୍ଚ ଉପରକୁ ଆସିଥାଏ । ମୁଁ ଏକ ଲମ୍ବ, ଏକ ଧ୍ୟାନରେ ବସିଥାଏଁ । ଏହି ସମୟରେ ହଠାତ୍ 'ଭୁଇଁପେଚ୍' ଦୁ'ଟା ଫଡ଼ଫଡ଼ ହୋଇ ଉଡ଼ିଗଲେ । ମୋର ଆଶଙ୍କା ଅତ୍ୟନ୍ତ ବଢ଼ିଗଲା । ସ୍ପଷ୍ଟ କୌଣସି ସୂଚନା ନ ପାଇଲେ ମଧ୍ୟ ମୋର ମନେ ହେଲା ଯେପରି ବାଘୁଣୀ ତାହାର ଶତ୍ରୁଜନର ଓର ଖବର ବୁଝୁଛି । ସମ୍ଭବତଃ ଆଉ ଟିକକ ପରେ ମଞ୍ଚ ଉପରକୁ ଆସିଯିବ । ମୁଁ ତତ୍ପର ହୋଇ ବସିଥାଏଁ । ଦୃଷ୍ଟିଗୋଚର ହେବାମାତ୍ରେ ବନ୍ଧୁକ ଗର୍ଜି ଉଠିବ । କିନ୍ତୁ ତାହା ହେଲା ନାହିଁ । ବୋଧହୁଏ ସେ କୌଣସି ଆଶଙ୍କା ବାଉ ଖସିଗଲା ।

ସେଦିନ ବୋଧହୁଏ ଶୁକ୍ଳପକ୍ଷ ଚତୁର୍ଥୀ କି ପଞ୍ଚମୀ ଥିଲା । ପଶ୍ଚିମ ଆକାଶରେ ଉଜ୍ଜ୍ୱଳ ଜ୍ୟୋତ୍ସ୍ନାଲୋକ ଉଦ୍ଭାସିତ ହୋଇପଡ଼ିଲା ; କିନ୍ତୁ ଘନ ଲତାଜାଲ ଭେଦ କରି ବନଭୂମିକୁ ସ୍ପର୍ଶ କଲା ନାହିଁ । ଲକ୍ଷ୍ୟସ୍ଥଳ ଏବେ ମଧ୍ୟ ଅସ୍ପଷ୍ଟ ଆଲୋକରେ ଢାଙ୍କି ହୋଇ ରହିଛି । ଚତୁର୍ଦ୍ଦିଗ ନୀରବ ନିଃଶବ୍ଦ । ବାଘୁଣୀର କୌଣସି ସଙ୍କେତ ମିଳୁନାହିଁ । କୋଳରେ ସୁସ୍ଥ ବନ୍ଧୁକଟି ଥିବାରୁ ମୋର ଜଙ୍ଘ ବଧିର ପଡ଼ିଗଲାଣି । ମୁଁ ବନ୍ଧୁକକୁ ତଳେ ରଖି ଟିକିଏ ଗୋଡ଼ ସଳଖିଲି । ରାତି ପ୍ରାୟ ୮ଟା ସମୟ ହେବ । ଜହ୍ନ ବୁଡ଼ିବାକୁ ବସିଲାଣି । ଆଉ ଅଳ୍ପ ସମୟ ପରେ ଘୋର ଅନ୍ଧକାର ଘୋଟିଯିବ । ଜହ୍ନବୁଡ଼ା ସମୟକୁ ବାଘୁଣୀ ଆସିପାରେ । ବାଘ ମଞ୍ଚ ଉପରକୁ ଆସିବାର ଏହା ଗୋଟିଏ ଠିକ ବେଳ । ମୁଁ ପୁଣି ବନ୍ଧୁକକୁ କୋଳରେ ରଖି ତତ୍ପର ହୋଇଉଠିଲି । ଜହ୍ନ ବୁଡ଼ି ଅନ୍ଧାର ହେଲା । ମୋର ଦକ୍ଷିଣ ପଟରେ ମାଙ୍କଡ଼ଗୁଡ଼ାକ ଖେଁ ଖେଁ ହୋଇ ଚହଲ ପକାଇଦେଲେ । ମୁଁ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଲି ନାହିଁ । ବୋଧହୁଏ ସେମାନେ ଚିତା ବାଘ ଦେଖିଲେ । ବାଘ ଅପେକ୍ଷା ଚିତା ସେମାନଙ୍କ ପକ୍ଷରେ ଅଧିକ ଭୟପ୍ରଦ । ଅଳ୍ପ କେତେ ମିନିଟ ପରେ ସେ ଚହଲ ବନ୍ଦ ହୋଇଗଲା । ମୁଁ ଆଶା ନିରାଶା ମଧ୍ୟରେ ଝୁଲେଇ ଝୁଲେଇ ହେଉଥାଏଁ । ଅଳ୍ପ ସମୟ ପରେ ମୋର ପଶ୍ଚାତ୍‌ପଟରୁ ଦୁଇଟି କୁଟ୍ରା ଆକସ୍ମିକ ଭାବରେ ବୋବାଇଉଠିଲେ । ରୁହାଇ ରୁହାଇ ବୋବାଇ ସେମାନଙ୍କର ଭୀତତ୍ରସ୍ତ ଭାବ ସ୍ପଷ୍ଟ ସୂଚାଇ ଦେଉଥିଲା । ଏହା ବାଘୁଣୀ ଆସିବାର ନିଶ୍ଚିତ ସଙ୍କେତ । ମୁଁ ଛନ୍ଦରେ ବନ୍ଧୁକ ରଖି ପ୍ରସ୍ତୁତ ହୋଇଗଲି । ପ୍ରାୟ ୯। ଟ

Digitized by srujanika@gmail.com

ମିନିଟ ପରେ ମୋ ପାଖରୁ ମାତ୍ର ୪।୫ ଗଜ ଦୂରରେ ଖଣ୍ଡିଏ ଶୁଖିଲା କାଠ ଟୁକୁରର ଭାଙ୍ଗିବାର ଶବ୍ଦ ଶୁଣାଗଲା । ଏହା ମୋର ପଶ୍ଚାତ୍ଭାଗର ଘଟଣା । ତେଣୁ ମୋତେ କିଛି ଦେଖା ଯାଉ ନ ଥାଏ । ଏଥିରୁ ମୋର ନିର୍ଭୁଲ ଅନୁମାନ, ବାଘୁଣୀ ଅତି ସତର୍କତା ଅବଲମ୍ବନପୂର୍ବକ ଆସିବା ସମୟରେ ଶୁଖିଲା କାଠି ଉପରେ ପାଦ ପଡ଼ିଯିବାରୁ କାଠି ଖଣ୍ଡିକ ଭାଙ୍ଗିଗଲା । ତା ପରେ ଆଉ କୌଣସି ସୋର ଶବ୍ଦ ନାହିଁ । ମୁଁ ବେଶ୍ ବୁଝିପାରିଲି, ସେ ମୋ ନିକଟରେ ଛକିକରି ରହିଲାଣି । ମୁଁ ଟିକିଏ ଶଙ୍କିତ ହୋଇପଡ଼ିଲି । ବାଘୁଣୀର ଆକ୍ରମଣ ଓ ତାହାର ପ୍ରତିଆକ୍ରମଣ ବିଷୟ ଭାବୁଥାଏ । ଏବେ ଅପରାହ୍ଣ ମଧ୍ୟ, ସେଥିରେ ପୁଣି ସ୍ଥିର ନିଶ୍ଚଳ ଭାବରେ ବସିଯିବାରୁ ମାଂସପେଶୀ ଗୁଡ଼ିକ ଜଡ଼ ପାଲଟିଗଲାଣି । ଏହିପରି ଭାବରେ ଅଧଘଣ୍ଟାଏ କଟିଗଲା । ଏଇତକ ସମୟ ମୋ ପକ୍ଷରେ ଗୋଟିଏ ଯୁଗ । ଏହା ପରେ ମୋର ସମ୍ମୁଖର ବାମ ଦିଗରେ ଖର ଖର ଶବ୍ଦ ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ଏହି ଶବ୍ଦ କ୍ରମେ ନିକଟରୁ ନିକଟତର ହୋଇଆସୁଥାଏ । ସ୍ପଷ୍ଟ ବୁଝିପାରିଲି, ଦୁଇଟି ଝିଙ୍କ ମୋ ଆଡ଼କୁ ଅଗ୍ରସର ହେଉଛନ୍ତି । ଝିଙ୍କଙ୍କ ବ୍ୟତୀତ ଅନ୍ୟ କୌଣସି ବନ୍ୟ ଜୀବ ସ୍ୱଭାବତଃ ସମୟରେ ଏପରି ଶବ୍ଦ ହୁଏ ନାହିଁ । ସେମାନେ ଲୋକର ସ୍ୱରପାଖରେ ବୁଲି ତାକୁ ଶୁଙ୍ଘୁଥାନ୍ତି । ଦୁଇ ଏକ ମିନିଟ ପରେ ଉଭୟେ ମୋର ମଞ୍ଚାତଳ ଦେଇ ପଶ୍ଚାତ୍ଦିଗକୁ ଚାଲିଗଲେ । ଏଥିରୁ ନିଃସନ୍ଦେହ ପ୍ରମାଣ ମିଳିଲା ଯେ ବାଘୁଣୀ ନିକଟରେ ନାହିଁ ।

ଓହୋ ! ଟିକିଏ ନିଶ୍ୱାସ ମାରିଲି । ଅଙ୍ଗ ବଦଳାଇ ଗୋଡ଼ ହାତ ସଳଖିଲି । ବାଘୁଣୀ ଚାଲିଗଲେ ମଧ୍ୟ ମୁଁ ନିରୁତ୍ସାହ ହେଲି ନାହିଁ । ବରଂ ତାହାର ଚାଲିଯିବାଟା ଶୁଭସୂଚକ ବୋଲି ମନେ ହେଲା । ସେ ତାହାର ଆହାର ପ୍ରତି ଦୁଇବାର ଆକୃଷ୍ଟ ହୋଇ ଆସିଲାଣି । କିନ୍ତୁ ଭୋଜନ ଉପରେ ପଶୁନାହିଁ । କେବଳ ଶିକାର ଓ ଶିକାରୀଙ୍କର ଓର ଖବର ନେଇ ଫେରିଯାଉଛି । ମୋର ଦୃଢ଼ ବିଶ୍ୱାସ, ସେ ପୁନର୍ବାର ନିଶ୍ଚୟ ଆସିବ ଓ ଭୋଜନ ମଧ୍ୟ କରିବ । ମୁଁ ତାହାର ବାଟ ଚାହିଁ ବସିଥାଏଁ । ବସି ବସି ଦୀର୍ଘ ସମୟ କଟିଲା । ମୋର ଏପରି ଅଭ୍ୟାସ ଅଛି, ମୁଁ ଗଛଡାଳରେ ବସି ମୋର ନିଦ୍ରାଳସ ମେଣ୍ଟାଇ ନେଇପାରେଁ । କିନ୍ତୁ ଆଜି ମୋର ଆଖି କଷା ପଡ଼ିଲା ନାହିଁ । ବାଘୁଣୀ ବାର ବାର ଆସୁଛି । ପୁଣି ସେ

Digitized by srujanika@gmail.com

ଯେତେବେଳେ ଅସ୍ୱନକ ଆସି ପହଞ୍ଚିବ, ତାହାର ଠିକଣା କ'ଣ ? ତେଣୁ ମତେ ବରାବର ଜାଗିଥାଇ ରହିବାକୁ ପଡ଼ିଲା ।

୩

ଦଳଳପାଠ ଗ୍ରବଲେ । ଗ୍ରଠ ପାଇବାର ସୂଚନା ମିଳିଲା । ମୋର ମନରେ କ୍ରମେ ନୈରାଶ୍ୟ ବଢ଼ିଉଠୁଛି । ଏହି ସମୟରେ ମୋଠାରୁ ୧୦।୧୫ ଗଜ ଦୂରରେ ବାଘୁଣୀ ଅସ୍ପଷ୍ଟ ସ୍ୱରରେ ଗର୍ ଗର ଶବ୍ଦ କଲା । ମୋର ସମ୍ମୁଖର ଦକ୍ଷିଣରୁ ବାମକୁ ଏବଂ ବାମରୁ ଦକ୍ଷିଣକୁ ସେ ଟହଲିବାରେ ଲାଗିଥାଏ । ରାତି ଫର୍ଚ୍ଚା ହୋଇଆସିଲା । ତଥାପି ବୃକ୍ଷଲତାର ଜମ୍ବରେ ଅନ୍ଧକାର ଛପିରହିଛି । ମୁଁ ଅନିମେଷ ନେତ୍ରରେ ଦୃଷ୍ଟି ରଖିଥାଏଁ । ଅଳ୍ପ ସମୟ ପରେ ବାଘୁଣୀ ଦୃଷ୍ଟିଗୋଚର ହେଲା । ସେ ଭୂମିରେ ଲେପ୍‌ଟିପଡ଼ି ଆସ୍ତେ ଆସ୍ତେ ଲାସ୍ ଆଡ଼କୁ ଅଗ୍ରସର ହେଉଛି । ମୁଁ ବନ୍ଧୁକ ଘୁଣ୍ଡରେ ଭଲ ଲକ୍ଷ୍ୟ କଲି । ମୋର ଧାରଣା, ବାଘୁଣୀ ତାହାର ଭୋଜନ ଆରମ୍ଭ କଲେ ମୁଁ ସହି ସମ୍ଭାଳି ଫାୟାର କରିବି । କିନ୍ତୁ ତାହା ହେଲା ନାହିଁ । ବାଘୁଣୀର ଉଦ୍ଦେଶ୍ୟ, ସେ ସେଠାରୁ ମଡ଼କୁ ଅନ୍ୟତ୍ର ଉଠାଇନେଇ ଭୋଜନ କରିବ । ସେ ଆସି ପ୍ରଥମେ ଲାସ୍‌ର ବେକରୁ ଧରି ଏପରି ଏକ ଝାଙ୍କ ଦେଲା ଯେ, ବନ୍ଧା ହୋଇଥିବା ଲାଇଗୁଡ଼ିକ ପଟ୍-ପାଟ୍ ଛିଡ଼ିଗଲା । ମୁଁ ମୁହୂର୍ତ୍ତେ ବିଳମ୍ବ ନ କରି ଫାୟାର କରିଦେଲି । ଅସ୍ପଷ୍ଟ ଆଲୋକ ଓ ଘନଅନ୍ଧକାରଜନିତ ଝାପ୍‌ସା ଦୃଷ୍ଟି ଯୋଗୁଁ ମୋର ଲକ୍ଷ୍ୟ ଭ୍ରଷ୍ଟ ହେଲା । ଫାୟାର ହେବା ସଙ୍ଗେ ସଙ୍ଗେ ବାଘୁଣୀ ଘୋର ଗର୍ଜ୍ଜନ କରି ଝେପିଆସିଲା ମୋ ଆଡ଼କୁ । ଯେତେବେଳେ ସେ ତାହାର ସମସ୍ତ ମାଂସପେଶୀ ସଙ୍କୁଚିତ କରି ମୋ ଉପରକୁ ଡେଇଁବାକୁ ଉଦ୍ୟତ ହେଲା, ସେତିକି-ବେଳେ ମୁଁ ତାହାର ମୁଣ୍ଡକୁ ଲକ୍ଷ୍ୟକରି ପୁଣି ଫାୟାର କଲି । ସେ ତତ୍‌କ୍ଷଣାତ୍ ଲେଉଟିପଡ଼ି ବୁଦା ଅନ୍ଧାରରେ ଅଦୃଶ୍ୟ ହୋଇଗଲା ।

ମୁଁ ବନ୍ଧୁକରୁ ଖାଲି କାର୍ଟ୍ରିଜ ଦୁଇଟି ବାହାର କରି ଫିଙ୍ଗିଦେଲି । ନୂଆ ଦୁଇଟି ଲୋଡ୍ କରିନେଲି । ଗୁଳି ଲାଗିବାର ସୂଚନା ମିଳିଲା ନାହିଁ । ସେତେବେଳକୁ ଭୋର ୭ଟା ସମୟ । ଦୀର୍ଘ ୧୦ ଘଣ୍ଟା କାଳ ଅସ୍ୱସ୍ତିକର ମଞ୍ଚାରେ ବସି ମୋର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଅବଶ ହୋଇପଡ଼ିଲାଣି । ଏବେ ମୁଁ ହାତପାଦ ପ୍ରସାରି ଟିକିଏ ସୁସ୍ଥ ହେଲି । ବାଘୁଣୀ ବିଷୟରେ ଜାଣିବାକୁ ମୋର

Digitized by srujanika@gmail.com

ଉତ୍କଣ୍ଠା ବଳବତୀ ହୋଇଉଠିଲା । ଲୋକଙ୍କର ଆସିବା ଅପେକ୍ଷାରେ ଥାଏଁ । ଘଣ୍ଟିଏ ପରେ ଖଣ୍ଡିଏ ସିଗାରେଟ ପୋଡ଼ିବା ହୋଇଥାଏ ସେତେବେଳେ ମୋର ଏକମାତ୍ର କାମ । ପ୍ରାଚୀ ଦିଗରେ ସୂର୍ଯ୍ୟୋଦୟ ହେଲା । ବନଚର ପଶୁପକ୍ଷୀ ହର୍ଷିତ ହୋଇ ଚଳାଚଳ ଆରମ୍ଭ କରିଦେଲେ । ବଣସ୍ଥଳ ହସିଉଠିଲା । ଦଳେ ବନ୍ୟ କୁକ୍କୁଟ ଲଟା ଅନ୍ତରାଳରେ ଚରା କରିବାକୁ ଲାଗିଲେ । ସେମାନେ କ୍ରମେ ନିକଟରୁ ନିକଟତର ହୋଇଆସୁଥାନ୍ତି । ଯେତେବେଳେ ମୋ ପାଖରୁ ୫।୨୦ ଗଜ ଦୂରରେ ଆସି ପହଞ୍ଚିଲେ, ସେତେବେଳେ ସେମାନେ ହଠାତ୍ ଆର୍ତ୍ତରବ କରି ଉଡ଼ି ପଳାଇଲେ । ସେମାନେ ଆକସ୍ମିକ ଏପରି ଆତଙ୍କିତ ହେବାର କାରଣ କ'ଣ ହୋଇପାରେ ? ବାଘୁଣୀକୁ ଦେଖିବା ବ୍ୟତୀତ ଅନ୍ୟ କୌଣସି କାରଣ ମୋର ବୁଦ୍ଧିରେ ଆସୁନାହିଁ । ଯଦି ବାଘୁଣୀ ହୋଇଥାଏ, ତେବେ ଜୀବିତ ନା ମୃତ ? ଏ ପ୍ରଶ୍ନ ମୋର ଚିତ୍ତକୁ ଆନ୍ଦୋଳିତ କରିବା ସ୍ୱାଭାବିକ । ଏତେ ନିକଟରେ ଥାଇ ଯେତେବେଳେ ତା'ର କୌଣସି ସୋରଗୋଳ ଶୁଣାଯାଉନାହିଁ, ଜୀବିତ ଥିବା କେବେ ସମର୍ଥନଯୋଗ୍ୟ ହୋଇ ନ ପାରେ । ଏଣୁ ମୁଁ ଟିକିଏ ଆଶାନ୍ୱିତ ହୋଇ-ପଡ଼ିଲି । ସେତେବେଳକୁ ସାଢ଼େ ସାତଟା ସମୟ ।

୪

ଗ୍ରୀଷ୍ମକାଳୀନ ସୂର୍ଯ୍ୟ ପ୍ରଚଣ୍ଡ ତେଜରେ ଉଠିଆସିଲେ । ମୁଁ ଶିକାରୀ ପୋଷାକ ପିନ୍ଧିଥିବାରୁ ଝାଳରେ ବୁଡ଼ିଗଲି । ସ୍ୱେଦଶୋଷରେ ଅଟ୍ପାଟି ହେଉଥାଏ । ସାଥୀମାନେ ଏପର୍ଯ୍ୟନ୍ତ ନ ଆସିବାରୁ ଛଟପଟ ହେବାକୁ ଲାଗିଲି । ଏହି ସମୟରେ ମୋର ନିକଟବର୍ତ୍ତୀ ଏକ ଅନୁଚ୍ଚ କୋରୁଡ଼ା ଡାଳରେ 'ବାଘେର କେରେକେଟା' ନାମକ ଏକ ପକ୍ଷୀ ଅସମ୍ଭବ ରକମର କେଁ-କଟର ଲଗାଇଦେଲା । ଆଉ ଯେତେ ଦୁଆଡ଼େ ଥିଲେ, ପକ୍ଷୀଦଳ ଆସି ସେଠାରେ ରୁଣ୍ଡ ହୋଇପଡ଼ିଲେ । କିଛିକ୍ଷଣ ପାଇଁ ଗୋଟାଏ ବଡ଼ ହଟ୍ଟଗୋଳ ଲାଗିଗଲା । ପକ୍ଷୀମାନେ, ଜୀବିତ ହେଉ ବା ମୃତ ହେଉ, ବାଘକୁ ଦେଖିଲେ ଏପରି ହୁଅନ୍ତି । ସୁତରାଂ କେରେପା ମରିଛି ଏବଂ ଅଦୂରରେ ପଡ଼ିଛି ବୋଲି ମୋର ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେଲା । ତଥାପି ଏକାକୀ ମଞ୍ଚାରୁ ଓହ୍ଲାଇବା ନାଣ୍ଡବଲୁବ ।

Digitized by srujanika@gmail.com

ଦେଢ଼ ଟା ସୁଦ୍ଧା ମୋର ସାଥୀମାନେ ଲୁଆଇଲେ । ପୂର୍ବ ନିର୍ଦ୍ଦେଶମତେ ମୁଁ ନୀରବ ରହିଲି । ସେମାନେ ପ୍ରାୟ ୨୦।୨୫ ଜଣ ଲୋକ ଥିଲେ । ମହା କୋଳାହଳ ଧ୍ୱନିସହ ଚଣ୍ଡେରୁଦା ସଙ୍ଗେ ମାଡ଼ିଆସିଲେ । ସେମାନେ ମଞ୍ଚା ନିକଟରେ ପହଞ୍ଚିବାମାତ୍ରେ ମୁଁ ଓହ୍ଲାଇଲି । ମାଡ଼ ସ୍ଥାନରେ ବ୍ଲୁମ ଓ ରକ୍ତ ପଡ଼ିଥିଲା । ଆମେ ରକ୍ତର ଦାଗକୁ ଧରି ମୋଟେ ୧୦। ୨ ଗଜ ଗଲୁ ପରେ ବାଘୁଣୀ ମରି ପଡ଼ିଥିବାର ଦେଖି ଆନନ୍ଦ ଲୁଚାଇଲି ନାହିଁ । ମୁଁ ମୁଣ୍ଡକୁ ଲକ୍ଷ୍ୟ କରିଥିଲି । କିନ୍ତୁ ମୋର ଗୁଳିଟି ବାଘୁଣୀର ଡାହାଣ ପାଖ ବେକରେ ଲାଗିଥିଲା । ସେଥିପାଇଁ ୧୦।୨୦ ଗଜ ଚାଲିଯିବାକୁ ସମର୍ଥ ହେଲା ।

ମୃତ ସ୍ତ୍ରୀଲୋକର କୁଟୁମ୍ବ କେତେଜଣ ଶବ ସତ୍କାର ପାଇଁ ଲାସକୁ ଆଣିବା ସକାଶେ ସେଠାରେ ରହିଗଲେ । ବାକି ସମସ୍ତେ ବାଘୁଣୀକୁ ନେଇ କଣ୍ଟାବାଡ଼ ଗ୍ରାମକୁ ଫେରିଆସିଲୁଁ । ବାଘ ଦେଖିବାକୁ ଗ୍ରାମର ଆବାଳବୃଦ୍ଧବନିତା ରୁଣ୍ଡ ହୋଇଗଲେ । ବାଘ ଦେଖିବା ସାଙ୍ଗ ସରିଲା । ମୁଁ ନିଜେ ବାଘୁଣୀର ଛାଲ ଉତାରିବସିଲି । ତା'ର ଆଗ ଡାହାଣ ଗୋଡ଼ରୁ ଗୋଟିଏ ବକ୍‌ସର୍ଟ ବାହାରିଲା । ମୋର ପୂର୍ବ ଅନୁମାନ ଠିକ୍ ହୋଇଛି । ଏହି କାରଣରୁ ସେ ଖୋଟେଇ ଖୋଟେଇ ଚାଲୁଥିବାର ଜଣାପଡ଼ିଲା । ପୁଣି ତା'ର ଗର୍ଭାଶୟରେ ଦୁଇଟି ପୂର୍ଣ୍ଣାବୟବ ସନ୍ତାନ ଥିଲେ । ବିଜୟଗର୍ବରେ ବିଭୋର ହୋଇ ଆମ୍ଭେମାନେ ଛାଲସହ ଗ୍ରାମକୁ ଫେରିଲୁଁ ।

ମିରଗ ଓ ଚିତାବାଘ

୧

ବହୁଦିନ ବିରତି ପରେ ଆଜି ଶିକାରକୁ ଯିବାର ଇଚ୍ଛା ବଳବତ୍ତର ହୋଇଉଠିଲା । ଶରତ୍ ଋତୁ । ଶାରଦୀୟ ଜ୍ୟୋତ୍ସ୍ନାଲୋକରେ ବନଭୂମି ବିଧୌତ । ତତ୍ ସଙ୍ଗେ ସଙ୍ଗେ ମୃଗୟା-କ୍ରୀଡ଼ା ଏତେ ଆନନ୍ଦଦାୟକ ଯେ, କେବଳ ଶିକାରୀଙ୍କ ବ୍ୟତୀତ ଅନ୍ୟ କେହି ତାହା ଉପଲବ୍ଧି କରିପାରିବେ ନାହିଁ । ଯଦିଓ ଶିକାର ଖେଳରେ ଜୀବନ ସଙ୍କଟାପନ୍ନ ହେବାର ଆଶଙ୍କା ଅଛି, ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼େ, ତଥାପି ଶିକାରପ୍ରେମୀ ଲୋକଙ୍କର ଚିତ୍ତରେ ଅପାର ଆନନ୍ଦ ଲାଭ ହୁଏ ।

Digitized by srujanika@gmail.com

ରାତି ଭୋଜନ ପୂର୍ବରୁ ଫେରିଆସିବାର କଥା । ବିଶେଷ କିଛି ପ୍ରସ୍ତୁତିର ଆବଶ୍ୟକତା ନ ଥିଲା । ମୁଁ ସନ୍ଧ୍ୟା ଆଗମନ ପୂର୍ବରୁ ପ୍ରସ୍ତୁତ ହୋଇଗଲି । ତୌଣେସି ପରିବାଣ୍ଡିଆ (ଶିକାରସାଥୀ) ସଙ୍ଗରେ ନେବା ପ୍ରସ୍ତାବ ମୋର ନ ଥିଲା । ଦେଁଭାନ୍ତି ତମେଇ ପରିବାଣ୍ଡିଆ ମୋ ସଙ୍ଗରେ ଯିବାକୁ ଅଯାଚିତ ଭାବରେ ବାହାରିଲେ । ତାଙ୍କର ସାଗ୍ରହ ନିବେଦନ ଏଡ଼ାଇଦେଇ ପାରିଲି ନାହିଁ । ତମେଇ ଅଳ୍ପ ସମୟ ମଧ୍ୟରେ ଘରୁ ଫେରିଲେ । ମୁଁ ଆଗରୁ ପ୍ରସ୍ତୁତ ଥିଲି । ଯାତ୍ରା ଅନୁକୂଳ ସମୟରେ ତମେଇ ନାକରେ ଅଙ୍ଗୁଳି ରଖି ବାର ବାର ଦୀର୍ଘ ନିଶ୍ୱାସ ତ୍ୟାଗ କଲେ । ସେଥିରୁ ସେ କ'ଣ ବାରିଲେ କେଜାଣି, କହିଲେ, "ବାବୁ, ଟିକିଏ ଅଟକିଯାଅ । ବାଁ ପୁଡ଼ାରେ ନିଶ୍ୱାସ ଯାଉଛି । ଡାହାଣ ପୁଡ଼ାକୁ ନିଶ୍ୱାସ ଫେରୁ, ଅନୁକୂଳ ହେବ ।" ଡାହାଣ ପୁଡ଼ାରେ ନିଶ୍ୱାସ ଖେଳୁଥିବାବେଳେ ଯାତ୍ରା କଲେ କୁଆଡ଼େ ଶୁଭ ହୁଏ । ଉପହାସ କରିବାର ସାମଗ୍ରୀ ହେଲେ ମଧ୍ୟ ଶିକାର ସମୟରେ ଏପରି ଅନ୍ଧବିଶ୍ୱାସକୁ ଏଡ଼ି-ଦେବାର ସାହାସ ମୋର ହୁଏ ନାହିଁ । ମୁଁ ଅଟକିଗଲି । ପାଞ୍ଚ ମିନିଟ ପରେ ପୁଣି ତମେଇ ନିଶ୍ୱାସ ବାରି କହିଲେ, "ଏଥର ଚାଲ ।" ମୁଁ ଚାଲିଲି ।

ବର୍ଷାଋତୁରେ କୃଷକମାନେ ଜଙ୍ଗଲ କାଟି ବିଆଲି ଧାନ, ମାଣ୍ଡିଆ, ହରଡ଼, ରାଶି ଆଦି ଫସଲ କରନ୍ତି । ଶରତ ଋତୁରେ ଧାନ, ମାଣ୍ଡିଆ ପାଚେ । ବାର୍ହା, ମିରିଗ, ସମ୍ବର ପ୍ରଭୃତି ବନ୍ୟଜନ୍ତୁଙ୍କର ଉତ୍ପାତ ବଢ଼ିଯାଏ । ଏହି ସମୟରେ ଶିକାର ମିଳିବା ଅପେକ୍ଷାକୃତ ସହଜ । ଆମେ ଗ୍ରାମଠାରୁ ଦୁଇ ମାଇଲ ଦୂର ପଞ୍ଚିଆ ଜଙ୍ଗଲର 'ପୋଡ଼ା ବାଞ୍ଜଳ' ନାମକ ସ୍ଥାନରେ ପହଞ୍ଚିଲୁ । ସେଠାରେ ଏକ ବିସ୍ତୃତ ଅଞ୍ଚଳରେ ପାଚିଲା ଧାନ ଫସଲ ଥିଲା । ୬।୭ ଜଣ ରଖୁଆ (କୃଷିରକ୍ଷୀ) ସେଠାରେ ଥିଲେ । ସେମାନଙ୍କଠାରୁ ଶିକାର ସମ୍ବନ୍ଧରେ କେତେକ ତଥ୍ୟ ସଂଗ୍ରହ କରିନେଲୁଁ । ବାର୍ହା ଫସଲ କଅଁଶକୁ ଯିବାଆସିବା କରୁଥିବାରୁ ଘୋଡ଼ା (ବାଡ଼ମଧ୍ୟସ୍ଥ ଗଳି ରାସ୍ତା) ମୁହଁରେ ବାଡ଼ାବନ୍ଧ (ଲୁଚିକରି ବସିବା ସ୍ଥାନ) ପ୍ରସ୍ତୁତ କରିବା ସ୍ଥିର ହେଲା । ହାତୀ ମଧ୍ୟ ଭଲ କଅଁଶରେ ଧାନ ଖାଉଥାନ୍ତି । ଶିକାରୀଙ୍କ ପକ୍ଷରେ ବାଘଠାରୁ ହାତୀ ଅଧିକ ବିପଦ୍‌ଜନକ । ସେମାନେ ବଡ଼ ସନ୍ଦେହୀ । ତାଙ୍କର କୌଣସି ସ୍ଥାନରେ ଅଣୁମାତ୍ର ସନ୍ଦେହ ହେଲେ ତାହା ଟିକିନିଖି ତଦାରଖ ନକରି ନିରସ୍ତ ହେବେନାହିଁ । ଶିକାରୀଙ୍କର ବସିବା ସ୍ଥାନ ଠାବରେଇବାରେ ସେମାନେ ଅତ୍ୟନ୍ତ ପାରଦର୍ଶୀ । ସବୁଠାରୁ ବଡ଼ ବିପଦ, ହାତୀ ଏତେ ନୀରବ ଓ କୌଶଳରେ ଆସ

Digitized by srujanika@gmail.com

ହାବୁଡ଼ିଯିବ ଯେ, ଶିକାରୀ କୌଣସି ପ୍ରକାର ସତର୍କତା ଅବଲମ୍ବନ କରିବାକୁ ବେଳ ପାଇବ ନାହିଁ । ଏଣୁକରି ଆମ୍ଭମାନଙ୍କ ମନରେ ଶଙ୍କା ଜନ୍ମିବା ସ୍ୱାଭାବିକ । ଏହା ବୋଲି ଭୀତତ୍ରସ୍ତ ହେବା ଶିକାରୀଙ୍କର ଲକ୍ଷଣ ନୁହେଁ ।

କୌଣସି ପ୍ରକାର ଗୋଳମାଳ ନ କରିବା ସକାଶେ କୃଷି-ରକ୍ଷୀମାନଙ୍କୁ ଭଲା ତାଗିଦ୍ କରିଦେଲୁ । ତା'ପରେ ଆମ୍ଭେମାନେ ବାଉଁଶ ବଣରେ ଦୃଢ଼ ଆସ୍ଥାନ ଜମାଇ ବସିଗଲୁ । ସେଦିନ ଭାଦ୍ରବ ମାସ ଶୁକ୍ଲ ତ୍ରୟୋଦଶୀ । କୌମୁଦୀବୋଳା ବୃକ୍ଷଲତା ଓ ସଦ୍ୟ ପ୍ରସ୍ଫୁଟିତ ପୁଷ୍ପଗୁଚ୍ଛ ମନକୁ ମୁଗ୍ଧ କରୁଥାଏ । ବୃକ୍ଷଆଡ଼େ ଗୁଳୁ ଜ୍ୟୋତ୍ସ୍ନାଲୋକ ବିଚ୍ଛୁରିତ ହୋଇ ପଡ଼ୁଥାଏ । ନିକଟବର୍ତ୍ତୀ ବିସ୍ତୃତ ବନାନୀରେ ସବୁଜତାର ଅମିୟ ଧାରା ପ୍ଲାବିତ ହେଉଥାଏ । ଚତୁର୍ଦ୍ଦିଗରେ ଶାନ୍ତ ନିସ୍ତବ୍ଧତା ଘୋଟିଆସିଲା । କୃଷି ରକ୍ଷୀମାନେ ଦିନସାରାର ହାଡ଼ଭଙ୍ଗା ପରିଶ୍ରମ ପରେ ନିଦ୍ରାଭିଭୂତ ହୋଇପଡ଼ିଲେଣି । ଆଶା ନିରାଶା ମଧ୍ୟରେ ବସି ବସି ବିରକ୍ତି ଲାଗିଲା । ଫେରିଆସିବାକୁ ଇଚ୍ଛା ହେଉଛି—ଏହି ସମୟରେ ଟିଟିଭ ପକ୍ଷୀର ଘନ ଘନ ଚିତ୍କାର କୌଣସିନା କୌଣସି ଶିକାର ଆଗମନର ନିର୍ଦ୍ଦେଶ ଦେଲା । ସଙ୍କେତ ଦ୍ୱାରା ତମେଇଙ୍କୁ ସାବଧାନ କରାଇଦେଇ ମୁଁ ପ୍ରସ୍ତୁତ ହୋଇଗଲି । ଅଳ୍ପ ସମୟ ପରେ ଏକ ମସ୍ତବଡ଼ ଦନ୍ତା ବାରହା ଆମର ଅନତି ଦୂରରେ ରହି ଫଁ ଫଁ ଶବ୍ଦ କରୁଥାଏ । ବାରହା, ମିରିଗ, ସମ୍ବର ପ୍ରଭୃତି ଜନ୍ତୁ ଫସଲକୁ ପଶିବା ପୂର୍ବରୁ ବେଢ଼ାର ଅପର ପାର୍ଶ୍ୱରେ ରହି ବିପଦର ଆଶଙ୍କା ଅଛି କି ନା ବୁଝନ୍ତି । ଯେତେବେଳେ ସେମାନେ ନିଃସନ୍ଦେହ ହେବେ, ସେତେବେଳେ ଯାଇ ଫସଲ ମଧ୍ୟକୁ ପଶିବେ, ଲେଶମାତ୍ର ବିପଦର ସୂଚନା ପାଇଲେ ଫେରିଯିବେ । ଏହା ସେମାନଙ୍କର ପ୍ରକୃତି । ବନ୍ଧୁକର ଘୋଡ଼ା ଚଢ଼ାଇବା ଶବ୍ଦ, ବନ୍ଧୁକ ବାରେଲ ହଲିଯିବା ଆଦି ଶବ୍ଦରେ ମଧ୍ୟ ସେମାନେ ଦୁରୁଡ଼ ପଳାଇଯାଆନ୍ତି ।

ବାରହାର ଫଁ ଫଁ ଶବ୍ଦରେ ତମେଇଙ୍କର ହୃତ୍‌କମ୍ପ ଜାତ ହେଲା । ସେ ମେଲେରିଆ ରୋଗୀ ପରି କମ୍ପିବାକୁ ଆରମ୍ଭ କଲେ । ଏହି ସମୟରେ ବାରହା ବେଢ଼ାକୁ ମଡ଼ମାଡ଼ କରି ମାଡ଼ିଦେଇ କଖାରୁ ମଧ୍ୟକୁ ଆସି ଉଡ଼ ଉଡ଼ କରି ସାନକେଣ୍ଡା ଛିଣ୍ଡାଇ ଖାଇବାରେ ଲାଗିଲା । ତମେଇ ଅତ୍ୟଧିକ ବେଗରେ କମ୍ପିବାକୁ ଲାଗିଲେ । ସେତେବେଳେ ବାରହା ମୋର ଦୃଷ୍ଟିର ଅନ୍ତରାଳରେ

Digitized by srujanika@gmail.com

ଥିଲି । ତେଣୁ ମୁଁ ନିରୁପାୟ । ଏହି ସମୟରେ ମୁଁ ଓମେଇଙ୍କ କାନ ପାଖରେ ପଚାରିଲି, "କ'ଣ ହେଲା ?" ସେ କମ୍ପିତ କଣ୍ଠରେ କହିଲେ—"ହା···ଆ···ଅ ···ଥୀ ହା···ଆ···ଆ···ଥୀ ।" ଏତିକରେ ହାତୀର ଭୟଙ୍କର ହୁଙ୍କାର ଶବ୍ଦ ବନ ଚମକ୍ଷ କଲା । ମୁଁ ଅବାକ୍ । ଓମେଇଙ୍କ ଉପରେ ରୁଷ୍ଟ ହୋଇ ଲାଭ କ'ଣ ? ହଟେଲର ମୁଖରେ ହାରିଯାଇ ସେତେ ଦୁଃଖିତ ହୋଇ ନ ଥିବି, ମୁଁ ତଦପେକ୍ଷା ଅଧିକ ଦୁଃଖିତ ହେଲି । ଶିକାରୀ ଶିକାରରେ ଅକୃତକାର୍ଯ୍ୟ ହୋଇ ଫେରିଆସିବାକୁ ସହଜେ ଇଚ୍ଛା କରେ ନାହିଁ । ମୁଁ ପୁନର୍ବାର ଭାଗ୍ୟ ପରୀକ୍ଷା କରିବାକୁ କୃତସଂକଳ୍ପ ହେଲି । ଆମ୍ଭେମାନେ କୃଷିରକ୍ଷୀଙ୍କ କୁଟୀରକୁ ଫେରିଲୁ ।

୨

ମୋର ନୂତନ ଉଦ୍ୟମ ପ୍ରସ୍ତାବକୁ କୃଷିରକ୍ଷୀ ଦଳ ଅନ୍ତରର ସହ ଅନୁମୋଦନ କଲେ । ଏଣେ ଉଦରଜ୍ୱାଳା ଅସମ୍ଭାଳ । ଆମର ଖାଇବା ବିଷୟ ନେଇ କୃଷରକ୍ଷୀମାନେ ଟିକିଏ ଇତସ୍ତତଃ ହୋଇପଡ଼ିଲେ । ହେଲେ ସେମାନେ ଜଙ୍ଗଲ ମଧ୍ୟରେ ପୁଣି ଏତେ ରାତିରେ କି ବ୍ୟବସ୍ଥା ବା କରିପାରନ୍ତେ ? ଜଣେ ଅତି ସନ୍ତର୍ପଣରେ କହିଲେ, "ବାବୁ, କାକୁଡ଼ି ଖାଇବେ ?" ମୁଁ ନୀରବ ରହିଲି । 'ମୌନଂ ସମ୍ମତି ଲକ୍ଷଣଂ' ବୁଝିପାରି ସେ ଭେଡ଼ା କଡ଼ରେ ଲାଗିଥିବା ଗଛରୁ ଚାରିଟି କଣ୍ଟିଆଳି କଞ୍ଚି କାକୁଡ଼ି ଆଣି ଥୋଇଲେ । ଲୁଣ, ଲଙ୍କା ସେମାନଙ୍କ ପାଖରେ ଥିଲା । ମୁଁ ଦୁଇଟି ଖାଇ କ୍ଷୁଧା ନିବାରଣ କଲି । ଓମେଇଙ୍କର ସେଥିରେ ବୋଧହୁଏ ଉଦର ପୂର୍ତ୍ତି ହେଲା ନାହିଁ । ସେ ନିଜେ ଦୁଇ କାକୁଡ଼ି ଗୋଟା ଗୋଟା ଖାଇଲେ ସେ କଥା କହନ୍ତି । ମାତ୍ର କେଣେ ତୃପ୍ତି ଲାଭ କଲାପରି ଜଣାପଡ଼ିଲେ । ଶିକାର ଖେଳ ଶିକାରୀଙ୍କ ପକ୍ଷରେ ଏତେ ଆନନ୍ଦଦାୟକ ଯେ, ଖାଇବା, ଶୋଇବା ପ୍ରତି ଭ୍ରୂକ୍ଷେପ ରହେ ନାହିଁ । ଏହାପରେ ଆମେମାନେ କୃଷିରକ୍ଷୀଙ୍କ ମଧ୍ୟରୁ ତିନିଜଣଙ୍କୁ ସଙ୍ଗରେ ନେଇ ଦ୍ୱିତୀୟ ବାର ଭାଗ୍ୟ ପରୀକ୍ଷା କରିବାକୁ ଅଭିଯାନ କଲୁ । ସେମାନଙ୍କୁ ସଙ୍ଗରେ ନେବା ଆମର ଇଚ୍ଛା ନୁହେଁ । କିନ୍ତୁ ସେମାନେ ଶିକାର କୌତୂହଳରେ ଆମ ସଙ୍ଗରେ ବାହାରିଲେ । ଭଦ୍ରତା ଖାତିରରେ ଆମେ ତାଙ୍କୁ ବାରଣ କରିପାରିଲୁଁ ନାହିଁ ।

ପ୍ରାୟ ଅର୍ଦ୍ଧ ମାଇଲ ଦୂରରେ 'ପେଣ୍ଡ୍ରେସ ଡୋଲଡ଼' ନାମକ ଗୋଟିଏ କ୍ଷୁଦ୍ର ପାହାଡ଼ । ମୁଁ ଜାଣେ, ଏହି ପାହାଡ଼ର ପାଦଦେଶରେ ରାଶି ଫସଲ ହୋଇଛି ।

Digitized by srujanika@gmail.com

ହରିଣମାନେ ଘାସ ପତ୍ର, ଫୁଲ ଓ ଫଳ ଖାଇବାକୁ ଯାଇ । ଆମ୍ଭେମାନେ ହରିଣର ସନ୍ଧାନରେ ଶିକାରୀଙ୍କ ଅଭିମୁଖେ ଅଗ୍ରସର ହେଲୁଁ ଶିକାରଅସ୍ଥାନଠାରୁ ପ୍ରାୟ ଏକ ଫର୍ଲଙ୍ଗ ଦୂରରେ ଥିଲୁ, ଏହି ସମୟରେ ଜାଠରେ ଠାଠ ବାଜେଇବାପରି ଠକ୍ ଠକ୍ ଶବ୍ଦ ଶୁଣାଗଲା । ଏଥିରେ ମୋର ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । ମୋର ଖୁବ୍ ବିଶ୍ୱାସ, ଦୁଇଟି ମିଳନ ଶିଙ୍ଘାଳ ଲଢ଼ାଲଢ଼ି ହେଉଛନ୍ତି । କିନ୍ତୁ ସେତେବେଳକୁ ମୋର ସାଥୀମାନେ ଏକାବେଳକେ ଭୀତତ୍ରସ୍ତ ହୋଇପଡ଼ିଲେଣି । ସେମାନଙ୍କର ଜୋର୍'ଦାର ବିଶ୍ୱାସ, 'ହାଡ଼ବାଇ' (ଭୂତପ୍ରେତ ବିଶେଷ) ଦାନ୍ତ ପାଡ଼ୁଛି । ମୁଁ ସେମାନଙ୍କୁ ସେହିଠାରେ ରଖାଇଦେଇ ଶିଙ୍ଘାଳ ଆଡ଼କୁ ଯିବାପାଇଁ ଉଦ୍ୟତ ହେଲି । ସେମାନେ ମୋତେ ବିଶେଷ ଅନୁରୋଧ କରି ବାରଣ କଲେ । କହିଲେ, "ହାଡ଼ବାଇ ହାତରେ ପଡ଼ିଗଲେ ଆଉ ଜୀବନ ପାଇବ ନାହିଁ । ତେବେ ଯାଅ ନା ।" ମୁଁ ଏକ ତାଚ୍ଛଲ୍ୟର ହସ ହସି କହିଲି, "ମୋର ଭୂତପ୍ରେତରେ ବିଶ୍ୱାସ ନାହିଁ । ସତରେ କ'ଣ 'ହାଡ଼ବାଇ' ଅଛି ? ଭଲ ହେଲା । ଭୂତ ସମ୍ବନ୍ଧରେ ଗୋଟିଏ ଅଭିଜ୍ଞତା ହୋଇଯିବ ।" ପାଠକମାନଙ୍କର କୌତୂହଳ ଚରିତାର୍ଥ କରିବାପାଇଁ 'ହାଡ଼ବାଇ' ଓ 'ଭୁସୁଁଆ' ନାମକ ଭୂତପ୍ରେତବିଶେଷଙ୍କ ସମ୍ବନ୍ଧରେ ଦୁଇ ପଦ ଲେଖିବା ଆବଶ୍ୟକ ମନେକରୁଛି ।

ହାଡ଼ବାଇ ଓ ଭୁସୁଁଆ ପ୍ରଭୃତି ଭୂତପ୍ରେତଙ୍କ ବିଷୟରେ କେତେକ ଶିକାରୀଙ୍କଠାରୁ ଅତି ବିସ୍ମୟକର ଓ ଅସମ୍ଭବ କାହାଣୀମାନ ଶୁଣିଛି । ସେମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ଶିକାରୀମାନେ ଗୁଡ଼, ଚଣ୍ଡେଇ ଓ ବରା ଚକୁଳି ଆଦିରେ ଭେଟି ଉପଚାର କରିବା ମୁଁ ନିଜେ ଦେଖିଛି । କିନ୍ତୁ ମୋର ଶିକାରୀ ଜୀବନରେ ମୁଁ କେବେ ଭୂତପ୍ରେତ ଦେଖିନାହିଁ କିମ୍ବା କୌଣସି ଉପଦ୍ରବ ଜାଣିନାହିଁ । କେତେକ ଶିକାରୀ କହନ୍ତି, ଭୁସୁଁଆ ବାର୍‌ହା, ମିରିଗ ରୂପରେ ଆସି ଦେଖାଦିଏ । ବନ୍ଧୁକ ଲକ୍ଷ୍ୟ କଲାବେଳକୁ ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇଯାଏ । ସ୍ଥଳବିଶେଷରେ ଶିକାରୀକୁ ଗୁଳି କଲା ପରେ ଦେଖାଯାଏ, ମାତ୍ର ସ୍ଥାନରେ କୌଣସି ଜନ୍ତୁର ଖୋଜଚିହ୍ନ ବି ନାହିଁ । ଏଥିରୁ ବୁଝାପଡ଼େ, ଏହା ଭୁସୁଁଆର କୋପଦୃଷ୍ଟି । ପୁଣି କେବେ କେବେ ଜନ୍ତୁ ଖଡ଼ା ଉପରକୁ ଆସିବା ସମୟରେ ଭୁସୁଁଆ ହୁରୁଡ଼େଇଦିଏ । ଫଳରେ ଶିକାରୀ ବିଫଳ ହୋଇ ଫେରନ୍ତି । କେବେ କେବେ ଶିକାରୀଙ୍କୁ

Digitized by srujanika@gmail.com

ନାନାପ୍ରକାର ଖେଳ ପ୍ରଦର୍ଶନ କରାଏ । ଏହିପରି ନାନାପ୍ରକାର ଉପଦ୍ରବ କରେ ବୋଲି ଗୁଜବ ଶୁଣାଯାଏ ।

ଥରେ ବୁଢ଼ା ବାଣ୍ଡିଆ ବଳସେନା ତାଙ୍କ ଶିକାରୀ ଜୀବନର ଗୋଟିଏ ଘଟଣା ଏହିପରି ବର୍ଣ୍ଣନା କରୁଥିଲେ—"ଦିନେ ମୁଁ ଶିକାରକୁ ଯାଇ ଗୋଟିଏ ପାଣିଖିଆ ଉପରେ ଜଗିକରି ବସିଥିଲି । କିଛି ସମୟ ପରେ ପଲେ ବାରହା ଆସି ମୋର ଅଦୃଶ୍ୟରେ ବାଡ଼ାବନ୍ଧ ସ୍ୱଳପାଖେ ଫଁ ଫଁ, ଖସଖାସ୍ ହୋଇ ବୁଲିଗଲେ । ସେତେବେଳେ ମୋର ମନରେ କୌଣସି ସନ୍ଦେହ ନ ଥିଲା । କିଛି ସମୟ ପରେ ପୁଣି ଗୋଟିଏ ଶିଙ୍ଗ ଶିଙ୍ଘାଳ ହଠାତ୍ ପାଣିକୂଳରେ ଦେଖାଦେଲା । ସେ ପାଣି-କୂଳରେ ବୁଲିଲା, ଅଥଚ ପାଣି ପିଇଲା ନାହିଁ । ମୋର ମନରେ ଟିକିଏ ସନ୍ଦେହ ହେଲା । ମୁଁ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେ ଅଦୃଶ୍ୟ ହୋଇଗଲା । ଆହୁରି କିଛି ସମୟ ପରେ ମୁଁ ଟିକିଏ ଘୁମେଇ ପଡ଼ିଲି । ଯେତେବେଳେ ମୁଁ ସଚେତ ହୁଏଁ, ଦେଖିଲି, ଏକ ମସ୍ତବଡ଼ ମହାବଳ ବାଘ ମୋର ଅଳ୍ପ ନିକଟରେ ବସିଛି । ମୋର ହୃଲକ ଶୁଖିଗଲା । ବନ୍ଧୁକ ଉଠାଇବାର ସ୍ପୃହା ନାହିଁ । ତେବେ କ'ଣ ? ମୁଁ କେବଳ 'ହାରି ମଧୁସୂଦନ' ଜପ କରୁଥାଏଁ । ୨୪ ମିନିଟ ପରେ ବାଘ ମୋର ସାମନାରୁ ଉଠିଗଲା । କିନ୍ତୁ ପଛ ପାଖକୁ ବୁଲିପଡ଼ି ଗର ଗର ହେଉଥାଏ । କିଛି ସମୟ ପରେ ପାଖ ବଣବୁଦାରୁ ଦଳାଚକଟି ମଣ୍ଡମନ୍ଥନ କଲା, ଏଥିରୁ ମୁଁ ସ୍ଥିରନିଶ୍ଚିତ ହେଲି ଯେ ଏସବୁ ଭୂତୁଙ୍କର କାଣ୍ଡ । ଅଚ୍ଛା, ଦେଖାଯାଉ, କ'ଣ ହେଉଛି ! ୨୪ ମିନିଟ ପରେ ସବୁ ନିଶବ୍ଦ ! ଏବେ ମୁଁ କରେ କ'ଣ ? ଆସ୍ଥାନ ଛାଡ଼ିବାକୁ ଭୟ । ପୁଣି ସେଠାରେ ଏକ ମୁହୂର୍ତ୍ତ ରହିବା ମୋ ପକ୍ଷରେ ଅସମ୍ଭବ । ଏହିପରି ଦ୍ୱନ୍ଦ୍ୱରେ ପଞ୍ଚ ପ୍ରଭୁଙ୍କ ନାମ ସ୍ମରଣ କରୁଥାଏଁ । ଏହି ସମୟରେ ଜଣେ କେହି ଶିକାରୀଙ୍କ ପରି କୁଆଇଲା । ମୋର ଟିକିଏ ଦମ୍ଭ ହେଲା । ମୁଁ ବାଡ଼କୁ ଉଠିଲି । ସାହାଯ୍ୟ ପାଇବା ଆଶାରେ ମୁଁ ମଧ୍ୟ କୁଆଇଲି । କେଣ୍ଟ ଅନୁରୂପ ପ୍ରତିଉତ୍ତର ମିଳିଲା । ସେ ଅଟକିଯିବାକୁ ନିର୍ଦ୍ଦେଶ ଦେଲେ ମଧ୍ୟ କିଛି ଫଳ ହେଲା ନାହିଁ । ଏହା ମଧ୍ୟ ଭୂତୁଙ୍କର କରାମତ ବ୍ୟତୀତ ଆଉ କିଛି ନୁହେଁ ବୋଲି ମୁଁ ଧରିନେଲି । ଦଶ ଅବତାର ସ୍ତୋତ୍ର ଗାଇ ଗାଇ ମୁଁ ଘରେ ପହଞ୍ଚିଲି । ସେ ଦିନ ଭଗବାନ ମୋତେ ବଞ୍ଚାଇଦେଲେ ।

Digitized by srujanika@gmail.com

ଏବେ ମୁଁ ମୋର କାହାଣୀ ଆରମ୍ଭ କରୁଛି । ମୁଁ କୃଷ୍ଣ ଋଷୀମାନଙ୍କ ବାରଣ ନ ମାନି ଧୀର ପଦକ୍ଷେପରେ ସୃଷ୍ଟିକ୍ଷେତ୍ର ଆଡ଼କୁ ଆଗେଇଲି । କିଅଶ୍ଚ ନିକଟରେ ଛପି ରହି ଦେଖିଲି, ସତକୁ ସତ ଦୁଇଟି ଶିଙ୍ଘାଳ ଶିଙ୍ଗରେ ଶିଙ୍ଗ ଲଗାଇ ମଲ୍ଲଯୁଦ୍ଧରେ ମାତିଯାଇଛନ୍ତି । ସେମାନେ ମାଡ ମାପରୁ ଦୂରରେ ଥିଲେ । ମୁଁ ଲେଢ଼ା କଡ଼ରେ ଲୁଚି ଅପେକ୍ଷାରେ ଥାଏଁ । କେଉଁଟିଏ ଅପରକୁ ବହୁତ ଦୂର ଠେଲିନିଏ । ପୁଣି ଅପର ଅନ୍ୟକୁ ଠେଲିଆଣେ । ତଦନୁସାରେ ମୁଁ କେତେବେଳେ ଏପାଖ, କେତେବେଳେ ସେପାଖ ହୋଇ ଫାୟାର କରିବାକୁ ସୁଯୋଗ ଖୋଜୁଥାଏଁ । ଶିଙ୍ଘାଳ ଦୁଇଟି ଏକୁ ଆରେକ ବଳିଆର । କେହି କାହାକୁ ଛାଡ଼ିବାର ପାତ୍ର ନୁହନ୍ତି । ଏହିପରି କେତେ ସମୟ କଟିଗଲା । କ୍ରମେ ରେଞ୍ଜ ଉପରକୁ ଆସିଗଲେ । ସେତେବେଳେ ଦୁହେଁଯାକ ମୁଣ୍ଡକୁ ମୁଣ୍ଡ ଲଗାଇବା ଅବସ୍ଥାରେ ଥାନ୍ତି । ମୁଁ ସେମାନଙ୍କର ମୁଣ୍ଡକୁ ଲକ୍ଷ୍ୟ କରି ଅଲ୍‌ଫାମେକ୍ସ ଶର୍ଟଟିଏ ଫାୟାର କରିଦେଲି । ଦୁଇଟିଯାକ ଶିଙ୍ଘାଳ ସେଇଠି ଢଳିପଡ଼ିଲେ ।

ମୁଁ ମୋର ଲୋକମାନଙ୍କ ପାଖକୁ ଫେରିଆସିଲି । ଲୋକମାନେ ସେ ସ୍ଥାନରେ ନ ଥିବାର ଦେଖି ମୁଁ ବିସ୍ମିତ ହୋଇଗଲି । ପାଖଆଖରେ କାହିଁ କେଉଁଠି ଶୋଇପଡ଼ିଥିବେ ବୋଲି ମୋର ଅନୁମାନ । ମୁଁ ଖୁବ୍ ଜୋରରେ ଡାକିଲି । ଦୂରବର୍ତ୍ତୀ ଏକ ଉଚ୍ଚ ବୃକ୍ଷ ଉପରୁ ସେମାନେ ଉତ୍ତର ଦେଲେ । ବଣୁଆ ଭୂଇଁବାରେ ଆଉ ବାଣ ରହିଲା ନାହିଁ । ହଜାରେ ବଳ ଥିଲେ କ'ଣ ହେବ ? ସାହସ ନ ଥିଲେ ସବୁ ଅକାରଣ । ସେମାନେ ଆସି ଉପସ୍ଥିତ ହେଲେ । ମୁଁ ଅକ୍ଷତ ଶରୀରରେ ଫେରିଆସିବାର ଦେଖି ସେମାନେ ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇପଡ଼ିଲେ । ମୁଁ ସେମାନଙ୍କର ନିର୍ବୋଧତା ବୁଝିପାରି ହାସ୍ୟ ସମ୍ବରଣ କରିପାରିଲି ନାହିଁ । ସେମାନେ ଯେତେବେଳେ ଶୁଣିଲେ ଦୁଇଟି ଶିଙ୍ଘାଳ ମରି ପଡ଼ିଛନ୍ତି, ତାଙ୍କର ଭୟ କୁଆଡ଼େ ଉଭେଇଗଲା । ଶିକାର ହସ୍ତଗତ କରିବାକୁ ଶୀଘ୍ରପଦରେ ବାହାରିପଡ଼ିଲେ । ଶିକାର ଦୁଇଟିକୁ ନେଇ ଘରକୁ ଫେରିବା ସେତେବେଳେ ସମ୍ଭବ ନୁହେଁ । ତେଣୁ ନିକଟବର୍ତ୍ତୀ ପାହାଡ଼ ଉପରକୁ ନେଇଗଲୁଁ ।

ପାହାଡ଼ଟି ଅନେକ ଛୋଟ ବଡ଼ ଖୋଲଡ଼ରେ ପୂର୍ଣ୍ଣ । ଏହି ଖୋଲଡ଼ମାନଙ୍କରେ ବହୁତ ପେଣ୍ଟେର୍ ବା ହେଟାବାଘ ବାସ କରନ୍ତି । ଏଣୁକରି ବୋଧହୁଏ

ଏହାର ନାମ 'ପେଣ୍ଟ୍ରେସ୍ ଡୋରଡ୍' ହୋଇଅଛି । ପାହାଡ଼ଟି ଅତି ଉଚ୍ଚ ନ ହେଲେ ମଧ୍ୟ ନିତାନ୍ତ ନୀଚ ନୁହେଁ । ଉପରିଭାଗ ପ୍ରଶସ୍ତ ଓ ସମତଳ । ବଡ଼ ବଡ଼ ପଥର ଚଟାଣ ଖଣ୍ଡମାନଙ୍କରେ ପୂର୍ଣ୍ଣ । ଖଣ୍ଡିଏ ଖଣ୍ଡିଏ ପଥର ଉପରେ ୧୦।୧୨ ଜଣ ଲୋକ ଏକ ସଙ୍ଗରେ ବସି ଭୋଜନ କରିପାରିବେ । ପାହାଡ଼ର ଏକ ପ୍ରାନ୍ତରୁ ସ୍ୱଚ୍ଛତୋୟା କଳନାଦିନୀ କ୍ଷୁଦ୍ର ନିର୍ଝରିଣୀଟିଏ ନାନା ବାଧାବିଘ୍ନ ଅତିକ୍ରମ କରି ସାଗର ସଙ୍ଗମ ଉଦ୍ଦେଶ୍ୟରେ ଧାଉଁଛି । ବଣଭୋଜି କରି ଆନନ୍ଦ ଉପଭୋଗ କରିବାର ଏହା ଗୋଟିଏ ଉତ୍କୃଷ୍ଟ ସ୍ଥାନ । ପଟିଆର ରାଜାସାହେବ ଓ ଗ୍ରାମବାସୀ ବର୍ଷରେ ଏକାଧିକ ବାର ଏଠାରେ ବଣଭୋଜି କରନ୍ତି ।

ଶରତ୍‌କାଳ । ରଜତଶୁଭ୍ର ଚନ୍ଦ୍ରାଲୋକରେ ପାହାଡ଼ଟିର ନିସର୍ଗ ସୌନ୍ଦର୍ଯ୍ୟ ଅବଲୋକନ କରି କାହାର ମନପ୍ରାଣ ତୃପ୍ତ ନ ହେବ ? ପାହାଡ଼ ଉପର ପ୍ରତ୍ୟେକ ବୃକ୍ଷରେ ତୁଷାରଧବଳକାନ୍ତି ସୁବାସିତ ମାଳତୀ ପୁଷ୍ପ ପ୍ରସ୍ଫୁଟିତ ହୋଇ ନୟନମନ ହରଣ କରୁଥାଏ । ପୁଷ୍ପମଣ୍ଡିତ ବୃକ୍ଷ ଗୁଳ୍ମଙ୍କ ଗୋଟିଏ ଗୋଟିଏ ଶୁଭ୍ର ଅଟ୍ଟାଳିକା ବା ଦେବମନ୍ଦିରର ସଦୃଶ ଶୋଭା ପାଉଥାନ୍ତି । ଏହିସବୁ ଦେବଦୁର୍ଲଭ ଦୃଶ୍ୟାବଳି ଦେଖି ଦେଖି ଓ ସୁବାସିତ ସୁଶୀତଳ ସମୀରଣ ସେବନ କରି ମୁ କେତେବେଳେ ନିଦ୍ରିତ ହୋଇପଡ଼ିଛି ଜାଣେ ନାହିଁ ।

ଏଣେ ପରିବାଣ୍ଡିଆ ଡମେଇଙ୍କ ବ୍ୟବସ୍ଥାମତେ ମାଂସପୋଡ଼ାର ଆୟୋଜନ ହେବାକୁ ଲାଗିଲା । ମାଂସପୋଡ଼ା କଥା ଶୁଣି ବୋଧହୁଏ ପାଠକେ ନାକ ଟେକୁଥିବେ । କିନ୍ତୁ ମାଂସପୋଡ଼ାର ପ୍ରଣାଳୀ ଶୁଣିଲେ ପାଟିରୁ ଲାଳ ବହିବ । ଅବଶ୍ୟ ସେ ପ୍ରଣାଳୀ ଏଠାରେ ଉଲ୍ଲେଖ କରି ଲେଖାଟିର କଲେବର ବୃଦ୍ଧି କରିବା ମୋର ଇଚ୍ଛା ନୁହେଁ । ଯାହାହେଉ, ମାଂସପୋଡ଼ା ଶେଷ ହେବା ପରେ ଖାଇବା ପାଇଁ ମୋତେ ଡାକରା ପଡ଼ିଲା । ସେତେବେଳକୁ ରାତି ଗୋଟାଏ ସମୟ ହେବ । ଭୋକରେ ପେଟ ଜଳୁଥିଲା । ମୁଁ ଏକାବେଳକେ ସେରେ ଖଣ୍ଡେ ମାଂସ ଉଦରସାତ୍ କରିଦେଲି । ମୋର ସାଥୀମାନେ ମଧ୍ୟ ଆକଣ୍ଠ ଭୋଜନ କଲେ । କେତେଖଣ୍ଡ ତାଳ ଚାଣି ଶିଳାରକୁ ଘୋଡ଼େଇଦେଇ ସମସ୍ତେ ନିଶ୍ଚିନ୍ତଭାବରେ ଶୋଇଗଲୁଁ ।

Digitized by srujanika@gmail.com

କେତେ ସମୟ ଯେ ଶୋଇପଡ଼ିଥିଲି କହିପାରିବି ନାହିଁ । ଖସ୍‌ଖାସ୍ ମଡ଼୍‌ମାଡ଼୍ ଶବ୍ଦରେ ହଠାତ୍ ମୋର ନିଦ ଭାଙ୍ଗିଗଲା । ସେତେବେଳକୁ ଚନ୍ଦ୍ର ବୁଡ଼ିଗଲେଣି । ଘୋର ଅନ୍ଧକାର ଘୋଟିଯାଇଥିଲା । ଆସ୍ତେ ମୁଣ୍ଡ ଟେକି ଦେଖେଁ ତ କୋଉଟିଏ ମସ୍ତବଡ଼ ଜଳଗ୍ରପଡ଼ିଆ ବାଘ ଆମର ବହୁକଷ୍ଟାର୍ଜିତ ଶିକାରକୁ ଗ୍ରାସ କରିବାରେ ଲାଗିପଡ଼ିଛି । ମୁଁ ଅତି ସାବଧାନତାର ସହ ଉଠି ବସିଲି । ଗୁଳିଭରା ବନ୍ଧୁକଟି ଆସ୍ତେ ଉଠାଇଆଣିଲାବେଳକୁ ଦୈବାତ୍ ଖଡ୍ କରି ସାମାନ୍ୟ ଶବ୍ଦ ହେଲା । ଏହି ଶବ୍ଦରେ ବାଘ ସତର୍କ ହୋଇଯାଇ ମାଂସ ଖାଇବା ବନ୍ଦ କରିଦେଲା । ଆଉ ସନ୍ଧିସନ୍ଧାନ ଲକ୍ଷ୍ୟ କରିବାର ବେଳ ନାହିଁ । ବନ୍ଧୁକ ଘୋଡ଼ାକୁ ଉଠାଇବାମାତ୍ରେ ଫାୟାର କରିଦେଲି । ସେ ମାତ୍ରେ ମାତ୍ରେ ମୁହଁ ମୋଡ଼ି ପଡ଼ିଗଲା । କିନ୍ତୁ ମିନିଟିକ ପରେ ଘୋର ଗର୍ଜନ କରି ଆଖିପିଛୁଳାକେ ପଳାଇଲା । ବାଘର ଗର୍ଜନରେ ମୋର ସାଥୀ ଲୋକେ ଚିତ୍କାର କରି ମୋତେ କୁଣ୍ଢେଇ ପକାଇଲେ । ଏହା ବଡ଼ ବିପଦ୍‌ଜନକ ଅବସ୍ଥା । ବାଘକୁ ଗୁଳି କରିବା ପରେ ନୀରବ ରହିବା ନିୟମ । ମୋର ବୁଦ୍ଧି ସ୍ଥିର ନାହିଁ । ଜଣେ ଦୁଇ ଜଣଙ୍କ ଉପରେ ବନ୍ଧୁକ କୁନ୍ଦା ବସିବାରୁ ଅସ୍ଥି ପଡ଼ିଲେ । କିଛି ସମୟ ଜାଗ୍ରତ ରହି ଦେଖିଲୁଁ, ବାଘର କୌଣସି ସୋର ଶବ୍ଦ ନାହିଁ । ତା' ପରେ ମୁଁ ଟିକିଏ ଶୋଇଗଲି । କିନ୍ତୁ ସାଥୀମାନେ ଖାଡ଼ା ପହରା ଦେଲେ ।

ରାତି ପାହିଲା । ମୟୂରମାନେ କେଁ କାଁ ଶବ୍ଦ କରି ଉଷାରାଣୀଙ୍କର ସମ୍ବର୍ଦ୍ଧନା କଲେ । ପର୍ବତ ସ୍ଥଳୀରେ ଚହଳ ପଡ଼ିଲା । ମର୍ଦ୍ଦିଶିପାର କର୍ଣ୍ଣରସାୟନ ଶବ୍ଦ ଦୂରରୁ ଭାସିଆସୁଥାଏ । ମଝେ ମଝେ ମର୍ଦ୍ଦିଶିଆଳର ବୁହାଟ ବିଜନତା ଦୂର କରୁଥାଏ । ଆମ୍ଭେମାନେ ପ୍ରାତ୍ୟକର୍ମ ସାରିବାକୁ ଝରଣାକୂଳକୁ ଚାଲିଗଲୁଁ । ତେଣୁ ଫେରି ବାଘର ସନ୍ଧାନ ନେବା ହେଲା ଆମର କାମ ।

ଅନୁସନ୍ଧାନ ଫଳରେ ବୁଝିପାରିଲୁ, ବାଘ ଦେହରେ ଗୁଳି ଲାଗିଛି; କିନ୍ତୁ ମର୍ମ ସ୍ଥାନରେ ନୁହେଁ । ୫୦ ହାତ ତଫାତ୍‌ରେ ରକ୍ତ ଟୋପା ଟୋପା ହୋଇ ପଡ଼ିଯାଇଥାଏ । ରକ୍ତର ଚିହ୍ନକୁ ଅନୁସରଣ କରି ଆମ୍ଭେମାନେ ଖଣ୍ଡେବାଟ ଯିବା ପରେ ନିଘଞ୍ଚ ଜଙ୍ଗଲବଣ ପଡ଼ିଲା । ଘାଇହୁଆ ବାଘର ପିଛା କରିବାକୁ ହେବ । କେଜାଣେ କେତେବେଳେ ମୁହାଁମୁହିଁ ହୋଇଯାଇପାରେ ! ସଙ୍ଗରେ ଲୋକ ନେବା

Digitized by srujanika@gmail.com

ନିରାପଦ ନୁହେଁ । ତେଣୁ ସାଥୀମାନଙ୍କୁ ସେହିଠାରେ ରଖାଇଦେଇ ମୁଁ ରକ୍ତ ଛିଟାର ଆଧାରରେ ବାଘର ପିଛା ଧରିଲି । ନିପଟ ବଣ ମଧ୍ୟରେ ସିଧାସଳଖ ଚାଲିବାର ଉପାୟ ନାହିଁ । ନଇଁ ନଇଁ, ଗୁରୁଣ୍ଡି ଗୁରୁଣ୍ଡି, କେଉଁଠି ବା ସିଧା ହୋଇ ଚାଲିଥାଏଁ ।

ପ୍ରାୟ ୨୦୦ ଶହ ଗଜ ଗଲି ପରେ, ବାଘ କେଉଁଠାରେ ଥିଲା, ଅପ୍ରତ୍ୟାଶିତ ଭାବରେ ଘୋର ଗର୍ଜନ କରି ମିଶିଆସିଲା । ମୁଁ ନିଜକୁ ରକ୍ଷା କରିବାର କୌଣସି ଉପାୟ ନ ଦେଖି ବନ୍ଧୁକ ଭିଡିରେ ଭିଡ଼ି ପ୍ରସ୍ତୁତ ରହିଲି । ଆହତ ଅବସ୍ଥା, ପୁଣି ନିବିଡ଼ ଜଙ୍ଗଲ । ତେଣୁ କ୍ଷିପ୍ର ବେଗରେ ଅଗ୍ରସର ହେବା ତା ପକ୍ଷରେ ସହଜ ହେଲା ନାହିଁ । ୩।୪ ମିନଟ୍ ପରେ ସେ ମୋର ଦୃଷ୍ଟିଗୋଚର ହେଲା ମୋ ପାଖରୁ ୩୦ ଗଜ ଦୂରରେ । ସେ ପଛଗୋଡ଼ରେ ଠିଆହୋଇ କୁଦା ମାରିବାବେଳକୁ ମୁଁ ଫାୟାର କଲି । ଜବରଦସ୍ତ ଗୁଳିଟି ତା'ର ପେଟରେ ଲଗି ପିଠିରେ ଫୁଟିଗଲା । ତହୁଁ ସେ ଏକବାରକେ କ୍ରୋଧାନ୍ଧ ହୋଇ ଦ୍ୱିଗୁଣ ବେଗରେ ମୋତେ ଆକ୍ରମଣ କଲା । ମୁଁ ଦ୍ୱିତୀୟ ବାର ଫାୟାର କଲି । ଏଥର ବୋଧହୁଏ ମୋର ଚେଷ୍ଟା ବିଫଳ ହେଲା । ସେତେବେଳକୁ ବାଘ ଆସି ମୋର ଅତି ନିକଟରେ ପହଞ୍ଚିଗଲାଣି । ତା' ମୋ' ମଧ୍ୟରେ ତଫାତ୍ ଗୋଟିଏ ଝଙ୍କା ଫିଙ୍କିକ ବୁଦା ।

ବନ୍ଧୁକରେ କାର୍ଟ୍ରିଜ ନାହିଁ । ବାଘ ଆଁ କରି ମୋ ଉପରକୁ କୁଦା ମାରିବା ଉପରେ । ଏପରି ପରିସ୍ଥିତିରେ ମୋର ଅବସ୍ଥା ଯାହା ହୋଇଥିବ ପାଠକେ ଅନୁମାନ କରିପାରୁଥିବେ । ସାହସ ବାନ୍ଧି ପ୍ୟାଣ୍ଟ ପକେଟରୁ ୨ଟି କାର୍ଟ୍ରିଜ କାଢ଼ି ବନ୍ଧୁକରେ ଲୋଡ଼୍ କଲି । ପଛକୁ ଘୁଞ୍ଚିବାର ସୁବିଧା ନାହିଁ । ବାଘ ଉପରକୁ ଲକ୍ଷ୍ୟ କଲାବେଳକୁ ଫିଙ୍କିବୁଦା ପ୍ରତିବନ୍ଧକ ହେଉଛି । ଉପାୟାନ୍ତର ନ ଦେଖି ମୋତେ ଅପେକ୍ଷା କରିବାକୁ ପଡ଼ିଲା । ମୁଁ ଲକ୍ଷ୍ୟ କରୁଥାଏଁ । ସେତେବେଳକୁ ବାଘର ଜୀବନ-ପ୍ରଦୀପ ଲିଭି ଲିଭି ଆସୁଛି । ଏହିପରି ଚକାତକ ଭାବରେ ୫ ମିନଟ୍ କଟିଗଲା । ଦୀପ ଲିଭିଗଲାବେଳେ ଯେପରି ଦପ୍‌କରି ଜଳିଉଠେ ସେହିପରି ବାଘ ହଠାତ୍ ଗର୍ଜନ କରି ମୋ ଉପରକୁ କୁଦା ମାରିଲା । ମୁଁ ସଙ୍ଗେ ସଙ୍ଗେ ବସିପଡ଼ିଲି । ବାଘ ମୋ ଉପର ଦେଇ ପାଞ୍ଚ ହାତ ଦୂରରେ ଗୋଟିଏ ବୁଦା ଉପରେ ପଡ଼ିଲା । ମୁଁ ତତ୍‌କ୍ଷଣାତ୍ ଉଠିପଡ଼ି ତା' ଗ୍ରୀବାରେ ବନ୍ଧୁକ ଲଗାଇଦେଲି । ଗୁଳି ଚଳାଇବା ଆଉ ଦରକାର ନାହିଁ । ସେ ଆଖି ମିଟିମିଟି କରି, ଦାନ୍ତ ନେଫେଡ଼ି ପଡ଼ିଥାଏ ।

Digitized by srujanika@gmail.com

ତଥାପି ମୁଁ ତା' ଗୁଡ଼ରୁ ବନ୍ଧୁକ ହଟାଇବା ଉଚିତ ମନେକଲି ନାହିଁ । ୨।୩ ମିନଟ୍ ପରେ ତା'ର ଶେଷ ନିଶ୍ୱାସ ଟିକକ ବନ୍ଦ ହୋଇଗଲା । ସାଥୀମାନଙ୍କୁ ଡାକ ଦେଲି । ବାଘ ଓ ମିଗ ଶିକାରକୁ ନେଇ ଆମ୍ଭେମାନେ ସଦର୍ପେ ଘରକୁ ଫେରିଲୁଁ । ବାଘର ଲମ୍ବ ୭ ଫୁଟ ୫ ଇଞ୍ଚ ଥିଲା ।

ହାତୀ ସଙ୍ଗରେ ଭେଟ

୧

ପଟିଆ ଜଙ୍ଗଲ ଅସଂଖ୍ୟ ହରିଣ, ସମ୍ବର, କୁଟ୍ରା, ବାରହାଆଦିଙ୍କର ପ୍ରିୟ ବିଚରଣ କ୍ଷେତ୍ର ଥିଲା । ତାହାର କାରଣ, ପଟିଆ ଜଙ୍ଗଲର ଠିକ ଦକ୍ଷିଣରେ ଚନ୍ଦକା ସଂରକ୍ଷିତ ଜଙ୍ଗଲ ପରିବେଷ୍ଟିତ । ଆଇନାନୁଯାୟୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗୋରୁ, ମଇଁଷି, ମନୁଷ୍ୟ ପ୍ରବେଶ ନିଷେଧ । ତେଣୁ ବନ୍ୟ ପଶୁମାନେ ଏହି ନିରନ୍ଧ୍ର ବନରାଜି ମଧ୍ୟରେ ଅବାଧରେ ବାସ କରନ୍ତି । ପଟିଆ ଜଙ୍ଗଲରେ ନାନା ପ୍ରକାର ଫସଲ ସୃଷ୍ଟି ହୁଏ ଏବଂ ନାଳ ଓ ବନ୍ଧ ପ୍ରଭୃତି ଥିବାରୁ ଏଠାରେ ପାଣିର କିଞ୍ଚିତ୍ ସୁଲଭତା ଅଛି । ଖାଦ୍ୟ ଓ ପାନୀୟର ସୁଲଭତା ଯୋଗେ ସଂରକ୍ଷିତ ଜଙ୍ଗଲର ଜୀବଜନ୍ତୁ ପଟିଆ ଜଙ୍ଗଲ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇ ତାହାକୁ ସର୍ବଦା ଚରିଭୂମିରୂପେ ବ୍ୟବହାର କରନ୍ତି । ବାଘମାନେ ସଂରକ୍ଷିତ ଜଙ୍ଗଲରେ ତାଙ୍କର ପ୍ରିୟ ଓ ସହଜଲଭ୍ୟ ଖାଦ୍ୟ ଗୋରୁ, ମଇଁଷି ନ ପାଇ କ୍ଷୁଧା ନିବାରଣ କରିବା ଉଦ୍ଦେଶ୍ୟରେ ପଟିଆ ଜଙ୍ଗଲକୁ ଆସିଥାନ୍ତି । ତେଣୁ ଏହା ବାଘର ନିତ୍ୟ ଲୀଳାକ୍ଷେତ୍ର ଥିଲା । ଯଦିଓ ହାତୀ ଏ ଅଞ୍ଚଳରେ ସର୍ବଦା ବାସ କରନ୍ତି ନାହିଁ ତେବେ ଫସଲ ସମୟରେ ହଠାତ୍ ଆବିର୍ଭୂତ ହୋଇ ଘୋର ଉପଦ୍ରବ ଘଟାଇଥାନ୍ତି । ଅଧିକନ୍ତୁ ବନାନୀର ପ୍ରାକୃତିକ ପରିବେଶ ଶିକାର ପକ୍ଷରେ ବିଶେଷ ସହାୟକ । ଅତଏବ ପଟିଆ ଜଙ୍ଗଲ ଶିକାରୀଙ୍କ ପକ୍ଷରେ ସ୍ୱର୍ଗ ।

ଘୋର ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ଯେ, ବର୍ତ୍ତମାନ ସେ ଚିରସବୁଜ ବନାନୀର କମନୀୟ ଶୋଭା ଆଉ ନାହିଁ । ବନାଞ୍ଚଳର ପାହାଡ଼ ପର୍ବତ ପର୍ଯ୍ୟନ୍ତ ଖୋଲାତଡ଼ା ହୋଇ ପାରାଦୀପ ବନ୍ଦରକୁ ସ୍ଥାନାନ୍ତରିତ ହୋଇଗଲାଣି । ଏବେ ଅରଣ୍ୟାନୀର ଶ୍ରୀହୀନ ଦୃଶ୍ୟ ଦେଖିଲେ ମନରେ ସ୍ୱତଃ ଦୁଃଖ ଆସେ—ଆହା ! କି ଥିଲା, କି ହେଲା !

Digitized by srujanika@gmail.com

ପୌଷ ମାସର ଶେଷ ଭାଗ । ଜଙ୍ଗଲରେ ପ୍ରବାହିତ ବର୍ଷାଦିନିଆ ଜଳାଧାରଗୁଡ଼ିକ ଶୁଷ୍କ ହୋଇଆସୁଛି । ନିଗଞ୍ଜ ବନାଞ୍ଚଳରେ କଦାଚିତ୍ ସ୍ଥାନେ ସ୍ଥାନେ ସ୍ୱଳ୍ପ ଜଳ ସଞ୍ଚିତ ହୋଇ ରହିଯାଇଛି । ଏହା କତିପୟ ବନ୍ୟ ପଶୁପକ୍ଷୀମାନଙ୍କର ତୃଷାନିବାରଣର ସ୍ଥଳ । ଶୀତକାଳରେ ପଶୁପକ୍ଷୀ ଅଧିକ ଜଳପାନ କରିବାର ଦେଖାଯାଏ । ତେଣୁ ସେମାନେ ପ୍ରାୟ ନିୟମିତ ଭାବରେ ଅରଣ୍ୟମଧ୍ୟସ୍ଥ ଜଳାଧାରକୁ ଆସିଥାନ୍ତି । ମୁଁ ପୂର୍ବରୁ ଏପରି ଏକ ପାଣିହୋର ସନ୍ଧାନ ପାଇଥିଲି, ଯେଉଁଠାରେ କି ଏକ ମସ୍ତବଡ଼ ଦନ୍ତା ବାର୍‌ହା ପାଣି ଖାଇବା ସଙ୍ଗେ ସଙ୍ଗେ କାଦୁଅରେ ଲୋଟପାଟ ହୋଇଥାଏ । ପଙ୍କରେ ଲୋଟିବା ସେମାନଙ୍କର ପ୍ରକୃତି । ପୁଷମାସିଆ ବାର୍‌ହା ମାଂସର ଲୋଭ ସମ୍ବରଣ କରିବା ସହଜ ନୁହେଁ । ଏଣୁ ମୁଁ ସେଦିନ ଶିକାରକୁ ଯିବା ସ୍ଥିର କଲି ।

ଦିନ ୩ଟା ସମୟ । ମୁଁ ପ୍ରସ୍ତୁତ ହୋଇ ବାହାରିପଡ଼ିଲି । ଏକାକୀ ଚାଲିଯାଉଛି, ଗ୍ରାମର ଉପକଣ୍ଠରେ ପହଞ୍ଚିବାବେଳକୁ ଜଣେ ସମ୍ପର୍କୀୟ ଲୋକଙ୍କ ସହିତ ସାକ୍ଷାତ୍ ହେଲା । ସେ ମୋ'ଠାରୁ ବୟସ୍କ ଓ ପୁରାତନ ଶିକାରୀ । ମୋ ସହିତ ଶିକାରକୁ ଯିବା ସକାଶେ ସେ ମହାଶୟ ତତ୍ପର । ମୁଁ ତାଙ୍କୁ ସହଜରେ ଏଡ଼ିଦେଇ ଯାଇପାରିଥାନ୍ତି; ମାତ୍ର ଏକ ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ଏଡ଼ିଦେଇପାରିଲି ନାହିଁ । ସେ ରହସ୍ୟମୟ ବ୍ୟକ୍ତି ହେଉଛି, ଉକ୍ତ ଭଦ୍ରଲୋକ କିଛି ମନ୍ତ୍ରଯନ୍ତ୍ର ଜାଣନ୍ତି । ମନ୍ତ୍ର ଦ୍ୱାରା ହେଉ ବା ଦ୍ରବ୍ୟଗୁଣ ଦ୍ୱାରା ହେଉ, ସେ ଶିକାରୀଙ୍କର ବନ୍ଧୁକ ଓ ଜନ୍ତୁଙ୍କର ଖାଦ୍ୟାସ୍ଥାନ ବିଗାଡ଼ିବା ଓ ସଜାଡ଼ିବାରେ ବେଶ୍ ଧୁରନ୍ଧର । ସେ କୌଣସି ଶିକାରୀଙ୍କ ପ୍ରତି ରୁଷ୍ଟ ହେଲେ ଆଉ ରକ୍ଷା ନାହିଁ । ଯେଉଁ ଶିକାରୀଙ୍କ ଉପରେ ତାଙ୍କର କୋପଦୃଷ୍ଟି ପଡ଼ିଥିବ, ସେ ଶିକାରୀ ମାସ ମାସ ଧରି ଚେଷ୍ଟା କଲେ ମଧ୍ୟ ଶିକାରର ସାକ୍ଷାତ୍ ପର୍ଯ୍ୟନ୍ତ ପାଇପାରିବେ ନାହିଁ । ଦୈବାତ୍ କୌଣସି ଶିକାରର ସାକ୍ଷାତ ମିଳିଲେ ତାଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଭ୍ରଷ୍ଟ ହୋଇଯିବ । ପୁଣି ଉକ୍ତ ଭଦ୍ରଲୋକ ଯନ୍ତ୍ରମନ୍ତ୍ର ଦ୍ୱାରା ଏପରି ସଜାଡ଼ିଦିଅନ୍ତି, ଯେଉଁଥିରେ କି ସଦ୍ୟ ଫଳ ଲାଭ ହୁଏ ।

ମୁଁ କେତେକ ଶିକାରୀଙ୍କଠାରୁ ଏସବୁ ବିଷୟ ଶୁଣିଥିଲି । କିନ୍ତୁ ମୁଁ କେବେ ଅଙ୍ଗେ ନିଭାଇ ନ ଥିଲି । ଏକଦା ଶିକାରରେ ବାର ବାର ଅକୃତକାର୍ଯ୍ୟ ହେଲି ।

Digitized by srujanika@gmail.com

ସ୍ପଷ୍ଟ ଦବାଲୋକରେ ଅତ ନକଟରୁ ଫାୟାର କରବା ସତ୍ତ୍ୱେ ମୋର ଲକ୍ଷ୍ୟ ବଫଳ ହେଲ । ମୁଁ କଂକର୍ତ୍ତବ୍ୟବମୂଢ଼ ହୋଇ ଉକ୍ତ ଭଦ୍ରଲୋକଙ୍କର ଶରଣାପନ୍ନ ହେଲ । ସେ ମହାଶୟ ମୋର ହତାଶ ପ୍ରାର୍ଥନା ଶୁଣି ସ୍ମିତହାସ୍ୟପୂର୍ବକ ନଶ୍ଚିତ ଆଶ୍ୱାସନା ଦେଲେ । ଶନବାର ଦନ ଅତ ପ୍ରତ୍ୟୁଷରେ ବନ୍ଧୁକସହ ତାଙ୍କ ନକଟକୁ ଯିବାର ନର୍ଦ୍ଦେଶ ପାଇ ମୁଁ ଫେରଆସିଲ ।

ଦନ ଗଣୁଥାଏଁ । ନର୍ଦ୍ଦିଷ୍ଟ ଦନ ଓ ସମୟରେ ମୁଁ ବନ୍ଧୁକ ସହ ତାଙ୍କ ନକଟରେ ଉପସ୍ଥିତ ହେଲ । ତତ୍ପୂର୍ବରୁ ସେ ପ୍ରସ୍ତୁତ ହୋଇ ମୋ ଅପେକ୍ଷାରେ ବସିଥିଲେ । ସେ କେତୋଟି କ୍ଷୁଦ୍ର ପତ୍ର ହାତରେ ଧରଥାନ୍ତି । ମୋ ସହତ କୌଣସି ବାକ୍ୟ ବନମୟ ନ କର ଅସ୍ପଷ୍ଟ ଗୁଣୁ ଗୁଣୁ ସ୍ୱରରେ ମନ୍ତ୍ରପାଠ କର ପତ୍ରକୁ ତନବାର ଫୁଙ୍କିଦେଲେ । ତା'ପରେ ପତ୍ରଗୁଡ଼ିକୁ ହାତରେ ଦଳ ବନ୍ଧୁକରେ ବୋଳଦେଲେ । ପୁଣି କୌଣସି ଏକ ଅଜ୍ଞାତ ଲତାର ସୂକ୍ଷ୍ମ ଚେର ଟିକଏ ଦେଇ କହଲେ, "ଶିକାରକୁ ଯିବା ସମୟରେ ଏହାକୁ ପାଖରେ ରଖିବ । ଦେଖ, ଆଜ ଯେବେ ଶିକାର ନ ହେବ ମୋତେ କହବ ।"

ମନ୍ତ୍ରର ପରୀକ୍ଷା ସକାଶେ ମୋର ମନ ଉଦ୍‌ବଗ୍ନ ହୋଇଉଠିଲା । ଅପରାହ୍ଣ ୬ଟା ସମୟରେ ମୁଁ ଶିକାରକୁ ବାହାରପଡ଼ିଲ । ପହଲ ଆଷାଢ଼ ସମୟ । ସେଦନ ଜଙ୍ଗଲରେ ପ୍ରବେଶିବା ମାତ୍ରେ ଏକ ମସ୍ତବଡ଼ ଶିଆଳର ଛଟକା ଖୋଜଚହ୍ନ ଦେଖି ଆନନ୍ଦ ଓ ବସ୍ମୟର ସୀମା ରହଲ ନାହିଁ । ଏତେଦନ ପର୍ଯ୍ୟନ୍ତ ଯାହା ସମ୍ଭବ ହେଉ ନ ଥିଲ, ଆଜ ତାହା ସମ୍ଭବ ହେବାକୁ ଯାଉଛି । ମୁଁ ଅଧିକ ଆଶାନ୍ୱିତ ହୋଇ ଶିଆଳକୁ ଆବଷ୍କାର କରବାରେ ଲଗିପଡ଼ିଲ । ବେଶି ଡେର ଲଗିଲ ନାହିଁ । ଅଳ୍ପ ସମୟ ପରେ ତା'ର ସାକ୍ଷାତ ମିଳଲ । କନ୍ତୁ ଦୃଷ୍ଟି ପଡ଼ିବାମାତ୍ରେ ସେ ଦ୍ରୁତଗତରେ ଛୁଟି ପଳାଇଲ । ମୁଁ ଆଗକାଟି ଦୌଡ଼ିଯାଇ କ୍ଷିପ୍ର ବେଗରେ ତା ଉପରକୁ ଏକ ଲକ୍ଷ୍ୟହୀନ ଫାୟାର କଲ । ଅତ ଆଶ୍ଚର୍ଯ୍ୟର କଥା, ମୋର ଏଲ୍. ଜି. ଗୁଳିଟି ଠିକ୍ ଲକ୍ଷ୍ୟ ଭେଦ କଲ । ମୁଁ ସ୍ୱୀକାର କରବାକୁ ବାଧ୍ୟ ହେଲ ଯେ, ଏହା ଉକ୍ତ ଶିକାରୀଙ୍କ ମନ୍ତ୍ରର ଫଳ । ପାଠକେ ଏହାକୁ କାକତାଳୀୟ ନ୍ୟାୟ କୁହନ୍ତୁ ବା ଆଉ ଯାହା କୁହନ୍ତୁ, ଅଦ୍ୟାବଧି ସେ ଚେର ଟିକକ ମୋ ପାଖରେ ଯତ୍ନର ସହତ ସଞ୍ଚିତ ହୋଇ ରହଛି ।

Digitized by srujanika@gmail.com

୨

ପ୍ରସଙ୍ଗ ଛାଡ଼ି ବହୁତ ଦୂର ଚାଲିଆସିଲିଣି । ଏଥର ମୋର ଶିକାରକୁ ଯିବା କଥା କହିବ । ସେଦିନ ମୋର ନିତାନ୍ତ ଅନିଚ୍ଛାସତ୍ତ୍ୱେ ଉକ୍ତ ଅଭିଜ୍ଞ ଶିକାରୀଙ୍କୁ ସଙ୍ଗରେ ନେବାକୁ ବାଧ ହେଲି । ମୁଁ ପୂର୍ବରୁ ବାଡ଼ ପ୍ରସ୍ତୁତ କରିଥିଲି । ଉପସ୍ଥିତ ହେବାମାତ୍ରେ ଆସ୍ଥାନ ଜମାଇ ବସିଗଲୁଁ । ସେତେବେଳକୁ ଅପରାହ୍ଣ ୪ ଟା ସମୟ । ଉକ୍ତ ଶିକାରୀ ବୟସ୍କ, ପୁଣି ପୁରାତନ ଶିକାରୀ । ମୁଁ ସଶସ୍ତ୍ର ବସିବି, ସେ ନିରସ୍ତ୍ର ହୋଇ ବସିବେ, ଏହା ମୋ ପକ୍ଷରେ ସୌଜନ୍ୟର ପରିଚାୟକ ହେବ ନାହିଁ । ତେଣୁ ଆଜି ଶିକାର କରିବା ଦାୟିତ୍ୱ ତାଙ୍କ ଉପରେ ଛାଡ଼ିଦେଲି ।

କୁକୁଡ଼ା, କଇଁଜର, ମୟୂର, ହରଡ଼ ପ୍ରଭୃତି ନାନା ଜାତି ପକ୍ଷୀଙ୍କର କାକଳୀରେ ବନସ୍ଥଳୀ ମୁଖରିତ ହୋଇଉଠିଥାଏ । ସେମାନେ ବିକ୍ଷିପ୍ତଭାବେ ନିଜ ନିଜର ଆହାର ସଂଗ୍ରହ କରିବାରେ ଲାଗିପଡ଼ିଥିଲେ । ବର୍ତ୍ତମାନ ଡକାହକା ହୋଇ କ୍ରମେ ଦଳବଦ୍ଧ ହେବାର ଉପକ୍ରମ କଲେଣି । ଦଳବଦ୍ଧ ଭାବରେ ଜଳପାନ କରିବା ସେମାନଙ୍କର ପ୍ରକୃତି । ଜଳପାନ କରିବା ସମୟ ପ୍ରାୟ ଉପଗତ । ତା' ପରେ ସେ ଯାହା ନୀଡ଼କୁ ବାହୁଡ଼ିଯିବେ । ସେମାନେ କ୍ରମେ ଜଳାଧାର ପ୍ରତି ଆକୃଷ୍ଟ ହୋଇ ଆସୁଛନ୍ତି । ପଲ ପଲ କୁକୁଡ଼ା, ମୟୂରଙ୍କର ଧାଡ଼ି ବାନ୍ଧି ଆସୁଥିବା ଦୃଶ୍ୟ ଅତି ଚମତ୍କାର ଏକ ଉପଭୋଗ୍ୟ ବସ୍ତୁ । ଆମେ ବସି ବସି ପକ୍ଷୀମାନଙ୍କର ଜଳପାନ ଦୃଶ୍ୟ ଉପଭୋଗ କରୁଛୁଁ, ଏହି ସମୟରେ ଦଳେ କଜଳା ହରଡ଼ ପୁଞ୍ଜୀଭୂତ ହୋଇ ଜଳପାନ କରିବା ଆରମ୍ଭ କଲେ । ବୋଧହୁଏ ଉକ୍ତ ଶିକାରୀ ମହାଶୟଙ୍କର ପାଟିରୁ ଲାଳ ଗଡ଼ିଗଲା । କହିଲେ, "ଛର୍‌ରା ବାଣଟିଏ ଲଗାଇଦେଲେ ୮ । ୧୦ ଖଣ୍ଡ ଝଡ଼ିପଡ଼ନ୍ତେ ।" ମୋ ନିକଟରେ ଛର୍‌ରା ନ ଥିବା ସଙ୍କେତ ଦ୍ୱାରା ଜଣାଇଦେଲି । ନାସ୍ତି ବାଣୀ ଶୁଣି ବିଚରା ମନ ଊଣା କରିଦେଲେ । ୫।୭ ମିନିଟ ପରେ ଗଞ୍ଜା କୁକୁଡ଼ାଟା କକ୍ କକ୍ ଚିତ୍କାର କରିଉଠିଲା । ଏହା କୌଣସି ଜନ୍ତୁ ଆଗମନର ସୂଚନା । ଆମେ ସତର୍କତାର ସହ ଅପେକ୍ଷାରେ ରହିଲୁଁ । କିଛି ସମୟ ପରେ ଗୋଟିଏ ଗାଡ଼ିଆ (ପୁରୁଷ) ଖିରୁଙ୍ଗ ଦୃଷ୍ଟିଗୋଚର ହେଲା । ସେ ଭୟାକୁଳ ନେତ୍ରରେ ବାଁକୁ ଡାହାଣକୁ ଦେଖି ଦେଖି, ପାଦ ଗଣି ଗଣି ଅଗ୍ରସର ହେଉଥାଏ । ଆମ ପାଖରୁ ପ୍ରାୟ ୫୦ ଗଜ ଦୂରରେ ହଠାତ୍ ରୋକିଯାଇ...

Digitized by srujanika@gmail.com

ତଳେ ବାଡ଼େଇବା ସଙ୍ଗେ ସଙ୍ଗେ ଭେଉ ଭେଉ ହୋଇ ରଡ଼ି ଛାଡ଼ିବାକୁ ଲାଗିଲା । ଏହା ହେଉଛି ଆମର ଉପସ୍ଥିତି ସେ ଜାଣିନେବାର ସ୍ପଷ୍ଟ ଲକ୍ଷଣ । ଅଳ୍ପ କେତେ ସେକେଣ୍ଡ ଭିତରେ ସେ କୁଦା ମାରି ଲତାପତ୍ର ଗହଳରେ ଅଦୃଶ୍ୟ ହୋଇଗଲା ।

ସୂର୍ଯ୍ୟଦେବ ଅସ୍ତାଚଳକୁ ବାହୁଡ଼ିଲେଣି । ନିମ୍ନଭୂମି, ପୁଣି ତାଳପତ୍ରର ବେଷ୍ଟନୀ ମଧ୍ୟରେ ଥିବାରୁ ଅସ୍ତରାଗର ଦୃଶ୍ୟ ଉପଭୋଗ କରିବା ଆମ ଭାଗ୍ୟରେ ଜୁଟିଲା ନାହିଁ । ପକ୍ଷୀମାନେ ଆକଣ୍ଠ ଜଳ ପାନ କରି ମହାତୃପ୍ତିର ସହ ନିଜ ନିଜର ଆଶ୍ରୟସ୍ଥଳକୁ ବାହୁଡ଼ିଗଲେ । ପାହାଡ଼ ଉପରେ ମୟୂର ଡାକ ଦିନାବସାନର ସୂଚନା ଦେଲା । ବନଭୂମି କ୍ରମେ ନିସ୍ତବ୍ଧ ହୋଇଆସୁଛି । ରାତ୍ରିଚର ପକ୍ଷୀମାନେ ଗୁପ୍ତସ୍ଥାନରୁ ବାହାରିନାହାନ୍ତି । ଏହି ସମୟରେ ମୋର ମନରେ ଉଦୟ ହେଲା, ଯେପରି ଗୋଟିଏ ବିପଦ ଘନୀଭୂତ ହୋଇଆସୁଛି । ଯେକୌଣସି ମୁହୂର୍ତ୍ତରେ ଗୋଟିଏ କିଛି ଘଟିଯାଇପାରେ । ମନେହେଲା, ଯେପରି ବାଘ ଆମ ଉପରେ ଲକ୍ଷ୍ୟ ରଖିଛି, ଯଦିଓ ଟିକିଏ ହେଲେ ଝସଝାସ୍ ପର୍ଯ୍ୟନ୍ତ ନିସ୍ତବ୍ଧତାକୁ ବ୍ୟାହତ କରୁନାହିଁ । ଆସନ୍ନ ବିପଦର ପୂର୍ବାଭାସ କ୍ରମେ ମୋ ମଧ୍ୟରେ ବଳବତ୍ତର ହୋଇଉଠିଲା । ଏପରି ବିପଦର ପୂର୍ବାଭାସ ମୁଁ ଆଗେ ମଧ୍ୟ କେତେ ବାର ପାଇଛି । ସୁତରାଂ ଏହାକୁ ଏଡ଼ିଦେବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ ।

ମୁଁ ସାଥୀ ଶିକାରୀଙ୍କୁ କହିଲି, "ବାଘ ମୁହେଁ ମୁହେଁ ଦଶୁଛି । ଚାଲ, ପଳାଇବା ।" ସେ ମୋ କଥାକୁ ଭିନ୍ନ ଅର୍ଥରେ ବୁଝିଲେ । ସେ କହିଲେ, "ତୁମ ହାତରେ ବନ୍ଧୁକ ନ ଥିବାରୁ ମନ ଲାଗୁନାହିଁ । ତୁମେ ବନ୍ଧୁକ ନିଅ, ମାରିବ । ଖୁବ ପଢଆରି ଝଦା ହୋଇଛି । ଆଉ ଟିକିଏ ବସ, ନିଶ୍ଚୟ ଶିକାର ହେବ ।" ମୁଁ ନିରୁତ୍ତର ହୋଇ ଆସନ୍ନ ବିପଦ ବିଷୟରେ ଗମ୍ଭୀରଭାବରେ ଚିନ୍ତା କରିବାକୁ ଲାଗିଲି । ଅନ୍ଧକାର କ୍ରମେ ଘନୀଭୂତ ହୋଇଆସିଲା । ଠିକ୍ ଏହି ସମୟରେ ପଲେ ହରିଣଙ୍କର ଭୟାର୍ତ୍ତ ଚିତ୍କାର ଭାସିଆସିଲା ମାତ୍ର ଦୁଇଶହ ଗଜ ଦୂରରୁ । ତା ସଙ୍ଗେ ସଙ୍ଗେ ବାଘର ଗୁରୁଗମ୍ଭୀର ଗର୍ଜନ । ଏଥିରେ ତା'ର ହତାଶା ଓ ବିରକ୍ତି ଭାବ ସ୍ପଷ୍ଟ ପ୍ରକାଶ ପାଉଥାଏ । ବାଘ ହୁଏତ ହରିଣମାନଙ୍କର ପିଛା ଧରି ଆସୁଥିଲା । ସେମାନେ ବାଘକୁ ଦେଖି କିମ୍ବା ବାଘର ଗନ୍ଧ ବାରି ଆତ୍ମରକ୍ଷାର ବାଟ ଧରିଲେ । ଆମେ ପାଣିର ଅତି ନିକଟରେ ଭୂମି ଉପରେ ୨/୪ ଖଣ୍ଡ ତାଳପତ୍ରର ଆଚ୍ଛାଦନ

Digitized by srujanika@gmail.com

ମଧ୍ୟରେ ବସିଛୁଁ । ଯଦି ବାଘ ପାଣି ପିଇବାକୁ ଆସେ ତେବେ ଏକ ନିଶ୍ଚିତ ବିପଦର ସମ୍ଭାବନା । ଏପରି ଅହେତୁକ ବିପଦକୁ ବରଣ କରିବା କାହାରି ପକ୍ଷରେ ଉଚିତ ନୁହେଁ । ତେଣୁ ଆମେ ଏକ ମୁହୂର୍ତ୍ତ ବିଳମ୍ବ ନ କରି ସେ ସ୍ଥାନ ପରିତ୍ୟାଗ କଲୁଁ । ବାଡ଼ି ମଧ୍ୟରୁ ମୋର ଓଭରକୋଟ୍ ଓ ସତରଞ୍ଜି ଖଣ୍ଡିକ ନେଇଆସିବାକୁ ବିସ୍ମୃତ ହୋଇଗଲି ।

୩

ଆମେ ସହଜ ସଳଖ ଜଙ୍ଗଲ ରାସ୍ତା ଛାଡ଼ି ବିଲମାଳ ମଧ୍ୟଦେଇ ଅତି ସତର୍କତା ଅବଲମ୍ବନପୂର୍ବକ ଫେରିଲୁ । କନଆଖି ଖଟି, ଗବ ବାଣି ଚକ ପାର ହୋଇ ଟାପୁ ଚକରେ ଉପସ୍ଥିତ ହେଲୁଁ । ପାଠକଙ୍କର ସ୍ମରଣ ଥିବ, ମୋର ପୂର୍ବ-କଥିତ ଶିକାରୀସାଥୀ ବିନ ବଡ଼ ଶିକାରପ୍ରିୟ, ସ୍ନେହୀ ଓ କୌତୁକୀ ଲୋକ । ଟାପୁ ଚକରେ ତାଙ୍କର ଧାନ କଟା ହୋଇ କଟଡ଼ା ପଡ଼ିଥିଲା । ସେ, ତାଙ୍କର ବଡ଼ଭାଇ ଓ କେତେଜଣ ସଙ୍ଗୀ ଗୃହୀ ସେଠାରେ କୁଡ଼ିଆ ପକାଇ, ଧାନ ଜଗିଥିଲେ । କୁଡ଼ିଆ ପାଖରେ ନିଆଁ ଅତଡ଼ା ଲାଗିଥାଏ । ମୋତେ ଦେଖି ବିନ ଆନନ୍ଦରେ ଉଚ୍ଛୁଳି ଉଠିଲେ । ସେତେବେଳକୁ ମୁଁ ଶୀତ ଓ ପଥଶ୍ରମରେ କ୍ଲାନ୍ତ ହୋଇପଡ଼ିଥିଲି । ଅଗ୍ନିର ଉତ୍ତାପରେ ଟିକିଏ ସୁସ୍ଥ ଓ ସତେଜ ହେବାପାଇଁ ମୋର ଇଚ୍ଛା ବଳବତୀ ହୋଇଉଠିଲା । ପୁଣି ବିନଙ୍କର ସବିନୟ ଅନୁରୋଧ ଏଡ଼ିଦେଇପାରିଲି ନାହିଁ । ସେଠାରେ ବସି ଅଗ୍ନିର ଉତ୍ତାପ ଉପଭୋଗ କରିବା ସଙ୍ଗେ ସଙ୍ଗେ ହାତୀର ଉପଦ୍ରବ ବିଷୟରେ ନାନା କଥା ପଡ଼ିଲା । ସାଥୀ ଶିକାରୀ ମୋର ଅପେକ୍ଷା ନ ରଖି ଘରକୁ ଚାଲିଗଲେ ।

ଗତ ୮।୧୦ ମାସ ହେବ ଆମ ଅଞ୍ଚଳରେ ଏକ ବିରାଟକାୟ ଦୁଷ୍ଟ ହାତୀ ଘୋର ଚହଳ ପକାଇଦେଇଛି । ତାହାର ଧୃଷ୍ଟତା ଓ ଦୁଃସାହସ ଦିନକୁ ଦିନ ବଢ଼ିଚାଲିଥାଏ । ପାଚିଲା ଆମ୍ବ ସମୟରେ ୩ଜଣ ଆମ୍ବଗୋଟାଳି ଓ ଫସଲ ସମୟରେ ଧାନକ୍ଷେତରେ ୨ଜଣ କୃଷକରକ୍ଷୀଙ୍କୁ ପ୍ରାଣରେ ମାରିସାରିଲାଣି ।

ଥରକର ଘଟଣା—ମୁଁ ଏହି ଦୁର୍ଦ୍ଦାନ୍ତ ଦନ୍ତାବଳ କବଳରେ ପଡ଼ିଯାଇ-ଥିଲି । ଭାଦ୍ରବ କମ୍ବା ଆଶ୍ୱିନ ମାସ ସମୟ । ସେଦିନ ମୁଁ ଓ ମୋର ଶିକାରୀ ସାଥୀ ନବଘନ ଶିକାର ସନ୍ଧାନରେ ଜଙ୍ଗଲର ଅନ୍ଧିକନ୍ଧି ଅନ୍ୱେଷଣ କରି ଚାଲିଛୁଁ ।

Digitized by srujanika@gmail.com

ଯାଇ ଯାଇ 'ଧୂଳିଆ 'ପଦା ଛକ' ନାମକ ସ୍ଥାନରେ ପହଞ୍ଚିଲୁଁ । ଏହି ସ୍ଥାନଟି ଚନ୍ଦକା ରିଜର୍ଭ ଜଙ୍ଗଲ ଓ ପଟିଆ ଜଙ୍ଗଲର ଦୋସମାଳି ଛକ । ଏଠାରେ ଆମେ ଗୋଟିଏ ବୁଦାର ଅନ୍ତରାଳରେ ଆତ୍ମଗୋପନ କରି ବସିଲୁଁ । କାରଣ ଜନ୍ତୁମାନେ ଏକ ଜଙ୍ଗଲରୁ ଅପର ଜଙ୍ଗଲକୁ ଅତିକ୍ରମ କରିବା ସମୟରେ ସାକ୍ଷାତ ମିଳିପାରେ । ନୀରବ ନିସ୍ତବ୍ଧ ଭାବରେ ପ୍ରାୟ ଅଧଘଣ୍ଟା ଅତିବାହିତ ହୋଇଗଲା । ସେତେବେଳକୁ ଅପରାହ୍ଣ ୪ଟା ସମୟ । ହଠାତ୍ ମଡ଼ମଡ଼ ଶବ୍ଦ ଶ୍ରୁତିଗୋଚର ହେଲା । ଦନ୍ତା ବାରହା ବାଉଁଶ କରଡ଼ି ଭାଙ୍ଗି ଖାଇବା ଶବ୍ଦ ବୋଲି ସ୍ଥିର କରି ଆମେ ଆନନ୍ଦିତ ହୋଇଉଠିଲୁଁ । କିନ୍ତୁ ଏହି ସାମାନ୍ୟ ଭୁଲ ପାଇଁ ମୋତେ ସେଦିନ ଜୀବନମରଣ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ଉକ୍ତ କଡ଼୍‌କାଡ଼୍ ମଡ଼୍‌ମାଡ଼୍ ଶବ୍ଦ ପଟିଆ ଜଙ୍ଗଲ ମଧ୍ୟରେ ଆମ ପାଖରୁ ପ୍ରାୟ ୨ଶହ ଗଜ ଦୂରରେ ଶୁଣାଯାଉଥାଏ । ମୁଁ ନବଘନକୁ ସେହିଠାରେ ରଖାଇଦେଇ ଶବ୍ଦକୁ ଲକ୍ଷ୍ୟ କରି ଅଗ୍ରସର ହେଲି । ଘନ କଣ୍ଟକିତ ଜଙ୍ଗଲରେ ନିଃଶବ୍ଦ ଭାବରେ ଅଗ୍ରସର ହେବା ବଡ଼ ଦୁଃସାଧ୍ୟ । ସାମାନ୍ୟତମ ଶବ୍ଦରେ ବାରହା ସତର୍କ ହୋଇ ଚମ୍ପଟ କରିବ । ତେଣୁ ମୁଁ ଅତି ସତର୍କତା ଅବଲମ୍ବନପୂର୍ବକ ଆଗ-ପାଦରେ ଟିପେଇ ଟିପେଇ ଯାଇ ତା'ର ନିକଟବର୍ତ୍ତୀ ହେଲି । ବର୍ତ୍ତମାନ ସେ ମୋ ପାଖରୁ ମାତ୍ର ୫୦ ଗଜ ଦୂରରେ । କିନ୍ତୁ ଘନ ଗହଳ ଲତାପତ୍ର ମଧ୍ୟରେ ଆଦୌ ଦେଖାଯାଉ ନ ଥାଏ । ମୁଁ ସ୍ଥିର ଭାବରେ ଦଣ୍ଡାୟମାନ ହୋଇ କୌଣସି ଉପାୟ ଉଦ୍ଭାବନ କରିବାରେ ବ୍ୟସ୍ତ ଅଛି, ଏହି ସମୟରେ କଡ଼କାଡ଼ ଶବ୍ଦ ବନ୍ଦ ହୋଇ-ଗଲା । ଏଥିରୁ ମୁଁ ଅନୁମାନ କରିନେଲି, ବାରହା ମୋର ଉପସ୍ଥିତି ଜାଣିନେଲାଣି । ମୁଁ ନିରୁତ୍ସାହ ହୋଇ ପାଦେ ଆଗେଇଛି କି ନାହିଁ, ହାତୀର ଏକ ତୀକ୍ଷ୍ଣ ପ୍ରଚଣ୍ଡ ଶବ୍ଦ ଶୁଣାଗଲା । ବିନାମେଘେ ବଜ୍ରପାତ ତା ସଙ୍ଗେ ସଙ୍ଗେ ବଣବୁଦା ମାଡ଼ି ସବେଗେ ମୋ ଆଡ଼କୁ ଧାଇଁବାର ଶବ୍ଦ ।

ହାତୀ ମୁହଁରୁ ଦୌଡ଼ି ପଳାଇବା ଯେ ସହଜ ନୁହେଁ, ଏହା ମୁଁ ଜାଣେ । ତଥାପି ମୁଁ ପ୍ରାଣପଣେ ଚେଷ୍ଟା ଚଳାଇ ଦୌଡ଼ିଲି । ସାମାନ୍ୟ ଏକ ଫାଙ୍କା ସ୍ଥାନରେ ପହଞ୍ଚି ଦେଖେ ତ ସେ ଶୁଣ୍ଢକୁ ଟେକି ଦୌଡ଼ୁଛି । ମୋ ପାଖରୁ ମୋଟେ ୨୦ ଗଜ ଦୂରରେ ପହଞ୍ଚିଗଲାଣି । ମୁଁ ପ୍ରାଣବିକଳରେ ତାର ବାଙ୍କୁଲା ଶୁଣ୍ଢକୁ ଲକ୍ଷ୍ୟ କରି ଏଲ୍. ଜି. ଗୁଳିଟିଏ ଛାଡ଼ିଦେଲି । ବନ୍ଧୁକ ଆବାଜ ଓ ଗୁଳିର ଆଘାତରେ ହାତୀଟା

Digitized by srujanika@gmail.com

ଚିକଏ ଅଟକିଯାଇ କ୍ରୋଧରେ ଗର୍ଜ୍ଜନ କରିବାକୁ ଲାଗିଲା । ସେହି ସୁଯୋଗରେ ମୁଁ ଯେଉଁ ବାଟରେ ଯାଇଥିଲି ସେହି ବାଟରେ ଦୌଡ଼ି ପଳାଇଆସିଲି । ଏତେ ଦ୍ରୁତ ବେଗରେ ଯେ ମୁଁ ଦୌଡ଼ିପାରେ ଏହା ମୁଁ ଆଗରୁ ଜାଣି ନ ଥିଲି । ହାତୀର ଗର୍ଜନ ଶୁଣି ନବଘନ ଆଗରୁ ପ୍ରସ୍ତୁତ ଥିଲା । ମୋତେ ଦେଖିବାମାତ୍ରେ ମୋ ପଛେ ପଛେ ଧାଇଁଲା । ସେଦିନ ଭଗବାନଙ୍କ ଅଶେଷ କରୁଣାବଳରୁ ପୁନର୍ଜନ୍ମ ଲାଭକଲି ।

୪

ଏହି ଦୁଷ୍ଟ ହାତୀର ଉତ୍ପାତରେ ଗୃହୀମାନେ ଧାନସବୁ କାଟିନେଲେଣି । ସେ ମାଳଯାକରେ କେବଳ ବାବୁଙ୍କର କେତେକ ଜମିରେ ଧାନ କଟା ହୋଇ କଚଡ଼ା ପଡ଼ିଛି । ଆଉ ଦୁଇ ଏକ ଦିନରେ ସେତକ ସେ ଉଠାଇନେବେ । କଚଡ଼ା ପଡ଼ିଥିବା କିଆରିରେ ବାରହା ଧାନ ଖାଉଥିବା ସନ୍ଧାନ ବାବୁଙ୍କଠାରୁ ମିଳିଲା । ବାରହା ଖେଦା ଖବର ଶୁଣି ମୁଁ ଲୁବ୍‌ଧ ହୋଇଉଠିଲି । ଖଣ୍ଡିକିଆ ଧାନକୁ ବାରହା ଗଡ଼ିବାର ସମ୍ଭାବନା ଅଧିକ । କେଜାଣି ପୁଷ୍ଟମାସିଆ ବାରହା ମିଳିଯାଇ-ପାରେ; ପୁଣି ହାତୀଭୟ ସକାଶେ ରାତିଟା ରହିଯିବାପାଇଁ ବାବୁଙ୍କର ସବିଶେଷ ଅନୁରୋଧ । ଯାହା ହେଉ, ମୁଁ ରହିଲି ।

ବାବୁଙ୍କ କୁଡ଼ିଆରେ ମୋର ରାତ୍ରିଭୋଜନର ବ୍ୟବସ୍ଥା ହେଲା । ମୁଁ ବାରହା ଜଗିବାକୁ ତତ୍ପର ହୋଇଉଠିଲି । ଧାନ କିଆରି ପାଖରେ ଅନେକଗୁଡ଼ିଏ ନଡ଼ା ଜମା ହୋଇଥିଲା । ବାବୁଙ୍କ ସାହାଯ୍ୟରେ ନଡ଼ାଗୁଡ଼ିକୁ ଠୁଳ କରି ତା ଭିତରେ ଲୁଚି ବସିବାର ସ୍ଥାନ ପ୍ରସ୍ତୁତ କରିନେଲି । ବାବୁ କୁଡ଼ିଆକୁ ଫେରିଗଲେ । ମୁଁ ଧ୍ୟାନ ଲଗାଇ ବାଡ଼ରେ ବସିଲି । ସେତେବେଳକୁ ରାତି ୮ଟା ସମୟ । କୃଷ୍ଣପକ୍ଷ ରାତ୍ରି । ଚତୁର୍ଦ୍ଦିଗ ନୀରବ ନିସ୍ତବ୍‌ଧ । ମୁଁ ଆଶାନ୍ୱିତ ହୋଇ ମନଯୋଗପୂର୍ବକ ବସିଥାଏଁ । ଏହିପରି ଭାବରେ କିଛି ସମୟ କଟିଗଲା । ତା'ପରେ ହଠାତ୍ ଏକସଙ୍ଗେ ଅନେକଗୁଡ଼ିଏ ଟିଟ୍ଟିଭ ଅଦ୍ଭୁତ ଭାବେ ଡାକିଉଠିଲେ । ନିକଟରେ କୌଣସି ଜନ୍ତୁ ଥିବାର ଏହା ସ୍ପଷ୍ଟ ସୂଚନା । ମୁଁ ଚକ୍ଷୁକର୍ଣ୍ଣକୁ ଅଧିକ ତୀକ୍ଷ୍ଣ କରି ଅପେକ୍ଷାରେ ରହିଲି ।

ପ୍ରାୟ ଅଧଘଣ୍ଟା ସମୟ ଅତିବାହିତ ହେଲା । କୌଣସି ସୋରଶବ୍ଦ ନାହିଁ । ମୁଁ ନିର୍ବାଣ ମନରେ ବସିଛି, ଏହି ସମୟରେ ମୋର ଡାହାଣ କଡ଼ରେ ସାମାନ୍ୟ ଖସ୍-

Digitized by srujanika@gmail.com

ଖ୍ରାସ୍ ଶବ୍ଦ ଶୁଣାଗଲା । ମୁଁ କିଛିଏ ଆଶାନ୍ୱିତ ହୋଇଉଠିଲି । ବନ୍ଧୁକଟା ବାଗେଇ ଧରିନେଲି । ପ୍ରାୟ ଦଶ ମିନିଟ ସମୟ କଟିଗଲା । ବାରହା ଧାନ ଖାଇବାର କୌଣସି ସୂଚନା ମିଳୁନାହିଁ । ବିଶେଷ ଅନୁଧ୍ୟାନ କରିବା ଫଳରେ ବୁଝିଲି, ଧାନ କଟଡ଼ାକୁ ଖେଳେଇବା ପରି ସାମାନ୍ୟ ଖସ୍ ଖସ୍ ଶବ୍ଦ ହେଉଛି, ମାତ୍ର କେତେ ସେକେଣ୍ଡ ପାଇଁ । ପୁଣି ସେ ଶବ୍ଦ କେତେ ସେକେଣ୍ଡ ବିରତି ହେବା ପରେ 'କର୍' କରି ଏକ ପ୍ରକାର ଶବ୍ଦ ହେଉଛି । ଏହି ପ୍ରକାର ଚୌର୍ଯ୍ୟବୃତ୍ତି ଚାଲିଲା ପ୍ରାୟ ୧୦ ମିନିଟ୍ ।

ତା'ପରେ ହଠାତ୍ ହାତୀ ବୋଲି ମୋ ମନରେ ସନ୍ଦେହର ଉଦ୍ରେକ ହେଲା । କୁଖ୍ୟାତ ହାତୀର ଦୁଃସାହସ ଓ ଚାଲାକି ମୋତେ ବେଶ୍ ଜଣା । ବୋଧହୁଏ ସେ ଗ୍ଭେର ପରି ଧାନ କଟଡ଼ାକୁ କିଆରି ମଧ୍ୟରୁ ନେଇ ଅଗ୍ର କଡ଼ରେ ଖାଉଛି; ପୁଣି ଆସୁଛି । କୃଷିରକ୍ଷୀଙ୍କ ଦୃଷ୍ଟିରୁ ନିଜକୁ ବଞ୍ଚାଇବା ସକାଶେ ଏପରି ଉପାୟ ଅବଲମ୍ବନ କରିବା ଏକମାତ୍ର କାରଣ ହୋଇପାରେ । ଏ ମଧ୍ୟରେ ଆହୁରି ୧୦ ମିନିଟ୍ ଟଣ୍ଡେ ଗତ ହୋଇଗଲା । ମୁଁ ସନ୍ଦେହାକୁଳ ନେତ୍ରରେ ଚତୁର୍ଦ୍ଦିଗ ନିରୀକ୍ଷଣ କରୁଛି, ଏହି ସମୟରେ ମୋର ସମ୍ମୁଖରେ ହାତୀ ଦୃଷ୍ଟିଗୋଚର ହେଲା । ଏବେ ମୁଁ ଘୋର ବିପଦର ସମ୍ମୁଖୀନ । ସେ ମୋର ସାମାନ୍ୟତମ ଶବ୍ଦର ଟେର ପାଇଲେ ଆଉ ରକ୍ଷା ନାହିଁ । ମୁଁ ଶ୍ୱାସପ୍ରଶ୍ୱାସ ରୁଦ୍ଧ କରି ନିଶ୍ଚଳ ଭାବରେ ବସିଥାଏଁ । ଖସି ପଳାଇବା ବ୍ୟତୀତ ଅନ୍ୟ କୌଣସି ଫଳପ୍ରଦ ଉପାୟ ମୋତେ ଦେଖାଗଲା ନାହିଁ । ମୁଁ ସୁଯୋଗ ଅପେକ୍ଷାରେ ଥାଏଁ । ପୁଣି ଥରେ ଯେତେବେଳେ ସେ କଟଡ଼ା ଉଠାଇନେଇ ଅଗ୍ରକଡ଼ରେ ଧାନକେଣ୍ଡା ଖାଇଲା, ତତ୍‌କ୍ଷଣାତ୍ ମୁଁ ଦ୍ରୁତ ଗତିରେ ଦୌଡ଼ିବା ଆରମ୍ଭ କରିଦେଲି । ବୋଧହୁଏ ବଦମାସ ହାତୀଟା ତାହାର ନିରଙ୍କୁଶ ରାଜତ୍ୱରେ ବାଧାପ୍ରାପ୍ତ ହୋଇ ଘୋର କ୍ରୁଦ୍ଧ ହୋଇଉଠିଲା ଏବଂ ତତ୍ ସଙ୍ଗେସଙ୍ଗେ ଏପରି ଏକ ପ୍ରଚଣ୍ଡ ଚିତ୍କାର ଶବ୍ଦ କଲା ଯେ, ମୋର ଦୌଡ଼ିବା ସ୍ୱତଃ ମନ୍ଥର ହୋଇଗଲା । ତଥାପି ହଡ଼ବଡ଼ ନ ମାନି ଊର୍ଦ୍ଧ୍ୱଶ୍ୱାସରେ ଅଧ ଫର୍ଲଙ୍ଗ ବାଟ ଦୌଡ଼ି କୃଷିରକ୍ଷୀମାନଙ୍କ ନିକଟରେ ଉପସ୍ଥିତ ହେଲି ।

ପରମେଶ୍ୱରଙ୍କୁ କୋଟି କୋଟି ଧନ୍ୟବାଦ ଯେ ସେତେବେଳେ ହାତୀର ଆକ୍ରମଣ ମତଲବ ନ ଥିଲା । ତା' ନ ହେଲେ ମୁଁ ଆଜି ତା ବିଷୟରେ ଲେଖିବାକୁ

Digitized by srujanika@gmail.com

ନ ଥାନ୍ତ । ସେ ନିଷ୍କଣ୍ଟକଭାବେ ତା'ର ଭୋଜନ କରିବାରେ ଲାଗିପଡ଼ିଲା । କୃଷିରକ୍ଷୀମାନେ ଟିଣ, ଝାଞ୍ଜ ପିଟି, ଫଟକା ଫୁଟାଇ ହାତୀକୁ ଘଉଡ଼ିବା ସକାଶେ ପ୍ରାଣପଣେ ଚେଷ୍ଟା ଚଳାଇଲେ । ମାତ୍ର ସେମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ତା'ପରେ ଆମ୍ଭେମାନେ ଅତ୍ୟନ୍ତ ଦୁଃସାହସର ସହ ଆଗେଇଯାଇ ହାତୀଠାରୁ ପ୍ରାୟ ଶହେ ଗଜ ଦୂରରେ ଅନେକ ଗୁଡ଼ିଏ ନଡ଼ା ଏକତ୍ର କରି ଅଗ୍ନି ସଂଯୋଗ କରିଦେଲୁଁ । ଅଗ୍ନି ପ୍ରଖର ତେଜରେ ପ୍ରଜ୍ଜ୍ୱଳିତ ହୋଇଉଠିଲା । ପ୍ରଦୀପ୍ତ ଆଲୋକ ଶିଖାରେ ତାହାର ଭୟଙ୍କର ଦାନ୍ତ ଦୁଇଟି ଆମର ହୃତ୍କମ୍ପ ଜାତ କରାଉଥାଏ । ଭୋଜନରେ ବାଧାପ୍ରାପ୍ତ ହୋଇ ସେ ହିଂସା ଓ କ୍ରୋଧରେ ଆମକୁ ଆକ୍ରମଣ କଲା । ପ୍ରଥମେ ସେ କିଛି ସମୟ ବୃକ୍ଷ ଭାଙ୍ଗି ବଡ଼ ବଡ଼ ମାଟି ଟେଳା ଆମ ଉପରକୁ ପକାଇଲା । ଆମେ ପଛଘୁଞ୍ଚା ଦେଲୁଁ । ତା' ପରେ ଘୋର ଗର୍ଜ୍ଜନପୂର୍ବକ ସବେଗେ ଆମ ଆଡ଼କୁ ଦୌଡ଼ିଲା । କୃଷିରକ୍ଷୀମାନେ ଛତ୍ରଭଙ୍ଗ ଦେଇ ପଳାଇଲେ । ଉପସ୍ଥିତ କ୍ଷେତ୍ରରେ କ୍ରୁଦ୍ଧ ହାତୀ ମୁହଁରୁ ପଳାୟନ ପନ୍ଥା ଧରିବା ନିତାନ୍ତ ନିର୍ବୋଧତା ବ୍ୟତୀତ ଆଉ କିଛି ନୁହେଁ । ବନାନୁମତିରେ ହାତୀକୁ ଗୁଳି କରିବା ଆଇନନିଷିଦ୍ଧ ହେଲେ ମଧ୍ୟ ମୁଁ ସେତେବେଳେ ମାନିବାକୁ ପ୍ରସ୍ତୁତ ନ ଥିଲି । "ଉପରେ ପଡ଼ିଲେ ପ୍ରମାଦ, ଗୋରୁ ବ୍ରାହ୍ମଣ ହୋନ୍ତି ଛେଦ," ଏହି ନୀତି ବର୍ତ୍ତମାନ ମୋ ପକ୍ଷରେ ଶ୍ରେୟସ୍କର । ମୁଁ ଦୃଢ଼ ଭାବରେ ଠିଆହୋଇ ରହିଲି । ଯେତେବେଳେ ସେ ମୋ ପାଖରୁ ପ୍ରାୟ ୨୦।୨୫ ଗଜ ମଧ୍ୟରେ ଆସି ପହଞ୍ଚିଗଲା, ମୁଁ ମୁହୂର୍ତ୍ତେ ବିଳମ୍ବ ନ କରି ତାହାର ଆଗଗୋଡ଼ର ବାମ ଆଣ୍ଠୁକୁ ଲକ୍ଷ୍ୟ କରି ଏକ ଶକ୍ତିଶାଳୀ ଗୁଳି ଫାୟାର କରିଦେଲି ଏବଂ ସଙ୍ଗେ ସଙ୍ଗେ ଅପର ବ୍ୟାରେଲ୍ ଗୁଳିର ସଦ୍‌ବ୍ୟବହାର ପାଇଁ ପ୍ରସ୍ତୁତ ହୋଇ ରହିଲି । ଫାୟାର ହେବା ପରେ ମାତ୍ର କେତେ ସେକେଣ୍ଡ ସେ ନିସ୍ତବ୍ଧ ଭାବରେ ରହିଗଲା । ତା'ପରେ ପ୍ରଚଣ୍ଡ ଗର୍ଜ୍ଜନସହ ଦ୍ରୁତଗତିରେ ପ୍ରସ୍ଥାନ କଲା ।

୪

ମୁଁ ଆଶ୍ୱସ୍ତିର ନିଶ୍ୱାସ ପକାଇ କୁଡ଼ିଆ ନିକଟକୁ ଫେରିଲି । ଭାଇଙ୍କ ସହ କୃଷିରକ୍ଷୀମାନେ ମୋତେ ଅପାର କୃତଜ୍ଞତା ଜ୍ଞାପନ କଲେ । ମୁଁ କହିଲି, "ହାତୀର ଆଣ୍ଠୁ ଉପରକୁ ଗୁଳି କରିଛି । ଆଘାତ ଖୁବ୍ ଶକ୍ତ ହୋଇଥିବ । ଏଇ ମାତିକେ ସେ ଏ ଅଞ୍ଚଳରେ ଆଉ ରହିବାକୁ ଇଚ୍ଛା କରିବ ନାହିଁ । ଯାହା ହେଉ,

Digitized by srujanika@gmail.com

ଭୃତ୍ୟମାନଙ୍କର ଗୋଟାଏ ଦଳ ଛୁଟିଲ ।” ଆମ୍ଭେମାନେ ଏହିପରି ଆଳାପ ଆଲୋଚନାରେ ପ୍ରବୃତ୍ତ ଅଛୁଁ, ଏହି ସମୟରେ ପୁଣି ଗଜରାଜଙ୍କର ଘୋର ଭୀତିପ୍ରଦ ଗର୍ଜ୍ଜନରେ ଆମେ ଚମକିଉଠିଲୁଁ । ଗର୍ଜ୍ଜନ ସଙ୍ଗେ ସଙ୍ଗେ ଗଛ ଡାଳ ଭାଙ୍ଗିବାର ପ୍ରଳୟଙ୍କରୀ ଶବ୍ଦ ଭାସିଆସିଲା । ଘଟଣାସ୍ଥଳ ଏକ ଫର୍ଲଙ୍ଗରୁ ଅଧିକ ଦୂର ନୁହେଁ । ତାହାର ଏହି ଉତ୍ପାତ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚାଲିଲା । ତା’ ପରେ ସବୁ ନୀରବ ନିସ୍ତବ୍ଧ ।

ଏଠାରେ ଗୋଟିଏ ଆମୋଦଦାୟକ ବିଷୟର ଅବତାରଣା ନ କରି ରହିପାରୁନାହିଁ । ବିନଙ୍କ ବଡ଼ ଭାଇ କୃଷ୍ଣ ସାହୁ ଏକ ଅଦ୍ଭୁତ ଧରଣର ଲୋକ । ମୁଁ ହାତୀକୁ ଗୁଳି କରି ତଡ଼ିଦେବାରେ ସମସ୍ତେ ଆନନ୍ଦିତ, କିନ୍ତୁ, କୃଷ୍ଣ ବଡ଼ ଚିନ୍ତିତ ଓ ବିମର୍ଷ ହୋଇପଡ଼ିଲେ । ତାଙ୍କର ଏପରି ଅବସ୍ଥାରେ ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲି, “କିଓ ସାହୁଏ, ମୁହଁଟା ଧାନଉଷୁଆଁ ହାଣ୍ଡି ପରି କରିପକାଇଲ କାହିଁକି ?” ସେ ଦୁଃଖରେ ଦୀର୍ଘଶ୍ୱାସ ଟାଣି କହିଲେ, “ତମର କି ଯାଏ ? ବନ୍ଧା ହେବୁଁ ଆମେ ।” “କିଓ, ତମେ କାହିଁକି ବନ୍ଧା ହେବ ?” ମୁଁ ପଚାରିଲି । ସେ ଉତ୍ତର ଦେଲେ, “ହାତୀଟା କ’ଣ ସେଠି ପଡ଼ି ବାଡ଼େଇକୁଟି ହେଉଛି ! ଏ ମାଳ-ଯାକରେ ତ ଆଉ କାହାରି ଧାନ ନାହିଁ । ଆଉ ବନ୍ଧା ହେବ କିଏ ? ଆମରି ଜମିତକ ମଧ୍ୟ ଯିବ ।”

ତାଙ୍କର ଏ ଅମୂଳକ ଧାରଣାକୁ ବଦଳାଇବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ । ସେ ବିନଙ୍କ ଉପରେ ଅକଥନୀୟ ଗାଳି ବର୍ଷଣ କଲେ । ତାଙ୍କର ଦୋଷ—ସେ ମୋତେ ବାର୍‌ହା ଖଦାର ସନ୍ଧାନ ଦେବାରୁ ସିନା ମୁଁ ସେଠାରେ ରହିଲି ଏବଂ ହାତୀକୁ ଗୁଳି କଲି ! କୃଷିରକ୍ଷୀମାନଙ୍କ ଉପରେ ମଧ୍ୟ ବିନାକାରଣରେ ବିରକ୍ତ ହେଉଥାନ୍ତି । ସାଧାରଣତଃ ଲୋକେ ଚିଡ଼ିଲ ଲୋକଙ୍କୁ ଅଧିକ ଚିଡ଼ାଇ ଆନନ୍ଦ ଉପଭୋଗ କରିଥାନ୍ତି । ଏଠାରେ ତାହାହିଁ ହେଲା । ସତ କହିବାକୁ ଗଲେ ମୁଁ ପ୍ରକାରାନ୍ତରେ ସେମାନଙ୍କୁ ଏଥିପାଇଁ ଉତ୍ସାହିତ କରୁଥିଲି । କୃଷ୍ଣ ସାହୁଙ୍କ ବିରକ୍ତି ଆମର ବେଶ୍ ଉପଭୋଗ୍ୟ ହେଉଥାଏ ।

ଯଥାସମୟରେ ଆମ୍ଭେମାନେ ଭୋଜନ କରି ବିଶ୍ରାମ ଗ୍ରହଣ କଲୁଁ । ହାତୀର ପୁଣି ଆସିବାର ଆଶଙ୍କା ଥିବାରୁ ବିନ କୁଡ଼ିଆ ବାହାରେ ବନ୍ଧୁକ ଧରି ପହରା

Digitized by srujanika@gmail.com

କାର୍ଯ୍ୟରେ ନିଯୁକ୍ତ ରହିଲେ । କୃଷ୍ଣ ଭୋଜନ ଶୟନ ବର୍ଜନ କରି ରାତ୍ରିସାରା କୁଡ଼ିଆର ଭିତର ବାହାର ହେଉଥାନ୍ତି । ମଝେ ମଝେ ମୋର ନିଦ୍ରାରେ ବ୍ୟାଘାତ ଜନ୍ମାଇ କହୁଥାନ୍ତି, "ବାବୁ, ପଶ୍ଚିମ ପାଖ ନଟା ଡାକୁଛି । ହାତୀ ପଡ଼ୁଛି କି ?" କିଛି ସମୟ ପରେ ପୁଣି ବିଳିବିଳେଇ ଉଠନ୍ତି, "ବାବୁ, ଏଇ ସଳଖା ଡେଣ୍ଢେଇ ଡାକିଲେ କାହିଁକି ?" ପୁଣି କିଛି ସମୟ ନୀରବ ରହି କହନ୍ତି, "ବାବୁ, ଗୁଳିଟା ତ କୁଲରେ ବାଡ଼େଇଲା ପରି ଶୁଭିଲା । ବାଜିଛି ନିଶ୍ଚୟ ।" ମୁଁ ଅର୍ଦ୍ଧସୁପ୍ତ ଭାବରେ ଶୋଇ ସବୁ ଶୁଣୁଥାଏଁ । କୃଷିରକ୍ଷୀମାନେ ମଜା ଦେଖିବାପାଇଁ ତାଙ୍କୁ ଆହୁରି ଆତଙ୍କିତ କରୁଥାନ୍ତି । ଏହିପରି ଭାବରେ ଏକ କୌତୁକପୂର୍ଣ୍ଣ ରାତ୍ରିର ସମାପ୍ତି ହେଲା ।

ପ୍ରଭାତ ହେବାମାତ୍ରେ ବନଙ୍କ ସହିତ ହାତୀର ସନ୍ଧାନରେ ବାହାରିପଡ଼ିଲି । ରାତିରେ ସେ ତାଳପତ୍ର ଭାଙ୍ଗୁଥିବା ସ୍ଥାନଟି ଏକାବାରକେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥାଏ । ସେଠାରୁ ସେ ସିଧା ରାସ୍ତା ଧରି ରିଜର୍ଭ ଜଙ୍ଗଲ ଅଭିମୁଖେ ଧୀର ମନ୍ଥର ଗତିରେ ଯାଇଛି । ଚାଲିବାବେଳେ ତାହାର ବାମପାଦଟି ଅସ୍ଥିର ଓ ଅସଂଯତ ଭାବରେ ପଡ଼ୁଥାଏ । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳିଲା ଯେ, ତାର ବାମଗୋଡ଼ଟି ଗୁଳି ଆହତ ହୋଇଛି । ଆମେ ତା ପାଦର ଘୋଷଡ଼ା ଚିହ୍ନକୁ ଅନୁସରଣ କରି ପଟିଆ ଜଙ୍ଗଲର ଶେଷ ସୀମା ପର୍ଯ୍ୟନ୍ତ ଗଲୁଁ । ତା'ପରେ ସେ ରିଜର୍ଭ ଜଙ୍ଗଲରେ ପ୍ରବେଶ କରିଥିବା ଦେଖି ଫେରିଆସିଲୁଁ । ପରେ ଶୁଣିବାକୁ ମିଳିଲା, ଉମପଡ଼ା ଜଙ୍ଗଲରେ କୌଣସି ଏକ ବେଆଇନ ଶିକାରୀଙ୍କ ଗୁଳିରେ ସେ ଦୁଷ୍ଟ ହାତୀଟା ମରିଛି ।

ପୁଣି ଏକ ମଣିଷଖିଆ

୧

ପାଠକଙ୍କର ସ୍ମରଣ ଥିବ, ମୁଁ ପାଣିଖଦା ବାଡ଼ରେ ମୋର ଓଭରକୋଟ୍ ଓ ସତରଞ୍ଜି ଛାଡ଼ିଦେଇ ଆସିଥିଲି । ସେତକ ସେଠାରୁ ନେଇଆସିବା ଅଭିପ୍ରାୟରେ ଆମକୁ ସେହି ପଥ ଦେଇ ଫେରିବାକୁ ପଡ଼ିଲା । ଆମେ ଆମର ବାଡ଼ାବନ୍ଧ ନିକଟରେ ଉପସ୍ଥିତ ହୋଇ ଯାହା ଦେଖିଲୁ, ତାହା ଏକବାରକେ କଳ୍ପନାର ବହିର୍ଭୂତ । ଆମର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତାଳପତ୍ରରେ ପ୍ରସ୍ତୁତ ମୋର ଆଶ୍ରୟସ୍ଥଳଟି

Digitized by srujanika@gmail.com

ଏକବାରକେ ଛିନ୍ନଛତ୍ରମାର ହୋଇଯାଇଛି । ତନ୍ମଧ୍ୟରେ ଥିବା ମୋର କୋଟ ଓ ସତରଞ୍ଜି ଛିନ୍ନବିଛିନ୍ନ ହୋଇ ପଡ଼ିଥାଏ । ଶୁଷ୍କ ଭୂମିରେ ତୀକ୍ଷ୍ଣ ନଖର ଚିହ୍ନ ମୁଦ୍ରା ପରିଷ୍କାର କରିଦେଲା ଯେ, ଏହା ଏକ ଅସାଧାରଣ ବାଘର କାମ । ଏଭଳି କାଣ୍ଡ ଘଟାଇବା ପରେ ସେ ପାଣିକୁ ଗଡ଼ିଥିବାର ସ୍ପଷ୍ଟ ପ୍ରମାଣ ମିଳିଲା । ପାଣିକୂଳ ଓଦା ମାଟିରେ ତାର ପଞ୍ଝା ଚିହ୍ନ ବଡ଼ୋଲ ଦେଖାଯାଉଥାଏ । ପଞ୍ଝା ଚିହ୍ନରୁ ନିଶ୍ଚିତ ଅନୁମାନ, ଏ ଗୋଟିଏ ପୂର୍ଣ୍ଣବୟସ୍କ ପୁରୁଷ ବାଘ । ଏହା କୌଣସି ସାଧାରଣ ବାଘର କାମ ନୁହେଁ । ଏ ହୁଏତ ମଣିଷଖିଆ । ମୁଁ ଏପରି ଆଶଙ୍କା କରିବାର କାରଣ ସାଧାରଣ ବାଘ ହୋଇଥିଲେ ପାଣି ପିଇସାରି ତା ବାଟରେ ସେ ଫେରି-ଯାଇଥାନ୍ତା । ଯଦି ଧରି ସେ ମୋର ଲୁଗାପଟାରୁ ମନୁଷ୍ୟଗନ୍ଧ ପାଇଥାନ୍ତା ତେବେ ମୂଳରୁ ପାଣି ପିଇ ନ ଥାନ୍ତା । ଏ ବାଘ ଦୂରରୁ ମନୁଷ୍ୟ ଗନ୍ଧ ପାଇ ଆକ୍ରମଣ କରିଛି । କିନ୍ତୁ ଯେତେବେଳେ ସେ ତାର ଆଶାରୁ ବଞ୍ଚିତ ହୋଇଛି, ସେତେବେଳେ ସେ କ୍ରୋଧର ବଶୀଭୂତ ହୋଇପଡ଼ି ମୋର ବାଡ଼ାବନ୍ଧ, କୋଟ ଓ ସତରଞ୍ଜିର ଉପରେ ଆକ୍ରମଣ କରିଛି ।

ପଟିଆ ଜଙ୍ଗଲରେ ହଠାତ୍ ଏ ଭୟଙ୍କର ଅଘଟଣର ଆବିର୍ଭାବରେ ମୁଁ ବିଚଳିତ ହୋଇପଡ଼ିଲି । ତା'ପରେ ତାହାର ଗତିବିଧି ଜାଣିବାପାଇଁ ଚେଷ୍ଟା ଚଳାଇ ଅଗ୍ରସର ହେଲୁଁ । ରାଢ଼ବା ମୁଣ୍ଡିଆରେ ସେ ତାର ଆଡ୍ଡା ସ୍ଥାପନ କରିଥିବା ସ୍ପଷ୍ଟ ସୂଚନା ମିଳିଲା । ଆମେ ରାଢ଼ବା ମୁଣ୍ଡିଆର ଚତୁଃପାର୍ଶ୍ୱ ରାସ୍ତାରେ ଅନୁସନ୍ଧାନ ଚଳାଇ ବୁଝିଲୁଁ ବର୍ତ୍ତମାନ ସେ ରାଢ଼ବାର ଘନ ଜଙ୍ଗଲଭିତରେ ଅବସ୍ଥାନ କରିଛି । ସେତେବେଳକୁ ଦିନ ୧୨ଟା ସମୟ । ପୁଣି ଘନ ଜଙ୍ଗଲ ଓ ପାହାଡ଼ ପଥରେ ଚିହ୍ନ ଧରି ତାର ପିଛା କରିବା ସମ୍ଭବ ନୁହେଁ । ତେଣୁ ଆମେ ମୁଣ୍ଡରେ ଗୁରୁ ଦାୟିତ୍ୱ ବହନ କରି ଘରକୁ ଫେରିଆସିଲୁ ।

ପଞ୍ଝା ଚିହ୍ନରୁ ସ୍ପଷ୍ଟ ଅନୁମାନ, ସେ ସାଧାରଣ ବାଘଠାରୁ ଆକାରରେ ବଡ଼ ନୁହେଁ । ସେପରି କୌଣସି ଶାରୀରିକ ଅକ୍ଷମତାର ମଧ୍ୟ ପରିଚୟ ମିଳୁନାହିଁ, ଯାହା ତା'ର ନରମାଂସ ପ୍ରତି ଆକର୍ଷଣର କାରଣ ବୋଲି ଧରାଯାଇପାରେ । ନିକଟ କିମ୍ବା ଦୂରବର୍ତ୍ତୀ ଅଞ୍ଚଳରେ ମଣିଷଖିଆ ବାଘ ଉପଦ୍ରବର କୌଣସି ଜନରବ ଶୁଣାଯାଇନାହିଁ । ତଥାପି ଏ ଯେ ମଣିଷଖିଆ ମୋର ଏଇ ଆଶଙ୍କା ଦୃଢ଼ୀଭୂତ

Digitized by srujanika@gmail.com

ହେଲା । ଅଭ ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ଏଇ ଦିନେଓଲିକେ ନିଶ୍ଚୟ କୌଣସି ଦୁର୍ଘଟଣାର ଖବର ମିଳିବ ।

ସେହିଦିନ ସନ୍ଧ୍ୟା ୮ଟା ସମୟକୁ ଜନରବ ବ୍ୟାପିଗଲା—ଭାଇଗା ଶିଅରକୁ ବାଘ ନେଇଗଲା । ମୁଁ ଆଗରୁ ଯାହା ଆଶଙ୍କା କରିଥିଲି ତାହାହିଁ ସତ୍ୟ ହେଲା । ମୁଁ ଭାଇଗାକୁ ଭଲ ଭାବରେ ଜାଣେ । ତା'ର ଘର ଗାଡ଼ିକଣ ଗ୍ରାମରେ । ଆମ ଘରଠାରୁ ପ୍ରାୟ ଏକ ମାଇଲ ଦୂର । ଘଟଣା ସମ୍ବନ୍ଧରେ ପ୍ରକୃତ ତଥ୍ୟ ସଂଗ୍ରହ କରିବା ଅଭିଳାଷ ମୋ ମନରେ ପ୍ରବଳଭାବେ ଜାଗ୍ରତ ହୋଇଉଠିଲା । ମୁଁ ସଙ୍ଗେ ସଙ୍ଗେ ତା ଘରକୁ ଛୁଟିଗଲି । ମୁଁ ପହଞ୍ଚିଲାବେଳକୁ ଗ୍ରାମବାସୀ କେତେଜଣ ବିଶେଷ ଚିନ୍ତାମଗ୍ନ ହୋଇ ବସିଛନ୍ତି । ସେମାନଙ୍କଠାରୁ ଯେତିକି ତଥ୍ୟ ପାଇଲି, ତାହା ହେଉଛି—ଭାଇଗା ଦିନ ଗୋଟାକ ସମୟରେ ଗୋବର୍ଗ ଚଡ଼େଇ ଧରିବା ସକାଶେ ଜଙ୍ଗଲକୁ ଯାଇଥିଲା । ସନ୍ଧ୍ୟାସୁଦ୍ଧା ନ ଫେରିବାରୁ ଗ୍ରାମର କେତେକ ଲୋକ ତାହାର ସନ୍ଧାନ ଉଦ୍ଦେଶ୍ୟରେ ଜଙ୍ଗଲକୁ ଗଲେ । କିନ୍ତୁ ସେମାନେ ତାହାର କୌଣସି ଖୋଜଖବର ନ ପାଇ ହତାଶ ହୋଇ ଫେରିଆସିଛନ୍ତି । ସେ ନିଖୋଜ ହେବାର କୌଣସି କାରଣ ଏ ପର୍ଯ୍ୟନ୍ତ ବୁଝାପଡୁନାହିଁ । ଖଣ୍ଡିଏ ଗାମୁଛା, କାଣ୍ଡିଆ ନଳ ଓ କଟୁରି ସଙ୍ଗରେ ନେଇଥିଲା ।

ମୁଁ ସେଠାରେ ମଣିଷଖିଆ ବାଘ ବିଷୟ ଆଦୌ ପ୍ରକାଶ କଲିନାହିଁ । କାରଣ, ଭାଇଗାର ଆତ୍ମୀୟମାନେ ଅଧିକ ଶୋକାତୁର ହୋଇପଡ଼ିବେ । ଗ୍ରାମବାସୀଙ୍କୁ ସାନ୍ତ୍ୱନା ଦେଇ କହିଲି, "କିଛି ଚିନ୍ତା କରନା, ମୁଁ କାଲି ସକାଳୁ ଆସିବି । ତୁମ୍ଭେମାନେ ପ୍ରସ୍ତୁତ ଥିବ । ଜଙ୍ଗଲକୁ ଯାଇ ତା'ର ସନ୍ଧାନ କରିବା ।"

୨

ପରଦିନ ସକାଳୁ ମୁଁ ପ୍ରସ୍ତୁତ ହୋଇ ଅଭିଜ୍ଞ ଶିକାରୀ ସାଥୀ ବିନଙ୍କ ସହ ଗାଡ଼ିକଣରେ ଉପସ୍ଥିତ ହେଲି । ସେଠାରୁ ଆମେ ସଦଳବଳେ ଜଙ୍ଗଲ ଅଭିମୁଖେ ଯାତ୍ରା କଲୁଁ ।

ଭାଇଗା ଯେତେବେଳେ ଦିନ ଗୋଟାକ ସମୟରେ ଘରୁ ବାହାରିଛି, ଦୂରବର୍ତ୍ତୀ ଜଙ୍ଗଲକୁ ଯିବା ସମ୍ଭବପର ନୁହେଁ । ଗଡ଼ବା ଜଙ୍ଗଲ ତା ଘର

Digitized by srujanika@gmail.com

ପାଖରୁ ଅପେକ୍ଷାକୃତ କମ୍ ବାଟ । ବିଶେଷକରି ସେ ଅଞ୍ଚଳରେ ଭଲ ଲଡୁଆ ଗୋବରା ଚଢ଼େଇ ମିଳନ୍ତି । ସୁତରାଂ ସେ ରାତିବା ଅଞ୍ଚଳକୁ ଯାଇଥିବା ଖୁବ୍ ସମ୍ଭବ । ଆମ୍ଭେମାନେ ସଂଗଠିତଭାବେ ବନପଥ ଦେଇ ଏ ଅଞ୍ଚଳରେ ପ୍ରବେଶ କଲୁଁ । ପ୍ରଥମେ ପ୍ରଧାନ ରାସ୍ତା ଓ ଛକ ଜାଗାମାନଙ୍କରେ ଆମର ଅନୁସନ୍ଧାନ କାର୍ଯ୍ୟ ଚାଲିଲା । ରାସ୍ତାରେ କେତେକ ଲୋକ ଚଳାଚଳ ହୋଇଥିବା ଚିହ୍ନ ଦେଖିବାକୁ ପାଇଲୁଁ । ସେଥିରେ କିଛି ବୈଶିଷ୍ଟ୍ୟ ନ ଥିଲା । ମାତ୍ର ଗୋଟିଏ ସ୍ଥାନରେ ପ୍ରଧାନ ରାସ୍ତାରୁ ଡଗର ରାସ୍ତା ଦେଇ ଜଣେମାତ୍ର ଲୋକ ଯାଇଥିବା ପାଦଚିହ୍ନ ମିଳିଲା । ଜଣେ ଲୋକ ଏହି ସଂକୀର୍ଣ୍ଣ ବନପଥରେ ଏକାକୀ ଯିବାର କାରଣ କ'ଣ ହୋଇପାରେ ? ଅନୁସନ୍ଧିତ୍ସା ପ୍ରବଳ ହୋଇଉଠିଲା । ସେହି ପାଦଚିହ୍ନକୁ ଅନୁସରଣ କରି ଆମେ ଅଗ୍ରସର ହେଲୁଁ ।

କିଛି ଦୂର ଯିବାପରେ ଏକ କ୍ଷୁଦ୍ର ଖୋଲା ସ୍ଥାନରେ ପହଞ୍ଚିଲୁଁ । ସେଠାରେ ପହଞ୍ଚିବାମାତ୍ରେ କେତେଗୁଡ଼ିଏ ପକ୍ଷୀ ପର ଉପରେ ଦୃଷ୍ଟିପାତ ହେଲା । ପର-ଗୁଡ଼ିକ ଗୋବରା ଚଢ଼େଇର, ଏଥିରେ ସନ୍ଦେହ ରହିଲା ନାହିଁ । ଏହା ଖାଇଗାର ଚଢ଼େଇ ଧରିବା ସ୍ଥାନ ହୋଇପାରେ । ତେବେ ଅଧିକ ପ୍ରମାଣ ଆଶାରେ ସ୍ଥାନଟିକୁ ତନ୍ନ ତନ୍ନ କରି ତଦାରଖ କରାଗଲା । ଆମେ ସ୍ଥିରନିଶ୍ଚିତ ହେଲୁଁ ଯେ, ସେଠାରେ କୌଣସି ଦୁର୍ଘଟଣା ଘଟିନାହିଁ । ତାଳପତ୍ର ଦ୍ୱାରା ପ୍ରସ୍ତୁତ ଏକ କୁଡ଼ିଆ ଆବିଷ୍କାର କଲୁ । ପକ୍ଷୀଧରାଳି ଲୁଚିକରି ବସିବା ସକାଶେ ଏଭଳି କୁଡ଼ିଆ ତିଆରି କରିଥାନ୍ତି । ତାଳପତ୍ରଗୁଡ଼ିକ ସଦ୍ୟ କଟା ହେଲା ପ୍ରାୟ ଦେଖାଯାଉଥାଏ । ଖାଇଗା ହେଉ ବା ଆଉ ଯେ କେହି ହେଉ, ନିର୍ବିଘ୍ନରେ ଚଢ଼େଇ ଧରି ଏଠାରୁ ଫେରିଛି— ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ।

ଧରିନିଆଯାଉ, ଖାଇଗା ନିର୍ବିଘ୍ନରେ ଚଢ଼େଇ ଧରିଛି । ତେବେ ସିଧା ଗ୍ରାମପଥ ଦେଇ ଫେରିଥିବ । ସେ ପଥରେ ଅନୁସନ୍ଧାନ ଚଳାଇଲେ କୌଣସି ତଥ୍ୟ ମିଳିପାରେ, ତେଣୁ ଆମେ ସେଇ ପଥରେ ଅଗ୍ରସର ହେଲୁଁ । କିଛି ଦୂର ଗଲାପରେ କଳିଆଗାଡ଼ିଆ ଖଟି' ନିକଟରେ ଉପସ୍ଥିତ ହେଲୁଁ । ସେଠାରେ ବାଘ ପାଣି ଖାଇଥିବା ବିଷୟ ଜାଣିବାପାଇଁ ଆଗ୍ରହ ବଳିବା ସ୍ୱାଭାବିକ । ତେଣୁ ଆମେ ଉକ୍ତ ଜଳାଧାର ନିକଟକୁ ଗଲୁଁ । ସେଠାରେ ଉପସ୍ଥିତ ହୋଇ ଦେଖିଲୁଁ ପାଣିକୂଳରେ ଗାମୁଛା, କଣ୍ଟିଆ ଓ କାଣ୍ଡିଆ ନଳ ଥୁଆ ହୋଇଛି । ଗାମୁଛା କାନରେ ଗୁଡ଼େଇଛି ମୁମୂର୍ଷୁ ଗୋବରା

Digitized by srujanika@gmail.com

ଚଢ଼େଇ ବନ୍ଧା ହୋଇଛନ୍ତି । ମୁଁ ସେମାନଙ୍କୁ ତତ୍‌କ୍ଷଣାତ୍‌ ବନ୍ଧନରୁ ମୁକ୍ତ କରିଦେଲି । ମୋର ଅନୁମାନ ସତ୍ୟ ପ୍ରମାଣିତ ହେଲା, ଭାଇଗାକୁ ବାଘ ନେଇଛି । ଯୁତରାଂ ଧରିନେବାକୁ ହେବ, ବର୍ତ୍ତମାନର ଦୁର୍ଘଟଣା ପାଇଁ ସେଇ ବାଘଟି ଦାୟୀ । ଦୁର୍ଘଟଣାର ଆରମ୍ଭ ଏଇଠାରୁ । ଏଥର ମୃତ ଦେହକୁ ଖୋଜି ବାହାର କରିବାକୁ ହେବ । ଭାଇଗାର ଆତ୍ମୀୟମାନେ ଶୋକାକୁଳ ହୋଇଉଠିଲେ । ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ ସନ୍ଧାନ କାମରେ ଲଗାଇଦେଲି । ପାଣି ପାଖରୁ ମାତ୍ର ୮।୧୦ ଗଜ ଦୂରରେ ବାଘର ପଛ ପଞ୍ଝାର ନଖ ଚିହ୍ନ ସ୍ପଷ୍ଟ ପରିଦୃଷ୍ଟ ହେଲା । ମନେହୁଏ, ଲେକଟିର ବେକକୁ ଲମ୍ଫ ପ୍ରଦାନ ସମୟର ଏ ଚିହ୍ନ । ଏଥିରୁ ନିଶ୍ଚିତଭାବେ କୁହାଯାଇପାରେ, ଭାଇଗା ଝାଡ଼ା ବସିଥିବା ସମୟରେ ବାଘ ତାକୁ ଅତର୍କିତ ଆକ୍ରମଣ କରିଛି । ଏଥିରେ ସନ୍ଦେହର ଅବକାଶ ରହିଲା ନାହିଁ । ଘଟଣାସ୍ଥଳରେ ରକ୍ତ କିମ୍ବା ଧସ୍ତାଧସ୍ତିର କୌଣସି ଚିହ୍ନ ନ ଥିଲା । ଏଥିରୁ ଅନୁମାନ, ବାଘ ତାକୁ ଆକ୍ରମଣ ସ୍ଥାନରେ ହତ୍ୟା କରିନାହିଁ । ଯେତେଦୂର ସମ୍ଭବ ବାଘ ତାକୁ ଅବଲୀଳାକ୍ରମେ ପିଠିରେ ପକାଇ ନେଇଛି । ବାଘ ତାହାର ଖାଦ୍ୟକୁ ଜଙ୍ଗଲର ଗଭୀରତମ ଗୋପନୀୟ ସ୍ଥାନକୁ ନିଶ୍ଚୟ ନେଇଯାଇଥିବ । ଶୁଷ୍କ ଓ ତୃଣାଚ୍ଛାଦିତ ଭୂମି ଯୋଗୁଁ ପାଦ ଚିହ୍ନ ମିଳିବା ଏକବାରକେ ଅସମ୍ଭବ । ଅନ୍ଧାରଘରେ ବାଡ଼ ବୁଲାଇବା ପରି ଆମ୍ଭେମାନେ ଅନ୍ୱେଷଣ କାର୍ଯ୍ୟରେ ବ୍ୟାପୃତ ହୋଇଗଲୁଁ । ପ୍ରାୟ ଏକ ଫର୍ଲଙ୍ଗ ଦୂର ଗଲା ପରେ ଏଇ ମର୍ମାନ୍ତିକ ଘଟଣାର ସାକ୍ଷ୍ୟସ୍ୱରୂପ ମିଳିଲା ହତଭାଗ୍ୟର ରକ୍ତାକ୍ତ ଲୁଗା, ଭୀଷଣ ରକ୍ତସ୍ରାବ ଓ ଧସ୍ତାଧସ୍ତିର ଚିହ୍ନ । ଏଇଠି ପହଞ୍ଚିବା ପର୍ଯ୍ୟନ୍ତ ଲୋକଟା ଜୀବିତ ଥିବା ଅନୁମିତ ହୁଏ । ବୋଧହୁଏ ସେ ସେଠାରେ ସଂଜ୍ଞା ଫେରିପାଇ ଜୀବନ ବଞ୍ଚାଇବାକୁ ପ୍ରତିରୋଧ ଚଳାଇଛି । ତୃଣାଚ୍ଛାଦିତ ଶୁଷ୍କ ଭୂମିରେ ପଦାଘାତ ଓ ବାଘର ନଖ ଚିହ୍ନରୁ ଏହାର ସ୍ପଷ୍ଟ ପ୍ରମାଣ ମିଳିଲା । ଏଥିରୁ ଜଣାଗଲା, ବାଘ ତାକୁ ଖୁବ୍‌ କଲବଲ କରି ମାରିଛି । ଏହି ହୃଦୟବିଦାରକ ଘଟଣାରେ ଆମେ ଏକବାରକେ ମର୍ମାହତ ହୋଇପଡ଼ିଲୁଁ ।

ବାଘ ସେଠାରେ ତାହାର ଭୋଜନ ଆରମ୍ଭ କରିନାହିଁ । ଏଥିପାଇଁ ଆହୁରି ଅଧିକ ନିରାପଦ ସ୍ଥାନର ଆବଶ୍ୟକତା ଅନୁଭବ କରିଛି କି ଏ । ତେଣୁ ସେ ଶିକାରକୁ ସେଠାରୁ ସ୍ଥାନାନ୍ତରିତ କରିନେଇଛି । ଏଥର ମୃତ ଦେହକୁ ଖୋଜି ବାହାର କରିବା ବିଶେଷ କଷ୍ଟକର ହେଲା ନାହିଁ । କାରଣ ଏ ସ୍ଥାନରୁ

Digitized by srujanika@gmail.com

ରକ୍ତର ଦାଗ ଓ ଘୋଷଡ଼ା ଚିହ୍ନ କ୍ରମାଗତ ପଡ଼ିଯାଇଥାଏ । ଏହି ଚିହ୍ନଙ୍କୁ ଅନୁସରଣ କରି ଅତି ସତର୍କତା ଅବଲମ୍ବନପୂର୍ବକ ଅଗ୍ରସର ହେଲୁଁ । ଆମ୍ଭେମାନେ ପ୍ରାୟ ୩ ଶହ ଗଜ ଦୂର ଗଲା ପରେ ମୃତର ଦେହାବଶେଷ ମିଳିଲା । ଗୋଟିଏ ଆରୁଣ୍ଡି ବୁଦା ଭିତରେ ବାଘ ବେଶ ପରିପାଟୀରେ ଭୋଜନ କରିଛି । ମୁଣ୍ଡ, ନଳୀ ଗୋଡ଼ ଦୁଇଟି ଓ କହୁଣିଠାରୁ ହାତ ଦୁଇଟି ଅବଶେଷ ଅଛି । ଦେହର ଆଉ ସମସ୍ତ ଅଂଶ ବାଘର ଉଦରସ୍ଥ ହୋଇଯାଇଥିଲା । ସାରା ରାତି ସେ ତାହାର ଆହାର ଉପରେ ମହଜୁଦ ଥିବାର ଯଥେଷ୍ଟ ପ୍ରମାଣ ପାଇଲୁଁ । ବାଘର ଝାଡ଼ା ଓ ପରିସ୍ରାରୁ ମନେ ହେଲା, ସେ ଏହି ଅଳ୍ପ ସମୟ ଆଗରୁ ଏ ସ୍ଥାନ ତ୍ୟାଗ କରିଛି । ମୃତର ଦେହାବଶେଷ ସେହିପରି ଖୋଲା ବିକ୍ଷିପ୍ତ ଭାବରେ ପଡ଼ିଥିଲା । ଏଥିରୁ ସ୍ପଷ୍ଟ ଜଣାଗଲା ପୁନର୍ବାର ଏ ସ୍ଥାନକୁ ଆସିବା ତାର ଅଭିପ୍ରାୟ ନୁହେଁ । ତା ହୋଇଥିଲେ ସେ ତା'ର ଖାଦ୍ୟକୁ ଡାଳପତ୍ରର ଆଚ୍ଛାଦନରେ ସୁରକ୍ଷିତ କରି ଯାଇଥାନ୍ତା । ଏଠାରେ ମୋର ଆଉ କିଛି କରିବାର ନ ଥିଲା । ଶବର ଅବଶିଷ୍ଟାଂଶ ସଂସ୍କାର ପାଇଁ ଶିଅରମାନଙ୍କ ମାରଫତରେ ଛାଡ଼ିଦେଲି । ତା'ପରେ ବିନଙ୍କୁ ସଙ୍ଗରେ ନେଇ ବାଘର ସନ୍ଧାନରେ ଅଗ୍ରସର ହେଲି ।

ଶୁଷ୍କ ତୃଣାଚ୍ଛାଦିତ ଭୂମିରେ ପାଦଚିହ୍ନ ମିଳିବା ସମ୍ଭବ ନୁହେଁ । ଜଙ୍ଗଲର ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ପାରି ହେବା ରାସ୍ତାମାନଙ୍କରେ ସନ୍ଧାନ ଚଳାଇ ଚାଲିଲୁଁ । ଦୁଇ ଏକ ସ୍ଥାନରେ ବାଘର ସଦ୍ୟ ପାଦଚିହ୍ନ ମିଳିଲା । ଶେଷରେ ସଠିକ ପ୍ରମାଣ ମିଳିଲା ଯେ, ସେ ତାହାର ଆଡ୍ଡାସ୍ଥଳ ରାଢ଼ିବା ମୁଣ୍ଡିଆ ଉପରକୁ ଉଠିଛି । ଆମେ ଅତି ସନ୍ତର୍ପଣେ ସତର୍କତା ଅବଲମ୍ବନପୂର୍ବକ ପାହାଡ଼ ଉପରକୁ ଉଠିଲୁଁ । ପାହାଡ଼ର ଉପରିଭାଗରେ ତା'ର ଆଶ୍ରୟ ସ୍ଥଳକୁ ଅନୁମାନ କରି ଆମେ ଅଗ୍ରସର ହେଉଥାଉଁ । କିଛି ଦୂର ଯିବା ପରେ ହଠାତ୍ ବିନ ମୋର ଦେହରେ ଅଙ୍ଗୁଳି ସ୍ପର୍ଶ କରି ଚକ୍ଷୁଦ୍ୱାରା ସଙ୍କେତ ଦେଲେ । ମୁଁ ଦେଖେଁ ତ ପ୍ରାୟ ୫୦ ଗଜ ଦୂରରେ ବାଘ ଏକ ରାଜକୀୟ ଢଙ୍ଗରେ ଚାଲିଯାଉଛି । ମୁଁ ବନ୍ଧୁକ କାନ୍ଧକୁ ଉଠାଇବାମାତ୍ରେ ସେ ବନଗହଳରେ ଅଦୃଶ୍ୟ ହୋଇଗଲା ।

ବାଘ ଆକଣ୍ଠ ଭୋଜନ କରିଛି । ବର୍ତ୍ତମାନ ତାହାର କୌଣସି ଚିନ୍ତା ନାହିଁ । କେବଳ ବିଶ୍ରାମ ତାର ଲୋଡ଼ା । ସେ ଗଭୀର ଅରଣ୍ୟର ଗୁପ୍ତସ୍ଥଳକୁ ଫେରିଯାଉଛି । ମୁଁ ଭାବି ଦେଖିଲି, ଘନକଣ୍ଟକିତ ବନପଥରେ ତା'ର ଅନୁସରଣ କରିବା ନିରର୍ଥକ ।

Digitized by srujanika@gmail.com

କାରଣ ଯେତେ ସାବଧାନରେ ଅଗ୍ରସର ହେଲେ ମଧ୍ୟ କଣ୍ଟାଝଣ୍ଟା ମଧ୍ୟଦେଇ ଚାଲିବା ସମୟରେ ସାମାନ୍ୟ ଶବ୍ଦ ହେବଇ ହେବ । ଏଥିରେ ବାଘଟା ସାବଧାନ ହୋଇଯିବ ଏବଂ ସେ ବୁଝିପାରିବ, ତାକୁ ଅନୁସରଣ କରାଯାଉଛି । ମଣିଷଖିଆ ବାଘ ଏପରି ଅବସ୍ଥାରେ ଅତ୍ୟନ୍ତ ସାଙ୍ଘାତିକ ହୋଇଉଠେ । ତା ଛଡ଼ା ଲୁଚିବାର ପୂର୍ଣ୍ଣ ସୁଯୋଗ ତା'ର ସେଠାରେ ଅଛି । ସେ ଇଚ୍ଛା କଲେ ପଳାଇଯାଇପାରେ କିମ୍ବା ଆକ୍ରମଣ କରିପାରେ । ସବୁଠାରୁ ମାରାତ୍ମକ, ବଣବୁଦାର ଆଢୁଆଳରେ ଲୁଚି ପଛରୁ କିମ୍ବା କଡ଼ ପଟରୁ ମୋ ଉପରକୁ କୁଦି ପଡ଼ିବା ଅସମ୍ଭବ ନୁହେଁ । ଅବସ୍ଥାଟା ଶୀଘ୍ର ବୁଝିନେଇ ସ୍ଥିର କଲି, ଆଗକାଟି ଯାଇ ପାହାଡ଼ର ଏକ ଗୁମ୍ଫା ବା କୋରଡ଼ ନିକଟରେ ଜଗି ରହିବି । ଯଦି ବାଘ ସେ କୋରଡ଼ରେ ଆଶ୍ରୟ ନେବାକୁ ଆସୁଥିବ ତେବେ ଫାୟାର କରିବାର ସୁଯୋଗ ମିଳିପାରେ । ଆମେ ପ୍ରାୟ ଅଧଘଣ୍ଟାଏ କାଳ ଏଇଭଳି ଏକ ସ୍ଥାନରେ ଆତ୍ମଗୋପନ କରି ଅପେକ୍ଷାରେ ରହିଲୁଁ । କିନ୍ତୁ ସବୁ ବୃଥା । ସେ ଘନ ଜଙ୍ଗଲ ମଧ୍ୟରେ କୁଆଡ଼େ ଲୀନ ହୋଇଗଲା । ଆମେ ମନଦୁଃଖରେ ଫେରିଆସିଲୁଁ ।

କଥାରେ କହନ୍ତି, "ଢୋଲ ବାଇଦ କୋଶେ, ତୁଣ୍ଡ ବାଇଦ ସହସ୍ର କୋଶ ।" ସେହିପରି ଭଇଗାକୁ ବାଘ ନେବା ଖବର ପାଖ ଆଖ ଗ୍ରାମମାନଙ୍କରେ ଦ୍ରୁତ ପ୍ରଚାରିତ ହୋଇଗଲା । ଫଳରେ ମନୁଷ୍ୟ ବା ଗୃହପାଳିତ ପଶୁ ଜଙ୍ଗଲକୁ ଯିବା ବନ୍ଦ କରିଦେଲେ । ବର୍ତ୍ତମାନ ଜଙ୍ଗଲର ପରିବେଶ ଶାନ୍ତ ଓ ଗମ୍ଭୀର । ଦୁର୍ଘଟଣାର ଚତୁର୍ଥ ଦିବସ । ଜଙ୍ଗଲର ପରିସ୍ଥିତି ପର୍ଯ୍ୟବେକ୍ଷଣ କରିବାର ଆଗ୍ରହ ସ୍ୱତଃ ମନରେ ଜାଗରିତ ହେଲା ।

ସେଦିନ ମୁଁ ଶୀଘ୍ର ଶୀଘ୍ର ପ୍ରାତଃଭୋଜନ ଶେଷ କରିନେଇ ବାହାରିପଡ଼ିଲି । ଶିକାରୀ ସାଥୀ ବିନ ନରୋତ୍ତଡ଼ବନ୍ଧା । ମୁଁ ଜଙ୍ଗଲକୁ ବାହାରିଲେ ସେ ନିଶ୍ଚୟ ଯିବେ । ଆମେ ଦୁହେଁ ଯାଇ 'ଗବବାର' ବନ୍ଧ ନିକଟରେ ଉପସ୍ଥିତ ହେଲୁଁ । ସେଠାରେ ଗୋଟିଏ ବାଘ ପାଣି ପିଇଥିବାର ଦେଖାଗଲା । ପାଣିକୂଳ ଓଦା ମାଟିରେ ତା'ର ପଞ୍ଝାଚିହ୍ନ ସ୍ପଷ୍ଟ ଦେଖାଯାଉଥାଏ । ଏହା ଦିନକ ପୂର୍ବର ପାଦଚିହ୍ନ ବୋଲି ପ୍ରତ୍ୟୟ ହୁଏ ।

ଏହି ବାଘ ସହିତ ଆମେ ପୂର୍ବରୁ ବେଶ୍ ପରିଚିତ । ସେ ଏବେ କେତେ ଦିନ ହେଲା ଆମ ଜଙ୍ଗଲ ଛାଡ଼ି ଚାଲିଯାଇଥିଲା । ପୁଣି ଆସିଲାଣି । ଏ ଗୋ...

Digitized by srujanika@gmail.com

ବୃହତ୍‌କାୟ ସୁସ୍ଥ ଓ ସବଳ ବାଘ । ବଡ଼ ଶିକାରୀ ଓ ଧୂର୍ତ୍ତ ମଧ୍ୟ । ସେ ନିଜର ଜୀବନଧାରଣ ପାଇଁ ପଶୁହତ୍ୟା କରେ; ମାତ୍ର ନରହତ୍ୟା କରେ ନାହିଁ ।

ତତ୍ପରେ ସେଠାରୁ ଆମେ ଜଙ୍ଗଲରେ ସନ୍ଧାନ ଚଳାଇ ଅଗ୍ରସର ହେଲୁଁ । ପ୍ରତ୍ୟେକ ଗଳିକନ୍ଦିରେ ଉକ୍ତ ବାଘର ପାଦଚିହ୍ନ ଦେଖିବାକୁ ମିଳିଲା । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସେ ସହଜଲଭ୍ୟ ଖାଦ୍ୟ ଗୋରୁ, ମଇଁଷି ନ ପାଇ ବନ୍ୟ ପଶୁ ଶିକାର ଖୋଜିବାରେ ବ୍ୟସ୍ତ ଅଛି । ମଣିଷଖିଆର କୌଣସି ପତ୍ତା ମିଳିଲା ନାହିଁ । ଗୋରୁ, ମଇଁଷି ଓ ମନୁଷ୍ୟଙ୍କର ପ୍ରବେଶ ନ ଥିବାରୁ ଜଙ୍ଗଲର ପରିବେଶ ଏକାନ୍ତ ନୀରବ ନିଶ୍ଚଳ ଥିଲା । ସେଦିନ ଆଉ କୌଣସି ବିଶେଷ ଉଲ୍ଲେଖ-ଯୋଗ୍ୟ ଘଟଣା ପରିଦୃଷ୍ଟ ହୋଇନାହିଁ ।

ନରଭକ୍ଷୀର ଆକସ୍ମିକ ଆବିର୍ଭାବ ଯେପରି ଆମ୍ଭମାନଙ୍କୁ ବିସ୍ମିତ କରି-ଦେଇଥିଲା, ସେହିପରି ତା'ର ଅନ୍ତର୍ଦ୍ଧାନରେ ମଧ୍ୟ ଆମ୍ଭେମାନେ ତତୋଧିକ ବିସ୍ମିତ ହେଲୁଁ । ମଣିଷଖିଆ ବାଘଙ୍କର ଗତିବିଧି ବୁଝିବା ସହଜ ନୁହେଁ । ସେ ଯେ ନିକଟରେ ହେଉ କିମ୍ବା ଦୂରରେ ହେଉ, ପୁଣି ଦିନେ ହଠାତ୍ ଉପସ୍ଥିତ ହୋଇଯାଇ ସମସ୍ତଙ୍କୁ ଚମକିତ କରିଦେବ ଏଥିରେ ସନ୍ଦେହ ନାହିଁ । ପରବର୍ତ୍ତୀ ହତ୍ୟାକାଣ୍ଡକୁ ଅପେକ୍ଷା କରିବା ବ୍ୟତୀତ ମୋର ଅନ୍ୟ ଉପାୟ ନ ଥିଲା ।

୩

ଏ ମଧ୍ୟରେ ୧୫ ଦିନ ଅତୀତ ହୋଇଗଲାଣି । ଜଙ୍ଗଲରେ କୌଣସି ଦୁର୍ଘଟଣାର ସମ୍ବାଦ ମିଳିନାହିଁ । ଲୋକମାନେ ଆଉ କେତେଦିନ ଜଙ୍ଗଲକୁ ନ ଯାଇ ଚଳିପାରିବେ ? ବିଶେଷତଃ ଯେଉଁମାନଙ୍କର ଜୀବିକାର୍ଜ୍ଜନ ଜଙ୍ଗଲ ଉପରେ ନିର୍ଭର କରେ, ସେମାନେ କ୍ରମେ ଜଙ୍ଗଲକୁ ଯିବା ଆରମ୍ଭ କରିଦେଲେ । ଗୋରୁ, ମଇଁଷି ଖାଦ୍ୟାଭାବରୁ ମୁକ୍ତ ପାଇ ଏବେ ମହା ଉଲ୍ଲାସରେ ଜଙ୍ଗଲରେ ଚରିବୁଲି ଚଳେଣି । ପୁଣି ଜଙ୍ଗଲର ପୂର୍ବାବସ୍ଥା ଫେରିଆସିଲା । ଏଥର ମଣିଷଖିଆର ସନ୍ଧାନ ନେବା ପାଇଁ ଉପଯୁକ୍ତ ସମୟ । ସେଦିନ ଅତି ପ୍ରତ୍ୟୁଷରୁ ଜଙ୍ଗଲ ଅଭିମୁଖେ ବାହାରିପଡ଼ିଲି ।

ଜଙ୍ଗଲର ଗଭୀରତମ ପ୍ରଦେଶରେ ପ୍ରବେଶ କଲାବେଳକୁ ଏକ ଘନ କୁହୁଡ଼ି ଦ୍ୱାରା ବନଭୂମି ଆଚ୍ଛାଦିତ ହୋଇଗଲା । ଏତଦ୍ଦ୍ୱାରା ଶିକାରରେ ସୁବିଧା ସେତିକି

Digitized by srujanika@gmail.com

ଅସୁବିଧା ଯେତକ । ସୁବିଧା ହେଉଛି, ଶିକାରର ପିଛୁ କଲେ ସେ ସହଜରେ ଜାଣିପାରିବ ନାହିଁ । ପୁଣି ଶିକାରର ଅତି ନିକଟରେ ପହଞ୍ଚିଲେ ମଧ୍ୟ ସେ ଶିକାରୀକୁ ଠଉରେଇ ପାରିବ ନାହିଁ । ଅସୁବିଧା ହେଉଛି, ଦୂରକୁ ଦୃଷ୍ଟି ସଞ୍ଚାଳନ ହୋଇ ନ ପାରିବାରୁ ଶିକାରୀ ହିଂସ୍ରଜନ୍ତୁ ଦ୍ୱାରା ସହଜରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ । ବନାଞ୍ଚଳରେ ମଣିଷଖିଆର ଭୟ ଏବେ ମଧ୍ୟ ଦୂର ହୋଇନାହିଁ । ଏପରି ପରିସ୍ଥିତିରେ ନିଜର କର୍ତ୍ତବ୍ୟ ନିରୂପଣ କରିବା ବଡ଼ କଠିନ ବ୍ୟାପାର । ଯାହାହେଉ ମୁଁ ଚକ୍ଷୁକର୍ଣ୍ଣକୁ ସଜାଗ ରଖି ଧୀର ପଦକ୍ଷେପରେ ଅଗ୍ରସର ହେଲି । ପ୍ରାୟ ଏକ ଘଣ୍ଟା ସମୟ ଅତିବାହିତ ହୋଇଗଲା । କ୍ରମେ କୁହୁଡ଼ି ପତଳା ହୋଇଆସୁଛି । ଏ ପର୍ଯ୍ୟନ୍ତ ସୂର୍ଯ୍ୟଦେବଙ୍କର ଦେଖାଦର୍ଶନ ନାହିଁ । ଏହି ସମୟରେ ଏକ କୁଟୁରାର ଅଦ୍ଭୁତ ସାବଧାନୀ ଡାକ କର୍ଣ୍ଣଗୋଚର ହେଲା । ବୋଧହୁଏ ହତଭାଗା ତା'ର ପ୍ରଧାନ ଶତ୍ରୁ ବାଘର ସମ୍ମୁଖୀନ ହୋଇଛି । ଘଟଣାସ୍ଥଳ ପ୍ରାୟ ଏକ ଫର୍ଲଙ୍ଗ ଦୂର ବୋଲି ଅନୁମିତ ହୁଏ ।

ମୁଁ ସେହି ଶବ୍ଦକୁ ଅନୁସରଣ କରି ଆଗେଇ ଚାଲିଲି । ଯେ ପର୍ଯ୍ୟନ୍ତ କୁଟୁରାର ସତର୍କ ବାଣୀ ଶୁଣାଯାଉଥିବ, ସେ ପର୍ଯ୍ୟନ୍ତ ଭୟ କରିବାର କୌଣସି କାରଣ ନାହିଁ । ଏଥିରୁ ବୁଝିବାକୁ ହେବ, ବାଘ କୁଟୁରାର ଦୃଷ୍ଟିପଥରେ ନିବଦ୍ଧ ଅଛି । କୁଟୁରା ଏକ ସ୍ଥାନରେ ଥାଇ ଡୁହାଇ ଡୁହାଇ ରଡ଼ି ଛାଡୁଥାଏ । ମୁଁ ନିର୍ଭୟରେ ଗତି ବଢ଼ାଇ ଅଗ୍ରସର ହେଲି । ଶେଷରେ କୁଟୁରା ଦୃଷ୍ଟିଗୋଚର ହେଲା । ସେ ମୋର ସମ୍ମୁଖର ଡାହାଣ ଦିଗରେ ଉତ୍ତରକୁ ମୁହଁ କରି ଡାକ ଛାଡୁଥାଏ । ଏଥିରୁ ମୁଁ ସ୍ପଷ୍ଟ ଧରିନେଲି, ତା'ର ଶତ୍ରୁ ଉତ୍ତର ଦିଗରେ ଅଛି । ମୁଁ ପୂର୍ବକୁ ମୁହଁ କରିଥାଏ । ଅତି ସତର୍କତା ଅବଲମ୍ବନପୂର୍ବକ ଚତୁର୍ଦ୍ଦିଗରେ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରି, ବାଘକୁ ଠାବ କରିବାରେ ଲାଗିପଡ଼ିଲି । ଅଳ୍ପ ସମୟ ମଧ୍ୟରେ ବାଘ ମୋର ଦୃଷ୍ଟିପଥାରୂଢ଼ ହେଲା ।

ସେ ଶୋଇଥିବା ଅବସ୍ଥାରେ କୁଟୁରା ଛପି ରହୁଥାଏ । ତା'ର କ୍ଷୁଧିତ ଲୋଲୁପ ଦୃଷ୍ଟି କୁଟୁରା ଉପରେ ନିବଦ୍ଧ ଥିଲା । ସେ ମୋର ଟେର ପର୍ଯ୍ୟନ୍ତ ପାଇନାହିଁ ତେଣୁ ତରବର ହେବାର କୌଣସି କାରଣ ନ ଥିଲା । ରହି ସମ୍ଭାଳି ଗୁଳି କରିବାକୁ ହେବ । ବାଘର ସମସ୍ତ ଶରୀରଟି ବଣବୁଦା ଆଡୁଆଳରେ ଥାଏ । କେବଳ ମୁଣ୍ଡଟି

Digitized by srujanika@gmail.com

ମୋତେ ଦେଖାଯାଉଥିଲା । ମୁଁ ତାର ମୁଣ୍ଡର ପଛପାଖକୁ ଲକ୍ଷ୍ୟ କଲି । କିନ୍ତୁ ହଠାତ୍ ଗୋଟିଏ ଗୋଡ଼ିଆ ପଥର ମୋର ଲକ୍ଷ୍ୟପଥରେ ପ୍ରତିବନ୍ଧକ ହେଲା । ସେ ପଥର ଖଣ୍ଡି ବାଘର ମୁଣ୍ଡକୁ ଲାଗି ରହିଥିଲା । ଭାବିଦେଖିଲି, ଆଉ କୌଣସି ଉପାୟ ନାହିଁ । ଘଡ଼ି କହିବାକୁ ଗଲେ, ବାଘକୁ ସଜାଗ କରି ସାମନାସାମନି ଗୁଳି ଚଳାଇବାପାଇଁ ମୋର ସାହସ କୁଳେଇଲା ନାହିଁ । ହୁଏତ ସେ ମଣିଷଖିଆ ହୋଇପାରିଥାଏ । ତା'ହେଲେ ଅବସ୍ଥା ସାଙ୍ଘାତିକ ହୋଇପଡ଼ିବ । ଜାଣିଶୁଣି ଏପରି ବିପଦକୁ ବରଣ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ଯାହାହେଉ, ମୁଁ ପ୍ରତିବନ୍ଧକ ସତ୍ତ୍ୱେ ଗୁଳି ଚଳାଇବାପାଇଁ ସ୍ଥିର କଲି । ଗୋଟିଏ ବୁଦାର ଡାଳରେ ବନ୍ଧୁକ ଭରି ରଖି ସ୍ଥିରନିଶ୍ଚିତ ଲକ୍ଷ୍ୟକରି ଗୁଳି ଚଳାଇଦେଲି । ବାଘ ନୀରବ ନିଃଶବ୍ଦ ଭାବରେ ବିଦ୍ୟୁତ୍ ଗତିରେ ଅନ୍ତର୍ଦ୍ଧାନ ହୋଇଗଲା ।

ମାଡ଼ ସ୍ଥାନ ଦେଖିବାରେ ଜଣାଗଲା, ମୋର ଗୁଳିଟି ପଥରର ଅଗରେ ଲାଗି ଉଡ଼ିଯାଇଛି । ବାଘଟାକୁ ଏତେ ନିକଟରେ ପାଇ ମଧ୍ୟ ହତ୍ୟା କରି ନ ପାରି ହତାଶା ଓ ବିରକ୍ତିରେ ମୋର ମନର ଅବସ୍ଥା ଯାହା ହେଲା, ତା କଥାରେ ପ୍ରକାଶ କରାଯାଇ ନ ପାରେ । ହତ୍ୟା ତ ଦୂରର କଥା, ତାକୁ ମୁଁ ଗୁରୁତର ଭାବେ ଆହତ ପର୍ଯ୍ୟନ୍ତ କରିବାରେ ସକ୍ଷମ ହୋଇପାରିଲି ନାହିଁ । ସେଦିନ ଘୋର ମନସ୍ତାପରେ ଫେରିଆସିବାକୁ ପଡ଼ିଲା ।

ଏହାର ଦିନକ ପରେ ଖବର ମିଳିଲା ଯେ, ବାଘ ଗୋଟିଏ ମଇଁଷିପଣ୍ଡା ମାରିଛି । ସେତେବେଳକୁ ଦିନ ଅବସାନ ହେବା ଉପରେ । ଏପରି ଅସମୟରେ ମୋର ଆଉ କର୍ତ୍ତବ୍ୟ କିଛି ନ ଥିଲା । ହତ୍ୟାର ସ୍ଥାନ, ସମୟ ଆଦି ବିଷୟରେ ମଇଁଷିଆଳଠାରୁ କେତେକ ତଥ୍ୟ ସଂଗ୍ରହ କରିବା ହେଲା ସେ ଦିନର କାମ । ପର ଦିନ ତା'ର ସନ୍ଧାନରେ ବାହାରିବାକୁ ହେବ । ସେହି ଅନୁସାରେ ସକାଳୁ ଆମେ ତା'ର ସନ୍ଧାନରେ ପ୍ରବୃତ୍ତ ହୋଇଗଲୁଁ । ଅନେକ ଖୋଜାଖୋଜି ପରେ ଘୋଷଡ଼ା ଚିହ୍ନ ଓ ରକ୍ତର ଦାଗ ମିଳିଲା । ଏଇ ଚିହ୍ନକୁ ଅନୁସରଣ କରି ଶେଷରେ ମଢ଼ର ସନ୍ଧାନ ପାଇଲୁଁ । ଶୁଷ୍କ ଭୂମିରେ ଅସ୍ପଷ୍ଟ ପାଦ ଚିହ୍ନରୁ ବାଘ ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ କରିବା ସମ୍ଭବ ହେଲା ନାହିଁ । ମଣିଷଖିଆ ହେଉ ବା ଯାହା ହେଉ, ମଢ଼ ଉପରେ ତାକୁ ଜଗିବାକୁ ହେବ । ତା'ର ଭୋଜନ ପାଇଁ ଆହୁରି ଯଥେଷ୍ଟ ମାଂସ ବାକି ଅଛି ।

Digitized by srujanika@gmail.com

ଏଥିରେ ମୁଁ ଉତ୍ସାହିତ ହୋଇ ଗୋଟିଏ ମଞ୍ଚା ପ୍ରସ୍ତୁତ କରିବାରେ ଲାଗିପଡ଼ିଲି । ବାଉଁଶବଣ ଭିତରେ ମଞ୍ଚା ବାନ୍ଧିବାରେ କୌଣସି ଅସୁବିଧା ନ ଥିଲା । ମୋର ଲୋକମାନେ ଗୋଟିଏ ବାଉଁଶ ବୁଦା ମଧ୍ୟରେ ଏକ ନିରାପଦ ଓ ଆରାମଦାୟକ ମଞ୍ଚା ପ୍ରସ୍ତୁତ କରିଦେଲେ । କାର୍ଯ୍ୟ ଶାଗୁଣା ମୁହଁରୁ ରକ୍ଷା କରିବା ସକାଶେ ମଢ଼କୁ ଡାଳପତ୍ରରେ ଘୋଡ଼ାଇଦେଇ ଫେରିଆସିଲୁଁ ।

ଫେରିବା ବାଟରେ ଶିକାରୀ ସାଥୀ ବିନଙ୍କ ସହିତ ସାକ୍ଷାତ ହେଲା । ସେ ତାଙ୍କ ବିଲ ବନ୍ଧରୁ ମାଛ ମାରୁଥିଲେ । ସେ ମୋ ସହିତ ବାଘ ବାଡ଼ିକୁ ଯିବା ସ୍ଥିର ହେଲା । ମୁଁ ସେଠାରୁ ସିଧା ଘରକୁ ଫେରିଲି । ବିନ ଗୋଟିଏ ଶେଉଳ ମାଛ ଦେଲେ । ସେଦିନ ମୁଁ ବେଶ ପରିପାଟିର ସହ ଭୋଜନଟା ପକାଇ ଶୋଇଗଲି । କିଛି ସମୟ ଗାଢ଼ ନିଦ୍ରା ପରେ ହଠାତ୍ ନିଦ ଭାଙ୍ଗିଗଲା । ସେତେବେଳକୁ ଦିନ ୩ଟା ସମୟ । ମୁଁ ଶୀଘ୍ର ଶୀଘ୍ର ପ୍ରସ୍ତୁତ ହୋଇ ବାହାରି-ପଡ଼ିଲି । ବିନ ଆଗରୁ ପ୍ରସ୍ତୁତ ଥିଲେ । ଆମେ ଯାଇ ଘଟଣା ସ୍ଥଳରେ ପହଞ୍ଚିବାବେଳକୁ ୬ଟା ସମୟ । ତା'ପରେ ନୀରବ ନିଃଶବ୍ଦ ଭାବରେ ମଞ୍ଚା ଉପରକୁ ଉଠି ପହରା କାର୍ଯ୍ୟରେ ନିଯୁକ୍ତ ହୋଇଗଲୁଁ ।

ସମୟ ଧୀର ମନ୍ଥର ଗତିରେ କଟିବାକୁ ଲାଗିଲା । ସୂର୍ଯ୍ୟଦେବ ଅସ୍ତାଚଳରେ ବୁଡ଼ିଗଲେ । ଏ ମଧ୍ୟରେ କୌଣସି ଉଲ୍ଲେଖଯୋଗ୍ୟ ଘଟଣା ଘଟିନାହିଁ । ସେଦିନ ଶୁକ୍ଳପକ୍ଷ ତୃତୀୟା ତିଥି । କ୍ଷୀଣ ଚନ୍ଦ୍ରାଲୋକରେ ବନସ୍ଥଳୀ ଉଜ୍ଜ୍ୱଳ ଦେଖାଗଲା । ଏହି ସମୟରେ ଏକ ମସ୍ତବଡ଼ ହେଟାବାଘ ଆସି ଉପସ୍ଥିତ ।

ସେ ସ୍ଥିରଦୃଷ୍ଟିରେ ଚତୁର୍ଦ୍ଦିଗ ନିରୀକ୍ଷଣ କରୁଥାଏ । କିଛି ସମୟ ପରେ ସେ ଧୀରେ ଧୀରେ ମଢ଼ ଆଡ଼କୁ ଆଗେଇଗଲା । ମଢ଼ ନିକଟରେ ପହଞ୍ଚି ଟିକିଏ ଶୁଙ୍ଘିଲା । ତା'ପରେ ଥରେ ଚାରି ଦିଗକୁ ଚାହିଁ ହଠାତ୍ ପଳାଇଲା । ପ୍ରାୟ ୧୦ ମିନିଟ ପରେ ପୁଣି ଫେରି ଆସିଲା—ପୁଣି ପଳାଇଲା । ପର ପର ତିନିବାର ଏଇଭଳି ଯିବା ଆସିବା କଲା । ଶେଷରେ ଲୋଭର ଜୟ ହେଲା । ଏଥର ସେ ଖାଇବା ଆରମ୍ଭ କରିଛି । ଦି'ପୁଲା ଝଣ୍ଟେ ଖାଇଛି କି ନା, ଏହି ସମୟରେ କାହାର ଆଶଙ୍କା ପାଇ ମରିପଡ଼ି ପଳାଇଲା, କାଳେ ଶିକାରର ଅସଲ ଅଧିକାରୀ ହାତରେ ଧରା ପଡ଼ିଯିବ । ପୂରା ଅଧଘଣ୍ଟା ଏଇ ଘଟଣା ପରେ ସେ ନିଶ୍ଚିନ୍ତ ହୋଇ

Digitized by srujanika@gmail.com

ଖାଇବାକୁ ଲଗିଲା । ପ୍ରାୟ ୧୦।୧୫ ମିନିଟ୍ ଖାଇଛି, ଏହି ସମୟରେ ବାଘ ଦୂରରେ ହାଣ୍ଡୋଳ ଉଠିଲା । ସ୍ତବ୍ଧ ନୈଶ ଆକାଶରେ ଏହି ଶବ୍ଦ ଗ୍ରଣଥର ଶୁଣାଗଲା । ସଙ୍ଗେ ସଙ୍ଗେ ହେଟାଟା ମ୍ୟାଜିକ୍ ଭଳି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ଯେ ଆଉ ଦେଖାଗଲା ନାହିଁ ।

ଚନ୍ଦ୍ର ବୁଡ଼ିଗଲେ । ବନଭୂମି ଅନ୍ଧକାରରେ ଆଚ୍ଛନ୍ନ ହୋଇଗଲା । ବାଘର ଅପେକ୍ଷାରେ ଘଣ୍ଟା ଘଣ୍ଟା ମନ୍ଥର ଗତିରେ କଟିଲା । କିନ୍ତୁ ବାଘର ଚିହ୍ନ ପର୍ଯ୍ୟନ୍ତ ମିଳିଲା ନାହିଁ । କ୍ଲାନ୍ତ, ବିରକ୍ତ ଓ ହତାଶାରେ ମନ ଭରିଉଠିଲା । ପ୍ରାୟ ଅଧଘଣ୍ଟା ସମୟରେ ୩।୪ଟି ବିଲୁଆ ପହଞ୍ଚି ଭୋଜନରେ ଲାଗିପଡ଼ିଲେ । ସେମାନଙ୍କର ହାଡ଼ ଚୋବାଇବା ଶବ୍ଦ ଓ ପରସ୍ପର କଳହ ଚିତ୍କାର ନୈଶ ନିସ୍ତବ୍ଧତା ଭଙ୍ଗ କଲା । ପ୍ରାୟ ଘଣ୍ଟାକ ପରେ ସବୁ ଶୂନଶାନ୍ । ରାତି ପାହିବା ପର୍ଯ୍ୟନ୍ତ ଆଉ କୌଣସି ଉଲ୍ଲେଖଯୋଗ୍ୟ ଘଟଣା ଘଟିନାହିଁ ।

ବିଲୁଆ ନିର୍ଭୟରେ ମାଂସ ଖାଇବାବେଳରୁ ଆମେ ନିରାଶ ହୋଇପଡ଼ିଲୁଁ । ବାଘ ପାଖଆଖରେ ଥିଲେ ବିଲୁଆ ମଡ଼ରେ ପଶି ନ ଥାନ୍ତେ । ତଥାପି ଆମକୁ ଶେଷ ରାତି ପର୍ଯ୍ୟନ୍ତ ସଜାଗ ରହିବାକୁ ପଡ଼ିଲା । ମୟୂର, କୁକୁଡ଼ା ରାବ ଶୁଭି ରାତ୍ରି ଅବସାନର ସୂଚନା ଦେଲେ । କ୍ରମେ ଦିଗ ଫର୍ଚ୍ଚା ହୋଇଆସିଲା । କ୍ଲାନ୍ତି ଦୂର କରିବା ମାନସରେ ମୁଁ ଖଣ୍ଡିଏ ସିଗାରେଟ୍ ଲଗାଇଲି । ବିନ ବି ସେ ଚୂନପଣ୍ଡ ପକାଇଲେ । ଆମେ ହତାଶ ମନରେ ଫେରିଆସିବାକୁ ବସିଛୁଁ, ଏହି ସମୟରେ ବାଘ ଅଳ୍ପ ଦୂରରେ ଲଗ ଲଗ ଦୁଇଟି ହାଣ୍ଡୋଳ ଶୁଭିଦେଲା । ଚାତକ ମେଘ ଦେଖି ଯେପରି ଉଲ୍ଲସିତ ହୋଇଉଠେ, ଆମେ ସେହିପରି ଆନନ୍ଦିତ ହୋଇଉଠିଲୁଁ । ଦରପୋଡ଼ା ସିଗାରେଟ୍ ଖଣ୍ଡି ଲିଭାଇଦେଇ ମୁଁ ପ୍ରସ୍ତୁତ ହୋଇଗଲି । ପ୍ରାଚୀ ଗଗନରେ ସିନ୍ଦୂରା ଫାଟିଲା । ଏହି ସମୟରେ ବିନ ଅଙ୍ଗୁଳି ସ୍ପର୍ଶ କରି ମୋତେ ସତର୍କ କରାଇଦେଲେ । ମୁଁ ଚକ୍ଷୁକର୍ଣ୍ଣକୁ ଚତୁର୍ଗୁଣ ସଜାଗ କରିଦେଲି । ମୋର ସମ୍ମୁଖସ୍ଥ ଛିଦ୍ର ପଥରେ କିଛି ଦେଖାଗଲା ନାହିଁ । ମୁଁ ଆବାକାବା ହୋଇ ବିନଙ୍କ ମୁହଁକୁ ଅନାଇଲି ।

ବିନ ମୋର ବାମ ପାର୍ଶ୍ୱରେ ବସିଥିଲେ । ତାଙ୍କ ସମ୍ମୁଖସ୍ଥ ଛିଦ୍ର ପଥରେ ଦେଖିବାକୁ ସେ ମୋତେ ସୂଚନା ଦେଲେ ।

Digitized by srujanika@gmail.com

ମୁଁ ଦେଖେଁ ତ ଏକ ମସ୍ତବଡ଼ ବାଘ ନିଃଶବ୍ଦେ ରାଜକୀୟ ଭଙ୍ଗୀର ପରମ ନିର୍ଭୟେ ଚାଲିଆସୁଛି । ମୁଁ ତା'ର ସୁଠାମ ସୁଗଠିତ ଦେହକୁ ସପ୍ରଶଂସ ଦୃଷ୍ଟିରେ ଦେଖିବାକୁ ଲାଗିଲି । ସେ ଆମ ପାଖରୁ ଏକଶହ ଗଜ ଦୂରରେ ରୋକିଯାଇ ଥରଟାଏ ଚତୁର୍ଦ୍ଦିଗରେ ଆଖି ବୁଲାଇନେଲା । ତା ପରେ ମୁଣ୍ଡ ଟେକି ସ୍ଥିର ଦୃଷ୍ଟିରେ ଆମକୁ ଲକ୍ଷ୍ୟ କରି ଛିଡ଼ା ହୋଇ ରହିଲା । ସେ ଅବସ୍ଥାରେ ଫାୟାର କରିବା ଚିନ୍ତା ମୋ ମନରେ ଆଦୌ ସ୍ଥାନ ପାଇ ନ ଥିଲା । ମୋର ଦୃଢ଼ ବିଶ୍ବାସ, ସେ ତା'ର ଭୋଜନ ଉପରକୁ ନିଶ୍ଚୟ ଆସିବ । କିନ୍ତୁ ତାହା ହେଲା ନାହିଁ । ସେ ନିତାନ୍ତ ଅବଜ୍ଞାସୂଚକ ଦୃଷ୍ଟି ନିକ୍ଷେପ କରି ଦ୍ରୁତ ଗତିରେ ଚାଲିଗଲା । ମୁଁ ହାତ ବାନ୍ଧି ରହିଗଲି । ବାଘଟା ସତେ ଯେପରି କାକଚରିତ ଜାଣେ ! ତା'ପରେ ଆମେ ଘୋର ମନସ୍ତାପରେ ଲେଉଟିଆସିଲୁଁ ।

୪

କିଛିଦିନ ତଳର କଥା । ସେ ଦିନ ମୁଁ ବାଘର ଖୋଜଖବର ନେବା ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଇଥିଲି । କେତେକ ପାଟିକାଗା ତଦାରଖ ଫଳରେ ଦୁଇଟି ବାଘର ସନ୍ଧାନ ମିଳିଲା । ଅସ୍ପଷ୍ଟ ପାଦ ଚିହ୍ନର ସେମାନଙ୍କୁ ଚିହ୍ନିବା ସମ୍ଭବ ହେଲା ନାହିଁ । ସେମାନେ ପୃଥକ ଭାବରେ ନିଜ ନିଜର ବାଟ ଧରି ଚାଲିଥାନ୍ତି । କୌଣସି ସ୍ଥାନରେ ସେମାନେ ଏକତ୍ର ହେବାର ସଙ୍କେତ ମିଳିଲା ନାହିଁ । ଏଥିରୁ ଅନୁମାନ, ଦୁଇଟିଯାକ ଅଣ୍ଡିରା ବାଘ । ମଣିଷଖିଆଟି ଅଣ୍ଡିରା ବାଘ ବୋଲି ପୂର୍ବରୁ ପ୍ରମାଣିତ ହୋଇଛି । ସେ ପୁଣି ଥରେ ଆସିଥିବା କିଛି ଅସମ୍ଭବ ନୁହେଁ ।

ଜଙ୍ଗଲର ଦକ୍ଷିଣାଞ୍ଚଳରେ ଦୁଇଟି ସ୍ଥାନ ବ୍ୟତୀତ ଅନ୍ୟ କ୍ଷୁଦ୍ର ଜଳାଧାର-ଗୁଡ଼ିକ ଶୁଖିଗଲାଣି । ସ୍ବଭାବ, ପାଣିକୂଳରେ କ୍ରମାଗତ ପହରା ଦେଲେ ବାଘର ଭେଟ ମିଳିବାର ସମ୍ଭାବନା ଅଛି । ନିବିଡ଼ ବାଉଁଶ ବଣ ମଧ୍ୟରେ 'କନିଆଣ୍ଟା ଝଟି' ଅବସ୍ଥିତ । ଏହା ଶିକାରପାଇଁ ଏକ ଉପଯୁକ୍ତ ସ୍ଥାନ । ଏଇଠାରେ ପହରା ଦେଇ ଚେଷ୍ଟା କରାଯାଇପାରେ । ମୋର ଏହି ଅଭିପ୍ରାୟ ବିନଙ୍କୁ ଜଣାଇ ଦେଲି । ଶେଷରେ ଆତ୍ମଗୋପନ କରି ବସିବାର ସ୍ଥାନ ପ୍ରସ୍ତୁତ କରିବା ଭାର ବି ତାଙ୍କ ଉପରେ ରହିଲା ।

Digitized by srujanika@gmail.com

ଏ ମଧ୍ୟରେ ୨।୩ ଦିନ ଗତ ହୋଇଗଲାଣି । ଜଙ୍ଗଲରେ ବାଘ ମଣିଷ ମାରିଥିବାର କୌଣସି ସମ୍ବାଦ ମିଳିନାହିଁ । ପାଣିକୂଳରେ ବସିବାର ସ୍ଥାନ ପ୍ରସ୍ତୁତ କରି ବନ ଖବର ଦେଲେ । ସେଦିନ ପାଣି ଖିଆରେ ବାଘକୁ ଜଗିବା ସକାଶେ ମୁଁ ବାହାରିପଡ଼ିଲି । ବନ ମଧ୍ୟ ମୋ ସାଙ୍ଗରେ ଗଲେ । ବସିବା ସ୍ଥାନରେ ଆଉ କେତେଖଣ୍ଡି ଡାଳପତ୍ର ଦେଇ ନିବୁଜ କରିବାକୁ ପଡ଼ିଲା । ତା'ପରେ ଆମେ ନୀରବ ନିଶ୍ଚଳ ଭାବରେ ଧ୍ୟାନ ଲଗାଇ ବସିଗଲୁଁ । ସେତେବେଳକୁ ସନ୍ଧ୍ୟା ୬ଟା ସମୟ ।

ଅଳ୍ପ ସମୟ ପରେ ଅସ୍ତଗାମୀ ସୂର୍ଯ୍ୟର ରଶ୍ମିରାଶି ରାଢ଼ବା' ପାହାଡ଼ର ପଛଆଡ଼େ ବୁଡ଼ିଯାଇ କମଳା ରଙ୍ଗର ଆକାଶରେ ରକ୍ତାଭ ଆଲୋକର ରେଖା ବିଚ୍ଛୁରିତ କରିଦେଲା । ତା'ପରେ ଅନ୍ଧକାର ଘୋଟିଆସିଲା । ସେଦିନ କୃଷ୍ଣପକ୍ଷ ୪ର୍ଥୀ । ଅସଂଖ୍ୟ ନକ୍ଷତ୍ରରେ ଆକାଶ ଅପୂର୍ବ ଶୋଭା ଧାରଣ କଲା । ସେଇ ନକ୍ଷତ୍ରର ଆଲୋକରେ ଦୃଷ୍ଟି ପରିଷ୍କାର ହେଉଥାଏ । ବେଙ୍ଗଗୁଡ଼ାକ ପାଣିରେ ଚବର ଚୁବର ହେଉଥାନ୍ତି । କେତୋଟି ରାତିଚର ପକ୍ଷୀ ପାଣିରୁ ସେମାନଙ୍କର ଖାଦ୍ୟ ସଂଗ୍ରହ କରିବାରେ ଲାଗିପଡ଼ିଲେ । ଚପଚୁପ୍, ଝବଝାବ୍ ଶବ୍ଦରେ କିଛି ସମୟ ଚହଲ ପଡ଼ିଗଲା । ତା'ପରେ ସବୁ ନୀରବ, ନିଃଶବ୍ଦ ।

କିଛି ସମୟ ପରେ ଚନ୍ଦ୍ରଦେବ ପୂର୍ଣ୍ଣ ତେଜରେ ଉଠିଆସିଲେ । ବନସ୍ଥଳୀ ଜ୍ୟୋତ୍ସ୍ନାଲୋକରେ ହସିଉଠିଲା । ଚତୁର୍ଦ୍ଦିଗରେ ନୀରବତା ଘୋଟି ରହିଥାଏ । ଦକ୍ଷିଣା ପବନରେ ବନଫୁଲର ସୁବାସ ଭାସିଆସୁଥାଏ । ମୁଁ ବନର ପ୍ରାକୃତିକ ଦୃଶ୍ୟରେ ବିଭୋର ହୋଇଉଠିଲି । ମୋର କ୍ଲାନ୍ତି, ବିରକ୍ତି କୁଆଡ଼େ ଉଭେଇଗଲା । ମୁଁ ଅତ୍ୟନ୍ତ ଆଗ୍ରହ ଓ ଉତ୍ସାହର ସହ ବାଘର ପ୍ରତୀକ୍ଷାରେ ବସିଥାଏଁ । ଦେଖୁ ଦେଖୁ ରାତି ୧୨ଟା ସମୟ ହେଲା । ଏହି ସମୟରେ ଏକ ଅଣ୍ଡିରା ହରିଣ ଅନେକ ଦୂରରେ ରାବିଉଠିଲା । ସମସ୍ତ ସମୟରେ ଅଣ୍ଡିରା ହରିଣ ଏକ ପ୍ରକାର ବୋବାଳି ଛାଡ଼ନ୍ତି, ଯାହାକୁ କି ଆମ ଅଞ୍ଚଳରେ 'ଶିଘାଳ ଭେଷାରିବା' କୁହାଯାଏ । ସେ ଶବ୍ଦକୁ କାଗଜ କଲମରେ ଲେଖି ବୁଝାଇବା ସମ୍ଭବପର ନୁହେଁ । ମାଈ ହରିଣୀକୁ ଆକୃଷ୍ଟ କରିଆଣିବା ଉଦ୍ଦେଶ୍ୟରେ ଶିଘାଳ ଏପରି ଡାକ ଦିଏ ।

Digitized by srujanika@gmail.com

ଆଜି ମୁଁ ଏକ ଆଦ୍ଭୁତ ଅଭିଜ୍ଞତା ଲାଭ କଲି । ପୁରୁଣା ଶିକାରୀଙ୍କଠାରୁ ଶୁଣିଛି, ଅନେକ ସମୟରେ ବାଘ ଅଣ୍ଡିରା ହରିଣ ଓ ସମ୍ବରର ଡାକକୁ ଅନୁକରଣ କରି ଡାକିଥାଏ, ଯେଉଁଥିରେ କି ଅତ୍ୟ ହରିଣ, ସମ୍ବର ବିଶେଷତଃ ମାଈ ହରିଣ, ସମ୍ବର ପ୍ରଭୃତି ନିକଟକୁ ଆସନ୍ତି । ସୁତରାଂ ବାଘ ଏହିପରି ଭାବରେ ହରିଣର ଡାକ ନକଲ କରି ଶିକାରକୁ ଡାକି ଆଣେ । କେବେହେଲେ ସେ ଅଭିଜ୍ଞତା ଲାଭ କରିବାର ସୁଯୋଗ ପାଇ ନ ଥିଲି । ସେଦିନ ଶିଆଳ ଭେଷାରିବା ଶୁଣି ବିନ ଆନନ୍ଦିତ ହୋଇ କହିଲେ, "ଶିଆଳ ଭେଷାରିଲାଣି, ଏଇନା ପାଣିକୁ ଗଡ଼ିବ । ଠିକ୍,କରି ମାରିବ, ·ଯେପରି ଘାଉଆ ନ ହୁଏ ।" ମୁଁ ତାଙ୍କର ମାଂସ ଲୋଭ ଦେଖି ମନେ ମନେ ଖୁବ୍ ହସିଲି । 'ମୌନଂ ସମ୍ମତି ଲକ୍ଷଣଂ' ଜଣାଇ ଚୁପ୍ ରହିଲି ।

ଶିଆଳଟା ପୁଣି ଥରେ ଆମ ପାଖରୁ ଅଳ୍ପ ଦୂରରେ ଭେଷାରି ଉଠିଲା । ଏଥିରେ ମୁଁ ଆତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲି । ସେ ପ୍ରାୟ ଅଧ ମାଇଲ୍ଏ ଦୂରରେ ଭେଷାରୁଥିଲା । ଏତେ ଶୀଘ୍ର ଏତେ ନିକଟକୁ ଚାଲିଆସିବା ତା ପକ୍ଷରେ କେବେ ସମ୍ଭବ ହୋଇ ନ ପାରେ । ମୁଁ ଶିଆଳ ଡାକିବା ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖି ବସିଥାଏଁ । କିଛି ସମୟ ପରେ ବାଉଁଶ ବୁଦାର ଆଡ଼ୁଆଳରେ ବାଘ ମାତ୍ର ଏକ ମୁହୂର୍ତ୍ତ ପାଇଁ ଦେଖା ଦେଇ ବନ ମଧ୍ୟରେ ଅଦୃଶ୍ୟ ହୋଇଗଲା । ତା'ର ପରେ ପରେ ପୁଣି ଶିଆଳଟା ଡାକିବା ଶୁଣାଗଲା । ଏଥିରେ ସନ୍ଦେହ ଜାତ ହେବା ସ୍ୱାଭାବିକ । ବାଘର ଉପସ୍ଥିତିରେ ଶିଆଳ ଭେଷାରିବା କୌଣସିମତେ ସମ୍ଭବ ନୁହେଁ । ତା ବ୍ୟତୀତ ସେହିପରି ହୋଇଥିଲେ ତାହାର ଦ୍ରୁତ ପଳାୟନ ଶବ୍ଦ ନିଶ୍ଚୟ ମୋର କାନକୁ ଆସିଥାନ୍ତା । ସୁତରାଂ ଏ ଶବ୍ଦ ଯେ ବାଘ କରୁଛି ଏଥିରେ କୌଣସି ସନ୍ଦେହ ରହିଲା ନାହିଁ । ମୋର ଏତିକି କହିବାର କଥା, ନିଜ କାନରେ ଶୁଣି ବାଘର ଏଇ ଅନୁକରଣ କ୍ଷମତା ସମ୍ବନ୍ଧେ ଯେ ଗଳ୍ପ ଶୁଣିଥିଲି, ତାହା ସତ୍ୟ ବୋଲି ବିଶ୍ୱାସ କଲି ।

ବାଘଟା ଶିଆଳର ଡାକ ଡାକ ଡାକ ଦୂରକୁ ଚାଲିଗଲା । ସାରା ରାତିର ବ୍ୟର୍ଥ ପହରା ପରେ ସକାଳ ହେଲା । ଆମେ ମନଦୁଃଖରେ ଫେରିଆସିଲୁଁ ।

× × × ×

Digitized by srujanika@gmail.com

ଏହାର ଦୁଇ ଦିନ ପରେ ହଠାତ୍ ଖବର ମିଳିଲା—ଆମ ଗ୍ରାମର ୪ ମାଇଲ ଦୂରରେ, ଖୋରଧା ସଂରକ୍ଷିତ ଜଙ୍ଗଲର ସୀମାରେଖାସ୍ଥ ଗ୍ରାମ 'ନୂଆପଲ୍ଲୀ'ର ଗୋଟିଏ ସ୍ତ୍ରୀଲୋକ ଜାଳେଣି କାଠ ସଂଗ୍ରହ କରୁଥିବାବେଳେ ତାକୁ ବାଘ ମାରିଛି । ସୁତରାଂ ମୁଁ ପୂର୍ବେ ଯାହା ଆଶଙ୍କା କରିଥିଲି ତାହାହିଁ ଘଟିଲା । ପରଦିନ ସକାଳେ ନୂଆପଲ୍ଲୀ ଉଦ୍ଦେଶ୍ୟରେ ଯାତ୍ରା କଲି ।

ସେ ଗ୍ରାମରେ ପହଞ୍ଚି କେତେଜଣ ପ୍ରତ୍ୟକ୍ଷଦର୍ଶୀ ଲୋକଙ୍କଠାରୁ ବୁଝିବାରେ ଜଣାଗଲା—କେତେଜଣ ସ୍ତ୍ରୀ ପୁରୁଷ ଏକତ୍ର ଜାଳେଣି କାଠ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଇଥିଲେ । ଜଙ୍ଗଲରେ ପ୍ରବେଶ କରି ସେ ଯାହାର କାଠ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି । ଜଣେ ସ୍ତ୍ରୀଲୋକ ତାର ସଂଗୃହୀତ କାଠ ସବୁ ଏକତ୍ର କରି ଗୋଛା ବାନ୍ଧୁଛି । ସେଠାରୁ ମୁଣ୍ଡରେ ମୁଣ୍ଡାଇ ଘରକୁ ଫେରିବ । ଏହି ସମୟରେ ବାଘଟା ପଛରୁ ଆସି ତାକୁ ଆକ୍ରମଣ କରିଛି । ଆଉ ଗୋଟିଏ ସ୍ତ୍ରୀଲୋକ ତାହାର ଅଳ୍ପ ଦୂରରେ କାଠ କାଟୁଥିଲା । ହଠାତ୍ ଚିତ୍କାର ଶୁଣି ମୁଣ୍ଡ ଟେକି ଦେଖିଲା, ତା'ର ସଙ୍ଗୀକୁ ବାଘ କାମୁଡ଼ି ଧରି ଜଙ୍ଗଲ ଭିତରକୁ ଚାଲିଯାଉଛି । ତା'ପରେ ସମସ୍ତେ ଏକତ୍ରିତ ହୋଇ ପଳାଇଆସିଲେ । ବାଘକୁ ଅନୁସରଣ କରିବା ବା ସ୍ତ୍ରୀଲୋକଟିକୁ ଉଦ୍ଧାର କରିବାର କୌଣସି ଚେଷ୍ଟା ହୋଇନାହିଁ ।

ମୁଁ ଘଟଣାସ୍ଥଳରେ ପହଞ୍ଚି ଦେଖିଲି, ଶୁଖିଲା ମାଟିରେ ସାମାନ୍ୟ ନଖ ଚିହ୍ନ ବ୍ୟତୀତ ଆଉ କିଛି ଦେଖାଯାଉନାହିଁ । ପ୍ରାୟ ଦୁଇ ଫର୍ଲଙ୍ଗ ଗିବାପରେ ତା'ର ଶାଢ଼ୀଟା ମିଳିଲା ; ରକ୍ତର ଦାଗ ମିଳିଲା ନାହିଁ । ଏଥିରୁ ଜଣାଗଲା ସେ ପର୍ଯ୍ୟନ୍ତ ବାଘଟା ତା'ର ତଣ୍ଟି ଚିପି ଧରିଥିଲା । ସେ ଯାକ ଛାଡ଼ିନାହିଁ । କାରଣ ଯାକ ଛାଡ଼ିଥିଲେ ରକ୍ତର ଦାଗ ନିଶ୍ଚୟ ମିଳିଥାନ୍ତା । ସ୍ତ୍ରୀଲୋକଟିର ଦେହାବଶେଷର କୌଣସି ସନ୍ଧାନ ମିଳିଲା ନାହିଁ । ସୁତରାଂ ସେଦିନ ମୁଁ ଫେରିଆସିଲି ।

ଆଠଦିନ ପରର ଘଟଣା । କେତେଜଣ ବାଟୋଇ ଖଣ୍ଡଗିରି ଭୁବନେଶ୍ୱର ରାସ୍ତାରେ ଯାଉଥିବାବେଳେ ଠିକ୍ ଖଣ୍ଡଗିରି ଓ ଉଦୟଗିରି ପର୍ବତର ମଧ୍ୟସ୍ଥଳରେ ପହଞ୍ଚିବାବେଳକୁ ଏକ ମର୍ମନ୍ତୁଦ ଘଟଣା ଘଟିଗଲା । ପଥିକମାନେ ବାଘ ଉପଦ୍ରବ ବିଷୟ ଜାଣିଥିଲେ । ତେଣୁ ସେମାନେ ଭୀତତ୍ରସ୍ତ ହା-ହୁଲିର କରି ଚାଲିଥାନ୍ତି । ହଠାତ୍ ସେମାନେ ଅଦୂରରେ ବାଘର ଗର୍ଜ୍ଜନ ଶୁଣି ଛତ୍ରଭଙ୍ଗ ଦେଲେ । ବାଘକୁ

Digitized by srujanika@gmail.com

ବେଶ୍ ସୁଯୋଗ ମିଳିଗଲା । ସେ ନିର୍ବିଘ୍ନରେ ଜଣକୁ ଧରିନେଲା । ପଥିକମାନେ ଛନ୍ଦଭଙ୍ଗ ନ ଦେଇ ସଙ୍ଗଠିତ ଭାବରେ ରହୁଥିଲେ ବାଘ କେବେ ପାଖ ପଶି ପାରି ନ ଥାନ୍ତା । ସେତେବେଳେ ଦିନ ୧୨ଟା ସମୟ । ସେଦିନ ମୁଁ ନୂଆପଲ୍ଲୀ ଗ୍ରାମରେ ଥିଲି । ଦୁର୍ଭାଗ୍ୟକ୍ରମେ ମୋତେ ବିଳମ୍ବରେ ଏ ଖବରଟା ମିଳିଲା । ମୁଁ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ଛୁଟିଗଲି । ସେଠାରେ ପହଞ୍ଚି ଦେଖିଲି, ଦୁଇଜଣ ସ୍ଥାନୀୟ ଶିକାରୀ ମୃତର ଦେହାବଶେଷ ଆବିଷ୍କାର କରି ମଞ୍ଚା ପ୍ରସ୍ତୁତ କରିବା ଆୟୋଜନରେ ଅଛନ୍ତି । ଯେତେବେଳେ ଆଗରୁ ଅନ୍ୟ ଶିକାରୀ ଆସିଛନ୍ତି ସେତେବେଳେ ଏ ବାଘକୁ ମାରିବାପାଇଁ ଚେଷ୍ଟା କରିବା ମୋ ପକ୍ଷରେ ଉଚିତ ହେବ ନାହିଁ । ତା ଛଡ଼ା କଥାରେ କହନ୍ତି, ବେଶି ମଣିଷରେ ମୂଷା ମରେ ନାହିଁ । ସେମାନଙ୍କୁ ମୋର ଶୁଭେଚ୍ଛା ଜଣାଇ ଚାଲିଆସିଲି ।

ଘଟଣାସ୍ଥଳରୁ ନୂଆପଲ୍ଲୀ ଗ୍ରାମର ଦୂରତ୍ୱ ୨ ମାଇଲ । ମୁଁ ସେଇଠାରେ ରାତି କଟାଇବାର କ୍ୟାମ୍ପ କରି ରହୁଥାଏଁ । ମନରେ ବଡ଼ କ୍ଷୋଭ ଜାତ ହେଲା । କାରଣ ଏତେ ଦିନ ଦିନ ଚିନ୍ତା କରି ମଧ୍ୟ, ବାଘଟାକୁ ମାରି ସୁନାମ ଅର୍ଜନ କରିବାର ସୁଯୋଗ ମୋତେ ମିଳିଲା ନାହିଁ । ମୁଁ ମୋର କ୍ୟାମ୍ପରେ ପହଞ୍ଚିବା ବେଳକୁ ସନ୍ଧ୍ୟା । ଯତ୍କିଞ୍ଚିତ୍‌ ସାମାନ୍ୟ ଜଳଯୋଗ ପରେ କ୍ୟାମ୍ପର ବାହାରେ ବସିଗଲି । ମନକଣ୍ଠି ଯାଇ ଘଟଣା ସ୍ଥଳରେ ଥାଏ । ଘଣ୍ଟାଗୁଡ଼ିକ ଗୋଟିକ ପରେ ଗୋଟିଏ ମନ୍ଥର ଗତିରେ ଆଗେଇ ଚାଲିଲା । ଆକାଶର ତାରାଗୁଡ଼ିକ ଯେପରି ଏକ ଭୟଙ୍କର ପ୍ରତିଦ୍ୱନ୍ଦ୍ୱିତା ସହ ଏକ ଏକ ହୋଇ ଫୁଟି ଉଠିବାକୁ ଆରମ୍ଭ କରିଛନ୍ତି । ବିଚରା ବାଟୋଇର ଦୁର୍ଦ୍ଦଶା ସମ୍ବନ୍ଧରେ ଚିନ୍ତା କରିବାକୁ ଲାଗିଲି—କି ଭୟାବହ ପରିଣତି ତା'ର ନ ହୋଇଛି !

ରାତିରେ ସୁନିଦ୍ରା ହେଲା ନାହିଁ । ପ୍ରବଳ ଉତ୍କଣ୍ଠା ଭିତରେ ରାତି ପାହିଲା । ପ୍ରଭାତ ହେବା ମାତ୍ରେ ଦଳେ ସଶସ୍ତ୍ର ଲୋକଙ୍କ ସହିତ ମୁଁ ଘଟଣା ସ୍ଥାନକୁ ଗଲି । ଶିକାରୀଙ୍କଠାରୁ ସୂଚନା ନ ପାଇ ହଠାତ୍ ଗୁଳିମାଡ଼ ସ୍ଥଳରେ ପ୍ରବେଶ କରିବା ଘୋର ବିପଦ୍‌ଜନକ । ତେଣୁ ସଙ୍କେତ ପାଇବା ଆଶାରେ ମୁଁ ଦୂରରେ ଥାଇ ସୁସୁରି ମାରିଲି । ଶିକାରୀଙ୍କଠାରୁ ସଙ୍କେତ ମିଳିଲା—ଭୟର କାରଣ ନାହିଁ, ଚାଲିଆସ । ଆମେ ସରଜମିନ ଉପରେ ଉପସ୍ଥିତ ହେବାବେଳକୁ ଶିକାରୀଦ୍ୱୟ ମାଡ଼ସ୍ଥାନ ସନ୍ଧାନରେ ପ୍ରବୃତ୍ତ ରହିଛନ୍ତି ।

Digitized by srujanika@gmail.com

ମୁଁ ମୋର ସନ୍ଧାନ ଚଲାଇ ବୁଝିଲି, ଶିକାରୀଙ୍କର ଗୁଳିଟି ବାଘର ଗୋଡ଼ରେ ଲାଗିଛି । ଗ୍ରାମ୍ୟ ଶିକାରୀଙ୍କ ଭାଷାରେ ଯାହାକୁ କହନ୍ତି 'ବାହୁବେଣ୍ଡିଆ' ହୋଇ ବାକିଛି, ଫଳରେ ବାଘର ଆଗ ଦୁଇଟିଯାକ ଗୋଡ଼ ଶକ୍ତ ଭାବରେ ଜଖମ ହୋଇଥିବ । ଗୁଳି ଗୋଡ଼ରେ ଲାଗିଥିବାରୁ ସାମାନ୍ୟ ରକ୍ତ ଛିଞ୍ଚାଡ଼ିବା ପରି ପଡ଼ିଥାଏ । ଏଥିରୁ ସ୍ପଷ୍ଟ ଅନୁମାନ, ଆହତ ଅବସ୍ଥାରେ ମଧ୍ୟ ବାଘ ଅନେକ ଦିନ ବଞ୍ଚିପାରେ । ଯାହା ହେଉ, ଆମେ ତାଦୀ ଖୋଜା ବାହାର କରିବାରେ ଲାଗିପଡ଼ିଲୁଁ । ପାଦଚିହ୍ନ ଓ ରକ୍ତର ଦାଗକୁ ଧରି କିଛି ଦୂର ଗଲା ପରେ ରକ୍ତର ଚିହ୍ନ ଆଉ ଦେଖିବାକୁ ମିଳିଲା ନାହିଁ । ତା ପରେ ଅନ୍ଧାଧୁନ୍ଦିଆ ବହୁତ ଖୋଜା-ଖୋଜି କଲୁଁ । କିନ୍ତୁ ତା'ର କୌଣସି ସନ୍ଧାନ ନ ପାଇ ସେଦିନ ଫେରିଆସିବାକୁ ପଡ଼ିଲା । ଉକ୍ତ ଶିକାରୀଦ୍ୱୟ ବାଘର ସମସ୍ତ ଦାୟିତ୍ୱ ମୋ ଉପରେ ଲଦିଦେଇ ନିଶ୍ଚିନ୍ତରେ ଚାଲିଗଲେ ।

ଘାଉଆ ବାଘ ଯେ ଘୋର ବିପଦଜନକ ଏକଥା କାହାରିକୁ ଅବିଦିତ ନୁହେଁ । ଏହି ଦାୟିତ୍ୱ ବହନ କରି ଶାନ୍ତି ଲାଭ କରିବା ଅସମ୍ଭବ । ମୋର ସାମାନ୍ୟ ଅବହେଳାରେ ହୁଏତ କାହାର ଅମୂଲ୍ୟ ଜୀବନ ନଷ୍ଟ ହୋଇଯାଇପାରେ । ତତ୍ପରଦିନ ମୁଁ କେତେକ ଲୋକ ସଂଗ୍ରହ କରି ଆହତ ବାଘର ସନ୍ଧାନରେ ବାହାରିପଡ଼ିଲି । ଆମ୍ଭେମାନେ ପାହାଡ଼ର ନିବିଡ଼ ଅରଣ୍ୟ ମଧ୍ୟରେ ଅନୁସନ୍ଧାନ କାର୍ଯ୍ୟ ଚଲାଇଲୁଁ । କିନ୍ତୁ ଦୁର୍ଭାଗ୍ୟର କଥା, ବହୁଚେଷ୍ଟା ସତ୍ତ୍ୱେ ତାହାର କୌଣସି ପତ୍ତା ମିଳିଲା ନାହିଁ ।

ଏହାର ଚାରିଦିନ ପରର ଘଟଣା । ଝଣ୍ଡଗିରି ନିକଟରେ ଗୋଟିଏ ଶବର ପଲ୍ଲୀ ଅଛି । ଏହି ଗ୍ରାମର ଶବରମାନେ ସେଦିନ ଗ୍ରାମର ଉପକଣ୍ଠବର୍ତ୍ତୀ ଏକ ବୁଦିବୁଦିକିଆ ଜଙ୍ଗଲକୁ ଠେକୁଆ ଶିକାର କରିବାକୁ ଗଲେ । ଆଗରେ ଜାଲ ବସାଇ ପଛରୁ ଲୋକମାନେ ମହା କୋଳାହଳ ଧ୍ୱନି ସହ ବଣବୁଦା ବାଡ଼େଇ ଠେକୁଆ ତଡ଼ିବାକୁ ଲାଗିଲେ । କିଛି ଦୂର ତଡ଼ା କରିବା ପରେ ଏକ ହୃଦୟବିଦାରକ ଘଟଣା ଘଟିଗଲା । ଜଣେ ଲୋକ ଠେକୁଆ ତଡ଼ିବାକୁ ଯାଇ ଯେତେବେଳେ ଗୋଟିଏ ବୁଦାକୁ ପିଟିଦେଲା ସେତେବେଳେ ହଠାତ୍ ଆହତ ବାଘ ବାହାରିପଡ଼ି ତାକୁ ଆକ୍ରମଣ କଲା । ଅନ୍ୟମାନଙ୍କର ପ୍ରାଣମୂର୍ଚ୍ଛା । ପ୍ରତିଶୋଧ ଫଳରେ ବାଘ ସେ

Digitized by srujanika@gmail.com

ଲୋକଙ୍କୁ ଗ୍ରାହ୍ଣ ଦେଲା ସତ, କିନ୍ତୁ ଲୋକଟିର ଶେଷ ପରିଣାମ ହେଲା ମୃତ୍ୟୁ । ଏହା ସନ୍ଧ୍ୟା ୫ଟା ସମୟର ଘଟଣା ।

ମୁଁ ଏ ଖବର ପାଇବା ବେଳକୁ ସନ୍ଧ୍ୟା । ଏପରି ଅସମୟରେ ମୋର ଆଉ କିଛି କରିବାର ନ ଥିଲା । ସେଦିନ ରାତିଟା ଘୋର ଉଦ୍‌ବେଗ ଓ ଉତ୍କଣ୍ଠାରେ କଟିଲା । ସକାଳ ହେବା ମାତ୍ରେ ମୁଁ ତତ୍ପର ହୋଇଉଠିଲି । ଭାବିଲି, ଅଧିକ ଲୋକ ଯାଇ ବାଘକୁ ଉତ୍ୟକ୍ତ କରିବା ଠିକ୍ ହେବ ନାହିଁ । ଶଠକୁ ଶଠତା ଦ୍ୱାରା ଜୟ କରିବା ଉପଯୁକ୍ତ ନୀତି । ମୁଁ ଏକା ଏକା ବନ୍ଧୁକ ଉଦ୍ୟତ କରି ଆହତ ବାଘର ପଥରେ ଅଗ୍ରସର ହୋଇ ଚାଲିଲି । ଏହିପରି ଭାବେ ପ୍ରାୟ ୨ ଶହ ଗଜ ମାତ୍ର ଅଗ୍ରସର ହୋଇଛି, ଏହି ସମୟରେ ସମ୍ପୂର୍ଣ୍ଣ ଅତର୍କିତଭାବେ ଗୋଟିଏ ବାଙ୍କର ଆଢ଼ୁଆଳରୁ ସୁଯୋଗ ବୁଝି ବାଘଟା ଆକ୍ରମଣର ଉପକ୍ରମ କଲା । ଏଥର ଲକ୍ଷ୍ୟ ଭ୍ରଷ୍ଟ ହେବାର ପ୍ରଶ୍ନ ଉଠୁନାହିଁ । କାରଣ ବାଘଟା ଏକବାରେ ବନ୍ଧୁକ ନଳୀର ସମ୍ମୁଖରେ ଆସିପଡ଼ିଲାଣି । ସଙ୍ଗେ ସଙ୍ଗେ ମୋର ବନ୍ଧୁକ ଗର୍ଜି ଉଠିଲା । ଶକ୍ତିଶାଳୀ ଗୁଳିରେ ତାର ମୁଣ୍ଡର ଖପୁରି ଏକବାରକେ ଚୂର୍ଣ୍ଣୀଭୂତ ହୋଇଗଲା । ମୋର ଠିକ୍ ସାମନାରେ ବାଘଟା ମରିପଡ଼ିଥାଏ । ଆଉ ଦ୍ୱିତୀୟ ଗୁଳିର ପ୍ରୟୋଜନ ହୋଇନାହିଁ ।

ଦେଖାଗଲା, ବାଘଟି ଯୁବକ; ବେଶ୍ ସୁସ୍ଥ ଓ ସବଳ । ତା'ର ଦେହରେ କୌଣସି ପ୍ରକାର ପୁରୁଣା କ୍ଷତ ଚିହ୍ନ ନ ଥିଲା । ଏଥିରୁ ସ୍ପଷ୍ଟ ବୁଝାଗଲା ଯେ, ତା'ର ନରମାଂସ ପ୍ରୀତି ବଂଶପରମ୍ପରାଗତ ।

ଗୟଲ ଶିକାର

୧

ଅନେକ ଦିନ ତଳର କଥା । ନରସିଂହପୁରର ସ୍ୱର୍ଗତ ରାଜାସାହେବ ସେତେବେଳେ କଟକ କାଠଯୋଡ଼ି ହଷ୍ଟେଲରେ ରହି ପଢ଼ୁଥିଲେ । ସେହି ସମୟରୁ ତାଙ୍କ ସହିତ ମୋର ଏକପ୍ରକାର ବନ୍ଧୁତା ଜନ୍ମି ଯାଇଥିଲା । ଥରେ କୌଣସି କାର୍ଯ୍ୟୋପଲକ୍ଷେ ମୁଁ ନରସିଂହପୁର ଗଡ଼କୁ ଯାଇଥିଲି । ରାଜାସାହେବଙ୍କର ଅତିଥି ଭାବରେ ଥାଏଁ । ଦିନେ ମୁଁ ରାଜାସାହେବଙ୍କୁ ମୋର ଶିକାର ଅଭିଳାଷ ବିଷୟ ଜଣାଇଲି । ରାଜାସାହେବ ଶିକାର ବ୍ୟସନର ପକ୍ଷପାତୀ ନୁହଁନ୍ତି ; କିନ୍ତୁ ବାଘ

Digitized by srujanika@gmail.com

ଶିକାରରେ କେବେ ବିମୁଖ ହୁଅନ୍ତି ନାହିଁ । ତାଙ୍କର ଲକ୍ଷ୍ୟ ମଧ୍ୟ ଅଭ୍ରାନ୍ତ । ସେ ଯାହା ହେଉ ମୋର ଶିକାରକୁ ଯିବା ସିଦ୍ଧାନ୍ତ ହେଲା । ରାଜାସାହେବ ମୋତେ ତାଙ୍କର ୩୭୫ ବୋର ରାଇଫଲ୍ ଓ ୧୧ଟି କାର୍ଟ୍ରିଜ ଦେଲେ । (ପାଠକେ ଭାବିପାରନ୍ତି, ରାଜାସାହେବ ଏପରି ଏକ ବିଯୋଡ଼ସଂଖ୍ୟକ କାର୍ଟ୍ରିଜ ଦେବାର କାରଣ କ'ଣ ହୋଇପାରେ ? ଶିକାରୀମାନଙ୍କର ଗୋଟାଏ ବିଶ୍ୱାସ ବିଯୋଡ଼-ସଂଖ୍ୟକ କାର୍ଟ୍ରିଜ ନେଲେ ଶିକାରରେ ସଫଳତା ମିଳେ । ସେହି ବିଶ୍ୱାସର ବଶବର୍ତ୍ତୀ ହୋଇ ରାଜାସାହେବ ମୋତେ ୧୧ଟି କାର୍ଟ୍ରିଜ ଦେଲେ । ମୁଁ ମଧ୍ୟ ଶିକାରକୁ ଯିବା ସମୟରେ ବରାବର ୫ କିମ୍ବା ୭ଟି କାର୍ଟ୍ରିଜ ସଙ୍ଗରେ ନିଏଁ ।) ଆଉ ଜଣେ ଅଭିଜ୍ଞ ଶିକାରୀ ମୋ ସହିତ ଯିବାର ସ୍ଥିର ହେଲା । ତପର ଦିନ ଅତି ପ୍ରତ୍ୟୁଷରୁ ଶିକାରୀ ମିତ୍ରଙ୍କ ସହ ଯାତ୍ରା କଲି ।

ଯେତେଦୂର ମନେହେଉଛି, ସେତେବେଳେ ଆଶ୍ୱିନ ମାସ ହୋଇଥାଏ । ସେଦିନ ଆକାଶ ମେଘାଚ୍ଛନ୍ନ ଥିଲା । ପାଗଟି ଶିକାର ପକ୍ଷରେ ବେଶ୍ ଅନୁକୂଳ । ମୁଁ ଖୁବ୍ ଉତ୍ସାହିତ ହୋଇ ଚାଲିଥାଏଁ । ଶିକାରୀମିତ୍ରଙ୍କ ପରାମର୍ଶକ୍ରମେ ଏକ ପାହାଡ଼ ଅଭିମୁଖେ ଅଗ୍ରସର ହେଲୁଁ । ପ୍ରଥମେ ଆମକୁ ସମତଳ ଭୂମିରେ ନିବିଡ଼ ବନପଥ ମଧ୍ୟଦେଇ ଗତି କରିବାକୁ ପଡ଼ିଲା । ସେତେବେଳକୁ ଆମେ ଜନପଦଠାରୁ ବହୁତ ଦୂରରେ ପହଞ୍ଚିଗଲୁଁଣି । ସମଗ୍ର ବନଭୂମିରେ ଘୋର ନିର୍ଜନତା ଘୋଟି ରହିଥାଏ । ବନର ପରିବେଶ ଗୋଟାଏ ଅବର୍ଣ୍ଣନୀୟ ଗାମ୍ଭୀର୍ଯ୍ୟରେ ପୂର୍ଣ୍ଣ । ସୃଷ୍ଟି ଓ ସ୍ରଷ୍ଟାଙ୍କ ବିଷୟରେ ଚିନ୍ତା କରୁ କରୁ ହଠାତ୍ ମୋର ସ୍ମୃତିରେ ଆସିଗଲା—
"ବିଜନ ନା ନାହିଁ ତୋ ବେଶ ମୋହନ, ଯେ ବେଶେ ମୋହିଲୁ ରୂ ମୁନିନନ୍ଦନ ।"
ଶିକାର ପ୍ରତି ମୋର ଚିତ୍ତ ନିବିଷ୍ଟ ହୋଇପାରିଲା ନାହିଁ । ଅନ୍ୟମନସ୍କତା ଯୋଗୁ ହରିଣ ଉପରକୁ ଫାୟାର କରିବାର ଦୁଇଟି ଚାନ୍ସ ହରାଇଲି । ସେତେବେଳକୁ ଶିକାରୀ ବନ୍ଧୁ ମୋ ଉପରେ ଖୁବ୍ ବିଗିଡ଼ିଗଲେଣି । ତା'ପରେ ମୋର ମନରେ ଚେତନା ଫେରିଲା । ଏଥର ମୁଁ ମନରେ ଦୃଢ଼ତା ଅବଲମ୍ବନପୂର୍ବକ ଚାଲିଲି । କିଛି-ଦୂର ଗଲାପରେ ଆମେ ପାହାଡ଼ ଉପରକୁ ଉଠିବା ଆରମ୍ଭ କଲୁ । ମୁଁ ଶିକାର ସନ୍ଧାନରେ ନିମଗ୍ନ ହୋଇ ଉଠାଣି ଉଠୁଥାଏଁ । ଶିକାରୀମିତ୍ର ମୋ ପାଖରୁ ୧୦।୧୫ ଗଜ ଅନ୍ତରରେ ଚାଲୁଥାନ୍ତି ।

Digitized by srujanika@gmail.com

ପ୍ରାୟ ଏକ ଫର୍ଲଙ୍ଗ ଦୂର ଗଲାପରେ ଶିକାରୀବନ୍ଧୁ ହଠାତ୍ ଚତ୍କାର କରିଉଠିଲେ, "ମୁଣ୍ଡ ଉପରେ ବାଘ, ହୁସିଆର !" ମୁଁ ମୁହଁସଲଖା ଉପରକୁ ଚାହିଁଦେବାମାତ୍ରେ ସ୍ତମ୍ଭିତ ହୋଇଗଲି । ହୃତ୍‌ପିଣ୍ଡର ଗତି କେତେ ଯେ ବଢ଼ିଗଲା କହିହେବ ନାହିଁ । ଦୁଇଟା ମହାବଳ ବାଘ ମୋର ମୁଣ୍ଡଉପରୁ ମାତ୍ର ୫।୬ ଫୁଟ ଉଚ୍ଚରେ ଗୋଟିଏ ଲମ୍ବା ଡାଳ ଉପରେ ଦଣ୍ଡାୟମାନ । ମୋର ସେତେବେଳର ଅବସ୍ଥା ପାଠକେ ଅନୁମାନ କରିପାରୁଥିବେ । ତାହା କେବଳ ଅନୁଭବର ବିଷୟ । କାଗଜ କଲମରେ ଲେଖି ବୁଝାଇବା ସହଜ ନୁହେଁ । ସଙ୍ଗେ ସଙ୍ଗେ ମୁଁ ସଜାଗ ହୋଇଗଲି । ବନ୍ଧୁକରେ ହାତମୁଠା ଦୃଢ଼ୀଭୂତ ହୋଇଗଲା । ଶିକାରୀବନ୍ଧୁ ଅସି ମୋ ପାଖରେ ପହଞ୍ଚିଗଲେ । ଆମେ ଦୁହେଁ ସୁଦୃଢ଼ ଷମ୍ଭ ପରି ଛିଡ଼ା ହୋଇ ଏକଲୟରେ ବାଘଙ୍କ ଉପରେ ଦୃଷ୍ଟି ରଖିଥାଉଁ । ରକ୍ତଲୋଲୁପ ବନ୍ଧୁକ ଦୁଇଟି ଅଧୀର ହୋଇଉଠୁଥାଏ । ଶିକାରୀ ମିତ୍ର ମୋର ସୂଚନା ଅପେକ୍ଷାରେ ଥାନ୍ତି ।

ଯେଉଁଠାରେ ଜୀବନ ମରଣ ସମସ୍ୟା, ସେଠାରେ ବୁଦ୍ଧି ବିଗ୍ଭର କାର୍ଯ୍ୟ କରିବା ବୁଦ୍ଧିମାନର କର୍ତ୍ତବ୍ୟ । ବିପଦ ବେଳେ ଧୈର୍ଯ୍ୟ ହରାଇବା ବିବେକୀ ଲୋକର କାର୍ଯ୍ୟ ନୁହେଁ । ସେଥିପାଇଁ ବଡ଼ ବଡ଼ମାନେ କହିଛନ୍ତି, "ସଂପଦବେଳେ ନୋହିବ ଗର୍ବିତ, ବିପଦବେଳେ ନୋହିବ କାତର ।" ବାଘ ଗୋଟାଏ ନୁହେଁ, ଦୁଇଟି ; ପୁଣି ସେମାନଙ୍କର ଅବସ୍ଥିତି ଏପରି ସ୍ଥଳରେ ଯେ ଗୁଳିକଲାମାତ୍ରେ ଆମ୍ଭ ଉପରେ ପଡ଼ିବେ । ଏଣୁ ହଠାତ୍ ଗୁଳି କରିବା ଚିନ୍ତା ଛାଡ଼ି ମୁଁ ସେମାନଙ୍କର ଗତିବିଧି ଲକ୍ଷ୍ୟ କରିବାରେ ଲାଗିଲି ।

ବାଘ ଦୁଇଟି ସମବୟସ୍କ ବା ଯମଜ ବୋଲି ମନେ ହେଲା । ସେମାନଙ୍କ ମଧ୍ୟରୁ ଗୋଟିଏ ବାଘ, ଅନ୍ୟଟି ବାଘୁଣୀ । ବୟସ ଅନ୍ଦାଜ ବର୍ଷେ ଦେଢ଼େ ହେବ । ସେମାନେ ଆମକୁ ଦେଖି ଆଲ୍‌ସେସିଆନ୍ କୁକୁର ଭଳି ଏପଟରୁ ସେପଟ ଲୁଚାଲୁଚି ହେଉଥାନ୍ତି । କାନକାନ ଦୃଷ୍ଟିରେ ଦେଖୁଥାନ୍ତି ତଳକୁ ଏବଂ ପାର୍ଶ୍ୱଭାଗକୁ । ଯେତେ କି କଅଣ ଖୋଜୁଛନ୍ତି । ସେମାନଙ୍କ ଚକ୍ଷୁରେ ଲେଶମାତ୍ର ହିଂସାର ଭାବ ପ୍ରତିଫଳିତ ହେଉ ନ ଥାଏ । ବରଂ ସେମାନେ ଭୀତତ୍ରସ୍ତ ହୋଇପଡ଼ିଥିବାର ଅନୁମିତ ହେଲା । ଏଥିରୁ ସ୍ପଷ୍ଟ ପ୍ରତ୍ୟୟ ହେଲା ଯେ, ଆମକୁ ଆକ୍ରମଣ କରିବା ସେମାନଙ୍କର ଅଭିପ୍ରାୟ ନୁହେଁ । ବରଂ ଆମ ଆକ୍ରମଣରୁ ରକ୍ଷା ପାଇବାର ଉପାୟ ଚିନ୍ତା କରୁଛନ୍ତି ସେମାନେ । ତେଣୁ ମୁଁ ନିଃଶଙ୍କ ଚିତ୍ତରେ ସେମାନଙ୍କର ଗତିବିଧି

Digitized by srujanika@gmail.com

ପର୍ଯ୍ୟବେକ୍ଷଣ କରିବାରେ ଲଗିଲି । ଶିକାରୀମିତ୍ର ଫାୟାର କରିବା ନିମିତ୍ତ ବାରବାର ସୂଚନା ଦେଇ ଶେଷକୁ ନିରସ୍ତ ହୋଇ ରହିଲେ ।

ବାଘ ଦୁହିଁଙ୍କର ରଙ୍ଗ ଅତି ଉଜ୍ଜ୍ୱଳ ଓ ମନୋରମ ଦେଖାଯାଉଥାଏ । ଗାଢ଼ ନାରଙ୍ଗୀ ରଙ୍ଗର ଚମଡ଼ା ଉପରେ ବାଇଗଣିଆ ଜଳାପଟାଗୁଡ଼ିକର ଶୋଭା ଦେଖିଲେ ମନେହୁଏ ଯେପରି ସଦ୍ୟ ଚିତ୍ରିତ ଛବି ଦୁଇଟି । ସେମାନଙ୍କର ପ୍ରସାରିତ ବୁକୁ, କ୍ଷୀଣ କଟି, ବଳିଷ୍ଠ ପଞ୍ଝା, ବୀର ଠାଣି ଦେଖିଲେ କାହା ମନରେ ଆନନ୍ଦ ସଞ୍ଚାରିତ ନ ହେବ ! ସେତେବେଳେ ମୋର ହିଂସାଭାବ କେଉଁଆଡ଼େ ଉଭେଇ-ଗଲା । ମୁଁ ସେମାନଙ୍କର ରୂପରେ ଏକାବେଳେ ବିମୋହିତ ହୋଇପଡ଼ିଲି । ବାରମ୍ବାର ସେମାନଙ୍କୁ ଦେଖିବାର ଇଚ୍ଛା ବଳବତୀ ହୋଇଉଠିଲା । କବି ଯାହା ଲେଖିଛନ୍ତି,

"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।"

ବାଘଛୁଆ ହେଲେ ମଧ୍ୟ ସେମାନଙ୍କର ହିଂସାଭାବ ଜନ୍ମିନାହିଁ । ତେଣୁ ସେମାନଙ୍କୁ ଗୁଳି କରି ମାରିବାକୁ ମୋର ମନ ହେଉ ନ ଥାଏ । କିନ୍ତୁ ମୁଁ ଦେଖିଲି, ଅଧିକ କ୍ଷଣ ଏପରି ଭାବରେ ରହିବା ନିରାପଦ ନୁହେଁ । ବାଘ ଦୁଇଟି ଆମ ହାତରୁ ରକ୍ଷା ପାଇବାପାଇଁ ଅସମ୍ଭାଳ ହୋଇଉଠିଲେଣି । ସେମାନେ ତଳକୁ ଓହ୍ଲାଇ ପଳାଇବାକୁ ଉଦ୍ୟତ । ମାତ୍ର ଚତୁର୍ଦ୍ଦିଗ ଘଞ୍ଚ ବଣବୁଦାରେ ପୂର୍ଣ୍ଣ । ମୁଁ ସ୍ପଷ୍ଟ ବୁଝି-ପାରିଲି, ଟିକିଏ ଖୋଲା ସ୍ଥାନ ପାଇଲେ ଏବଂ ଆମର ପ୍ରତିରୋଧ ହଟିଗଲେ ସେମାନେ ଡେଇଁ ପଳେଇଯିବେ । ଏଣୁ ମୁଁ ସେମାନଙ୍କ ଉପରୁ ଦୃଷ୍ଟି ଅପସାରଣ କରି ସେମାନଙ୍କର ଅବରୋଧ ପଥରୁ ଅପସରିଯିବାପାଇଁ ସୁବିଧା ଦେଖୁଛି, ଠିକ୍ ଏହି ସମୟରେ ବାଘ ଦୁଇଟି ଆମର ମୁଣ୍ଡ ଉପର ଦେଇ ଡେଇଁଲେ । ପ୍ରଥମଟି କୁଦା ମାରିବା ଷ୍ଟ, ସମୟରେ ମୁଁ ଦେଖିପାରିନାହିଁ ଦ୍ୱିତୀୟଟିର କୁଦା ମାରିବା ମୋ ଦୃଷ୍ଟିରେ ପଡ଼ିବାମାତ୍ରେ ସ୍ୱତଃ ମୋର ଆଖି ବନ୍ଦ ହୋଇଗଲା । ମୁଁ ଟିକିଏ ମୁଣ୍ଡ ନୁଆଁଇଦେଲି । ଶିକାରୀମିତ୍ର ତାଙ୍କର ଡବଲ ବାରେଲ ବନ୍ଧୁକରୁ ଧାଏଁ ଧାଏଁ ଦୁଇ ଗ୍ରେଟ ଗୁଳି ଫାୟାର କରିଦେଲେ ।

Digitized by srujanika@gmail.com

ମୋର ମନରେ ଘୋର ଆଘାତ ଲାଗିଲା । ମୁଁ କହିଲି, "କଅଣ କଲି !" ସେ ମୋର ମନର ଅବସ୍ଥା ବୁଝିପାରି ଟିକିଏ ଦବିଗଲେ ଓ ସଙ୍ଗେ ସଙ୍ଗେ ବାଘଙ୍କର ଅବସ୍ଥା ଅନୁସନ୍ଧାନରେ ଚାଲିଲେ । କିଛି ସମୟ ପରେ ଫେରିଆସି ଆନନ୍ଦ ଗଦ୍‌ଗଦ କଣ୍ଠରେ କହିଲେ, "ବାଘଙ୍କ ଦେହରେ ଗୁଳି ଲାଗିନାହିଁ ।" ନିଜ ହୃଦ୍‌ବୋଧ କରିବା ସକାଶେ ମୁଁ ମଧ୍ୟ ବାଘଙ୍କର ଗତପଥରେ କିଛି ଦୂର ଯାଇ ସନ୍ଧାନ ଚଳାଇଲି । ଗୁଳି ବାଜି ନ ଥିବାର ନିଶ୍ଚିତ ପ୍ରମାଣ ମିଳିଲା । ସେତେବେଳେ ମୋର ମନରେ ଯେଉଁ ଅପୂର୍ବ ଆନନ୍ଦ ଜାତ ହେଲା, କଥାରେ କହିହେବ ନାହିଁ ।

୨

ଶିକାର ଖେଳିବାରେ ମୋର ଆଉ ମନ ନାହିଁ । ଏଣିକି ଘରକୁ ଫେରିବା କଥା । ଯାଇଥିବା ରାସ୍ତାରେ ଫେରିଲେ ଦୂର ପଡ଼ିବ । ପର୍ବତର ଉପରିଭାଗ ଅତିକ୍ରମ କରି ସିଧାସଳଖ ବାଟ ଧରିବାପାଇଁ ବନ୍ଧୁ ପରାମର୍ଶ ଦେଲେ । ତାହାହିଁ ହେଲା । ଶିକାରୀ ମାନେ ମାଂସଲୋଭୀ । ବନ୍ଧୁ କିଛି ମାଂସ ପାଇବାପାଇଁ ଖାଲି ଟକ୍‌ଟକ୍ ହେଉଥାନ୍ତି । ତାଙ୍କର ମନ ମୁଁ ବେଶ୍ ବୁଝିପାରିଲି । ଏଥର ମୁଁ ତାଙ୍କୁ ସୁଯୋଗ ଦେଲି । ସେ ଆଗରେ ଚାଲିଲେ, ମୁଁ ତାଙ୍କ ପଛରେ, ଯେପରିକି ତାଙ୍କ ଇଚ୍ଛାନୁସାରେ ସେ ଫାୟାର କରିପାରିବେ । କିଛି ଦୂର ଅଗ୍ରସର ହେବା ପରେ ଆମେ ଗୋଟିଏ ଦୋ-ଛକି ସ୍ଥାନରେ ପହଞ୍ଚିଲୁଁ । ସେଠାରେ ସେ ଗୋଟିଏ ରାସ୍ତାରେ ଗଲେ । ମୁଁ ଆଉ ଗୋଟିଏ ରାସ୍ତାରେ ଗଲି । ଆମର କଥା ହେଲା, ପର୍ବତର ଶିଖରଦେଶରେ ମିଳିତ ହେବା ।

ବନ୍ଧୁଙ୍କ ଅପେକ୍ଷା ରାଇଫଲ ବିଶେଷ ଭାରି । ଓଜନଦାର ରାଇଫଲ୍ ଧରି ଉଠାଣି ଉଠିବା ମୋ ପକ୍ଷରେ ଟିକେ କଷ୍ଟକର ହେଲା । ପର୍ବତର ଶିଖରରେ ପହଞ୍ଚିଲା-ବେଳକୁ ମୁଁ ଏକପ୍ରକାର କ୍ଳାନ୍ତ ହୋଇପଡ଼ିଲିଣି । ଶିକାରୀବନ୍ଧୁ ସେପର୍ଯ୍ୟନ୍ତ ଆମର ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିନାହାନ୍ତି । ତେଣୁ ମୋତେ ଅପେକ୍ଷା କରିବାକୁ ପଡ଼ିଲା । ମୁଁ ଗୋଟିଏ ପଥର ଉପରେ ବସି ଟିକିଏ କ୍ଳାନ୍ତି ଦୂର କରୁଛି, ଏହି ସମୟରେ କେତେଗୁଡ଼ିଏ ଜନ୍ତୁଙ୍କର ଖୁରା ଶବ୍ଦ ଶୁଣିବାକୁ ପାଇଲି । ଡାଳପତ୍ର ଭାଙ୍ଗିବାର ଶବ୍ଦ ମଧ୍ୟ ଶୁଣାଗଲା । ମୁଁ ସ୍ଥିର କରିନେଲି—ସମ୍ବର ପଲ ଚରା କରୁଛନ୍ତି । ଆଜି ପଲ ମଧ୍ୟରୁ ବାଛିକରି ଗୋଟାଏ ବଡ଼ ଶିଙ୍ଘାଳକୁ ଗୁଳି କରିବାର ସୁଯୋଗ ମିଳିବ ।

Digitized by srujanika@gmail.com

ମୁଁ ଆନନ୍ଦିତ ହୋଇ ସେମାନଙ୍କର ଫିଲ୍ମ କରିବାକୁ ଉଦ୍ୟତ ହେଲି । ଆଉ ଅପେକ୍ଷା କଲେ ଚଳିବ ନାହିଁ । ମୋର ଉପସ୍ଥିତି ଓ ଗନ୍ତବ୍ୟପଥ ବନ୍ଧୁଙ୍କୁ ଜଣାଇଦେବା ନିମିତ୍ତ ଦୁଇଖଣ୍ଡି ଡାଳ ଭାଙ୍ଗି ନିଜ ସ୍ଥାନରେ ପକାଇଦେଲି । ତା'ପରେ ଅତି ସତର୍କତାର ସହିତ ଆଗେଇଲି ।

ମୁଁ ପ୍ରାୟ ଦେଢ଼ଶହ ଗଜ ଅଗ୍ରସର ହୋଇଛୁ, ଶିକାରୀ ବନ୍ଧୁ ସିଟି ବଜାଇ ଅପେକ୍ଷା କରିବାକୁ ସଙ୍କେତ ଦେଲେ । ମୁଁ ତାଙ୍କୁ ଅପେକ୍ଷା କରି ଅଟକିଗଲି । ସେ ମୋ ନିକଟରେ ଉପସ୍ଥିତ ହୋଇ ଚକିତ ଭାବରେ ଅନାଇ ରହିଲେ । ମୁଁ ତାଙ୍କ ପ୍ରଶ୍ନାତ୍ମକ ଚାହାଣି ଦେଖି କହିଲି, "ପଲେ ସମ୍ବର । ତୁମେ ଗୋଟିକୁ ଲକ୍ଷ୍ୟ କରି ଯାଅ, ମୁଁ ଗୋଟିକୁ ଲକ୍ଷ୍ୟ କରି ଯାଉଛୁ ।" ତହୁଁ ସେ ଅଧିକ ଆଶ୍ଚର୍ଯ୍ୟ ହୋଇ କହିଲେ, "ନା, ନା, ସମ୍ବର ନୁହନ୍ତି; ଗୟଳ-ପଲ ! ସେମାନେ ଆମର ଟେର ପାଇଲେ ଆଉ ରକ୍ଷା ନାହିଁ । ଆସ, ଆମେ ବାଟ ଭାଙ୍ଗି ପଳାଇଯିବା ।" ଗୟଳ ବିଷୟରେ ମୋର କୌଣସି ଅଭିଜ୍ଞତା ନାହିଁ । ତେଣୁ ମୁଁ ତାଙ୍କ କଥାକୁ ସମ୍ପୂର୍ଣ୍ଣ ବିଶ୍ୱାସ କଲି । କିନ୍ତୁ ଗୟଳ କଥା ଶୁଣି ମୋର ଆଗ୍ରହ ଅତିମାତ୍ରାରେ ବଢ଼ିଗଲା । ମୁଁ କେବେ ଗୟଳ ଶିକାର କରିବାର ସୁଯୋଗ ପାଇନାହିଁ । କେତେ ବଡ଼ ବଡ଼ ଶିକାରୀ ବହୁ ଖର୍ଚ୍ଚ ଓ କଷ୍ଟସାଧନା କରି ମଧ୍ୟ ଗୟଳ ଶିକାର କରିପାରି-ନାହାନ୍ତି । ଅନାୟାସରେ ମିଳିଥିବା ଏପରି ଏକ ସୁଯୋଗ ହରାଇବା ମୋ ପକ୍ଷରେ କେବେ ସମ୍ଭବ ହୋଇ ନ ପାରେ । ଏଥିରେ ଯେତେ ବିପଦର ଆଶଙ୍କା ଥାଉନା କାହିଁକି, ମୁଁ ସେଥିପ୍ରତି ଭ୍ରୂକ୍ଷେପ କଲିନାହିଁ । ଗୟଳ ପରି ଏକ ବୃହତ୍‌କାୟ ଓ ହିଂସ୍ର ପ୍ରାଣୀକୁ ଶିକାର କରିବାରେ ବାହାଦୁରୀ ଅଛି । ଏହି ବିଜୟଗୌରବ ହାସଲ କରିବାକୁ ଇଚ୍ଛା ବଳବତୀ ହୋଇଉଠିଲା ।

୩

ସ୍ଥାନ ବିଶେଷରେ ଗୟଳଙ୍କୁ ଅରଣା ମଇଁଷି କହନ୍ତି । ଏମାନେ ପାହାଡ଼ିଆ ଜଙ୍ଗଲମାନଙ୍କରେ ଦଳବଦ୍ଧ ଭାବରେ ବାସ କରନ୍ତି । ଗୋଟିଏ ଗୋଟିଏ ଦଳରେ ୧୦।୧୨ ଠାରୁ ୫୦।୬୦ ପର୍ଯ୍ୟନ୍ତ ରହନ୍ତି । ଏମାନେ ଅତି ଭୟଙ୍କର ଜୀବ । କଥାରେ ଅଛି, "ମଇଁଷି ଚାହାଣି, ପାଜିକ ଠାଣି ।" ଗୟଳଙ୍କର ଚାହାଣି ଦେଖିଲେ କଲିଜା ପାଣି ହୋଇଯିବ । ସେମାନଙ୍କର ରୂପ ଯେପରି ଭୟଙ୍କର, ଗୁଣ ମଧ୍ୟ ସେହିପରି ହିଂସ୍ର । ନାନା ସ୍ୱଭାବତଃ ହିଂସ୍ର ନୁହନ୍ତି । ସେମାନେ ମନୁଷ୍ୟଙ୍କୁ ଭୟ କରନ୍ତି

Digitized by srujanika@gmail.com

ସେମାନଙ୍କର ଶୃଙ୍ଖଳା ଓ କୁଶାଗ୍ର ବୁଦ୍ଧି ପ୍ରଶଂସନୀୟ । କିନ୍ତୁ ଗୟଳ ମନୁଷ୍ୟର ଗନ୍ଧ ପାଇଲେ ଆକ୍ରମଣ ନ କରି ଛାଡ଼ିବେ ନାହିଁ । ସେମାନଙ୍କର ଦଳବଦ୍ଧ ଆକ୍ରମଣ ମନୁଷ୍ୟ ପକ୍ଷରେ ଘୋର ବିପଜ୍ଜନକ । ପାଠକେ ସେମାନଙ୍କର ଭୟଙ୍କରତାର ପ୍ରମାଣ ଯଥାସ୍ଥାନରେ ପାଇପାରିବେ । ଏମାନଙ୍କ ମଧ୍ୟରେ ଥିବା ଏକତା ଗୁଣ ଦେଖିଲେ ଅତି ଆଶ୍ଚର୍ଯ୍ୟ ଲାଗେ । ଦଳ ମଧ୍ୟରେ କାହାରିକୁ ବିପଦ ପଡ଼ିଲେ ସମଗ୍ର ଦଳ ତାକୁ ନିଶ୍ଚିତ ଆପ୍ରାଣ ସାହାଯ୍ୟ କରିବେ । ସେଥିପାଇଁ କହନ୍ତି, "ମଇଁଷି ଶିଙ୍ଘ ଫଟା, ଘୁଞ୍ଚିଲବେଳକୁ ଗୋଟା ।" ଏମାନେ ତୃଣଭୋଜୀ ଜୀବ । ଘାସ, ଡାଳପତ୍ର ଏମାନଙ୍କର ପ୍ରଧାନ ଖାଦ୍ୟ । ଗୟଳ ମାଂସ କେହି ଖାଆନ୍ତି ନାହିଁ । କେବଳ ଗଡ଼ଜାତ ଅଞ୍ଚଳର ପାଣମାନେ ଆଗେ ଏହାର ମାଂସ ଖାଉଥିଲେ । ଗୟଳ ଚମଡ଼ାରେ ଢୋଲ ତିଆରି ହୁଏ । ଗୟଳ ଶିଙ୍ଘ ଗୋଟିଏ ସୁନ୍ଦର ଓ ମୂଲ୍ୟବାନ୍ ଜିନିଷ । ଏଥିରେ ନାନା ପ୍ରକାର କାରୁକାର୍ଯ୍ୟ ହୁଏ । ଗୟଳ ଶିଙ୍ଘକୁ ଧନୀଲୋକେ ଘର ସଜାଇବା କାମରେ ମଧ୍ୟ ବ୍ୟବହାର କରନ୍ତି ।

ଶିକାରୀ ବନ୍ଧୁଙ୍କୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ କହିଲି, "ମୋ ହାତରେ ରାଇଫଲ୍ ଓ ୧୧ ଗ୍ରେଣ୍ଟ ଗୁଳି ଅଛି । ତୁମ ହାତରେ ଡବଲ ବାରେଲ ବନ୍ଧୁକ । ଆମର ଭୟ କ'ଣ ? ମୁଁ ଆଗରେ ଚାଲୁଛି, ତୁମେ ପଛରେ ଆସ ।" ସେ ମହାଶୟ ମୋ ପ୍ରତି ସ୍ପଷ୍ଟ ତାଚ୍ଛଲ୍ୟ ପ୍ରକାଶ କରି କହିଲେ, "ଆପଣ ତା' ହେଲେ କେବେ ଗୟଳ ଦେଖିନାହାନ୍ତି । ଏମାନଙ୍କ ସମ୍ମୁଖରେ ବାଘ ହରିଣ ଖେଳ ବୋଲି ଭାବୁଛନ୍ତି ନା କ'ଣ ? ମହାବଳ ବାଘ ହୋଇଥିଲେ ପିଚ୍ଛା କରିବାକୁ ମୁଁ ଥରେ ହେଲେ ପଛାନ୍ତି ନାହିଁ । କିନ୍ତୁ ଗୟଳ ଦଳ ! ବାପ୍ ରେ !" ମୁଁ ସବୁ ଶୁଣିଲି, ବୁଝିଲି । ତା ସତ୍ତ୍ୱେ ମୋର ଗୟଳ ଶିକାର କରିବାର ପ୍ରବଳ ବାସନା ଜାଗ୍ରତ ହେଲା । ମୁଁ ଜାଣିଶୁଣି ଦୁଃସାହସ କଲି । ଶିକାରୀ ସାଥୀ ମୋର ଅନୁରୋଧ ଏଡ଼ାଇଦେଇପାରିଲେ ନାହିଁ । ନିତାନ୍ତ ଅନିଚ୍ଛାସତ୍ତ୍ୱେ ମୋ ସହିତ ସହଯୋଗ କଲେ ।

ଆମେ ଦୁହେଁ ଗୟଳଙ୍କର ଅନୁସନ୍ଧାନରେ ଅଗ୍ରସର ହେଲୁଁ । ଅତ୍ୟନ୍ତ ସତର୍କତା ଅବଲମ୍ବନପୂର୍ବକ ଚାଲୁଥାଉଁ । କିଛିଦୂର ଅତିକ୍ରମ କଲାପରେ ବନ୍ଧୁଙ୍କ ନିର୍ଦ୍ଦେଶରେ ମୁଁ ଅଟକିଗଲି । ସେ ମୋର କାନ ପାଖରେ କହିଲେ, "ଶୁଣ, ଗୟଳ ନାକ ମାଜି ଖେଳମାଟି କରୁଛି । ଆମକୁ ବାରିପକାଇଲେଣି । ଏହା ଆକ୍ରମଣର ପୂର୍ବ ସୂଚନା । ଗୁଡ଼ୁଗୁଡ଼ୁ ଦଳକଦଳ ମାଡ଼ିଆସିବେ । ଶୀଘ୍ର ଆସ,

Digitized by srujanika@gmail.com

ଗଛରେ ଚଢ଼ିଯିବା । ନଇଲେ ପ୍ରାଣ ପାଇବା ନାହିଁ ।'' ଆମର ଉପସ୍ଥିତି ଦୂରରୁ ବାରିନେବା ସେମାନଙ୍କ ପକ୍ଷରେ କିଛି ଆଶ୍ଚର୍ଯ୍ୟର କଥା ନୁହେଁ । କାରଣ ଘ୍ରାଣଶକ୍ତି, ଦୃଷ୍ଟିଶକ୍ତି ଓ ଅନୁଭବ ଶକ୍ତି ମନୁଷ୍ୟ ଅପେକ୍ଷା ସେମାନଙ୍କର ଅନେକ ବେଶି । ଉଷ୍ଣାଞ୍ଚଳ ପ୍ରାୟ ସମସ୍ତ ବନ୍ୟଜନ୍ତୁଙ୍କର ସ୍ୱଭାବ ଏହିପରି । ମୁଁ ବନ୍ଧୁଙ୍କର ପରାମର୍ଶ ଶିରୋଧାର୍ଯ୍ୟ କରିନେଲି । ତା ପରେ ମୁଁ ଗୋଟିଏ ନହକା କୁସୁମ ଗଛ ଉପରେ ଚଢ଼ିଯିବାବେଳକୁ ବନ୍ଧୁ ମହାଶୟ ମୋତେ ଟାଣିଦେଲେ । ତା ପରେ ଆମେ ଗୋଟିଏ ମଜବୁତ ଶାଳୁଆ ଗଛ ଉପରେ ଚଢ଼ିଗଲୁଁ ।

୪

ଆମେ ଗଛ ଉପରେ ଦୃଢ଼ ଆସ୍ଥାନ ଜମାଇ ବସିଛୁଁ, ଅଳ୍ପ ସମୟ ପରେ ଖୁରନାଦ ଓ ହେମା ରଡ଼ିରେ ସେ ଖଣ୍ଡମଣ୍ଡଳ କମ୍ପି ଉଠିଲା । ଦେଖୁ ଦେଖୁ ପଲକ-ପାଳ ଆମ ଗଛର ଚାରିପାଖରେ ବେଢ଼ିଗଲେ । ବାପ୍‌ରେ ! ସେମାନଙ୍କର ସେଉଁ ଭୟାନକ ରୂପ !! ଆକାରରେ ଗୋଟିଏ ଗୋଟିଏ ଗୁଣ୍ଡୁଣି ହାତୀ କହିଲେ ଚଳେ । ସେତେବେଳେ ସେମାନଙ୍କର କ୍ରୋଧଜର୍ଜରିତ ଉନ୍ମତ୍ତ ଅବସ୍ଥା ଯେ ଦେଖିଛି ସେଇ କେବଳ ଜାଣେ । ଅନ୍ୟ କେହି ବୁଝିପାରିବେ ନାହିଁ । ଉଳେହେଲେ ମୃତ୍ୟୁଭୟ ସେମାନଙ୍କ ମନରେ ନ ଥାଏ । ସେମାନେ କ୍ରୋଧକଷାୟିତ ଚକ୍ଷୁରେ ଆମକୁ ଚାହିଁ ଫୁତ୍କାର ଛାଡ଼ୁଥାନ୍ତି । ତା'ପରେ ଆରମ୍ଭ କଲେ ଢ଼ାହା । ମୁଣ୍ଡରେ ଆଘାତ କରି ଗଛକୁ ଟାଳିବାର ପ୍ରଚେଷ୍ଟା ଚାଲିଲା । ଚାରିପାଖରେ ବେଢ଼ି ଗଛ ଦେହରେ ଢୋ ଢୋ କରି ମସ୍ତକ ପ୍ରହାର କରୁଥାନ୍ତି । ଗଛ ସହିତ ଆମେ ଦୋହଲିଯାଉଥାଉଁ । ଗଛମୂଳକୁ ଖୁରରେ ଚାମ୍ପି ମାଟି ଖୋଳିବାରେ ମଧ୍ୟ କେତେକ ଲାଗିପଡ଼ୁଥାନ୍ତି । ଶିକାରୀମିତ୍ର ଫାୟାର କରିବା ନିମିତ୍ତ ନିର୍ଦ୍ଦେଶ ଦେଲେ । ଆଉ କିଛି ସମୟ ଅପେକ୍ଷା କରାଯାଉ ବୋଲି ମୁଁ ଜଣାଇଦେଲି ।

ମୁଁ ଭାବୁଥାଏଁ, ସତେ କ'ଣ ଏମାନେ ଏତେବଡ଼ ଗଛଟାକୁ ଟାଳିଦେବେ ? ହାତରେ ରାଇଫଲ ଅଛି । ଯେଉଁପରି ଅବସ୍ଥା ଦେଖିଲେ ଫାୟାର କରାଯିବ । ଫାୟାର କରିଦେଲେ ତ କଥା ସରିଗଲା । ଆଉ ଏପରି ଏକ ଦୁର୍ଲ୍ଲଭ ଦୃଶ୍ୟ ଦେଖିବାକୁ ମିଳିବ କେଉଁଠି ? ବେଳକୁ ବେଳ ସେମାନଙ୍କର ଆକ୍ରମଣ ପ୍ରବଳରୁ ପ୍ରବଳତର ହେଲା । ଏଣିକି ଅପେକ୍ଷା କଲେ ହୁଏତ ଗଛରୁ ଝଡ଼ିପଡ଼ିବା

Digitized by srujanika@gmail.com

ଅସମ୍ଭବ ନୁହେଁ । ଏଥର ଫାୟାର କରିବାକୁ ସ୍ଥିର କଲୁଁ; କିନ୍ତୁ କରୁଛୁଁ କିପରି ? ସେମାନଙ୍କ ମସ୍ତକ ପ୍ରହାରରେ ସାରା ଗଛଟା ଦୋହଲିଯାଉଛି । ଡାଳରୁ ହାତମୁଠା ଛାଡ଼ିଦେଲେ ଝଡ଼ିପଡ଼ିବା ନିଶ୍ଚିତ । କରାଯାଏ କ'ଣ ? ଶିକାରୀମିତ୍ର ତାଙ୍କର ବନ୍ଧୁକଟିକୁ ବେଲ୍‌ଟଦ୍ୱାରା ମୋ କାନ୍ଧରେ ଝୁଲାଇଦେଲେ । ଗୋଟିଏ ଷ୍ଟ୍ରେଟ ଡାଳ ସହିତ ମୋର କାନ୍ଧକୁ ଜୋର କରି ଧରିଲେ । ମୁଁ ବାଛି ବାଛି ସେମାନଙ୍କ ଦଳ ମଧ୍ୟରୁ ସବୁଠାରୁ ବଡ଼ ଓ ସରଦାରକୁ ଲକ୍ଷ୍ୟ କରି ଫାୟାର କଲି । ମୁଁ ତାହାର ବ୍ରହ୍ମତାଳୁକୁ ଲକ୍ଷ୍ୟ କରିଥିଲି । ଉକ୍ତ ଶକ୍ତିସମ୍ପନ୍ନ ଗୁଳିଟି ଠିକ୍ ମୋର ଲକ୍ଷ୍ୟସ୍ଥଳକୁ ଭେଦ କଲା । ଆଉ ତା'ର ଖୋଜ ଉଠାଇବାର ଶକ୍ତି ନାହିଁ । ସଙ୍ଗେ ସଙ୍ଗେ ସେ ଟଳିପଡ଼ିଲା ।

ଗୁଳି ହେବାମାତ୍ରେ ଗୟଳପଲ ଛତ୍ରଭଙ୍ଗ ଦେଲେ । କିନ୍ତୁ ଅଧିକ ଦୂରକୁ ନୁହେଁ । ସେମାନେ ଅନତିଦୂରରେ ରହି ପୁନର୍ବାର ସଙ୍ଗଠିତ ହେଉଥିବାର ସ୍ପଷ୍ଟ ସୂଚନା ମିଳିଲା । ଆମେ ଏହାର ମୁକାବିଲା କରିବାକୁ ପ୍ରସ୍ତୁତ ହୋଇ ରହିଲୁଁ । ୧୫।୨୦ ମିନିଟ ଅତିବାହିତ ହୋଇଗଲା । ଏହାପରେ କ୍ରମେ ସେମାନେ ଆମ-ଆଡ଼କୁ ଅଗ୍ରସର ହେଲେ । ମାତ୍ର ଆମ ପାଖରୁ ୨୦।୨୫ ଗଜ ଦୂରରେ ଅଟକି ରହିଲେ । ଜଙ୍ଗଲ ମଧ୍ୟରେ ଛପିକରି ରହିଥିବାରୁ ଆମକୁ ଦେଖାଯାଉ ନ ଥାନ୍ତି । ଆମେ ନିରୁପାୟ ହୋଇ ଅପେକ୍ଷାରେ ବସିଥାଉଁ । ସାମନାକୁ ବାହାରିବାମାତ୍ରେ ଫାୟାର ହେବ । ପ୍ରାୟ ଅଧଘଣ୍ଟାଏ ଗତ ହୋଇଗଲା । ତା' ପରେ ସେମାନଙ୍କ ମଧ୍ୟରୁ କେତୋଟିଙ୍କର ଦୀର୍ଘ ଶ୍ୱାସ ଓ ଟହଲିବା ଶବ୍ଦ ଶୁଣିବାକୁ ପାଇଲୁଁ । ଏହି ସମୟରେ ଶିକାରୀମିତ୍ର ମୋତେ ସତର୍କ ରହିବାର ସୂଚନା ଦେଲେ । ମୁଁ ଅପଲକ ନେତ୍ରରେ ସେମାନଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥାଏଁ ।

କିଛି ସମୟ ପରେ ହଠାତ୍ ଏକ ଭୀମକାୟ ଗୟଳ କ୍ଷିପ୍ର ବେଗରେ ଆମଆଡ଼କୁ ଧାଇଁ ଆସିଲା । ମୁଁ ବନ୍ଧୁକ ଉଠାଇ ଲକ୍ଷ୍ୟ କଲାବେଳକୁ ସେ ଗଛମୂଳରେ ଆସି ହାଜର ହୋଇଗଲାଣି । ମୁଁ ତା'ର ଦୁଇ ଆଖିର ମଧ୍ୟସ୍ଥଳ ସହିତ ରାଇଫଲର ଫ୍ରଣ୍ଟସାଇଟ ମିଳାଇ ଟ୍ରିଗର ଦବାଇଦେଲି । ସେ ସେହିଠାରେ ଟଳିପଡ଼ିଲା । ଅନ୍ୟମାନେ ବଣବୁଦା ମାଡ଼ି ଛିନ୍ନଛତ୍ର ହୋଇ ପଳାଇଲେ । ପ୍ରାୟ ଏକ ଫର୍ଲଙ୍ଗ ଦୂର ପର୍ଯ୍ୟନ୍ତ ସେମାନଙ୍କର ପଳାୟନ ଶବ୍ଦ ଶୁଣାଯାଉଥାଏ ।

Digitized by srujanika@gmail.com

ସେମାନଙ୍କ ଆନ୍ତର ଦୃଢ଼କୁ ହରୁଢ଼େଇଦେବା ଉଦ୍ଦେଶ୍ୟରେ ମୁଁ ଲଗ ଲଗ, ପୁଣି ଦୁଇ ରାଉଣ୍ଡ ଫାୟାର କରିଦେଲି । କିଛି ସମୟ ଗତ ହୋଇଗଲା । ବନସ୍ଥଳୀ ସମ୍ପୂର୍ଣ୍ଣ ନୀରବ ନିସ୍ତବ୍ଧ । ସର୍ବତ୍ର ଶାନ୍ତ ବିରାଜମାନ । ବର୍ତ୍ତମାନ ପରିସ୍ଥିତି ନିରାପଦ ମନେକରି ଗଛରୁ ଓହ୍ଲାଇଲୁଁ । କିଛି ସମୟ ଶମ୍ବର ଦୁଇଟିକୁ ଉତ୍ତମରୂପେ ପର୍ଯ୍ୟବେକ୍ଷଣ କରିବାରେ କଟିଗଲା ।

ଶମ୍ବର ଦୁଇଟି ପୁରୁଷ । ସେମାନଙ୍କର ଦାନ୍ତରୁ ଜଣାଗଲା, ଦୁଇଟିଯାକ ପୂର୍ଣ୍ଣବୟସ୍କ ଯୁବକ । ସେମାନଙ୍କର ଶିଙ୍ଗଗୁଡ଼ିକ ସୁଗୋଲ ଓ ସୁଚିକ୍କଣ ମଧ୍ୟ । ଶିଙ୍ଗଗୁଡ଼ିକ ପାଇବାପାଇଁ ମୋର ପ୍ରବଳ ଆଗ୍ରହ ଦେଖି ଶିକାରୀମିତ୍ର ତାହାର ବନ୍ଦୋବସ୍ତ କରିଦେଲେ । ଯାଣମାନେ ଖବର ପାଇ ଅତି ଆନନ୍ଦର ସହ ମାଂସ ଓ ଛାଲ ନେଲେ ଏବଂ ମୋତେ ଶିଙ୍ଗ ଦୁଇଯୋଡ଼ା ଦେଇଆସିଲେ । ଏବେ ମଧ୍ୟ ସେ ଶିଙ୍ଗ ଦୁଇଯୋଡ଼ା ମୋର ଘର ସଜେଇବା ଉପକରଣ ମଧ୍ୟରେ ଥାଇ ସେଦିନର ପ୍ରୀତିପ୍ରଦ ସ୍ମୃତିକୁ ଜାଗ୍ରତ କରୁଅଛି ।

କେତନ ଆର୍ଟ ପ୍ରିଣ୍ଟର୍ସ, କଟକ-୧

Digitized by srujanika@gmail.com